ଫକୀରମୋହନଙ୍କ ଉପନ୍ୟାସ :

ଛ'ମାଣ ଆଠଗୁଣ୍ଠ

ସଂପାଦନା ଦାଶରଥି ଦାସ

Source: Author, Digitized by PPRACHIN, SOA

ଫକୀରମୋହନଙ୍କ ଉପନ୍ୟାସ :

ଛମାଣ ଆଠଗୁଣ୍ଠ

ସଂପାଦନା :

ଦାଶରଥି ଦାସ

ଅଗ୍ରଦୂତ

କଟକ-୨

Source: Author, Digitized by PPRACHIN, SOA

ଛମାଣ ଆଠଗୁଣ୍ଠ ।। ଫକୀରମୋହନ ସେନାପତି ।। ସଂପାଦନା : ଡଃ ଦାଶରଥି ଦାସ ।। ପ୍ରକାଶକ : ଅଗ୍ରଦୂତ, ବାଙ୍କାବଜାର, କଟକ-୭୫୩୦୦୨ ।। ପ୍ରକାଶକାଳ : ୧୯୯୬ ।। ପ୍ରଚ୍ଛଦ : ପୂର୍ଣ୍ଣଚନ୍ଦ୍ର ରାୟ ।। ମୁଦ୍ରଣ : ସ୍ୱରାଜ ପ୍ରେସ୍, ଝୋଲସାହି, କଟକ-୧ ।। ମୂଲ୍ୟ : ତିରିଶ ଟଙ୍କା ।।

CHHAMANA ATHAGUNTHA || **Fakirmohun Senapati** || Edited by : **Dr. Dasarathi Das** || Published by : **Agraduta**, Bankabazar, Cuttack-753002 || Edition : **1996** || Designed by : **Purna Ch. Roy** || Printed by : Swaraj press, Jhola Sahi, Cuttack-1 || Price : Rs. 30-00 ||

ISBN 81-86354—38—7

Source: Author, Digitized by PPRACHIN, SOA

ଭଞ୍ଜବିହାରର ଓଡ଼ିଆ ବିଭାଗ ହାତରେ

Source: Author, Digitized by PPRACHIN, SOA

ସୂଚୀ

* ମୁଖବନ୍ଧ — ୧ ଠାରୁ ୨୮ ପର୍ଯ୍ୟନ୍ତ

୧ । ରାମଚନ୍ଦ୍ର ମଙ୍ଗରାଜ — ୧
୨ । ସ୍ୱନାମ ପୁରୁଷୋ ଧନ୍ୟଃ — ୩
୩ । 'ବାଣିଜ୍ୟେ ବସତେ ଲକ୍ଷ୍ମୀସ୍ତଦର୍ଦ୍ଧଂ କୃଷିକର୍ମଣି' — ୭
୪ । ଗୃହ ତଦାରଖ — ୯
୫ । ମଙ୍ଗରାଜଙ୍କ କୁଟୁମ୍ବ — ୧୦
୬ । ଚମ୍ପା — ୧୨
୭ । ବୁଢ଼ୀ ମଙ୍ଗଳା — ୧୭
୮ । ଜମିଦାର ଶେଖ ଦେଗ୍ରମନ୍ତ୍ ଅଲି — ୨୦
୯ । ଗାଁ ହାଲଚାଲ — ୨୮
୧୦ । ଭଗିଆ ଆଉ ସାରିଆ — ୩୩
୧୧ । ଗୋବର ଜେନା — ୪୨
୧୨ । ଅସୁରଦିଘି — ୪୪
୧୩ । ହିତୋପଦେଶ — ୫୦
୧୪ । ମନ୍ତ୍ରଣା — ୫୭
୧୫ । ବାଘସିଂହ ବଂଶ — ୬୨
୧୬ । ଚାଙ୍ଗୀ ମାଇପୀ — ୬୫
୧୭ । ଜପର ଘର ପୋଡ଼ିଲା — ୭୨
୧୮ । ସାଆନ୍ତାଣୀ — ୭୪
୧୯ । ପୁଲିସ ତଦାରଖି — ୮୧
୨୦ । ଓକିଲ ରାମ ରାମ ଲାଲ — ୯୬
୨୧ । କଟକ ସେସନ୍ ଜଜ୍‌କୋର୍ଟ — ୯୯
୨୨ । ଗୋପୀ ସାହୁ ଦୋକାନଘରେ — ୧୦୫
୨୩ । କର୍ମଫଳ — ୧୧୨
୨୪ । ଖୁଣି ତଦାରଖି — ୧୧୭
୨୫ । ମଙ୍ଗରାଜ ଘରର ହାଲଚାଲ — ୧୨୦
୨୬ । ବାବାଜୀ ଲଳିତା ଦାସ — ୧୨୩
୨୭ । ଅପୂର୍ବ ମିଳନ — ୧୨୪
୨୮ । ଉପସଂହାର — ୧୨୭

Source: Author, Digitized by PPRACHIN, SOA

ଭୂମିକା

(ଏକ)

'ଛ ମାଣ ଆଠଗୁଣ୍ଠ' ୧୯୦୨ରେ ପୁସ୍ତକାକାରରେ ପ୍ରକାଶିତ ହୁଏ । ଲେଖାଯାଏ କିନ୍ତୁ ୧୮୯୭ରୁ ୧୮୯୮ ମଧ୍ୟରେ । ଏହା ଫକୀରମୋହନ ସେନାପତିଙ୍କର ପ୍ରଥମ ଉପନ୍ୟାସ । ରେବତୀ ବି ଥିଲା ତାଙ୍କର ପ୍ରଥମ କ୍ଷୁଦ୍ରଗଳ୍ପ । ବିସ୍ମୟର କଥା ଯେ, ଉଭୟ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ଫକୀରମୋହନଙ୍କ ଆଦ୍ୟ ରଚନା ହିଁ ତାଙ୍କର ଶ୍ରେଷ୍ଠ ରଚନା । ଏମିତି ଏକେ ଉତ୍କର୍ଷତାରୁ କ୍ୱଚିତ୍ କେହି ସାହିତ୍ୟିକ ସାରସ୍ୱତ ଜୀବନ ଆରମ୍ଭ କରିଥାନ୍ତି । ଅଦ୍ଭୁତ ଆନନ୍ଦର କଥା ଯେ, ସମସ୍କନ୍ଧମେ ରଚନା ଦୁଇଟିର ମର୍ଯ୍ୟାଦା ବଢ଼ି ଚାଲିଛି ଦିନୁଦିନ ; ଯେପରି ଦୀପ୍ତି ଓ ଦ୍ୟୁତି ଅମ୍ଳାନ । 'ଛ' ମାଣ ଆଠଗୁଣ୍ଠ' ସମ୍ବନ୍ଧରେ ଏ ମଧ୍ୟରେ ବହୁ ବିଦଗ୍ଧ ସମାଲୋଚକ ସୁନ୍ଦର ସୁନ୍ଦର ସମାଲୋଚନା ପ୍ରସ୍ତୁତ କରିଛନ୍ତି ଓ ତଦ୍ୱାରା ତାହାର ନୂଆ ନୂଆ ଦିଗନ୍ତ ଉନ୍ମୋଚିତ ହୋଇଛି । ଏହା ଯେପରି କଞ୍ଚା ରୋମାନ୍ସ ହାତରୁ ଓଡ଼ିଆ ଉପନ୍ୟାସକୁ ଉଦ୍ଧାର କରିଛି, ଅନ୍ୟ ପକ୍ଷରେ ସେପରି ୧୮୦୧ରୁ ୧୮୪୦ ବର୍ଷର ସାମାଜିକ ଜୀବନର ଜୀବନ୍ତ ଇତିହାସ ଲେଖିଛି । ବ୍ରିଟିଶ ନ୍ୟାୟାଳୟଗୁଡ଼ିକର ବିଚାର ବ୍ୟବସ୍ଥାକୁ ଉପହାସ ବି କରିଛି । ଉପନ୍ୟାସଟିର ସାମାଜିକ, ନୈତିକ ଓ ରାଜନୈତିକ ପ୍ରୟୋଜନା ଅଛି । ଜୀବନ୍ତ ଚରିତ୍ର ଚିତ୍ରଣରେ ତଥା ଚଟୁଳ ହାସ୍ୟରସ ପରିବେଷଣରେ ମଧ୍ୟ ଏହାର ଅସାମାନ୍ୟ କୃତିତ୍ୱ ରହିଛି, ପ୍ରତ୍ୟେକଟି ବିଷୟର ଅଭିନନ୍ଦନୀୟ, ଯଦିଓ ସବୁଠାରେ ପୁନର୍ବିଚାରର ଅବକାଶ ଅଛି । କିନ୍ତୁ ଉପରୋକ୍ତ ବିଚାର ବିଶ୍ଳେଷଣ ମଧ୍ୟରୁ କୌଣସିଟି 'ଛ ମାଣ ଆଠଗୁଣ୍ଠ'ର ଶିଳ୍ପ ସୌଷ୍ଠବ ଉନ୍ମୋଚନରେ ସମର୍ଥ ହୋଇନାହିଁ କି ତାହାର ଚିରାୟତ ଆଧୁନିକତା ପ୍ରଦର୍ଶନରେ କୃତିତ୍ୱ ପ୍ରଦର୍ଶନ କରିନାହିଁ । କାଳୋତ୍ତରଣରେ ଯେ କୌଣସି ଶିଳ୍ପ ସୃଷ୍ଟିର ସାର୍ଥକତା ନିହିତ । ସମୟ ହାତରେ ଗୋଟିଏ ରଚନା କେତେ ଆଘାତ ସହ୍ୟ କରି ପାରୁଛି ତାହାରି ଉପରେ ନିର୍ଭର କରେ ତାହାର ଚିରକାଳର ଆଧୁନିକତା । ସମୟ ବଦଳୁଛି । ସାହିତ୍ୟ ସମାଲୋଚନାର ନୂଆ ନୂଆ ପଦ୍ଧତି ପ୍ରବର୍ତ୍ତିତ ହେଉଛି । ସମୟୋତ୍ତରଣତା ଦୃଷ୍ଟିରୁ ଦେଖିଲେ କବି-ନାଟ୍ୟକାର ସେକ୍ସପିଅରହିଁ ଅସାମାନ୍ୟ

Source: Author, Digitized by PPRACHIN, SOA

ଉଦାହରଣ । ସବୁ ପଦ୍ଧତିର ମାନଦଣ୍ଡରେ ସେ ସମୁତ୍ତୀର୍ଣ୍ଣ । କିନ୍ତୁ ଆମ ଫକୀର-ମୋହନ ମିଶ୍ର, ମନସ୍ତତ୍ତ୍ୱ କି ଅସ୍ତିତ୍ୱବାଦୀ ଦର୍ଶନ ଦୃଷ୍ଟିରୁ ଆଲୋଚିତ ହୋଇନାହାନ୍ତି, Stylistics କି Structuralism—ବିଗ୍ରହ ତାଙ୍କ ଲେଖା ପାଇଁ ପ୍ରଯୁକ୍ତ ହୋଇ-ନାହିଁ, ତୁଳନାତ୍ମକ ଆଲୋଚନା ଯାଇ ଯାଇ ବଙ୍କିମ ଓ ପ୍ରେମଚନ୍ଦଙ୍କୁ ଯଥାସାଧ୍ୟ ଛୁଇଁଛନ୍ତି ମାତ୍ର । ମାର୍କ୍ସୀୟ ଫକୀରମୋହନ, ଫ୍ରୟେଡୀୟ ଫକୀରମୋହନ କି ଅସ୍ତିତ୍ୱବାଦୀ ଫକୀରମୋହନଙ୍କୁ କ'ଣ ଆମେ ପାଇବା ନାହିଁ ? ଆମେ ତାଙ୍କ ଗଦ୍ୟଶୈଳୀର ବହିଃ ପ୍ରକୃତିର ବିଶ୍ଳେଷଣରେ ଯେତେ ଉତ୍ସାହ ପ୍ରଦର୍ଶନ କରିଛୁ ତାହାର କବଦ୍ଧ ପ୍ରତି ସେତେ ଅବହିତ ହୋଇନାହୁଁ । ସବୁ ନବ୍ୟ ସମାଲୋଚନା ପଦ୍ଧତିରେ ଫକୀର-ମୋହନୀୟ ସାରସ୍ୱତ ବିଶ୍ୱ ଅକ୍ଷୁର୍ଣ୍ଣ ରହିବ ନିଶ୍ଚୟ । ଉଦ୍ୟମ ପ୍ରତ୍ୟାଶିତ କର୍ତ୍ତବ୍ୟ । ଆମେ ଭାବବସ୍ତୁ ଓ ଚରିତ୍ରଚିତ୍ରଣ ବିଶ୍ଳେଷଣ କରିଛୁ । ମାତ୍ର ସ୍ୱୟଂ ସମ୍ପୂର୍ଣ୍ଣ ଶିଳ୍ପ-ସୌଷ୍ଠବ ଦେଖିନାହୁଁ । ଓଡ଼ିଆ ସମାଲୋଚନା ଫକୀରମୋହନଙ୍କ ସାରସ୍ୱତ ମନ୍ଦିରର ବେଢ଼ା ବାହାରେ ବସିଛି, ଭିତରେ ପ୍ରବେଶ କରିବାର ଶକ୍ତି ସାମର୍ଥ୍ୟ କି ଅଧିକାର ଅର୍ଜି ନାହିଁ । ଅସନ୍ତୁ ସେହି ବେଢ଼ା ବାହାରେ ବେଢ଼ୁଥିବା ଭକ୍ତ ଭିକାରୀଙ୍କ ଗହଣରେ ପୁଣି ଯୋଗ ଦେବା । ଭବିଷ୍ୟତ ମନ୍ଦିର ପ୍ରବେଶ କରିବ ।

(ଦୁଇ)

'ଛ ମାଣ ଆଠ ଗୁଣ୍ଠ'ର ଆଖ୍ୟାନ ଭାଗ ଦୁର୍ବଳ । ଏଥିରେ ଆରିଷ୍ଟୋଟଲୀୟ ଆଦି-ମଧ୍ୟ-ଅନ୍ତ୍ୟ ବିଭାଜନର ପ୍ରଚଳିତ କାହାଣୀ ବିନ୍ୟାସ ଗୃହୀତ ହୋଇନାହିଁ । ବରଂ ପ୍ରଥମ ୧୦/୧୨ଟି ପରିଚ୍ଛେଦ ପରେ କାହାଣୀକୁ ଗତିବେଗ ମିଳିଛି କହୁ । ସେ ଯେତେଦୂର ସମ୍ଭବ ପୂର୍ବସୂରୀମାନଙ୍କ ଉପନ୍ୟାସ-ଗଠନ-କୌଶଳ-ଅନୁସରଣରେ ନିଜ ରଚନାର ପ୍ରକରଣ ବିନ୍ୟାସ କରିଛନ୍ତି । ଉପନ୍ୟାସଟି ୨୮ଟି ପରିଚ୍ଛେଦରେ ବିଭକ୍ତ । ପରିଚ୍ଛେଦ ବିନ୍ୟାସ-ରୀତିଟି ଘଟନାର ପରିବର୍ତ୍ତନ ପାଇଁ ମୁଖ୍ୟତଃ ବ୍ୟବହୃତ ହୁଏ । ଏହାଦ୍ୱାରା କାହାଣୀର ଅଗ୍ରଗତିରେ ବିରତି ଦେଖାଦିଏ । ଗୋଟିଏ ପର୍ଯ୍ୟାୟର ଘଟନା ପରେ ଅନ୍ୟତର ଘଟନା ଉଦ୍ଦେଶ୍ୟରେ କାହାଣୀର ଅଗ୍ରଗତିର ମଧ୍ୟରେ ପାଠକକୁ ନିରବଚ୍ଛିନ୍ନ ଆଖ୍ୟାନ ଅନୁସରଣର କ୍ଲାନ୍ତି ଅବସାଦରୁ ଏହି ବିରତି କିଛିକ୍ଷଣ ପାଇଁ ମୁକ୍ତ ଦେଇଥାଏ । କିନ୍ତୁ ଫକୀରମୋହନଙ୍କ ପରିଚ୍ଛେଦ ବିଭାଜନ ରୀତିର ସ୍ୱାତନ୍ତ୍ର୍ୟ ଅଛି, ଅଛି ବି ତାତ୍ପର୍ଯ୍ୟ । ଅଧିକାଂଶ ପରିଚ୍ଛେଦ ସ୍ୱୟଂ ସଂପୂର୍ଣ୍ଣ । ବଙ୍କିମ-ଚନ୍ଦ୍ରଙ୍କ 'ବିଷବୃକ୍ଷ' ଯେଉଁମାନେ ପଢ଼ିଥିବେ ସେମାନେ ଜାଣିଥିବେ ସେଥିରେ କବି କାଳିଦାସ ଓ ମାଳିନୀ ଉପାଖ୍ୟାନ ସଂଯୋଜନା କରି ଔପନ୍ୟାସିକ ପରିଚ୍ଛେଦ-ବିନ୍ୟାସର ବୈଶିଷ୍ଟ୍ୟ ବୁଝାଇଛନ୍ତି । ମେଘଦୂତ କାବ୍ୟ ରସର ସାଗର, କିନ୍ତୁ ପ୍ରଥମ

Source: Author, Digitized by PPRACHIN, SOA

କବିତା କେତୋଟି ନୀରସ । ମାଳନୀଙ୍କୁ ତାହା ଭଲ ଲାଗିଲା ନାହିଁ । ସେ ବିରକ୍ତ ହୋଇ ଉଠି ଯିବାକୁ ଉଦ୍ୟତ ହୋଇଛନ୍ତି । କାଳିଦାସ କହୁଛନ୍ତି, "ତୁମେ କଖନ ସ୍ୱର୍ଗେ ଯାଇତେ ପାରବେ ନା ।" କେନ ? ସ୍ୱର୍ଗର ସିଡ଼ି ଅଛି । ଲକ୍ଷ୍ୟ ଯୋଜନ ସିଡ଼ି ଚଢ଼ି ସ୍ୱର୍ଗକୁ ଉଠିବାକୁ ହୁଏ, ମେଘଦୂତ-ସ୍ୱର୍ଗର ବି ସିଡ଼ି ଅଛି । ଏଇ ନୀରସ କବିତାଗୁଡ଼ିକ ସେହି ସିଡ଼ି । ତୁମେ ଅଳ୍ପ କେତୋଟି ପାହାଚ ଉଠି ପାରିଲ ନାହିଁ । ଲକ୍ଷ୍ୟ ଯୋଜନ-ସିଡ଼ି ଚଢ଼ିବ କିପରି ? ମାଳିନୀ ଆଦ୍ୟୋପାନ୍ତ ମେଘଦୂତ ଶୁଣିଲା ଓ ଶ୍ରବଣାନ୍ତେ ପ୍ରୀତ ହୋଇଥିଲା । ବଙ୍କିମଚନ୍ଦ୍ର ମନ୍ତବ୍ୟ କରିଛନ୍ତି, "ଆମାର ଏ ସାମାନ୍ୟ କାବ୍ୟ ସ୍ୱର୍ଗ ଓ ନୟ—ଇହାର ଲକ୍ଷ ଯୋଜନ ସିଡ଼ିଓ ନାଇ । ରସ ଓ ଅଳ୍ପ, ସିଡ଼ିଓ ଛୋଟ । ଏହି ନୀରସ ପରିଚ୍ଛେଦ କୟଟି ସେଇ ସିଡ଼ି । ଯଦି ପାଠକ ଶ୍ରେଣୀ ମଧ୍ୟେ କେଇ ମାଳିନୀ ଚରିତ୍ର ଥାକେନ, ତବେ ତାଁହାକେ ସତର୍କ କରିୟା ଦିଇଯେ, ତିନି ଏ ସିଡ଼ି ନ ଭାଙ୍ଗିଲେ ସେ ରସମଧ୍ୟେ ପ୍ରବେଶ କରିତେ ପାରିବେ ନା ।" ଛମାଣ ଆଠଗୁଣ୍ଠରେ ଠିକ୍ ସେଇକଥା । ପ୍ରଥମ ଦଶ ବାରୋଟି ଫଳା ନ ଚଢ଼ିଲେ ଗଳ୍ପରସ ରାଜ୍ୟରେ ପ୍ରବେଶ କରି ହେବ ନାହିଁ, ଫକୀରମୋହନ ଚରିତ୍ର ରୂପାୟନ କ୍ଷେତ୍ରରେ ପରିଚ୍ଛେଦ ଗୁଡ଼ିକର ସଦ୍‌ବ୍ୟବହାର କରିଛନ୍ତି । ପରିଚ୍ଛେଦ ବିଭାଜନର ପ୍ରକୃତ ଉଦ୍ଦେଶ୍ୟରେ କୁହାଯାଇଥାଏ,…to make …characters grow and change…to make them emerge to reveal the pressure of envirnment (Philip Stevick) ଏହି ଦୃଷ୍ଟିରୁ ଦେଖିଲେ ବୁଝାଯାଏ ରାମଚନ୍ଦ୍ର ମଙ୍ଗରାଜ, ଚମ୍ପା, ଭଗିଆ ଓ ସାରିଆ, ଗୋବିନ୍ଦ ଜେନା ଓ ସାଆନ୍ତାଣୀ ଆଦି ଚରିତ୍ର ଗୁଡ଼ିକ ସମ୍ପର୍କରେ ପରିଚ୍ଛେଦ ସୃଷ୍ଟି ବଡ଼ ପ୍ରାସଙ୍ଗିକ । ଜୀବନରେ ମସୃଣ ଧାରାବାହିକତା ନାହିଁ । ତେଣୁ ସେଠାରେ ଯେପରି ଆନନ୍ଦବିଷାଦ ଅଛି ଠିକ୍ ସେପରି ସ୍ୱପ୍ନ ଓ ସ୍ୱପ୍ନ ଭଙ୍ଗର ବିକ୍ଷୁର ଅଭିଜ୍ଞତାର ବହୁ ବର୍ଣ୍ଣିର ବି ପ୍ରତିଫଳନ ଅଛି । ଜୀବନ ଦୀର୍ଘ ଚରିତ୍ରର becoming ବା କିଛି ଗୋଟିଏ ହୋଇ ଉଠିବାର ଲକ୍ଷ୍ୟରେ କ୍ରମିକ ଦୀର୍ଘପଥ ପରିକ୍ରମାର ଆଲେଖ୍ୟ ମାତ୍ର ; ଆଉ ଉପନ୍ୟାସରେ ଥାଏ ସେହି ଆଲେଖ୍ୟର ଏକ ନାନ୍ଦନିକ ପ୍ରତିଛବି । କିନ୍ତୁ 'ଛ' ମାଣ ଆଠଗୁଣ୍ଠ'ରେ ଫକୀରମୋହନ କେବଳ ରାମଚନ୍ଦ୍ର ମଙ୍ଗରାଜଙ୍କ ଜୀବନକୁ ଯଥାଯଥ ଭାବରେ ରୂପାୟନ କରି ନାହାନ୍ତି, କେବଳ ତାଙ୍କର ଅନ୍ତଶ୍ଚେତନାର ରୂପାନ୍ତରକୁ ପରିଚ୍ଛେଦ ଗୁଡ଼ିକର ବିଭିନ୍ନ stages, degrees, interior, crisen and small progression ମାଧ୍ୟମରେ ପର୍ଯ୍ୟାୟକ୍ରମେ ଉନ୍ମୋଚନ କରି ନାହାନ୍ତି, ଏଥିରେ ଆହୁରି ଅନେକ କଥା ଅଛି; ଅନେକ ଚରିତ୍ର, ଅନେକ ସ୍ଥାନ, ଅବସ୍ଥା ଓ କାର୍ଯ୍ୟାଦି ବର୍ଣ୍ଣିତ ହୋଇଛି । ତେଣୁ ଅନିବାର୍ଯ୍ୟ ଭାବରେ ଗ୍ରନ୍ଥିବଦ୍ଧ ପରିଚ୍ଛେଦ ପରିକଳ୍ପନା ଏଥିରେ ଅନୁପସ୍ଥିତ । ବରଂ ପରିକଳ୍ପନା ଶ୍ଳଥବନ୍ଧ ଶିଥିଳ । ତେବେ ବର୍ଣ୍ଣନାଂଶ ଜୀବନ୍ତ ଓ ଚରିତ୍ର ବିଶ୍ଳେଷଣ ସୁନିପୁଣ । ପାଠକଙ୍କ କାହାଣୀଟିକୁ

Source: Author, Digitized by PPRACHIN, SOA

ଉପଭୋଗ କରିବାକୁ ହେଲେ ପୂରା ବହିଟିକୁ ଆଉଥରେ ମନେ ମନେ ଲେଖିବାକୁ ହୁଏ । ପାଠକ ପ୍ରକୃତରେ 'ଛ' ମାଣ ଆଠଗୁଣ୍ଠ'ର ଲେଖକ । ପାଠକୀୟ text ପ୍ରସ୍ତୁତ କରିବାକୁ ହେବ, ବିଭିନ୍ନ ଅଧ୍ୟାୟରେ ବର୍ଣ୍ଣିତ ବସ୍ତୁ ଓ ବ୍ୟକ୍ତିଙ୍କୁ ସ୍ମୃତି ଶକ୍ତି, କଳ୍ପନା ଓ ରସବୋଧ ବଳରେ କାହାଣୀ ଚୟନରେ ଯଥାସ୍ଥାନରେ ପୁନର୍ବିନ୍ୟସ୍ତ କରିବାକୁ ପଡ଼ିବ । ତେବେ ଯାଇଁ ଆଖ୍ୟାନଭାଗଟିକୁ ଅବଧାରଣ କରି ହେବ । ଅଧ୍ୟାୟ ଗୁଡ଼ିକର ବିଷୟ ବସ୍ତୁକୁ ପୁନର୍ବିନ୍ୟସ୍ତ ନ କଲେ ଗଳ୍ପରସ ଉପଭୋଗ କରି ହେବ ନାହିଁ । କାହାଣୀଟି ଅବଶ୍ୟ ବ୍ୟଞ୍ଜନାଢ଼୍ୟ । କିନ୍ତୁ ସେହି ବ୍ୟଞ୍ଜନାଶ୍ରୀ ଅର୍ଜିବାକୁ ହୁଏ । ଲକ୍ଷ୍ୟ ଚରିତ୍ର ସୃଷ୍ଟି । ଆଖ୍ୟାନ ଭାଗ ଚରିତ୍ର ସୃଷ୍ଟିର ବାହନ । ଯେତେଦୂର ସମ୍ଭବ ଫକୀରମୋହନ ଆଖ୍ୟାନ ଭାଗ ଠିକ୍ କରି ଚରିତ୍ର ସୃଷ୍ଟି କରନ୍ତି ନାହିଁ, ଚରିତ୍ର ପରିକଳ୍ପନା କରି ତାହାପରେ ଆଖ୍ୟାନ ବିନ୍ୟାସ କରନ୍ତି । ତେଣୁ ଘଟନା ତୀବ୍ର ପ୍ରବଳ କି ବର୍ଣ୍ଣବନ୍ତ ହୋଇ ଉଠିନାହିଁ । ଦୈନନ୍ଦିନ ଜୀବନର ସାଧାରଣ ବିଷୟରେ ତାଙ୍କର ରୁଚି ଓ ବିଶ୍ୱାସ । ତେଣୁ ନାଟ୍ୟଗୁଣ ତାଙ୍କ ଉପନ୍ୟାସର ନିୟାମକ ନୁହେଁ ସହାୟକ ମାତ୍ର । ସବୁଠିଁ ପାଠକ ସହିତ ଆଳାପତୃଷ୍ଣତା ବର୍ତ୍ତମାନ । ମନ୍ତବ୍ୟ ବି ଉପସ୍ଥିତ । ନିରପେକ୍ଷ ଦୂରତ୍ୱରୁ ଜୀବନକୁ ପ୍ରତ୍ୟକ୍ଷ କରିବାକୁ ଯେପରି ସେ ଚାହାନ୍ତି ନାହିଁ, ସେଇଥିପାଇଁ ପାଠକ ସହିତ ଆଳାପତୃଷ୍ଣ ହୋଇ ଉଠନ୍ତି, ଘଟନାବର୍ତ୍ତ ଭିତରକୁ ନିଜେ ପଶି ଆସନ୍ତି । ମମତ୍ୱ ସର୍ବବ୍ୟାପୀ । ସେତେବେଳେ ସର୍ବତ୍ର ଉପନ୍ୟାସ ରୋମାନ୍ସତ୍ୱର ଅତିକ୍ରମ କରୁଥାଏ । ଘଟନାର ବହୁଳତା ଓ ଚମତ୍କାରିତ୍ୱ ରୋମାନ୍ସ୍‌ର ବୈଶିଷ୍ଟ୍ୟ । ଘଟନା ନାଟ୍ୟ ଚମକିତ ଓ ବର୍ଣ୍ଣନା କାବ୍ୟ ସୁରଭିତ । ସାମାଜିକ ଜୀବନରେ ଅନୁରୂପ ଘଟନା ବିଶ୍ୱାସ୍ୟ ହେବନାହିଁ । ପରିଚିତ ସମାଜ ପରିବେଶ, ଦୈନନ୍ଦିନ ଜୀବନ ଯାତ୍ରା ଓ ସମକାଳୀନ ମଣିଷର କର୍ମରେ ପ୍ରଚଣ୍ଡ ବିକ୍ଷୋଭର ବିସ୍ଫୋରଣ କାହୁଁ ମିଳିବ ? ତେଣୁ ଫକୀରମୋହନ ଯଥାସାଧ୍ୟ ରୋମାନ୍ସକୁ ଉପେକ୍ଷା କରିଛନ୍ତି, କିନ୍ତୁ ଚମ୍ପାର ଛଦ୍ମବେଶ ଧାରଣ, ବାଘସିଂହଙ୍କ ଗୃହଦାହ, ଗୋବିନ୍ଦାର ଚମ୍ପାସଂହାର ଓ ମଙ୍ଗରାଜଙ୍କ ସ୍ୱପ୍ନ ଦର୍ଶନରେ ରୋମାନ୍ସ ତାହାର ପଦାଙ୍କ ଅଙ୍କି ଯାଇଛି । ବଙ୍କିମଚନ୍ଦ୍ରଙ୍କ ବିଷବୃକ୍ଷର ଦେବେନ୍ଦ୍ର ବାବୁ ବୈଷ୍ଣବୀ ରୂପ ଧାରଣ କରିଥିଲେ, ଚମ୍ପା ସାଜିଛି ଚାଙ୍ଗୀ ମାଉସୀ ରୂପ । କୁନ୍ଦ ସ୍ୱପ୍ନରେ ଦେଖିଥିଲା ମା'କୁ, ମଙ୍ଗରାଜ ଅର୍ଦ୍ଧଚେତନ ଅବସ୍ଥାରେ ଦେଖିଛନ୍ତି ସ୍ତ୍ରୀଙ୍କୁ । 'ଛ ମାଣ ଆଠଗୁଣ୍ଠ'ରେ କେବଳ 'ବିଷବୃକ୍ଷ' ଅଧ୍ୟୟନର ଅଭିଜ୍ଞାନ ନାହିଁ, ରୋମାନ୍ସର ପଦଚିହ୍ନ ବି ଅଛି । ଉପନ୍ୟାସଟିର ପରିଣତି closed—ସଂବୃତ । ଦୃଷ୍ଟିଭଙ୍ଗୀ ନୀତିପ୍ରବଣ । ଅବଶ୍ୟ ତାଙ୍କ ସବୁ ଉପନ୍ୟାସର ପରିଣତି ସଂବୃତ । ରାମଚନ୍ଦ୍ରଙ୍କର ପତ୍ନୀ ଆଶ୍ରୟରେ 'ଛ' ମାଣ ଆଠଗୁଣ୍ଠର ଉପସଂହାର । ଏହି ପତ୍ନୀ ଆଶ୍ରୟ ପଛରେ ଫକୀରମୋହନଙ୍କ ସାମାଜିକ ପ୍ରତିବଦ୍ଧତା

Source: Author, Digitized by PPRACHIN, SOA

ଅଛି ; ଦାସୀ ହାତରୁ ମୁକ୍ତ କରି ପୁରୁଷକୁ ପତ୍ନୀ ହାତରେ ସମର୍ପଣ କରିବା ସେହି ଦାୟବଦ୍ଧତାର ଦୃଷ୍ଟାନ୍ତ । ପରିଣତିରେ ପ୍ରତ୍ୟାବର୍ତ୍ତନ ମୋଟିଫ୍ ସବୁଠାରେ ପ୍ରଯୁକ୍ତ । ସମାଜ ଓ ପରିବାରର ଅଖଣ୍ଡତା ରକ୍ଷା ତଥା ଅସ୍ତିବାଚକ ମୂଲ୍ୟବୋଧରେ ପ୍ରତ୍ୟୟ ପୋଷଣ ସବୁ ଉପନ୍ୟାସର ପରିଣତିରେ ସ୍ପଷ୍ଟ ପ୍ରତିଫଳିତ । ସବୁଠି ମଣିଷ ମନୁଷ୍ୟତ୍ୱ ପାଖକୁ ଫେରିଛି କଠିନ ମୂଲ୍ୟ ବିନିମୟରେ । 'ଛ' ମାଣ ଆଠଗୁଣ୍ଠ'-ର ପରିଣତିର ଅନ୍ୟ ଏକ ତାତ୍ପର୍ଯ୍ୟ ଅଛି । ତାହା ବିଚାର କରିବା ପୂର୍ବରୁ ଫକୀରମୋହନଙ୍କ 'ସମୟ ବିନ୍ୟାସ' ବୈଶିଷ୍ଟ୍ୟ ବିଚାର କରାଯାଉ ।

(ତିନି)

'ଛ' ମାଣ ଆଠଗୁଣ୍ଠ'ର ଅନ୍ୟତମ ବୈଶିଷ୍ଟ୍ୟ ତାହାର ସମୟ ବିନ୍ୟାସ । ଉପନ୍ୟାସଟିରେ ଅତୀତ ଏକ ବିଶେଷ କାଳର ଇତିହାସ ଅଛି ବୋଲି ସୁଧୀ ସମୀକ୍ଷକ ଡଃ ନଟବର' ସାମନ୍ତରାୟ ସିଦ୍ଧାନ୍ତ ଗ୍ରହଣ କରିଛନ୍ତି । ସୀମା ୧୮୦୧ରୁ ୧୮୪୦ । ଉପନ୍ୟାସରେ ଅବଶ୍ୟ କେତୋଟି ସଙ୍କେତ ଅଛି । ଦାରୋଗା ଇନାଏତ ହୋସେନ ସାରିଆର ମୃତ୍ୟୁ ବିଷୟ ତଦାରଖ କରି ରିପୋର୍ଟ ଲେଖିଛନ୍ତି ୧୦ ତାରିଖ ଅକ୍ଟୋବର ସନ ୧୮୬୧ ରେ ଆଉ ଏଇଚ. ଆର. କେନସନ୍ ସେସନ ଜଜ୍ ବିଚାରର ରାୟ ଦିଅନ୍ତି ମେ ମାସ ୧୭ ତାରିଖ ସନ ୧୮୬୨ରେ । (ଅବଶ୍ୟ 'ଉତ୍କଳ ସାହିତ୍ୟ'ରେ ତାରିଖଟି ଥିଲା ୧୭ । ୫ । ୧୮୬୮ ବୋଲି ।) ଏହି ସଙ୍କେତ ଦୁଇଟିକୁ ଆବିଷ୍କାର କରିଛନ୍ତି ସର୍ବ ପ୍ରଥମେ ଡଃ ସାମନ୍ତରାୟ । (ବ୍ୟାସକବି ଫକୀରମୋହନଙ୍କ ଉପନ୍ୟାସ, ୧୯୫୫) ତାଙ୍କ ପର୍ଯ୍ୟବେକ୍ଷଣ ଶକ୍ତି ଅଭିନନ୍ଦନୀୟ । କିନ୍ତୁ ଉପରୋକ୍ତ କାଳସୀମାକୁ ସ୍ୱୀକାର କରିବାକୁ ହେଲେ କି କି ଅସୁବିଧାର ସମ୍ମୁଖୀନ ହେବାକୁ ହୁଏ ତାହା ସେ ଲକ୍ଷ୍ୟ କରିଛନ୍ତି ଏପ୍ରିଲ ୧୯୬୭ରେ ଓ ଅକ୍ଟୋବର ୧୯୭୧ରେ ଯଥାକ୍ରମେ 'କାଳ ଓ କଳା' ଓ ଛ'ମାଣ ଆଠଗୁଣ୍ଠର ବିଷୟବସ୍ତୁ : ଏକ ସ୍ପଷ୍ଟୀକରଣ ପ୍ରବନ୍ଧରେ । (ଦ୍ରଷ୍ଟବ୍ୟ : ଫକୀର-ମୋହନ ସାହିତ୍ୟ ସମୀକ୍ଷା) ପ୍ରଥମତଃ 'ଛ'ମାଣ ଆଠଗୁଣ୍ଠ'କୁ ପାଠକ କେବଳ ପୁନର୍ଲିଖନ କରିବ ନାହିଁ, ଠାଏ ଠାଏ ସଂଶୋଧନ ବି କରିବ । ସଂଶୋଧନ କରିବା ସମାଲୋଚନା ପଦ୍ଧତି ଏ ଯାବତ ପ୍ରବର୍ତ୍ତିତ ହୋଇ ନାହିଁ । ପ୍ରଥମତଃ ପୋଲିସ ରିପୋର୍ଟ କାଳ ୧୦ । ୧୦ । ୧୮୬୧ ଓ ଜଜଙ୍କ ରାୟ ପ୍ରଦାନ କାଳ ୧୭ । ୫ । ୧୮୬୨ କମ୍ବା ୧୭ । ୫ । ୧୮୬୮ ସହିତ ୧୮୯୮ ରେ ଲେଖକଙ୍କ ମନ୍ତବ୍ୟ ମଧ୍ୟରେ ସାମଞ୍ଜସ୍ୟ ବିଧାନ କରିବାକୁ ପଡ଼ିବ । ଲେଖକ କହିଛନ୍ତି, "ମାମଲଟା ଷାଠିଏ ବର୍ଷ ତଳର" । ଲେଖକଙ୍କ ଜୀବଦ୍ଦଶାରେ ୧୭ । ୫ । ୧୮୬୮ ହୋଇଛି ୧୭ । ୫ । ୧୮୬୨ । ତାହା ମନ୍ତବ୍ୟ ଦୃଷ୍ଟିରୁ ୬୦ ବର୍ଷ ପୂର୍ବର ଘଟଣା ବୋଲି

Source: Author, Digitized by PPRACHIN, SOA

ପ୍ରତିପନ୍ନ ହୋଇ ପାରୁନାହିଁ । ଗ୍ରନ୍ଥ ପ୍ରକାଶକାଳକୁ ମନ୍ତବ୍ୟ ହୁଷ୍ଟିରୁ ୧୭ । ୫ । ୧୮୬୮ ବୋଲି ଗ୍ରହଣ କଲେ ପୋଲିସ ରିପୋର୍ଟ କାଳକୁ ବଦଳାଇବାକୁ ପଡ଼ିବ । ନଚେତ ୧୮୬୧ରୁ ୧୮୬୮ ପର୍ଯ୍ୟନ୍ତ ରାମଚନ୍ଦ୍ର ମଙ୍ଗରାଜଙ୍କୁ କେଉଁଠି ସମ୍ଭାଳିବାକୁ ପଡ଼ିବ ! ଥଇଥାନ କରିବାକୁ ହେବ ! ତେଣୁ ଡଃ ନଟବର ସାମନ୍ତରାୟଙ୍କୁ ପୋଲିସ ରିପୋର୍ଟକାଳ ଓ ଜଜ୍‌ଙ୍କ ଆଦେଶ ପ୍ରଦାନ କାଳକୁ ଯଥାକ୍ରମେ ୧୦ । ୧୦ । ୬୮, ୧୭ । ୧୦ । ୬୮ ବୋଲି ସଂଶୋଧନ କରିବାକୁ ପଡ଼ୁଛି । ଏହାଟିର ସଂଶୋଧନ କର୍ତ୍ତୃତ୍ୱ ସମାଲୋଚକଙ୍କର ଅଛି କି ? ଦ୍ୱିତୀୟତଃ ଗୋବିନ୍ଦାର ଗଣ୍ଡିଲିରୁ ଖସିପଡ଼ିଥିବା ଗୁଜାଟି ଲେଖାଯାଇଥିଲା "ଶ୍ରୀ ଶ୍ରୀ ମୁକୁନ୍ଦଦେବଙ୍କ ସାତଅଙ୍କ କୁମ୍ଭ ମାସ କୃଷ୍ଣପକ୍ଷ ଦ୍ୱିତୀୟା ଦିନବେଳ ଦୁଇଘଡ଼ି ସମୟରେ ।" କେଉଁ ମୁକୁନ୍ଦ ଦେବ ଏ ? ଦ୍ୱିତୀୟ ମୁକୁନ୍ଦଦେବ (୧୭୯୫-୧୮୧୭) ନା ତୃତୀୟ ମୁକୁନ୍ଦଦେବ (୧୮୨୭-୧୯୨୮) ? କାହାର ସାତଅଙ୍କ ୧୮୦୧ରୁ ୧୮୪୦ ମଧ୍ୟରେ ପଡ଼ୁନାହିଁ । କ'ଣ କରାଯାଏ ? ଡଃ ସାମନ୍ତରାୟ କିନ୍ତୁ ନିଜ ସିଦ୍ଧାନ୍ତ ବଦଳାଇବାକୁ ପ୍ରସ୍ତୁତ ନୁହନ୍ତି । ତେଣୁ ସେ ଆଉ ଏକ ସଂଶୋଧନ ଗ୍ରହାନ୍ତି ଯେଣୁ ଗୁଜାଟିରେ ଦ୍ୱିତୀୟ ମୁକୁନ୍ଦଦେବଙ୍କ ଅପେକ୍ଷା ତାଙ୍କ ପରବର୍ତ୍ତୀ ରାଜା ରାମଚନ୍ଦ୍ର ଦେବ ୬ଷ୍ଠଙ୍କ ନାମୋଲ୍ଲେଖ ଅଧିକ ସୁସଂଗତ ହେବ । ତେବେ କିଏ ଏବେ ଜମିଦାର ରାମଚନ୍ଦ୍ର ମଙ୍ଗରାଜ ମହାଜନ ସୁହାଷ୍ଟାତକୁ ତେଲିପୁଅ ଶାମସାହୁର ଗୁଜାଟିକୁ ପୁନର୍ଲିଖନ କରିବ ? ସମୟ ବିନ୍ୟାସ କ୍ଷେତ୍ରରେ ଫକୀରମୋହନ କ'ଣ ଏତେ ଅସାବଧାନ ଥିଲେ ? ତେବେ ପ୍ରଶ୍ନଟିଏ ମୁଣ୍ଡ ଟେକେ, ଆମେ, ଛ'ମାଣ ଆଠଗୁଣ୍ଠରେ ଏକ ବିଶେଷ କାଳର ଇତିହାସ ଖୋଜି ଭୁଲ କରି ବସିଛୁ ବା ଫକୀରମୋହନ କାଳ ନିର୍ଦ୍ଦେଶ କରିବାରେ ଭୁଲ କରି ବସିଛନ୍ତି ? ଏହି ପ୍ରଶ୍ନଟିର ଉତ୍ତର ଖୋଜିବା ପୂର୍ବରୁ ଅନ୍ୟଏକ ଗୁରୁତର ସମସ୍ୟା ପ୍ରତି ସଚେତନ ହେବାକୁ ହେବ । ଯେବେ ଔପନ୍ୟାସିକ ସଚେତନ ଭାବରେ ଏଥିରେ ୧୮୦୧ରୁ ୧୮୪୦ ପର୍ଯ୍ୟନ୍ତ ଓଡ଼ିଶାର ସାମାଜିକ ଜୀବନର ଇତିହାସ ଲେଖିଥାନ୍ତି ତେବେ Anachronism ଦୋଷାବଳୀ ଲାଗି ଦାୟୀ ହେବ କିଏ ? ୧୮୦୧ରୁ ୧୮୪୦ର ଜୀବନ ଚିତ୍ରଣରେ ୧୮୬୧ରୁ ୧୮୭୦।୭୮ ମଧ୍ୟରେ ଘଟିଥିବା ବହୁଘଟଣାର ଉଲ୍ଲେଖଧର୍ମୀ (allusive) ବ୍ୟବହାର ସାଜିବ କିପରି ? 'ନୈଷଧ'ର ସତ୍ୟଯୁଗର ନଳ ତ୍ରେତାର ରାମ ଓ ଦ୍ୱାପରର କୃଷ୍ଣଙ୍କୁ ସ୍ତୁତି କରିଥିବାରୁ କବି ଦୋଷାଗ୍ରସ୍ତ ଦୋଷରେ ଦୋଷୀ ହୋଇଛନ୍ତି । ଫକୀରମୋହନ ନିର୍ଦ୍ଦୋଷ ହେବେ କିପରି ? ୧୮୪୦ ପୂର୍ବରୁ ଶ୍ୟାମମଲ୍ଲ ପିଅଜମିଶା କୋବି ଖାଇବ କିପରି ? ଇଂରେଜୀ ପଢ଼ୁଆ ଓଡ଼ିଆଙ୍କ ଅସ୍ତିତ୍ୱ ଆସିବ କାହୁଁ ? ସମ୍ପାଦକଙ୍କ ସମ୍ବାଦ ସଂଗ୍ରହ କଥା ଖାଟିବ କେଉଁଠି ? କବି ଉପେନ୍ଦ୍ରଙ୍କୁ କେନ୍ଦ୍ର କରି ଗଢ଼ିଉଠିଥିବା ଇନ୍ଦ୍ରଧନୁ-ବିଜୁଳିର ବିବାଦ ସ୍ଥିର ହେବ କିପରି ? ବିଲାତି କିନ୍ଧାତ ସହିତ ରୁଚ ନାମଧେୟ ପଦାର୍ଥ ଓଡ଼ିଶାରେ ମିଳିବ କେଉଁଠୁ ? କେନାଲ କି ଉପାଧି ବ୍ୟବସ୍ଥାର ଉଲ୍ଲେଖଧର୍ମୀ

Source: Author, Digitized by PPRACHIN, SOA

ବ୍ୟବହାର ୧୯୪୦ ପୂର୍ବରୁ ଥାଇବ କିପରି । ବରଂ ଉପନ୍ୟାସଟିରେ ଏମିତି ଅନେକ କଥାର ଉଲ୍ଲେଖ ଅଛି ଯାହା ଦେଖିଲେ କହିବାକୁ ହେବ ଯେ ଏଥିରେ ଊନବିଂଶ ଶତାବ୍ଦୀର ଶେଷଭାଗର ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନର ଚିତ୍ର ରହିଛି, ଯାହା ସହିତ ୧୮୦୧-୧୮୪୦ ଖ୍ରୀଷ୍ଟାବ୍ଦର ଓଡ଼ିଶାର କୌଣସି ପ୍ରକାର ସମ୍ପର୍କ ଅନୁପସ୍ଥିତ । ଏଥିରୁ ମନେ ହେବା ସ୍ୱାଭାବିକ ଯେ, 'ଛ'ମାଣ ଆଠଗୁଣ୍ଠ'ର ଏକ ବିଶେଷ କାଳର ଇତିହାସ ଖୋଜି ଆମେ ଭୁଲ କରୁଛେ । ଉପନ୍ୟାସ ମାନେ କୌଣସି ନା କୌଣସି ସ୍ତରରେ ଇତିହାସ ହୋଇ ଉଠିବା ସ୍ୱାଭାବିକ । କିନ୍ତୁ ତାହାକୁ ଏକ ନିର୍ଦ୍ଦିଷ୍ଟ କାଳ ସୀମାରେ ଆବଦ୍ଧ କରିବାକୁ ଚାହିଁଲେ ଲେଖକଙ୍କୁ ଅଯଥା ଏମିତି ଟଣାଓଟରା କରିବାକୁ ପଡ଼ିବ । ବିଶୁଦ୍ଧ ଐତିହାସିକ ଉପନ୍ୟାସ କଥା ଅବଶ୍ୟ ଭିନ୍ନ । ଐତିହାସିକ ନାୟକ ନାୟିକାଙ୍କୁ ଏକ ବିଶେଷ ସ୍ଥାନକାଳରୁ ବିଚ୍ୟୁତ କରି ହେବ ନାହିଁ । କିନ୍ତୁ ଫକୀରମୋହନ ସାମାଜିକ ଉପନ୍ୟାସ ଲେଖିଛନ୍ତି, କେବେ ଇତିହାସ ନୁହେଁ । ଘଟଣାର ବାସ୍ତବତା ଓ ବିଶ୍ୱାସନୀୟତା ସୃଷ୍ଟି କରିବାକୁ ସେ ସାଲ ତାରିଖ ସମସ୍ତ ନିର୍ଦ୍ଦେଶ କରିଛନ୍ତି, ଯେପରି ପ୍ରାଚୀନ କବିମାନେ ଘଟଣାର କାଳବେଳା ନିର୍ଣ୍ଣୟ କରିବାକୁ ତିଥି ବାର ନକ୍ଷତ୍ର ନିର୍ଦ୍ଦେଶ କରୁଥିଲେ ; ଯଦିଓ ଅଧିକାଂଶଙ୍କର ଜ୍ୟୋତିଷଶାସ୍ତ୍ରରେ କୌଣସି ପ୍ରକାର ପ୍ରବେଶ ନ ଥିଲା । ଏପରି ସମସ୍ତ ନିର୍ଦ୍ଦେଶ ଅନ୍ୟତମ ସାହିତ୍ୟିକ କରଣ କୌଶଳ—କଳ୍ପନାର ଖେଳ । ପ୍ରକୃତରେ ବିଶେଷ ଦେଶକାଳପାତ୍ର ମଧ୍ୟରେ କେବେ କେଉଁଠି ଯାହାକୁ ଖୋଜିଲେ ଆଦୌ ମିଳିବ ନାହିଁ, ତାହାରି ନାମ ହିଁ ଉପନ୍ୟାସ । ସବୁ ମିଥ୍ୟା । ଛ'ମାଣ ଆଠଗୁଣ୍ଠର ଗୋବିନ୍ଦପୁର ଗାଁର ହାଲଚାଲ ଠାରୁ ମଙ୍ଗରାଜଙ୍କ ହାଉଳି ଖାଇବା ପର୍ଯ୍ୟନ୍ତ ସବୁ ମିଥ୍ୟା । ଅବଶ୍ୟ ସୁନ୍ଦର ମିଥ୍ୟା । ଆନନ୍ଦ ତାହାର ଉପଜୀବ୍ୟ, କଳ୍ପନା ଅବଲମ୍ବନ । କଳ୍ପନାରେ ଯାହା ଗୋଚରୀଭୂତ ହୋଇଅଛି, ଫକୀରମୋହନଙ୍କ ଲେଖନୀ ଦ୍ୱାରା ତାହା ନାମଧାମ ଯେଣୁ ସୁସ୍ପଷ୍ଟ ଦେହ ଧାରଣ କରିଛି ମାତ୍ର । ସତ୍ୟଠାରେ ରସାତ୍ମକ ହୋଇ ଉଠିଲେ ଆଉ ଐତିହାସିକ ସତ୍ୟ ହୋଇ ରହେ ନାହିଁ, ଏହା ତ ମୂଳରୁ ମିଥ୍ୟାକଥା, ରସାତ୍ମକ ହୋଇ ଉଠିଛି ଯାହା । ସତ୍ୟ ଖୋଜିଲେ କାହୁଁ ମିଳିବ ? ତେଣୁ କାଳ ନିର୍ଦ୍ଦେଶରେ ଭୁଲ ଭ୍ରାନ୍ତି ରହିବା ସ୍ୱାଭାବିକ । ତାହାକୁ ସଂଶୋଧନ କରିବାର ଦାୟିତ୍ୱ ଓ ଅଧିକାର ସମାଲୋଚକର ନାହିଁ । ସେ କେବଳ ବ୍ୟାଖ୍ୟା କରି ପାରିବେ, ବିଶ୍ଳେଷଣ କରିପାରିବେ । ଏପରି କି ଯେଉଁମାନେ ଇତିହାସ କି ମିଥ୍‌ର ପୁନର୍ବ୍ୟାଖ୍ୟାରେ ଉପନ୍ୟାସ ଲେଖନ୍ତି, ତାଙ୍କର ବକ୍ତବ୍ୟ ଥାଏ ସମସାମୟିକତା ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ । ଫକୀରମୋହନ ସମସାମୟିକ ଜୀବନର ଚିତ୍ର ଆଙ୍କିଛନ୍ତି, ଯଦିଓ ଚାହିଁଛନ୍ତି ଖାଁଟିଏ ବର୍ତ୍ତିଲେର ଘଟଣା କଥା କହିବାକୁ । ଦୂରସ୍ଥ ଘଟନାଟିକୁ ମହାକାବ୍ୟିକ ମହତ୍ତ୍ୱ ଦେବ । କଥାଟା ଏଇ ପର୍ଯ୍ୟନ୍ତ ସତ୍ୟ । ସୌନ୍ଦର୍ଯ୍ୟ ଦେବା-

Source: Author, Digitized by PPRACHIN, SOA

ଆନନ୍ଦ ବି ଦେବ—"Often retrospect delight the mind."
(Dante)

ତେବେ ଫକୀରମୋହନଙ୍କ ସମସ୍ତ ଉପନ୍ୟାସର ବୈଶିଷ୍ଟ୍ୟ କ'ଣ ? ସେ ପ୍ରଥମତଃ ଅତୀତାଶ୍ରିତ ଉପନ୍ୟାସଟିରେ ମହାକାବ୍ୟିକ ମହତ୍ତ୍ୱ ଓ ବିଶାଳତାର ଅନୁଭବ ସଞ୍ଚାର କରିବାକୁ ଚାହିଁଛନ୍ତି, ଦୂରପ୍ରସାରୀ କାଳପ୍ରବାହର ସେହି ଅନୁଭବ ଆଣିବାକୁ ସନତାରିଖ ନିର୍ଦ୍ଦେଶ କରିଛନ୍ତି, ଯାହାର ଯୁକ୍ତିଯୁକ୍ତତା କି ସଗତି ଅସଗତି ପ୍ରତି ବିଶେଷ ଧ୍ୟାନ ଦେଇ ନାହାନ୍ତି । ଅଧିକନ୍ତୁ ସେହି ଅତୀତ ସମୟକୁ ଠାବେ ଠାବେ ନାଟ୍ୟଦୃଶ୍ୟ ପରି (Fictive Present ବା illusion of immediacy-ର ସମ୍ବେଦନ ସୃଷ୍ଟି ଉଦ୍ଦେଶ୍ୟରେ ପ୍ରୟୋଗ କରିଛନ୍ତି, ସମସାମୟିକ ଚରିତ ଚରିତ୍ର ଓ ଘଟଣାର ଉଲ୍ଲେଖଧର୍ମୀ ବ୍ୟବହାର କରି ସେଥିରେ ତାତ୍କ୍ଷଣିକ ବର୍ତ୍ତମାନତାର ସମ୍ବେଦନ ସୃଷ୍ଟି କରାଇ ପାରିଛନ୍ତି ମଧ୍ୟ । ତେଣୁ ଅତୀତ କାଳ ପ୍ରବାହର ଅନୁଭବ ଓ ବିଭିନ୍ନ ନାଟ୍ୟଧର୍ମୀ ଦୃଶ୍ୟ ସଯୋଜନାର ତାତ୍କ୍ଷଣିକ ବର୍ତ୍ତମାନତାର ସମ୍ବେଦନ ତଥା ସମସାମୟିକ ଚରିତ, ଚରିତ୍ର ଓ ଘଟଣାବଳୀର ଉଲ୍ଲେଖଧର୍ମୀ ବ୍ୟବହାରର ସଦ୍ୟସତେଜ ଆବେଦନ ତାଙ୍କ ସମସ୍ତ ଉପନ୍ୟାସ ରଚନାରେ ଯେଉଁ ନୂଆ ମାତ୍ରାଟିଏ ଯୋଡ଼ିଅଛି, ତାହାହିଁ ତାଙ୍କ ସମସ୍ତ ଉପନ୍ୟାସର ବୈଶିଷ୍ଟ୍ୟ । ତେଣୁ ଛ'ମାଣ ଆଠଗୁଣ୍ଠ ନିର୍ଦ୍ଦିଷ୍ଟ ଏକ କାଳ ପରିଧିର ସାମାଜିକ ଇତିହାସ ନୁହେଁ । ତାହା ଏକ ସାର୍ଥକ ଉପନ୍ୟାସ । କାଳଗତ ତ୍ରୁଟି ବିଚ୍ୟୁତି ତାର ଦୂଷଣ ନୁହେଁ, ଭୂଷଣ ମାତ୍ର । ଟେକ୍‌ସଟ୍‌ର ସଂଶୋଧନ ଶୋଭନୀୟ ନୁହେଁ କେବେ । ସେଥିରେ ଇତିହାସକୁ ଖୋଜିଲେ ସାରା ଊନବିଂଶ ଶତାବ୍ଦୀର ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନର ଭଗ୍ନାଂଶ ସଂଗ୍ରହ କରିହେବ । ପ୍ରକୃତରେ ଉପନ୍ୟାସରେ ଇତିହାସର ସ୍ଥାନ ଗୌଣ, ଏପରିକି ଐତିହାସିକ ଉପନ୍ୟାସ ବି ବ୍ୟତିକ୍ରମ ନୁହେଁ । ଔପନ୍ୟାସିକ ବଙ୍କିମଚନ୍ଦ୍ର ବୁଝାଇଛନ୍ତି, ଉପନ୍ୟାସରେ ଅନ୍ତର୍ଜଗତର ସ୍ଥାନ ମୁଖ୍ୟ, "ଉପନ୍ୟାସ ଲେଖକ ଅନ୍ତର୍ବିଷୟ ପ୍ରକଟନେ ଯତ୍ନବାନ ହଇବେନ ।" ଏବେ ମିଲନ କୁନ୍ଦେରା (Milan Kundera) ପ୍ରାୟ ସେହି କଥା କହିଛନ୍ତି, "The novelist is neither historian nor prophet : he is an explorer of existence." (The Art of Novel) ଏହି ପ୍ରସଙ୍ଗରେ ସେ ହେଡ଼େଗାରଙ୍କୁ ସ୍ମରଣ କରିଛନ୍ତି ଓ କହିଛନ୍ତି existence ଅର୍ଥ ଯେବେ being-in-the world ହୁଏ, ତେବେ ମଣିଷ ଓ ଜଗତ ଯଥାକ୍ରମେ ଦ୍ରଷ୍ଟା ଓ ଦୃଶ୍ୟ ହୋଇ ରହିପାରିବେ ନାହିଁ । "man does not to the world as subject to object, as eye to painting, not even as actor to stage set. Man and the world are bound together like the

Source: Author, Digitized by PPRACHIN, SOA

snail to its shell : the world is part of man, it is his dimension, and as the world changes, existence changes as well.'' ଔପନ୍ୟାସିକ ଯେଉଁ ଜୀବନର ଚିତ୍ର ଆଙ୍କେ ସେ ମଧ୍ୟ ସେହି ଜୀବନର ଅଂଶବିଶେଷ । ଇତିହାସ ସମାଜର ଇତିହାସ ଲେଖେ । ଉପନ୍ୟାସ ଲେଖେ ମଣିଷର ଇତିହାସ । ତେଣୁ ଇତିହାସର ଯେତିକି ଅଂଶ ଚରିତ୍ରର ରହସ୍ୟୋଦ୍ଭେଦ ପାଇଁ ଅନୁକୂଳ କେବଳ ସେତିକି ଅଂଶ ଔପନ୍ୟାସିକ ବ୍ୟବହାର କରି ପାରନ୍ତି । ଉପନ୍ୟାସ ଉପନ୍ୟାସ ।

ଏଇଠି ପ୍ରସଙ୍ଗତଃ ଆଗ୍ରୁଫି ଲଲ୍ ବିହାରୀ ଦେଙ୍କ Bengal Peasant Life (1874) କଥା ମନେପଡ଼େ । ଫକୀରମୋହନ ଯେଉଁ କେତୋଟି ଇଂରାଜୀ ବହି ପଢ଼ିଥିଲେ ତନ୍ମଧ୍ୟରୁ ଅନ୍ୟତମ ଏହି Govind Samant or The History of a Bengal Peasant (Bengal Peasant Life) । ଏବେ ଡ଼ଃ ପୂର୍ଣ୍ଣଚନ୍ଦ୍ର ମିଶ୍ର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ଆନୁକୂଲ୍ୟରେ ପ୍ରକାଶିତ 'ସାରସ୍ୱତ ପତ୍ରିକା'ରେ 'ଛ ମାଣ ଆଠଗୁଣ୍ଠ ରଚନାର ଅନ୍ତରାଳେ' ନାମକ ଯେଉଁ ପ୍ରବନ୍ଧ ଲେଖିଛନ୍ତି ସେଥିରେ ସେ 'ଛ ମାଣ ଆଠଗୁଣ୍ଠ' ପଛରେ Bengal Peasant Lifeର ପ୍ରେରଣା ଲକ୍ଷ୍ୟ କରିଛନ୍ତି । କିନ୍ତୁ ମନେ ରଖିବାକୁ ହେବ ଯେ, 'Bengal Peasant Life' ମୂଳତଃ ଇତିହାସ । ତାହାର ନାମାନ୍ତର The History of a Bengal Peasant । ଆଗ୍ରୁଫି ଦେ ଘଟଣାବହୁଳ ବର୍ଣ୍ଣନା ସର୍ବସ୍ୱ ୨୫ଟି ପରିଚ୍ଛେଦ ଲେଖି ସାରିଲା ପରେ ଯାଇଁ ଉପନ୍ୟାସର କାହାଣୀ ଭାଗ ପ୍ରତି ସଚେତନ ହୋଇଛନ୍ତି, "Story ? God bless you. I have none to tell. Sir ! I have a story to tell, as the reader will see, if he will have only the patience to wait a bit.'' କାହାଣୀ ପ୍ରତି ଆଗ୍ରହ ଓ ଉତ୍ସାହ ନ ଥିଲେ ବହିଟିକୁ ଯେ କେହି ପଢ଼ି ମୁଗ୍ଧ ହେବେ । ୧୮୮୧ ଖ୍ରୀଷ୍ଟାବ୍ଦରେ ଜଗତ୍ ବିଖ୍ୟାତ ବୈଜ୍ଞାନିକ ଚାର୍ଲସ୍ ଡାରଉଇନ୍ ଅଯାଚିତ ଭାବରେ ବହିଟିର ପ୍ରକାଶକଙ୍କୁ ଲେଖିଥିଲେ, "ଗ୍ରନ୍ଥକର୍ତ୍ତାଙ୍କୁ ମୋର ନମସ୍କାର ଜଣାଇ କହିବେ ଯେ, ଗୋବିନ୍ଦ ସାମନ୍ତ ପଢ଼ି ମୁଁ ଯେପରି ଶିକ୍ଷା ପାଇଛି ସେପରି ଆନନ୍ଦ ବି ଲଭ କରିଛି ।'' ପ୍ରକୃତରେ ବହିଟି ସୁଖପାଠ୍ୟ ଓ ଶିକ୍ଷାପ୍ରଦ । 'ଛ' ମାଣ ଆଠଗୁଣ୍ଠ'ର ବକ୍ତବ୍ୟ ଓ Bengal Peasant Lifeର ବକ୍ତବ୍ୟ ମଧ୍ୟ ଅଭିନ୍ନ ନୁହେଁ । Bengal Peasant Life ବାଂଲାର ପଲ୍ଲୀ ସମାଜ ଓ କୃଷକ ଜୀବନର ସର୍ବାଙ୍ଗୀନ ନିଖୁଣ ଚିତ୍ରଶାଳା—କୃଷୀର ଜୀବନରେ ଏକ ପକ୍ଷରେ ଯେପରି ଅଛି ସୁଖ ଆହ୍ଲାଦ, ସେମିତି ଅନ୍ୟ ପକ୍ଷରେ ଅଛି ଦୁଃଖ ଦୁର୍ଭାଗ୍ୟ, କଷ୍ଟ ଯନ୍ତ୍ରଣା, ଶୋଷଣ କଷଣ । ଅଛି ଏକ ପକ୍ଷରେ ନବାନ୍ନ ଓ ପୌଷପାର୍ବଣାଦିର ଆନନ୍ଦ

Source: Author, Digitized by PPRACHIN, SOA

ଉତ୍ସାହ, ଅନ୍ୟ ପକ୍ଷରେ ବର୍ତ୍ତମାନ ସ୍ୱଦେଶୀ ଜମିଦାର ଓ ବିଦେଶୀ କୁଠିୟାଲଙ୍କ ଶୋଷଣ ଓ ଅକଥ୍ୟ ଅତ୍ୟାଚାର । ଆଗ୍ରୃଙ୍ଖେ ଦେ ଅପମାନିତ ଓ ଅତ୍ୟାଚାରିତ କୃଷକଙ୍କ ଅପମାନରେ ଅପମାନିତ ବୋଧ କରିଛନ୍ତି ଓ ତାହାର ପ୍ରତିଷେଧକଳ୍ପେ ବର୍ତ୍ତମାନ କାଳର ଉଗ୍ର କ୍ଷତ୍ରିୟ କୃଷୀ ପରିବାରକୁ ତାଙ୍କ ଗଳ୍ପର ନାୟକ କରିଛନ୍ତି । ତାଙ୍କ ମତରେ ଏହି ଉଗ୍ର କ୍ଷତ୍ରିୟଙ୍କ ପରି ସାହସୀ ସ୍ୱାଧୀନଚେତା ବୀର କୃଷକ ସମ୍ପ୍ରଦାୟ ଅନ୍ୟତ୍ର ବିରଳ । ଶେଷ ପର୍ଯ୍ୟନ୍ତ ଜମିଦାର ଓ କୁଠିୟାଲଙ୍କ ବିରୋଧରେ କୃଷକଙ୍କ ସଂଗ୍ରାମ ଓ ପ୍ରତିରୋଧ ଅନିବାର୍ଯ୍ୟ ହୋଇ ଉଠିଛି । ସଂଗ୍ରାମ ଓ ଅବଧାରିତ କରୁଣ ନିଷ୍ଫଳତାରେ ଉପନ୍ୟାସଟିର ଉପସଂହାର, ଛ'ମାଣ ଆଠଗୁଣ୍ଠ କିନ୍ତୁ ଭିନ୍ନ ଧାତୁରେ ଗଢ଼ା । ଏହା କୃଷକ ଜୀବନର ଚିତ୍ର ନୁହେଁ । ଏଥିରେ ଜମିଦାରଙ୍କ ଶୋଷଣ ଓ ଅତ୍ୟାଚାରର ପ୍ରକୃତି ମଧ୍ୟ ଅଲଗା । ସଂଗ୍ରାମ କି ସଚେତନ ବିଦ୍ରୋହ ବା ପ୍ରତିବାଦ ଅନୁପସ୍ଥିତ । ପ୍ରତିଶୋଧ ଅଛି, କିନ୍ତୁ ପ୍ରତିବାଦ ନାହିଁ । ପ୍ରତିଶୋଧ ମଧ୍ୟ କର୍ମଫଳ ଖାତାରୁ ଉଠିଛି, ତାହାର ସ୍ୱତନ୍ତ୍ର ଯୋଜନା ନାହିଁ । ତେବେ ସାମ୍ୟ କେଉଁଠି ? ପ୍ରେରଣାର ସ୍ୱାକ୍ଷର କେଉଁଠି ? ଡଃ ପୂର୍ଣ୍ଣଚନ୍ଦ୍ର ମିଶ୍ର ଯେଉଁ ସାମଞ୍ଜସ୍ୟ ଦେଖାଇଛନ୍ତି, ତାହା ଖୁବ୍‌ସମାନ ଅଂଶ ମାତ୍ର, ଆମୂଳାନ୍ତ ତାତ୍ପର୍ଯ୍ୟହୀନ । ଗୃହବାଦ, ମନ୍ତ୍ରଣା, ପୋଲିସ ତଦାରଖି ପ୍ରକ୍ରିୟା ଓ ଗାଁ ହାଲଚାଲ ବର୍ଣ୍ଣନା ଉପରୁ ସମାନ ଦିଶିଲେ ହେଁ ଗଳ୍ପ ବନ୍ଧନରେ ସେଗୁଡ଼ିକର ଭୂମିକା କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ଭିନ୍ନ କଥା । ଗାଁ ମାଇପଙ୍କ ଗାଧୁଆ ତୁଠ ବର୍ଣ୍ଣନାର ସାମଞ୍ଜସ୍ୟ ପ୍ରେରଣା ସମ୍ଭୂତ ନୁହେଁ, ଗାଧୁଆ-ତୁଠର ଗାଁଉଲି ସ୍ତ୍ରୀଲୋକଙ୍କ ଚରିତ୍ର ଭାରତବର୍ଷର ସବୁଠି ସମାନ । ଡଃ ସି.ଆର. ରେଡ଼ି ତାଙ୍କ Murugan the Tiller (1927) ଉପନ୍ୟାସରେ ଯେଉଁ ଆନ୍ଧ୍ର ପ୍ରଦେଶର ସ୍ତ୍ରୀଲୋକଙ୍କ ଗାଧୁଆ ତୁଠ ବର୍ଣ୍ଣନା କରିଛନ୍ତି, ତା ପଛରେ କ'ଣ ଫକୀରମୋହନଙ୍କ ପ୍ରେରଣା ଖୋଜା ହେବ ? ସେ ଲେଖିଛନ୍ତି, "the Hindu woman in her bathing hour in the freest soul in the world. The pretty lessies and the old dames meet as equals in the sacred river for the victorious hour under water. Then everything under the Alavanti sun and a little beyond, is reviewed with careless freedom, is spice social talk with a gay mixture of pungent wit." ଏତିକି ନୁହେଁ ସମାଲୋଚକମାନେ ମନ୍ତବ୍ୟ କରିଛନ୍ତି, "the heart of the rural village truly and felicitously pictured," କେବଳ ବାଂଲାର ଗାଧୁଆ ତୁଠ କି ଓଡ଼ିଶାର ଗାଧୁଆତୁଠ ନୁହେଁ, ସାରା ଭାରତର ସବୁ ଗାଧୁଆତୁଠ ଏମିତି "Ladies' Parliament" । ଗୋବିନ୍ଦ ନାମଟି ପ୍ରତି ଫକୀରମୋହନଙ୍କ

Source: Author, Digitized by PPRACHIN, SOA

ପ୍ରୀତିକର ଦୁର୍ବଳତାଟି ଅଗ୍ରସ୍ପର୍ଶୀ ଦେଙ୍କ ପ୍ରଭାବର ଫଳ କି ? ଗାଁ ନାମ ଗୋବିନ୍ଦପୁର, ଭଗିଆର ବାପା ନାମ ବି ଗୋବିନ୍ଦ ଚନ୍ଦ୍ର ; ଭଣ୍ଡାରୀ ବି ଗୋବିନ୍ଦା । ତେବେ 'ବିଷବୃକ୍ଷ' ଉପନ୍ୟାସର ଘଟଣାସ୍ଥଳ ବି ଥିଲା ଗୋବିନ୍ଦପୁର, ଫକୀରମୋହନଙ୍କ 'ପ୍ରାୟଶ୍ଚିତ୍ତ'ର ଗୋବିନ୍ଦଚନ୍ଦ୍ରଙ୍କ ପରି ବଙ୍କିମଙ୍କର ମଧ୍ୟ ଜଣେ ଗୋବିନ୍ଦ ଲାଲ ଅଛି । କ'ଣ ସ୍ଥିର କରାଯାଏ ? ଦେଙ୍କ 'ଗୋବିନ୍ଦ ସାମନ୍ତ' ଏ ଦୁହିଁଙ୍କ ଗୋବିନ୍ଦଙ୍କ ପଛରେ ଅଛନ୍ତି କି ? ଗୋବିନ୍ଦ ସାମନ୍ତର ଭଉଣୀ ମାଳତୀ । ଆମ ମଙ୍ଗରାଜଙ୍କ ସାନଝିଅ ନାମ ବି ମାଳତୀ । ତେଣୁ 'ଛ ମାଣ ଆଠଗୁଣ୍ଠ'ରେ 'ଗୋବିନ୍ଦ ସାମନ୍ତ' ପଠନର ସ୍ମୃତି ଓ ସାକ୍ଷର ଅଛି କହିବାକୁ କିନ୍ତୁ ପ୍ରେରଣା ନାହିଁ । ଦେଙ୍କ ରଚନା ମୂଳତଃ Historio-graphy—ସେଠାରୁ ୪ଟି କଥା ନ ଖୋଜିବାକୁ ସେ ପାଠକକୁ ମୂଳରୁ ପ୍ରବର୍ତ୍ତାଇଛନ୍ତି । (୧) you are not to expect anything marvellous or wonderful in this little book. (୨) you are not to expect in this authentic history any thrilling incidents. (୩) you are not to expect any love-scenes. (୪) you are not to expect here grandiloquent phraseology and gorgeous metaphors. ଅଛି ସେ ଖୋଜିବେ କ'ଣ ? ପ୍ରତ୍ୟାଶା କରିବେ କ'ଣ ? ଅଗ୍ରସ୍ପର୍ଶୀ ମହୋଦୟ ସ୍ପଷ୍ଟ କରି ଦେଇଛନ୍ତି, "The reader is to expect here a plain and unvarnished tale of a plain peasant." ଗୋବିନ୍ଦ ସାମନ୍ତ ବା The History of a Bengal Peasant କୃଷକ ଜୀବନର ଅବିକଳ ବିବରଣ ମାତ୍ର, ଯେଉଁଠି କଳ୍ପନା ଓ ଉପନ୍ୟାସ କଳାର ଭୂମିକା ନାହିଁ କହିଲେ ଚଳେ । ଅନ୍ୟ ପକ୍ଷରେ 'ଛ'ମାଣ ଆଠଗୁଣ୍ଠ' ମୂଳତଃ ଚରିତ୍ରରେ ଉପନ୍ୟାସ ; ଯେଉଁଠି କଳ୍ପନା ଓ ସ୍ରଷ୍ଟାର ଅନ୍ତର୍ଦୃଷ୍ଟି ଆମୂଳାନ୍ତ ସକ୍ରିୟ । ତେଣୁ ଏଥିରେ ସମାଜର ଇତିହାସ ନାହିଁ, ଅଛି ମଣିଷର ଇତିହାସ,—ଯେଉଁ ମଣିଷ ଦେଶକାଳ ବ୍ୟବଚ୍ଛିନ୍ନ ନୁହେଁ, ଅଥଚ କୌଣସି ନା କୌଣସି ସ୍ତରରେ ଦେଶ-କାଳୋତ୍ତୀର୍ଣ୍ଣ । ସମାଜ ଉପଲକ୍ଷ ; ମଣିଷ ହିଁ ପ୍ରଣିଧେୟ ।

'Bengal Peasant life' ଇତିହାସ ଅବଶ୍ୟ, କିନ୍ତୁ ସାହିତ୍ୟ ଦୃଷ୍ଟିରୁ ଆଦୌ ଅନସ୍ୱୀକାର୍ଯ୍ୟ ନୁହେଁ । ଇତିହାସକୁ ସୁନିପୁଣ ଭାବରେ ବ୍ୟାଖ୍ୟା କଲେ ତାହା ଉପନ୍ୟାସକୁ ବଳିଯାଏ ବୋଲି କଥା ଅଛି । "History after all is true poetry. Reality if rightly interpreted is grander then fiction. ଟମାସ କାର୍ଲାଇଲଙ୍କ ଏହି ମନ୍ତବ୍ୟଟିକୁ 'Bengal Peasant Life' ସାର୍ଥକ କରୁଛି । ହେଥିପାଇଁ ବଙ୍ଗ ସମାଲୋଚକମାନେ କହିଥାନ୍ତି, "ନୀଲ ଦର୍ପଣ' ଯେବେ ବାଂଲା କୃଷକର ମହାନାଟକ ହୁଏ, ତେବେ ଏହି ଗୋବିନ୍ଦ ସାମନ୍ତ ତାଙ୍କର

Source: Author, Digitized by PPRACHIN, SOA

ମହାକାବ୍ୟ ।" ତାହାର ପ୍ରଭାବ ଯେବେ ଫକୀରମୋହନ ଉପନ୍ୟାସ ରଚନାରେ ସ୍ୱୀକାର କରିଥାନ୍ତେ, ତେବେ ତାହାଙ୍କୁ ପଢ଼ିଛନ୍ତି ବୋଲି କହିଥାନ୍ତେ କି ? ଫକୀର-ମୋହନଙ୍କର ସ୍ମୃତିର ଗୃଙ୍ଖଳି ଅଛି । ଅବଶ୍ୟ ହବୁ ଆତ୍ମଜୀବନୀକାରଙ୍କର ଆଏ ଏହି ଦୁର୍ବଳତା ବୁଦ୍ଧିମତ୍ତା । ନିଜର ଦୁର୍ବଳତା କେହି ପୂରା ଖୋଲି କହେ ନାହିଁ । ନଚେତ ଫକୀରମୋହନ 'ବିଷବୃକ୍ଷ' କି ନନ୍ଦଧାମସନାଦ ପଢ଼ିଛନ୍ତି ବୋଲି ଲିପିବଦ୍ଧ କରିଥାନ୍ତେ ! କରିଛନ୍ତି କି ? 'ରବିନସନ୍ କ୍ରୁସୋ' ପଢ଼ିଥିଲେ । ତାହାର ପ୍ରେରଣା କାହିଁ ?

(ଚାରି)

ଭଲ ଉପନ୍ୟାସ ରଚନା ପାଇଁ ଯେଉଁସବୁ ଗୁଣ ଓ ଉପକରଣ ଅବଶ୍ୟ ପ୍ରୟୋଜନୀୟ ତନ୍ମଧ୍ୟରୁ ସାମାଜିକ ଅଭିଜ୍ଞତା, ସହାନୁଭୂତି ଓ କଳ୍ପନାଶକ୍ତି ବା ଅପୂର୍ବ ବସ୍ତୁ ନିର୍ମାଣ କ୍ଷମତା ଫକୀରମୋହନଙ୍କର ଥିଲା । ପ୍ରାଣବନ୍ତ ଚରିତ୍ର ଓ ଘଟଣା ସୃଷ୍ଟି ପାଇଁ ସମାଜ ସମ୍ବନ୍ଧରେ ବହୁଦର୍ଶିତା ଲୋଡ଼ା । ଏହି ବହୁଦର୍ଶିତା ନ ଅର୍ଜିଲେ ଓ ନାନା ପ୍ରକାର ଚରିତ୍ରର ମଣିଷଙ୍କ ସଂସ୍ପର୍ଶରେ ନ ଆସିଲେ ଔପନ୍ୟାସିକଙ୍କ ସ୍ମୃତିଭଣ୍ଡାର ଓ ଅଭିଜ୍ଞତାର ଜଗତ ପୂର୍ଣ୍ଣ ହୋଇ ଉଠେନାହିଁ ଅଉ ବାସ୍ତବ ଅଭିଜ୍ଞତାର ଭିତ୍ତିଭୂମି ଦୃଢ଼ ନଥିଲେ ଉପନ୍ୟାସ ସତ୍ୟର ଗୌରବ ଅର୍ଜିପାରେ ନାହିଁ । କିନ୍ତୁ ଅଭିଜ୍ଞତା ଯଥେଷ୍ଟ ନୁହେଁ, ଏହି ଅଭିଜ୍ଞତା ସହିତ ସହାନୁଭୂତିର ସମନ୍ୱୟ ଦରକାର । ସହାନୁଭୂତିକୁ କିନ୍ତୁ ଦୟା, କରୁଣା କି ଅନୁକମ୍ପା ଅର୍ଥରେ ବୁଝିଲେ ଭୁଲ୍‌ହେବ । ସହାନୁଭୂତି କଳ୍ପନାର ଆଶୀର୍ବାଦ । ସାହିତ୍ୟିକ କଳ୍ପନାବଳରେ ନିଜକୁ ଅନ୍ୟ ସ୍ଥାନରେ ବସାଇ ପାରନ୍ତି, ତାହା ସହିତ ସମାନୁଭୂତି ଅର୍ଜନ୍ତି । ନିଜ ଅହଂ ଭିତରୁ ବାହାରି ଆସି ଅନ୍ୟର ଅସ୍ତିତ୍ୱ ଭିତରେ ପ୍ରବେଶ କରିବାର ଏହି କଳ୍ପନାଶକ୍ତି ହେଉଛି କବି କୀଟସ୍‌ଙ୍କ ଭାଷାର negative capability—ନାଟ୍ୟକାର ସେକ୍‌ସପିଅରଙ୍କର ଏହି କଳ୍ପନାଶକ୍ତି ଥିଲା, ଏହାକୁ କୁହାଯାଇପାରିବ ନୈର୍ବ୍ୟକ୍ତିକତା ; ଅନ୍ୟ ସତ୍ତାର ଅଭିଗମନ ବା ନିଜ ସତ୍ତାରେ ଅନ୍ୟସତ୍ତାର ଆତ୍ମୀକରଣ । ଫକୀରମୋହନଙ୍କର ଏହି ସାମର୍ଥ୍ୟ ପ୍ରଣିଧେୟ । ଏହି କ୍ଷମତା ବଳରେ ସାହିତ୍ୟିକ ନିଜର ବ୍ୟକ୍ତିଗତ ବିଶ୍ୱାସ ଅବିଶ୍ୱାସ, ସତ୍ୟାସତ୍ୟ-ବୋଧ ଓ ଭଲମନ୍ଦ ବିଗ୍ରହ ଠାରୁ ଦୂରରେ ରହି ଅନ୍ୟ ଚରିତ୍ର ସହିତ ଏକାତ୍ମତା ସ୍ଥାପନ କରିଥାନ୍ତି । ତାଙ୍କର ଉତ୍ସାହ ସୃଷ୍ଟିଲୀଳାର ବୈଚିତ୍ର୍ୟ ସମ୍ପାଦନରେ ସୀମିତ । କିଏ ସାଧୁ ଅଉ କିଏ ଶୟତାନ ସେସବୁ କଥା ବିଚାର୍ଯ୍ୟ ନୁହେଁ । ତେଣୁ ଉଚ୍ଚକୋଟୀର ସାହିତ୍ୟ ସୃଷ୍ଟିର ନୀତିଜ୍ଞାନ ଓ ବିଗ୍ରହବୁଦ୍ଧି ନିର୍ବାକ ରହିବାକୁ ବାଧ୍ୟ । ସାହିତ୍ୟିକ ଯେଉଁ ଅନ୍ତର୍ଦୃଷ୍ଟି ଦେଇ ସାଧୁ ଓ ପବିତ୍ର ଚରିତ୍ର ସୃଷ୍ଟି କରନ୍ତି, ସେହି ଅନ୍ତର୍ଦୃଷ୍ଟିରେ ଦୁରାତ୍ମା ବି ଜୀବନ୍ତ ହୋଇଉଠେ । ସାରିଆ ତେଣୁ ସେତିକି ସଜୀବ,

Source: Author, Digitized by PPRACHIN, SOA

ଚମ୍ପା ବି ସେତିକି ଉଜ୍ଜ୍ୱଳନ୍ତ, ଯଦିଓ ଜଣେ ସରଳ ସାଧ୍ୱୀ, ଅନ୍ୟ ଜଣକ ଦୁରନ୍ତ ଅଶୁଭ ଶକ୍ତିର ମାନବିକ ରୂପ । ସାରିଆ ଚରିତ୍ର ସୃଷ୍ଟିରେ ଫକୀରମୋହନ ଯେତିକି ଆନନ୍ଦ ପାଇଛନ୍ତି, ଚମ୍ପାର ଚରିତ୍ର ନିର୍ମାଣରେ ସେତିକି ଆନନ୍ଦ ବି ଲାଭ କରିଛନ୍ତି । ଯେପରି The Tiger କବିତାରେ କବି ବ୍ଲେକ ପ୍ରଶ୍ନଟିଏ ଉଠାଇଥିଲେ, ଅନ୍ଧାର ରାତିରେ ବନଗୁଳ୍ମ ବ୍ୟାଘ୍ରର ଭୟଙ୍କର ସୁଷମ ଶରୀର ଯିଏ ନିର୍ମାଣ କରିଛନ୍ତି, ସେହି ଶିଳ୍ପୀ କ'ଣ ଅସହାୟ ମେଷ ଶାବକର ନିର୍ମାତା ? ଆମର ବି ସେହି ପ୍ରଶ୍ନ । ଯେଉଁ ଶିଳ୍ପୀ ଧୂର୍ତ୍ତା ନଷ୍ଟ ପ୍ରକୃତ ଶୃଗାଳୀଟିକୁ ସୃଷ୍ଟି କରିଛନ୍ତି, ସେହି ଏକା କାରିଗର କ'ଣ ନିତାନ୍ତ ନିରୀହ ମେଣ୍ଢାଟିର ସ୍ରଷ୍ଟା ? ଚମ୍ପା ଚରିତ୍ର ଚିତ୍ରଣରେ କ'ଣ ଫକୀରମୋହନ ପରମ ପରିତୃପ୍ତି ପାଇ ନାହାନ୍ତି ? ପାଇଛନ୍ତି ଅବଶ୍ୟ । ପ୍ରକୃତରେ ସହାନୁଭୂତି ବିନା କୌଣସି ସାର୍ଥକ ସୃଷ୍ଟି ସମ୍ଭବ ନୁହେଁ । ଫକୀରମୋହନ ନିଜ ବ୍ୟକ୍ତିସତ୍ତାର ସଂକୀର୍ଣ୍ଣ ପରିସର ଅତିକ୍ରମ କରି ଅନେକଙ୍କ ପରକାୟ ସତ୍ତାରେ ପ୍ରବେଶ କରିଛନ୍ତି । ଦୁର୍ବୃତ୍ତର ଧୂର୍ତ୍ତତା ଦୁର୍ବୃତ୍ତ ପରି ବ୍ୟବହାର କରି ପାରିଛନ୍ତି, ପାପିଷ୍ଠର ଦୁଃଖ ପାପିଷ୍ଠ ପରି ବୁଝି ପାରିଛନ୍ତି । ନିଜକୁ ନିଜେ ଅତିକ୍ରମ କରି ଯିବାର ଏହି ସାମର୍ଥ୍ୟ କଳ୍ପନା ଶକ୍ତି ଓ ସହାନୁଭୂତିର ଦାନ ଓ ଜୀବନ୍ତ ଚରିତ୍ର ଚିତ୍ରଣର ରହସ୍ୟ । କିନ୍ତୁ ଫକୀରମୋହନଙ୍କ ଏହି ସହାନୁଭୂତି ମଧ୍ୟ ନିରପେକ୍ଷ ନୁହେଁ । ଅବଶ୍ୟ ମୂଳ ପ୍ରଶ୍ନଟି ହେଉଛି negative capability କ'ଣ ପୂରା ମଧ୍ୟ ନିରପେକ୍ଷ ? ଇଆଗୋ ଚରିତ୍ରଟି ପରି ଆମ ଚମ୍ପାର ଚରିତ୍ର ବିଶ୍ୱସ୍ତକର ଭାବରେ ଜୀବନ୍ତ ନିଶ୍ଚୟ, ସୃଜନ ପ୍ରତିଭାର ଏକ ଏକ ଆଶ୍ଚର୍ଯ୍ୟ ଉଦାହରଣ । କିନ୍ତୁ ସେକ୍ସପିଅର ହୁଅନ୍ତୁ କି ଫକୀରମୋହନ ହୁଅନ୍ତୁ ଏମାନେ କ'ଣ ଡେସ୍ଡିମୋନା ଓ ସାରିଆକୁ ଯେଉଁ ଦୃଷ୍ଟିରେ ଦେଖିଛନ୍ତି ଯଥାକ୍ରମେ ଇଆଗୋ ଓ ଚମ୍ପାକୁ ସେହି ଦୃଷ୍ଟିରେ ଦେଖିଛନ୍ତି ? ଦୃଷ୍ଟି ଭିନ୍ନ ନିଶ୍ଚୟ । ଅଧିକନ୍ତୁ ସେକ୍ସପିଅରଙ୍କ ତୁଳନାରେ ଫକୀରମୋହନଙ୍କ ସଂଯମଶକ୍ତି ଅପେକ୍ଷାକୃତ ଦୁର୍ବଳ ମଧ୍ୟ । ସେ ପାଠକ ସହିତ ସର୍ବଦା ଆଳାପରତ ହେବାକୁ ଯାଇ ନୈର୍ବ୍ୟକ୍ତିକ ଦୂରତ୍ୱର ପ୍ରାନ୍ତରୁ ଘଟଣାବଳୀ ଭିତରକୁ ପଶି ଆସନ୍ତି, ଏହାକୁ ଶିଳ୍ପୀଚିତ୍ତର ଅସଂଯମ କହିଲେ ହୁଏତ ଭଲ ଲାଗିବ ନାହିଁ, ତେବେ ଏହା ଶିଳ୍ପୀଚିତ୍ତର କଥିତ ବ୍ୟାକୁଳତା ନିଶ୍ଚୟ—ଅଧିକନ୍ତୁ ତାଙ୍କ କଲମ ଏଣେତେଣେ ଗଲିଯାଏ ଯଦିଓ ମୂଳ କଥାଟାକୁ ସେ ହଲଚଲ ହେବାକୁ ଦେବେନାହିଁ ବୋଲି ସଚେତନ ଥାଆନ୍ତି ସର୍ବଦା । ଟାଣୁଆ ନାଉରୀ ମଙ୍ଗ ଛାଡ଼େ ନାହିଁ, କିନ୍ତୁ ପାଣି ସୁଅଟା ଯେ ନାଆକୁ ଲକ୍ଷ୍ୟ ସ୍ଥାନରୁ ଦୂରକୁ ଟାଣିନିଏ—ଏକଥା ତ ମିଥ୍ୟା ନୁହେଁ । ତେଣୁ କହିବାକୁ ହୁଏ ଯେ ସେକସ୍‌ପିଅରଙ୍କ ପରି ଉଚ୍ଚାଙ୍ଗ ନାଟ୍ୟଦୃଷ୍ଟି ତାଙ୍କର ନ ଥିଲା, ନିରପେକ୍ଷ ଦୂରତ୍ୱରୁ ସେ ସାରା ଜୀବନଟାକୁ ପ୍ରତ୍ୟକ୍ଷ କରିବାକୁ ଚାହିଁଛନ୍ତି ଅବଶ୍ୟ, ଉଚ୍ଛ୍ୱସିତ ଆସକ୍ତିରେ ଲିପ୍ତ ନ ହେବାକୁ ଉଦ୍ୟମ କରିଛନ୍ତି ନିଶ୍ଚୟ, କିନ୍ତୁ ଅନେକତ୍ର ସେ ଏହି ଦୃଷ୍ଟିକୋଣରୁ ବିଚ୍ୟୁତ ହୋଇଛନ୍ତି । ତାଙ୍କର ଦୁର୍ବଳତା

Source: Author, Digitized by PPRACHIN, SOA

ଅଛି । ସେ ଚମ୍ପାର ସୁଖଦୁଃଖ ଓ ରାଗଦ୍ୱେଷ ସହିତ ସହାନୁଭୂତିଶୀଳ ନିଶ୍ଚୟ, ତାହା ଚରିତ୍ରରେ ବିବେକଦଂଶନ ନାହିଁ, ଏପରି କି ଆତ୍ମଗ୍ଲାନିର ପ୍ରକାଶ ପର୍ଯ୍ୟନ୍ତ ନାହିଁ । ଫକୀରମୋହନ ତାହାର ମନୋଲୋକରେ ପ୍ରବେଶ କରି ତାହାର ପ୍ରକୃତି ଉଦ୍‌ଘାଟନ କରିଛନ୍ତି ଚମତ୍କାର ଭାବରେ, କିନ୍ତୁ ଏହି ଚରିତ୍ରଟି ପ୍ରତି ତାଙ୍କର ନୈତିକ ଘୃଣା ଅଛପା ରହିନାହିଁ । ସିଧା ବର୍ଣ୍ଣନା, ବକ୍ରୋକ୍ତି ବା ଚରିତ୍ରକଳ୍ପ ମାଧ୍ୟମରେ ସେ ପାଠକମନରେ ନିଜମନର ଘୃଣା ପହଞ୍ଚାଇ ଦିଅନ୍ତି । "ଏଣେ ଗୋବିନ୍ଦାର ଖବର, ଚମ୍ପା କଟକ ସହରରେ ପଶିଲେ ତାକୁ ଆଉ ଅସୁବିଧା ରହିବା ସମ୍ଭବ ହେବ ନାହିଁ, ଅଇଁଠାଖାଇ କୁକୁରୀ ଆଉ ଖଣ୍ଡିଏ ଅଇଁଠା ପତ୍ର ସମ୍ମୁଖରେ ଦେଖିଲେ ପୂର୍ବପତ୍ର ଗୋଡ଼ରେ ଦଳି ଦେଇଯାଏ ।" ଏହି ଚରିତ୍ରକଳ୍ପଟିରୁ ତାଙ୍କ ନିୟନ୍ତ୍ରିତ ସହାନୁଭୂତିର ରୂପ ଧରାପଡ଼ିଯାଏ । ଆମୂଳାନ୍ତ ସେ ଚମ୍ପା ପ୍ରତି ଘୃଣା ଓ ବିଦ୍ୱେଷ ସୃଷ୍ଟି କରି ଚାଲିଛନ୍ତି । ତେଣୁ ବୁଝିବାକୁ ହୁଏ ଯେ, ତାଙ୍କ କଳ୍ପନାଶକ୍ତି ଓ ବୁଦ୍ଧି ନୀତି ନିରପେକ୍ଷ ନୁହେଁ । ସେ ହୁଏତ ଭାବିଛନ୍ତି ଅନିୟନ୍ତ୍ରିତ ସହାନୁଭୂତି ରୁଚିର ବିକାର ଘଟାଇପାରେ । ଅଧିକନ୍ତୁ ପୁରୁଷ ଓ ନାରୀ ଶୟତାନ ସୃଷ୍ଟିରେ ତାଙ୍କର ପକ୍ଷପାତିତ୍ୱ ଅଛି । ମଣିଷ ସ୍ୱଭାବତଃ ହିଁ ଭଲ—ତେଣୁ ସେ ପାପୀକୁ ଘୃଣା ନ କରିବାକୁ ପାଠକକୁ ପ୍ରବର୍ତ୍ତାଇଛନ୍ତି ; ପାପକୁ ଘୃଣା କରାଯାଇପାରେ । ପାରିପାର୍ଶ୍ୱିକତାର ଚାପରେ ମଣିଷ କଳୁଷିତ ହୁଏ, ପାପୀ ହୁଏ । ଯେଉଁମାନେ 'ଗୋଦାନ' ପଢ଼ିଥିବେ ସେମାନେ ଜାଣିଥିବେ ଦୁର୍ବୃତ୍ତ ବ୍ରାହ୍ମଣର ଜାତି ଗଲେ ସେ ମନୁଷ୍ୟତ୍ୱ ଅର୍ଜେ, ଛ'ମାଣ ଆଠଗୁଣ୍ଠରେ କି 'ମାମୁଁ'ରେ ଦୁର୍ବୃତ୍ତ ମଣିଷ ଶାସ୍ତି ପାଇଲେ ଯାଇଁ ମନୁଷ୍ୟତ୍ୱ ପ୍ରତି ସଚେତନ ହୁଏ । କିନ୍ତୁ ଦୁର୍ବୃତ୍ତ ନାରୀ ? ଚମ୍ପା ଓ ଚନ୍ଦ୍ରକଳା ମନୁଷ୍ୟତ୍ୱରୁ ବଞ୍ଚିତ କାହିଁକି ? ବିଶେଷତଃ ଚମ୍ପାର ନା ଅଛି ବିବେକଦଂଶନ, ନା ଅଛି ଆତ୍ମଗ୍ଲାନି । ଅବଶ୍ୟ ଚଉକିଦାର ଗୋବରା ଜେନା, ସେଖ୍ ଇନାଏତ ହୋସେନ୍ ଓ ସେଖ୍ ଦୋରାବଅଲ୍ଲି ଆଦି ପୋଲିସ ଦାରୋଗାଙ୍କର ବିବେକଦଂଶନ କି ଆତ୍ମଗ୍ଲାନି ନାହିଁ, ନାହିଁ ବି ଓକିଲ ରାମ ରାମ ଲାଲଙ୍କର । କିନ୍ତୁ ଏମାନେ ବ୍ରିଟିଶ ଶାସନ ଓ ବ୍ରିଟିଶ ନ୍ୟାୟ ବିଚାର ବ୍ୟବସ୍ଥା ପ୍ରତି ତୀବ୍ର ଉପହାସ ଭାବରେ ଚିତ୍ରିତ ହୋଇଛନ୍ତି । କେବଳ ମଣିଷ ଭାବରେ ଅଙ୍କିତ ନୁହନ୍ତି । କିନ୍ତୁ ଚମ୍ପା ? ବଙ୍କିମଚନ୍ଦ୍ରଙ୍କ 'ବିଷବୃକ୍ଷ'ର ଦାସୀ ତାଲିକାରେ ଚମ୍ପା ନାମଟିଏ ଥିଲା ମାତ୍ର ; କିନ୍ତୁ କେତେକ ଏହାକୁ ସେହି ଉପନ୍ୟାସର 'ହୀରା' ସହିତ ତୁଳନା କରିଥାନ୍ତି । ଦୁହେଁ ଅଶିକ୍ଷିତା ଓ ଅମାର୍ଜିତା ଦାସୀ ଶ୍ରେଣୀଭୁକ୍ତ । ସାମଞ୍ଜସ୍ୟ ଏଇ ପର୍ଯ୍ୟନ୍ତ ଯାଇପାରେ ଯଥାସମ୍ଭବ । ହୀରା ସୁନ୍ଦରୀ, ସ୍ୱାଭିମାନିନୀ ଓ ପ୍ରେମଶୀଳା । ସେ ଆତ୍ମାବମାନନା ସହିପାରେ ନାହିଁ । କୁନ୍ଦକୁ ଈର୍ଷା କରିଛି ସେ, ହତ୍ୟା ବି କରିଛି । ତାର ଈର୍ଷା ଓ ନୃଶଂସତା କିନ୍ତୁ ପ୍ରେମସଂଜାତ ବା ବଙ୍କିମଙ୍କ ଭାଷାରେ କହିଲେ 'ବେଗବତୀ ଚିତ୍ତବୃତ୍ତି'ର ଅଭିବ୍ୟଞ୍ଜନ । ସେ ଚମ୍ପା ପାଙ୍ଗତରେ ପଡ଼ିବ ନାହିଁ କେବେ ।

Source: Author, Digitized by PPRACHIN, SOA

ତାହାର ଅନୁତାପ ଓ ଅନୁଶୋଚନା ଅଛି । ପ୍ରାୟଶ୍ଚିତ୍ତ ବି ଅଛି । ଚମ୍ପା କିନ୍ତୁ ସଦା ନୃଶଂସତାର ପ୍ରତୀକ, ଲୋଭ ଓ ହୃଦୟହୀନତାର କଠିନତାରେ ଗଢ଼ା । ସାମାନ୍ୟତମ ମାନବିକ ମୂଲ୍ୟବୋଧର ସ୍ପର୍ଶରୁ ତାକୁ ବଞ୍ଚିତ କରିଛନ୍ତି ଫକୀରମୋହନ ନିର୍ମମ ଭାବରେ । କାହିଁକି ? ଚମ୍ପା କ'ଣ ମଣିଷ ନୁହେଁ ? ସେ କ'ଣ କେବଳ ସାନ୍ତାଣୀଙ୍କର ପ୍ରତିସ୍ଥାପନା—Juxtaposition ଅନ୍ତଃସ୍ରୋତା ପୂତସଲିଳା କୂଳପାବନୀ ଫଲ୍‌ଗୁର ବୈପରୀତ୍ୟ ବୁଝାଇବାକୁ ସେ ଅଛି—ଚଞ୍ଚଳ ତରଙ୍ଗମୟୀ ସର୍ପକୁଣ୍ଡଳୀର ସଙ୍କୁଳା କୂଳପ୍ଳାବନୀ ଚର୍ମଣ୍ୱତୀ ଭାବରେ ? ଫକୀରମୋହନଙ୍କ ଆଗରେ କଣ ଏମିତି ସ୍ତ୍ରୀ ଲୋକଟିଏ ଥିଲା କି ? ଏହା ତାଙ୍କ ନାରୀବିଦ୍ୱେଷର ବହିରୁଦ୍‌ଗାର କି ? ଚମ୍ପା ଚରିତ୍ର ବିସ୍ମୟକର ଭାବରେ ଜୀବନ୍ତ ଯେମିତି, ସେମିତି ବି ବିସ୍ମୟକର ଭାବରେ ଅଭିନବ—ପଟାନ୍ତରହୀନ । ମନୁଷ୍ୟତ୍ୱହୀନ ଏମିତି ମଣିଷ ଫକୀରମୋହନଙ୍କ ପୂର୍ବରୁ କି ପରେ ଆଉ କିଏ କାହିଁ କେଉଁ ଭାଷାରେ ଅଙ୍କିନାହାନ୍ତି ବୋଧହୁଏ । ଅର୍ଥହୀନ ଜୀବନଟିକୁ ତା'ର ଅର୍ଥହୀନ ମୃତ୍ୟୁରେ ହିଁ ଚରିତାର୍ଥ କରିଛନ୍ତି ଫକୀରମୋହନ । ଅନ୍ୟ ଗତି କାହିଁ ? ଚମ୍ପା ମଣିଷ ଜୀବନ ପ୍ରତି ନିର୍ମମ ଉପହାସ ବୋଧହୁଏ ! ପାଶବିକତା ଭିନ୍ନ ମଣିଷର ଅନ୍ୟ ସତ୍ତା ନାହିଁ ? ନୀତିବୋଧ ଓ ମନୁଷ୍ୟତ୍ୱ ପ୍ରାକୃତିକ ନିୟମର ପରିପନ୍ଥୀ ? ଯେଉଁ ଭୂମିରେ ଋଷିଏ ଉଦାତ୍ତ କଣ୍ଠରେ ମଣିଷକୁ ଅମୃତର ପୁତ୍ର ଭାବରେ ଆହ୍ୱାନ କରିଛନ୍ତି ସେହି ଭୂମିରେ ଏହି ନୂଆ ବିଶ୍ୱର ଫକୀରମୋହନ ପାଇଲେ କେଉଁଠୁ ? ଆଉ ତାକୁ ପ୍ରୟୋଗ କଲେ କେବଳ ଚମ୍ପା ପାଇଁ କାହିଁକି ? ଅଉ ସବୁଠାରେ ପ୍ରାୟ ସେ ମଣିଷର ଅନ୍ୟ ଏକ ସତ୍ତା ପ୍ରତି ସଚେତନ ; ଯେଉଁ ସତ୍ତାର ପ୍ରକାଶ ବିବେକ ଚେତନାରେ, ଚିତ୍ତ ଦହନରେ, ଆତ୍ମଦାନ ପ୍ରେରଣାରେ, ଔଚିତ୍ୟଜ୍ଞାନରେ ଓ ସୃଜନଶୀଳତାରେ, ଆତ୍ମସମୀକ୍ଷାରେ ତଥା ପୂର୍ଣ୍ଣତାର ଆକାଂକ୍ଷାରେ । ମଣିଷ ଚରିତ୍ରର ବୈଶିଷ୍ଟ୍ୟ ଏହି ଦ୍ୱୈତ ଦ୍ୱନ୍ଦ୍ୱରେ । ସେ ହୁଏତ ସୁସଭ୍ୟ ହୋଇ ଜନ୍ମ ହୁଏ ନାହିଁ, କିନ୍ତୁ ସେ ସ୍ୱଭାବତଃ ଭଲ । ତାହାର ନୈତିକ ବିଚ୍ୟୁତି ଘଟେ ଅର୍ଥ-ସାମାଜିକ ପରିବେଶରେ । ଅଧିକନ୍ତୁ ମଣିଷ ଚରିତ୍ରର ନିୟାମକ କେବଳ ପରିବେଶ ନୁହେଁ, ତାହାର ଊର୍ଦ୍ଧ୍ୱରେ ଅଦୃଷ୍ଟ ଅଛି, କର୍ମଫଳ ଅଛି, ଅଛନ୍ତି ବି ଭାଗ୍ୟ ଓ ଭଗବାନ । ତେଣୁ କେହି କେହି ଯେପରି ତ୍ୟାଗ ପ୍ରତି ସହଜ ପ୍ରବଣତା ଘେନି ଜନ୍ମିଥାନ୍ତି, ସେମିତି କେହି କେହି ବି ଭୂମିଷ୍ଠ ହୋଇଥାନ୍ତି ଖରାପ ଦିଗ ପ୍ରତି ସ୍ୱାଭାବିକ ସଂସ୍କାର ଘେନି—ସ୍ୱାର୍ଥ ଯାହାଙ୍କର ସହଜାତ । ଯଥାକ୍ରମେ ସାନ୍ତାଣୀ ଓ ରାମଚନ୍ଦ୍ର ମଙ୍ଗରାଜ ଏହି ଦୁଇ ପ୍ରବଣତାର ଦୀପ୍ୟମାନ ଦୃଷ୍ଟାନ୍ତ । ଫକୀରମୋହନ ମଙ୍ଗରାଜଙ୍କର ଚରିତ୍ର ଚିତ୍ରଣରେ ଦେଖାଇଛନ୍ତି, ଦୁଇଟି ବିରୋଧୀ ତତ୍ତ୍ୱର ସଂଘାତ ହିଁ ମଣିଷ ପ୍ରକୃତିର ମୂଳ ସତ୍ୟ । ବିବେକବୋଧ ତାହାର ଅଙ୍ଗୀଭୂତ, ଯଦିଓ କାମନାର ସହଜ ସ୍ଫୂର୍ତ୍ତି ମୂଳଗତ ପ୍ରବଣତା । ତେବେ ଏତେ ସହଜ ସିଦ୍ଧାନ୍ତରେ ଉପନୀତ ହେବା

Source: Author, Digitized by PPRACHIN, SOA

ଠିକ୍ କଥା ନୁହେଁ, ଫକୀରମୋହନଙ୍କ ମଣିଷର ସ୍ୱରୂପ ଜିଜ୍ଞାସା ଅନ୍ତତ କଠିନ ଅନୁଶୀଳନ ଓ ବସ୍ତୁର ବିବେଚନାର ଅପେକ୍ଷା ରଖେ ।

'ଛ'ମାଣ ଆଠଗୁଣ୍ଠ' ଯେତେଦୂର ସମ୍ଭବ କେବଳ ଓଡ଼ିଆ ପାଠକର ମନୋରଞ୍ଜନ ଉଦ୍ଦେଶ୍ୟରେ ଲେଖାଯାଇ ନାହିଁ, ଏଥିରେ ତତ୍ତ୍ୱର ଅବତାରଣା ଅଛି । ଔପନ୍ୟାସିକ ଯେଉଁ ନୂଆ ଓଡ଼ିଶାର ସ୍ୱପ୍ନ ଦେଖୁଥିଲେ ସେହି ରାଜ୍ୟ ପ୍ରତିଷ୍ଠା ବିନ୍ଦୁକୁ କେନ୍ଦ୍ର କରି ଆଖ୍ୟାୟିକା ଗଢ଼ି ଉଠିଛି । ଗଢ଼ି ଉଠିଛି କହିଲେ ଠିକ୍ ହେବ ନାହିଁ, ବରଂ ଗଢ଼ାଯାଇଛି । ଚରିତ୍ର ଓ ଘଟନା ସୃଷ୍ଟି ପଛରେ ସ୍ରଷ୍ଟାଙ୍କର ଉଦ୍ଦେଶ୍ୟ ସ୍ପଷ୍ଟ; ଯଦିଓ ଉଦ୍ଦେଶ୍ୟଟି ଉପାଖ୍ୟାନକୁ ଶିଳ୍ପ ସୌଷ୍ଠବରୁ ବଞ୍ଚିତ କରି ନାହିଁ, ଫକୀରମୋହନଙ୍କ ଶିଳ୍ପୀସତ୍ତାକୁ ଖର୍ବ କରି ପାରିନାହିଁ । ଔପନ୍ୟାସିକ ଏଥିରେ ଆମ ସମାଜ ଓ ସଂସ୍କୃତିର ବ୍ୟର୍ଥତା ଓ ସମସ୍ୟା ବିଶ୍ଳେଷଣ କରିଛନ୍ତି, ପୁନର୍ଗଠନର ସୁନ୍ଦର ଯୋଜନା ଉପସ୍ଥାପନ କରିଛନ୍ତି, ଅବଶ୍ୟ ପ୍ରବନ୍ଧ ଆକାରରେ ନୁହେଁ, ଉପନ୍ୟାସ ଆକାରରେ, ସରସ ଶୈଳୀରେ ଓ ବ୍ୟଞ୍ଜନା ଭିତରେ । ଉପନ୍ୟାସ ଶିଳ୍ପ ସାର୍ଥକତା ଲାଭ କରିଛି । ଆଜି ଓଡ଼ିଆଏ ଦିଗ୍‌ଦର୍ଶନ ଖୋଜିଲେ ପାଉଛନ୍ତି । ଏବେ ଜେ-ଭି. ବୋଲ୍‌ଟନ ଏ ଦିଗରେ ଆଲୋକପାତ କରିଛନ୍ତି । ଅବଶ୍ୟ ଡଃ ବୋଲ୍‌ଟନଙ୍କୁ ଓଡ଼ିଆଏ ଅଯଥା ଉଚ୍ଛ୍ୱସିତ ଅନେକ ଗୁରୁତ୍ୱ ଦେଇଛନ୍ତି, ରାଜନୈତିକ ସ୍ୱାଧୀନତା ପାଇବାପରେ ବି ଓଡ଼ିଆଙ୍କର ନିଜ ବିଦ୍ୟାବୁଦ୍ଧିରେ ପ୍ରତ୍ୟୟ ଆସିନାହିଁ, ତେଣୁ ସ୍ୱାଭାବିକ ଭାବରେ ଶ୍ୱେତାଙ୍ଗଙ୍କ ସମ୍ବନ୍ଧରେ ଦାସସୁଲଭ ମନୋବୃତ୍ତି ଅକ୍ଷୁଣ୍ଣ ଅଛି । ପ୍ରକୃତରେ ସେ ବିଶେଷ କିଛି ଗଭୀର ଅନ୍ତର୍ଦୃଷ୍ଟିର ପରିଚୟ ଦେଇନାହାନ୍ତି, ଆମୂଳାନ୍ତ ଫକୀରମୋହନଙ୍କ ସମ୍ବନ୍ଧରେ ଡଃ ନଟବର ସାମନ୍ତରାୟଙ୍କ ପଦାଙ୍କ ଅନୁସରଣ କରିଛନ୍ତି । ତେବେ ଶ୍ୱେତାଙ୍ଗ ଜାତିର ଉଲ୍ଲାସିକତା ଛାଡ଼ି ଓଡ଼ିଆ ସାହିତ୍ୟିକଙ୍କ ପ୍ରତି ସେ ଯେଉଁ ଗଭୀର ଉତ୍ସାହ ଓ ଆଗ୍ରହ ପ୍ରକାଶ କରିଛନ୍ତି ତାହା ଅଭିନନ୍ଦନୀୟ । ଠାଏ ଠାଏ ନୂଆ ଅନ୍ତର୍ଦୃଷ୍ଟିର ପରିଚୟ ବି ଅଛି । ତାଙ୍କ ଗବେଷଣାମୂଳକ ନିବନ୍ଧ "Phakirmohan Senapati : His Life and Prose Fiction-ର 'The Theme of Justice' ଅଧ୍ୟାୟଟି ପଠନୀୟ । ସେ କହନ୍ତି, "Thus is his prose fiction on this fundamental theme of Justice, we see Phakirmohan grouping back towards an ultimate unity in the agencies of law, religion and finance, such as he believed existed in feudal society, on the basis of a just and happy life for the people of Orissa (ପୃଷ୍ଠା, ୩୯୬) ବୋଲ୍‌ଟନ କେବଳ ନ୍ୟାୟ ବିଚାର, ଧର୍ମବୋଧ ଓ ଅର୍ଥନୀତିର କଥା କହିଛନ୍ତି, ଯାହାର ନିଗୂଢ଼ାର୍ଥକ ଭାବ ଉପନ୍ୟାସର ପ୍ରାୟ ସବୁଠି ବିଦ୍ରୂପାତ୍ମକ ପ୍ରତିଘାତର ରୂପ ପରିଗ୍ରହ କରିଛି । ସେ କିନ୍ତୁ ପାରିବାରିକ

Source: Author, Digitized by PPRACHIN, SOA

ଜୀବନ, ଦାମ୍ପତ୍ୟ ଜୀବନ, ସ୍ୱାସ୍ଥ୍ୟ ଓ ପ୍ରାକୃତିକ ପରିବେଶ ସମ୍ପର୍କରେ ଅବହିତ ହୋଇ ପାରିନାହାନ୍ତି । ଏଗୁଡ଼ିକର ସଦର୍ଥକ ରୂପ ବି ନେଇଛି । ଆସନ୍ତୁ ଅତୀତରେ ଓଡ଼ିଶାର ସାଂସ୍କୃତିକ ଜୀବନର ଭବିଷ୍ୟତ ସମ୍ବନ୍ଧରେ ଫକୀରମୋହନଙ୍କ ସ୍ୱପ୍ନ ଓ ସଙ୍କଳ୍ପର ସ୍ୱରୂପ କଳନା କରିବା ।

'ଛ'ମାଣ ଆଠଗୁଣ୍ଠ'ର ପ୍ରଥମ ପରିଚ୍ଛେଦଟି ପଢ଼ାଯାଉ । ମୂଳରୁ ଫକୀରମୋହନଙ୍କର ସ୍ଥିର ଲକ୍ଷ୍ୟ ଅଭିମୁଖରେ ଯାତ୍ରାରମ୍ଭ । ତାଙ୍କର ସ୍ୱୀକାରୋକ୍ତି ଏହି ଅର୍ଥରେ ସ୍ମରଣୀୟ : "ଆମ୍ଭେମାନେ କ'ଣ ଲେଖିବାକୁ ଯାଇ କ'ଣ ଲେଖି ପକାଉଛୁ । ଯେପରି ବେଗରେ ଆହୁଲା ଭିଡ଼, ପାଣି ସୁଅଟା ନାଆକୁ ଲକ୍ଷ୍ୟସ୍ଥାନରୁ ଦୂରକୁ ଟାଣି ନିଏ, ମାତ୍ର ଟାଣୁଆ ନାଉରିଆ ମଙ୍ଗ ଛାଡ଼େ ନାହିଁ ।" ପ୍ରକୃତରେ ଶେଷ ପର୍ଯ୍ୟନ୍ତ ମୂଳ କଥାଟି ହଳଚଳ ହୋଇନାହିଁ, ଦାଣ୍ଡେ ଦାଣ୍ଡେ ଚାଲିଛି । ରାମଚନ୍ଦ୍ର ମଙ୍ଗରାଜଙ୍କ ଏକାଦଶୀବ୍ରତ ପାଳନ, ମହାଜନୀ କାରବାର, ଅନ୍ୟର ଭୂସମ୍ପତ୍ତି ଅପହରଣ, ହାକିମଙ୍କ ରାୟ, ମୂଷା ଚୂଚୁନ୍ଦ୍ରା ଗୁଞ୍ଚିପୋକ ଅଧ୍ୟୁଷିତ ଶୟନକକ୍ଷ, ବ୍ରାହ୍ମଣଙ୍କ ଦକ୍ଷିଣାଯୁକ୍ତ ଭୋଜନ ବ୍ୟବସ୍ଥା, ଫୌଜଦାରୀ ମକଦ୍ଦମାରେ ମିଥ୍ୟା ସାକ୍ଷ୍ୟ ନ ଦେବାର ପ୍ରତିଫଳ ବିଧାନ ଆଦି ଏମିତି ଭାଷାରେ ବର୍ଣ୍ଣିତ ହୋଇଛି ଯେ, ସେଥିରୁ ଓଡ଼ିଆଙ୍କ ଧର୍ମବୋଧ, ଅର୍ଥନୀତି ପ୍ରଚଳିତ ନ୍ୟାୟବିଚାର ପଦ୍ଧତି ଓ ସାଂସ୍କୃତିକ ଜୀବନର ବିକଳାଙ୍ଗ ରୂପଟି ଅପ୍ରତ୍ୟକ୍ଷ ରହୁନାହିଁ । ଆଉ ଟିକେ ଆଗକୁ ଆସନ୍ତୁ । ମଙ୍ଗରାଜଙ୍କ ପାରିବାରିକ ଜୀବନ ଓ ଦାମ୍ପତ୍ୟ ଜୀବନର ସୁନ୍ଦର ଚିତ୍ର ଦେଖିବେ ! ପତ୍ନୀ ଉପେକ୍ଷିତା, ଦାସୀ ସାନ୍ତାଣୀ ରୂପେ ବିବେଚିତା ଆଉ ବାପପୁଅଙ୍କର ଅପଡ଼ । ଶ୍ଳୋକ କହୁଛି, ମିତ୍ର ଓ ଅପତ୍ୟମାନଙ୍କ ସହିତ ବଦ୍ ଅର୍ଥାତ୍ ଖରାପ ଆଚରଣ କରାଯିବ ! ପ୍ରକୃତରେ ମଙ୍ଗରାଜଙ୍କ ପାରିବାରିକ ସଂପ୍ରୀତି ସମ୍ପୂର୍ଣ୍ଣ ବିପରୀତ । ଅବଶ୍ୟ ମଙ୍ଗରାଜଙ୍କର ସାନ ଝିଅଟିଏ ଥିଲା । ନାମ ମାଳତୀ । ଲେଖକ ତାହା କଥା କହିବାକୁ ସମ୍ପୂର୍ଣ୍ଣ ଭୁଲିଯାଇଛନ୍ତି କାହିଁକି ? ସେ ଉପେକ୍ଷିତା କେଉଁ କାରଣରୁ ? ସେ ହୁଏତ ଏତେ ଭଲ ଥିଲା ଯେ, କାହାଣୀ ବିନ୍ୟାସରେ ତାହାର ଭୂମିକା ବିପଦଜନକ ହୋଇ ଉଠିଥାନ୍ତା । ଚମ୍ପାର ଭୂମିକା କିନ୍ତୁ ବଡ଼ ସାମଞ୍ଜସ୍ୟପୂର୍ଣ୍ଣ । ମଙ୍ଗରାଜ ଦିନେ ଅଭୁକ୍ତ ହତଭାଗ୍ୟ ଥିଲେ, ଏବେ ଧନାଢ୍ୟ ଓ ପ୍ରତିପତ୍ତିଶାଳୀ—ଏତିକି ପରିବର୍ତ୍ତନ ଘଟିଛି ତାଙ୍କର; କିନ୍ତୁ ରୁଚି କି ସୌନ୍ଦର୍ଯ୍ୟବୋଧର ସେ ଧାର ଧାରନ୍ତି ନାହିଁ । ତାଙ୍କର ରମଣୀ ବିଳାସ ଅବିସମ୍ବାଦିତ, କିନ୍ତୁ ରୁଚି କି ସୌନ୍ଦର୍ଯ୍ୟବିଚାର ଅନୁପସ୍ଥିତ । ସେଇଥିପାଇଁ ସେ ବନ୍ୟ ବାରହା ଭଳି ବିଶାଳକାୟ । ବାହାଡ଼ାଦାନ୍ତୀ କାଳୀ ଓ ଦୈହିକ ଶକ୍ତିଶାଳୀ (ତାହାକୁ ଦୁଇଟା ଗୋବିନ୍ଦା ଭଣ୍ଡାରୀ ବଳରେ ପାରିବେ ନାହିଁ) ଚମ୍ପାକୁ ଶଯ୍ୟାସଙ୍ଗିନୀ ଭାବରେ ଗ୍ରହଣ କରିଛନ୍ତି, ଗୃହିଣୀର ସବୁ କର୍ତ୍ତୃତ୍ୱ ଦେଇଛନ୍ତି । କେବଳ ସାନ୍ତାଣୀ ଓ ଅନୁପସ୍ଥିତ ସାନ ଝିଅଟିକୁ ଛାଡ଼ିଦେଲେ ମଙ୍ଗରାଜଙ୍କ ପରିବାରରେ ଶ୍ରୀ ନାହିଁ କି ସଂପ୍ରୀତି

Source: Author, Digitized by PPRACHIN, SOA

ନାହିଁ । ରାମଚନ୍ଦ୍ର ନାମଟି ବଡ଼ ବ୍ୟଞ୍ଜନାଢ୍ୟ । ପ୍ରତିସାମ୍ୟରୁ ରାମଚନ୍ଦ୍ରଙ୍କ ଏକପତ୍ନୀ ବ୍ରତ, ପ୍ରଜାବତ୍ସଳତା ଅପତ୍ୟ ସ୍ନେହ, ଚରିତ୍ରବତ୍ତା ଓ ଧର୍ମବୋଧ ମନେ ପଡ଼ିଯାଉ ନାହିଁ କି ? ଫକୀରମୋହନ ଚାହାନ୍ତି ରାମରାଜ୍ୟ, କିନ୍ତୁ ଏ ରାମଚନ୍ଦ୍ରଟିର ରାଜ୍ୟରୁ ନିଷ୍କୃତି କାହିଁ ? ରାମଚନ୍ଦ୍ର ନାମଟି ବ୍ୟବହାର କରି ଫକୀରମୋହନ ଦୁଇଟି ନୂଆ କଥା କହିଛନ୍ତି, ବୋଧହୁଏ ଭାରତୀୟ ଉପନ୍ୟାସରେ ଏହାର ପଟାନ୍ତର ନାହିଁ । ପ୍ରଥମତଃ ହରେଟି ଆଣ୍ଠି ହେବେ ହୋଇ ଠିଆ ହୋଇଛନ୍ତି, ନାମ ରାମଚନ୍ଦ୍ର, କାମ ରାବଣର । ଶେଷ ପର୍ଯ୍ୟନ୍ତ ସୀତାହରଣ କରି ମରିବେ । ଦ୍ୱିତୀୟତଃ ସେ ବାସ୍ତବ ଜଗତର କାହାଣୀର ଅନ୍ତରାଳରେ ରାମାୟଣ ମିଥ୍‌ଟିକୁ ସୁକୌଶଳରେ ପ୍ରୟୋଗ କରିଛନ୍ତି, ଯାହାର ଅର୍କିଟାଇପାଲ ପ୍ରଭାବ ଅତିକ୍ରମ କରିବା କେବେ ସହଜସାଧ୍ୟ ହେବ ନାହିଁ । ସେଇଥିପାଇଁ ଛ'ମାଣ ଆଠଗୁଣ୍ଠର ଆବେଦନ ଆମ ପାଇଁ ଏତେ ବ୍ୟାପକ ଓ ସୁଗଭୀର ।

କେବଳ ଓଡ଼ିଶାର ଜୀବନ ଓ ସଂସ୍କୃତି କୁତ୍ସିତ କି କଦାକାର ନୁହେଁ, ପ୍ରକୃତି ବି ସମାନ୍ତରାଳ ଭାବରେ ଅସୁନ୍ଦର ଓ ଅପବିତ୍ର, ଆବିଳ ଓ ସର୍ପକୁମ୍ଭୀର ସଙ୍କୁଳ । କବି ରାଧାନାଥ ଦେଖାଇଥିଲେ 'ଚିଲିକା' । ଫକୀରମୋହନ ଦେଖାଇଛନ୍ତି ଅସୁର ଦୀଘି—ଏହା ଉତ୍କଳ କମଳା ବିଳାସ ଦୀର୍ଘିକା ନୁହେଁ, ଅଲକ୍ଷ୍ମୀଙ୍କ କ୍ରୀଡ଼ାସର । (ଦୀଘି ଶବ୍ଦରେ ଦୀର୍ଘିକା ପ୍ରତି ବ୍ୟଙ୍ଗ ସମୁଦ୍ୟତ ଅଛି କି ?) ପ୍ରକୃତରେ ଅସୁର ଦୀଘି ଗୋଟିଏ ପୋଖରୀ ମାତ୍ର ନୁହେଁ । ଏହା ଏକ ପ୍ରତୀକ—ଓଡ଼ିଶାର ଆର୍ଥ-ସାମାଜିକ ତଥା ସାଂସ୍କୃତିକ ଓ ରାଜନୈତିକ ଜୀବନର ଜୀବନ୍ତ ପ୍ରତୀକ । ତାହା ପଛରେ ଯେମିତି କୁସଂସ୍କାରାଚ୍ଛନ୍ନ କିମ୍ବଦନ୍ତୀ ଅଛି, ସେମିତି ସମ୍ମୁଖରେ ଅଛି ବି କଳୁଷିତ ତଥା ଶୋଷଣକବଳରେ ବିପର୍ଯ୍ୟସ୍ତ ଜୀବନର ଅବିକଳ ପ୍ରତିଫଳନ । ଏଥିରେ ମାଛ ଅଛନ୍ତି ; ପ୍ରମାଣ ତିନୋଟି ଅଣ୍ଡିଆ କୁମ୍ଭୀର । ତିନୋଟି କାହିଁକି ? ଗୋଟିଏ ସ୍ୱୟଂ ରାମଚନ୍ଦ୍ର ମଙ୍ଗରାଜ, ଗ୍ରାସିଛି ଅନେକଙ୍କୁ—ସେଖ୍ ଦଲଦାର ମିଆଁଠାରୁ ଆରମ୍ଭ କରି ଭଗିଆ ସାରିଆଙ୍କ ପର୍ଯ୍ୟନ୍ତ ; ଦ୍ୱିତୀୟଟି ରାମରାମ ଲାଲ ଗ୍ରାସିଛି ଅସହାୟ ମୁହୂର୍ତ୍ତର ରାମଚନ୍ଦ୍ର ମଙ୍ଗରାଜଙ୍କୁ । ଆଉ ତୃତୀୟଟି ? ତୃତୀୟଟି ଗୋମୁହାଁ କୁମ୍ଭୀର ଅପେକ୍ଷା କରି ରହିଥିଲା ଗୋବିନ୍ଦା ଭଣ୍ଡାରୀକୁ । ଅସୁର ଦୀଘିରେ ଖାଲି ପରିବେଶଚାପା ର ଆନନ୍ଦ, ତାହା ନିଷ୍ଠୁରତା, ଶଠତାମି ଓ ଦୁଷ୍ଟାମୀରେ କାଳାସର । କାଣ୍ଡିଆ ବଗ ସବୁବେଳେ ସୁଯୋଗ ଉଣ୍ଡୁଥାନ୍ତି, ପାଣିକାଉ ଆଉ ଶିଳ ଆସନ୍ତି, ପେଟପୂରାଇ ଗିଳିଯାନ୍ତି । ଇଂରେଜଙ୍କ ଚରାଭୂଇଁ ଓଡ଼ିଶା, ଗୋରା ତସ୍କରଙ୍କ ପାଇଁ ଉର୍ବର ଭୂମି ବି । ଅସୁର ଦୀଘିରେ ଅବଶ୍ୟ କଇଁ ଓ ପଦ୍ମ ଫୁଟିଥାନ୍ତି । ସୌନ୍ଦର୍ଯ୍ୟ ବୋଇଲେ ଏତିକି । ଗାଁରେ ବି ସାନ୍ତାଣୀ ଓ ସାରିଆ ଭଗିଆଙ୍କ ପରି ଲୋକ ଥାନ୍ତି ।

Source: Author, Digitized by PPRACHIN, SOA

ଅସୁର ଦୀଘିର ଜଳ ଯଥାସମ୍ଭବ ଅପରିଷ୍କାର ଓ ଅପବିତ୍ର । ଅଥଚ ତାହାହିଁ ପାନୀୟ, ସେବ୍ୟ । ଉପାୟାନ୍ତର ନାହିଁ । ସ୍ୱାସ୍ଥ୍ୟ ବିପନ୍ନ ହେବାକୁ ବାଧ୍ୟ । ଅସୁର ଦୀଘିର ନ୍ୟାୟ ବି ରାଷ୍ଟ୍ରର ନ୍ୟାୟ । ଜଳକୁ ଆବିଳ ଓ ଅପରିଷ୍କୃତ କରିବାର କୃତିତ୍ୱ ସମସ୍ତଙ୍କର, କିନ୍ତୁ ଶେଷ ପର୍ଯ୍ୟନ୍ତ ଲେଖକ ଯୁକ୍ତିକରି ଦର୍ଶାଇ ଅଛନ୍ତି ଯେ, "ମାରକଣ୍ଡିଆର ଅପରାଧ ନିତାନ୍ତ ଉତ୍କଟ ଅଟେ ।" କ'ଣ କରିଛନ୍ତି ଏ ମାର୍କଣ୍ଡିବାବୁ ? ବାବୁ ନାଟକୁଦ ପାଣି ଗୋଳିଆ କରିଛନ୍ତି । ଅଭିଯୋଗ କରିଛନ୍ତି ଯଶୋଦା ଦେଈ, ସିଏ ପାଣି ଭିତରେ ପେଟ ବୁଡ଼ାଇ ଦାନ୍ତ ଘଷୁଥିଲେ । ଲେଖକ ଓକିଲାତି କରିଛନ୍ତି ଯଶୋଦା ସପକ୍ଷରେ, "ଦେଖ ତ ପରେଶ କି କଷ୍ଟ' କୋଡ଼ିଏ ମାଇକିନିଆ ଗାଧୋଇବାକୁ ଆସିଲେ । ପ୍ରାୟ ସମସ୍ତେ ପେଟ ବୁଡ଼ାଇ ପାଣିରେ ବସି ଦାନ୍ତ ଘଷିଲେ । ନବଫେନ ଖଣ୍ଡିବର୍ତ୍ତ ଶୁକ୍ଳବର୍ଣ୍ଣ ଛେପ ଖଙ୍କାର ସେମାନଙ୍କ ମୁଖରୁ ବାହାରି ଚାରିଆଡ଼େ ଭାସୁଅଛି । ଈଷତ୍ ଲୋହିତ ପାଟଳାଭ ଜିଭଚଞ୍ଚା ମଳ ମେଞ୍ଚା ମେଞ୍ଚା ଭାସୁଅଛି । ସେଥି ସହିତ ଆଉ କ'ଣ ଭାସୁଛି କି ନାହିଁ ବୋଲିଯାଇ ନ ପାରେ, କାରଣ ସମସ୍ତ ସ୍ତ୍ରୀଲୋକ ପଣ୍ଡିଆରୁ ଆସି ଜଳଶୌଚ କରି ଅଛନ୍ତି । ...ମାଇକିନିଆ ମାନେ ପୋଖରୀରୁ ମାଠିଆରେ ଯେତେ ଜଳ ନିଅନ୍ତି ତାହାର ପା'ଭାଗ ଜଳ ଗୁଡ଼ିଏ ଯାଆନ୍ତି । ଏକଥା ଠିକ୍ ସତ୍ୟ ହେଲେ ମଧ୍ୟ ଆମ୍ଭମାନଙ୍କ ଚକ୍ଷୁର ଅଗୋଚର । ...ସ୍ତ୍ରୀଲୋକମାନେ ଘାଟରେ ଏତେ କାର୍ଯ୍ୟ କଲେ ମଧ୍ୟ ମାରକଣ୍ଡିଆ ପରି ନାଟକୁଦ କେହି କିଛି କାର୍ଯ୍ୟ କରିନାହିଁ । ନାଟକୁଦ ନ କଲେ କି ପାଣି ଗୋଳିଆ ହୁଏ ?" ଅବଶ୍ୟ ଫକୀରମୋହନ ଯାହା ସପକ୍ଷରେ ଯୁକ୍ତି କରନ୍ତି ତାହାର ଅବସ୍ଥା ଶୋଚନୀୟ ହେଲ ବୋଲି ବୁଝିବାକୁ ହୁଏ ; ଯୁକ୍ତି ସିଦ୍ଧତାର ଛଳନା କରି ଯୁକ୍ତି ଗୁଡ଼ିକ ଯେ କିପରି ଯୁକ୍ତିହୀନ ତାହା ସେ ଦର୍ଶାଇପାରନ୍ତି । ପ୍ରଚଳିତ ବିଚାର ପଦ୍ଧତିରେ ଓକିଲାତିର ଭୂମିକାଟିକୁ ହାସ୍ୟାସ୍ପଦ କରାଇବା ତାଙ୍କର ଉଦ୍ଦେଶ୍ୟ । ଜବାଲ ସୁଆଲର ଭାଷା ଏମିତି ସବୁଠି ବ୍ୟଙ୍ଗନାଢ୍ୟ ରହି ଅପରାଧୀ ସପକ୍ଷରେ ଓକିଲଙ୍କ ଯୁକ୍ତିର ସାରହୀନତା ପ୍ରତିପାଦନ କରୁଛି । ଯଶୋଦାପରି ଚମ୍ପା ପରଘର ପୋଡ଼ି କି କୌଶଳରେ କାହାଠାରୁ କବଲ୍ କୈଶକତି ଦଣ୍ଡ ପାଏନାହିଁ, ଅଥଚ ନିରପରାଧ ଭଗିଆ ସାରିଆ ମାରକଣ୍ଡିଆ ପରି ଶାସ୍ତି ଭୋଗନ୍ତି । ବ୍ରିଟିଶ ନ୍ୟାୟ ବିଚାର ପଦ୍ଧତି ପ୍ରତି ଫକୀରମୋହନଙ୍କର କୌଣସି ପ୍ରକାର ଶ୍ରଦ୍ଧା କି ସମ୍ମାନ ବୋଧ ନଥିଲା । ମଙ୍ଗରାଜ, ଚମ୍ପା, ଗୋବିନ୍ଦା ଓ ଗୋବରା ଜେନାଙ୍କୁ ବିଚାରାଳୟ ଶାସ୍ତି ଦେଇପାରେ ନାହିଁ ! ସେ ତନ୍ତ୍ରୀସାଇ ପଞ୍ଚଶାସନକୁ ସମ୍ମାନ କରନ୍ତି ବରଂ, କିନ୍ତୁ ନ୍ୟାୟାଳୟର ସବୁ ଏଜେଣ୍ଟଙ୍କୁ—ଗୋବରା ଜେନାଠାରୁ ରାମରାମ ଲାଲଙ୍କ ପର୍ଯ୍ୟନ୍ତ, ଦାରୋଗାଙ୍କ ଠାରୁ ମେଜେଷ୍ଟର ସାହେବଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସେ ଘୃଣା କରନ୍ତି । ସୁବିଧା ସୁଯୋଗ ପାଇଲା ମାତ୍ରେ ସେମାନଙ୍କର ହାସ୍ୟକର ଦିଗଟିକୁ ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି, ଯେତେ କଟୁ ମନ୍ତବ୍ୟ କରିହେଇ ପାରେ କରନ୍ତି, ଜୀବନ ଓ ଜଗତ ସମ୍ବନ୍ଧରେ ନିଜର ଲଘୁ

Source: Author, Digitized by PPRACHIN, SOA

ମନ୍ତବ୍ୟକୁ ସେହି ନ୍ୟାୟାଳୟର ପାର୍ଶ୍ୱ ମିଶା ଓଡ଼ିଆ ଭାଷାରେ ଉପସ୍ଥାପନ କରି ତାହାର ଭାଷା ଭଙ୍ଗୀକୁ ମଧ୍ୟ ବ୍ୟଙ୍ଗ କରିବାକୁ ଛାଡ଼ନ୍ତି ନାହିଁ । ପ୍ରକୃତରେ ବ୍ରିଟିଶ ନ୍ୟାୟ ବ୍ୟବସ୍ଥାକୁ କୌଣସି ସ୍ୱଦେଶପ୍ରୀତ ଭଦ୍ରଲୋକ ଶ୍ରଦ୍ଧା କରିପାରିବେ ନାହିଁ । ସେଦିନ ବଙ୍କିମ ଚନ୍ଦ୍ର ସ୍ୱୟଂ ବିଚାରପତିର ଆସନ ଅଳଙ୍କୃତ କରି ନିଜର କର୍ମଶାଳା ପ୍ରତି କିପରି ବିଦ୍ରୂପ କରିଥିଲେ ତାହା ମନ୍ତବ୍ୟ । —"ଅଦାଲତ ଓ ବାରାଙ୍ଗନାର ମନ୍ଦିର ତୁଲ୍ୟ, ଅର୍ଥ ନଥିଲେ ପ୍ରବେଶର ଉପାୟ ନାହିଁ ।" ଆଉ ପ୍ରଶ୍ନ ପଚାରିଛନ୍ତି, "ଯେ ଆଇନେ କେବଳ ଦୁର୍ବଳଇ ଦଣ୍ଡିତ ହଇଲ, ଯାହା ବଲବାନେର ପକ୍ଷେ ଖାଟିଲ ନା—ସେ ଆଇନ କେନେ ? ଯେ ଆଦାଲତର ବଲ କେବଲ ଦୁର୍ବଲେର ଉପରେ । ବଲବାନେର ଉପର ନହେ, ସେ ଆଦାଲତ କେନେ ? ଫକୀରମୋହନଙ୍କର ବି ସେହି ପ୍ରଶ୍ନ, ସେହି ଜିଜ୍ଞାସା । ତେଣୁ 'ଛ'ମାଣ ଅଠଗୁଣ୍ଠ' ଉପନ୍ୟାସଟି ଶେଷ ପର୍ଯ୍ୟନ୍ତ ବ୍ରିଟିଶ ଅଦାଲତ ପ୍ରତି ଏକ ଜୀବନ୍ତ ଉପହାସ ଭିନ୍ନ ଅନ୍ୟ କିଛି ନୁହେଁ । ଔପନ୍ୟାସିକ କାବ୍ୟକ ନ୍ୟାୟ ଓ ବିଶ୍ୱବିଧାନ କି କର୍ମଫଳ ଉପରେ ନିର୍ଭର କରନ୍ତି ସିନା ବିଚାରାଳୟରେ ନ୍ୟାୟ ମିଳିବାର ପ୍ରତ୍ୟାଶା ରଖନ୍ତି ନାହିଁ । ବଙ୍କିମ ତ ସ୍ପଷ୍ଟ କହିଛନ୍ତି, ବିଚାରକଙ୍କ ମଧ୍ୟରୁ ଅନେକ ଥିଲେ "ମୂର୍ଖ, ସ୍ଥୂଳବୁଦ୍ଧି, ଅଶିକ୍ଷିତ ଅଥବା ଅସତ୍ ।" ଫକୀରମୋହନ ଏତେ ସ୍ପଷ୍ଟ ହୋଇ ପାରି ନାହାନ୍ତି, କିନ୍ତୁ ସେସନଜଜ୍‌ଙ୍କ ଅମନୋଯୋଗିତା ପ୍ରତି ଆମ ଦୃଷ୍ଟି ଆକର୍ଷଣ ନ କରି ରହିପାରି ନାହାନ୍ତି । ଏଣି ତାଙ୍କର 'ମାଇଁ ଡିଅର ଲେଡ଼ି'ଙ୍କୁ ଚିଠି ନେ.ଖ: କଥା, ପଢ଼ିଛେ କିଛିରି । ଅନେକବେଳେ ସେ ସବୁ କାର୍ଯ୍ୟ ବି ପେସ୍କାରଙ୍କ ଉପରେ ଛାଡ଼ି ଦିଅନ୍ତି, ନିଜେ ବିଲାତି ଛାପା କାଗଜ ପଢ଼ନ୍ତି କି ଚିଠି ଲେଖନ୍ତି । ଖାଲି ଦସ୍ତଖତ ଟାଣି ଦେବା ଓ ରାୟ ଶୁଣାଇବା ତାଙ୍କ ଦାୟିତ୍ୱ । ତେଣୁ ଫକୀରମୋହନ ଅପରାଧୀମାନଙ୍କୁ ଅଦାଲତରୁ ଖଲାସ କରି ଆଣି ଦୈବ ବିଚାର, ଅଜ୍ଞାତ ନିୟତି ଓ କର୍ମଫଳ ହାତରେ ଶାସ୍ତି ଦିଆଇଛନ୍ତି, ତାଙ୍କର ଅନ୍ୟଗତି ନଥିଲା ।

ନ୍ୟାୟ ଓ ସୁବିଚାରର ଅବସ୍ଥା ତ ଦେଖିଲେ । ଧର୍ମବୋଧ ଆହୁରି ଦୟନୀୟ । ସମାଜରେ ଜୀବନ୍ତ ଧର୍ମବୋଧ ଓ ଭକ୍ତି ବିଶ୍ୱାସକୁ ବଞ୍ଚାଇ ରଖିବାକୁ ଯେଉଁସବୁ ବ୍ରାହ୍ମଣ ଶାସନ ବ୍ୟବସ୍ଥା ଥିଲା, ତାହା ଅଛି, କିନ୍ତୁ ଅନ୍ତଃସାରଶୂନ୍ୟ ଅବସ୍ଥାରେ ଅଛି । ନାଁରେ ବ୍ରାହ୍ମଣ ଅଛନ୍ତି, ସଂସ୍କୃତରେ କି ପ୍ରକୃତରେ ବ୍ରାହ୍ମଣ ନାହାନ୍ତି । ସମସ୍ତେ "ସଂଧ୍ୟାଗାୟତ୍ରୀହୀନ—ବିଲରୁ ଚପନ୍ତି ମୀନ ।" ଅଶିକ୍ଷା ଓ ଦାରିଦ୍ର୍ୟବଶତଃ ଯଜମାନର ଚୂଉଲ ଛେଦ କରିବାକୁ ବି ସେମାନେ ବିମୁଖ ନୁହନ୍ତି । ଫକୀରମୋହନ ସେମାନଙ୍କୁ କୁକୁର ଓ ଶାଗୁଣାଙ୍କ ଠାରୁ ଆହୁରି ହୀନ ଦୃଷ୍ଟିରେ ଦେଖିଛନ୍ତି । ବୁଢ଼ୀ ମଙ୍ଗଳାଙ୍କ ମହିମା ମଧ୍ୟ ଏଣେ କିଛି କମ୍ ନୁହେଁ । ଅସୁରଦୀଘିର ପଶ୍ଚିମ କୂଳ ବରଗଛ ତଳେ ତାଙ୍କର ଆସ୍ଥାନ—ଗଛଟି ସତ୍ୟଯୁଗରୁ ଅଛି, "ଗଲା ହାତ ଅଙ୍କ ତୁଳା ମାସ ଉଆଁସ

Source: Author, Digitized by PPRACHIN, SOA

ଦିନ ଘର ଗୋଟାଏ ତୋଫାନ ହୋଇଥିଲା । ଗାଆଁର ସମସ୍ତ ସଜନା ଗଛ ଏବଂ କଦଳୀ ଗଛ ପ୍ରଭୃତି ଉପୁଡ଼ିଗଲା । ଏ ଗଛରୁ ଗୋଟିଏ ପତର ମଧ୍ୟ ଝଡ଼ିଲା ନାହିଁ ।" ଠାକୁରାଣୀ ମହିମା ଭିନ୍ନ ଏହାକୁ ଆଉ କ'ଣ କହିବା ? ଗୋଟାଏ ଜାତିର ଧର୍ମବୋଧ କେତେ ମିଛ ଭକ୍ତିବିଶ୍ୱାସ ଉପରେ ପ୍ରତିଷ୍ଠିତ ହୋଇପାରେ ତାହାର ଜ୍ୱଳନ୍ତ ଉଦାହରଣ ଏହି ବୁଢ଼ୀମଙ୍ଗଳା । ଧୂର୍ତ୍ତାମି ଚମ୍ପା ବୁଝିଥିଲା ଆମର ଦୁର୍ବଳତା । ତେଣୁ କୁସଂସ୍କାରଗ୍ରସ୍ତ ଏହି ଧର୍ମବୋଧକୁ ଅସ୍ତ୍ର ଭାବରେ ବ୍ୟବହାର କରି ସାରିଆ ଭଗିଆଙ୍କୁ କାବୁ କରିନେଲା ଅବଳୀଳା କ୍ରମେ । ମିଛ ଧର୍ମବିଶ୍ୱାସ ଓ ଅଳୀକ ଈଶ୍ୱର ଅନୁଗ୍ରହ ପଛରେ ଧାଇଁ ସର୍ବସ୍ୱାନ୍ତ ହେଲେ ତନ୍ତୀ ଦମ୍ପତି । ଏବେ ବି ଓଡ଼ିଶାରେ କାହିଁକି ଘରଚରେ ବି ତନ୍ତୀ ଅଛନ୍ତି, ମିଛ ଦେବଦେବୀରେ ବିଶ୍ୱାସ କରୁଛନ୍ତି, ଭଣ୍ଡ ସାଧୁ ସନ୍ଥଙ୍କ ଦ୍ୱାରା ପ୍ରତାରିତ ହେଉଛନ୍ତି । ବୁଢ଼ୀ ମଙ୍ଗଳାଙ୍କ ସଂଖ୍ୟା ବରଂ ଦିନୁଦିନ ବଢ଼ୁଛି । ପ୍ରତିକାର କାହିଁ ?

ଅସୁରଦୀଘିର ଜଳ ଓ କୂଳ ଉଭୟ ଅପରିଷ୍କାର ଓ ଅପବିତ୍ର । ବ୍ୟାଧିଗ୍ରସ୍ତ ସାମାଜିକ ଜୀବନର ଜୀବନ୍ତ ମେଟାଫର ପ୍ରକୃତି—ଭୟ ଓ ପାପର ପରିବେଶ ସୃଷ୍ଟି କରି ତାହା ଅଘଟନ୍ତ ବିଦ୍ରୂତ ରହିଛି । ସବୁ କାଦୁଆ ମାଡ଼ି । ମନୁଷ୍ୟତ୍ୱ ଅନୁପସ୍ଥିତ । ଭକ୍ତି ବିଶ୍ୱାସ ଭୟ ଜନିତ ଓ କୁସଂସ୍କାରଗ୍ରସ୍ତ । ଧର୍ମବୋଧ ବିକାର ଦ୍ରବଣ । ଧର୍ମଗୁରୁ ପ୍ରତାରଣାମୟ । ଭଗିଆ ଓ ସାରିଆଙ୍କ ଭିନ୍ନ ଆଉ କାହାର ପାରିବାରିକ ଜୀବନ ପ୍ରୀତିପୂର୍ଣ୍ଣ ନୁହେଁ । ପାରିବାରିକ ସଂପ୍ରୀତି କାହିଁ ନାହିଁ । ଦାରିଦ୍ର୍ୟ ଉତ୍କଟ । ଲୋଭ ଓ ସ୍ୱାର୍ଥ, ମିଥ୍ୟା ଓ ଷଡ଼ଯନ୍ତ୍ର, ଈର୍ଷା ଓ ଆକ୍ରୋଶ ସର୍ବବ୍ୟାପୀ । ଶୋଷଣ ମୁକ୍ତହସ୍ତ । ରାଷ୍ଟ୍ରର ଶାସନ ବ୍ୟବସ୍ଥା ଓ ବିଚାର ବିଭାଗ ହାସ୍ୟକର ଅବସ୍ଥାରେ ଉପନୀତ । ଚିକିତ୍ସା ବ୍ୟବସ୍ଥା ଏତେ ରୁଗ୍ଣ ଓ ବୁଜିଶ୍ୱାସ ଯେ, ଗୋପୀ କବିରାଜ ହାତରେ ସ୍ୱାସ୍ଥ୍ୟ ସ୍ୱୟଂ କୋକେଇ ବ୍ୟବସ୍ଥା କରିଥାଏ । ତନ୍ତୀ ଭୂଠାର ଜଳ ପାନୀୟ ! ଆଉ ବୁଢ଼ୀମଙ୍ଗଳା ଆଶ୍ରୟ ! କେଉଁଠି ନିରାପତ୍ତା ନାହିଁ କି ସାନ୍ତ୍ୱନା ନାହିଁ । ଅଭିଜାତ୍ୟ ଅସ୍ତଗତ । ବାଘସିଂହ ବଂଶର ସମ୍ଭ୍ରାନ୍ତ ଚରିତ୍ରଟିକୁ ଧ୍ୱଂସକରି ଦିଆଯାଇଛି । ସମସ୍ତେ ସମାନ ଭାବରେ ଇତର ଏବେ । ସାହସ ନିସ୍ତେଜ । ବ୍ୟକ୍ତି ମାନେ ନିଃସ୍ୱ ଓ ଅବମାନିତ । ସରକାରୀ କର୍ମଚାରୀଙ୍କ ଦୌରାତ୍ମ୍ୟ ନିରଙ୍କୁଶ । ବୃନ୍ଦିଆ ନାଉରୀକୁ ସେମାନେ "ଘରଆଡ଼ ଭାବ ଲେଖା କରି ଡାକିଥାନ୍ତି ।" ଚରମ ଅବ୍ୟବସ୍ଥା ଓ ବ୍ୟର୍ଥତା ସବୁଠି । ଏହି ଦୁରବସ୍ଥା କ'ଣ ପ୍ରତିକାର ସ୍ଥାନ ? ଶେଷ ପର୍ଯ୍ୟନ୍ତ ଫକୀରମୋହନ ଆମକୁ ନୈରାଶ୍ୟ ଭାବରୁକ ଉପସଂହାରରେ ପହଞ୍ଚାଇ ଦେଇ ନାହାନ୍ତି । ମଙ୍ଗରାଜଙ୍କ ମୃତ୍ୟୁ ଅବଧାରିତ ନିଷ୍ପତ୍ତି । କିନ୍ତୁ ମୃତ୍ୟୁ ଉପରେ ଫକୀରମୋହନ ଜୀବନର ସ୍ୱାକ୍ଷର ଆଙ୍କି ରଖିଛନ୍ତି । ଆସନ୍ତୁ ଏଇଠୁ ଆରମ୍ଭ କରିବା । ନିର୍ତ୍ତର୍ଥକ ଭାବର ବିଦ୍ରୂପତାତ୍ମକ ପ୍ରତିପାଦରୁ ଓଡ଼ିଶାର

Source: Author, Digitized by PPRACHIN, SOA

ସର୍ବାଙ୍ଗୀନ ଉନ୍ନତି ପାଇଁ ଶିଳ୍ପୀଙ୍କ ସ୍ୱପ୍ନ ଓ ଯୋଜନାଟିକୁ ସୁବିନ୍ୟସ୍ତ କରିନେବାକୁ ହେବ । ଜାତିର ଧର୍ମବୋଧ, ଶିକ୍ଷା ସଂସ୍କୃତି, ପାରିବାରିକ ଜୀବନ, ଅର୍ଥ ସାମାଜିକ ପରିବେଶ, ରାଷ୍ଟ୍ରନୀତି ଓ ବିଶ୍ୱର ପଦ୍ଧତି ତଥା ସ୍ୱାସ୍ଥ୍ୟ ଓ ପ୍ରକୃତି ସମ୍ପର୍କକୁ ପୁନର୍ଗଠିତ କରିବାକୁ ପଡ଼ିବ । ଧର୍ମକୁ ଫକୀରମୋହନ ଉପେକ୍ଷା କରି ପାରନ୍ତି ନାହିଁ, ସେ ଥିଲେ ଆସ୍ତିକ୍ୟବୋଧ ସଂପନ୍ନ ଶୁଭ ବିଶ୍ୱାସୀ ଶିଳ୍ପୀଟିଏ । ରକ୍ଷଣଶୀଳତା ତାଙ୍କର କିଛି କମ୍ ନୁହେଁ । କିନ୍ତୁ ମୂଢ଼ ରକ୍ଷଣଶୀଳତା ଓ ଶୂନ୍ୟ ନାସ୍ତିକତାରେ ତାଙ୍କର ବିଶ୍ୱାସ ନଥିଲା । ଧର୍ମକୁ ଛାଡ଼ି ମଣିଷ ରହି ପାରିବ ନାହିଁ । ଧର୍ମ ରହିବ । ସଂସ୍କୃତି ହୋଇ ରହିବ । ବ୍ୟକ୍ତିର ସଂସ୍କାରରେ ଧର୍ମର ସଂସ୍କାର ଓ ସମାଜର ସଂସ୍କାର ଓ ପ୍ରକୃତିର ସଂସ୍କାର ସମ୍ଭବ । ବ୍ୟକ୍ତିମାନେ ସଂସ୍କାର ସାଧି । (କେବଳ ଚମ୍ପା ଅବଶ୍ୟ କେଜାଣି କାହିଁକି ବ୍ୟତିକ୍ରମ ହୋଇ ରହି ଯାଇଛି ।) ଅବିମିଶ୍ର ଖରାପ ଲୋକ କେହି ନାହିଁ । ସାମାଜିକ ଓ ମାନବିକ ମୂଲ୍ୟବୋଧ ହୀନ ଅତି ଦୁର୍ବଳ ମଣିଷ ଭିତରେ ବି ନୈତିକ ଉନ୍ନତି ପାଇଁ ଆନ୍ତରିକ ଆକାଂକ୍ଷା ଅଛି । କବି ରବୀନ୍ଦ୍ରଙ୍କ ଉକ୍ତି ସ୍ମରଣୀୟ । ସେ କହନ୍ତି, "ମାନୁଷେର ଜନ୍ମକ୍ଷେତ୍ର ଦୁଇଜାଗାୟ ; ତାହାର ଜୈବିକ ଚେହେରା ପ୍ରକାଶ୍ୟ, ଆର-ଏକ ଜାୟଗାୟ ସେ ଗୂଢ଼ାହିତ, ସେ ଗଭୀର ।" ମାନବ ଚରିତ୍ର ମାନେ ଦ୍ୱିଧାକୃତ । ଆମ ଭିତରେ ଥିବା ସର୍ବୋତ୍ତମ ବ୍ୟକ୍ତିଠାରେ ଯେପରି କିଛି ନା କିଛି ଦୁର୍ବଳତା ଅଛି, ସେମିତି ସବୁଠୁ ଅଧମ ଲୋକ ଭିତରେ କେଉଁଠି ନା କିଛି ସଦ୍‌ଗୁଣ ଅଛି । ସର୍ବୋଚ୍ଚ ପାଦପ ଯେପରି ସ୍ୱର୍ଗସ୍ପର୍ଶୀ ନୁହେଁ, ସବୁଠୁ ଲମ୍ବା ଚେର ବି ନରକସ୍ପର୍ଶୀ ନୁହେଁ । ରାମଚନ୍ଦ୍ରଙ୍କର ଆଦର୍ଶ ନ ଥିଲା କି, ସାମାଜିକ ମୂଲ୍ୟବୋଧ ନ ଥିଲା । ଭୋଗ ଓ ଲୋଭ ତାଙ୍କର ଜୀବନ ସର୍ବସ୍ୱ । ଅର୍ଥ ଚତୁର୍ବର୍ଗ ଫଳପ୍ରଦ । ଭୌତିକ ଧନ ଓ କ୍ଷମତା ବଳରେ ସେ ଆନନ୍ଦର ଜୀବନ ବିତାଇ ଥିଲେ; ଜୀବନର ଅନନ୍ତ କ'ଣ ତାହା ଜାଣିବାର ଅବକାଶ ପାଇ ନଥିଲେ । କିନ୍ତୁ ସାନ୍ତାଣୀଙ୍କ ମୃତ୍ୟୁ ପରଠାରୁ ଫକୀରମୋହନ ତାଙ୍କ ଭିତରେ ଆଧ୍ୟାତ୍ମିକ ଅଭାବ ଓ ଆନ୍ଦୋଳନ ଲକ୍ଷ୍ୟ କରିଛନ୍ତି । ମନୁଷ୍ୟର ଜୀବନକୁ ନିୟନ୍ତ୍ରଣ କରୁଥିବା ଅଭାବ ଗୁଡ଼ିକୁ ଭୌତିକ, ଅର୍ଥନୈତିକ, ସାମାଜିକ ଓ ଆଧ୍ୟାତ୍ମିକ ଏହି ୪ ଶ୍ରେଣୀରେ ବିଭକ୍ତ କରାଯାଇ ପାରେ । ଭୌତିକ, ସାମାଜିକ ଓ ଅର୍ଥନୈତିକ ଅଭାବ ପୂରଣ ହେଲେ ପୃଥିବୀର ସର୍ବୋତ୍କୃଷ୍ଟ ଜିନିଷ ମିଳିପାରେ କିନ୍ତୁ ହୃଦୟର ସୌଖ୍ୟ, ସନ୍ତୋଷ, ଶ୍ରଦ୍ଧା ଓ ପ୍ରେମ—ଯାହା ପରମ ସ୍ପୃହଣୀୟ ତାହା ତଦ୍ୱାରା ମିଳିବ ବୋଲି ସମ୍ଭାବନା ନାହିଁ । ଆଜି ମଙ୍ଗରାଜ ଆଧ୍ୟାତ୍ମିକ ଅଭାବ ଅନୁଭବ କରୁଛନ୍ତି, "ନେତ୍ର ଅର୍ଦ୍ଧନିମୀଳିତ, ସ୍ପନ୍ଦନଶୂନ୍ୟ, ଅଶ୍ରୁସିକ୍ତ । ମଙ୍ଗରାଜ କି ସାନ୍ତାଣୀଙ୍କ ସକାଶେ କାନ୍ଦୁଛନ୍ତି ? ପ୍ରିୟ ବସ୍ତୁର ବିୟୋଗ ମନୁଷ୍ୟ ପକ୍ଷରେ ଅସହ୍ୟ । ମଙ୍ଗରାଜେ ବି ପବିତ୍ର ଦାମ୍ପତ୍ୟ ପ୍ରେମର ସ୍ୱର୍ଗୀୟ ମାଧୁରୀ ଅନୁଭବ କରୁଥିଲେ ? କାହିଁ ? ସେ ସାଆନ୍ତାଣୀଙ୍କୁ ପ୍ରେମରେ ଦୁଇଟା କଥା କହିବାର ତ କେହି ଶୁଣି ନାହିଁ ! ତେବେ ଆଜି ଏତେ

Source: Author, Digitized by PPRACHIN, SOA

ବ୍ୟାକୁଳ କାହିଁକି ?" ପ୍ରକୃତରେ ସେ ଏପର୍ଯ୍ୟନ୍ତ ମୋହଗ୍ରସ୍ତ ଥିଲେ, ଚମତ୍କାର ଉପମା ଦେଇ ଶିଳ୍ପୀ କଥାଟିକୁ ସ୍ପଷ୍ଟକରି ଦେଇଛନ୍ତି ଔପନ୍ୟାସିକ। ମଦ୍ୟପର ସମ୍ମୁଖରେ ଗିନାଏ ଜଳ, ଗିନାଏ ମଦିରା ଥୁଆ ହୋଇଥିଲେ ସେ ସୁରା ଗିନାଟିକୁ ଅଧିକ ଆଦର କରେ ଏବଂ ଯତ୍ନରେ ରଖେ, ମାତ୍ର ଜଳ ଗିନାଟିର ଏକାବେଳକେ ଅଭାବ ହେଲେ ସେ ସେତେବେଳେ ବୁଝିପାରେ ସୁରା ଉନ୍ମାଦନକାରିଣୀ ସତ୍ୟ, ମାତ୍ର ଜଳ ତାହାର ଜୀବନ।" ଏହି ବୋଧ ଶକ୍ତିରୁ ମଙ୍ଗରାଜଙ୍କୁ ବଂଚିତ କରି ନାହାନ୍ତି ଶିଳ୍ପୀ ଫକୀରମୋହନ। ଶେଷକୁ ଫକୀରମୋହନ ଫେରାଇ ଆଣିଛନ୍ତି ମଙ୍ଗରାଜଙ୍କୁ ଘରକୁ—ପତ୍ନୀପଦପ୍ରାନ୍ତକୁ, ପାରିବାରିକ ସଂପ୍ରୀତି ଭିତରକୁ ଓ ମନୁଷ୍ୟତ୍ୱ ପାଖକୁ। ପ୍ରତ୍ୟାବର୍ତ୍ତନ ମୋଟିଫ୍ ତାଙ୍କର ସବୁ ଉପନ୍ୟାସରେ ବର୍ତ୍ତମାନ। ପାରିବାରିକ ସଂପ୍ରୀତି ପରିଶୀଳିତ ନ ଥିଲା, ମିଳିନାହିଁ। କିନ୍ତୁ ପତ୍ନୀପ୍ରେମ ଥିଲା, ମନୁଷ୍ୟତ୍ୱ ଥିଲା। ଭିତରେ ଭିତରେ କେଉଁଠି ମଙ୍ଗରାଜ ଶୂନ୍ୟତା ଅନୁଭବ କରୁଥିଲେ ଅବଚେତନରେ, ଆଜି ଶାସ୍ତି ତାଙ୍କୁ ସୁମତ ପ୍ରଦୀପରେ ଅସ୍ୱୀକୃତ ପାପର ବିକଟ ମୂର୍ତ୍ତି ଦେଖାଇ ଦେଇଛି। ସେ ଭସ୍ମ କରିଛନ୍ତି ପାପକୁ, ତିନିଏ ଆଖି ଲଗିଗଲେ ହାଉଳି ଖାଇଲାପରି ଚମକି ପଡ଼ି କହନ୍ତି ଅ-ମା-ଆ-ଗୁଁ। ଅଉ ଦେଖନ୍ତି ସାରିଆ ଓ ଭଗିଆଙ୍କ କଙ୍କାଳ ଦିଗନ୍ତରାଳରେ ଦେହ ଲୁଚାଇ ମୁଖ ବ୍ୟାଦାନ ପୂର୍ବକ ତାଙ୍କୁ ଗ୍ରାସିବାକୁ ଆସୁଛନ୍ତି। ଆଶ୍ରୟ କାହିଁ ? ଅବଲମ୍ବନ କାହିଁ ? ଶିଳ୍ପୀ ତାଙ୍କୁ ଆଶ୍ରୟ ଓ ଅବଲମ୍ବନ ଯୋଗାଇ ଦେଇ ସଂବୃତ ଉପସଂହାରଟିଏ ଟାଣି ଦେଇଛନ୍ତି। "ସେ (ମଙ୍ଗରାଜ) ଦେଖିଲେ, ଅନନ୍ତ ଆକାଶରେ ସୂର୍ଯ୍ୟମଣ୍ଡଳର ଅତି ଊର୍ଦ୍ଧ୍ୱରେ ରତ୍ନସିଂହାସନରେ ଗୋଟିଏ ଜ୍ୟୋତିମୟୀ ଶାନ୍ତିମୟୀ ଆଶା ପ୍ରଦାୟିନୀ ସ୍ତ୍ରୀମୂର୍ତ୍ତି ବିରାଜିତା। ପୂର୍ବ ପୂର୍ବ ପୀଡ଼ା ସମୟରେ ସେ ମୂର୍ତ୍ତି ଶଯ୍ୟା ପାଖରେ ବସି ମଙ୍ଗରାଜଙ୍କ ଦେହରେ କୋମଳ ହସ୍ତ ବୁଲାଉଥିଲେ। ବିମାନବାସିନୀ ଲାବଣ୍ୟମୟୀ ମୂର୍ତ୍ତି ସେହି ମୂର୍ତ୍ତିର ପ୍ରତିଚ୍ଛାୟା ଅଟେ। ସେହି ମୂର୍ତ୍ତି ଅଙ୍ଗୁଳି ସଙ୍କେତ କରି ମଙ୍ଗରାଜଙ୍କୁ ପାଖକୁ ଡାକୁଛନ୍ତି। ମଙ୍ଗରାଜଙ୍କ ଆତ୍ମା ସେହି ମୂର୍ତ୍ତିକୁ ଲକ୍ଷ୍ୟକରି ଧାବିତ ହେଲା। କ'ଣ ଏ ଉପସଂହାରର ତାତ୍ପର୍ଯ୍ୟ ? ଫକୀର କେଉଁଠୁ ପାଇଲେ ସେଦିନ ଏ କବିଦୃଷ୍ଟି ? ଏ ଅନ୍ତର୍ଦୃଷ୍ଟି। ଚମ୍ପା ମଙ୍ଗରାଜଙ୍କୁ ଯୋଗାଇଥିଲା ଆନନ୍ଦର ଜୀବନ, କିନ୍ତୁ ସାନ୍ତାଣୀ ଏବେ ପ୍ରଦାନ କଲେ ଜୀବନର ଆନନ୍ଦ। ନାରୀ ହାତରେ ହିଁ ପୁରୁଷର ପରିତ୍ରାଣ। ଫକୀରମୋହନ କବି ଗେଟେଙ୍କୁ ପଢ଼ିଥିଲେ କି ? ଗେଟେ ବିଶ୍ୱାସ କରନ୍ତି, "Eternal womanly draws us above." ଗତ୍ୟନ୍ତର ନାହିଁ। ସାନ୍ତାଣୀ ଅଙ୍ଗୁଳି ସଙ୍କେତ କରି ମଙ୍ଗରାଜଙ୍କୁ ପାଖକୁ ଡାକୁଛନ୍ତି—ସେହି ପରମ ଆହ୍ୱାନରେ ହିଁ ଜୀବନର ଚରିତାର୍ଥତା ନିହିତ। ପତ୍ନୀ ପ୍ରେମରେ ଜୀବନ ଅର୍ଥାନ୍ୱିତ ହେବାର ସମ୍ଭାବନା ରଖେ।

ଫକୀରମୋହନ ଦାମ୍ପତ୍ୟ ଜୀବନର ଯେଉଁସବୁ ଚିତ୍ର ଆଙ୍କିଛନ୍ତି, ଅଉ ତାହା ସମ୍ବନ୍ଧରେ ଯେଉଁସବୁ ମନ୍ତବ୍ୟ ପ୍ରଦାନ କରିଛନ୍ତି ସେଥିରେ ସେ ପ୍ରଥମେ ଆମ ପାରିବାରିକ ଜୀବନର ପୁନର୍ଗଠନ ଚାହାନ୍ତି। ପାରିବାରିକ ଜୀବନ ପୁନର୍ଗଠିତ ହେଲେ

Source: Author, Digitized by PPRACHIN, SOA

ଧର୍ମବୋଧ, ସାମାଜିକ ମୂଲ୍ୟବୋଧ ଓ ଜୀବନର ଆଦର୍ଶ ପ୍ରତିଷ୍ଠା ପାଇବ । ସାନ୍ତାଣୀଙ୍କ ନୀରବ ପ୍ରେମ ଶେଷ ପର୍ଯ୍ୟନ୍ତ ଜୟଯୁକ୍ତ ହୋଇଛି । ପତ୍ନୀ ଆସିଲେ ସନ୍ତାନମାନେ ଆସିବେ । ଉଚ୍ଚତର ଜୀବନ ପାଇଁ ମଧ୍ୟ ସନ୍ତାନ ସହାୟକ । କଲ୍ୟାଣ କଲ୍ୟାଣକୁ ଆବାହନ କରି ଆଣିବ; ସମାଜରେ ଓ ରାଷ୍ଟ୍ର ଭିତରେ ସାଧୁତା, ସଦ୍‌ବ୍ୟବହାର, ସହାନୁଭୂତି ଓ ସୁବିଚାର ସୁଲଭ ହେବ । ବ୍ୟକ୍ତିଗତ ଓ ସମଷ୍ଟିଗତ ଜୀବନର ମାନବିକ ଓ ଆଧ୍ୟାତ୍ମିକ ଐକ୍ୟର ଅତି ବ୍ୟାପକ ଓ ପ୍ରାଣମୟ ଅନୁଭୂତିରେ ଦେଶ ଓ ଜାତିର କଲ୍ୟାଣ ପର୍ଯ୍ୟବସିତ । ଏହି ବ୍ୟାପକତା ଭିତରୁ ପ୍ରକୃତି ବାଦ ଯିବ ନାହିଁ । ଅସୁର ଦୀଘି ନିର୍ମଳ ହେବ, ହେବ ବି ସୁନ୍ଦର ଓ ପବିତ୍ର ।

ସମସାମୟିକ ଓଡ଼ିଶାର ବ୍ୟର୍ଥତା ଓ ସମସ୍ୟା ଉପସ୍ଥାପନ କରି ଶିଳ୍ପୀ ସମ୍ଭାବ୍ୟ ଭବିଷ୍ୟତର ଏକ ସ୍ୱପ୍ନ ଦେଖିଛନ୍ତି । ଆଉ ସେହି ସ୍ୱପ୍ନଟିକୁ ଶିଳ୍ପାୟିତ ରଖିଛନ୍ତି ଉପନ୍ୟାସଟିରେ । ଆଜି ନାରୀମାନଙ୍କୁ ନେଇ ଯେଉଁ ଉତ୍ସାହ ଓ ଆନ୍ଦୋଳନ ଚାଲିଛି, ତାହାର ପ୍ରୀତିପ୍ରଦ ସମାଧାନ ସେଦିନ ବି ସେ କରି ଦେଇଛନ୍ତି । ଉଚ୍ଚତର ଜୀବନ ପାଇଁ କେବଳ ନୁହେଁ, ପରମ ମୁକ୍ତି ପାଇଁ ବି ନାରୀର ପ୍ରେମ ଅମୋଘ । ନାରୀ ପତ୍ନୀ ଓ ଜନନୀ କି ଭଗିନୀ ଭାବରେ ପରମା । ସାନ୍ତାଣୀ ନରାଧମ ମଙ୍ଗରାଜଟିକୁ ବି ସ୍ୱର୍ଗ ଲୋକକୁ ଉନ୍ନୀତ କରି ଦେଇଛନ୍ତି । ନାରୀଙ୍କ ସମ୍ପର୍କରେ ଏହାଠାରୁ ବଳି ସୁନ୍ଦର କଥା କିଏ କାହିଁ କେବେ ଆଉ ଲେଖିଲେଣି କି ?

(ଛଅ)

ଷ୍ଟାଇଲ୍ ବ୍ୟକ୍ତିତ୍ୱର ଭାଷାରୂପ ମାତ୍ର ନୁହେଁ କି ବକ୍ତବ୍ୟର ବାହନ ମାତ୍ର ନୁହେଁ, ସ୍ୱୟଂ ଶିଳ୍ପସିଦ୍ଧି । ଉପନ୍ୟାସର ସାଧ୍ୟବସ୍ତୁ । 'ଛ'ମାଣ ଆଠଗୁଣ୍ଠ'ରେ ଫକୀର-ମୋହନଙ୍କର ଷ୍ଟାଇଲ୍ ବା ରଚନାଶୈଳୀ ଏପରି ଏକ ଅନନୁକରଣୀୟ ନିଜସ୍ୱତା ଅର୍ଜିଛି ଯେ, ତାହାକୁ ବିଶ୍ଳେଷଣ କରିବାକୁ ଗଲେ ଅନେକ କିଛି ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ହଜରେଇବାକୁ ପଡ଼ିବ । ବକ୍ତବ୍ୟ ଓ ଶୈଳୀ ଏକ ଓ ଅଭିନ୍ନ—ଗୋଟିଏ ଦେବତା ହରିହର । ତେବେ ଫକୀରମୋହନଙ୍କ ଗଦ୍ୟରୀତିର କେତୋଟି ବୈଶିଷ୍ଟ୍ୟ ଉପସ୍ଥାପନ ନ କଲେ ଆମର ଏ ସିଦ୍ଧାନ୍ତ ପ୍ରତିପାଦିତ ହୋଇ ପାରିବ ନାହିଁ । ଉପନ୍ୟାସ ଶିଳ୍ପ—ସେଥିରେ କେତେ ବିଚିତ୍ର ମନୋଭାବ, ପ୍ରବୃତ୍ତି ତରଙ୍ଗ, ରୂପ ବର୍ଣ୍ଣନା, ପ୍ରକୃତି ବର୍ଣ୍ଣନା, ପରିବେଶ ଚିତ୍ରଣ ଓ ଘଟଣାର ଗତି ସୃଷ୍ଟିର ଅବକାଶ ଅଛି; ଭାଷା ତେଣୁ କ୍ରୀତଦାସ ପରି ଲେଖକଙ୍କ ଚିନ୍ତା ଓ ଅନୁଭୂତିକୁ ଆଦେଶ ମାତ୍ରେ ସାକାର ରୂପ ଦେବାକୁ ସମୁଦ୍ୟତ ରହିଛି । ତେଣୁ ଶବ୍ଦ, କ୍ରିୟାପଦ, ବିଶେଷଣ, ଅଳଙ୍କାର ଓ ଅନୁଚ୍ଛେଦ ଆଦି ପ୍ରୟୋଗରେ ଏଥିରେ ଏତେ ବୈଚିତ୍ର୍ୟ ଅଛି ଯେ, ସେଥିରୁ କୌଣସି ନିର୍ଦ୍ଦିଷ୍ଟ ଗଦ୍ୟରୀତିର ଆଦର୍ଶ ସନ୍ଧାନ କରିବା ସମୀଚୀନ ହେବନାହିଁ ଆଦୌ ।

Source: Author, Digitized by PPRACHIN, SOA

ସ୍ପଷ୍ଟତା ଓ ସରଳତା ଫକୀରମୋହନଙ୍କ ଗଦ୍ୟଶୈଳୀର ଆଦର୍ଶ ନିଶ୍ଚୟ, କିନ୍ତୁ ବ୍ୟଞ୍ଜନାଢ୍ୟ ହୋଇ ଉଠିବା ତାର ପ୍ରକୃତି । ଫକୀରମୋହନଙ୍କ ଚିତ୍ର, ଚରିତ୍ର ଓ ଘଟଣାର ବର୍ଣ୍ଣନା ନୈପୁଣ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ ପ୍ରଥମେ—କାରଣ ସେ କଳ୍ପନାକୁ ବର୍ଣ୍ଣନାରେ ଦୃଷ୍ଟିଗ୍ରାହ୍ୟ ରୂପ ଦିଅନ୍ତି, ଅନୁଭୂତିକୁ ପ୍ରମୂର୍ତ୍ତ କରି ପାରନ୍ତି । ତେଣୁ ଚିତ୍ର ଓ ଚରିତ୍ର ବର୍ଣ୍ଣନାରୁ ସେମାନଙ୍କୁ ଦେଖିହୁଏ, ହାତରେ ବି ଛୁଇଁ ହୁଏ । ବିଶେଷଣ ଓ ଅର୍ଥାଳଙ୍କାର ପ୍ରୟୋଗର ସଚେତନତା ସେଥିରେ ଲକ୍ଷ୍ୟ କରାଯାଇଥାଏ ଓ ତାହା ସହିତ ଶିଳ୍ପୀଙ୍କ ଚିନ୍ତା ଓ ମନନ ମିଶି ଗଦ୍ୟକୁ ଯଥାସମ୍ଭବ ବାହୁଲ୍ୟ ବର୍ଜିତ ସଂହତ ରୂପ ପ୍ରଦାନ କରିଥାଏ । ବିବରଣାତ୍ମକ ବସ୍ତୁନିଷ୍ଠତା, ଇନ୍ଦ୍ରିୟଗ୍ରାହ୍ୟ ଚିତ୍ରାଙ୍କନ ଓ ଶରୀରୀ କଳ୍ପନାର ବର୍ଣ୍ଣାଢ୍ୟତା ଫକୀରମୋହନଙ୍କ ଗଦ୍ୟଶୈଳୀର ବିଶେଷତ୍ୱ, ସେତେବେଳେ ଉପନ୍ୟାସରେ ଚରିତ୍ରର ମନୋବିଶ୍ଳେଷଣ ପଦ୍ଧତି ବ୍ୟବହୃତ ହେଉ ନଥିଲା, ତେଣୁ ଶିଳ୍ପୀ ରୂପବର୍ଣ୍ଣନା, ସଂକ୍ଷିପ୍ତ ପ୍ରଶ୍ନୋତ୍ତରାତ୍ମକ ନାଟକୀୟ ସଂଳାପ, ଆକସ୍ମିକତା ଓ ଅନ୍ତରଙ୍ଗ ଭାଷଣରେ ମନୋବିଶ୍ଳେଷଣର ଦାୟିତ୍ୱ ନିର୍ବାହ କରିଛନ୍ତି । ତାଙ୍କ ଶବ୍ଦଚୟନ ଓ ବାକ୍ୟବିନ୍ୟାସ ଭଙ୍ଗୀରେ କେତୋଟି ବୈଶିଷ୍ଟ୍ୟ ଅଛି । ଶବ୍ଦଚୟନରେ ଉଦାରତା ଅଛି । ପାର୍ସି ଓ ଦେଶଜ ଶବ୍ଦ ସହିତ ତଦ୍ଭବ ଓ ତତ୍ସମ ଶବ୍ଦର ସୁପ୍ରଯୁକ୍ତ ସଂଯୋଜନା ସେ ଘଟାଇ ପାରନ୍ତି, ସାମଞ୍ଜସ୍ୟ ବିଧାନ କରିପାରନ୍ତି । ପ୍ରବାଦ ଓ ପ୍ରବଚନ ବ୍ୟବହାର କରିଛନ୍ତି ମଧ୍ୟ ଯଥେଷ୍ଟ । ବିବୃତି, ବର୍ଣ୍ଣନା ଓ ସଂଳାପ ମଧ୍ୟରେ ସ୍ୱରସାମ୍ୟ ରଖିଛନ୍ତି । ସଂଳାପରେ ଲୋକୋକ୍ତିର ଦ୍ରୁତଗତି ଓ ନାଟ୍ୟଗୁଣ ପ୍ରବଣତା ଅନାୟାସ ଲକ୍ଷ୍ୟ । ବର୍ଣ୍ଣନା ବାହୁଲ୍ୟ ଅଛି, କିନ୍ତୁ ତାହା ବସ୍ତୁନିଷ୍ଠ ଓ ବିଶେଷ ଉଦ୍ଦେଶ୍ୟ ପ୍ରଣୋଦିତ । ତେଣୁ ଅବସାଦକର ନୁହେଁ । ପଦ ବିନ୍ୟାସରେ ଓ ବାକ୍ୟ-ଗଠନରେ ଫକୀରମୋହନ ଯଥାସମ୍ଭବ ସଂସ୍କୃତ ରୀତି ପରିହାର କରିଛନ୍ତି । ବାକ୍ୟ-ଗଠନର ବୈଚିତ୍ର୍ୟ ଓ ପଦବିନ୍ୟାସର ଭଙ୍ଗୀରେ ଭାଷା ତାଙ୍କର କେଉଁଠି ଚଞ୍ଚଳ ଓ ଦ୍ରୁତଗତି ତ କେଉଁଠି ମନ୍ଥର ଓ ବିଶ୍ଳେଷଣଧର୍ମୀ, କେଉଁଠି ବି ବିପର୍ଯ୍ୟସ୍ତ ଲୟର ଉତ୍ଥାନ ପତନରେ ଚମତ୍କୃତ, ବନ୍ଧୁର । ଛୋଟ ବଡ଼ ନାନାଧରଣର ବାକ୍ୟ ସେ ବ୍ୟବହାର କରି ପାରନ୍ତି, ସଂକ୍ଷିପ୍ତ କଥାରେ ନିଗୂଢ଼ ବ୍ୟଞ୍ଜନା ଧର୍ମ ସଞ୍ଚାରନ୍ତି । ତାଙ୍କ ଗଦ୍ୟଶୈଳୀର ପ୍ରଧାନ ଲକ୍ଷଣ ନିର୍ଦ୍ଦେଶ କରାଯାଇପାରେ ।

୧ । ସେ ଏପରି ବାକ୍ୟ ପ୍ରୟୋଗ କରନ୍ତି ଯେ, ଯୁକ୍ତି ସିଦ୍ଧତାର ଛଳନା ଦ୍ୱାରା ଯୁକ୍ତିଗୁଡ଼ିକ ଯେ କେତେ ଯୁକ୍ତିହୀନ ତାହା ଅଚିରେ ପ୍ରତିପାଦିତ ହୋଇଥାଏ । କୌତୁକ ଓ କଟାକ୍ଷ କ୍ଷେତ୍ରରେ ଏପରି ବାକ୍ୟ ବଡ଼ ପ୍ରୀତିକର । ଅଦାଲତର ଭାଷା ପ୍ରତି ଏଥିରେ ବିଦ୍ରୂପ ବର୍ତ୍ତମାନ ।

୨ । ସେ ନିଶ୍ଚୟାତ୍ମକ ବାକ୍ୟ ପରିବର୍ତ୍ତେ ଅନେକତ୍ର ପ୍ରଶ୍ନାତ୍ମକ ବାକ୍ୟ ବ୍ୟବହାର କରନ୍ତି, ଫଳରେ ପାଠକର ଔତ୍ସୁକ୍ୟ ଓ ସଂଶୟ ଜାଗ୍ରତ ରହେ ।

Source: Author, Digitized by PPRACHIN, SOA

୩ । ସେ ସଂଯୋଜକ ଅସମାପିକା କ୍ରିୟାପଦ ବେଶି ବ୍ୟବହାର କରନ୍ତି ନାହିଁ, ଫଳରେ ସମାପିକା କ୍ରିୟାର ଅଧିକ ବ୍ୟବହାର ଓ ଯତି ଚିହ୍ନର ପର୍ଯ୍ୟାପ୍ତ ବ୍ୟବହାର ବାକ୍ୟରେ ଦ୍ରୁତତା ସଞ୍ଚାର କରେ । ଘଟନା ଗତିବେଗ ପାଏ ।

୪ । ଅନ୍ତରଙ୍ଗ ପାଠକ ସମ୍ଭାଷଣ ବା ଆଳାପପ୍ରିୟତା ଦ୍ୱାରା ସେ ପାଠକ ସହିତ ବ୍ୟକ୍ତିଗତ ସଂପର୍କ ସ୍ଥାପନ କରିଥାନ୍ତି ।

୫ । ସ୍ଥାନେ ସ୍ଥାନେ ନାଟକୀୟ ସଂଳାପ ମାଧ୍ୟମରେ ପାଠକ ମନକୁ ସଚକିତ ରଖିବାକୁ ଚାହାନ୍ତି ଶିଳ୍ପୀ । ସଂଳାପରେ ଲୋକୋକ୍ତି ଖଞ୍ଜି ଘଟଣାଟିକୁ ସ୍ୱାଦ୍ୟ ଓ ବିଶ୍ୱାସ-ଯୋଗ୍ୟ କରି ପାରନ୍ତି ଯେପରି ଅନ୍ୟ ପକ୍ଷରେ ସେପରି ଘଟଣାରେ ଗତିବେଗ ଓ ବର୍ଣ୍ଣାଢ୍ୟତା ସୃଜିଥାନ୍ତି । ଗୋପୀ ସାହୁ ଦୋକାନ ଘରେ ଚମ୍ପା ଓ ଗୋବିନ୍ଦାଙ୍କ ସଂଳାପରେ ଯେଉଁ ନାଟ୍ୟଧର୍ମିତା ଓ ଚଳମାନତା ଅଛି ତାହା କ'ଣ କାହାକୁ ବୁଝାଇ କହିବାକୁ ହେବ ?

୬ । କୌତୁକ, ସାବଲୀଳତା, ଲଘୁତା, ଦ୍ରୁତଗତି ନାଟ୍ୟଧର୍ମିତା ଓ ଚଳମାନତା ସହିତ ତାଙ୍କ ଗଦ୍ୟର ଅନ୍ୟ ଏକ ବିଶେଷତ୍ୱ ହେଉଛି କବିତ୍ୱ । ଦୃଷ୍ଟାନ୍ତ ଅପ୍ରତୁଳ ନୁହେଁ । ଗୋଟିଏ ଦେଖନ୍ତୁ । ସାନ୍ତାଣୀଙ୍କ ମୃତ୍ୟୁରେ । ଶିଳ୍ପୀ ମଙ୍ଗରାଜଙ୍କ ମନୋବିଶ୍ଳେଷଣ କରିବାକୁ ଯାଉଛନ୍ତି । ପରିବେଶ ଗମ୍ଭୀର । ଭାଷା ଆବେଗ-ବ୍ୟାକୁଳ ଓ ସାଧୁ ନ ହୋଇ ରହି ପାରିବ ନାହିଁ । "ମଙ୍ଗରାଜେ ମୁଣ୍ଡ ପାଖରେ ବସି ଏକ ଧ୍ୟାନରେ ସାନ୍ତାଣୀଙ୍କ ମୁହଁକୁ ଅନାଇଛନ୍ତି । ନିଶ୍ଚଳ ନିସ୍ତବ୍ଧ ଦୁଇ ଆଖିରୁ ଲୋତକ ବହିଯାଉଅଛି ଯେ ସ୍ତ୍ରୀ ଧର୍ମ କାର୍ଯ୍ୟର ସହଧର୍ମିଣୀ—ପ୍ରାଣାଧିକ ସନ୍ତାନ ସନ୍ତତିଙ୍କ ଜନନୀ, ଯେ ସୁଖ ଦୁଃଖର ସମଭାଗିନୀ, ଯେ ସ୍ତ୍ରୀ ରୋଗର ଶୁଶ୍ରୂଷା କାରିଣୀ, ବିପଦରେ ମନ୍ତ୍ରୀ, ଶରୀର ରକ୍ଷାରେ ଧାତ୍ରୀ, ତୁମେ ଯଦି ନିତାନ୍ତ ପାଷଣ୍ଡ ହୁଅ, ତାହାର ଗୁଣଗାରିମା ଅନୁଭବ କରିବାର ଶକ୍ତି ତୁମ୍ଭର ନଥାଏ—ଜୀବନ କାଳରେ ତାକୁ ପ୍ରେମ କର ଅବା ନ କର, କିନ୍ତୁ ତାହାର ବିଚ୍ଛେଦ ଯନ୍ତ୍ରଣା ଅବଶ୍ୟ ଭୋଗିବାକୁ ହେବ—ଆଉ ସାଧ୍ୱୀ, ସଚ୍ଚରିତ୍ର ପତିପରାୟଣା ଧାର୍ମିକା ସ୍ତ୍ରୀର ଗୁଣଗାରିମା ଯେଉଁ ଲୋକ ଥରେ ମାତ୍ର ଅନୁଭବ କରିଅଛି, ତାହାର ବିଚ୍ଛେଦ ଯନ୍ତ୍ରଣା ଯେ କି ରୂପେ ଅସହ୍ୟ, ତାହା ବର୍ଣ୍ଣନା କରିବାକୁ ଭାଷାର ସୃଷ୍ଟି ହୋଇନାହିଁ । ···ହେନ୍ଥ ବ୍ୟକ୍ତି ବୋଧକରେ ଜଗତର ସମସ୍ତ ସୁନ୍ଦର ପଦାର୍ଥର ସୌନ୍ଦର୍ଯ୍ୟ, ସମସ୍ତ ମାଧୁର୍ଯ୍ୟର ମାଧୁରିମା, ସମସ୍ତ ପୁଷ୍ପର ସୁଗନ୍ଧ, ସମସ୍ତ ସଂଗୀତ ତାନ ଲହରୀ, ସମସ୍ତ ପବିତ୍ରତା ଚିତାଗ୍ନିରେ ଦଗ୍‌ଧୀଭୂତ ହୋଇ ଯାଇଛି । ସଂକ୍ଷେପରେ କହିବାକୁ ଗଲେ, ସେ ଆପଣାକୁ ମୃତଲୋକ ମଧ୍ୟରେ ଜୀବିତ, ଜୀବିତ ମଧ୍ୟରେ ଆପଣାକୁ ମୃତ ବୋଲି ମନେ

Source: Author, Digitized by PPRACHIN, SOA

କରେ ।'' ଏମିତ ଲେଖୁ ଲେଖୁ ଫକୀରମୋହନଙ୍କର ଚମ୍ପା କଥା ମନେ ପଡ଼ିଯାଇଛି ଓ ତାଙ୍କ ଅବଦମିତ କବି ପ୍ରତିଭା ଜାଗି ଉଠିଛି, ସେ ଅନ୍ୟ ଏକ ଅନୁଚ୍ଛେଦକୁ ତୋଳି ପଡ଼ୁଛନ୍ତି ଧ୍ୱନିଗାମ୍ଭୀର୍ଯ୍ୟ ଓ ଶବ୍ଦାଡମ୍ବର ସହିତ, ''ମଙ୍ଗରାଜଙ୍କ ଜୀବନ କ୍ଷେତ୍ରରେ ଦୁଇଗୋଟି ନଦୀ ପ୍ରବାହିତ ହେଉଥିଲା । ଗୋଟିଏ ଉଚ୍ଛ୍ୱଳ ତରଙ୍ଗମୟୀ ସର୍ପକୁମ୍ଭୀର ସଙ୍କୁଳା କୂଳପ୍ଲାବିନୀ ଚମ୍ପିଣୀ ଆଉ ଗୋଟିଏ ଅନ୍ତଃସ୍ରୋତା ପୂତସଲିଳା କୂଳପାବନୀ ଫଲ୍‌ଗୁ । ହୁଏତ ମଙ୍ଗରାଜେ ବୁଝିଛନ୍ତି, ଫଲ୍‌ଗୁ ଚିରକାଳ ନିମନ୍ତେ ବିଦାୟ ଗ୍ରହଣ କଲା ।'' ଏଠାରେ ଫକୀରମୋହନଙ୍କ ଗଦ୍ୟଖଣ୍ଡ ଆମ ପ୍ରଚଳିତ ଧାରଣାକୁ ବିପର୍ଯ୍ୟସ୍ତ କରି ଅସାଧାରଣ ଶିଳ୍ପ ସୌଷ୍ଠବରେ ପ୍ରତିଷ୍ଠିତ ହୋଇଛି ।

ଫକୀରମୋହନଙ୍କ ଗଦ୍ୟଶୈଳୀ ତାଙ୍କ ବକ୍ତବ୍ୟର ଅବିଚ୍ଛେଦ୍ୟ ଅଙ୍ଗ । ବିଶେଷଣ, ବିଶ୍ଳେଷଣ, କୌତୁକ, କଟାକ୍ଷ, ତାରଲ୍ୟ ଓ ଗାମ୍ଭୀର୍ଯ୍ୟରେ ଉଚ୍ଛ୍ୱସିତ ହୋଇ ତାହା ଆମୂଳାନ୍ତ ଜୀବନ୍ତ ରହିଛି, ସ୍ଥାନେ ସ୍ଥାନେ ତାହା କବିତ୍ୱରେ ବି ସ୍ୱପ୍ରକାଶ । ତାଙ୍କ ଶୈଳୀରେ ଅଛି କାବ୍ୟଗୁଣ, ବେଗ ଓ ଗାମ୍ଭୀର୍ଯ୍ୟ, ଧ୍ୱନିରୋଳ, ଯଥାର୍ଥ ଅର୍ଥାଲଙ୍କାର ଓ ଅନୁଭୂତ ତଥା ବ୍ୟଞ୍ଜନା । ଏହା ତାଙ୍କ ବ୍ୟକ୍ତିତ୍ୱକୁ ବି ସୂଚଉଛି ।

(ସାତ)

ଉଭୟ 'ବିଷବୃକ୍ଷ' ଓ 'ଛ'ମାଣ ଆଠଗୁଣ୍ଠ'ରେ 'କୋହିନୂର' ପ୍ରତୀକଟି ବ୍ୟବହୃତ । ପ୍ରତ୍ୟାଶିତ ବସ୍ତୁର ପ୍ରାପ୍ତି ଯେ ପରିଣାମରେ କିପରି ଭୟଙ୍କର ଓ ସର୍ବନାଶୀ ତାହା କୋହିନୂର ପ୍ରାପ୍ତିରେ ଉଦାହୃତ । ବିଷବୃକ୍ଷର 'କୁଳନନ୍ଦିନୀ' ଓ ଛ'ମାଣ ଆଠଗୁଣ୍ଠ ଜମିର ପ୍ରଲୋଭନ ଅସଂବରଣୀୟ । କିନ୍ତୁ ପ୍ରାପ୍ତି ଭୟାବହ ଓ ଶୋଚନୀୟ । କ'ଣ ହୋଇପାରେ ଏପରି ପରିଣତିର କାରଣ ? ନାୟକର ଅଯୋଗ୍ୟତା ନା ବସ୍ତୁର ମାରାତ୍ମକତା ? ଫକୀରମୋହନ - ମଣିଷର ଅଯୋଗ୍ୟତା ପ୍ରତି ଇଙ୍ଗିତ କରିଛନ୍ତି, କୋହିନୂର ପୁଣି ବ୍ରିଟିଶ ରାଣୀଙ୍କ ମୁକୁଟ ମଣ୍ଡିଛି, ତାଙ୍କ ସୌଭାଗ୍ୟର ଦୀପ୍ତି ସଞ୍ଚାରିଛି । ଏଠି ଅନ୍ତରାଳରେ ମଧ୍ୟ ରାମାୟଣ ମିଥିଟି ସନ୍ନିବିଷ୍ଟ ରହିଛି, ଶ୍ରୀରାମଙ୍କ ପାଇଁ ସୀତା ପରମା ଓ କଲ୍ୟାଣମୟୀ, କିନ୍ତୁ ରାବଣ ପାଇଁ ମାରାତ୍ମିକା । ଛ'ମାଣ ଆଠଗୁଣ୍ଠର ଶରୀର-ସ୍ତରରେ ରାମାୟଣର ଆଖ୍ୟାନ-ପାଟର୍ନଟି ବ୍ୟବହୃତ ହୋଇଛି, ଯେମିତି 'ମାମୁଁ'ରେ ଅଛି ଭାଗବତ-ପାଟର୍ନ । ମାମୁଁ କଂସଟିର ପ୍ରତିଭୂ । ରାମଚନ୍ଦ୍ର ମଙ୍ଗରାଜ ରାବଣର ପ୍ରତିଭୂ । 'ପରଜା' ଉପନ୍ୟାସର ଗତି ଜିଜ୍ଞାସାମୂଳକ ଥିଲା ଏବଂ ଛ'ମାଣ ଆଠଗୁଣ୍ଠ, ତାହାର ଦୁର୍ବୃତ୍ତିଟିର ନାମ ବି ରାମ । ଉଭୟ ଉପନ୍ୟାସ ବି ପ୍ରାପ୍ତିର ଅର୍ଥହୀନତା ଓ ଧ୍ୱଂସବହୁତାର ଇଙ୍ଗିତ କରିଥାନ୍ତି । ମଣିଷ ଜୀବନର ଅର୍ଥହୀନତା 'ଛ'ମାଣ ଆଠଗୁଣ୍ଠ' ସୂଚାଏ କି ? ନା ଲୋଭର ପରିଣାମ ଦେଖାଏ ମାତ୍ର ? ପାଇବା ପୁଣି ଏତେ ନିର୍ମମ ଓ

Source: Author, Digitized by PPRACHIN, SOA

ଶୋକାବହ ? ନ ପାଇବା କ'ଣ ହେବେ ଶୁଭଙ୍କର ? ଏହି ସବୁ ପ୍ରଶ୍ନରେ ବିସ୍ମୟର ଉପସଂହାର ହେଉ ।

ଅଗ୍ରଦୂତ 'ଛ'ମାଣ ଆଠଗୁଣ୍ଠ'ର ଶୁଦ୍ଧ ସଂସ୍କରଣଟିଏ ପ୍ରକାଶ କରିବାକୁ ଚାହିଁଛନ୍ତି । ଆନନ୍ଦର କଥା । କିନ୍ତୁ ପୋଥିସଂପାଦନାଠାରୁ ବହି ସଂସ୍କରଣ ଭିତର ଦେଇ ଆମ ନିକଟରେ ପହଞ୍ଚିଥିବା ମାତ୍ର ଶହେବର୍ଷ ତଳର ଛପା ବହିର ସଂପାଦନା ଯେ କେଡ଼େ ବଳି କଷ୍ଟକର ବ୍ୟାପାର ତାହା ଏହି କାର୍ଯ୍ୟରେ ହାତ ଦେଇ ନଥିଲେ ଲେଖକ ଜାଣିପାରି ନ ଥାନ୍ତା । ପୋଥିର ଅନୁଲେଖକ କ୍ୱଚିତ୍ ଯାନ୍ତ୍ରିକ ଭାବରେ ପୋଥି ଉତ୍ତରନ୍ତି, ତାଙ୍କର ଅଜ୍ଞତା ଥାଏ ସିନା ଅବହେଳା କି ଅବଜ୍ଞା ନଥାଏ । କିନ୍ତୁ କଂପୋଜିଟରର ? ପୋଥିର ଅନୁଲେଖକ ଜାଣିଥାନ୍ତି ସେ ପବିତ୍ର କାର୍ଯ୍ୟ କରୁଛନ୍ତି, ତଦ୍ଦ୍ୱାରା ଜାତୀୟ କଲ୍ୟାଣ ସମ୍ପନ୍ନ ହେବ । ଶେଷକୁ କ୍ଷମାଭିକ୍ଷା କରିଥାନ୍ତି ମଧ୍ୟ ସମ୍ଭାବ୍ୟ ଦୋଷତ୍ରୁଟି ପ୍ରତି ସଚେତନ ହୋଇ । ତାଙ୍କର ଅର୍ଥବୋଧ ଥାଏ, କେହି କେହି ମଧ୍ୟ କଳ୍ପନା ଓ କବିତ୍ୱର ଅଧିକାରୀ ହୋଇଥାନ୍ତି ; ଯୋଡ଼ି ଦିଅନ୍ତି କିଛି ଧାଡ଼ି କି ଆଖ୍ୟାନ —ପାଠକର ଅର୍ଥବୋଧ ଓ ରସବୋଧରେ ସହାୟକ ହେବାରେ ଯାହାର ସାମର୍ଥ୍ୟ ଓ ସମ୍ଭାବନା ଥାଏ । କିନ୍ତୁ କଂପୋଜିଟର ବଡ଼ ଯାନ୍ତ୍ରିକ ଭାବରେ କାର୍ଯ୍ୟଟି କରନ୍ତି, ଅର୍ଥବୋଧ ପ୍ରତି ସଂପୂର୍ଣ୍ଣ ଉଦାସୀନ ରହିଥାନ୍ତି, ତେଣୁ ଶବ୍ଦ ବଦଳି ଗଲେ କି କେତୋଟି ଧାଡ଼ି ବାଦ ପଡ଼ିଲେ ତାଙ୍କର କିଛି ଯାଏଆସେ ନାହିଁ । 'ଛ'ମାଣ ଆଠଗୁଣ୍ଠ' ତାଙ୍କର ହାତରେ ପଡ଼ି ବିକୃତ ହୋଇଛି । ଲେଖକ ତାହାକୁ ଯଥାସାଧ୍ୟ ମୂଳପାଠ ସହିତ ମିଳାଇବାକୁ ଚାହିଁଛି । ଏ କ୍ଷେତ୍ରରେ 'ଉତ୍କଳ ସାହିତ୍ୟ' ସହାୟକ ହେବା କଥା । କିନ୍ତୁ ଲେଖକମାନେ ସାହିତ୍ୟ ପତ୍ରିକାର ନିଜଲେଖା ସଂଗ୍ରହ କରି ପୁସ୍ତକ ଆକାରରେ ଛାପିଲାବେଳେ କିଛି ପରିମାର୍ଜନ ଓ ପରିବର୍ଦ୍ଧନ କରିଥାନ୍ତି । ଫକୀରମୋହନ ୧୯୦୨ରେ 'ଛ'ମାଣ ଆଠଗୁଣ୍ଠର ପ୍ରଥମ ସଂସ୍କରଣରେ କିଛି ହସ୍ତକ୍ଷେପ କରିଛନ୍ତି ନିଶ୍ଚୟ । ତେଣୁ ବଜାରରେ ମିଳୁଥିବା ବହିର ପାଠ ସହିତ ଉତ୍କଳସାହିତ୍ୟର ପାଠ ଅବିକଳ ମିଶୁନାହିଁ । ଲେଖକ ବିନମ୍ରତାର ସହିତ ସ୍ୱୀକାର କରୁଛି ଯେ, ସେ ପ୍ରଥମ ସଂସ୍କରଣଟି ପାଇ ନାହିଁ । ବଜାରରେ ମିଳୁଥିବା ବହିଟିର ଶୂନ୍ୟତାକୁ ଅର୍ଥାତ୍ ବାଦ ପଡ଼ିଯାଇଥିବା ଅଂଶଗୁଡ଼ିକୁ ଉତ୍କଳ ସାହିତ୍ୟର ପାଠ ସହାୟତାରେ ଭରଣା କରିଛି ମାତ୍ର । ଏ କ୍ଷେତ୍ରରେ ତାହାକୁ ସାହାଯ୍ୟ କରିଛନ୍ତି ଅନୁଜ ପ୍ରତିମ ସହକର୍ମୀ ବନ୍ଧୁ ଡଃ କୈଳାଶ ପଟ୍ଟନାୟକ ଓ ଡଃ ପୂର୍ଣ୍ଣଚନ୍ଦ୍ର ମିଶ୍ର । ସେ ତାଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଛି । ଆଉ 'ଅଗ୍ରଦୂତ' ଆମକୁ ଉତ୍ସାହିତ କରିଥିବାରୁ ତାହାର ସ୍ୱତ୍ୱାଧିକାରୀଙ୍କୁ ସାଧୁବାଦ ଜ୍ଞାପନ କରୁଛୁ ।

ଭଞ୍ଜବିହାର

୮ । ୫ । ୯୬

ଦାଶରଥି ଦାସ

Source: Author, Digitized by PPRACHIN, SOA

ପରିଚ୍ଛେଦ-୯

ରାମଚନ୍ଦ୍ର ମଙ୍ଗରାଜ

ରାମଚନ୍ଦ୍ର ମଙ୍ଗରାଜ ଜଣେ ମଫସଲ ଜମିଦାର, ମଧ୍ୟ ମହାଜନ । ନଗଦ ଟଙ୍କା କାରବାରଠାରୁ ଧାନର ମହାଜନୀ ବେଶି । ଶୁଣାଯାଏ ଆଡ଼େ (୧) ଦାଦେଁ ଦୁଇ କୋଶ ମଧ୍ୟରେ ଆଉ କାହାର କାରବାର ଚଳେନାହିଁ । ଲୋକଟି ବଡ଼ ଧାର୍ମିକ । ବର୍ଷ ମଧ୍ୟରେ ୨୪ଟା ଏକାଦଶୀ; ୪୦ଟା ଥିଲେ ମଧ୍ୟ ଗୋଟାଏ ଯେ ଛାଡ଼ ପଡ଼ନ୍ତା ଏ କଥା ଆମ୍ଭେମାନେ କହିବାକୁ ଅକ୍ଷମ । ଏକାଦଶୀ ଦିନ ତୁଳସୀପତ୍ର ଜଳ ମାତ୍ର ଅବଲମ୍ବନ । ସେଦିନ ଉପରଓଳି ମଙ୍ଗରାଜଙ୍କର ଜଗା ଭଣ୍ଡାରି କଥା କହୁ କହୁ କହିପକାଇଥିଲା, ପ୍ରତି ଏକାଦଶୀ ଦିନ ସଞ୍ଜବେଳେ ଦ୍ୱାଦଶୀ ପାରଣା (୨) ସକାଶେ ସାଆନ୍ତଙ୍କ ଶୋଇବା ଘରେ ସେରେ ଦୁଧ, ଦଶ (୩) ଖଇ, ନବାତ, ପାଚିଲାକଦଳୀ ରଖାଯାଇଥାଏ । ସେ (ଜଗା) ଦ୍ୱାଦଶୀ ଦିନ ବଡ଼ସକାଳେ ତୁଚ୍ଛା (୪) ବାସନ ମାଜେ । ଏକଥା ଶୁଣି ଜଣ କେତେ ମୂହଁ ବୁହାଁବୁହିଁ ହୋଇ ମୁରୁକ ମୁରୁକ ହସିଥିଲେ । ଜଣେ କହିପକାଇଲା, "ଡୁବ କରି ପାଣି ପିଇଲେ ମହାଦେବଙ୍କ ବାପ ବି ଜାଣି ପାରିବେ ନାହିଁ ।" ଏ କଥାର ଅର୍ଥ ସଫା ବୁଝାଗଲା ନାହିଁ; ମାତ୍ର ଆମ୍ଭେମାନେ ଅନୁମାନ କରିନେଲୁ, ଏହା ନିନ୍ଦୁକର କଥା । ସେ କଥା ଛାଡ଼, ବରଞ୍ଚ ଆମ୍ଭେମାନେ ସାଆନ୍ତଙ୍କ ସପକ୍ଷରେ ଓକିଲତି କରିପାରୁଁ । ସ୍ପଷ୍ଟ ଶୂନ୍ୟ ହେବା ଜାଠ୍ୟଃ । ଯେ ମଙ୍ଗରାଜଙ୍କଦ୍ୱାରା ଅନୁଷ୍ଠିତ ହୋଇଅଛି ଏଥିର ପ୍ରତ୍ୟକ୍ଷ ସାକ୍ଷୀ କାହିଁ ? ଶୁଣିବା କଥା ଅନୁମାନ କଥା ପ୍ରମାଣରୂପେ ଗ୍ରହଣ କରିବାକୁ ଆମ୍ଭେମାନେ ନିତାନ୍ତ ନାରାଜ । ଅଦାଲତର ହାକିମମାନଙ୍କର ତ ଏହି ରାୟ । ଆଉ ଗୋଟାଏ କଥା ଦେଖ—ବିଜ୍ଞାନଶାସ୍ତ୍ର କହେ, 'ଜଳୀୟ ପଦାର୍ଥ ସବୁ ବାଷ୍ପାକାର ହୋଇ ଉଡ଼ିଯାଏ । ଦୁଧ ତ ଜଳୀୟ ପଦାର୍ଥ; ଜମିଦାର ଘର ଦୁଧ ବୋଲି ବିଜ୍ଞାନ ବିଧି ଓଲଟିବ ପଛ ! ପୁଣି ସେ ଘରେ ମୂଷା, ଚୂଚୁନ୍ଦୁରା, ଚୁଟିଆ ଥିଲେ; ଗୁରପୋକ, ମଶାମାଛି ଅବା କେଉଁ ଘରେ ନଥାନ୍ତି ? ପେଟପାଟଣା ପାଇଁ ଜଗତର ସମସ୍ତ ପ୍ରାଣୀ ଧାଉଁଛନ୍ତି । ବିଶେଷରେ ସେମାନେ ମଙ୍ଗରାଜଙ୍କ ପରି ହରିଭକ୍ତି-ବିଳାସ ଗ୍ରନ୍ଥ-ମାହାତ୍ମ୍ୟ ଶୁଣିନାହାନ୍ତି । ଏଥିରୁ ମଙ୍ଗରାଜଙ୍କ ଧର୍ମନିଷ୍ଠା ପ୍ରତି ସନ୍ଦେହ କରିବା ମହାପାପ ବୋଲି ବିଚାରକରୁ ।

Source: Author, Digitized by PPRACHIN, SOA

ଆହୁରି ମଧ୍ୟ ପାର୍ଶ୍ୱବର୍ତ୍ତୀ ଘଟଣାମାନଙ୍କ ପ୍ରତି ନଜର ରଖିବା ନିମନ୍ତେ ପ୍ରମାଣ ଆଇନରେ ବିଚାରକମାନଙ୍କ ପ୍ରତି ବିଶେଷ ବିଧି ଅଛି । ମଙ୍ଗରାଜେ ଉଷୁନା ଛୁଅନ୍ତି ନାହିଁ—ମାଛ. ଶୁଖୁଆ କଥା ଛାଡ଼ । ଦ୍ୱାଦଶୀ ଦିନ ବ୍ରାହ୍ମଣଭୋଜନ କରାଇ ତହିଁ ଉତ୍ତାରେ ପାରଣା କରନ୍ତି । ମଙ୍ଗରାଜେ ଭାରି ହୁସିଆର ଲୋକ । ଏହି ବ୍ରାହ୍ମଣ-ଭୋଜନରୂପ ମହତ୍ କାର୍ଯ୍ୟରେ କେତେ ବିଘ୍ନ ଘଟିପାରେ । ଏଥିସକାଶେ ଜଣେ କେଉଟକୁ ମାଣେ ଓ ଜଣେ ଗୁଡ଼ିଆକୁ ମାଣେ ଏପରି ଦୁଇମାଣ ଜମି ଖଞ୍ଜି ଦେଇଛନ୍ତି । ଦ୍ୱାଦଶୀ ଦିନ ଭୋରୁ କେଉଟ ଦୁଇ ନଉତି (୫) ଚୂଡ଼ା ଓ ଗୁଡ଼ିଆ କୋଡ଼ିଏ ପଲ (୬) ଗୁଡ଼ ଦାଖଲ କରିଯାଏ । ଗୋବିନ୍ଦପୁର ଶାସନ ୨୭ ଘର ବ୍ରାହ୍ମଣ ସମସ୍ତେ ନିମନ୍ତ୍ରିତ ହୋଇ ଆସନ୍ତି । ବେଳ ଛଅଘଡ଼ି ମଧ୍ୟରେ ବ୍ରାହ୍ମଣଭୋଜନ ହୋଇଯାଏ । ମଙ୍ଗରାଜେ ସ୍ୱୟଂ ବ୍ରାହ୍ମଣମାନଙ୍କୁ ପରିବେଷଣ କରନ୍ତି । ଥରେ ପତ୍ରରେ ଚୂଡ଼ା ଗୁଡ଼ ଲଗାଇଦେଇ ମଙ୍ଗରାଜେ ଉଚ୍ଚ ପାଟିକରି ହାତ ଯୋଡ଼ି କହନ୍ତି, "ଗୋସେଇଁମାନେ-କହନ୍ତୁ, ଆଉ କିଛି ଲୋଡ଼ା କି ନାହିଁ ? ଢେର୍ ଜଳପାନ, ଢେର୍ ଗୁଡ଼ ଅଛି, ମାତ୍ର ମୁଁ ଜାଣେ, ଆପଣମାନଙ୍କ ଆଖି ବଡ଼, ପେଟ ସାନ । ଆପଣମାନଙ୍କ ପେଟକୁ ବଳି ପଡ଼ିଲାଣି ।" ଏଥିଉତ୍ତାରେ କୌଣସି ପେଟବିକଳିଆ ବ୍ରାହ୍ମଣ ଜଳପାନ ମାଗି ବସିଲେ, ସାଆନ୍ତେ ତିନିଆଙ୍ଗୁଳିଆ ପାଞ୍ଚ-ସାତ ପୁଞ୍ଜା ଚୂଡ଼ା ଧରି ପତ୍ରକୁ ଫୋପାଡ଼ି ଦିଅନ୍ତି । ତହିଁଉତ୍ତାରେ ଗୋସେଇଁମାନେ 'ପୂର୍ଣ୍ଣ ହେଲା, ପୂର୍ଣ୍ଣ ହେଲା' କହି ଲମ୍ବା ଲମ୍ବା ହାକୁଟି ମାରି ଆଶୀର୍ବାଦ କରି ପତ୍ର ଛାଡ଼ନ୍ତି । ବ୍ରାହ୍ମଣଭୋଜନ ଉତ୍ତାରେ ଯେଉଁ ଏକ ନଉତି ଚୂଡ଼ା ଓ ଅଧାଅଧି ଗୁଡ଼ ବଳିପଡ଼େ, ତାହା ଭକ୍ତିପୂର୍ବକ ମଙ୍ଗରାଜେ ସେବା କରନ୍ତି । (୭) ପାଠକ ଆପଣ ପଚାରିବେ ନଉତିଏ ଚୂଡ଼ାରେ ସତେଇଶି ଜଣ ବ୍ରାହ୍ମଣଙ୍କ ପେଟ କିପରି ପୂରିଲା ? ହରିବୋଲ ଭାଇ, ହରିବୋଲ ! ଏସବୁ କଥାର ଉତ୍ତର ଦେବାକୁ ଗଲେ ଆମ୍ଭମାନଙ୍କର ଆଉ ଲେଖା ଚଳିବ ନାହିଁ । ଯୀଶୁଖ୍ରୀଷ୍ଟ ଦୁଇଖଣ୍ଡ ରୁଟିରେ ବାରଶତ ଲୋକ ଖୁଆଇଲେ, ପୁଣି ଚାରିପାଛିଆ ବଳିପଡ଼ିଲା । କାମ୍ୟକବନରେ ଶ୍ରୀକୃଷ୍ଣ ଦୁର୍ବାସାଙ୍କ ବାରହଜାର ଶିଷ୍ୟଙ୍କର ପେଟ ଟିକିଏ ଶାଗରେ ପୂରାଇ ଦେଇଥିଲେ । ଏହି ମହାପୁରୁଷଙ୍କ ହସ୍ତମହିମା ପ୍ରତି ଯଦି ଆପଣମାନଙ୍କର ବିଶ୍ୱାସ ନ ଥାଏ, ତେବେ ଆମ୍ଭମାନଙ୍କ ମଙ୍ଗରାଜ-ଚରିତ୍ର ପଢ଼ିବା ନିମନ୍ତେ ଅନୁରୋଧ କରିବାକୁ ସାହସ କରିପାରୁ ନାହିଁ ।

ଏପରି ଶୁଣାଅଛି, ତାଙ୍କର ମାଉସୀପୁଅ ଭାଇ ଶ୍ୟାମ ମଲ୍ଲିକ ସହରକୁ ଯାଇଥିଲେ । ପାପ ଛାୟା (୮) ରହେ ନାହିଁ । ସେ କୁସଙ୍ଗରେ ପଡ଼ି ପିଆଜମିଶା କୋବି ଖାଇଥିବା ସାଆନ୍ତଙ୍କ ନିକଟରେ ଅଜଣା ରହିଲା ନାହିଁ । ଆଜଯାଏ ବୁଢ଼ ବଢ଼ି ରହିଥାନ୍ତା । ମଙ୍ଗରାଜେ ଖୁବ୍ କମ୍ ଖରଚରେ ଅର୍ଥାତ୍ ଶ୍ୟାମଙ୍କ ଦେଢ଼ବାଟି ପୈତୃକ ଲାଖରାଜରୁ (୯) ୧୫ ମାଣ ଜମି ମାତ୍ର ନେଇ ଖଲାସ କରିଦେଲେ ।

Source: Author, Digitized by PPRACHIN, SOA

ମଙ୍ଗରାଜେ ତନେ ଶ୍ୟାମକୁ ଡାକି ମୁରବିପଣିଆ କରି କହିଲେ, "ଦେଖ ଶ୍ୟାମ, ଏଣିକି ବୁଝିଆର ରହ । ମୁଁ ଥିଲି ବୋଲି ମୋ ମୁନ୍ସିକାରେ (୧୦) ପାଞ୍ଚଜଣ ତୋତେ ଟେକିନେଲେ ସିନା, ନୋହିଲେ ତୁ ଏକାବେଳକେ କରସ୍ଥାନ ହୋଇ-ଯାଇଥାନ୍ତୁ—ତୋ ସାତପୁରୁଷ ଅନ୍ଧ ନରକରେ ପଡ଼ିଥାନ୍ତେ । ଆଉ ମୁଁ ବୋଲି ସିନା ତୋର ମାଣ ପାଞ୍ଚ ଟଙ୍କାରେ ନେଲି, ଆଉ କେହି ଦୁଇ ଟଙ୍କାରେ ଛୁଅନ୍ତା ନାହିଁ । ଯେତେବେଳେ ତୁ ତ ଖାଇ, କ'ଣ ତୋତେ ଫୋପାଡ଼ି ଦେବ ? ହେଲେ, ବିପଦ ଆପଦ ବେଳକୁ ମୁଁ ଭଲଦେଲେ କେହି ନୁହେଁ । ଏହି ସେଦିନ ଖ୍ରିସ୍ତା ଗଉଡ଼ର ଫୌଜଦାରୀ ମକଦ୍ଦମାରେ ତୋତେ ଗୁହା (୧୧) ହେବାକୁ କହିଲି । ଘରେ ଲୁଚିଲୁ, ଦେଖାଦେଲୁ ନାହିଁ ।"

ହାୟ ! ହାୟ ! ଯେଉଁ ନନ୍ଦୁକମାନେ ଖ୍ରୀଷ୍ଟଙ୍କୁ କ୍ରୁଶରେ ଚଢ଼ାଇଲେ, ପରମା ସତୀ ସୀତାଙ୍କୁ ବଣକୁ ପଠାଇଲେ, ସେମାନଙ୍କ ବଂଶଧରମାନେ ଯେ ହରିବାସର (୧୨) ଉପବାସୀ ପରୋପକାରୀ ମଙ୍ଗରାଜଙ୍କ ଅଖ୍ୟାତି ରଚନା କରିବେ, ଏହା କିଛି ବିଚିତ୍ର ନୁହେଁ । ନନ୍ଦୁକମାନେ କେଉଁ କଥା କହି ବୁଲିବେ, ଆମ୍ଭମାନଙ୍କୁ ନାଗର ହାଲତରେ (୧୩) ସେ କଥା ବୋଲିବାକୁ ହେଉଅଛି । ସେମାନେ କହନ୍ତି, ମଙ୍ଗରାଜେ ଗୃହକୋଷ ମଧ୍ୟରେ କାହାରି ଗୋଖୋଜକୁ ଖୋଜେ ଜମି ରଖିଲେ ନାହିଁ । ବାକି ଥିଲା ଖାଇ—ଓର (୧୪) ଖୋଜି ଖୋଜି ଏତେଦିନେ ପାଇଲେ । ଶ୍ୟାମ ପିଆଜ ଖାଇ ବ୍ରାହ୍ମଣ ଭୋଜନ କରାଇଲା, ମଙ୍ଗରାଜଘର ମାଇକିନିଆମାନେ ଯେ ଚମ୍ପାକୁ ପଠାଇ ହାଟରୁ ପିଆଜ କିଣି ଆଣନ୍ତି, କଥାଛଳରେ ଆମ୍ଭେମାନେ ମାନିଗଲୁଁ ଚମ୍ପା ପିଆଜ କିଣିଆଣିଲା । ଖାଇବାର ପ୍ରମାଣ କାହିଁ ? "ପଳାଣ୍ଡୁ (୧୫) ଗୃଞ୍ଜନ (୧୬) ଚୈବ"—ମନୁରେ ଖାଇବାକୁ ସିନା ମନା—କିଣିଲେ ପତିତ ହେବ ଏ ବିଧି କାହିଁ ? ମାତ୍ର ଭଦ୍ରଲୋକ ଘର ମହିଳାମାନଙ୍କ ଦୋଷାଦୋଷ ସମାଲୋଚନାକାରୀ ନନ୍ଦୁକମାନଙ୍କ କଥାରେ ଉତ୍ତର ଦେବାକୁ ଆମ୍ଭେମାନେ ସମ୍ପୂର୍ଣ୍ଣ ନାରାଜ ।

ପରିଚ୍ଛେଦ - ୬

ସ୍ୱନାମ ପୁରୁଷୋ ଧନ୍ୟଃ

ମଙ୍ଗରାଜେ ଗରିବର ପୁଅ ଥିଲେ । ଶୁଣାଅଛୁ, ସାତବର୍ଷ ବୟସରେ ସେ ଛେଉଣ୍ଡ (୧) ହୋଇ ବୁଲୁଥିଲେ । ପଇସା ଅଭାବରୁ ବାପର ଶ୍ରାଦ୍ଧ ହୋଇନାହିଁ । ସ୍କୁଲକୁ ନଡ଼ା ନ ଉଠିବାରୁ କାନ୍ଥ ପଡ଼ିଯାଇଥିଲା । ଏହାଙ୍କ ବାଲ୍ୟଜୀବନ, ବିଦ୍ୟାଶିକ୍ଷା, କର୍ମକ୍ଷେତ୍ରରେ ପ୍ରବେଶ ପ୍ରଭୃତି ଘଟଣାମାନ ବେଶ ରହସ୍ୟ ରକମର ।

Source: Author, Digitized by PPRACHIN, SOA

ଜଗତର କୌଣସି ପ୍ରଧାନ ଲୋକଙ୍କ ଜୀବନଚରିତ ଅଲୌକିକ ଘଟଣାଶୂନ୍ୟ ନୁହେଁ । ସେ ସବୁ କଥା ଲେଖିବାକୁ ଗଲେ ଢେର୍ କାଗଜ କଲମ, ଢେର୍ ସମୟ ଆବଶ୍ୟକ; ମାତ୍ର ପରମିତବ୍ୟୟିତା (୨) ଯେ ଗୋଟିଏ ମହତ୍ତ୍ୱ ଗୁଣ ଏ ବିଷୟରେ ଆମ୍ଭମାନଙ୍କର ଶିକ୍ଷାଗୁରୁ ମଙ୍ଗରାଜେ । ଅର୍ଥନୀତି ସମ୍ବନ୍ଧରେ ମହାପଣ୍ଡିତ ବେଞ୍ଜାମିନ୍ ଫ୍ରାଙ୍କ୍‌ଲିନ୍ ଯେଉଁ ଉପଦେଶ ଦେଇ ଯାଇଅଛନ୍ତି, ସେଥିର ମର୍ମ ଆମ୍ଭେମାନେ ଏହିପରି ବୁଝିଅଛୁ । କାଗଜ ବଜାରରୁ କିଣିଆଣିବା ସହଜ, ବ୍ୟବହାର କରିବା ବଡ଼ କଠିନ । ଏଥିରୁ ଆମ୍ଭେମାନେ ଠିକେ ଠିକେ ସବୁ କଥା ଲେଖି ମଙ୍ଗରାଜା ଅର୍ଥନୀତିର ମର୍ଯ୍ୟାଦା ରକ୍ଷା କରିବାକୁ ଚେଷ୍ଟା କରିବୁଁ ।

ମଙ୍ଗରାଜଙ୍କ ଜମିଦାରୀର ନାମ ଫତେପୁର ସରଷଣ୍ଡ, ସଦରଜମା (୩) ପାଞ୍ଚହଜାର, ଅଠେଇଶ ବାଟି ବାହେଲ (୪) । ଲଖରାଜ, ବାଜେଆପ୍ତି (୫) ପନ୍ଦର ବାଟି ସତାଇଶ ମାଣ—ସତାଇଶ ମାଣ କମ୍ପା କାଣ, ଏଥିର କଣେ ସାତମାଣିଆ ସରକଦାର (୬) ଥିବାର ଜଜ୍ ଅଦାଲତରେ ଅପିଲ ଦାଏର ଅଛି । ଲୋକେ କହନ୍ତି ଗୁଳିଶ ପଞ୍ଚାଶ ହଜାର ଟଙ୍କା ମହାଜନୀରେ ଖେଳୁଅଛି । ବଡ଼ଲୋକ ଘର କଥା, ବଡ଼ ଶୁଭେ । ଆମ୍ଭେମାନେ ଅନୁମାନ କରୁ ୧୫ ହଜାରରୁ ବେଶି ନୁହେଁ । ମିଥ୍ୟା କଥା କହିବା ଆମ୍ଭମାନଙ୍କର ଧର୍ମ ନୁହେଁ । ଇନ୍‌କମ୍ ଟିକସ୍ ଇଲକା (୭) ପିଆଦାଠାରୁ ଶୁଣି ଏ କଥା କହୁଅଛୁଁ । ଧାନ ମହାଜନୀ କାଗଜ କୋଡ଼ିଏ ବରଷ ହେଲା ରଫା (୮) ହୋଇ ନାହିଁ । ଏଥିକୁ ସଠିକ ହିସାବ ଦେବାକୁ ଅକ୍ଷମ । ଗଲା ଅଙ୍କ ସୁନିଆ ବାହାରେ ଧାନଘରିଆ ଯେଉଁ ପାଞ୍ଜି ଦାଖଲ କରିଥିଲା ସେଥି ମଧ୍ୟୋଟରୁ (୯) ଆମ୍ଭେମାନେ ଜାଣୁଅଛୁ ଯେ ଦୁଇହଜାର ସାତ ଭରଣ ପନ୍ଦର ନଉତି ଛ' ବିଶା (୧୦) ଦୁଇ କାଣି (୧୧) ଧାନ ଅମାରରେ ଜମା ଅଛି ।

ଘର ପାଞ୍ଚ ପରସ୍ତ (୧୨)—ଭିତର ପରସ୍ତରେ ତିନି ପୁଅ । ଏକ ପରସ୍ତରେ ସାଆନ୍ତ ସାଆନ୍ତାଣୀ ଓ ସାନଝିଅ ମାଲତୀ ଆନ୍ତି, ବାହାର ପରସ୍ତ କଚେରି । କଚେରି ଘର ପାଞ୍ଚଶେଣିଆ (୧୩) ଶେଣିପଟାରେ ବାଘ, ହାତୀ, ବଗଡ଼, ରାଧାକୃଷ୍ଣ, ମାଙ୍କଡ଼ ଖୋଳାଯାଇଅଛି । କାନ୍ଥ ସବୁରେ ନୀଳ, ଶୁକ୍ଳ, ରକ୍ତ, ହରିଦ୍ରା, ପାଟଳ— ବିବିଧ ରଙ୍ଗରେ ପଦ୍ମ, କହ୍ଲାର (୧୪) କୁସୁମ, ମାଳତୀ, ପୁଷ୍ପମାଳା, ବାନରଯୂଥ, ରାକ୍ଷସଶ୍ରେଣୀ ସମ୍ବଳିତ ରାମ-ରାବଣ ଯୁଦ୍ଧ ପ୍ରଭୃତି ପୌରାଣିକ ଘଟଣାମାନ ଅଙ୍କିତ ରହିଅଛି । ରାଜପୁତନାର କୌଣସି ସ୍ଥାନରେ ଗୋଟିଏ ଉଲଙ୍ଗ ସ୍ତ୍ରୀମୂର୍ତ୍ତି ଦେଖି ଟଡ୍ ସାହେବ ଅନୁମାନ କରିଅଛନ୍ତି, ଭାରତର ପୂର୍ବକାଳର ଅଙ୍ଗନାମାନେ ଉଲଙ୍ଗ ଥିଲେ । ହାୟ ! ହାୟ ! ଆମ୍ଭେମାନେ ମଙ୍ଗରାଜଙ୍କ କାନ୍ଥର ଚିତ୍ର ଦେଖାଇ ସାହେବଙ୍କ ମୂର୍ଖତା ଦୂର କରିପାରିଲୁ ନାହିଁ । ଭିତ୍ତି (୧୫) ଚିତ୍ରିତ ସଖିମଣ୍ଡଳୀ-

Source: Author, Digitized by PPRACHIN, SOA

ପରିବେଷ୍ଟିତ ରାଧିକାଙ୍କର ଗେରୁଆଙ୍ଗରେ ହାଣ୍ଡି କଳା ବୃନ୍ଦାବନର ଘାଗରା ଦେଖିଲେ ଅବଶ୍ୟ ସାହେବଙ୍କର ମୂର୍ଖତା ଓ ଭ୍ରାନ୍ତି ବିଦୂରିତ ହୋଇଥାନ୍ତା । ଏହି ସମସ୍ତ ଚିତ୍ର ଅଙ୍କିତ କରାଇବା ନିମନ୍ତେ ଅନ୍ୟ ଦେଶରୁ ଚିତ୍ରକାର ଲୋଡ଼ିବାକୁ ହୋଇନାହିଁ । ସମସ୍ତ କାର୍ଯ୍ୟ ଚମାଙ୍କର ସ୍ୱହସ୍ତ ସମାଧିତ ଅଟେ । ଚମା ଏତେ ପ୍ରକାର ପଶୁର ଛବି ଚିତ୍ର କରିପାରେ ଯେ ସେପରି ପଶୁ କଲିକତା ଜୁଲଜିକେଲ ଉଦ୍ୟାନରେ (ଚିଡ଼ିଆଖାନା) ତୁମେ ଖୋଜି ପାଇବ ନାହିଁ ।

ମଙ୍ଗରାଜ ଉଆସ ଲଗାଲଗି ପଛରେ ଗୋଟିଏ ବଡ଼ ବଗିଚା, ବାଡ଼ି ଦୁଆର ପାଖରେ ଘର ଗୋଟାଏ ପୋଖରୀ—ପୋଖରୀ ଚାରିପାଖରେ ନଡ଼ିଆ ଗଛ, ତା ପଛକୁ କଦଳୀ, ପଣସ, ଆମ୍ବ, ଓଆଉ ଗଛ । ବଗିଚା ପଘାର (୧୬) ଚାରିପାଖ ସୁନାର ଖାଇ (୧୭) ବାଉଁଶ ବାଡ଼ ପ୍ରାଚୀର ପରି ବେଢ଼ି ରହିଅଛି । ମଙ୍ଗରାଜଙ୍କ ପରି ନିଃସ୍ୱାର୍ଥ ଲୋକ ଦୁନିଆରେ ଅଳ୍ପ ଦେଖିବ । ତାଙ୍କର ସବୁ କାର୍ଯ୍ୟ ପରୋପକାର ନିମନ୍ତେ । ସାଆନ୍ତଙ୍କ ଏହି ବଡ଼ ବଗିଚାଟି ଗୋବିନ୍ଦପୁର ହାଟର ସ୍ଥିତି ଓ ଉନ୍ନତିର ମୂଳାଧାର ଅଟେ । ବଗିଚାର ନଡ଼ିଆ, କଦଳୀ, ବାଇଗଣ, କଖାରୁ, ଖଡ଼ାଠାରୁ ଲଙ୍କାମରିଚ ପର୍ଯ୍ୟନ୍ତ ନ ଯାଉଥିଲେ ହାଟର ଏଡ଼େ ଜାକ (୧୮) ଦେଖନ୍ତ ନାହିଁ । ସାଆନ୍ତଙ୍କ ବଗିଚାର ପରିବା ବିକା ନ ସରିଲେ ଆଉ କାହାର ବିକିବାର ଅଧିକାର ନାହିଁ । ସେ ତ ଠିକ୍ କଥା । ଭଲ ଜିନିଷଗୁଡ଼ାକ ପଡ଼ିରହିବ, ଖରାପ ଜିନିଷ ଆଗେ ବିକ୍ରି ହେବ, ଏହା ତ ଉଚିତ ନୁହେଁ । ହାଟ ଯେ ନିଜ ଜମିଦାରୀ ମଧ୍ୟରେ, ଅନ୍ୟ ଲୋକର ହୋଇଥିଲେ ଅନ୍ୟ କଥା ।

ସୁନିଆଁ (୧୯) ଓ ପର୍ବପର୍ବାଣିରେ ଯେ ସବୁ କଖାରୁ, ବାଇଗଣ, କଦଳୀ ଭେଟି ଆସେ, ସେ ସବୁ ସଳଖେ ସଳଖେ ହାଟକୁ ଯାଏ । ଚୀନ ଦେଶର ପ୍ରାଚୀର ତିଆର ହେଲା ଉତ୍ତାରେ ସମ୍ରାଟ ଦେଶର ସମସ୍ତ ଇତିହାସ ଲେଖକଙ୍କୁ ଧରିଆଣି ହତ୍ୟା କରିଥିଲେ—କାରଣ ପ୍ରାଚୀରରେ କେତେ ଟଙ୍କା ଖରଚ ହେଲା ଜାଣି ସେମାନେ ଲେଖିପକାଇବେ । ଏଥିକୁ ଆମ୍ଭେମାନେ ସମ୍ରାଟଙ୍କୁ ନିରହଙ୍କାରୀ ପୁରୁଷ ବୋଲି କହୁ । ମହତ୍ ଲୋକମାନେ ମହତ୍ କାର୍ଯ୍ୟ ସାଧନ କରି ସେଥିରେ କେତେ ଟଙ୍କା ଖରଚ ହେଲା କହି ବୁଲନ୍ତି ନାହିଁ । ମଙ୍ଗରାଜଙ୍କୁ ପଚାର, ଆପଣଙ୍କର ନଅର ବନାରେ କେତେ ଟଙ୍କା ଲାଗିଲା ? ଉତ୍ତର, ଢେର୍ ଟଙ୍କା—ମୁଁ ତ ସେଥିରେ ସରିଗଲି । ପାଠକ, ନିରାଶ ହେବେ ନାହିଁ, ଅଧୀର ହେବେ ନାହିଁ ।

ପ୍ରତ୍ନତତ୍ତ୍ୱ ବିଦ୍ୟାଳୟରେ ସବୁ ପୁରୁଣା କଥାର ଠିକଣା ଲାଗିଯାଏ । ନଅଶ ବରଷ ଉତ୍ତାରେ ଜଣେ ସାହେବ ଆସି ପୁରୀ ମନ୍ଦିର ତିଆରିରେ କେତେ ଟଙ୍କା ଖରଚ ହେଲା, ତାହା ହିସାବ କରି ତାଲିକା ଦେଖାଇଦେଲେ ।

Source: Author, Digitized by PPRACHIN, SOA

ମଙ୍ଗରାଜଙ୍କର ଲେଉଟିଆ ଶାଗ ବନ୍ଦି ପର୍ଯ୍ୟନ୍ତ ପଞ୍ଚ ରହିଅଛି, ଘରଢାଆଣ ଖରଚର କି ହିସାବ ମିଳିବ ନାହିଁ ? ଦେଓ୍ୱାନ ଗଙ୍ଗା ଗୋବିନ୍ଦ ସିଂହଙ୍କ ମାତୃଶ୍ରାଦ୍ଧ ପରି ଶ୍ରାଦ୍ଧ ଭାରତବର୍ଷରେ ଆଜଯାଏ କେହି କରି ନାହିଁ । ବଙ୍ଗଳା ହାତରେ ସମୁଦାୟ ଜିଲ୍ଲା'ର କଲେକ୍ଟର ସାହେବ ଡାଲି, ଚାଉଳ, ମଇଦା, ତେଲ, ଘିଅ, ନଡ଼ିଆ, କଦଳୀ କିଣି ପଠାଇବେ ବୋଲି ବଡ଼ଲାଟ ସାହେବ ସେମାନଙ୍କ ଉପରେ ଚିଠି ଜାରି କରିଥିଲେ । ନବଦ୍ୱୀପର ରାଜା ଶିବଚନ୍ଦ୍ର ସେହିପରି ମାତୃଶ୍ରାଦ୍ଧ କରିବାକୁ ଇଚ୍ଛା କରି ଖରଚର ଡାବ (୧୦) ମାଗି ପଠାଇଥିଲେ । ଦେଓ୍ୱାନ ଗଙ୍ଗାଗୋବିନ୍ଦ କେବଳ ଗନ୍ତ୍ରେଇ, ଆପୁ (୧୧) ଧୂଆଁ ପଞ୍ଚ ଖରଚ ଡାବ ପଠାଇଦେଇ ତାହା ଅନୁପାତରେ ସମସ୍ତ ଖରଚର ଠିକଣା ଲଗାଇବାକୁ ସଙ୍କେତ କରି ଭାଷା ଲେଖିଥିଲେ । ଏହି ସବୁ ଜିନିଷ ଖରିଦରେ ବାସ୍ତରି ହଜାର ଟଙ୍କା ଖରଚ ପଡ଼ିଥିଲା । ନବଦାତ ଖରିଦ ଛାଡ଼ି ସମସ୍ତ ଜମିଦାର ଭେଟରେ (୧୨) ଅନେକ ଜିନିଷ ଦେଇଥିଲେ । ଆମ୍ଭେମାନେ ଘର ତସ୍ୱାରର ଗୋଟିଏ ହିସାବ ଦେଉଅଛୁଁ—ବୁଦ୍ଧିମାନ ପାଠକମାନେ ତାକୁ ଧରି ମୋଟ ଖରଚ କଷି ବୁଝିପାରିବେ । ଧାନଘର ପାଞ୍ଜିରୁ ଆମ୍ଭେମାନେ ଠିକ୍ ହିସାବ ପାଇଅଛୁଁ । ବଢ଼େଇ, କମାର, ବେଠିଆଙ୍କ ପଛେ ପନ୍ଦର ଭରଣ ବାଇଶି ନଉତି ଧାନ ଖରଚ ପଡ଼ିଥିଲା । ମଙ୍ଗରାଜଙ୍କ ମୁହଁରୁ ଅନେକ ଥର ଶୁଣାଯାଇଅଛି ଯେ କେବଳ ପରର ବିକଳ ସହି ନ ପାରି ଧାନ ଟଙ୍କା କରଜ ଦିଅନ୍ତି, ନୋହିଲେ ସେଥିରେ ତାଙ୍କର ନିଜର ଲାଭ କିଛି ନାହିଁ । ଆମ୍ଭେମାନେ କହୁଁ, ବରଞ୍ଚ ନୁକସାନ । ଧାନ ଦେଢ଼ିରୁ (୧୩) ବେଶି କରନ୍ତି ନାହିଁ, ଏଥିରେ ଲାଭ କ'ଣ ? ଦିଅନ୍ତି ଶୁଖିଲା ପୁରୁଣା ଧାନ, ନେବା ବେଳକୁ ନୂଆ କଞ୍ଚା । ଆଚ୍ଛା ପାଠକ, ଆପଣଙ୍କ ଓଦାଳୁଗାଟା ଆଗେ ଓଜନ କରନ୍ତୁ—ଦେଖିବେ ଓଦା ଶୁଖିଲାର କେତେ ପ୍ରଭେଦ । ଗଲା ଅଙ୍କ ପାଞ୍ଜିଆ (୧୪) ଯେ ସାଲତମାମି (୧୫) ଦାଖଲ କରିଥିଲା, ସେଥିରେ ମହାଜନୀ କରଜାରେ ଆଠଟଙ୍କା ଛଅଅଣା ଦୁଇକଡ଼ା ଦୁଇକାନ୍ତି ଗୁଡ଼ ତଳେ ପଡ଼ିଥିବାର ଦେଖାଯାଇଅଛି । ଏତେଗୁଡ଼ାଏ ଟଙ୍କା ଗୁଡ଼ ସକାଶେ ପାଞ୍ଜିଆ ଗାଳିଖାଇ ଯେଉଁପରି କୈଫିୟତ (୧୬) ଦେଇଥିଲେ, ସେଥିର ସାରମର୍ମ ଏହି—ଭିକାରି ପଣ୍ଡା କରଜ ନେବାର ମୂଳ ପାଞ୍ଚଟଙ୍କା, ସେଥିରେ କଳନ୍ତରର ଚକ୍ରବୃଦ୍ଧି ପ୍ରମାଣେ ବାରଟଙ୍କା ପାଞ୍ଚଅଣା ଏଗାର ଗଣ୍ଡା ଦୁଇକଡ଼ା । ଗାଏ ଦୁଇପଦକୁ ମୋଟ ଓ ଆଦାୟ ସତର ଟଙ୍କା ପାଞ୍ଚ ଅଣା ଦୁଇ ପଇସା ବାଦେ ବାକି ଗୁଡ଼ ଦେଢ଼ ଗଣ୍ଡା ।

Source: Author, Digitized by PPRACHIN, SOA

ପରିଚ୍ଛେଦ-୩

'ବାଣିଜ୍ୟେ ବସତେ ଲକ୍ଷ୍ମୀସ୍ତଦର୍ଦ୍ଧଂ କୃଷିକର୍ମଣି

ଅସ୍ୟାର୍ଥଃ

'ବାଣିଜ୍ୟେ ଲକ୍ଷ୍ମୀଙ୍କ ବାସ, ତହୁଁ ଅଧେ କଲେ ଚାଷ ।'

ଆମ୍ଭେମାନେ ଅନୁମାନ କରୁଁ, ଜଣେ ମରହଟ୍ଟୀ କବି ଏହି କବିତା କହିଅଛନ୍ତି । ଆଜକାଲିର କବି ହୋଇଥିଲେ, ଏହିପରି କହନ୍ତେ—

'ବାଣିଜ୍ୟେ ଲକ୍ଷ୍ମୀଙ୍କ ବାସ, ତହୁଁ ଅଧେ ବି. ଏଲ୍. ପାଶ୍ ।'

ମଙ୍ଗରାଜଙ୍କ ନଥିର ଦେଖି କେହି କେହି ଅନଭିଜ୍ଞ ଲୋକ ଅନୁମାନ କରିପାରନ୍ତି, ଏହା ଗୋଟିଏ ଅଦାଲତର ବି. ଏଲ୍. ପାଶିଆ ଉକିଲଙ୍କ ଘର । ବାଷଠି ଘର ଭଗ୍ନାଂଶର (୧) ସମଷ୍ଟି ମାତ୍ର । କଥା କ'ଣ ଜାଣନ୍ତି, 'ସ୍ୱର୍ଗ୍ୟଂ ଫଳନ୍ତି ସର୍ବତ୍ର ।' ଏହି ଯେ ଅଦାଲତର ଉକିଲରେ ଗଣ୍ଡା ଗଣ୍ଡା ଶାଲପାଗିଆ ବୁଲୁଅଛନ୍ତି, ମଙ୍ଗରାଜଙ୍କ କଚ୍ଛରେ ପଚାଶ ଘର ଭଗ୍ନାଂଶ ଗାଏ କରିବାକୁ କେତେ-ଜଣ ମିଳିବେ ? ସାଆନ୍ତେ ଆପେ କହନ୍ତି, ସେ କାହାର ଗୋଟାଏ ପଇସା ଆଣନ୍ତି ନାହିଁ । ନିଜ ବୁଦ୍ଧି, ନିଜ ବାହୁବଳରେ ମାଟିରୁ ସୁନା ପଇଦା କରିଅଛନ୍ତି । ଏହିପରି ଶୁଣାଅଛୁ—ଶୁଣା କଥା ଆମ୍ଭେମାନେ ଠିକ୍ କଥା ଜାଣୁଁ—ମଙ୍ଗରାଜେ ପ୍ରଥମେ ଗାଁ ପଧାନଠାରୁ ଦୁଇମାଣ ଜମି ଭାଗରେ ଧରିଥିଲେ । ବର୍ତ୍ତମାନ ଚାଷଜମି ଚବଶଉଣ୍ଡି ପଡକାରେ ଚାରି ବାଟି ଛ'ମାଣ, ଏହା ଛଡ଼ା ତିରିଶ ବାଟି ସତର ମାଣ ଭାଗରେ ଲାଗିଛି । ଜମି ସବୁ ଲାଖରାଜ (୨), କିଛି ନିସ୍କବାଜ୍ୟାପ୍ତି (୩) ଅଧିକାଂଶ ଖରିଦା ବ୍ରହ୍ମୋତ୍ତର (୪) ଚାଷ ବଳଦ ୧୫ ହଳ । ହଳିଆ ୧୨ ଜଣ । ଏମାନେ ବାରମାସିଆ, ଜାତିରେ ବାଉରି, ତିନିଜଣ ପାଣ । ଚାଷ ଓ ବଗିଚା ଏମାନଙ୍କର ଜିମା । ମଙ୍ଗରାଜଙ୍କ ଶିକ୍ଷା ଓ ଉତ୍ସାହରେ ଏମାନେ କର୍ମଠ ଓ ଉତ୍ସାହୀ । ବ୍ରାହ୍ମମୁହୂର୍ତ୍ତରେ (୫) ଶଯ୍ୟା ତ୍ୟାଗ କରିବା ସ୍ୱାସ୍ଥ୍ୟ-ବିଧାନଶାସ୍ତ୍ରର ବିଧି । ଖରା ହେଉ, ବରଷା ହେଉ, ତୋଫାନ ହେଉ, ଝଡ଼ ହେଉ, ମଙ୍ଗରାଜେ ଏହି ବିଧି ଲଙ୍ଘନ କରିବାର କେବେ କେହି ଦେଖିନାହିଁ । ଶାସ୍ତ୍ରରେ ଲେଖାଅଛି—

ଯେତେକ ଦେଖ ନଦନଦୀ,
ସମସ୍ତେ ମିଳନ୍ତି ଜଳଧି ।
ଆପଣା ଗୁଣ ପାଶୋରନ୍ତି,
ଜଳଧି ଗୁଣକୁ ଭଜନ୍ତି ।

Source: Author, Digitized by PPRACHIN, SOA

ଠିକ୍ କଥା । ସେହିପରି ସ୍ତ୍ରୀ, ଦାସଦାସୀ ସମସ୍ତେ ସାଆନ୍ତଙ୍କ ଗୁଣକୁ ଊଣା ଅଧିକରେ ଲାଭ କରିଥାନ୍ତି । ଆମ୍ଭେମାନେ ସାଆନ୍ତଙ୍କ ଘର ଦାସଦାସୀମାନଙ୍କୁ ଦେଖି ଏହି ଶିକ୍ଷା ଲାଭ କରିଅଛୁଁ । ମଙ୍ଗରାଜେ ବ୍ରାହ୍ମମୁହୂର୍ତ୍ତରେ ଉଠି ଦାନ୍ତ ଘଷିପକାନ୍ତି । କଲିକତା ସହରରେ ଦୁଇଥର ତୋପ ପଡ଼େ । ପ୍ରାତଃକାଳ ତୋପ ରାତ୍ରି ଶେଷ-ଜ୍ଞାପକ । ମଙ୍ଗରାଜେ କଚେରି ପିଣ୍ଡାରେ ଛିଡ଼ା ହୋଇ ହଳିଆକୁ ଡାକଦେଲେ ଗାମର ଲୋକେ ଆଖିବୁଜି ମଧ୍ୟ ଜାଣିପାରନ୍ତି, ରାତି ପାହିଲାଣି । ବହୂ ଭୁଆସୁଣୀଏ (୭) ବାସିପାଇଟିରେ ଲାଗିଯାନ୍ତି । ମଫସଲର ଲୋକେ ଘଣ୍ଟା ଫଣ୍ଟା ବୁଝନ୍ତି ନାହିଁ । ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିଲେ ବଳଦ କାନ୍ଧରୁ ଲୁଆଲି ବାହାରେ । ଆଖପାଖ ଚାଷୀମାନେ ଦୂରରୁ ଅନାଇଁ ଦେଖନ୍ତି ମଙ୍ଗରାଜଙ୍କ ବଡ଼ ତାଳପତ୍ର ଛତା ହିଡ଼ ଉପରୁ ଉଠିଲାଣି କି ନାହିଁ । ମଙ୍ଗରାଜେ ତାଙ୍କର ହଳିଆମାନଙ୍କୁ ପୁଅ ପରି ପାଳିଛନ୍ତି । ମା' ବାପ ପିଲାମାନଙ୍କ ଖିଆପିଆ ଥରେ ନ ଦେଖିଲେ ସେମାନଙ୍କ ମନ ମାନେ-ନାହିଁ । ହଳିଆମାନେ ଧାଡ଼ି ହୋଇ ଖାଇବାକୁ ବସିଗଲେ ସାଆନ୍ତେ ଚନ୍ଦୁଣିଆକୁ ଉଚ୍ଚସ୍ୱରରେ ଡାକ ଦିଅନ୍ତି—ଆରେ ତୋରାଣି ଆଣ, ତୋରାଣି ଆଣ, ଏମାନଙ୍କ ତଣ୍ଟି ଶୁଖିଯାଉଛି । ଚନ୍ଦୁଣିଆ ଅଭ୍ୟସ୍ତ ବିଦ୍ୟା ପ୍ରଭାବରେ ୫ ଜଣକୁ ଦୁଇକଂସା କରି ତୋରାଣି ଦିଏ । ହଳିଆ ଏତେଗୁଡ଼ାଏ ତୋରାଣି ପିଇବାକୁ ନାରାଜ ହେଲେ ସାଆନ୍ତେ ତାହାର ଉପକାରିତା ଓ ବଳକାରିତ୍ୱ ସମ୍ବନ୍ଧରେ ଖୁବ୍ ଏକ ବକ୍ତୃତା କରି ତାହା ପିଆଇ ଦେଇ ତହିଁ ଉତ୍ତାରେ ଭିତର ବ୍ୟବସ୍ଥା କରି ଆପେ ସ୍ନାନ କରିବାକୁ ବାହାରିଯାନ୍ତି । ସାଆନ୍ତଙ୍କ ବଗିଚାରେ ସତରଟା ସଜନା ଗଛ । ସଜନା ଶାଗ ହଜମୀ, ବଳକର, ରୋଗନାଶକ, ମୁଖରୋଚକ, ରୋଗୀର ପଥ୍ୟ । ନିର୍ଘଣ୍ଟରେ (୭) ସଜନାର ଏପରି ଗୁଣବର୍ଣ୍ଣନା ଅଛି କି ନାହିଁ ଆମ୍ଭେମାନେ ଜାଣୁନାହିଁ, କାରଣ ସେ ବିଦ୍ୟାରେ ଆମ୍ଭେମାନେ ନିତାନ୍ତ ଅନଭିଜ୍ଞ; କିନ୍ତୁ ସାଆନ୍ତଙ୍କ ମୁଖରୁ, 'ଯଥା ଶ୍ରୁତଂ ତଥା ଲିଖିତଂ ।' ସେଥିସକାଶେ ବଗିଚାର ସଜନାଶାଗ କେବେଏ ମଧ୍ୟ ହାଟକୁ ଯାଏ ନାହିଁ, ହଳିଆମାନଙ୍କର ବଳବର୍ଦ୍ଧନ ଓ ପୋଷଣ ନିମନ୍ତେ ସମସ୍ତ ଉତ୍ସର୍ଗୀକୃତ । ଏହି ଯେ ଫୁଲ ଦେଖୁଅଛ, ଏପରି ଉପାଦେୟ ପଦାର୍ଥ ପୃଥିବୀରେ ନାହିଁ । ପୁଞ୍ଜାଏ ରାଇ ଯଦି ସେଥିରେ ମିଶେ, ତା କଥା ଛାଡ଼ । ପରମେଶ୍ୱରଙ୍କ ସୃଷ୍ଟିରେ କେତେ ଭଲ ଅଛି—ସେଥିରେ ଭଲ ମନ୍ଦ ମିଶାମିଶି । ଦେଖ, ପଣସ କୋଷାଗୁଡ଼ିକ କେତେ ମଧୁର; କିନ୍ତୁ ତାହା ଭିତର ସୁତାଗୁଡ଼ାକ ବଦହଜମୀ; କିନ୍ତୁ ଜ୍ଞାନୀଲୋକଠାରେ କିଛି ଅଟକି ରହେ ନାହିଁ—ଭଲକୁ ଭଲ, ମନ୍ଦକୁ ମନ୍ଦ ବାଛି ଦିଅନ୍ତି । ସଜନାର ସବୁ ଭଲ, କେବଳ ଛୁଇଁଗୁଡ଼ାକ ଟରପ ଓ ବଦହଜମୀ । ସେଥିପାଇଁ ହଳିଆ କିମ୍ବା ଚାକରମାନଙ୍କ ପତ୍ର ଛୁଇଁପାରେ ନାହିଁ, ବାହାରେ ବାହାରେ ହାଟକୁ ଯାଏ ।

Source: Author, Digitized by PPRACHIN, SOA

ପରିଚ୍ଛେଦ-୪

ଗୃହ ଉଦାରଣ

"ଅସ୍ମିଂ ନଜଃ ପରସ୍ତେବେତ୍ତି ଗଣନା ଲଘୁଚେତସାଂ (୧) ।"

ମଙ୍ଗରାଜେ ନିଜ ଘର ଗୃହ ବୁଝନ୍ତି ନାହିଁ । ଶାସ୍ତ୍ରରେ ପାଠ ତାଉଛୁ, ଲଘୁଚେତାମାନେ ଆପଣା ଓ ପର ଏହିପରି ବୁଝନ୍ତି । ସାଆନ୍ତଙ୍କ ଆପଣା ଗୃହ ପ୍ରତି ଯେପରି ନଜର, ପର ଗୃହ ପ୍ରତି ମଧ୍ୟ ସେହିପରି ଦୃଷ୍ଟି । ଆମ୍ଭେମାନେ ଉଦାହର କଥା କହିଲେ ଜ୍ଞାନୀ ପାଠକମାନେ ସେଥିରୁ ସବୁ ଜାଣିଯିବେ । ଭାତହାଣ୍ଡିରୁ ଗୋଟାଏ ଚିପିଲେ ସବୁ ଜଣାପଡ଼େ । ସରଦାର ହଳିଆ ଗୋବନ୍ଦ ପ୍ରଧାନ ସକାଳେ ଜଣାଇଲା, "ଆଜ୍ଞା, ଦେଡ଼ମାଣ ବିଲ ଅରୁଆ ରହିଲା, ତଳି ନପୁରେ ।" ସାଆନ୍ତେ 'ହୁଁ' କହି ଶୁଣିଦେଲେ । ହଳିଆ ହାତଯୋଡ଼ି ଦୁଆରେ ଛିଡ଼ାହେଲା ।

ସାଆନ୍ତେ ବିଲ ବୁଲି ବାହାରିଛନ୍ତି । ପରିଧାନ ଖଣ୍ଡିଏ ତେଲଚିକଟା ମଠାଲୁଗା, ଅଣ୍ଟାରେ ଗେରୁରଙ୍ଗିଆ ଗାମୁଛା ଭିଡ଼ା, କାନ୍ଧରେ ବିଶାଳ ତାଳପତ୍ର ଛତା । ପଛରେ ଗୋବନ୍ଦ ପ୍ରଧାନ ବିଲର ହାଲଚାଲ କହି କହି ଚାଲୁଅଛି, ଆଉ ଜଣେ ହଳିଆ କାନ୍ଧରେ ଯୋଡ଼ାଏ ଯୁଆଳି ପକାଇ ଚାଲୁଅଛି—ତାହାର ନାମ ପାଣ୍ଡିଆ । ଗାଁର ସବୁ ଲୋକ ଉଠିନାହାନ୍ତି । ଶିବୁ ପଣ୍ଡିତଙ୍କ ସାଙ୍ଗରେ ଭେଟ ହେଲା ।

ପଣ୍ଡିତେ ନାସ ସୁଙ୍ଘି ବାଁ ହାତରେ ଡାଳଟିଏ ଧରି ପୋଖରୀପାଣି ବାହାରିଛନ୍ତି । ସାଆନ୍ତଙ୍କୁ ହଠାତ୍ ପଛରେ ଦେଖି ତରତର ହୋଇ ସାଢ଼େ ସାତହାତ ଅଡ଼ ହୋଇଗଲେ ଏବଂ ଡାଳଟା ତଳେ ଥୋଇଦେଇ ଧନୁକାକାର-ଧାରଣପୂର୍ବକ 'ଅଞ୍ଜଳିବନ୍ଧୋ ଭୂତ୍ୱା' ସାଆନ୍ତଙ୍କର 'କୀର୍ତ୍ତିମାସ୍ତୁ ଯଶଃଶ୍ରୀସ୍ତୁଂ' କାମନା କଲେ । ସାଆନ୍ତଙ୍କର ସେଣିକି ଦୃଷ୍ଟି ନାହିଁ, ଏକମୁହାଁ ଚାଲିଛନ୍ତି । ସାଆନ୍ତେ ଖଣ୍ଡେ ବାଟ ଚାଲିଗଲା ବାଦ୍ ପଣ୍ଡିତେ ଧୀରେ ଧୀରେ ଡାଳଟି ଉଠାଇ ଶ୍ଲୋକଟିଏ ପଢ଼ିଲେ—"ଅଦ୍ୟ ପ୍ରାତଃରେବାନିଷ୍ଟଦର୍ଶନଂ, ଜାତଂ ନ ଜାନେ କିମନଭିମତଃ-ଦର୍ଶୟିଷ୍ୟତି ।" (୨) ପଣ୍ଡିତମାନଙ୍କର ଶ୍ଲୋକ ପଢ଼ିବା ଅଭ୍ୟାସ, ସେଥିରୁ ଆମ୍ଭେମାନେ କଣ ପାଇବୁଁ ?

ଶ୍ୟାମ ଟୋକ୍ରାଇତ ଜାତିରେ ବାଉରି । ବିଲ ଗାଁ ତଳେ । ବିଲଗୁଡ଼ିକ ଆଗ ବୁଆ, ଶୁଆପଙ୍ଖିଆ (୩) ବୁଲିଗଲଣି । ଶ୍ୟାମ ନଇଁପଡ଼ି ହିଡ଼ ବାନ୍ଧୁଅଛି । ସାଆନ୍ତେ ପାଖରେ ଛିଡ଼ା ହୋଇଯାଇ କୋମଳ ଭାଷାରେ କହିଲେ, "କିରେ ବାପ ଶ୍ୟାମ !" ଶ୍ୟାମ ହଠାତ୍ ସାଆନ୍ତଙ୍କୁ ଦେଖି ଚମକିପଡ଼ିଲା । ପାଞ୍ଚହାତ ଦୂରକୁ

Source: Author, Digitized by PPRACHIN, SOA

କୋଢ଼ଟା ଫୋପାଡ଼ି ଦେଇ ଲଟ୍‌କରି କାଦୁଅରେ ଶୋଇପଡ଼ି ଓଳଗି ହେଲା । "ଆରେ ଉଠ୍, ଆରେ ଉଠ୍, ଆରେ ଉଠ୍" ବୋଲି ସ୍ନେହରେ ସାଆନ୍ତେ ସମ୍ବୋଧନ କଲେ । ତହିଁ ଉତ୍ତରରେ ଶ୍ୟାମ ହାତଯୋଡ଼ି ଦଣ୍ଡହାତ ଦୂରରେ ଛିଡ଼ାହେଲା । ତାହା ବାଦ୍ ଶ୍ୟାମ ଓ ସାଆନ୍ତଙ୍କ ମଧ୍ୟରେ ଢେର୍ ବେଳଯାଏ ଦୁଃଖସୁଖ କଥାବାର୍ତ୍ତା ହେଲା । ସବୁ କଥାଗୁଡ଼ା ଲେଖିଲେ ପାଠକମାନେ ବିରକ୍ତ ହୋଇପାରନ୍ତି, ସେଥି ସକାଶେ ସାରାଂଶ ମାତ୍ର ଲେଖିଅଛୁଁ—ଅର୍ଥାତ୍ ଶ୍ୟାମ ବିଲ ଉପରେ ସାଆନ୍ତଙ୍କ ଖରି ନଜର । ଶ୍ୟାମ ବାପ ଅପର୍ତ୍ତିଆ ରୋଜ ରୋଜ ସଞ୍ଜବେଳେ ସାଆନ୍ତଙ୍କ ପାଖକୁ ଯାଇ ବିଲବାଡ଼ିର ହାଲ୍‌ଚାଲ୍ ଜଣାଉଥିଲା ଏବଂ କିପରି ଚାଷ କଲେ ଧାନ ଖୁବ୍ ଫଳିବ ଏସବୁ କଥା ପଚାରୁଥିଲା, ଇତ୍ୟାଦି ଇତ୍ୟାଦି । ମାତ୍ର ଶ୍ୟାମ ସେପରି କରେ ନାହିଁ । ଇତ୍ୟବସରରେ ବିଲ ଉପରେ ସାଆନ୍ତଙ୍କର ନଜର ଅକସ୍ମାତ୍ ପଡ଼ିଗଲା । ଚମକି ପଡ଼ିଲା ପରି ମୁରକିପଣିଆ କରି କହିଲେ, "ଆରେ ଶ୍ୟାମା, ତୁ କଣ କରୁଛୁ ? ତୁ'ଟା ତ ନିହାତି ଓଲୁ ! ଚାଷକରି ଜାଣୁନାହିଁ । ଆରେ ଏତେ ନିଘଞ୍ଚ କରି ରୋଇଲେ କଣ ଧାନ ଫଳେ ? ଗଛ ନିଶ୍ୱାସ ମାରିବାକୁ ତ ବାଟ ରଖିନାହୁଁ । ଉପାଡ଼, ଅଧେ ଉପାଡ଼ିପକା ।" ଗୋବିନ୍ଦ ଭଲ କରି ଅନାଇଁ ସାଆନ୍ତଙ୍କର ପୋଷକତା କଲା । ଶ୍ୟାମ ଥରି ଥରି ହାତ ଯୋଡ଼ି କହିଲା, "ଆଜ୍ଞା, ମୁଁ ତ ସବୁ ବରଷ ଏହିପରି ରୁଏ, ସମସ୍ତେ ରୁଅନ୍ତି ।" ସାଆନ୍ତେ ବିରକ୍ତ ହୋଇ କହିଲେ, "ଆରେ ଓଲୁ, ଭଲ କହିଲେ ଶୁଣୁନାହୁଁ ।" ଗୋବିନ୍ଦ ଆଡ଼କୁ ଚାହିଁ କହିଲେ, "ଆରେ ଗୋବିନ୍ଦ, ଦେଖାଇ ଦେ ତ !" ଏହି କଥା ମୁହଁରୁ ନ ବାହାରୁଣୁ ଗୋବିନ୍ଦା ଏବଂ ପାଣ୍ଡିଆ ଦୁଇ କିଆରି ବିଲ ଅଧା ପଦା କରି ପକାଇଲେ । ଶ୍ୟାମ ତକାପାରି ସାଆନ୍ତଙ୍କ ଗୋଡ଼ତଳେ ପଡ଼ୁଥାଏ । ସାଆନ୍ତେ ରାଗିଯାଇ ସାଆନ୍ତାଣୀଙ୍କ ସହିତ ଶ୍ୟାମର ଖାଇ ଲେଖା ସମ୍ବୋଧନ କରି କହିଲେ, "ତୁ ବିଲ କରି ଜାଣି ନ ଜାଣି, କରିଜ ଧାନର ମୂଲ କଳନ୍ତର ବର୍ଷାଏ ରଖିଲେ ଜାଣିବୁ ।" ଶ୍ୟାମ ଭୟରେ କାଠପିତୁଳାଟି ପରି ଛିଡ଼ା ହୋଇଥାଏ । ସାଆନ୍ତେ—"ଆରେ ଗୋବିନ୍ଦା, ଥାଉ ଥାଉ, ସେ ଯାହା ଇଚ୍ଛା କରୁଁ—" ଏହା କହି ଆପଣା ଅରୁଆ ବିଲଆଡ଼କୁ ଦୁଇଖୁର ଚଲି ଧରି ବାହାରିଲେ ।

ପରିଚ୍ଛେଦ-୫

ମଙ୍ଗରାଜଙ୍କ କୁଟୁମ୍ବ

ରାମଚନ୍ଦ୍ର ମଙ୍ଗରାଜେ ଜଣେ ବହୁପୋଷୀ ଲୋକ । ଘରେ ଖାଇବାକୁ କୁଟୁମ୍ବ ଢେର୍ । ନିଜେ ସାଆନ୍ତ ସାଆନ୍ତାଣୀଙ୍କ ଛୁଆଡ଼ି ତିନି ପୁଅ, ହିସାବରେ ତିନି ବୋହୂ,

Source: Author, Digitized by PPRACHIN, SOA

ପୋଇଲା ପରିବାଣି (୧) କୋଡ଼ିଏ କି ବାଇଶି—ଏହିପରି ଗଣତି ଲଗାଲଗି । ପ୍ରତି ଜଣର କଥା ଲେଖିବାକୁ ଗଲେ ପୋଥି ଲେଖିବାକୁ ହେବ । ମାତ୍ର ଆପଣ ତ ଅମ୍ଭମାନଙ୍କ ସ୍ୱଭାବ ଜାଣନ୍ତି; ମିଛ କଥା ଲେଖିବା, କଥା ବଢ଼ାଇ ଲେଖିବା, ଅକାରଣ କଥା ଲେଖିବା, ଆମ୍ଭମାନଙ୍କ ଧାତୁରେ ଚଳେ ନାହିଁ । ମଧ୍ୟ "ମା ଲିଖେତ୍ ସତ୍ୟମପ୍ରିୟଂ", ଅର୍ଥାତ୍ ସତ୍ୟ କଥାରୁ ମଧ୍ୟ ଅଧାଅଧି ଗୁଣ୍ଡି ଦେବାକୁ ହୁଏ । ଉଆସ ମଧ୍ୟରେ ସ୍ତ୍ରୀ ସଂଖ୍ୟା ବେଶି—ସମ ଭଣ୍ଡାଂଶକୁ ଛାଡ଼ି ପୁରୁଷଗୁଣ୍ଡ ପ୍ରାୟ ଶୂନ୍ୟ ନାହିଁ । ସାଆନ୍ତେ ତ ଧନ୍ଦାରେ ଲଗିଥାନ୍ତି । ଧନପୁଅ ଯୁଆନ । ଚଉପଟି (୨) ଖେଳିବା, ଗୋବରା ଚଢ଼ାଇ ଧରିବା, ଲୋକଙ୍କ ସହିତ ଦଙ୍ଗାଫସାଦ କରିବାରେ ସେମାନଙ୍କୁ ବେଳ ଅଣ୍ଟେନାହିଁ । ଗଞ୍ଜେଇ ପଣ ଖାଇବାକୁ ମଧ୍ୟ କିଛି ବେଳ ଲୋଡ଼ା । ଗୋବିନ୍ଦପୁର ହାଟର ଗଞ୍ଜେଇ ଦୋକାନୀ ଜଣେ ଗହଳ ଉପରେ ଖପା ହୋଇ କହିଲା, "ଆରେ ଯା ମ—ମାଲ ନ ନେ ! ଏଃ, ସାଆନ୍ତଘର ବାବୁମାନଙ୍କ ମାଲ ନଅଣ୍ଟ ।" ବାପ-ପୁଅଙ୍କର ପ୍ରାୟ ଭେଟ ହୁଏ ନାହିଁ । ଜଣେ ମୁରବିଭଲିଆ ଲୋକ କହିଥିଲା, "ଆହେ ମଙ୍ଗରାଜେ ପୁଅମାନଙ୍କୁ କ୍ୟା ପାଖ ପୁରାଅ ନାହିଁ ?" ମଙ୍ଗରାଜେ ଉତ୍ତର ଦେଲେ, "ଆହା ତୁମ୍ଭେ କି ଶାସ୍ତ୍ର ଶୁଣି ନାହିଁ—

ଲାଳୟେତ୍ ପାଞ୍ଚବର୍ଷାଣି ଦଶବର୍ଷାଣି ତାଡ଼ୟେତ୍
ପ୍ରାପ୍ତେ ତୁ ଷୋଡ଼ଶ ବର୍ଷେ ପୁତ୍ରଂ ମିତ୍ରବଦାଚରେତ୍ । (୩)

ଅର୍ଥାତ୍, ପୁଅମାନଙ୍କ ପାଟିରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ଲାଳଦହେ, ଦଶବର୍ଷ ପର୍ଯ୍ୟନ୍ତ ସେମାନଙ୍କୁ ତାଡ଼ିବ, ଷୋଳବର୍ଷ ହେଲା ଉତ୍ତାରେ ସେମାନଙ୍କ ସହିତ ଆଉ ମିତ୍ରମାନଙ୍କ ସହିତ ବଦ୍ ଅର୍ଥାତ୍ ଖରାପ ଆଚରଣ କରିବ ।"

ବାସ୍ତବରେ ଦେଖାଯାଉଅଛି, ସାଆନ୍ତେ କାହାରି କାହାର ସହିତ ସଙ୍ଗାତ ମିତ୍ର ବସି ମାଲମକଦ୍ଦମା କରି ସେମାନଙ୍କ ଜମିଜମା ଛଡ଼ାଇ ବଦ୍ ଆଚରଣ କରନ୍ତି; ହେଲେ ସାଆନ୍ତେ ପୁତ୍ରମାନଙ୍କ ସମ୍ବନ୍ଧରେ ଯେଉଁ ଶାସ୍ତ୍ରୀୟ ପ୍ରମାଣ ପ୍ରୟୋଗ କଲେ, ତାହା ଠିକ୍ ବୋଧ ହେଉନାହିଁ । ଶୁଣାଯାଏ, ପୁଅମାନେ ନଶାପାଣିରେ କିଛି ଉଡ଼ାଇ ଦେବାରୁ ବାପପୁଅଙ୍କର ଅପଡ଼ । ଉଆସ ମଧ୍ୟରେ ସାଆନ୍ତାଣୀ ଗୋଟାଏ କୋଠରିରେ ପଡ଼ିଥାନ୍ତି; କାହାରି ସହିତ କଥା ନାହିଁ । ଢେକଳ ଜ୍ୱଟ, ଉଖାସି, ଖୋଖା, ଶୋଷ ଆସିଲେ ତାହାଙ୍କୁ ଖୋଜନ୍ତି । ବୋହୂମାଙ୍କ କଥା ଲେଖିବା ଅନୁଚିତ । ବଡ଼ଲୋକ ଘରର ବୋହୂ ଭୂଆସୁଣୀ କଥା ଦାଣ୍ଡରେ ପକାଇଲେ ଲୋକେ ଅମ୍ଭମାନଙ୍କୁ କ'ଣ କହିବେ ? ସେମାନେ ଯେପରି ଦିନ ପହରକରେ ବିଛଣାରୁ ଉଠି ଦୁଇଘଣ୍ଟା ମଧ୍ୟରେ ଦାନ୍ତପଣ ଘଷି, ଦର୍ଶନ ସ୍ନାନ ସାରି, ଭୋଜନ କରି ଦିନବେଳେ ବେଳ ବୁଡ଼ିଯାଏ ଶୋଇପଡ଼ନ୍ତି, ସେ କଥାଗୁଡ଼ିକ ଲେଖିଲେ କ'ଣ ହେବ ? ବେଳବୁଡ଼ ଏତିକି ପୁଣି ଉଠି ଘଟାଳ ଦଶ ଘଣ୍ଟା ସାରି

Source: Author, Digitized by PPRACHIN, SOA

ତାହା ବାଦ୍ ଗାଁ କଥା ଶୁଣିବା, ପୋଇଲିମାନଙ୍କ ମଧ୍ୟରେ କଳି ଲଗାଇଦେବା, କଳି ଭାଙ୍ଗିବା, ହସିବା, ବସିବାରେ ଅଧଗଣ୍ଡ ହୋଇଯାଏ । ରୁକୁଣି, ମରୁଆ, ଚେମି, ନାକଫୋଡ଼ି, ଝେଣ୍ଟି, ବମଲି, ଶୁକ୍ରି, ପାଟ, କୌଶଲ୍ୟାକୁ ଗୁଡ଼ି ଆହୁରି କେତେଗୁଡ଼ିଏ ପୋଇଲି ଅଛନ୍ତି । ସେମାନଙ୍କ ନାମ ଆମ୍ଭମାନଙ୍କୁ ଅଜଣା । କେହି ବାଲବିଧବା, କେହି ଯୁବତୀ-ବିଧବା, କେହି ଆଜନ୍ମ-ବିଧବା, କେହି ବା ସଧବା— ନାନା ପକ୍ଷୀ ଏକ ବୃକ୍ଷରେ ବାସ କଲାପରି ମଙ୍ଗରାଜ ଘରେ ଆଶ୍ରୟ ନେଇଛନ୍ତି, ମଧ୍ୟ କେତେକ ଆସୁଛନ୍ତି, କେତେକ ଯାଉଛନ୍ତି ତାହାର ଠିକଣା ନାହିଁ । ଅନେକଗୁଡ଼ିଏ ନଷ୍ଟମୀ ପୋଇଲି ଭ୍ରଷ୍ଟ ହେଲେ ପୃଥିବୀରେ କଳି ଜାତ ହୁଏ । ମଙ୍ଗରାଜ-ଉଆସ ଏହି ସନାତନ ବିଧିକୁ ଲଙ୍ଘି ନଥିଲା । ଗଣ୍ଡ ଅଧଯାଏ ଉଆସ ମଧ୍ୟରେ ମାଛହାଟ ବସିଲା ପରି ଘୋ ଘୋ ଶବ୍ଦ ଶୁଭୁଥାଏ ।

ପରିଚ୍ଛେଦ- ୭

ଚମ୍ପା

ଉଆସ ମଧ୍ୟରେ ଯେତେ ଲୋକ ଅଛନ୍ତି, ସେଥିମଧ୍ୟରୁ ଚମ୍ପା, ଓରଫ୍ ଚମ୍ପା ସାଆନ୍ତାଣୀ, ଓରଫ୍ ହରକଳା (୧) ସହିତ ମଙ୍ଗରାଜବଂଶର କି ସମ୍ପର୍କ ଏ କଥା କାହାରିକୁ ଜଣାନାହିଁ । ତାହାର ଜାତି, କୁଳ, ପିତୃବଂଶ ସମ୍ବନ୍ଧରେ ମଧ୍ୟ ସମସ୍ତେ ଅନଭିଜ୍ଞ । ଚମ୍ପା ମଙ୍ଗରାଜ ଘରେ ଦାସୀ କି ସାଆନ୍ତାଣୀ, ବ୍ୟବହାର ଦ୍ୱାରା ବୁଝିବାର କାହାରି ଶକ୍ତି ନାହିଁ । କେବଳ ଏତିକିମାତ୍ର କହିପାରୁ ଯେ, ମଙ୍ଗରାଜଙ୍କ ଉଆସ ମଧ୍ୟରେ ଚମ୍ପାର କ୍ଷମତା ସୀମାତୀତ—ଅଧିକ କ'ଣ, ସାଆନ୍ତାଣୀଙ୍କ କ୍ଷମତାଠାରୁ ଢେର୍ ବେଶୀ । ବାହାରର ହଳିଆ, ମୂଲିଆ, କଚେରି କରଣଯାଏ ତାହାଠାରେ ହାତ ଯୋଡ଼ିଥାନ୍ତି । ଚମ୍ପାର ଗୋଟିଏ ନାମ ହରକଳା—ସତକଥା କହିବାକୁ ଗଲେ ଏହି ନାମ ଧରି କେହି ତାହାକୁ ଡାକିବାର ଶୁଣିନାହୁଁ । ହରକଳା ଶବ୍ଦର ବ୍ୟୁତ୍ପତ୍ତି କ'ଣ, ଏହି ନାମଟି ନିନ୍ଦ୍ୟ କି ପ୍ରଶଂସାସୂଚକ, ଏହା ବୋଲିବାକୁ ଆମ୍ଭେମାନେ ନିତାନ୍ତ ଅକ୍ଷମ । ମାତ୍ର ଚମ୍ପା କାନରେ ଦିନେ କିଏ ପକାଇଲା, ଲୋକମାନେ ତାହାକୁ 'ହରକଳା' ବୋଲନ୍ତି । ସେ ପୁଣି ଭାରି ଖପ୍ପା ହେଲା, କାନ୍ଦି କାନ୍ଦି ମଙ୍ଗରାଜଙ୍କଠାରେ ଗୁହାରି କଲା । ଖୁବ୍ ଧରପଗଡ଼ ହେଲା, ଦୁଇଦିନ ପର୍ଯ୍ୟନ୍ତ ଖୋଜ ତଲାସ ହେଲା; ମାତ୍ର ହରକଳା କେଉଁଠାରୁ ଉତ୍ପତ୍ତି, କେତେ ଦୂର ବିସ୍ତୃତ, କିଛି ଠିକଣା ମିଳିଲା ନାହିଁ । ଅବଶେଷରେ ସାଆନ୍ତେ କହିଲେ, "ହେଉ ହେଉ, ଦେଖାଯିବ । ଖବରଦାର୍ ! ଚମ୍ପାକୁ କେହି ହରକଳା କହିବ ନାହିଁ ।" ସେଦିନ ଗ୍ରାମର ଏ ମୁଣ୍ଡରୁ ସେ ମୁଣ୍ଡଯାଏ ଏବଂ

Source: Author, Digitized by PPRACHIN, SOA

ଆଖପାଖ ଦୁଇ ଗ୍ରାମରେ ସମସ୍ତଙ୍କୁ ସମସ୍ତେ ସାବଧାନ କରାଇଦେଲେ—"ଖବରଦାର୍ ! ଚମ୍ପାକୁ କେହି ହରକଲା କରିବ ନାହିଁ ।" ମାସେ, ଦୁଇମାସ, ଚାରିମାସ, ଛ'ମାସ—ଟୋକାଠାରୁ ବୁଢ଼ୀ, ଟୋକାଠାରୁ ବୁଢ଼ାଯାଏ ସାଙ୍ଗ ମନ-ମିଳାପି ଲୋକ ଦେଖିଲେ ଚାରିଆଡ଼କୁ ଅନାଇ ମୁରୁକି ହସି ପରସ୍ପରକୁ ସାବଧାନ କରାଇଦିଅନ୍ତି, 'ଖବରଦାର ! ଚମ୍ପାକୁ କେହି ହରକଲା କରିବ ନାହିଁ ।' କ୍ରମଶଃ ସେହି କଥା ସଂକ୍ଷିପ୍ତ ସାରରୂପ ଧାରଣ କଲା; ଯଥା—'ଖବରଦାର କେହି ଚମ୍ପାକୁ'—'ଖବରଦାର କେହି'—'ଖବରଦାର'—ଇତ୍ୟାଦି । ପିଲାଗୁଡ଼ାକ ହାତତାଳି ଦେଇ ଦାଣ୍ଡରେ ନାଚନ୍ତି—

ଖବରଦାର,
ଗୋବରା ଜେନା ଚଉକିଦାର ।

ପିଲାଗୁଡ଼ାକ ସବୁବେଳେ ଜଞ୍ଜାଳିଆ; ସେମାନଙ୍କ କଥା କ'ଣ ଧରିବେ ? ଯାଉ, ସେ ବାଜେ କଥାରୁ କଣ ହେବ ? ହେଲେ ସାଆନ୍ତଙ୍କ ଘର ସହିତ ଚମ୍ପାର ଖୁବ୍ ଘନିଷ୍ଠ ସମ୍ବନ୍ଧ ଥିବାରୁ ପାଠକମାନେ ତାହାର ନାମ ଅନେକ ଥର ଶୁଣିବାକୁ ପାଇବେ । ଏଥର ତାହାର ରୂପ ଗୁଣ ସମ୍ବନ୍ଧରେ ସମସ୍ତ କଥା ଫେଡ଼ି କହିବାର ଆମ୍ଭମାନଙ୍କ ପକ୍ଷରେ ନିତାନ୍ତ କର୍ତ୍ତବ୍ୟ ହେଉଅଛି । ଆଉ ଗ୍ରନ୍ଥସ୍ଥ ନାୟକ ନାୟିକା-ମାନଙ୍କ ରୂପ ଗୁଣ ବର୍ଣ୍ଣନା କରିବାକୁ ଲେଖକମାନେ ସାହିତ୍ୟ ଆଇନାନୁସାରେ ବାଧ୍ୟ । ସୁତରାଂ. ଏହି ସନାତନ ପ୍ରଥା ଲଙ୍ଘନ କରିବାକୁ ଆମ୍ଭମାନଙ୍କର ଆୟତ୍ତ ନାହିଁ । ପୁଣି ଗ୍ରନ୍ଥକାରମାନଙ୍କର ଖସଲତ (୨) ଅଛି । ଗୋଟିଏ ନାୟିକାକୁ ପାଇଲେ ଛେନାଗୁଡ଼ ପାଇଲା ପରି ସବୁ କଥା ପାଶୋରି ଯାଇ ତାହାର ରୂପ ବର୍ଣ୍ଣନା କରିବାକୁ ତରବର ହୋଇ ବସିଯାନ୍ତି । ଆମ୍ଭେମାନେ ଯେ ରୂପ ବର୍ଣ୍ଣନା କରିବା ବିଷୟରେ ଅକ୍ଷମ, ତାହା ନୁହେଁ । ଏହି ଦେଖ—କଦଳୀ, ପଣସ, ରମ୍ଭା, ଅମ୍ବ, ଡାଳିମ୍ବ, ବେଲ, ଏହିପରି ଯେ ସବୁ ଗଛ, ପତ୍ର, ଫଳ, ଫୁଲ ଅଛି—ଚମ୍ପାର ବିଶେଷ ବିଶେଷ ଅଙ୍ଗ ସହିତ ବିଶେଷ ବିଶେଷ ପଦାର୍ଥ ମିଳାଇ ଦେଲେ ତ ରୂପ-ବର୍ଣ୍ଣନା ଛୁଟିଲା । ମାତ୍ର ଆଜିକାଲି ସେପରି ମରହଟ୍ଟୀ ବର୍ଣ୍ଣନା ନାହିଁ । ଇଂରାଜୀ-ପଢ଼ୁଆ ପାଠକମାନଙ୍କ ମନୋରଞ୍ଜନ ସକାଶେ ଇଂରାଜୀ ଧରଣର ରୂପବର୍ଣ୍ଣନା ଆବଶ୍ୟକ । ଭାରତର କବିମାନେ ସୁନ୍ଦରୀ ସ୍ତ୍ରୀକୁ କହନ୍ତି 'ଗଜେନ୍ଦ୍ରଗାମିନୀ' । ଇଂରେଜ କହିବେ, 'ଛି ଛି ! ତାହା ତ ନୁହେଁ, ଘୋଡ଼ା ପରି ଯେ ଗେଲପ୍ (୩) ଚାଲିପାରେ, ସେହି ସିନା ପରମାସୁନ୍ଦରୀ !' ଆମ୍ଭେମାନେ ଦେଖୁଅଛୁଁ, ଆଜିକାଲି ପହିଲି ଆଷାଢ଼ର ମହାନଦୀ ବଢ଼ିପାଣି ପରି ଏ ଦେଶକୁ ଇଂରେଜ ସଭ୍ୟତା ଯେଉଁପରି ପେଲି ଆସୁଅଛି, ସେଥିରେ ଖୁବ୍ ସମ୍ଭବ ନବ୍ୟ ସଭ୍ୟ ଶିକ୍ଷିତ ବାବୁମାନେ ଆପଣା ଆପଣା ଅଙ୍କଲକ୍ଷ୍ମୀମାନଙ୍କୁ 'ଗେଲପ୍' ଚାଲି ଶିଖାଇବା ନିମନ୍ତେ ଚାବୁକ

Source: Author, Digitized by PPRACHIN, SOA

ସବାର ନିଯୁକ୍ତ କରିବାକୁ ପ୍ରସ୍ତାବ କରି ବସିବେ । ସେ କଥା ଯାହା ହେଉ, ଆମ୍ଭେମାନେ କହୁଁ, ସୁନ୍ଦରୀମାନଙ୍କ ଚାଲିର ଉପମେୟ ବସ୍ତୁ ପୁରୁଣା କୌଣସି କବି ଠିକ୍ କରିପାରିନାହାନ୍ତି । ବିଚାର କରନ୍ତୁ—ଘୋଡ଼ା ଆଉ ହାତୀମାନେ ଚାରି ଗୋଡ଼ରେ ଚାଲନ୍ତି; ମାତ୍ର ଆମ୍ଭମାନଙ୍କ ଚମ୍ପାର ଦୁଇଗୋଟି ଗୋଡ଼ରୁ ବେଶି ନାହିଁ । ସୁତରାଂ ତାହାକୁ ଗଜେନ୍ଦ୍ରଗାମିନୀ ବା ଅଶ୍ୱବରଗାମିନୀ ବୋଲିବା ନିତାନ୍ତ ଅସଙ୍ଗତ ଅଟେ । ତେବେ ଚମ୍ପା ହାମୁଡ଼ି ହାମୁଡ଼ି ଚାଲିଲେ କିପରି ଦିଶନ୍ତା, ସେ କଥା ଅନୁମାନ କରି କହିବାକୁ ଆମ୍ଭେମାନେ ସମ୍ପୃତି ଅକ୍ଷମ । ପୁଣି ପଦସଂଖ୍ୟା ସମ୍ବନ୍ଧରେ ମରାଳ ସହିତ ସାମଞ୍ଜସ୍ୟ ଥିବାରୁ ତାହାକୁ ମରାଳଗାମିନୀ ବୋଲିବା ଅସଙ୍ଗତ ନୁହେଁ । ଅଳଙ୍କାର ଶାସ୍ତ୍ରର ମର୍ଯ୍ୟାଦା ରକ୍ଷା ପାଇଁ ଉପମାନ ଉପମେୟ ଠିକ୍ ରଖି କହିବାକୁ ଗଲେ, ମରାଳ କେତେବେଳେ ଖାଲି ଗୋଡ଼ରେ, କେତେବେଳେ ଡେଣା ମେଲାଇ ଖଣ୍ଡି ଉଡ଼ା ଦେଇ ପରି ଚାଲେ । ଆମ୍ଭମାନଙ୍କ ଚମ୍ପା ଗୋହିରୀ ମଝିରେ ମାଣିଆବନ୍ଧ ପଣତକାନି ଉଡ଼ାଇ, ଦୁଇଡେଣା ଦୋହଲାଇ ଚାଲିବାବେଳେ ଠିକ୍ ତାହାକୁ ମରାଳଗାମିନୀ ବୋଲିପାଇପାରେ । ଚମ୍ପାର ବୟସ ଆମ୍ଭେ ଅନୁମାନ କରୁଁ ତିରିଶ ଲଗାଲଗି । ମାତ୍ର ତାହାର ନିଜ ମୁହଁରୁ ଅନେକ ଥର ଶୁଣାଯାଇଅଛି, ସାଆନ୍ତାଣୀଙ୍କ ମଙ୍ଗଳକୃତ୍ୟ (୪) ଦିନ ତାହାର ଏକୋଇଶ ହୋଇଥିଲା । ଏହି ହିସାବରେ ଚମ୍ପାର ବୟସ ତେର୍ କମ୍ । ଏମନ୍ତ ଯୁବତୀର ରୂପ ବର୍ଣ୍ଣନା କରିବାକୁ ହେଲେ ଖୁବ୍ ସାବଧାନତା, ଖୁବ୍ ବିଜ୍ଞତା, ଖୁବ୍ ବହୁଦର୍ଶିତା ଆବଶ୍ୟକ । ବିଲାତୀ କଳସାର୍ତ୍ତି ସହିତ ରୁଚି ନାମଧେୟ ପଦାର୍ଥବିଶେଷ ଏ ଦେଶକୁ ନୂଆ ଆମଦାନୀ ହୋଇଅଛି । ତାହାପ୍ରତି ନଜର ରଖି ନ ଚଳିଲେ ତୁମର ପାଠ ସରିଲା—ତୁମେ ମୂର୍ଖ, ଅସଭ୍ୟତଳେ ଗଲ । ସେଦିନ ଉପେନ୍ଦ୍ର ଭଞ୍ଜଙ୍କ ଦୁର୍ଦ୍ଦଶା ଦେଖି ଆମ୍ଭେମାନେ ଏହି ଶିକ୍ଷା ପାଇଅଛୁଁ । ବାପ ମା' ପୁଣ୍ୟବଳରୁ ସେ ବିଚରା ଖସିଯାଇଅଛି, ନୋହିଲେ ଇସ୍ତକ (୫) ମହାପାତ୍ରଠାରୁ ମହାରାଜ ଯାଏ ଯେପରି ପିଚ୍ଛା ଧରିଥିଲେ ତାହା କପାଳରେ ଯେ କଣ ଘଟିଥାନ୍ତା, ଠାକୁରଙ୍କୁ ଜଣା । ଏପରି ମହାରଥୀର ତ ଏହି ଦଶା, ଆମ୍ଭେମାନେ ବା କେତେ ବଡ଼ାରେ ଗଣ୍ଡାଏ ! 'ଗୁରୁ ବିପ୍ର ପ୍ରସାଦେନ' ଆମ୍ଭେମାନେ ସୁରୁଚି କବିତା କିଛି କିଛି ରଚନା କରିବାକୁ କ୍ଷମ । ଆପଣ ମନେ କରିବେ ଏଇଟା ମିଛୁଆ, କିଛି ଜାଣେ ନାହିଁ । ଆଚ୍ଛା, ନମୁନା ଦେଖନ୍ତୁ—

"ଅର୍ଦ୍ଧବକ୍ଷ-ଉଲଙ୍ଗିନୀ, ମୁରୁକିହାସିନୀ,
ବସ୍ତ୍ରଶୂନ୍ୟା, ଶକ୍ତହସ୍ତା, ତୁରଙ୍ଗଗାମିନୀ,
ମାର୍ଜାରନୟନା, ତାମ୍ରକେଶା, ଉଞ୍ଚାଉଡ଼ା,
ସ୍ୱାଧୀନଭର୍ତ୍ତୃକା, ପାଞ୍ଚ ଜଣ ଆଗେ ଛଡ଼ା,

Source: Author, Digitized by PPRACHIN, SOA

ପରସ୍ପରୁଷଙ୍କୁ ଧଣ ନର୍ତ୍ତିକା ସୁନ୍ଦରୀ,
ଆହା ଆହା, ଅପରୂପ ସ୍ୱର୍ଗବିଦ୍ୟାଧାରୀ ।”
ଆଉ କୁଚୁଚପୁଷ୍ଟି ଉପେନ୍ଦ୍ର ଭଞ୍ଜ ଶୁଣିବେ ?
“ଓଲଟ କଦଳୀ ପ୍ରାୟ ଜାନୁ,
ନିତମ୍ବ ପୁଲିନ ଜିଣି ସାନୁ ।”

ଆଉ ଲେଖିବାକୁ ସାହସ ଅଣ୍ଟିଲା ନାହିଁ । କେଜାଣି ବନ୍ଧୁଏ ପୁଣି ଚମକି ଉଠିବେ ! ଆମ୍ଭେମାନେ ସୁରୁଚି କବିତା ଲେଖିବା ଜାଣୁ ସତ୍ୟ, ହେଲେ ଆଜି ଦୁଇପ୍ରହରେ ଭୁଛା ମିଛ ଲେଖିବାକୁ ସାହସ ହେଉନାହିଁ । ଇଏତ ବାଲିପାଟଣା ବାଳିକା ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଛାତ୍ରୀ ଶ୍ରୀମତୀ ଚେମୀ ବେହେରାଠାରୁ ବେଥୁନ୍ ସ୍କୁଲର ଉଚ୍ଚତମ ଶ୍ରେଣୀର ଛାତ୍ରୀ ମିସ୍ ଏସ୍. ଏମ୍.ରେ ଓରେଫ୍ କୁମାରୀ ଶଶିମୁଖୀ ଗସ୍ତ ପର୍ଯ୍ୟନ୍ତ ଦେଖିଲୁ । କେହି ସୁରୁଚିସମ୍ପନ୍ନ ସୌନ୍ଦର୍ଯ୍ୟ ବଢ଼ାଇ ବିଗନ୍ଧ ଆଖି ପଣ ଜରପାରନାହାନ୍ତି । ଏଣେ ସତ ଲେଖିଲେ ଅସଭ୍ୟତାଳେ ଯିବୁଁ, ମିଛ କଥା ତ କଲମରୁ ବାହାରେ ନାହିଁ ! ଉପାୟ କଣ ? କାଳିଦାସେ ରଘୁବଂଶ ଲେଖିଲାବେଳେ କଲମ ଅଚଳ ହେବାରୁ କହିଦେଇଲେ—

“ଅଥବା କୃତବାଗ୍‌ଦ୍ୱାରେ ବଂଶେଽସ୍ମିନ୍ ପୂର୍ବସୂରିଭିଃ
ମଣୌ ବଜ୍ରସମୁତ୍କୀର୍ଣ୍ଣେ ସୂତ୍ରସ୍ୟେବାସ୍ତି ମେ ଗତିଃ ।” (୬)

ଏତେ ତ ବାଟ ଦଶିଗଲା; ଏଠେ କାଳିଦାସେ ଚମ୍ପାର ରୂପବର୍ଣ୍ଣନାରେ ନମୁନା ରଖିଯାଇଛନ୍ତି । ଦାସେ ବୋଇଲେ—

“ତନ୍ୱୀ ଶ୍ୟାମା ଶିଖରଦଶନା ପକ୍ୱବିମ୍ବ ଧରୋଷ୍ଠୀ ।”

ଅନ୍ୱୟାର୍ଥ – ତନୁ ବୋଲନ୍ତେ ଶରୀର, ଚମ୍ପାର ତନୁ ଥିବାରୁ ସେ ତନ୍ୱୀ । ଶ୍ୟାମା ବୋଲନ୍ତେ କାଳିଆ ନୁହେଁ ଗୋରୀ ନୁହେଁ ଶ୍ୟାମଳବର୍ଣ୍ଣ, ଚମ୍ପା ଶ୍ୟାମଳବର୍ଣ୍ଣା । ଶିଖରଦର୍ଶନା—ଶିଖରୀ ବୋଲନ୍ତେ ପାହାଡ଼, ଦଶନ ବୋଲନ୍ତେ ଦାନ୍ତ । ଚମ୍ପାର ଛାମୁଦାନ୍ତ ଦୁଇଗୋଟି ବାହାଡ଼ା ହୋଇ ଗୋଟାକ ଉପରେ ଗୋଟିଏ ଚଢ଼ି ଯାଇ ପର୍ବତଶୃଙ୍ଗ ପରି ଟେକି ରହିଥିବାରୁ ସେ ଶିଖରଦଶନା । ଆଉ ପକ୍ୱବିମ୍ବାଧରୋଷ୍ଠି—ପକ୍ୱ ବୋଲନ୍ତେ ପାଚିଲା, ବିମ୍ବ ବୋଲନ୍ତେ କୁଆଁମଇତା, ଅଧରଓଷ୍ଠ ବୋଲନ୍ତେ ତଳଉପର ଓଠ; ଅର୍ଥାତ୍ ପାନବୋଳରେ ଚମ୍ପାର ଦୁଇ ଓଠ ନାଲି ହୋଇଥିବାରୁ ସେ ପକ୍ୱବିମ୍ବ ଧରୋଷ୍ଠୀ, ଇତ୍ୟାଦି ।

ପୁଣି ଦାସେ “ମଧ୍ୟେ କ୍ଷମା (୭) ସ୍ତୋକ (୮) ନମ୍ରା ।” ପ୍ରଭୃତି ଢେର୍ କଥା କହିଅଛନ୍ତି । ମାତ୍ର ଚମ୍ପାର ଯେ ସବୁ ଅଙ୍ଗ ବସ୍ତ୍ରାବୃତ, ଅର୍ଥାତ୍ ଆମ୍ଭେମାନେ ଯେ ସବୁ ଅଙ୍ଗ ଦେଖିନାହୁଁ, ସେ ସମସ୍ତ ଅଙ୍ଗ ବର୍ଣ୍ଣନା କରିବାକୁ ଇଚ୍ଛା ନାହିଁ ।

Source: Author, Digitized by PPRACHIN, SOA

ଦାସେ ତ ଦାସେ, 'ଯାହା ନ ଦେଖିଛୁ ଦୁଇ ନୟନେ, ତାହା ନ ଲେଖିବୁ ଗୁରୁବଚନେ'—ତେବେ ଦେଖା ସ୍ଥାନଗୁଡ଼ିକ ବର୍ଣ୍ଣନା କରିବାକୁ ଛାଡ଼ିବା ପାଇଁ ଆମ୍ଭେମାନେ ନୋହୁଁ । ଯଥା—

"କଜଳପୂରିତ ଲୋଚନ ଭଲେ
ଗୁଣ୍ଡି ମିଶା ଝିଲ୍ଲୀ ଗୁଞ୍ଜିତ ଗାଲେ । ୧ ।
ତୈଳ ହରିଦ୍ରା ବୋଳିତ ଦେହେ
କୁକ୍କୁରବ ଶୀଘ୍ରଂ ଧାବତି ଗେହେ । ୨ ।
ପୋଲହାତ ଶାଢ଼ୀ ସ୍କୁତ କକ୍ଷେ (୯)
ଥୋପଭିଡ଼ା ଜୁଡ଼ା (୧୦) ଶୋଭିତ ହଚେ । ୩ ।
ଦୁମୁ ଦୁମୁ ଗୁମୁ ଗୁମୁ ଚଳନଂ ତସ୍ୟା
ଚଳତି ବା ଧାବତି ବିଷମ ସମସ୍ୟା । ୪ ।
କଙ୍କଣ ଚୁଡ଼ି ହସ୍ତେ ବିରାଜେ
ଝମ ଝମ ଝୁଣ୍ଟିଆ ବାଜେ । ୫ ।
ସା ଯଦା ଗଚ୍ଛତି ରୋହଣୀ ଦାଣ୍ଡେ
ହ ଦନଇ ଗୁଣ୍ଡେ ଗୁଣ୍ଡେ (୧୧) । ୬ ।
ଦେଖି ଶଙ୍କି ଯାନ୍ତି ଗ୍ରାମ୍ୟ ଲୋକେ
ଡର ମର ପଳାଇଯାନ୍ତି ଥୋକେ । ୭ ।
ଇତି ରୂପବର୍ଣ୍ଣନଂ ପଜ୍‌ଝଟୀ (୧୨) ଛନ୍ଦେ
ଅତଃ ଗୁଣ ବର୍ଣ୍ଣ୍ୟତେ ବିବିଧ ପ୍ରବନ୍ଧେ । ୮ ।

ପରିଚ୍ଛେଦ-୬

ବୁଢ଼ୀ ମଙ୍ଗଳା

"ଯା ଦେବୀ ବୃକ୍ଷମୂଳେଷୁ ଶିଳାରୂପେଣ ସଂସ୍ଥିତା
ନମସ୍ତସ୍ୟୈ, ନମସ୍ତସ୍ୟୈ, ନମସ୍ତସ୍ୟୈ ନମୋନମଃ ।
ମୃତ୍ତିକାଶ୍ୱେତକାରୂଢ଼ା ବନ୍ଧ୍ୟାୟୋଃ ପୁତ୍ରଦାୟିନି
ବାଞ୍ଛାସହାରିଣୀ ଦେବୀ, ନାରାୟଣୀ ନମୋସ୍ତୁତେ ।"

ଅସୁର ଗଡ଼ର ପଶ୍ଚିମ କୋଣ । ଗାଆଁ ଭିତର ପାଚିକୁ ଯିବା ବାଟର ଡାହାଣ ହାତ ପାଖରେ ଗୋଟିଏ ଖିରି ବରଗଛ ଅଛି । ଗଛମୂଳର ଚିହ୍ନ ନାହିଁ, କୋଡ଼ିଏ ପଚିଶ ଫୋଟା ଓର ପଞ୍ଚ ଡାଳଗୁଡ଼ିକ ପରସ୍ପର ଛନ୍ଦାଛନ୍ଦ ହୋଇ ରହିଛି

Source: Author, Digitized by PPRACHIN, SOA

ପ୍ରାୟ ବାର ତେର ଗୁଣ୍ଠ ଜମି ମାଡ଼ିବସିଅଛୁ । ସ୍ଥାନ ସ୍ଥାନ ଡ଼ାଳ ଓ ପତ୍ରଗୁଡ଼ିକ ଏପରି ଜଗଜ୍ଜ ହୋଇଛୁ ଯେ, ଖରାତେଜ ମୂଳକୁ ବାଜେ ନାହିଁ । ଗଛଟି ବହୁକାଳର । ପୁରୁଖା ଲୋକମାନେ କହନ୍ତି, ଏଇଟି ସତ୍ୟଯୁଗର ଠାକୁରାଣୀ-ଗଛ —ସେମାନେ ପିଲାକାଳରୁ ଦେଖି ଆସୁଛନ୍ତି, ଏହା ବଢ଼ିବାକୁ କି ଛୁଡ଼ବାକୁ ନାହିଁ । ଗଲ ସାତଅଙ୍କ ତୁଳାମାସ ଉଆଁସବନ ଘର ଗୋଟାଏ ତୋଫାନ ହୋଇଥିଲା । ଗାଆଁର ସମସ୍ତ ସଜନାଗଛ ଏବଂ କଦଳୀଗଛ ପ୍ରଭୃତି ଉପୁଡ଼ିଗଲା; ଏ ଗଛରୁ ଗୋଟିଏ ପତର ମଧ୍ଯ ଝଡ଼ିଲା ନାହିଁ । ଠାକୁରାଣୀ ମହିମା !

ମଝିରେ ଗୃହଗୋଟି ଓର ଗଛ ପରି ଛୁଡ଼ାହୋଇଛୁ । ତାହା ମୂଳରେ ଗ୍ରାମଦେବତାଙ୍କ ଆସ୍ଥାନ (୧) । ଠାକୁରାଣୀଙ୍କ ନାମ ବୁଢ଼ୀମଙ୍ଗଳା । ମଙ୍ଗଳାଙ୍କର ଅଢ଼େଇମାଣ ଦେବୋତ୍ତର ଜମି ଅଛୁ । ବାରଗୁଣ୍ଠ ଆଠବିଶ୍ଵା ବଜେ ଆସ୍ଥାନ ତଳ, ବାକି ଦୁଇମାଣ ଜଳଜମି ଦେହୁରୀ (୨) ଭୋଗ କରେ ଓ ଠାକୁରାଣୀଙ୍କ ପୂଜାକରେ । ଗ୍ରାମରେ, ବିଶେଷତଃ ମାଇକିନିଆମାନଙ୍କ ମଧ୍ଯରେ ଦେହୁରୀର ଭାରି ମହିମା । ଠାକୁରାଣୀ ସ୍ଵପ୍ନରେ ଦେହୁରୀକୁ ଦେଖା ଦିଅନ୍ତି, ସବୁ କଥା କହନ୍ତି । ତାହାର ବାଡ଼ିରେ କଦଳୀଟାଏ, ବାଇଗଣଟାଏ, କଖାରୁଟାଏ ଫଳିଲେ ଅଗ ଫଳଟା ଠାକୁରାଣୀଙ୍କୁ ନଦେଲେ ସେ ଖାଏ ନାହିଁ ।

ମଣ୍ଡପଟି ପକ୍କାରେ ତଆରି । ମଝିରେ ଠାକୁରାଣୀଙ୍କର ନିଜ ମୂର୍ତ୍ତି । ମୂର୍ତ୍ତିଟି ଖୁବ୍ ବଡ଼, ଓଜନରେ ଦଶ ପସୁରିରୁ ଊଣା ହେବ ନାହିଁ; ଦୁଇ ଗୃହଟା ହଳଦିବଟା ଶିଳ ମିଶିଲେ ଯେତେ ବଡ଼, ତହିଁରୁ ବଳିପଡ଼ିବ । ଗୋଟାକଯାକ ଗ୍ଵର ଆଙ୍ଗୁଳ ବହଳ ସିନ୍ଦୂରବୋଳା; ବଡ଼ଠାକୁରାଣୀଙ୍କୁ ଘୁଞ୍ଚି ଆଉ ଗୃହଗୋଟି ସାନ ମୂର୍ତ୍ତି ଅଛନ୍ତି । ମଣ୍ଡପ ଡାହାଣ ଭାଗର କିଛୁ ଦୂରରେ ଭଙ୍ଗା ଦଦରା ମାଟିର ହାତୀ, ଘୋଡ଼ା ପଣେ କି ଦୁଇପଣ ଜମା ହୋଇଅଛୁ । ଠାକୁରାଣୀଙ୍କୁ ମାଟିର ହାତୀ ବା ଘୋଡ଼ା ଚଢ଼ିବାକୁ ଦେଲେ ପିଲାମାନଙ୍କର ପୀଡ଼ା ଘୁଞ୍ଚିଯାଏ—ବଡ଼ ବଡ଼ ଲୋକଙ୍କର ପୀଡ଼ା ଘୁଞ୍ଚିବାର—ମଧ୍ଯ ଦେଖା ଓ ଶୁଣା ଅଛୁ । ସେଥିସକାଶେ ଠାକୁରାଣୀଙ୍କ ପାଗା (୩) କେବେ ଖାଲି ଥାଏ ନାହିଁ । ଦେବୀଙ୍କର ପୂଜା ପ୍ରତିଦିନ ହୁଏ ନାହିଁ । ଶୁଖିଲାପତ୍ର ଆଉ ଅଳିଆରେ ଢାଙ୍କି ହୋଇ-ଥାଆନ୍ତି । ବିଶ୍ଵପୂର୍ଣ୍ଣିଘର, କାହାର ପୁଅ-ଝିଅର ବେରାମ ଆରାମ ହେଲେ କମ୍ବା କାହାର ମାନସିକ ଥିଲେ ପୂଜା ହୁଏ । ଗାଆଁରେ ବାଡ଼ି ପଡ଼ିଲେ ପୂଜାର ଧୂମ୍ ଲାଗିଯାଏ । କରଣୀମାନଙ୍କ ପର ମାସକୁ ମାସ ଠାକୁରାଣୀଙ୍କର ଆୟ ନାହିଁ । ବିପଦ ପଡ଼ିଲେ ଡାକ୍ତର ଆଉ ଓକିଲଙ୍କ ଦୁଆରପରି ଠାକୁରାଣୀ ଆସ୍ଥାନ ଚମକି-ଉଠେ । ଗ୍ରାମର ଲୋକଙ୍କ ଭେଦା ପଇସାରେ ପୂଜାଖର୍ଚ୍ଚ ଚଳେ । ଠାକୁରାଣୀ ଭାରି ପ୍ରତ୍ୟକ୍ଷ ଦେବତା; ଏହାଙ୍କ ଅନୁଗ୍ରହରୁ ଗ୍ରାମରେ ଆପଦ ବିପଦ ଘଟେ ନାହିଁ ।

Source: Author, Digitized by PPRACHIN, SOA

କେବେ କେବେ ମାଉସୀବୁଢ଼ୀ ପ୍ରବଳ ହୋଇ ଗ୍ରାମରେ ପଶିଯାଏ । ମାତ୍ର ଭଲ କରି ପୂଜା ଦେଲେ ଶଏ ପଚାଶ ଜଣରୁ ବେଶି ନେଇପାରେ ନାହିଁ, ଛାଡ଼ି ପଳାଏ ।

ଆପଣ ସଭ୍ୟ ପାଠକ ଏ କଥା ଶୁଣି ହସିବେ । ବିଜ୍ଞାନର ସୂତ୍ର ଯୋଖି ଦେଇ କହିବେ, ରୋଗ ହେଲେ ଔଷଧ ଖାଅ, ଠାକୁରାଣୀଙ୍କର ପୂଜା କ'ଣ ? ଆଚ୍ଛା, ଆମ୍ଭେମାନେ ପଚାରୁଁ, ବଙ୍ଗଳା ଏପିଡ଼େମିକ ଫିଭର୍ ଓ ବୋମ୍ବେ ପ୍ଲେଗ୍‌ରେ କେଡ଼େ କେଡ଼େ ଡାକ୍ତର ଝୁଙ୍କିଥିଲେ କଣ କଲେ ? ଆପଣ କି ସେହି ଡାକ୍ତରମାନଙ୍କର ଅର୍ଦ୍ଧଚନ୍ଦ୍ର ବ୍ୟବସ୍ଥା କରିବେ ? ଠାକୁରାଣୀଙ୍କର ବିଶେଷ ମହିମା; ବନ୍ଧ୍ୟାଙ୍କୁ ପୁତ୍ରବତୀ କରନ୍ତି । ମାଇକିନିଆ ମାନଙ୍କଠାରୁ ବିଶେଷ ପୂଜା ପାଇବାର ଏହା ଗୋଟିଏ ବିଶେଷ କାରଣ ଅଟେ । କେଉଁ କେଉଁ ବା କେତେ-ଜଣ ବନ୍ଧ୍ୟା ଦେବୀଙ୍କ ବରରୁ ପୁତ୍ର ଲାଭ କରିଅଛନ୍ତି ସେଥିରେ ବିଶେଷ ଭାବ ଦେଇ ପାରିବୁଁ ନାହିଁ । ମାତ୍ର ଆମ୍ଭେମାନେ ନିର୍ମାଲ୍ୟ (୪) ଛୁଇଁ କହିପାରୁ, ଗ୍ରାମରେ ଯେଉଁ ସ୍ତ୍ରୀମାନେ ସନ୍ତାନବତୀ ହୋଇଅଛନ୍ତି, ପ୍ରଥମେ ବିବାହ ସମୟରେ ସେମାନେ ବନ୍ଧ୍ୟା ଥିଲେ । ପୂର୍ବେ ବୋଲିଅଛୁଁ, ଘାଟିକୁ ଯିବାପାଇଁ ଠାକୁରାଣୀଙ୍କ ଆଗରେ ଗୋଟିଏ ବାଟ ଅଛି । ଗ୍ରାମର ମାଇକିନିଆମାନେ ସେହିବାଟେ ଯିବା ଆସିବା କରନ୍ତି । ଗୋଟିଏ ସ୍ତ୍ରୀ, ବୟସ ଅନ୍ଦାଜ ତିରିଶ ହେବ, ପ୍ରତିଦିନ ସ୍ନାନ କରି ଆସି କାଖରୁ ମାଠିଆଟି ଓହ୍ଲାଇ ଠାକୁରାଣୀଙ୍କ ଆଗରେ ଥୋଇଦିଏ, ପହଁରରେ ଦେବୀଙ୍କ ଆଗଟି ପହଁରିଦେଇ ମାଠିଆରୁ ପୋଷେ ପାଣି ନେଇ ଠାକୁରାଣୀ ଗଛମୂଳରେ ଦିଏ ଓ ଭୂଇଁରେ ମୁଣ୍ଡିଆ ମାରି ଗୁନ ଗୁନ କଣ ଜଣାଏ ଏବଂ ପ୍ରତିଦିନ ସଞ୍ଜବେଳେ ଗୋଟିଏ ବଳିତା ଜାଳି ଆଣି ଠାକୁରାଣୀ ସ୍ଥାନରେ ସଞ୍ଜିଦିଏ ଏବଂ କ'ଣ ପ୍ରାର୍ଥନା କରେ । ଏହିପରି କରୁଥିବାର ଛ'ମାସ ହେଲା ଲୋକମାନେ ଦେଖିଆସୁଛନ୍ତି । ତାହା ମନର କଥା କେହି ଜାଣେ ନାହିଁ, କାରଣ ସେ ସ୍ତ୍ରୀଟି ବଡ଼ ଲାଜକୁଳୀ, ସବୁବେଳେ ଓଢ଼ଣା ପକାଇଥାଏ, କାହାରି ସହିତ ମିଶେ ନାହିଁ, କାହାରି ସହିତ କଥା କହେ ନାହିଁ ।

ଗ୍ରାମର ଗୋରୁଜଗା ପିଲାମାନେ ଖରବେଳେ ପଡ଼ିଆରେ ଗୋରୁ ଛାଡ଼ିଦେଇ ଠାକୁରାଣୀଙ୍କ ନିକଟ ଗଛମୂଳରେ ଖେଳନ୍ତି । ହଠାତ୍ ଖେଳ ଛାଡ଼ି ପାଞ୍ଚଣ ଧରି ସମସ୍ତେ ଘେରି ଛିଡ଼ା ହୋଇଗଲେ । ସେମାନଙ୍କ ଦେଖା ଦେଖି ଗ୍ରାମର ୧୦।୧୫ ଜଣ ରୁଣ୍ଡ ହୋଇଗଲେଣି । କାଲି ତ ପୂଜା ହୋଇନାହିଁ, ଠାକୁରାଣୀଙ୍କଠାରେ ପୂଜା ସରଞ୍ଜାମ କାହୁଁ ପଡ଼ିଲା ! ମନ୍ଦାର ଫୁଲ, ଶତବର୍ଗ ଫୁଲର ମାଳ, ଖଇ, ହଟୁଡ଼ା, ଚାରିଆଡ଼େ ବୁଣି ପଡ଼ିଅଛି, ଠାକୁରାଣୀ ଦେହରେ ଟଟକା ହଳଦୀ ଲାଗିଅଛି । ଠାକୁରାଣୀ ପୂଜା ଗ୍ରାମ ମଧ୍ୟରେ ଗୋଟିଏ ବିଶେଷ ଘଟଣା । ଭେଦାହୁଏ,

Source: Author, Digitized by PPRACHIN, SOA

ବାଇଦ ବାଜେ, ଗ୍ରାମର ସମସ୍ତେ ଦେଖିବାକୁ ଆସନ୍ତି । ପୂଜା ସନ୍ଧ୍ୟା ସମୟରେ ହୁଏ । ମାନସିକ ପୂଜା ମଧ୍ୟ ସେହିପରି ହୁଏ । କାହିଁ, କାଲି ତ ବାଇଦ ବାଜିନାହିଁ, ସଞ୍ଜବେଳେ ପୂଜା ହୋଇନାହିଁ, ଏସବୁ କାହୁଁ ଅଇଲା ? ଗୋଟାଏ ପିଲା ଡାକପାଡ଼ି କହିଲା, "ଏଟା କ'ଣ, ଏଟା କ'ଣ ? ସମସ୍ତେ ଧାଇଁଯାଇ ଦେଖିଲେ, ଠାକୁରାଣୀ ପଛରେ ଖାର ଗୋଟିଏ ବଳ । ବଳମୁହଁ ଠାକୁରାଣୀ ମଣ୍ଡପ-ଠାରୁ ଡଜନହାତ ଦୂରରେ, ତାହାର ମୁହଁଟା ଖୁବ୍ ବଡ଼, ଜଣେ ମନୁଷ୍ୟ ଯାଇ ବସିପାରେ । ଗାଁଯାକ ଏ କଥା ମେଲିଗଲା । ଲୋକମାନେ ଦେଖିବାକୁ ଧାଇଁଲେ । ମଙ୍ଗରାଜେ ମଧ୍ୟ ଶୁଣିପାରି ଧାଇଁଆଇଲେ । ନାନା କଥା ହୋଇ ଶେଷରେ ସ୍ଥିର ହେଲା, କୌଣସି ଭକ୍ତର କଷ୍ଟ ଫେଡ଼ିବା ନିମନ୍ତେ ଠାକୁରାଣୀ କାଲି ନିଶାଭାଗ ରାତିରେ ବଳେ ହୋଇଥିଲେ । ବଳଟା ତାଙ୍କ ବାଘ ଖୋଲା ପକାଇଅଛୁ । ମଙ୍ଗରାଜେ କହିଲେ, "ଏହି ବଳ ୧୨ ରେ ବର୍ତ୍ତମାନ ବାଘ ଥିବାର ଜଣାଯାଉଅଛି ।" ବାଘ ନାମ ଶୁଣି ସମସ୍ତ ପଳାଇଲେ । ଶେଷରେ ମଙ୍ଗରାଜେ ରାମା ମୁହଁକୁ ଚାହିଁ ଚାଲିଗଲେ । ବୋଧକରୁ, ଏହା କିଛି କାର୍ଯ୍ୟର ସାଙ୍କେତିକ ଚିହ୍ନ । ତହିଁ ଆରଦିନ ଆଉ କେହି ସେ ବଳ ଦେଖିଲେ ନାହିଁ । ଏହି କଥାଟା ଗ୍ରାମ ମଧ୍ୟରେ ଅନେକ ଦିନ ପର୍ଯ୍ୟନ୍ତ ଆଲୋଚନା ହେଲା । ଶ୍ୟାମା ମା' ଭଣ୍ଡାରୁଣୀ କହିଲା, "ମୋର ବୟସ ସାତଗଣ୍ଡା କି ଦେଢ଼ପଣ କି ଚାରିପଣ ହେଲାଣି, ଗ୍ରାମରେ ଯେତେ ବୁଢ଼ା ଦେଖୁଛ, ମୁଁ ସମସ୍ତଙ୍କୁ ବଖ କରାଇଅଛି । ସମସ୍ତେ ମୋ ଆଗରେ ପିଲା । ମୁଁ ନିଜ ଆଖିରେ ଠାକୁରାଣୀଙ୍କୁ ଏଥରକୁ ଲଗାଇ ଚାରିଥର ଦେଖିଲିଣି । କାଲି ନିଶାଭାଗ ରାତିରେ ବାହାରକୁ ଉଠିଥିଲି । ଗୋହିରୀ ମଝିରୁ ଝୁଣାଗନ୍ଧ ଆସିଲା । ଝମର ଝମର ଶୁଭିଲା । ଅନାଇଲି, ବାଘ ଉପରେ ବସି ଠାକୁରାଣୀ ବଳେ ହେଉଛନ୍ତି । ବାପରେ, ସେ ବାଘଟା କେଡ଼େ ! ମୁଁ କେତେ ବାଘ ଦେଖିଛି, ଏଡ଼େ ବଡ଼ ବାଘ କାହିଁ ଦେଖିବାର ନାହିଁ । ତାର ଲମ୍ବଟା ସାତ କି ଆଠ ହାତ ହେବ । ମୁଣ୍ଡଟା ବଡ଼ ପଣ୍ଡା (*) ମୁଣ୍ଡ ପରି ନିଦଣ୍ଡ କଳା । ବାଘଟା ମୋ ଆଡ଼କୁ ତରାଟି ଚାହିଁଲା । ମୁଁ ତ ଡରରେ ଟାଟି କିଳି ପକାଇଲି । ଅଧରାତିବେଳେ ଦାଣ୍ଡରେ ବାଘ ଚାଲିବା ଶବ୍ଦ ଶୁଣିଥିବାର ଆହୁରି ମଧ୍ୟ ଚାରି ପାଞ୍ଚଜଣ ବୁଢ଼ା ମନୁଷ୍ୟ ସାକ୍ଷ୍ୟ ଦେଲେ । ସକାଳେ ବାଘଖୋଜ ରାମା ଜେନା ଦେଖିଥିବାର ଦୃଢ଼ ରୂପେ କହିଲା । ଠାକୁରାଣୀ ଆସିଥିବାର ନିଃସନ୍ଦେହରେ ସ୍ଥିର ହେଲା ।

Source: Author, Digitized by PPRACHIN, SOA

ପରିଚ୍ଛେଦ-୮

ଜମିଦାର ଶେଖ୍ କେରାମତ୍ ଅଲି

ଶେଖ୍ କେରାମତ୍ ଅଲିଙ୍କ ଘର ପ୍ରଥମେ ଆଗ୍ରା ଜିଲ୍ଲାରେ ଥିଲା, ବର୍ତ୍ତମାନ ଜିଲ୍ଲା ମେଦନୀପୁର । ଶେଖ୍ କେରାମତ୍ ଅଲିଙ୍କୁ ସମସ୍ତେ ଆଲିମିଆଁ ବୋଲି ଡାକନ୍ତି, ଆମ୍ଭେମାନେ ସେହି ନାମ ଲେଖିବୁଁ । ଆଲିମିଆଁ ପ୍ରଥମେ ଘୋଡ଼ାର ସୌଦାଗର ଥିଲେ । ପଶ୍ଚିମ ହରିହର ଛତର ମେଳାରୁ ଘୋଡ଼ା କିଣିଆଣି ବଙ୍ଗଳା ଓ ଓଡ଼ିଶାରେ ବିକି କରିବା ତାଙ୍କର ବ୍ୟବସାୟ ଥିଲା । ମେଦନୀପୁର ଜିଲ୍ଲାର ବଡ଼ ସାହେବଙ୍କୁ ଗୋଟାଏ ଘୋଡ଼ା ବିକିଥିଲେ । ସେ ଘୋଡ଼ାଟି ଭଲ ପଡ଼ିବାରୁ ସାହେବ ମଉସୁଫ୍ ଖୁବ ଖୁସି ହୋଇ ମିଆଁଙ୍କୁ ବ୍ୟବସାୟ ଓ ରୋଜଗାର ବିଷୟରେ ଅନେକ କଥା ମେହେରବାନ୍ (୧) କରି ପଚାରିଲେ ଏବଂ ସୌଦାଗିରିରୁ ବିଶେଷ ଲାଭ ନ ଥିବାର ଶୁଣି ତାଙ୍କୁ ଗୋଟିଏ ଚାକିରି ଦେବାକୁ ଇଚ୍ଛା କରି ସେ (ଆଲିମିଆଁ) ଲେଖାପଢ଼ା ଜାଣନ୍ତି କି ନାହିଁ ପଚାରିଲେ । ମିଆଁ କହିଲେ, "ହଜୁର, ମୁଁ ପାରସି ଜାଣେ । କାଗଜ କଲମ ଦେଉନ୍ତୁ, ମୋ ନାମ ପୁରା ଲେଖିଦେବି ।" ପୂର୍ବେ ପାର୍ସି ବିଦ୍ୟାର ଖୁବ ଆଦର ଥିଲା । ଅଦାଲତର ଚଳିତ ବିଦ୍ୟା ଥିଲା ପାର୍ସି । ଭାରତ ଭାଗ୍ୟରେ ବିଧାତା ଏପରି ଲେଖିନ ମୁନ ମାରିଛନ୍ତି, କାଲି ଥିଲା ପାର୍ସି ଆଜି ହେଲା ଇଂରାଜୀ, ଏ ଉତ୍ତାରେ କ'ଣ ତାଙ୍କୁ ଜଣା । ମାତ୍ର ଏ କଥା ନିଶ୍ଚିତ, ଦେବନାଗରୀ-କପାଳ ପଥରିତଳେ । ଇଂରାଜୀ ପଣ୍ଡିତମାନେ କହନ୍ତି, 'ସଂସ୍କୃତ ମୃତଭାଷା' । ଆମ୍ଭେମାନେ ସେ କଥା ଆଉ ଟିକିଏ ସଫାକରି ବୋଲୁଅଛୁଁ—ଏହା ଦରମଲା ଲୋକମାନଙ୍କ ଭାଷା । ସେ କଥା ଥାଉ, ସାହେବ ମାଉସୁଫଙ୍କ ମେହେର୍‌ବାନିରୁ ମିଆଁସାହେବ ଗୋଟିଏ ଚାକିରି ପାଇଲେ । ସେ ଚାକିରିର ନାମ ଥାନା ଦାରୋଗାଇ । ମିଆଁସାହେବ ନାନା ବିଧିରେ ଏବଂ ନିର୍ବିଘ୍ନରେ ବିଂଶ ବର୍ଷ ପର୍ଯ୍ୟନ୍ତ ଚାକିରି କରି ଅନେକ ବିଷୟ ସମ୍ପତ୍ତି ଅର୍ଜନ କରି ଯାଇଥିଲେ । ଘର, ବଗିଚା, ଘର-ଆସବାବମାନ ଛଡ଼ା ଜମିଦାରୀ ତାଲୁକ ଚାରିଗୋଟା । ପୂର୍ବେ ଓଡ଼ିଶା ଜମିଦାରୀ ସବୁ କଲିକତାରେ ନିଲାମ ହେଉଥିଲା । ମିଆଁ ଥରେ କଲିକତାକୁ ଗୋଟିଏ ଖୁଣି ମାମଲା ଚାଲାଣ ଘେନି ଯାଇ ତାଲୁକେ ଫତେପୁର ସରସଣ୍ଡ ନିଲାମରେ କିଣିଥିଲେ । ଆପଣଙ୍କ ମନରେ ଆମ୍ଭମାନଙ୍କର କଥା ପ୍ରତି ସନ୍ଦେହ ହୋଇପାରେ । ଥାନା ଦାରୋଗା ବର୍ତ୍ତମାନ ବେଙ୍ଗଲ ପୋଲିସ୍‌ରେ ଇନ୍‌ସପେକ୍ଟର ତ ! ଏତେ ଟଙ୍କା କାହୁଁ ଅର୍ଜିଲା ? ମାତ୍ର ଆପଣ ଆଖିବୁଜି ପଢ଼ିଯାଆନ୍ତୁ; ଆମ୍ଭମାନଙ୍କ କଥାରେ ପଦେ ମିଛ ନାହିଁ, ନିର୍ମଳ ସତ । ଏ କଥା ସମସ୍ତେ ଜାଣନ୍ତି, କ'ଣ ଉପୋଟି ଗୋବିନ୍ଦ ପଣ୍ଡା ବ୍ରାହ୍ମଣର ଗୋଟିଏ ମକଦ୍ଦମା ଡିଗ୍ରୀ କରିଦେବାରୁ

Source: Author, Digitized by PPRACHIN, SOA

ପଣ୍ଡିତେ କଲ୍ୟାଣ କରି କହିଲେ, "ହେଡପୋଷ୍ଟିବାବୁ, ତୁମେ ଦାରୋଗା ହୁଅ !" ଆପଣ କଥାଟାର ହାଲ ବୁଝିଲେ ତ ? ବୁଦ୍ଧିମାନ୍ ଲୋକେ ଠାରରୁ ସବୁ ବୁଝିଯାନ୍ତି । କଲିକତାର ପ୍ରସିଦ୍ଧ ଧର୍ମ ମୋହନଶୀଳ ପ୍ରଥମେ ଖାଲି ବୋତଲ ବିକୁଥିଲେ । ଜଣେ ଶୁଣ୍ଡୀ ବିଳାପ କରି କହୁଥିଲା, "ମୋହନଶୀଳ ତୁଚ୍ଛା ବୋତଲ ବିକି କୋଡ଼ପତି, ମୁଁ ପୂରିବୋତଲ ବିକି କାଙ୍ଗାଳୀ ।" ଆମ୍ଭମାନଙ୍କର ଉପ୍ସ, କୌଣସି ବି. ଏ., ଏମ୍ ଏ. ପାସିଆ ବାବୁ, ଆଲମିଆଁଙ୍କ କଥା ଶୁଣି ଶୁଣ୍ଡୀ ପରି ବିଳାପ କରିବେ, "ହାୟ ହାୟ, ମିଆଁ ଓଲଟା କଲମରେ ତୁଚ୍ଛା ନାମଟା ଲେଖି ଜମାଦାର, ଆମ୍ଭେ ସଳଖ କଲମରେ ଲମ୍ବା ଲମ୍ବା ଏସେ ଲେଖି ଖାଇବାକୁ ପାଉନାହୁଁ ।" କଥାଟା କଣ ବାବୁ ଜାଣନ୍ତି, "ଭାଗ୍ୟଂ ଫଳତି ସର୍ବତ୍ର ନ ବିଦ୍ୟା ନ ଚ ପୌରୁଷଂ ।"

ଆଲମିଆଁଙ୍କର ଗୋଟିଏ ମାତ୍ର ପୁତ୍ର, ନାମ ସେଖ୍ ଦିଲ୍‌ଦାର ମିଆଁ ଓରଫ (୧) ଗ୍ଲେଟାମିଆଁ । ପୁଅକୁ ଲାଏକ୍ ଏବଂ ଇଲ୍ମଦାର୍ କରିବା ସକାଶେ ଦାରୋଗା ସାହେବଙ୍କର ଉଚ୍ଚମାତ୍ର ଗଫ୍‌ଲତ୍ (୩) ନ ଥିଲା । ପାରସି ପଢ଼ାଇବା ନିମନ୍ତେ ଅନେକ ଦିନ ପର୍ଯ୍ୟନ୍ତ ଘରେ ଆଖୁନ୍ (୪) ନିଯୁକ୍ତ ଥିଲେ । ଗ୍ଲେଟ ମିଆଁ ପନ୍ଦର ବର୍ଷ ମଧ୍ୟରେ ପାରସ୍ୟ ଭାଷାର ବିଲ୍‌କୁଲ୍ ବର୍ଣ୍ଣମାଳା ଓ ବନାନ ଶିଖି ପକାଇଥିଲେ । ଗ୍ଲେଟ ମିଆଁଙ୍କର ବାଇଶ ବରଷ ପୂରିଗଲାଣି, ଏତେବେଳେ ଆଖୁନ୍‌ଜୀ ଆଗରେ ବସି ଝୁଲି ଝୁଲି କେତାପ ପଢ଼ିଲେ ଲୋକେ କ'ଣ ବୋଲିବେ ? ପୁଣି ଦୋସ୍ତମାନେ ଆସି ଅକାରଣ ବସିରହନ୍ତି, ସେମାନଙ୍କ କଷ୍ଟ ଦେଖିବା ମିଆଁଙ୍କର ବରଦାସ୍ତ ହେଉ ନ ଥିଲା । ଶେଷରେ ଆଖୁନ୍‌ଜୀ କେବେ କେବେ ବୋଲନ୍ତି, "ନଶା ଖାନେସେ ଆଦମ୍ ଜାନୁଆର ହୋ ଯାତା ହୈ ।" ଏ କଥା ମିହାଏତ୍ ବେବରଦାସ୍ତ ।

ଦିନେ ଉପରଓଳି ଆଖୁନ୍‌ଜୀ ସାହେବ ଖାନା ଖାଇ ଚିତ୍ ହୋଇ ଶୋଇଥିଲେ । କେଉଟମାନେ ଯେପରି ଜାଲ (୫) କାଟିବା ସକାଶେ ଛଣପଟ ବିଡ଼ା ମେଲାଇ ଦେଇଥାନ୍ତି, ସେହିପରି ବିଡ଼ାଏ ପାଚିଲା ଦାଢ଼ି ମିଆଁଙ୍କ ବେକ ଏବଂ ଗ୍ରୀବାକୁ ଘୋଡ଼ାଇ ପକାଇଥିଲା । ଗୋଟିଏ ଜଳନ୍ତା ଝିଙ୍କିଆ ଦାଢ଼ି ମଝିରେ ପଡ଼ ପଡ଼ ପଡ଼ କରି ପୋଡ଼ି ଗ୍ରୀବାରେ ଲାଗିବାରୁ ଆଖୁନ୍‌ଜୀ ଧଡ଼ପଡ଼ ହୋଇ ଉଠିପଡ଼ି 'ତୋବା ତୋବା' (୬) କହି ଦାଢ଼ି ଝାଡ଼ିବାକୁ ଲାଗିଲେ । ଝିଙ୍କିଆ ଖଣ୍ଡି ଲିଭି ନିଆଁ ଝୁଲସବୁ ଲୁଗାପଟାଯାକ ବୁଣିପଡ଼ିଲା । ପାଚିଲା ଦାଢ଼ିଗୁଡ଼ିକ ଝରିବାଣ ପରି ଗୁଳିଆଡ଼େ ପଡ଼ୁଥାଏ । "ଆ ମେରି ତୋବାରେ, ଆ ମେରି ତୋବାରେ" କହି ମିଆଁ ଘରଯାକ ଡିଆଁ ମାରି ନିଆଁ ଲିଭାଉଥାନ୍ତି । ଲଙ୍କା ପୋଡ଼ିବାବେଳେ ହନୁମାନ ମୁହଁରେ ନିଆଁ ଲାଗିବାରୁ କିପରି ଦିଶୁଥିଲା, ମହର୍ଷି ବାଲ୍ମୀକି ସେ କଥା ଖୋଲସା କରି ଲେଖିଯାଇନାହାନ୍ତି; ତେଣୁ ଆମ୍ଭେମାନେ ଉପମା ଛଳରେ ସେ କଥାଟା ଉଲ୍ଲେଖ

Source: Author, Digitized by PPRACHIN, SOA

କରିବା ଯୁକ୍ତିସଙ୍ଗତ ନୁହେଁ ବୋଲି ବିବେଚନା କରୁଥିଲେ । "ସର୍ବନାଶ ସମୁତ୍ପନ୍ନେ ଅର୍ଦ୍ଧଂ ତ୍ୟଜତି ପଣ୍ଡିତଃ"—ଆଖୁନ୍‌ଜୀ ସାହେବ ଏହି ନୀତିଶାସ୍ତ୍ର ଅନୁସାରେ ଅଧାଅଧି ବାଣ୍ଟି ଆୟୁଷ୍ମତପୂର୍ବକ 'ବିସ୍‌ମିଲ୍ଲା ବିସ୍‌ମିଲ୍ଲା' (୭) କହି ସେଦିନ ଘରରେ କବାଟ କିଲି ରହିଲେ । ତହିଁ ଆରଦିନ ସକାଳଠାରୁ ତାଙ୍କୁ କେହି ମେଦିନୀପୁର ମଧ୍ୟରେ ଦେଖିନାହିଁ । ଆଲିମିଆଁଙ୍କ କାନରେ ଏ କଥା ପଡ଼ିବାରୁ ସେ କହିଲେ, "କୁଛ୍ ପରବାୟ ନେହିଁ ! ମେରା ଦିଲ ତ ଇଲମ୍ ହାସିଲ କରନେଇଛୁ ! ମୁଁ କେବଳ ମୋ ନାମ ଲେଖିଜାଣେ, ଏତେ ଦୌଲତ କମାଇଲି ମେରା ଦିଲ୍ ତ ବହୁତ ଶିଖିଲାଣି । ସେଦିନ ମୋ ଆଗରେ ଇମତାନ୍ (୮) ଦେଲା; ଆପଣା ନାମ ଲେଖିଲା, କଲିକତା, ମେଦିନୀପୁର, ହାଓ୍ୱା, ଘୋଡ଼ା, ବାଗବଗିଚ୍ଚ କେତେ କଥା ଲେଖିଗଲା । ବଡ଼ସାହେବ ଖବର ପାଇଲେ ଏଇଲାଗେ ତାକୁ ଦାରୋଗାଗିରି ଦେବେ; ମାତ୍ର ମୁଁ ଏ କଥା ଲୁଚାଇଛି । ମୁଁ ଦିଲୁକୁ ଚାକିରି କରିବାକୁ ଦେବନାହିଁ । ସେ ପିଲାଲୋକ, ଏତେ ମେହେନତ ଉଠାଇ ପାରିବ ନାହିଁ ।" ତାହା ବାଦ୍ ଆଲିମିଆଁ ଲଡ଼୍‌କାକୁ ପାଖରେ ବସାଇ କର୍ମ ଚଳାଇବା ବିଷୟରେ ଅନେକ ଉପଦେଶ ଦେଲେ । ବିଶେଷରେ ଓଡ଼ିଶା ଜମିଦାରୀ ବିଷୟରେ ବହୁତ ହୁସିଆର ସକାଶେ ଉପଦେଶ ଦେଇ କହିଲେ, "ଦେଖ, ସେ ଦେଶରେ ଯେଉଁ ମହାନ୍ତିମାନେ ଅଛନ୍ତି ସେମାନେ ବଡ଼ ଚୋର । ମୁଁ ହିସାବ-କିତାବରେ ଖୁବ୍ ମଜବୁତ୍ ବୋଲି ମୋତେ ଠକାଇ ପାରନ୍ତି ନାହିଁ । ସେମାନଙ୍କ ଠକପଣିଆ ଶୁଣିବ ? ଏକ, ଦୁଇ, ତିନି, ଆଉ ଚାରି—ଏଇ ଦୁନିଆର ହିସାବ । ମାତ୍ର ସେମାନଙ୍କ ହିସାବ କଣ ଜାଣ—ଏକକେ ଏକ, ଦୁଇକେ ଦୁଇ, ଦୁଇଦୁଣେ ଚାରି । ଦେଖ ଏକ, ଦୁଇ, ଚାରି ହେଲା, ବିଚ୍‌ମେ (୯) ତିନ୍ କାହା ଗୟା ? ଏହି ତିନ୍‌ରୁପେୟା ଚୋରି"... ଇତ୍ୟାଦି ଇତ୍ୟାଦି ।

ଜମିଦାରବଂଶର ପରିଚୟ ସମ୍ବନ୍ଧେ ଏତେଗୁଡ଼ିଏ କଥା ଲେଖିବାକୁ ହେଲା, ମାତ୍ର ଏହା ସବୁ ପୁରୁଣା କଥା । ଆଜକୁ ପାଞ୍ଚ ବରଷ ହେଲା ସେଖ୍ ଜେରିମତ ଅଲ୍ଲୀ ଫୌତ (୧୦) ହୋଇଗଲେଣି । ଗୋଟିଏ ମିଆଁ, ଓରଫ୍ ସେଖ୍ ଦିଲଦାର ବର୍ତ୍ତମାନ ଖୋଦ୍ ମାଲିକ । ଗାଁ ଅନ୍ଦାଜ ଘଣ୍ଟାକ ଭିତରେ ଜମିଦାର ସେଖ୍ ଦିଲ୍‌ଦାର୍ ମିଆଁ କଚେରି ଘରେ ବସିଅଛନ୍ତି । ଘରଟା କୋଠା, ସେପରି ଗୋଟିଆ ମୋଟିଆ କୋଠରି ନୁହେଁ ଖୁବ୍ ଲମ୍ବା ଚଉଡ଼ା କୋଠା । ଘର ତଳେ ଗୋଟାଏ ବଡ଼ ଶତରଞ୍ଜି ବିଛା ହୋଇଛି । ସେଟା ବୋଧହୁଏ ବଡ଼ ପୁରୁଣା, ଦଶ କି ବାର ଜାଗାରେ ତେଲଢଳା ଦାଗ, ଟିକିଆପୋଡ଼ା ଜାଗା ପନ୍ଦର କି କୋଡ଼ିଏ, ଧଡ଼ି ଚିରା । ସେହି ସତରଞ୍ଜି ମଝିରେ କାନ୍ଥକୁ ଲଗାଇ ଏକ ବନାତ ସି ବିଛଣା, କାନ୍ଥକୁ

Source: Author, Digitized by PPRACHIN, SOA

ଭିଡ଼ି ବଡ଼ ଗୋଟାଏ ବନାରସି ତକିଆ, ଦୁଇ ପାଖରେ ଚକା ବୋଇତକଖାରୁ ପରି ଦୁଇଗୋଟା ସାନ ବନାରସୀ ତକିଆ । ସେହି ବିଛଣାରେ ଖୋଦ୍ ଜମିଦାର ସେଖ୍ ଦିଲ୍‌ଦାର ମିଆଁ ବସିଅଛନ୍ତି । ପୋଷାକ କିନ୍‌ଖାପ (୧୧) ଚିନ୍ନ ପାଜାମା ସାଟିନ୍ (୧୨) ଚପକନ 'ମୁଣ୍ଡରେ ବନାରସି ଟୋପି, କାନରେ ଅତର ତୁଳାକାଠି, ଆଗରେ ରୂପାର ଅତରଦାନ ଗୋଲାପଦାନ୍ । ତାହା ପାଖରେ ବଡ଼ ଏକ ସାତହାତ ନଳଯୁକ୍ତ ଗୁଡ଼ଗୁଡ଼ି ହୁକା, ହୁକା ଉପରେ ସାନ ଆଟିକା ପରି ଚିଲମ, ତହିଁ ଉପରେ ସାରପୋଷ (୧୩) । ସେଥିରୁ ବୃଶକେଶ ରୂପା ଶିକୁଳି ଝୁଲି ଅସି ମାଟି ସ୍ପର୍ଶ କରିଅଛି । ମହାଦେବଙ୍କଠାରେ ସେବୀ ଧାରଣା ଦେଲା ପରି ନଳଟା ମିଆଁଙ୍କ ପାଦ ସ୍ପର୍ଶକରି ପଡ଼ିଅଛି । ଆଜି ତାହାର ଆଦର ନାହିଁ । ଚଟନେମିଟମେଣ ମନୁଷ୍ୟମାନଙ୍କ ପରି ଅଚେତନ ପଦାର୍ଥମାନଙ୍କର ମଧ୍ୟ ଭାଗ୍ୟର ପରିବର୍ତ୍ତନ ଦେଖା-ଯାଏ । ଘରକୋଣ ଓ ଏଣେତେଣେ ଛିଣ୍ଡା ଗୁଣ୍ଡୁଣ୍ଡୁରୀ, ଜଳପୂର୍ଣ୍ଣ ବଦନା (୧୪), ଦୁଇ ବୃଶଟା ମଦାଢ଼ ହୁକା, ଗୁଡ଼ାଖୁ ଗୁଲ, ନଦତ ଓ ଗଞ୍ଜେଇ ପାଉଁଶ, ପିଆଜ ଚୋପା, ଛେଲ ଲଣ୍ଡି, ଅନାବଶ୍ୟକ ଓ ବର୍ଜିତ ପଦାର୍ଥମାନ ପଡ଼ିଅଛି । ସବୁଠାରୁ ବେଶି ଭାଗ ପାନପିକ, ପାନପିଠା । ଆମ୍ଭେମାନେ ସ୍ୱକୀୟ ବୁଦ୍ଧିର ପ୍ରାଚୁର୍ଯ୍ୟରେ ବୁଝିଅଛୁଁ, ଏ ଘର ମଧ୍ୟରେ କେବେ କେବେ ଗୁଣ୍ଡୁରୀ ବୁଲେ; ନୋହିଲେ କୋଣରେ ଏତେ ଅଳିଆ କାହୁଁ ଠୁଳ ହେଲା । ଘର ଉପର ଭଙ୍ଗା । କାର୍ତ୍ତିସମାନଙ୍କରେ ଓକିଲମାନେ ଯେପରି ଦର୍ପଣ ଆଲମାରିରେ ଆଇନ୍ ପୋଥି ସଜାଡ଼ି ଦେଇ ତକିଆକୁ ଆଉଜି ଓ ମକେଲ୍‌କୁ ଚାହିଁ ବସିଥାନ୍ତି, ବୁଢ଼ିଆଣୀମାନେ ସେହିପରି ଜାଲ ଟାଙ୍ଗି ମଶାଟିକୁ, ମାଛିଟିକୁ ଚାହିଁ ବସିଅଛନ୍ତି । କଡ଼ି ଫାଙ୍କମାନଙ୍କରେ ଘରଚଟିଆମାନଙ୍କର ମଜଲିସ୍ । ସେହି ମଜଲିସ୍‌ରୁ ବେଳେ ବେଳେ ଯାହା କୁଟା କେରାଏ, ଖଡ଼ିକା ଖଣ୍ଡେ ଖସୁଅଛି । ତଳେ ମଜଲିସ୍ ଆଜି ବନ୍ଦ । ମିଆଁ ସାହେବ ଗାଲରେ ହାତଦେଇ ଗୁମ୍ ଖାଇ ବସିଛନ୍ତି । ଓୟାଟର୍ଲୁ ଯୁଦ୍ଧରେ ହାରି ନେପୋଲିୟନ ଏପରି ଭାବନାରେ ବସି ପାରି ନଥିଲେ; କାରଣ ସେଣ୍ଟ ହେଲେନା ପଠାଇବା ପାଇଁ ଇଂରେଜମାନେ ତାହାଙ୍କୁ ଧରପଗଡ଼ କରୁଥିଲେ । ଆଗରେ ସାତ ଜଣ ମୋସାହେବ ଭାବନାରେ ବସି ଢୋଳାଉଛନ୍ତି । ଓସ୍ତାଦ୍‌ଜୀ ବଙ୍କା ଉଲ୍ଲ ଖାଁ । ଦୁଇଗୋଡ଼ ବୁଣ୍ଡାଇ ଦାଢ଼ିଟିକୁ ଆଣ୍ଠୁ ଉପରେ ଲଦିଦେଇ ବସିଅଛନ୍ତି । ପଠାଣଘର ଜଲିକ୍‌ଦିଆ ମାଇକିନିଆଙ୍କ ପରି ତାନପୁରାଟା ଏବଂ ପଡ଼ିଆରେ ବାଇଜହାଣ୍ଡି (୧୫) ପରି ତବଲା ଦୁଇଟା ଗଡ଼ୁଅଛି । ଘରର ଗୋଟାଏ କୋଣରେ ଖିଜ୍‌ମତ୍‌ଦାର (୧୬) ଫରୁଆ ବାଁ ହାତରେ କ'ଣ ଗୋଟାଏ ପଦାର୍ଥ ରଖି ଡାହାଣ ହାତ ବୁଢ଼ା ଆଙ୍ଗୁଳିରେ ଚପୁଛି. ବେଳେ ବେଳେ ମଝିଆଙ୍ଗୁଳିରେ ବୁନ୍ଦା ବୁନ୍ଦା ପାଣି ପକାଉଛି । ମୁନ୍‌ସି ଜାହେର ବକ୍ସ ଏକ ଖଣ୍ଡ କାଗଜରେ ଲେଖା ଡାକ ଧରି ଢପୋଟି ଆଗରେ ଚେର ଆସାମୀ ପରି ଛିଡ଼ା

Source: Author, Digitized by PPRACHIN, SOA

ହୋଇଛନ୍ତି । ମିଆଁ ସାହେବ ଆଖି ବୁଜି ଗୋଟାଏ ଦୀର୍ଘ ନିଶ୍ୱାସ ପକାଇ କହିଲେ, "ଏବେ ଉପାୟ କଣ କରାଯିବ ?"

ମୁନ୍‌ସି ସାହେବ କହିଲେ, "ବନ୍ଦେ ନଓ୍ୱାଜ (୧୭) ମୁଁ ଡନଯାକ ବୁଲିଲିଣି, କାହିଁ କିଛି ପଟିଲା ନାହିଁ । ମହାଜନ ରାମଦାସ କହିଲା, ତାହାର ତମସୁକ (୧୮) ବାବତ କୋଡ଼ିଏ ହଜାର ଓ ହାତଉଧାର ବାବତ ଚାରି ହଜାର ଟଙ୍କା ବାକି ହେଲାଣି । ଆଉ କରଜ ଦେବାକୁ ନାରାଜ ହେଲା । ବଜାରର ମୁଦି ଦୋକାନମାନଙ୍କର ପାଉଣା ଚାରି ହଜାର; ସେମାନେ ସଉଦା ବାକି ଦେଲେ ନାହିଁ ।"

ମିଆଁ କହିଲେ, "ବେକୁବ୍ କମ୍‌ବକ୍ତ (୧୯), ନାଲାଏକ୍ (୨୦)—ବାପାଙ୍କ ଅମଳରୁ ରାମ ସରକାର କୋଡ଼ିଏ ବର୍ଷ ନୌକର ଥିଲା । ତାକୁ ବାହାର କରି ତୁମେ ଦୋସ୍ତ ଓ ଲାଏକ୍ ମନୁଷ୍ୟ ବୋଲି ବେବର୍ତ୍ତା କାମ ଦେଲି; ଗରଜ ଚଳାଇ ପାରୁନାହଁ ?"

ମୁନ୍‌ସି ଜାହେର ବକ୍‌ସ କହିଲେ, "ହଜୁର, ମୁଁ କିପରି ନାଲାଏକ୍ ହେଲି ? ରାମ ସରକାର କିଛି କରଜ କରି ପାରୁ ନଥିଲା; ମୁଁ ପାଞ୍ଚ ବରଷ ମଧ୍ୟରେ ପଚିଶ ହଜାର ଆଣିଦେଲି !"

ମିଆଁ କହିଲେ, "ସେକଥା ଯାଉ, ଏବେ ଇଜ୍ଜତ୍ କିପରି ରହେ ? ସମ୍ପତ୍ତି ଯାଉ, ମହତ ଥାଉ । ମହତ ଗଲେ ନ ମିଳେ ଆଉ ।"

ମୋସାହେବମାନେ (୨୧) ତୋଳାଉଥିଲେ । ଏକଥା ଶୁଣି ପାଟିକରି ଏକାବେଳକେ କହିଲେ, "ଅଲବତ୍ ଅଲବତ୍, ଉଆଜିବ୍ ଉଆଜିବ୍ ।" ମିଆଁ କହିଲେ, "ଯାଓ, ଘର, ଆସବାବ (୨୨) ହେଉ ବା ଜମିଦାରୀ ହେଉ, ବନ୍ଧକ ଦେଇ ଆଜିକା ମଜଲିସ୍ ବନ୍ଦୋବସ୍ତ କର । ଦେଖ, ଜଲ୍‌ଦି, ରାତି ହୋଇଗଲା । ବେଶି ଟଙ୍କା ଦରକାର ନାହିଁ । ବାଈଜୀ ରେକଣଡ (୨୩) ଶଏ ଟଙ୍କା ଓ ବାଈଜୀ ସାଙ୍ଗଲୋକ ଓ ଦୋସ୍ତମାନଙ୍କ ଖାନା ପଲାଓ ସକାଶେ ଏକଶ' ଟଙ୍କା ବହୁତ ହେବ ।"

ଦୋସ୍ତମାନେ କହିଲେ, "ଉଆଜିବ୍, ଉଆଜିବ୍, ବହୁତ ରୁପେୟାର ଦରକାର କ'ଣ ?" ଦୋସ୍ତ ହନୁମିଆଁ କହିଲେ, "ହଜୁର, ଏହି ଯେ, ଖେମଟାବାଲୀ (୨୪) ଖାତୁମ୍ ଉନ୍ନିସା ଆସିଅଛନ୍ତି, ଏ ବହୁତ ଇଲମ୍‌ଦାର୍ (୨୫) । କାଶ୍ମୀରର ଅଉଲ୍ ନମ୍ବର (୨୬) ବାଈ । ଏହାଙ୍କର ଇଲମ୍ ଓ ରାଗରାଗିଣୀରେ କସରତ୍ (୨୭) ହଦ୍‌ରେ ହଦ୍ (୨୮) । ସେ କି ଏ ଦେଶକୁ ପସନ୍ଦ କରନ୍ତି ? କେବଳ ମୁସାଫେରୀ (୨୯) ସକାଶେ ଆସିଅଛନ୍ତି । ମୁର୍ଶିଦାବାଦ ନବାବ, ଲକ୍ଷ୍ନୌ ନବାବ,

Source: Author, Digitized by PPRACHIN, SOA

ହିନ୍ଦିମକା ବାଦିଶା, ସୋମକା ବାଦଶାମାନେ ଏହାଙ୍କ ଗୀତ ଶୁଣିବାକୁ ଡାକିପଠାନ୍ତି, ମାଫ ସବଙ୍କର ଖାତର ରଦାରଦ୍ (୩୦) ହୁଜୁରଙ୍କ କେରାମତ (୩୧) ନେକନାମି (୩୨) ଦୁନିଆରେ ଜାହେର (୩୩) ସେଥିସକାଶେ ଆପେ ଆସି ଏଠାରେ ମଜଲିସ୍ କରିବାକୁ କହୁଅଛୁ ।” ମଜଲିସ୍ ସାରା ଲୋକେ ଏକାବେଳକେ କହିଲେ, “ହୁଜୁରଙ୍କୁ ଦୁନିଆରେ କିଏ ନ ଜାଣେ ? ହୁଜୁରଙ୍କ ଖାନା ପଲାଉ ଯେ ଦିନେ ଖାଇଛି, ଜିନ୍‌ଦଗ୍ (୩୪) ଭରି ସେ ଇସ୍ୱାଦ୍ (୩୫) କରୁଥିବ ।”

ପିଆଦା ସେଖ୍ ଫଜୁ ସଲାମ୍ କରି ଜଣାଇଲା, “ହୁଜୁର, ଓଡ଼ିଶା ଜମିଦାରରୁ ଜଣେ ମହାଜନ ମୁଲାକାତ (୩୬) ସକାଶେ ଆସିଅଛି ।” ହୁକୁମ ହେଲା—ତାହାକୁ ହାଜର କରାଅ । ଆଗନ୍ତୁକ ଉପସ୍ଥିତ ହୋଇ ଆଗରେ ନଗଦ ପାଞ୍ଚଟଙ୍କା ନଜରାନା ଥୋଇ ଭୂମିରେ ହାତ ଲଗାଇ ତିନି ଥର ସଲାମ୍ କଲେ । ମଜଲିସ୍ ମଧ୍ୟରେ ଯେତେଜଣ ସଭ୍ୟ ବସିଥିଲେ, ସମସ୍ତଙ୍କୁ ଏକ ଏକ ସଲାମ କଲେ—ଖିଜମଦ୍‌ଗାର ମଧ୍ୟ ଛାଡ଼ ଗଲା ନାହିଁ । ମିଆଁ ହୁକୁମ କଲେ, “ବହୁତ କଦରଦାନ (୩୭) ଆଦମ୍ ।” ପାଲାବାଲା ପାଳିଆମାନେ ଏକସ୍ୱରରେ ଗୀତ ଧରିଲା ପରି ସମସ୍ତେ ପାଳି ଦେଲେ, “ବହୁତ କଦରଦାନ୍, ବହୁତ ହୁସିଆର୍ ଆଦମ୍ ।”

ମିଆଁ ପଚାରିଲେ, “ତୁମର ନାମ କଣ ?”

“ରାମଚନ୍ଦ୍ର ମଙ୍ଗରାଜ ।”

“କ୍ୟା ? ରାମଚନ୍ଦର ମାମାଲାବାଜ୍ ?”

“ହୁଜୁର, ମଙ୍ଗରାଜ ।”

“ଅଚ୍ଛା ଓଇ ହୁଆ—ରାମଚନ୍ଦର ମଙ୍ଗୋରାଜ ।”

ମଙ୍ଗରାଜ ଜଣାଇଲେ, “ମୁଁ ହଜୁରଠ ଅଲପ କିଛୁ ଜିନିଷ ନଜର ଆଣିଅଛି । ହୁକୁମ୍ ହେଲେ ହାଜର କରିବ ।”

ବହୁତ ଅଚ୍ଛା, ଦିଖାଅ ।

ଭେଟିର ତାଦ ତାଳପତ୍ର ଫର୍ଦ୍ଦିକରେ ଲେଖା ଥିଲା, ପଢ଼ାଗଲା—ପାଞ୍ଚଟା ଡାଲିଆରେ ସରୁ ଅରୁଆ ଚାଉଳ ଭରଣେ ଆଠ ନହଡ଼, ମୁଗଡାଲି ଦୁଇ ଡାଲିଆରେ ବତିଶ ନହଡ଼, ହରଡ଼ଡାଲି ଏକ ଡାଲିଆକୁ ଅଠର ନହଡ଼, ଘିଅ ଏକ ମାଠିଆକୁ

Source: Author, Digitized by PPRACHIN, SOA

ପଚିଶ ସେର, ବମ୍ଭଲ କାଠିଆ କଦଳୀ ପାଞ୍ଚ କାନ୍ଧ, ପାଚିଲା କଦଳୀ ଦୁଇ କାନ୍ଧ, ଆଳୁ ଆଠ ବିଶା ।

ମିଆଁ ହୁକୁମ କଲେ, "ବହୁତ ଆଚ୍ଛା ଗୃହଲ, ପଲାଉର ବ୍ୟେବସ୍ଥ୍, ଘିଅ ମଧ୍ୟ ବହୁତ ଭଲ ।" ମଙ୍ଗରାଜେ କହିଲେ, "ହଜୁର, ଆମ ଦୁନିଆର ମାଲିକ । ହଜୁରଙ୍କ ଦାନା ପନ୍ଦର ପୁରୁଷ ହେଲା ଖାଇ ଆସୁଅଛୁ । ଏ ତ ସାମାନ୍ୟ ଜିନିଷ, ମେହେରବାନି ହେଲେ ପଲାଉ ଗୃହଲ, ଘିଅ, ତେଲ ବରାବର ହାଜର କରିବ ।"

ମିଆଁ ଓ ମି—ଆଁ ଓ—ମିଆଁ ଓ ଉସ୍ତାଦ୍‌ଜୀ ଖୁବ ଖୁସି ହୋଇ ତାନପୁରା କାନ ବାଁ ହାତରେ ମୋଡ଼ି ସୁର ଦେଇ ବସିଲେ । ଗୁମ୍-ଗୁମ୍-ଗୁମ୍-ତାକ୍-ଧିନ୍-ଧିନ୍-ଧିନ୍-ତାକ୍-ଧିନ୍-ଗୁମ୍—ତାବଲା ବାଜିଉଠିଲା । ମିଆଁ ହୁକୁମ ଦେଲେ, "ଜଲଦି ପଲାଉର ବନ୍ଦୋବସ୍ତ କର ।"

ଖ୍ରୀଷ୍ଟିୟାନ୍‌ମାନେ କହନ୍ତି, ପୃଥିବୀର ଶେଷଦିନରେ ସ୍ୱର୍ଗର ଦୂତ ବଂଶୀ ବଜାଇଲେ ସମସ୍ତ ମୃତଲୋକ କବରରୁ ଉଠି ବସିବେ । ମଜଲିସ୍ ଅବଶୋଷରେ ମରିପଡ଼ିଥିଲା, ମଙ୍ଗରାଜଙ୍କ ଟଙ୍କାର ଝଣ୍ ଝଣ୍ ଶବ୍ଦରେ ବଞ୍ଚି ଉଠିଲା । ମିଆଁ ସାହେବ ନଳ ମୁହଁରେ ଦେଇ ଦୁଇ ଗ୍ରେଶ ଅତି ଭଲ କରି ଟାଣିଲେ । କଳା ପର୍ବତରେ କୁହୁଡ଼ି ବୁଲିଲା ପରି ଦାଢ଼ି ସାରା ଧୂଆଁ ଖେଳିଗଲା । ସରକାର କେନାଲ ଦ୍ୱାରା ଯେପରି ପରଗନା ପରଗନା କରି ମହାନଦୀର ଜଳ ବାଣ୍ଟି ଅଛନ୍ତି, ନଳ ଯୋଗରେ ହୁକା ଭିତରେ ଜମା ଥିବା ଧୂଆଁ ସମସ୍ତଙ୍କ ମୁହଁକୁ ବାଣ୍ଟି ଗଲା । ମେଁ ଏଁ ଏଁ, ମେଁ ଏଁ ଏଁ—ପଲାଉ ସମକାଶେ ଗୋଟାଏ ଖାସି ଅଣାଗଲା । ମଜଲିସ୍ ଆଗରେ ଦର ଚୁଣ୍ଡିଲା—ଅଢ଼େଇ ଟଙ୍କା । ମଙ୍ଗରାଜେ ଚମକି ପଡ଼ି କହିଲେ, "କଣ, ଏଇ ଛେଳିଟାର ଦାମ୍ ଅଢ଼େଇ ଟଙ୍କା ! ବାପ୍‌ରେ ! କେତେ ଦାମ୍ !"

ମିଆଁ ପଚାରିଲେ, "ତୁମ ଗ୍ରାମରେ ଦାମ୍ କେତେ ?" ଡାକ୍ତର ମଳୁ ପରୀକ୍ଷା କଲା ପରି ଛେଳିର ଅଗ୍ର ପଶ୍ଚାତ୍, ବାମ ଦକ୍ଷିଣ ଉତ୍ତମ ରୂପେ ନିରୀକ୍ଷଣ-ପୂର୍ବକ ମଙ୍ଗରାଜେ କହିଲେ, "ଛେଳିଟାର ଦାମ୍ କଣ ? ଚାରି ପଇସା କି ଛ'ପଇସା ହେବ । ହୁକୁମ ଦେଲେ ପଲାଉ ସକାଶେ ଦଶଗଣ୍ଡା କି ପନ୍ଦର ଗଣ୍ଡା ପଠାଇ ଦେଇପାରେ । ହଜୁର, ଲୋକ ଚାଲି ଜମିଦାରିରେ ଚାକର ରଖିନାହାନ୍ତି, ସେଥିସକାଶେ ଏତେ ଟଙ୍କା ବରବାଦ୍ । ଅଢ଼େଇ ଟଙ୍କା ଛେଳି ? ବାପ୍‌ରେ ।"

ଏ କଥାଟା ଶୁଣି ମଜଲିସ୍‌ରେ ଯେ କିପରି ଆନନ୍ଦ କୋଳାହଳ ଉଠିଲା, ତାହା ବର୍ଣ୍ଣନାତୀତ । କ୍ଲାଇବ ସାହେବଙ୍କ ପଲାସି ଯୁଦ୍ଧଜୟ ସମ୍ବାଦ ଶୁଣି

Source: Author, Digitized by PPRACHIN, SOA

ଖିଲାତରେ ଡାଇରେକ୍ଟର ସଭ୍ୟ ନିଶ୍ଚୟ ଏତେଦୂର ଆନନ୍ଦିତ ହୋଇ ନ ଥିଲେ । କାରଣ ତେତେବେଳେ ଦିଲ୍ଲୀ ଦରବାରର ଡର ସେମାନଙ୍କ ମନରୁ ଘୁଞ୍ଚି ନ ଥିଲା । ଓସ୍ତାଦ୍‌ଜୀ ପୂରିଆ ରାଗିଣୀର ଆଲାପ କରିବାକୁ ଲାଗିଲେ । ସମସ୍ତେ ଆନନ୍ଦରେ ଉନ୍ମତ୍ତ । ସମସ୍ତଙ୍କ ମୁହଁରୁ ହସ ଉଛୁଳି ପଡ଼ୁଅଛି; କେବଳ ମଙ୍ଗରାଜ ହାତ ଯୋଡ଼ି ମୁହଁ ଶୁଖାଇ ବସିଛନ୍ତି । ଜାଲ ମଧ୍ୟରେ ଗୁଣା ଚାଉଳ ଖାଇଲାବେଳେ ପକ୍ଷୀମାନଙ୍କ ଆନନ୍ଦ ବ୍ୟାଧ ତୁନି ହୋଇ ଦେଖୁଥାଏ । ଆମ୍ଭେମାନେ ମଙ୍ଗରାଜଙ୍କ ମନର କଥା ଭଲ ରୂପେ ବୁଝିପାରୁଁ । ସେ ସମୟରେ ବୋଧହୁଏ ଭାବୁଥିଲେ, "ଆ ବାପା ଚଢ଼େଇ ଆ, କାଣ୍ଡିଆ (୩୮) ପାଖକୁ ଆ ।"

ଜଣେ ଚାକର ଧାଇଁଆସି ବାଈଜୀଙ୍କ ଶୁଭାଗମନର ସମ୍ବାଦ ଦେଲା । ଯଃ—ସର୍ବନାଶ ! ଏ କଥାଟା ଯେ କାହାର ମନରେ ନାହିଁ ! ଓସ୍ତାଦ୍‌ଜୀ ପୁରୁଣା ହୁସିଆର ଲୋକ; ସେହି କେବଳ ଏ କଥାଟା ମନେ କରାଇଦେଲେ । ବାଈଜୀଙ୍କୁ ଶଏ ଟଙ୍କା ନଜରାନା ଦେବାକୁ ହେବ । ପୁନର୍ବାର ଭାବନା, ପୁନର୍ବାର ଆନ୍ଦୋଳନ । ଭାରତବର୍ଷର ବ୍ୟୟ ସଙ୍କଳନ ସମ୍ବନ୍ଧେ ପାର୍ଲିଆମେଣ୍ଟରେ ବୋଧହୁଏ ଏହାଠାରୁ ଅଧିକ ଆନ୍ଦୋଳନ ହୋଇ ନ ଥାଏ, କିଛି ସ୍ଥିର ହୋଇ ପାରିଲା ନାହିଁ । ବେଳ ନାହିଁ । ବେଳ ବୁଝି ମଙ୍ଗରାଜେ ହାତ ଯୋଡ଼ି କହିଲେ, "ହଜୁର ! ଗୋଲାମ ହାଜର ଥାଉଁ ଥାଉଁ ଏତେ ଚିନ୍ତା କି ସକାଶେ ?" ପୁନର୍ବାର ପ୍ରଶଂସା, ଧନ୍ୟବାଦ ସମସ୍ତଙ୍କ ମୁହଁରୁ ବାହାରି ମଙ୍ଗରାଜଙ୍କ କାନରେ ତାଳିପଡ଼ିଲା । ମିଆଁ ହୁକୁମ୍ ଦେଲେ, "ଅଚ୍ଛା ମଙ୍ଗରାଜେ, ତୁମେ ବର୍ତ୍ତମାନ ଯେ ଉପକାର କଲ, ସେଥିର ଇନାମ (୩୯) ଆଲାହିଦା ପାଇବ, ଏ ସିବାଏ ଟଙ୍କାକୁ ସୁଧ ଚାରିଅଣା ହିସାବରେ ପାଇବ ।" ମଙ୍ଗରାଜ କହିଲେ, "ରାମ, ରାମ, ରାମ ! ହଜୁର, ମୁଁ ପିଆଜ ଆଉ ବିଆଜ (୪୦) ଖାଏ ନାହିଁ ।" ଓସ୍ତାଦ୍‌ଜୀ କହିଲେ, "କ'ଣ ବିଆଜ ଖାଅ ନାହିଁ ? ବହୁତ ଇମାନ୍‌ଦାର୍ ଲୋକ । କୋରାନ୍‌ରେ ଯେ ପଚିଶ ହାରାମ୍ (୪୧) ବୟାନ ଅଛି, ବିଆଜ ସେଥିରୁ ଗୋଟାଏ ।"

ଇତିହାସ ଲେଖକ ବୋଲନ୍ତି, କ୍ଲାଇବ୍ ଦିଲ୍ଲୀ ବାଦଶାହଙ୍କ ପାଖରୁ ବଙ୍ଗଳାର ସୁବାଦାରୀ ନେବାବେଳେ ଏତେ ଅଳ୍ପ ସମୟ ଲାଗିଥିଲା ଯେ, ଗୋଟାଏ ଗଧ ବିକା କିଣାରେ ତାହାଠାରୁ ଅଧିକ ସମୟ ଦରକାର । ତେବେ ଫତେପୁର ସରଖଣ୍ଡର ସରବରାକାରୀ ଓ ସମସ୍ତ କ୍ଷମତା ପାଇବା ମଙ୍ଗରାଜଙ୍କ ପକ୍ଷରେ ବିଳମ୍ବ କ'ଣ ?

Source: Author, Digitized by PPRACHIN, SOA

ପରିଚ୍ଛେଦ-୯

ଗାଁ ହାଲଚାଲ

ତାଲୁକ ଫତେପୁର ସରଖଣ୍ଡ ଗୋଟାଏ ନମ୍ବ ୨୨ ତାଲୁକା । ସଦରଜମା ପାଞ୍ଚହଜାର ଦୁଇଶହ ଆଠଟଙ୍କା ଛ'ଣା, ମଫସଲ ଅସୁଲ ଅଢ଼େଇ ପଟ । ଫାଉ ଫଉରାତ (୧) ଗୁଡ଼ିଦଅ । ଏଥିରେ ପାଞ୍ଚଗୋଟି ମୌଜା—ମୌଜେ ରାମନଗର, ବାଲିଆ, ହାଣ୍ଡିଖାଇ, ସନ୍ତରୁଣିଆ ଓ ଗୋବିନ୍ଦପୁର । ଗୋବିନ୍ଦପୁର ସବୁଠାରୁ ବଡ଼ । ଊଣା ଅଧିକେ ପାଞ୍ଚଶ ଘର ବସ୍ତି, ସବୁ ଜାତିର ଲୋକ ଅଛନ୍ତି, ଗୋଟାଏ ଦୋକାନ ଅଛି । ସେ ଦୋକାନରେ ସବୁ ଜିନିଷ ମିଳେ—ଡାଲି, ଚାଉଳ, ଧୂଆଁପତ୍ର, ଲୁଣ, ତେଲ ଯାହା ଖୋଜ ପାଇବ । ଦୁଇ ଚାରି ପଇସାର ଘିଅ ଖୋଜିଲେ ମଧ୍ୟ ମିଳିପାରେ । ଦୋକାନୀର ତିନିପୁରୁଷରୁ ଦଶମୂଳ (୨) ସାଇତା ଅଛି । ଦୁଇ ତିନିକୋଶରୁ ବୈଦ୍ୟମାନଙ୍କର ଡାକ ଆସେ । ଗ୍ରାମଟି ଲମ୍ବାଲମ୍ବି; କିନ୍ତୁ ସିଧାସଳଖ ନୁହେଁ, ଆଠ ବାଙ୍କିଆ । ଅସୁରଦୀଘିର ଉତ୍ତର ଆଉ ପଶ୍ଚିମ ଆଡ଼ର ଅଧେ ମାଡ଼ିବସିଛି । ମଝିରେ ଗୋହିରି ଦୁଇ ସାହାଲି ଘର । ମଝି ଗୋହିରିଟା ଖୁବ୍ ଓସାରିଆ ହେଲେ ମଧ୍ୟ ଯିବାଆସିବା ବାଟ ଦଶ ବାର ହାତରୁ ବେଶି ନୁହେଁ । ବାଟ ଦୁଇପାଖ ସମସ୍ତଙ୍କ ଦୁଆର ଆଗରେ ଖତଗାଡ଼ । ଖଣ୍ଡେ ଖଣ୍ଡେ ଖାଲି ଜାଗା ଅଛି । ସକାଳେ ସେଠାରେ ଗାଈ ବଳଦ ବନ୍ଧା ହୁଅନ୍ତି । ସ୍ଥାନେ ସ୍ଥାନେ ଖଣ୍ଡେ ଖଣ୍ଡେ ଶଗଡ଼ ଥୁଆହୋଇଛି । ଗୋହିରିରୁ ସମସ୍ତଙ୍କ ଦୁଆରକୁ ଯିବା ପାଇଁ ଅଲଗା ଅଲଗା ବାଟ । ଗ୍ରାମଟି ତିନି ଭାଗରେ ବିଭକ୍ତ—ସାଆନ୍ତ ସାଇ, ତନ୍ତୀ ସାଇ, ବ୍ରାହ୍ମଣ ସାଇ ।

ସାଆନ୍ତ ସାଇରେ ଖୋଦ୍ ରାମଚନ୍ଦ୍ର ମଙ୍ଗରାଜଙ୍କ ଘର—ଏଥିପାଇଁ ଖୁବ୍ ଡାକ । ରାତି ଛ'ଘଡ଼ି ପର୍ଯ୍ୟନ୍ତ କଚେରି ଜାରି । ଦୋକାନଟା ମଧ୍ୟ ଏଇ ସାଇରେ । ରାତି ପ୍ରହରକ ସରିକି ଆଉ ସବୁ ସାଇ ତୁନିତାନ ।

ବ୍ରାହ୍ମଣ ସାଇର ପ୍ରକୃତ ନାମ ଶାସନ । ଶାସନ ଭିତ ପାଞ୍ଚଶ ଗୋଟା ସୁଅସ୍ତା ବାସ୍ତୁଘର । ଶାସନ ଗୋହିରି ଦୁଇପାଖରେ ଦେଢ଼ଶ ଅନ୍ଦାଜ ନଡ଼ିଆଗଛ । ମୁଣ୍ଡରେ ବଡ଼ ପିଣ୍ଡି ବନ୍ଧାଅଛି; ସେଠାରେ ବଳଦେବ ପୂଜା ହୁଅନ୍ତି । ପିଣ୍ଡିଠାରୁ ଦଶପନ୍ଦର ହାତ ଗୁଡ଼ି କେତେଗୁଡ଼ିଏ ଗଜାଭଲିଆ ନଡ଼ିଆଗଛ, ମୂଳ ସନ୍ଧ୍ୟାସୁରୁର । ସେଇଟା ଗୋସାଇଁମାନଙ୍କ ବୈଠକଯାଗା । ନାସ ଶୁଙ୍ଘା, ଭାଙ୍ଗ ଘୋଟା, ଯଜମାନ ଘରକଥା, ଅରଜନ କଥା ଇତ୍ୟାଦି ଇତ୍ୟାଦି କଥାମାନ ସେହିଠାରେ ସମାଧାନ ହୁଏ । ଦିନେ ଦିନେ ସେଠାରେ ବଡ଼ ଗୋଳମାଳ ହୁଏ ।

Source: Author, Digitized by PPRACHIN, SOA

ସେଦିନ ଯଜମାନ ଘରୁ ମିଳିଥିବା ଶ୍ରାଦ୍ଧ ଚାଉଳ ବା ସମ୍ମାନୀ୍ୟ ଦକ୍ଷିଣା ବାଣ୍ଟି ହେଉଥିବାର ସନ୍ଧକରେ ଜଣାପଡ଼ିଯାଏ । ସେ କଳି ଶୁଣି ଲୋକମାନେ କହନ୍ତି, ବ୍ରାହ୍ମଣଗୁଡ଼ାକ ଚାଉଳମୁଠାକ ସକାଶେ କୁକୁର ପରି କଳି କରୁଅଛନ୍ତି । ମାତ୍ର ଲୋକମାନଙ୍କର ଏପରି କଥାଟା ଆମ୍ଭମାନଙ୍କୁ କିଛି ସୁଖ ଲାଗେ ନାହିଁ । ତାହାର କାରଣ, ଏମାନେ ନପଟ ମୂର୍ଖ, ଗତରଖୁଡ଼ି, ବ୍ରାହ୍ମଣ କର୍ମହୀନ ହେଲେ ମଧ୍ୟ ଛତିଶ ବର୍ଣ୍ଣର ରଜା ତ ! ଏମାନଙ୍କୁ କୁକୁର ସଙ୍ଗେ ତୁଳିବା କେତେବେଳେ ହେଲେ ଉଚିତ ନୁହେଁ । ଉପମାଟା ମଧ୍ୟ ଭଲ ହେଲା ନାହିଁ । କାରଣ ପ୍ରେତ ଉଦ୍ଦେଶ୍ୟରେ ଉତ୍ସୃଷ୍ଟ ଓଦା ଚାଉଳ ସକାଶେ ବ୍ରାହ୍ମଣମାନଙ୍କର କଳି; ଆଉ କୁକୁରଙ୍କ କଳି ଅଇଁଠାଭାତ ସକାଶେ । ଦେଖନ୍ତୁ ପ୍ରେତ-ଉଚ୍ଛିଷ୍ଟ ଆଉ ମନୁଷ୍ୟଙ୍କ ଉଚ୍ଛିଷ୍ଟ ଓଦା ଚାଉଳ ଆଉ ସିଝା ଚାଉଳ କଥାଟା କେତେ ଗୁରୁତର ! ଆଉ କୁକୁରମାନେ କାମୁଡ଼ାକାମୁଡ଼ି ଲାଗନ୍ତି । ବ୍ରାହ୍ମଣମାନେ ବାଡ଼ିଆବାଡ଼େଇ ହୁଅନ୍ତି ସିନା, ଯୋଟାଏ ବ୍ରାହ୍ମଣ ଆଉ ଯୋଟାକୁ କାମୁଡ଼ିବାର ବା ରାମ୍ପୁଡ଼ିବାର ତ ଦେଖାନାହିଁ । ଆକାଶରେ ଶାଗୁଣା ଉଡ଼ିଲେ କେଉଁଠାରେ ମଢ଼ ପଡ଼ିଥିବାର ଯେପରି ଜଣାଯାଏ; ସେହିପରି ଦିନ ପହରବେଳେ ଗୋସାଇଁମାନେ ଚଟାପଇତା ହୋଇ ଫଳ ଫଳ ବାହାରିଲେ କେଉଁ ଗାଁରେ ମନୁଷ୍ୟ ମରିଥିବାର ଲୋକେ ଅନୁମାନ କରନ୍ତି ।

ପାଣିଗ୍ରାହୀ ଘର ବାଟିକ ମିଶି ଶାସନ ଘର ଜମି ପାଞ୍ଚଶ ମାଣ । ନିକାଳ ସନ୍ଧ୍ୟାରେ ଆଶୀର୍ବାଦ କରି ଜମି ଭୋଗ ଦଖଲ କରିବା ନିମନ୍ତେ ମରହଟ୍ଟା ସୁବାଦାର ତମ୍ବାପାଟୁଆ ସନନ୍ଦ ଦେଇଅଛନ୍ତି । ନିକାଳ ବୋଇଲେ—ଭୂତ, ଭବିଷ୍ୟତ, ବର୍ତ୍ତମାନ । ଭୂତ କଥା ଭୂତଙ୍କୁ ଜଣା, ଭବିଷ୍ୟତ କଥା କୌଣସି ମଣିଷ ଜାଣନ୍ତି ନାହିଁ—ବର୍ତ୍ତମାନ କଥା ଆମ୍ଭେମାନେ ଜାଣୁ । ଗୋରୁଗାଈ ଗୋଜିଆଣି ବାନ୍ଧିବା, ଗୁହାଳରେ ଧୂଆଁ ଦେବା, ତୁଳସୀଙ୍କୁ ପଖାଳପାଣି ଦେବାରେ ସନ୍ଧ୍ୟାବେଳଟା ସରିଯାଏ—ଭୂମିଦାତାଙ୍କୁ ଆଶୀର୍ବାଦ କରିବେ କେତେବେଳେ ? କଥା ପଡ଼ିବାରୁ ଥରେ କେହି ବାହ୍ମଣପଣ୍ଡା କହି ବସିଲେ "ଆମ୍ଭର ଭୂମି କାହିଁ ଯେ ସନ୍ଧ୍ୟାରେ ଆଶୀର୍ବାଦ କରିବୁଁ ?" କଥାଟା ମଧ୍ୟ ନହାତ ମିଛ ନୁହେଁ । ଶାସନ ଘର ପାଞ୍ଚଶ ମାଣ ମଧ୍ୟରୁ ଦଶ ବର୍ଷ ମଧ୍ୟରେ ଚାରିଶ ମାଣ ବିକାଭଙ୍ଗା ସରିଲାଣି । ବାକି ଯେ ଜମି କେତେ ମାଣ—ମଙ୍ଗରାଜେ ସମ୍ଭାଳିଛନ୍ତି ବୋଲି ଅଛୁ । "ଗୋ ବ୍ରାହ୍ମଣ ହିତାୟ ଚ"—ମଙ୍ଗରାଜଙ୍କର ଘର ଯନ୍ତ୍ର । ବୁଲା-ଗୋରୁଗୁଡ଼ିକ ମଙ୍ଗରାଜେ ସାବଧାନ କରି ଆପଣା ଗୋଠରେ ରଖନ୍ତି । କେହି ପାଣ ଏପରି ନା-ଉଆରସୀ (୩) ଗୋରୁ ଆଣି ବକ୍‌ସିସ୍ ସ୍ୱରୂପ କିଛି କିଛି ନେବାର ସଚରାଚର ଦେଖାଯାଏ । ବଳଦ ଗୁଡ଼ି କେବଳ ଗାଈସଂଖ୍ୟା ଚାରିଶହରୁ ଟପି ଗଲାଣି । ଗୋମାତା ବାର କାଗାରେ ବୁଲି

Source: Author, Digitized by PPRACHIN, SOA

କଷ୍ଟ ପାଇବେ, ସେଥିସକାଶେ ସମ୍ଭାଳିଛନ୍ତି, ନହେଲେ ବଲପଣ୍ଡାଲ ବର୍ଷକୁ ବର୍ଷ ପଠାଣ ଗୋଆଳାଙ୍କୁ ଅଧାଅଧି ଦେବାକୁ ପଡ଼େ । ସେପରି ବ୍ରାହ୍ମଣମାନଙ୍କ ଜମିଗୁଡ଼ିକ କିଣି ନେଇଛନ୍ତି, ହନ୍ତ କି ରଖିଛନ୍ତି । ଗୋସାଇଁମାନେ ଜମି ନ ବିକ କଣ କରିବେ ? ଏବେ ବ୍ରାହ୍ମଣିଆ ଗ୍ରହ, ତାହା ବାଦ୍ ଚୋରଗୁଡ଼ାକ ବାଛି ବାଛି ବ୍ରାହ୍ମଣ ଜମିରୁ ଧାନ ଚୋରିକଲେ । ମଙ୍ଗରାଜଙ୍କୁ କିଛି ଜମି ବିକଦେଲେ ଚୋରମାନେ ଡରିଯିବେ ପାଖ ପଶି ପାରନ୍ତି ନାହିଁ । ଆଉ ମଙ୍ଗରାଜେ ପାଞ୍ଚ ପାଞ୍ଚ ଟଙ୍କାରେ ପାଞ୍ଚମାଣ ଜମି କିଣିଲେ ବୋଲି କେହି କେହି କହନ୍ତି । ଏ କଥାଟା ସେମାନଙ୍କର ବୁଝିବାର ଭୁଲ । ଆଚ୍ଛା, ତୁମ୍ଭେ ଭରଣେ ବୁଣିଲେ ପାଞ୍ଚ ଭରଣ କାଟ ତ ? ମଙ୍ଗରାଜଙ୍କ ଟଙ୍କା କି କି ବାଞ୍ଝ ! ସେଥିରେ କଣ କଳନ୍ତର (୪) ନାହିଁ ?

ଶାସନ ମଝିରେ ଶିବୁ ପଣ୍ଡିତଙ୍କ ଘର । ଏହାଙ୍କ କେତେ (୫) ବଡ଼ ଖାଡ଼ଙ୍ଗା ପୁସ୍ତ ସାତପାଦ ବ୍ୟାକରଣ ମୁହେଁ ମୁହେଁ କହିଯାଉଥିବାର ପଣ୍ଡିତଙ୍କଠାରୁ ଶୁଣାଯାଏ । ନୈଷଧାନ୍ତ ପାଠ ତାହାଙ୍କଠାରେ ଝଟିକୁ ନ ଥିଲା । ପଣ୍ଡିତ ନାନା ବ୍ୟାକରଣ ଶବ୍ଦ ଓ ସନ୍ଧିଗୁଡ଼ାକ କୋଇଲି ଗୀତ ପରି ହାକିଯାଉଥିଲେ । ସେମାନଙ୍କ ପୋଥିସବୁ ଖଟୁଳିରେ (୬) ସାଇତା ଅଛି । ପଣ୍ଡିତେ ପ୍ରତିଦିନ ପୂଜା କରନ୍ତି । ଆପେ ପଣ୍ଡିତ ମଧ୍ୟ ଜଣେ ଟାଣ ପଣ୍ଡିତ । ପୋଥିରୁ ଡୋରି ନ ଫିଟାଇ ପାଞ୍ଚବର୍ଗ ଅଭିଧାନ (୭) କହିଯାଇପାରନ୍ତି । ପଣ୍ଡିତଙ୍କ ସାଆନ୍ତ ବାପାଙ୍କର ମଉଳାପୁଅ ଭାଇଙ୍କର ଭଣୋଇର ମାଉସୀପୁଅ ଭାଇ ନବଦ୍ୱୀପ ଯାଇ ନ୍ୟାୟଶାସ୍ତ୍ର ପଢ଼ି ଆସିଥିଲେ । ସାରକଥା—ଖାଡ଼ଙ୍ଗା ବଂଶ ସକାଶେ ଶାସନରେ ବିଦ୍ୟା କେତେବେଳେ ଗୁଡ଼ ନାହିଁ । ଏହାଙ୍କ ଦାଣ୍ଡପିଣ୍ଡାରେ ଚୌପାଢ଼ୀ । ଶାସନ ପିଲାମାନେ ଦୁଇଓଳି ପଢ଼ନ୍ତି । ଏକଚାଳିଶ କର୍ମକର୍ମାଙ୍କ ଖୋଲପଣ ଏହିଠାରେ ପଢ଼ାହୁଏ । କେହି କେହି ପିଲା ବର୍ଗେ ଦୁଇବର୍ଗ ପର୍ଯ୍ୟନ୍ତ ଉଚ୍ଚ ଶିକ୍ଷା ଲାଭ କରନ୍ତି ।

ପଶ୍ଚିମ ସାହାଣ ତନ୍ତୀସାହିରେ ତନ୍ତୀ ଦେଢ଼ଣ ଘର । ଏହି ସାହିର ଗୋହିରଟା ସଫାସୁତୁରା; ଖତଗାଡ଼, ଗୋବରଗଦା କିଛି ନାହିଁ । ଆପଣ ମନେ-କଲେଣି, ଏଠାରେ ପାଞ୍ଚଆଇନ ଜାରି ଅଛି । ମିଉନସିପାଲିଟିର ଶଗଡ଼ ଆସି ଅଳିଆ ସବୁ ଉଠାଇ ନେଇଯାଏ । ଆପଣଙ୍କୁ ସାବଧାନ କରଦେଉଛୁ, ଆମ୍ଭମାନଙ୍କ-ଠାରୁ ନଶୁଣି କୌଣସି କଥା ସିଦ୍ଧାନ୍ତ କରିପକାଇବେ ନାହିଁ । ଅନେକ ଅନୁସନ୍ଧାନ, ଅନେକ ପ୍ରମାଣ ସଂଗ୍ରହ କରି ଅମ୍ଭମାନଙ୍କୁ ଲେଖିବାକୁ ହୁଏ । ଆପଣଙ୍କର ଏପରି ଭ୍ରମ ଅପନୋଦନ ନିମନ୍ତେ ଅମ୍ଭମାନଙ୍କର ଏତେ ପରିଶ୍ରମ, ନୋହିଲେ ପ୍ରୟୋଜନ କଣ ? ପୁଣି ଏଣୁତେଣୁ ଗୁଡ଼ାଏ ଲେଖିପକାଇବା ଆମ୍ଭମାନଙ୍କ ଅଭ୍ୟାସର ବିପରୀତ । ଅକାଟ୍ୟ ପ୍ରମାଣ ନ ପାଇଲେ କିମ୍ବା ଯାହା ନ୍ୟାୟଶାସ୍ତ୍ରସଙ୍ଗତ ନୁହେଁ,

Source: Author, Digitized by PPRACHIN, SOA

ଏମନ୍ତ କଥାଗୁଡ଼ାକ ଆମ୍ଭେମାନେ ଶୁଣୁନାହୁଁ । ଯାହା ଲେଖିବୁ, ସେ କଥାଗୁଡ଼ାକ ନ୍ୟାୟଶାସ୍ତ୍ର ଅନୁସାରେ ପ୍ରମାଣ କରାଇଦେବୁଁ; ଆପଣଙ୍କର ପାଟି ଫିଟାଇବାର ବାଟ ନ ଥିବ । ଦେଖନ୍ତୁ, ପ୍ରମାଣ ପ୍ରୟୋଗ ନିମନ୍ତେ ନ୍ୟାୟଶାସ୍ତ୍ର କହନ୍ତି, "ପର୍ବତୋ ବହ୍ନି ମାନ ଧୂମାତ୍", ଅର୍ଥାତ୍ ପର୍ବତରୁ ଧୂଆଁ ବାହାରୁଛି କମା ? ନା—ଭିତରେ ନିଆଁ ଅଛି । ମହାନଦୀର ପାଣି ବଢ଼ି ଆସୁଅଛି ଦେଖିଲେ ଜାଣିବ, ଉପରେ ଖୁବ ବର୍ଷା ହୋଇଗଲାଣି । କାର୍ଯ୍ୟ-କାରଣର ଗୋଟାଏ ଏମନ୍ତ ନିତ୍ୟ ସମ୍ବନ୍ଧ ଅଛି । "ନ କାର୍ଯ୍ୟମ୍ କାରଣଂ ବିନା"—କାରଣ ନ ଥିଲେ କାର୍ଯ୍ୟ ହୁଏ ନାହିଁ । ଏଠାରେ ନଦୀବୃଦ୍ଧିର କାରଣ ହେଲା ବୃଷ୍ଟି । ସେହିପରି ଆମ୍ଭେମାନେ ଅକାଟ୍ୟ ଯୁକ୍ତି ଦେଖାଇ ପ୍ରମାଣ କରାଇ ଦେଇପାରୁ—ଗୋବର ସହିତ ଗୋରୁର ନିତ୍ୟ ସମ୍ବନ୍ଧ ଅଛି । କାରଣର ଅଭାବ ହେଲେ କାର୍ଯ୍ୟର ଅଭାବ ହେବ, ଏ କଥା ଆପଣ ଅବଶ୍ୟ ସ୍ୱୀକାର କରିବେ । ସୁତରାଂ ତନ୍ତ୍ରୀସାଇର ଗୋବରଗଦାର ଅଭାବର କାରଣ ଗୋରୁର ଅଭାବ; ଅର୍ଥାତ୍ ତନ୍ତ୍ରୀସାଇରେ ଗୋରୁ ନାହିଁ, ସୁତରାଂ ଗୋବର ନାହିଁ । ଆପଣମାନଙ୍କ ମନରେ ଆଉ ଗୋଟାଏ ଖୁବ ଖଟକା ଲାଗିପାରେ । ଗୋରୁଗୁଡ଼ାକ ବାଘ ଭାଲୁ ନୁହନ୍ତି ଯେ ବଣରେ ରହିବେ—ଏମାନେ ଗ୍ରାମ୍ୟପଶୁ, ଗ୍ରାମରେ ରହିବା ଏମାନଙ୍କର ସ୍ୱଭାବ । ଯେଉଁଠାରେ ପାଣି, ସେହିଠାରେ ମାଛ; ସେହିପରି ଗ୍ରାମରେ ଗ୍ରାମ୍ୟପଶୁ, ଏଟା ଧରାବନ୍ଧା କଥା । ତନ୍ତ୍ରୀସାଇ ଗୋଟାଏ ଗ୍ରାମ—ତେବେ ଗ୍ରାମ୍ୟ-ପଶୁ ନାହାନ୍ତି କି ସକାଶେ ? ଆମ୍ଭେମାନେ ପରମେଶ୍ୱରଙ୍କ ସୃଷ୍ଟି-କୌଶଳରେ ଅନେକ ବ୍ୟଭିଚାର ଦେଖିବାକୁ ପାଉଁ—ହୁଏ ତାହାଙ୍କର କାର୍ଯ୍ୟରେ ଗଫଲତ, ନହୁଏ ଢିଲ । ଦେଖନ୍ତୁ, ପଶୁ କହ, ପକ୍ଷୀ କହ, କୀଟ ବୋଲ, ପତଙ୍ଗ ବୋଲ, ସବୁ ଜାତିରେ ଅଣ୍ଡିରା ମାଈ ଅଛନ୍ତି । ସେଥିମଧ୍ୟରେ ତ ଗୋଟାଏ ଗୋଟାଏ ହିଞ୍ଜଳ (୮) ଦେଖାଯାଏ । ସେହିପରି ତନ୍ତ୍ରୀସାହି ଗ୍ରାମ ହେଲେ ମଧ୍ୟ ଏଥିରେ ଗ୍ରାମ୍ୟପଶୁ ନାହିଁ । ପଶୁ ସମ୍ବନ୍ଧରେ ଏଟା ହିଞ୍ଜଳ, ଅର୍ଥାତ୍ ଏଠାରେ ବନ୍ୟପଶୁ ବାଘ, ଭାଲୁ, କିମ୍ବା ଗ୍ରାମ୍ୟପଶୁ ଗାଈଗୋରୁ କେହି ନାହାନ୍ତି । ତାହାର ମଧ୍ୟ କାରଣ ଥାଇପାରେ । କାରଣ ବିନା କାର୍ଯ୍ୟ ନାହିଁ, ଏହା ନ୍ୟାୟଶାସ୍ତ୍ରର ସୂତ୍ର ଅଟେ । ବ୍ୟାକରଣ ରଚକମାନେ ସୂତ୍ର ଠିକ୍ କରି ନପାରିଲେ ନିପାତନସିଦ୍ଧ (୯) ବୋଲି ଗୋଟିଏ କଥା କହି କାର୍ଯ୍ୟ ସାରିଦିଅନ୍ତି । ମାତ୍ର ଏହା ଏକପ୍ରକାର ଠକପଣିଆ । ତାହା ଅମ୍ଭମାନଙ୍କ ହାତରେ ହେବ ନାହିଁ । ସେକଥା ଥାଉ । ତନ୍ତ୍ରୀ ସାହିରେ ଗୋରୁ କିଆଁ ନାହିଁ, ତାହାର କାରଣ ଶୁଣନ୍ତୁ । ବାଇବେଲରେ ଲେଖାଅଛି, 'ଜଣେ ସେବକ ଦୁଇଜଣ ସାଆନ୍ତର ସେବା କରିପାରେ ନାହିଁ ।' ସଚରାଚର ଦେଖାଯାଏ, ଶାସ୍ତ୍ରକାରମାନେ ଠିକେ ଠିକେ ଦୁଇକଥା କହି କାର୍ଯ୍ୟ ସାରି ବସନ୍ତି । ଟୀକାକାର ନଥିଲେ ମୂଳଗ୍ରନ୍ଥ ବୁଝିବା ନିତାନ୍ତ କଠିନ । ମଲ୍ଲିନାଥ, ମଥୁରାନାଥ,

Source: Author, Digitized by PPRACHIN, SOA

ଶ୍ରୀଧର ବ୍ୟାଖ୍ୟା କରିଦେଇ ନ ଥିଲେ ରଘୁବଂଶ, ନ୍ୟାୟ, ଭାଗବତ ପରି ଗ୍ରନ୍ଥିମାନ ଆଜିଯାଏ ତୋରି ଭଡ଼ାହୋଇ ପଡ଼ିଥାନ୍ତା। ସେହିପରି ଆମ୍ଭେମାନେ ବାଇବେଲ ବ୍ୟାଖ୍ୟା କରିଦେଲେ ବୁଝିବା ସହଜ ନୁହେଁ । ଆପଣ କହୁଏ ଟାଣିଟୁଣି ଏକପ୍ରକାର ପାଠ ଲଗାଇଦିବେ; ମାତ୍ର ସମସ୍ତଙ୍କ ହାତରେ ତ ସବୁ କଥା ହୁଏ ନାହିଁ । ବାଇବେଲ ସୂତ୍ରର ଅର୍ଥ ଏହି କି, ଜଣେ ମନୁଷ୍ୟ ଏକ ସମୟରେ ଦୁଇ କାର୍ଯ୍ୟ କରିପାରେ ନାହିଁ; ଅର୍ଥାତ୍ ଲୁଗା ବୁଣାରେ ତନ୍ତୀମାନଙ୍କର ଦିନ ଯାଏ, ଚାଷ କରିବାକୁ ବେଳ କାହିଁ ? ଚାଷ ଯଦି ନକଲେ ବଳଦ ରଖିବାର ଦରକାର କଣ ? ବଳଦ ନଥିଲେ ଗୋବର କାହୁଁ ଆସିବ ? ଗୋବର ଅଭାବରୁ ଖତଗଦା ନ ଥିବାରୁ ଦାଣ୍ଡ ସଫା ।

ଆଜିକାଲି ଉନ୍‌ଟେଇଣ ଶବ୍ଦ ସମ୍ବନ୍ଧରେ ବିଜ୍ଞାନଶାସ୍ତ୍ରର ଖୁବ୍ ମର୍ଯ୍ୟାଦା; କାରଣ ଏହି ଶାସ୍ତ୍ର ସବୁ ଉନ୍ନତିର ମୂଳ ଅଟେ । ଦେଖନ୍ତୁ, ଇଂରେଜମାନେ କେଡ଼େ ଗୋରା, ଆଉ ଓଡ଼ିଆମାନଙ୍କ ଦେହ କାଳିଆ । ସେଥିର କାରଣ, ସେମାନେ ବିଜ୍ଞାନଶାସ୍ତ୍ର ପଢ଼ିଅଛନ୍ତି; ଓଡ଼ିଆମାନେ ଜାଣନ୍ତି ନାହିଁ । ଆମ୍ଭେମାନେ ହାଲି ବିଜ୍ଞାନର ଚର୍ଚ୍ଚା ଆରମ୍ଭ କରିଅଛୁଁ । ବର୍ତ୍ତମାନ ପ୍ରସଙ୍ଗଟା ଆମ୍ଭେମାନେ ସେହି ଶାସ୍ତ୍ର ଅନୁସାରେ ପ୍ରମାଣ କରିଦେଇପାରୁଁ । ଆପଣ ପାଠରେ ମନ ଦେଉନ୍ତୁ, ବିଜ୍ଞାନଶାସ୍ତ୍ର ଯେ କେଡ଼େ ଠିକ୍ ତାହା ବୁଝିପାରିବେ । ଉକ୍ତ ଶାସ୍ତ୍ରର ସୂତ୍ର ଏକ—ଏକ ସ୍ଥାନରେ ଦୁଇଗୋଟି ବସ୍ତୁ ରହି ନ ପାରେ । ଆପଣଙ୍କ ଦୁଧପିଆ ଗିନାରେ ପାଣି ରହେ ତ ? ଏକଥା ବୋଲିବେ, ସେଥିପାଇଁ ଉକ୍ତ ସୂତ୍ର ବ୍ୟାଖ୍ୟା ଆବଶ୍ୟକ, ଅର୍ଥାତ୍ ଗୋଟିଏ ସ୍ଥାନରେ ଏକ ସମୟରେ ଦୁଇଗୋଟି ପଦାର୍ଥ ରହି ନ ପାରେ । ଗିନାରେ ଦୁଧ ପୂର୍ଣ୍ଣ ଥିଲେ ଆଉ ପାଣି ରହିପାରିବ ନାହିଁ । ଲୁଗାବୁଣା ସକାଶେ ବାହାର ଭିତର ଦୁଇ-ଜାଗା ଦରକାର । ଘର ଭିତରେ ଲୁଗା ବୁଣାଯାଏ; ଲୁଣ୍ଡି (୧୦) କାଟିବା, ତାଣୀ (୧୧) କରିବା ଇତ୍ୟାଦି କର୍ମ ବାହାରେ ହୁଏ । ସୁତରାଂ ତାସଣ (୧୨) ଜାଗାରେ ଗୋବରଗଦା ରହିବା ନିତାନ୍ତ ଅସମ୍ଭବ । ଆଉ ସ୍ତ୍ରୀ ପୁରୁଷ ମିଳିତ ନହେଲେ ଲୁଗା ପ୍ରସ୍ତୁତ ହୋଇପାରେ ନାହିଁ । ସୂତାରେ ତୋରଣି ଦେବା, ନଟେଇ ବା ଚରଖିରେ ଚଢ଼ାଇବା, ନଳି (୧୩) ବଳିବା ଏସବୁ ତନ୍ତୀଆଣୀମାନଙ୍କର କାର୍ଯ୍ୟ । ଗାଈ ବଳଦ ଦାଣ୍ଡରୁ ଖୋଜିଆଣି ବାନ୍ଧିବାକୁ ସେମାନଙ୍କର ବେଳ କାହିଁ—ଇତ୍ୟାଦି ଅନ୍ତର ମଧ୍ୟ ଅନେକ କାରଣ ଅଛି; ମାତ୍ର କଥା ବଢ଼ାଇ ଲେଖିବା ଆମ୍ଭମାନଙ୍କ ଦେହରେ ବଳେନାହିଁ, ସେଥିପାଇଁ ଠିକେ ଠିକେ ସବୁକଥା ଲେଖିପକାଉ ।

Source: Author, Digitized by PPRACHIN, SOA

ପରିଚ୍ଛେଦ-୧୦

ଭଗିଆ ଆଉ ସାରିଆ

ଚନ୍ଦ୍ରୀସାଇ ମୁଣ୍ଡରେ ଭାଗବତ ଘର ଆଉ ଦଧିବାମନ ମନ୍ଦିର । ଚନ୍ଦ୍ରୀମାନଙ୍କ ଜାତିଆଣ ଟଙ୍କାରେ ମନ୍ଦିରଟି ତିଆର ହୋଇଅଛି । ଜାତିଆଣ ଟଙ୍କା କ'ଣ ଜାଣନ୍ତି ? ଅବଶ୍ୟ ଏ କଥାଟା ଆପଣଙ୍କୁ ବୁଝାଇ ଦେବା ଦରକାର ନାହିଁ; ମାତ୍ର ଆଉ ନବ୍ୟ ବାବୁମାନଙ୍କୁ ବୁଝାଇଦେବା ଦରକାର । କାରଣ ସେମାନେ ବିଦ୍ୱାନ୍, ବଡ଼ ବଡ଼ କଥା ପଢ଼ିଅଛନ୍ତି, ବଡ଼ବଡ଼ କଥା ଜାଣନ୍ତି । ଆପଣା ଜେଜେ-ବାପାର ବାପ ନାମ ପଚାର, ଅଣ୍ଟାଳି ହେବେ; କିନ୍ତୁ ଇଂଲଣ୍ଡର ତୃତୀୟ ଚାର୍ଲସ୍‌ର ପଞ୍ଚଦଶ ପୁରୁଷଙ୍କ ନାମ ସେମାନଙ୍କର କଣ୍ଠସ୍ଥ । ଇଂରେଜ ସମାଜ ବା ଫରାସୀ-ସମାଜର କଥାଗୁଡ଼ାକ ପଢ଼ିଲେ ଲୋକେ ବିଦ୍ୱାନ୍ କହିବେ । ଆପଣାର ବା ପ୍ରତିବାସୀ ଜାତି ଓ ସମାଜର କଥା ଜାଣିବାର ଦରକାର କଣ ? ଯାଉ, ସେଥିରେ କ'ଣ ଅଛି ? ବାବୁମାନେ ଏ କଥା ଶୁଣିଲେ ଖପା ହୋଇଯିବେ, ଆମ୍ଭମାନଙ୍କର କହିବା ଦରକାର କଣ ?

ଜାତିଆଣ ଟଙ୍କାର ଅର୍ଥ ଏହି ଯେ, ଜାତି ମଧ୍ୟରେ କେହି ଭଲ ମନ୍ଦ କଲେ ପଞ୍ଚମାନେ ତାହାକୁ ଜରିମାନା କରନ୍ତି କିମ୍ବା କେହି ଗରିବ ଜାତିଖୁଆଇ ଦେଇ ନ ପାରିଲେ ପଞ୍ଚଗୋସେଇଁ ମାନ୍ୟ ନେଇ ତାହାକୁ ଉଠାଇ ନିଅନ୍ତି । ଟଙ୍କା ପରମାଣିକ (୧) ଜିମାରେ ଥାଏ । ସେହି ଟଙ୍କାରେ ମନ୍ଦିରଟି ତିଆର ହୋଇଅଛି । ଏହି ନିୟମ ସବୁ ହାଟୁଆ ଜାତିରେ ଚଳେ । ଆହା ! ଏହି ସୁନ୍ଦର ପ୍ରଥାଟି ଦିନକୁ ଦିନ ଲୋପ ପାଉଅଛି । ଆଜିକାଲି ଅଦାଲତ ଦୁଆର ମେଲା, ଲୋକମାନେ ଜ୍ଞାନୀ ଅର୍ଥାତ୍ ସଭ୍ୟ ହେଲେଣି, ପାଞ୍ଚଶାସନ କିଏ ମାନୁଛି ? ଇଂରେଜୀ ଆଇନ୍ କହେ, 'ଦେଖ ବାବା ସାବଧାନ । ତୁମ୍ଭେ ଯେବେ କିଛି ଅପରାଧ କର ଆଉ ସେଥିରେ ଯଦି ଆଇନସଙ୍ଗତ ପ୍ରମାଣ ପାଉଁ, ଦଣ୍ଡ ଦେବୁ ।'

ଚଲାକ୍ ଲୋକ କହିଲା, 'ଆଜ୍ଞା ଆପଣ ଯେମନ୍ତ ପ୍ରମାଣ ନ ପାଇବେ, ସେଥିର ଫିକର (୨) ମୋତେ ଜଣା ।' ଆଉ ଓକିଲ ତାହା ପିଠି ଆପୁଡ଼ାଇ କହିଲେ, 'କିଛି ପରବା ନାହିଁ, ଟଙ୍କା ଆଣ, ମୁଁ କଳାକୁ ଧଳା, ଧଳାକୁ କଳା କରିଦେବି ।' ଏଥିରେ ଏହି ଫଳ ହେଉଅଛି ଯେ, ଅନେକ ଚଲାକ୍ ଓ ଧନବାନ୍ ଲୋକ ଶତ ଅପରାଧ କରି ମଧ୍ୟ ଦେହ ଝାଡ଼ି ଚାଲିଯାଉଅଛନ୍ତି, ନିରୀହ ନିର୍ଦ୍ଧନ ଲୋକଙ୍କୁ ହରବରରେ ପଡ଼ିବାକୁ ହେଉଅଛି । ଆଉ ଦୁଇ ପକ୍ଷ ମକଦ୍ଦମାରେ ଟଙ୍କା ବାଣ୍ଟି କଙ୍ଗାଳ । ସେହି ଟଙ୍କା ଗାଁର ଭୂତ ଗୋଟାଇ ଖାଉଅଛନ୍ତି । ଆଉ

Source: Author, Digitized by PPRACHIN, SOA

ପଞ୍ଚୁ ଆତଙ୍କ ଆଖିରେ ଧୂଳି ପକାଇବାର ବାଟ ନାହିଁ । ପୁଣି ପ୍ରକୃତ ଅପରାଧୀଠାରୁ ଜରିମାନା ଅସୁଲ ଟଙ୍କା ସତ୍‌କାର୍ଯ୍ୟରେ ଲାଗୁଥିଲା ।

ନବୁଁଢ଼ିଙ୍କର ସହିତ ତନ୍ତ୍ରୀ ଜାତିର ଗୋଟାଏ ସମ୍ବନ୍ଧ ଥିବାର ସମସ୍ତେ ବୋଲନ୍ତି । କାହାରି ବୁଦ୍ଧିର ତ୍ରୁଟି ଦେଖିଲେ ଲୋକେ ବୋଲନ୍ତି, 'ଆରେ ତୁଟା ତନ୍ତ୍ରୀ ନା କଣ ରେ ?' ଅର୍ଥାତ୍ ତୁ ତନ୍ତ୍ରୀ ପରି ହୁଣ୍ଡା । ଆପଣ ସଭ୍ୟତା ଶିଖିଥିଲେ ତନ୍ତ୍ରୀମାନଙ୍କର ବଧିବା ମନ ମନ୍ଦିର ତଥ୍ୟର କଥା ଶୁଣି ସେହି ପ୍ରବାଦକୁ ଅକାଟ୍ୟ ସତ୍ୟ ବୋଲି ବିଶ୍ୱାସ କରିବେ । ଆପଣ କହିବେ, ସାଧାରଣ ଟଙ୍କାଗୁଡ଼ାକ ଏପରି ଅପବ୍ୟୟ କମ୍ପା ? କଲେଜରେ ସାହେବଙ୍କ ନାମରେ ସ୍କଲର୍ସିପ୍ ବାନ୍ଧ, ନୋହିଲେ ଲାଟ ସାହେବଙ୍କ ନାମରେ ହାସପାତାଲ ବସାଅ, ମନ୍ଦିରଟା କଣ ?

ଆପଣଙ୍କ ମନ ଯୋଗାଇ କଥା କହିବା ଆମ୍ଭମାନଙ୍କର କାର୍ଯ୍ୟ, ମାତ୍ର ଆପଣଙ୍କ କଥାଟା ଆମ୍ଭମାନଙ୍କ ମନକୁ କପର ଲାଗୁଅଛୁ । ଆପଣଙ୍କୁ ଲୁହାଯାଉନାହିଁ ଏ କଥା ଠିକ୍; କିନ୍ତୁ ତନ୍ତ୍ରୀ ବୁଦ୍ଧି ଅର୍ଥ କଣ ଜାଣନ୍ତି—ଏହା ଗୋଟାଏ ଯୋଗାରୂଢ଼ ଶବ୍ଦ । ଯେମନ୍ତ ପଙ୍କଜ ବୋଇଲେ ପଦ୍ମ, ତେବେ ପଙ୍କରୁ ଯେ ଜାତ ହେବ ଅର୍ଥାତ୍ ଘୋଡ଼ାଦଳ, ଶିଉଳି, ଶାମୁକା, ଗେଣ୍ଡା ସମସ୍ତେ କି ପଦ୍ମ ? ତାହା ନୁହେଁ । ସେହିପରି ତନ୍ତ୍ରୀ ଅର୍ଥ ନବୁଁଢ଼ିଆ, ନବୁଁଢ଼ିଆ ଅର୍ଥ ତନ୍ତ୍ରୀ ନୁହେଁ । ସେ ଦିନ ମାଞ୍ଚେଷ୍ଟରର ତନ୍ତ୍ରୀମାନେ ଯେ ପାର୍ଲିଆମେଣ୍ଟ କମ୍ପାଇ ଦେଲେ, ତାହା କି ଜାଣନ୍ତି ନାହିଁ ? ଆପଣ ଯେ ବାବୁ ସାଜିଅଛନ୍ତି, ତାହା ତ କେବଳ ତନ୍ତ୍ରୀ ପ୍ରସାଦାତ୍ (୩) । ଏ ପ୍ରକାର ତନ୍ତ୍ରୀଙ୍କ ବୁଦ୍ଧି ପ୍ରତି ଦୋଷାରୋପ କରିବା ଏକପ୍ରକାର ବେମାନ । ହିସାବ ଧରିଲେ ଆମ୍ଭମାନଙ୍କ ପୂର୍ବପୁରୁଷ ସମସ୍ତେ ତନ୍ତ୍ରୀ ଥିଲେ । ଏଥିର ପ୍ରମାଣ ସମ୍ବନ୍ଧ ନିମନ୍ତେ ପ୍ରତ୍ନତତ୍ତ୍ୱବିଦ୍ୟାର ଅନୁଶୀଳନ କରିବାର ଦରକାର ନାହିଁ । ଗ୍ରାମ ଗ୍ରାମରେ ଠାକୁର ମନ୍ଦିରଗୁଡ଼ାକ ସେଥିର ପ୍ରତ୍ୟକ୍ଷ ସାକ୍ଷୀ ।

କୌଣସି ବିଷୟରେ ଦୁଇପଟ ନ ଦେଖି ହଠାତ୍ ସିଦ୍ଧାନ୍ତରେ (୪) ଉପନୀତ (୫) ହେବା ତନ୍ତ୍ରୀଙ୍କର ଚିହ୍ନ ବୋଲି ଆମ୍ଭେମାନେ ବିଶ୍ୱାସ କରୁଁ । ଦେଖାଯାଉ ଠାକୁର ମନ୍ଦିରଗୁଡ଼ାକ ବାସ୍ତବିକ ତନ୍ତ୍ରୀଙ୍କ କାର୍ଯ୍ୟ କି ନୁହେଁ । ଘୋର ମଫସଲିଆ ଲୋକମାନଙ୍କ କଥା ଆପଣଙ୍କୁ ଜଣାଥିବ । ସେମାନେ ଦିନଯାକ ଦୁଃଖ-ଧନ୍ଦାରେ ଲାଗିଥାନ୍ତି, ସଞ୍ଜ ହେଲେ ମୁଠାଏ ମୁଠାଏ ଖାଇ ଶୋଇପଡ଼ନ୍ତି । ଗ୍ରାମରେ ଧର୍ମପ୍ରଚାରକ ନାହାନ୍ତି, ଲାଇବ୍ରେରି ନାହିଁ, ଧର୍ମକଥା କାହୁଁ ଶୁଣିବେ ? ଠାକୁର ମନ୍ଦିରରେ ସଞ୍ଜ ସକାଳେ ଶଙ୍ଖ ଘଣ୍ଟା ବାଜେ । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କୁ ଏହି ଶବ୍ଦ ଜଣାଇଦିଏ 'ଜଗତରେ ପ୍ରଭୁ ଅଛନ୍ତି ।' ସେଠାରେ ଭାଗବତ-ଗାଦି ଅଛି, ରାଧାଷ୍ଟମୀ, ଜନ୍ମାଷ୍ଟମୀ, କାର୍ତ୍ତିକ ମାସ ପ୍ରଭୃତି ପର୍ବଦିନ ମନ୍ଦିରରେ

Source: Author, Digitized by PPRACHIN, SOA

ଭାଗବତ ପାଠହୁଏ, ଲୋକମାନେ ଯାଇ ଶୁଣନ୍ତି । ମନ୍ଦିର ନ ଥିଲେ ପ୍ରଭୁଙ୍କ ନାମ ବା ଧର୍ମଗ୍ରନ୍ଥ ଶୁଣିବାର ଉପାୟ ନ ଥିଲା । ବିଦେଶୀ ଲୋକ କିମ୍ବା ଗ୍ରାମରେ କାହାର ଖଞ୍ଜ ଅଟଙ୍କରେ (୭) ଭାତ ରନ୍ଧା ହୋଇ ନ ପାରିଲେ ପୂଜାହାରୀ ପାଖରେ ଯୋଡ଼ାଏ ପଇସା ପକାଇ ଦେଲେ ପେଟେ ପ୍ରସାଦ ଖାଇବାକୁ ମିଳେ । ପଞ୍ଚୁଆତ, ଗ୍ରାମଲୋକଙ୍କ ଦୋଷାଦୋଷର ବିଚାର ଠାକୁର ମନ୍ଦିରରେ ହୁଏ । ଆମ୍ଭେମାନେ ସଂକ୍ଷେପରେ ଇଂରାଜୀ ତର୍ଜମା କରିଦେଲେ ଆପଣ ସହଜରେ ବୁଝିପାରିବେ । ଠାକୁର ମନ୍ଦିରଗୁଡ଼ିକରେ ଗ୍ରାମ ମଧ୍ୟରେ ଚର୍ଚ୍ଚ (ଭଜନାଳୟ), ପବ୍‌ଲିକ୍ ଲାଇବ୍ରେରୀ (ସାଧାରଣ ପୁସ୍ତକାଳୟ), ହୋଟେଲ (ଭୋଜନାଳୟ), ଟାଉନ୍‌ହଲ୍ (ଭାଗବତଘର) ଏହି ସବୁର କାର୍ଯ୍ୟ ଚଳେ । ସେ କଥା ଯାଉ, ଆମ୍ଭମାନଙ୍କୁ ଆଉ ଆଉ କଥା ଲେଖିବାକୁ ହେବ ।

ଆଉ ଆଉ ହାଟୁଆ ଜାତିଙ୍କ ପରି ତନ୍ତୀମାନଙ୍କର ମଧ୍ୟ ଜଣେ ପରମାଣିକ ଅଛି । ସେ ଜାତି ମଧ୍ୟରେ ପ୍ରଧାନ । ପରମାଣିକଙ୍କୁ ନ ଧରିଲେ ଜାତିଆଣ କର୍ମ କିଛି ଚଳେ ନାହିଁ । ବାହା ପୁଆଣି ହେଲେ ପରମାଣିକ ଜାତିରେ ଗୁଆ ଦିଏ । ସେଥି ସକାଶେ ମୁଣ୍ଡିଏ ଲୁଗା ଆଉ ଗୋଟିଏ ଗୁଆ ମାନ୍ୟ ପାଏ । ଜାତିର ହାରି-ଗୁହାରି ପରମାଣିକ ଠାରେ ହେଲେ ସେ ଗୁଆ ଦେଇ ପଞ୍ଚୁଆତ ଶଙ୍ଖୋଳି ଆଣେ । ସଭାରେ ଫୁଲ ଚନ୍ଦନ ଆଗେ ପରମାଣିକଙ୍କୁ ଦିଆଯାଏ । ଜାତି ଭାତରେ ପରମାଣିକ ଆଗେ କୃଷ୍ଣ ନ କଲେ (୭) କାହାର ହାତ ଚଳେ ନାହିଁ । ଏହି ପରମାଣିକ ପଦଟା ପୁରୁଷାନୁକ୍ରମିକ, ଅର୍ଥାତ୍ ପରମାଣିକ ପୁଅ ପରମାଣିକ ହେବ କିମ୍ବା ତାହା ବଂଶରୁ କେହି ଜଣେ ହେବ, ଯେ ସେ ଲୋକ ହୋଇପାରିବ ନାହିଁ ।

ବର୍ତ୍ତମାନ ପରମାଣିକର ନାମ ଭଗିଆ ଚନ୍ଦ । ଭଗିଆ ବଚରା ବଡ଼ ସାଦା ସିଧା ଲୋକ, ଛନ୍ଦ କପଟ ତା ମନକୁ ଛୁଇଁନାହିଁ । ତାକୁ ଶାଗ କହ—ହଁ, ମୁଗ କହ—ହଁ । ଗାଁ ଲୋକମାନେ ଭଗିଆକୁ ହୁଣ୍ଡା-ତନ୍ତୀ ବୋଲି ଡାକନ୍ତି । ଆପଣଙ୍କୁ କହିବାକୁ ଏତେବେଳେ ସକଳ ଦାଣ୍ଡ ପଡ଼ିଗଲା । ଆମ୍ଭେମାନେ ଇଂରାଜୀରେ (୮) ସବୁ ବୁଝିପାରୁ । ଅପଣଙ୍କ ମୁହଁ ଆକାରରୁ ସବୁ କଥା ଜଣାପଡ଼ିଲାଣି । ଆପଣ କହୁଛନ୍ତି ବା କହିବେ କିମ୍ବା କହିବାକୁ ମନେ କରିଅଛନ୍ତି ବା କରିବେ—ଏଗୁଡ଼ାକ କପଟ ତନ୍ତୀ ନୁହନ୍ତି ତ ଆଉ କଣ ? ବାପ ପରମାଣିକ ଥିଲା ବୋଲି ହୁଣ୍ଡାଟାକୁ ସରଦାର କରି ସବୁ ତନ୍ତୀଗୁଡ଼ାକ ତାକୁ ଜୁହାରୁଛନ୍ତି । ଅରେ ବାବୁ, ଯେବେ ଜଣେ ସରଦାର କରିବାର ଦରକାର ହେଲା, ପାର୍ଲିଆମେଣ୍ଟର ମେମ୍ବର ବା ଇଉନାଇଟେଡ୍ ଷ୍ଟେଟ୍ସର ପ୍ରେସିଡେଣ୍ଟ ବାଛିଲା ପରି ପାଞ୍ଚଜଣ ଭୋଟ (ମତ) ନେଇ ଜଣେ ସିଆଣିଆ ଭଲଆ ଲୋକକୁ ପରମାଣିକ କର ! ତାହା ନ କରି ବାପ ପରମାଣିକ ଥିଲା ବୋଲି ଅଯୋଗ୍ୟ ଲୋକଟାକୁ ପରମାଣିକ କରି ବସିଅଛ ?

Source: Author, Digitized by PPRACHIN, SOA

କଥାଟା ଏକା ସତ । ମନ ମାନିଗଲା ପରା ! ହକ୍ କଥାରେ ଓଁ ଚୁଁ କରିବାକୁ କି ବାଟ ଥାଏ ? ଆମ୍ଭେମାନେ ବରାବର ତନ୍ତ୍ରୀମାନଙ୍କ ପଛ ଧରି ଚାଲିଥିଲୁଁ, ଏଣିକି ଆଉ ବାଟ କାହିଁ ? ଆମ୍ଭେମାନେ ପ୍ରତିଜ୍ଞା କରିଅଛୁଁ ବା କରିବୁଁ ତନ୍ତ୍ରୀକଥାରେ ଆଉ ପାଖ ପଶିବୁଁ ନାହିଁ । ହେଲେ ତନ୍ତ୍ରୀମାନଙ୍କୁ ଚିହ୍ନି ରଖିବାର ଉଚିତ । ହେ ପାଠକ ଅବଧାନେ, ଆମ୍ଭମାନଙ୍କର ଜ୍ଞାନ ଅତି ଅଳ୍ପ, ସୁତରାଂ ତନ୍ତ୍ରୀ ଚିହ୍ନିବାକୁ ନିତାନ୍ତ ଅକ୍ଷମ । ଅନୁଗ୍ରହ କରି ଆମ୍ଭମାନଙ୍କୁ ତନ୍ତ୍ରୀ ଚିହ୍ନାଇ ଦେଉନ୍ତୁ ।

ହିନ୍ଦୁ ହୋଇଥିଲେ ବେଦ, ବେଦାନ୍ତ, ହିନ୍ଦୁଶାସ୍ତ୍ର ଅବଶ୍ୟ ମାନ୍ୟ କରିବେ । ଶାସ୍ତ୍ରରେ ଅଛି, 'ଶମୋ ଦମସ୍ତପଃଶୌଚଂ (୯) ସନ୍ତୋଷଂ କ୍ଷାନ୍ତିରାର୍ଜବଂ (୧୦) ମଦ୍‌ଭକ୍ତଶ୍ଚ ଦୟା ସତ୍ୟଂ ବ୍ରହ୍ମପ୍ରକୃତୟସ୍ତ୍ୱିମାଃ' (୧୧)—ଏହି ସମସ୍ତ ବ୍ରହ୍ମତ୍ୱର ଲକ୍ଷଣ । ସେହି ବ୍ରାହ୍ମଣ ପୂଜନୀୟ, ବରଣୀୟ, ଭକ୍ତିର ଯୋଗ୍ୟ, ଏପରି ବ୍ରାହ୍ମଣର ପଦଧୂଳି ଆମ୍ଭେମାନେ ମସ୍ତକରେ ଧାରଣ କରିବାକୁ ଶତବାର ପ୍ରସ୍ତୁତ । ମାତ୍ର—

ଶୁଣ୍ଠ ପଣ୍ଡିଷ ନରନାଥ । ତାମ୍ବଡ଼ା ଶୁଖୁଆ ପଖାଳ ଖିଆ ।
ସି-ଅକ୍ଷର (୧୨) ବିବର୍ଜିତ । ଚିତା ପଇତାରେ ଶୋଭିତ ।
ଖିଲ ବାଛିବାକୁ ଆଗ । ଦନ୍ତ-ଚୂଡ଼ାକୁ ବାଘ ।
ସନ୍ଧ୍ୟା-ଗାୟତ୍ରୀହୀନ । ଝିଲରୁ ଚପନ୍ତି ମୀନ ।
ପୋଥିରୁ ନ ଫିଟେ ଡୋରି । ଯଜମାନ ଗୃହଳ-ଚୋର ।
ସଭାରେ ନ ଫିଟେ ପାଟି । ନାମଟି ସୁନ୍ଦର ତ୍ରିପାଠୀ ।

ସୁନ୍ଦର ତିହାଡ଼ିଙ୍କୁ ଓଳଗି ହୁଏ, କାରଣ ସେ ବ୍ରାହ୍ମଣ ଔରସରୁ ଜାତ । ସୁନ୍ଦର ତିହାଡ଼ି ଆପଣଙ୍କ କୁଳପୁରୋହିତ, ଯେହେତୁ ତାହାଙ୍କ ବାପ ପୁରୋହିତ ଥିଲେ । ଆପଣଙ୍କୁ ବୋଲିବାକୁ ସାହସ ଆଣୁ ନାହିଁ; କିନ୍ତୁ ଆମ୍ଭେମାନେ ପାଞ୍ଜିରେ ନାମ ଲେଖି ରଖିଲୁଁ । ପୁଣି ଶାସ୍ତ୍ରରେ ଲେଖା ଅଛି—

"ଅଜ୍ଞାନତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଲାକୟା ।
ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ।"

ଅଜ୍ଞାନରୂପ ନେତ୍ରରୋଗରେ ଅନ୍ଧ ବ୍ୟକ୍ତିର ଚକ୍ଷୁ ଜ୍ଞାନରୂପ ଅଞ୍ଜନ-ଶଲାକା (୧୩) ଦ୍ୱାରା ଯେ ନେତ୍ର ଉନ୍ମୀଳିତ (୧୪) କରନ୍ତି, ସେହି ଗୁରୁଙ୍କୁ ନମସ୍କାର କରି ।

ସତ୍ୟ ବୋଲନ୍ତୁ, ଏପରି ଲୋକଙ୍କୁ ଗୁରୁ କରନ୍ତେ କି ଗୁରୁର ପୁଣି ଆପଣଙ୍କ ଗୁରୁ ? ଯାଉ ସେ କଥାଗୁଡ଼ାକ—କହିଲେ କଣ ହେବ ! ମାତ୍ର ତନ୍ତ୍ରୀ ଚିହ୍ନା-

Source: Author, Digitized by PPRACHIN, SOA

ପଡ଼ିଗଲେ । ଗୋଦଣ୍ଡ ଲେ, ଆପଣା ଗୋଡ଼କୁ ଅନା । ଖୋଜି ବସିଲେ ଢ଼ରଦର 'ବୃହନ୍ତୃପଦ୍ଧଁଗ' ଢେର୍ ପାଇବ । ଧାନକୁଟୁଣୀ ଭାଗବତ ପଢ଼ିଲା ପରି ଆମ୍ଭେମାନେ ଗାଁ-କଥା ଲେଖୁ ଲେଖୁ ଆପଣଙ୍କ ଭଲିଆ ଲୋକଙ୍କ କଥା କହି ବସିଅଛୁଁ । ତେବେ କ'ଣ ଜାଣନ୍ତି, ବଡ଼ପୁଅଟା ପଡ଼ିଲେ ଖାଲରେ ପଡ଼ୁ, ଢିପରେ ପଡ଼ୁ, ସମସ୍ତେ ତ କଥା ମାରିଦିଅନ୍ତି । ସଙ୍କୀର୍ତ୍ତନରେ ହାଉଡ଼ାଟା (୧୫) ମଧ୍ୟ ଆଁ କରିଦିଏ ।

ସେ ସବୁ କଥା ଥାଉ, ଏବେ ଗାଁ କଥା ଶୁଣନ୍ତୁ । ଆଜିକା ମାପକୁ ପଲମ । ଭଗିଆ ଯେପରି ହୁଣ୍ଡା, ତା ଭାର୍ଯ୍ୟାଟି ମଧ୍ୟ ସେହିପରି ହୁଣ୍ଡୀ, ନାମ 'ସାରିଆ । ବୟସ ଅନ୍ଦାଜ ପଚାଶ ହେବ । ସାରିଆର ଗୁଣ ତ ଶୁଣିଲେ, ରୂପ କଥା ଶୁଣିବେ କି ? ଦେଖନ୍ତୁ, ପର ପ୍ରତ୍ୟାଶୀ (୧୬) ହେବା ଗୋଟାଏ ଭାରି ଖରାପ କଥା । ଆପଣା ବୁଦ୍ଧି ବଳରେ ଅନୁମାନ ଦ୍ୱାରା କିଛି କିଛି ବୁଝିବାକୁ ଚେଷ୍ଟା କରନ୍ତୁ । କେବଳ ଆମ୍ଭମାନଙ୍କ ହାତକୁ ଗ୍ରହି ରହିବେ ନାହିଁ । ଅନୁମାନ ଦ୍ୱାରା କିପରି ବୁଝିବାକୁ ହୁଏ, ସେଥିର ମୂଳ ସୂତ୍ର ଶୁଣିଲେ ଆପଣଙ୍କ ବାଟ ଫିଟିଯିବ । ଯେବେ ଶୁଣିବେ ଯୁବତୀ ରାଜକନ୍ୟା, ତତ୍କ୍ଷଣେ ବୁଝିଯିବେ କନ୍ୟାଟି ଭାରି ସୁନ୍ଦରୀ, ଭାରି ଗୁଣବତୀ—"ନାହିଁ ନ ଥିବ ପଟାନ୍ତର, ରମା ଉମା ସଙ୍ଗେ ତାକୁ ଧର ।" ହେଉ ପଛେ ଉଆଉଗାଲୀ, ପେଟ୍ନ'ଙ୍କୀ, ସେ କଥା ଧରିବେ ନାହିଁ । ଯେବେ ଶୁଣିବେ, ଫଲଣା (୧୭) ଜମିଦାର, ହାତରେ ଢେର୍ ଟଙ୍କା ଅଛି, ତତ୍କ୍ଷଣେ ବୁଝିଯିବେ, ସେ ରୂପବାନ୍, ଗୁଣବାନ୍, ଦାତା, ଦୟାଳୁ ଇତ୍ୟାଦି ଇତ୍ୟାଦି । ଆମ୍ଭମାନଙ୍କ ସାରିଆ ଗାଁର ଜନ୍ତଆଣୀଟିଏ । ଏବେ ସକଳ କଥା ବୁଝିନିଅନ୍ତୁ ।

ଭଗିଚନ୍ଦ୍ର ଆଉ ସାରିଆ ଘରକୁ ଦୁଇ ପରାଣୀ । ମାଇକିନିଆମାନେ କହନ୍ତି, "ଦୁଇ ପରାଣିଆ ଭଲ, ବ ଛି କତରା (୧୮) ଚଳ ।" ଆମ୍ଭମାନଙ୍କ ହୁଣ୍ଡା ହୁଣ୍ଡୀ କଥା ସେହିପରି । ନକଡ଼ ଛକଡ଼ (୧୯) ନାହିଁ । ଦୁଇଜଣଙ୍କର ନିମିତ୍ତେ ଗ୍ରୁଡ଼ବାଡ଼ (୨୦) ଥାଏ ନାହିଁ । ଦୁହେଁ ମିଳିମିଶି ଘରକାମ କରନ୍ତି । ଭଗିଆ ତନ୍ତ ବୁଣିଲାବେଳେ ସାରିଆ ନଳୀ ବଳେ, ଲୁଣ୍ଡି ବଳେ, ଚରଖିରେ ସୂତା ଦିଏ । ସାରିଆ ଭାତ ରାନ୍ଧିବାବେଳେ ଭଗିଆ ଚୁଲି ଫୁଙ୍କେ, ପାଣି ଆଣିଦିଏ । ଗାଁର ମସ୍କରା (୨୧) ବଦ୍ଦ କ ଲୋକମାନେ ସେମାନଙ୍କୁ ଦେଖି ତଗ ମେଲନ୍ତି—"ସାଆ ଭଗିଆକୁ ଦେଖ, ବଗଲା ବଗୁଲୀ ଦେଖ ।" ଆହା, କି ଅପୂର୍ବ କବିତା ହେଲା ! ମାତ୍ର ଆମ୍ଭେମାନେ ବୋଲୁଁ, ଏପରି ନିନ୍ଦା ଯେଉଁମାନଙ୍କ ନାମରେ ରଟେ, ସେହିମାନେ ଏକା ଜଗତରେ ପ୍ରକୃତ ଭାଗ୍ୟବାନ୍ । ସ୍ୱର୍ଗର କାଲ୍ପନିକ ସୁଖକୁ ସେହିମାନେ ଏକା ପ୍ରାଣରେ ଅନୁଭବ କରନ୍ତି । କୌଣସି ଇଂରେଜ କବି କହିଅଛନ୍ତି, "ଯେଉଁମାନେ

Source: Author, Digitized by PPRACHIN, SOA

ବଶୁଙ୍କ ଦାମ୍ପତ୍ୟ ପ୍ରେମ ଅନୁଭବ କରନ୍ତି, ସେମାନେ ସ୍ୱର୍ଗୀୟ ଜୀବ । ସେହି ପ୍ରେମରେ ଯାହାର କଳଙ୍କ, ସେ ନରକର ଯନ୍ତ୍ରଣା ଭୋଗ କରେ ।"

ଓହୋ ! ଆମ୍ଭେମାନେ ଗୋଟାଏ ଉତ୍କଟ ଭୁଲ କରିପକାଇଅଛୁଁ ! 'ମୁନୀନାଞ୍ଚ ମତିଭ୍ରମଃ', ମୁନିମାନେ ଲେଖାପଢ଼ା କରିବାବେଳେ ବଡ଼ ଭୁଲ୍ କରିପକାନ୍ତି । ଅର୍ଥାତ୍ ଯେଉଁମାନେ ଲେଖିବାବେଳେ ଭୁଲନ୍ତି ସେମାନେ ମୁନି । ସୁତରାଂ ଆଜିଠାରୁ ଲୋକମାନେ ଯେ ଆମ୍ଭମାନଙ୍କୁ ମୁନି କିମ୍ବା ଋଷି ବୋଲି ଡାକିବେ, ସେ ବିଷୟରେ କିଛି ମାତ୍ର ସନ୍ଦେହ ନାହିଁ । ଓହୋ, କି ଭାଗ୍ୟ ! ବରଷସାର୍ ସାହେବଙ୍କ ଦୁଆରେ ନେଉଳ ପରି ଲୁଙ୍ଗ୍ ଲୁଙ୍ଗ୍ ହେବାକୁ ନାହିଁ, କରଜଦା'ମ୍ କରି ହଜାର ହଜାର ଟଙ୍କା ଖରଚରେ ଡାକ୍ତରଖାନା ବସାଇବାକୁ ନାହିଁ କିମ୍ବା ନିହାତି ସହଜ କଥା ବକ୍‌ସିସ୍ ଦେଇ ଫରାସୀମାନଙ୍କ ଗୋଡ଼ହାତ ଧରିବାକୁ ନାହିଁ; ମାହାଲଆଟାରେ କେଡ଼େ ନାମଟାଏ ପାଇଗଲୁ ! ମାତ୍ର ସତ୍ୟର ମର୍ଯ୍ୟାଦା ରକ୍ଷା ନିମନ୍ତେ ସ୍ୱାର୍ଥତ୍ୟାଗ କରିବାକୁ ଆମ୍ଭେମାନେ କେବେହେଁ କାତର ନୋହୁଁ । "ନ ମିଥ୍ୟା ପାତକଂ ପରଂ" (୨୨) ଅସ୍ୟାର୍ଥ—ମିଥ୍ୟା ଆଉ ପାତକ ପର ନିକଟକୁ ଯାଏ ନାହିଁ, ଆପଣା ପାଖେ ଥାଏ । ଏଥିସକାଶେ ଆମ୍ଭମାନଙ୍କୁ ସତ୍ୟ କଥା ଲେଖିବାକୁ ହେଉଅଛି ।

ଭଗି ସାଆ ଦୁଇ ପ୍ରାଣୀ ନୁହନ୍ତି । ଗୋଟିଏ ଗାଈ ଅଛି, ନାମ ନେତ—ତାକୁ ଲଗାଇ ତିନି ପ୍ରାଣୀ । ଗାଈଟାକୁ ଆମ୍ଭେମାନେ ମନୁଷ୍ୟ ସାଙ୍ଗରେ ଗଣିଲୁଁ, ସେଥିରେ କଥା ଅଛି । ନେତକୁ ସାରିଆ ଝିଅପରି ପୋଷିଥାଏ, ଝିଅପରି ଗେହ୍ଲା କରେ । ପରମେଶ୍ୱର ମନୁଷ୍ୟ ମନରେ ଏକ ଆଶ୍ଚର୍ଯ୍ୟ ଅପତ୍ୟ ସ୍ନେହ (୨୩) ଦେଇଅଛନ୍ତି । ଭୋକବେଳେ ଭାତ ନ ପାଇଲେ ଲୋକେ ଡାଳପତ୍ର ଚୋବାଇବା ପରି ଯାହାର ପିଲାଛିଲା କିଛି ନାହିଁ, ସେ କୁକୁର ପିଲାଟିଏ, ବିରାଡ଼ି ପିଲାଟିଏ କିମ୍ବା ଛଡ଼ାଟିଏ ପୋଷି ତାକୁ ଭଲପାଏ । ସାରିଆ ଦିନସାରା ନେତ ସଙ୍ଗରେ ଲାଗିଥାଏ । ପଘାରୁ ଫିଟି ମଧ୍ୟ ନେତ କାହିଁ ଯାଏ ନାହିଁ, ସାରିଆ ପାଖେ ପାଖେ ଥାଏ । ଟିକିଏ ଡାଣ୍ଡକୁ ଗୁଲିଗଲେ ସାରିଆ ଡାକେ—ନେତ ଲୋ ! ନେତ କହେ, ହୁଁ···ମାଁ । ଧାଇଁ ଆସି ସାରିଆକୁ ଚାଟେ, ସାରିଆ ତା ଦେହରେ ହାତ ବୁଲାଇ ଦେଇ ଢେର୍ ଆଦରକରେ, ଢେର୍ ଦୁଃଖ ସୁଖ କଥା କହେ । ପଖାଳ ବେଳରେ ନେତ ମୁହଁ ଡୁବାଇ ଦେଲେ ସାରିଆ ତାକୁ ଗୋଟିଏ ସାନ ପ୍ରେମ ଚାପୁଡ଼ା ମାରି 'ଡାକୁଣୀଟା' ବୋଲି ଗାଳିଦିଏ । ଆମ୍ଭେମାନେ ଜାଣୁ ସେହି ଗାଳି ଭିତରେ ସାରିଆର ଆନନ୍ଦ ଓ ପ୍ରେମ ପୂର୍ଣ୍ଣ ଥାଏ ।

ଭଗିଆ, ସାରିଆ, ନେତ ତିନିପ୍ରାଣୀ ଗୋଟିଏ ଘରେ ଶୁଅନ୍ତି । ସାରିଆ ନେତ ପଛରେ ତଳୁ । (୨୪) ଓ ଘଷି ଗୁଣ୍ଡାରେ ଗୋଟାଏ ଧୂଆଁ ଦିଏ । ନେତଟି

Source: Author, Digitized by PPRACHIN, SOA

ବଡ଼ ସୁଲକ୍ଷଣୀ, ହାଲକୁ ପ୍ରଥମେ ପଛରେ ଛଡ଼ାହିଏ (୧୫) ଲାଗିଛି । ନେତର ସର୍ବାଙ୍ଗ କଳା, ମୁଣ୍ଡରେ ଚାନ୍ଦ । "କାଳଗାଈ ମୁଣ୍ଡରେ ଚାନ୍ଦ, ତାକୁ ଆଣି ଶ୍ରୀଘରେ ବାନ୍ଧ ।" ଶିଙ୍ଗ ପାତଳ ଆଉ ଝାମର, ଲାଞ୍ଜ ସରୁ, ଖୁବ୍ ଲମ୍ବା । ଲାଞ୍ଜ ଅଗରେ ଚମଁର ପରି ପେଣ୍ଡା ବାଳ ଭୂଇଁରେ ଲୋଟି ଯାଉଛି । ପିଠିଟି ନୁଆଁଣ, ମୁଠୁଣିକରୁ କିଛି ଊଣା ଚୌଡ଼ା, ପିସ୍ତି ଚୌଡ଼ା, ହାଲୁଡ଼ାହିଏ (୧୬) ସ୍ଥାନ ପାଣିକଖାରୁ ପରି ପିଠିଆଡ଼କୁ ନଇଁ ପଡ଼ିଛି । ବେକରେ ଥଳୀଟା ଆଉ ଗାଈଠାରୁ କିଛି ବେଶି ଝୁଲୁଛି । ଦୁଧ ନାଡ଼ଟା ଗୋଟାଏ ପାଳ ଦଉଡ଼ା ପରି ମୋଟ, ପହ୍ନା କଥା କ'ଣ କହିବୁ ? "ପୟୋଧରୀଭୂତ ଚତୁଃସମୁଦ୍ରାଃ ।" ନେତ କଳଙ୍ଗ ଗାଈ ପରି ଖୁବ୍ ଯେ ଗୋଟାଏ ଉଞ୍ଚା, ତାହା ନୁହେଁ; ମଧ ଭଲ । ଡାକ ଋଷିବଚନ ଅଛି—

ପେଟେ ଉଞ୍ଚ ଗାଈ । ପଟେ (୧୭) କୁଣ୍ଡା ଖାଇ ।
ଘାସ ଦେଖି ବାଇ । ତାଠୁ ଦୁଧ ପାଇ ।

କଥା କଣ କି, ଗାଈ ମୁହଁରେ ଦୁଧ । ତେବେ ଆପଣ କି ଠେକ ଧରି ଗାଈ ଥୋମଣିଟା ଦୁହିଁ ବସିବେ ? କଥା ସେପରି ନୁହେଁ, ଗାଈ ଗୋଟିଏ କାଗଜ-କଳ ପରି । କଳମୁହଁରେ ଛିଣ୍ଡା କନା, ଛିଣ୍ଡା ଦଉଡ଼ି, ପଚ୍ଚ ପନାପି (୧୮), ପରି ତୁଳା ଗୁଡ଼ାଏ ପୂରାଇ ଦେଲେ ପଛବାଟେ ସଫା, ଧଳା, ସୁନ୍ଦର ଚକ୍‌କଣ କାଗଜ ବାହାରିପଡ଼େ । ସେହିପରି ଗାଈ ମୁହଁରେ କୁଣ୍ଡା, ପେଜ, ଘାସଗୁଡ଼ାଏ ପୂରାଇଦିଅ, ପହ୍ନା ବାଟେ ଦୁଧ ବୋହି ପଡ଼ିବ । ନେତର ଦୁଧର ପରିମାଣଟା ଆମ୍ଭମାନଙ୍କୁ ଜଣାନାହିଁ । ସେଦିନ ମଙ୍ଗରାଜଙ୍କ ଦରବାରରେ ନେତ କଥା ପଡ଼ିଥିଲା । ସମସ୍ତେ ଅନୁମାନ କଲେ, ଦୁଇଓଳି ପାଞ୍ଚସେରରୁ ଊଣା ନୁହେଁ । ମଙ୍ଗରାଜ ଗୋଟାଏ ନିଶ୍ୱାସ ପକାଇ କହିଲେ, "ଏଁ ! ତନ୍ତୀ ବାପୁଡ଼ାର (୧୯) ଏମନ୍ତ ଗାଈ ?"

ଲୋକେ କହନ୍ତି, "ପିତା ଗୁଣରେ ପୁତା"; ମାତ୍ର ଏ କଥା ମଧ ସତ୍ୟ, "ବଂଶନାଶ ବେଳକୁ ଘୋଡ଼ାମୁହାଁ ପୁଅର ଜନ୍ମ ।" ଭଗିଆ ବାପ ଗୋବିନ୍ଦ ଚନ୍ଦ ଗାଁରେ ଜଣେ ସେରନ୍ଥା (୨୦) ଲୋକ ଥିଲା । ନିଜ ଗାଁ ଗୁଡ଼ି ଆଖପାଖ ଦୁଇଚାରିଖଣ୍ଡ ଗାଁରେ ପଞ୍ଚୁଆତ (୨୧) ବସିଲା, ଗୋବିନ୍ଦ ଚନ୍ଦଙ୍କୁ ଡାକ । ଖସ୍ତ ଖସ୍ତ ମାମଲା ଝୁଙ୍କିଲେ ଗୋବିନ୍ଦକୁ ଖୋଜାପଡ଼େ, ଅର୍ଥାତ୍ ପିଆଦା ସମନ ଆଣିଲେ କମ୍ପା ଡାକରେ ବେରଙ୍ଗ୍ ଖତା ଆସିଲେ, ଗୋବିନ୍ଦ ନ ଯିବା ପର୍ଯ୍ୟନ୍ତ ଲୋକମାନେ ଘରୁ ବାହାରୁ ନ ଥିଲେ । ଗୋବିନ୍ଦ ନିଜେ ତନ୍ତ ବୁଣୁ ନ ଥିଲା; ତନ୍ତୀମାନଙ୍କ ବୁଣା ଲୁଗା କିଣିନେଇ ହାଟରେ ବିକେ କମ୍ପା ଉପୁରି ମହାଜନ ଆସିଲେ ମାଲ ପଟାଇ ଦିଏ (୨୨) ଏଥିରେ ତାହାର ଭଲ ପାଞ୍ଚପଇସା ହାତକୁ ଚଢ଼ୁଥିଲା । ଗୋବିନ୍ଦ ହାତରେ ହଜାର ହଜାର ଥିବାର ଲୋକେ ଅନୁମାନ ବଦ୍ୟାରେ ଗଣି ପକାଇଥିଲେ ।

Source: Author, Digitized by PPRACHIN, SOA

ଲୋକମାନେ ଅପଣା ପରମାୟୁ ଓ ପର ଧନକୁ ବେଶି ଦେଖନ୍ତି । ଯାହାହେଉ, ଗୋବିନ୍ଦ ଯେ ଦଶଟଙ୍କା ଅରଜା ଥିଲା, ଏ କଥା ସତ ।

ଜମିଦାର ବାଘସିଂହ ବଂଶ ପଡ଼ିଆସିବା (୩୩) ବେଳେ ଖଣ୍ଡେ ଖଣ୍ଡେ ଜମି ବିକି ହେଲା । ଗୋବିନ୍ଦପୁର ଗାଁ ତଳେ ଚକେ ରଣ୍ଡାର ଜମି ଛ'ମାଣ ଆଠଗୁଣ୍ଠ ବାହାଲ ନମ୍ବର, ତାକୁ ଗୋବିନ୍ଦ କିଣି ନେଇଥିଲା । "ଗାଁ ଧୋଇରାପାଣି ଯେଉଁଠି ପଶେ, ପଧାନ ହଳ ସେଇଠି ଚଷେ ।" ଅସ୍ୟାର୍ଥ—ପଧାନ ଗ୍ରାମର ସର୍ବୋତ୍କୃଷ୍ଟ ଜମିଖଣ୍ଡ ଚାଷ କରେ । ଜମିଖଣ୍ଡରେ ଗାଁ-ଧୋଇରା ପାଣି ପଶେ । ଖସା କଳିନ୍ଦ, (୩୪) ପାଣି ବହୁଳ ହେତୁରୁ ଚବଣା ଧାନ ହୁଏ ।

"ଜମି ପାଇଲେ ସିଆଣା (୩୫), ଧାନ ବୁଣିବ ଚବଣା
ହାତେ ଲମ୍ବ କାଢ଼ିବ ସିଂସା, ଝୁଣ୍ଟୁରି ମରବେ ସାଇପଡ଼ଶା ।"

ଧୋଇ ନାହିଁ, ମଢ଼ୁଡ଼ି ନାହିଁ, ମାଣକୁ ଆଠ ଭରଣ ତ ଆଗେ ଥୋଇଦିଅ । ଭଗିଆ ତନ୍ତ୍ରୀଲୋକ, ଚାଷ କରିବ କ'ଣ ? ବିଟରା (୩୬) ଦେଇ ମାଣକୁ ପଞ୍ଚଭରଣ ପସୁଣ ନଉତି ଧାନ ପାଏ । ଭଗି ହୁଣ୍ଡା ହେଲେ କଣ ହେବ, ତାହାର ଢେର୍ ସଦ୍‌ଗୁଣ ଥିଲା । ଶ୍ରାଦ୍ଧ, ମଙ୍ଗଳା, ନବାନ୍ନରେ ଜାତିଭାଇଙ୍କ ମୁହଁ ଧୁଆଏ (୩୭) । ଭିକ୍ଟ ଭିକାରି ଦୁଆରୁ ଫେରନ୍ତି ନାହିଁ । "ହାଉଡ଼ାର ଦୁଷ୍ଟନ (୩୮) ନାହିଁ ।" ହୁଣ୍ଡା ହୁଣ୍ଡି କଥା କିଛି ଜାଣନ୍ତି ନାହିଁ, ଗାଁରେ କଳି ହେଲେ କବାଟ କିଳିଦିଅନ୍ତି । ଗାଁର ସମସ୍ତେ ଏମାନଙ୍କୁ ଭଲ ପାଆନ୍ତି । ଅଭାବ ସମସ୍ତ ଦୁଃଖର ମୂଳ । ଧନ, ବିଦ୍ୟା, ଖ୍ୟାତି, ସ୍ୱାସ୍ଥ୍ୟ ପ୍ରଭୃତି କୌଣସି ବାଞ୍ଛନୀୟ, ଲୋଭନୀୟ ଏବଂ ଅତ୍ୟାବଶ୍ୟକ ପଦାର୍ଥର ଅଭାବ ହେଲେ ଲୋକେ କଷ୍ଟ ଅନୁଭବ କରନ୍ତି । ଆମ୍ଭମାନଙ୍କ ତନ୍ତୁବାୟ-ଦମ୍ପତିର (୩୯) କୌଣସି ପଦାର୍ଥର ଅଭାବ ନ ଥିଲା । ପବିତ୍ର ଦାମ୍ପତ୍ୟ ସ୍ନେହ, ବିଶୁଦ୍ଧ ପ୍ରେମ, ଅଖଣ୍ଡ ସନ୍ତୋଷ, ନିରବଚ୍ଛିନ୍ନ ସ୍ୱାସ୍ଥ୍ୟ, ସରଳ ଧର୍ମଭାବ ପ୍ରଭୃତି ସ୍ୱର୍ଗୀୟ ଭାବମାନ ଯଦି ଆପଣ ଏକ ସ୍ଥାନରେ ସମାବେଶ ଦେଖିବାକୁ ଇଚ୍ଛା କରନ୍ତି, ତେବେ ଆମ୍ଭେମାନେ ଏହି ଗ୍ରାମ୍ୟ ତନ୍ତୁବାୟ ପରିବାରର ନାମ ଉଲ୍ଲେଖ କରିପାରୁଁ । ଆମ୍ଭେମାନେ ଆଜନ୍ମ କାଳ ଦେଖି, ଶୁଣି, ପଢ଼ି ବୁଝିଅଛୁ ନିରବଚ୍ଛିନ୍ନ ସୁଖ, ବିଧି ମନୁଷ୍ୟ ଲଲାଟରେ ଲେଖି ନାହାନ୍ତି । ତନ୍ତୁବାୟ ପରିବାର କି ଏହି ନୈସର୍ଗିକ ନିୟମର ବହିର୍ଭୁତ ? ମହାକବି କାଳିଦାସ ଲେଖିଅଛନ୍ତି, "ପ୍ରାୟେଣ ସାମଗ୍ର୍ୟ-ବିଧୌ ଗୁଣାନାଂ ପରାଙ୍ମୁଖୀ ବିଶ୍ୱସୃଜଃ ପ୍ରବୃତ୍ତିଃ । (୪୦) ଏହି ମହାବଚନକୁ ବା କିପରି ଅମର୍ଯ୍ୟାଦା କରିବୁ ?

ତେବେ ଏମାନେ କି ପୂର୍ଣ୍ଣ ସୁଖୀ ନୁହନ୍ତି ? କିଏ କହିବ, କିପରି ବା କହିପାରିବ ? ଶାଳଗ୍ରାମର ବସିବା ଶୋଇବା ସମାନ । ମନୁଷ୍ୟ ହୃଦୟର ଭାବ

Source: Author, Digitized by PPRACHIN, SOA

ହାସ୍ୟ-କ୍ରନ୍ଦନ-ସ୍ରୋତ ଧରି ବାହାରି ପଡ଼େ । ଏମାନେ ହସିବାର କେହି ଦେଖିନାହିଁ, କାନ୍ଦିବାର କେହି ଶୁଣିନାହିଁ । କଥାରୁ ଧରିଯାତ୍ରା, କାହାରି ସଙ୍ଗରେ ତ କଥା କହିବେ ନାହିଁ । ଆମ୍ଭମାନଙ୍କ ହାଟରେ କିନ୍ତୁ କାହାରି କଥା ଲୁଚିବାର ବାଟ ନାହିଁ । ବାଣୁଆମାନେ ଖୋଳକରି ମଡ଼ା (୪୧) ଧରି ଧରି ଯାଇ କିନ୍ତୁ ଭେଟନ୍ତି । ସେହିପରି ଆମ୍ଭେମାନେ ଲୋକମାନଙ୍କ କାର୍ଯ୍ୟ ସବୁରି ପିଚ୍ଛା ଧରି ଧରି ସେମାନଙ୍କ ମନର ଭାବ ଧରି ପକାଉଁ । ସେଦିନ ରାତିରେ ରୁକୁଣୀମା-ବୋହୂର ଝଠାିଘରକୁ ସାରିଆ ଯାଇଥିଲା, ପିଲାଟିକୁ ଗୁହିଁଦେଇ ଗୁଲିଆସିଲା, ଚକ୍ଷୁକି ବାଣ୍ଟଯାଏ ରହିଲା ନାହିଁ । ଘରକୁ ଆସି ପେଟ ଟାଣୁଛି ବୋଲି କହି ଉପାସ ଶୋଇ ରହିଲା । ଆମ୍ଭେମାନେ ଏହା ମଧ୍ୟ ଜାଣୁ—ଅନେକ ରାତି ପର୍ଯ୍ୟନ୍ତ ନ ଶୋଇ ଏକଡ଼ ସେକଡ଼ ହେଉଥିଲା । ଭଗିଆ ଥରେ କହିଲା, "ଦାଇବ ତ ଦେଇନାହିଁ, ଦୁଃଖ କଲେ କଣ ହେବ ?" କଣ ଦେଇନାହିଁ କିଛି ତ ବୁଝାଗଲା ନାହିଁ ?

ବାର ବରଷରେ ସାରିଆର ଆଜିକାଲି ଷ୍ଣର ମନ । ବୁଢ଼ୀମଙ୍ଗଳାଙ୍କ-ଠାରେ ବେଶି ବେଶି ଭକ୍ତି ଦେଖାଉଅଛି । ଡାକ୍ତର ଓ ଓକିଲଙ୍କ ଦୁଆରେ କାହାକୁ ଦେଖିଲେ ବୁଝିନେବ, ସେହି ଲୋକଟା ଉପରେ କିଛି ବିପଦ ପଡ଼ିଛି । ଆମ୍ଭମାନଙ୍କ ବୁଢ଼ୀମଙ୍ଗଳାଙ୍କ ଦ୍ୱାରା ଡାକ୍ତର ଆଉ ଓକିଲ ଦୁଇ କାର୍ଯ୍ୟ ହୁଏ । ଗାଁରେ କାହାରି କିଛି ପୀଡ଼ା ହେଲେ କିମ୍ବା ମାଲି ମାମଲା ପଡ଼ିଲେ ମଙ୍ଗଳାଙ୍କର କିଛି କିଛି ଲାଭ ହୁଏ । ମଙ୍ଗଳାଙ୍କଠାରେ ସାରିଆର ଭକ୍ତି ଦେଖି ବୁଝୁଅଛୁ ତାହା ମନରେ କିଛି କଷ୍ଟ ଜାତ ହୋଇଅଛି । ସାରିଆ ପିଣ୍ଡାରେ ବସି ନଟି ବୁଲଉଥିବାବେଳେ ଦାଣ୍ଡରେ କୌଣସି ସାନ ପିଲା ଖେଳୁଥିବାର ଦେଖିଲେ ତାହା ହାତ ନଟେଇଟା ବୁଲେ ନାହିଁ । ଉଆଁସ ପୁନେଇଁରେ ଘରେ ପିଠାଟିଏ, ଛେନା ଟିକିଏ ହେଲେ ସାରିଆ ନିଶ୍ୱାସ ପକାଏ । ଭଗି ଗୁଣ ନିଯମ ପକାଇ ନ ଖୁଆଇଲେ ଖାଏ ନାହିଁ । ସେଦିନ ସାନ କନ୍ୟା ଯୋଡ଼ିଟିଏ ଜଣେ ଫରମାସ (୪୨) ଦେଇ ଭଗି ପାଖରୁ ବୁଣାଇ ନେଲା । ଯୋଡ଼ିଟି ବୁଣାଗଲା ବାଦ୍ ସାରିଆ ତାକୁ ଓଲିଏ ଯାଏ ଚଉଢବା-ବେଳେ ତା ଆଖିରେ ପାଣି ଛଳ ଛଳ ହେଉଥିବାର ଭଗି ଦେଖି ଗୋଟାଏ ଲମ୍ବା ନିଶ୍ୱାସ ପକାଇଲା ।

Source: Author, Digitized by PPRACHIN, SOA

ପରିଚ୍ଛେଦ-୧୧

ଗୋବରା ଜେନା

ତନ୍ତୀସାହିରୁ ଚାରିଶ ପାଞ୍ଚଶ କଦମ ଦୂର ବିଲ ମଝିରେ ଡମସାଇ । ଏଟା ଅଲଗା ମୌଜା ନୁହେଁ, ଗୋବିନ୍ଦପୁର ସାମିଲ । ସେଠାରେ ଦଶଘର ଡମ ଆଉ ଗୋବରା ଜେନା ଚୌକିଦାର ଘର । ଗୋବରା ଜେନା ନିଜ ମୌଜାର ଚୌକିଦାର । ତା'ର ଦେଢ଼ମାଣ ଚୌକିଆ ଜାଗିର ଅଛି, ଏ ସିବାଏ (୧) ଫି ଘରୁ ଧାନକଟା ସମୟରେ ଗୋଟାଏ ଲେଖାଏଁ ବୁଲା ପାଏ । ଜେନା-ମଜକୁର (୨) ଆପଣା କାମରେ ଖୁବ୍ ହୁସିଆର । ତାହା ଯୋଗେ ଗ୍ରାମରେ ଚୋର-ଚପାଟି ହୁଏ ନାହିଁ । ଫି ବରଷ ଗ୍ରାମ ମଧ୍ୟରେ ଚାରି ପାଞ୍ଚ ନମ୍ବର ସିନ୍ଧ ହୁଏ ସତ୍ୟ; କିନ୍ତୁ ଜେନାମଜକୁରର କିଛି ଦୋଷ ନାହିଁ । କାରଣ ସେହି ସବୁ ଚୋର ରାତିରେ ଜେନାପୁଅ ଜାଗୁଆଣ କାମରେ ଚାରି ପାଞ୍ଚକୋଶ ଦୂରବର୍ତ୍ତୀ ଗ୍ରାମକୁ ଯାଇଥାଏ ।

ଚୌକିଦାର ସାରା ରାତି ଗ୍ରାମରେ ପହରା ଦିଏ; ମାତ୍ର ସେ ଏପରି ହୁସିଆରରେ ପହରା ଦିଏ ଯେ, ସେ କଥା କେହି କେବେହେଲେ ଜାଣିପାରନ୍ତି ନାହିଁ । ପାଟିକରି ପହରା ଦେଲେ ତୁଣ୍ଡ ଶୁଣି ଚୋର ଯେ ପଳାଇ ଯିବେ ! ପୁରୁଣା ପୋ'ଲିସ ବାବୁ ଲାଞ୍ଚଖିଆ ଥିଲେ, ଏପରି ଗୋଟାଏ ପ୍ରବାଦ ଅଛି । ସତ ମିଛ ଜଗନ୍ନାଥେ ଜାଣନ୍ତି । ଲୋକମାନଙ୍କ ପାଟିରେ କିଏ ହାତ ଦେବ ? ବାଘ ମଣିଷ ଖାନ୍ତି—ସବୁ ବାଘଗୁଡ଼ାକ ମଣିଷଖିଆ ? ସାଧୁ ସଚ୍ଚରିତ୍ର ବାଘ କି ଦୁନିଆରେ ନାହାନ୍ତି ? ଆମ୍ଭମାନଙ୍କ ଜେନାପୁଅ ସେହିପରି ଜଣେ ସାଧୁସଚ୍ଚରିତ୍ର ଲୋକ । ଆପଣାର ହକ୍ ଅର୍ଥାତ୍ ବାର୍ଷିକ ବୁଲା, ବାହାପୁଆଣିରେ ଖଣ୍ଡ ମୂର୍ତ୍ତିଏ, ଉପର ବଡଠାରୁ ଚୌକିଆ ରେସମ (୩) ଟଙ୍କାଟିଏ ଆଉ ମଲା ମରୁଡ଼ିରେ ଭାଢ଼ଆ (୪) ବାବଦକୁ କିଛି ଖର୍ଚ୍ଚା ଏବଂ ପିଢ଼ାରୁ ଲାଉ କଖାରୁଟା ଛଡ଼ା କାହାରଠାରୁ କିଛି ଲାଞ୍ଚ ରସ୍‌ପତ (୫) ଛୁଏଁ ନାହିଁ । ଆଉ ଚୋରି, ସାପକାମୁଡ଼ା, ଜଳଡୁବ ମାମଲା ପଡ଼ିଲେ ପୋଲିସରେ ଏତାଲା ଖର୍ଚ୍ଚା ଟଙ୍କାଟିଏ; ସେ ତ ଆଇନରେ ଅଛି, ସେଥିରେ ଚୌକିଆର କ'ଣ ଇଲାକା ?

ବରଞ୍ଚ ଗୋବର୍ଦ୍ଧନ ଖାସା ଦୟାଳୁ ଲୋକ । କେହି ଗରିବ ଉପରେ ମାମଲା ପଡ଼ିଲେ କଂସାଖଣ୍ଡି ଥାଳଟି ନେଇ କାମ ତୁଲାଇଦିଏ । ମାସକୁ ଥରେ ପୋଲିସରେ ରିପୋର୍ଟ ଦେବାକୁ ଯିବାବେଳେ ଗ୍ରାମରୁ କଦଳୀ କାନ୍ଦିଟା, ଲାଉ, କଖାରୁ ପୁଞ୍ଜିଏ ମୁନ୍‌ସି, ଜମାଦାର, ବରକନ୍ଦାଜ ସକାଶେ ନେବାର ତ

Source: Author, Digitized by PPRACHIN, SOA

ସୁବାମଣ୍ଡ (୬) କଥା । କାମ ଝଞ୍ଜଟ ହେତୁରୁ ଜେନାପୁଅ ଗୁଡଓଲଟା ଘରୁ ଭାତ ଖାଇପାରେ ନାହିଁ; ପାଳି କରି ଗାଁ ଲୋକଙ୍କ ଘରୁ ଖାଏ । ଯାହା ଘରୁ ଯେଉଁଦିନ ଖାଇବାର କଥା, ବେଳ ଥାଉଁ ଥାଉଁ ମୁଠାଏ ଚାଉଳ ପକାଇବା ସକାଶେ କହିଯାଏ । ଖଞ୍ଜ-ଅଖଞ୍ଜରେ ଭାତ ହୋଇ ନ ପାରିଲେ ଜେନାପୁଅ ସେଦିନ ରାତିରେ ତାହା ଘର ପହରା କାମର ଢିଲି କରିଦିଏ । ଚୋରମାନେ ତକ୍ଷଣେ ଏ କଥା ଜାଣିପାରି ସେହିଦିନ ରାତିରେ ତାହା ପିଢ଼ା ଓ ବାଡ଼ିରୁ ଫଳ କଦଳୀଟା କମ୍ବା ବିଲରୁ ଧାନ ଚୋରି କରି ଘେନଯା'ନ୍ତି କମ୍ବା କିଛି ନ ପାଇଲେ ଦାଣ୍ଡଦୁଆର ଖୁମ୍ବଟା ଭାଙ୍ଗିଦେଇ ଯା'ନ୍ତି । ଗୋବର୍ଦ୍ଧନ ଗାରେ ଭାତ ଖାଇସାରି ଆପଣା ଘର ପର୍ଯ୍ୟନ୍ତ, "ଗାଁ ଲୋକେ ହୁସିଆର, ଘରବାଲେ ଖବରଦାର" ପାଟିକରି ଡାକ ଦିଏ । ଚେଇଁଥିବା ପିଲାମାନେ ସେ ଡାକ ଶୁଣି ଶୋଇପଡ଼ନ୍ତି । ତାହା ବାଦ୍ ସେ ଗାଁରେ ସା'ରା ରାତି ପହରା ଦିଏ, ଏ କଥା କାହାକୁ ଜଣାପଡ଼େନାହିଁ ।

ଗୋବରା ଜେନାକୁ ଗୋଟାଏ ପାଣ ମଧ୍ୟରେ ଗଣିବ ନାହିଁ । ହଜାରେ ପାଞ୍ଚଶ ଚଣିଦେବାର ଲୋକ । ଧାନ ପାଞ୍ଚ ସାତ ଭରଣ ମଧ୍ୟ ଘରେ ସାଇତା ଅଛି । ଯେ ଯେତେ ହୁସିଆର ହେବ, ଆପଦ ବିପଦ କାହାରିକୁ ଗ୍ରୁଡ଼ ନାହିଁ । ଥରେ ଗୋଟାଏ ଚୋରି ମାମଲା ତାହା ଉପରେ ଝୁଙ୍କିଥିଲା । ଶୁଣିବାରେ ଅଢ଼େଇଶ ଟଙ୍କା ମୁନ୍‌ସିକୁ ପେଲିଦେଇ ଖଲାସ ପାଇଲା । ସେ ମାମଲାର ହାଲ ଏହି କି, ମାଖଲପୁର ମୌଜାର ଭୁବନ ସା'ହୁ ତେଲି ମହାଜନଘର ଡକାଇତି ମକଦ୍ଦମାରେ ଅଠଜଣ ଡକାଇତ ଗ୍ରେପ୍ତାର ହୋଇଥିଲେ । ଗୋବରା ଜେନା ସଲ୍ଲାରେ ସେହି ଡକାଇତି ହୋଇଥିବାର ଏବଂ ଆହୁରି ଦଶ ପନ୍ଦର ନମ୍ବର ଚୋରିରେ ତାହାର ସଲା ଥିବାର ଏବଂ ଚୋରିମାଲ ସବୁ ତାହାଦ୍ୱାରା ଚଳାଣି-ହେଉଥିବାର ଆସାମୀମାନଙ୍କ ମଧ୍ୟରୁ ଦୁକଡ଼ିଆ ପାଣ ପ୍ରକାଶ କଲା । ମାତ୍ର ଆଉ ଆଉ ଆସାମୀମାନେ ଏ କଥା ଅସ୍ୱୀକାର କରିବାରୁ ଗୋବରା ଦେହକୁ ଆଞ୍ଚ ଲାଗିଲା ନାହିଁ ।

ଗୋବରା ଜେନାର ଯୋଗ୍ୟତାରେ ମଙ୍ଗରାଜେ ତାହା ଉପରେ ଭାରି ଖୁସି । ସେ ସକାଳ ସଞ୍ଜବେଳେ ମଙ୍ଗରାଜଙ୍କ କଚେରିରେ ହାଜର ଥାଏ । ଅଧରାତିବେଳେ ଗୋବରା ଓ ମଙ୍ଗରାଜ ନିରୋଳାରେ ବସିଥିବାର ଲୋକେ ଦେଖିଛନ୍ତି । ଫତେପୁର ସରସଣ୍ଡ ତାଲୁକାରେ ଅନେକ ପାଣଙ୍କ ଘର ଅଛି । ସେମାନେ ଚୋରି, ଡକାୟତି, ରାହାଜାନି (୬) ବ୍ୟବସାୟୀ ଥିବାର ଲୋକେ ସନ୍ଦେହ କରନ୍ତି । ପୋଲିସ ଏବଂ ଜେଲଖାନା ସହିତ ଘନିଷ୍ଠ ସମ୍ବନ୍ଧ ଏହି ସନ୍ଦେହର କାରଣ ଅଟେ । ଗୋବର୍ଦ୍ଧନର ଗୋଟିଏ ମହତ୍ତ୍ୱ ଗୁଣ, କୌଣସି

Source: Author, Digitized by PPRACHIN, SOA

ପାଣି ନେଇ ଗଲେ ତାହାର ଅସହାୟ ପିଲା ବାଳକଙ୍କୁ ଚଳାଏ ଏବଂ ମଙ୍ଗରାଜଙ୍କ ଖମାରରୁ ଧାନ ଦିଆଇଦିଏ । ମାତ୍ର ନନ୍ଦୁକ ଲୋକର ନିନ୍ଦାକଥା କାହିଁ ଛାଡ଼ ନାହିଁ । ଲୋକମାନେ ଗୋବର୍ଦ୍ଧନର ଏହି ସଦ୍‌ଗୁଣର ଅନ୍ୟପ୍ରକାର ଅର୍ଥ କରନ୍ତି । ସେଥି ସଙ୍ଗେ ସଙ୍ଗେ ମଙ୍ଗରାଜଙ୍କ ଦାତବ୍ୟତା ଉଲ୍ଲେଖ କରିବା ମଧ୍ୟ ଗୋଟାଏ ଭାରି ଖରାପ କଥା ଅଟେ ।

ପରିଚ୍ଛେଦ-୧୨

ଅସୁରଦୀଘି

ଗୋବିନ୍ଦପୁର ମୌଜାରେ ଗୋଟିଏ ମାତ୍ର ପୋଖରୀ; ଗ୍ରାମର ସମସ୍ତ ଲୋକ ଏଥିର ଜଳ କାରବାର କରନ୍ତି । ପୁଷ୍କରିଣୀଟା ଖୁବ୍ ବଡ଼, ଆଡ଼ ଦୀର୍ଘ ନଳିଦେଲେ (୧) ଦଶବାର ବାଟିରୁ ଊଣାପଡ଼ିବ ନାହିଁ । ନାମ ଅସୁରଦୀଘି । ଏଥିରେ ପୂର୍ବେ ଷୋଳଟା ଦୀଅଦଣ୍ଡି (୨) ଥିଲା । ଦେବତା ବଲିଆରରୁ (୩) ସବୁ ଭୂଷିଯାଇଅଛି । ଘରପାଖ ଆଡ଼ (୪) ବଗଚରାଠାରୁ ଦଶବାର ହାତ ଉଚ୍ଚ । ଏ ପୋଖରୀଟି କେତେ କାଳର, କିଏ ଖୋଳାଇଛି, ଏଥିର ସଠିକ୍ ବୃତ୍ତାନ୍ତ ଆମ୍ଭେମାନେ କହିବାକୁ ଅକ୍ଷମ । ଶୁଣିବାରେ ଅସୁରମାନେ ଖୋଳିଛନ୍ତି । ଅସମ୍ଭବ ନୁହେଁ । ଏଡ଼େ ବଡ଼ ଜଳକୀର୍ତ୍ତି ଯେ କରିପାରେ ସେ କି ଆମ୍ଭମାନଙ୍କ ପରି ମନୁଷ୍ୟ ?

ଗ୍ରାମର ପଞ୍ଚାନବେ ବର୍ଷର ବୁଢ଼ା ଏକାଦୁଣିଆ ତନ୍ତୀ ମୁହଁରୁ ପୁଷ୍କରିଣୀ ସମ୍ବନ୍ଧରେ ଯେଉଁ ଇତିହାସ ସାର ସଂଗ୍ରହ କରିଅଛୁଁ, ତାହାର ସଂକ୍ଷିପ୍ତ ବୃତ୍ତାନ୍ତ ଏହି—ବାଣାସୁର ଏହି ପୋଖରୀ ଖୋଳାଇଅଛି । ସେ ଆପଣା ହାତରେ କୋଡ଼, ଗାଣ୍ଡୁଆ ଧରି ଖୋଳି ନାହିଁ । ତାହା ହୁକୁମରେ ଅସୁରମାନେ ଆସି ରାତି ମଧ୍ୟରେ ଖୋଳିପକାଇଲେ । ଖୋଳୁ ଖୋଳୁ ରାତି ପାହିଗଲା । ଦକ୍ଷିଣ ଆଡ଼ୁଆ କୋଣରେ ବାର ଚଉଦ ହାତ ଓସାର ଗୋଟାଏ ମୁହାଣ ଅଛି । ସେଠାରେ ମାଟି ପଡ଼ିପାରିଲା ନାହିଁ । ଦାଣ୍ଡରେ ଲୋକ ଚଳବୁଲ ହେଲେଣି, ଅସୁରମାନେ ଏବେ ଯାଆନ୍ତି କୁଆଡ଼େ ? ପୋଖରୀ ମଧ୍ୟରେ ବିଲ ଖୋଳି ଗଙ୍ଗାକୂଳରେ ବାହାରି ପଡ଼ିଲେ । ସେଠାରେ ଗଙ୍ଗାସ୍ନାନ କରି ପଳାଇଗଲେ । ଆଗେ ଗଙ୍ଗାସାଗରରେ ବାରୁଣୀ ପଡ଼ିଲେ ଅସୁରଦୀଘିକୁ ପାଣି ଢେଉ ଆସୁଥିଲା; ଗ୍ରାମରେ ବହୁତ ଅନାଗ୍ନିର

Source: Author, Digitized by PPRACHIN, SOA

ହେବାରୁ ଏଣିକି ଆଉ ପାଣି ଆସୁନାହିଁ । ଇଂରେଜିପଢ଼ୁଆ ବାବୁମାନେ ସାବଧାନ ! ଆମ୍ଭମାନଙ୍କ ଏକାଦଶୀଚନ୍ଦ୍ରଙ୍କ ଇତିହାସ ଶୁଣି ହସିବେ ନାହିଁ, ତାହା ହେଲେ ମାର୍ଶମାନ୍ ଆଉ ଟଡ୍‌ଙ୍କ ଲେଖାରୁ ଆଠପଣି କାହିଁ ହଜିଯିବ ।

ଘାଘିରେ ମାଛ ଅଛନ୍ତି । ଆପଣ କହିବେ, ଯହିଁ ପାଣି ତହିଁ ମାଛ, ଏ କଥା ଲେଖିବାର ଦରକାର କଣ ? ମାତ୍ର ଆପଣଙ୍କ କଥାଟା ଯୁକ୍ତିସଙ୍ଗତ ହେଲା-ନାହିଁ । ଆଖୁ ସହିତ ଗୁଡ଼ର, ଦେହ ସହିତ ହାଡ଼ର ଯେମନ୍ତ ନିତ୍ୟ ସମ୍ବନ୍ଧ, ପାଣି ସହିତ ମାଛର ସେପରି କିଛି ନୁହେଁ । ତାହା ହେଲେ ଆପଣଙ୍କ ଘର ପାଣି ମାଠିଆରୁ ତ ମାଛ ବାହାରୁ ଥା'ନ୍ତେ ? ଅନୁମାନ ବା ଅଯୌକ୍ତିକ କଥା ଲେଖିବା ଆମ୍ଭମାନଙ୍କର ଅଭ୍ୟାସ ନୁହେଁ । ଅସୁର ଘାଘିରେ ଯେ ମାଛ ଅଛନ୍ତି, ଆମ୍ଭେମାନେ ସେଥିର ଅକାଟ୍ୟ ପ୍ରମାଣ ଦେବୁଁ । ଏହି ଦେଖନ୍ତୁ, ଦକ୍ଷିଣ ଆଡ଼ିଆରେ ପାଣିକୁ ପାଞ୍ଚହାତ ଛାଡ଼ି ଆଁ କରି ସାନ ବଡ଼ ତିନିଗୋଟା ଅଣ୍ଡିଆକୁମ୍ଭୀର ପଡ଼ିଅଛନ୍ତି । ସବୁଦିନେ ପଡ଼ନ୍ତି । ଏମାନେ କି ସକାଶେ ଘାଘିରେ ଅଛନ୍ତି ? କଣ ଖାଇ ବଞ୍ଚନ୍ତି ? ସେମାନେ କି ଗାଈଗୋରୁ ପରି ପଡ଼ିଆରେ ଘାସ ଚରିବାର କେହି ଦେଖି ଅଛନ୍ତି, ନା ଜୈନମାନଙ୍କପରି ଅହିଂସା ପରମ ଧର୍ମ ଜାଣନ୍ତି ? ଅବଶ୍ୟ ଘାଘିରୁ କୌଣସି ପଦାର୍ଥ ଖାଇ ବଞ୍ଚିଛନ୍ତି । ସେ କି ପଦାର୍ଥ ? ଅଣ୍ଡିଆ କୁମ୍ଭୀରମାନଙ୍କର ଆଉ ଗୋଟିଏ ନାମ ମାଛୁଆ କୁମ୍ଭୀର; ଅର୍ଥାତ୍ ଏମାନେ ମାଛ ଖାଆନ୍ତି । କେହି କହିବେ ଏମାନେ ମାଛ ଖାଆନ୍ତି ସତ୍ୟ, ଆଉ ସ୍ଥାନରୁ ମାଛ ଆଣି ଖାନ୍ତି । ହାଟରେ ମାଛ ଶୁଖୁଆ ମିଳେ ସତ୍ୟ ମାତ୍ର ଏମାନେ ପଇସା ନେଇ ହାଟକୁ ମାଛ କିଣିବାକୁ ଯିବାର ତ କେବେ ଦେଖାନାହିଁ । ଆଉ ଗାଆଁକୁ କେଉଟୁଣୀମାନେ ମାଛବିକିବାକୁ ଆସିଲେ ଗାଁ ମାଇକିନିଆମାନେ ଧାନ ଚାଉଳ ଦେଇ ମାଛ ବଦଳାନ୍ତି । ଆମ୍ଭେମାନେ ଶପଥ କରି କହିପାରୁଁ, କୁମ୍ଭୀରମାନେ ତ ସେପରି ଧାନ ଚାଉଳ ଦେଇ ମାଛ କିଣିବାର କେବେଁ ଦେଖିନାହୁଁ । ସୁତରାଂ ପ୍ରମାଣ ହେଲା, ଘାଘିରେ ମାଛ ଅଛନ୍ତି ।

ଏତିକି ଯେ ଯଥେଷ୍ଟ ପ୍ରମାଣ ତାହା ନୁହେଁ; ଆହୁରି ମଧ୍ୟ ଅନେକ ଅକାଟ୍ୟ ପ୍ରମାଣ ଅଛି । ଏହି ଦେଖନ୍ତୁ, ଯୁଗଟା କାଦୁଅଖୁମ୍ପି ଗୋଟିସୁଦ୍ଧ ପିଲାଙ୍କ ପରି ନାଚ କୁଦ ଭୁଲୁଛନ୍ତି । ତୋଡ଼ି ପିଲଟିର, ଦଣ୍ଡେଇ ପିଲଟିର ବେକ ଚପୁଛନ୍ତି ବୋଲି ପିଲା ଏତେ ନାଚ କୁଦ ! କେହି କହିବେ, କାଦୁଅଖୁମ୍ପି ଗୁଡ଼ାକ କି ନିଷ୍ଠୁର, କି ଦୁଷ୍ଟ; ପରର ବେକ ଚପି ଏତେ ଆନନ୍ଦ ! ଖାଇ, କଣ କହିବୁଁ, ଝଲ୍‌ବ କାଦୁଅଖୁମ୍ପିକୁ ନିଷ୍ଠୁର ବୋଲ, ଦୁଷ୍ଟ ବୋଲ, ସଇତାନ ବୋଲ, ଯାହା ବୋଲ, ସେ କିଛି ଭ୍ରମ ନାମରେ ହୁରମତ (*) ବାହାରର ନାଲିଶ ରୁଜୁ କରିବ

Source: Author, Digitized by PPRACHIN, SOA

(୭) ନାହିଁ । କରୁ ଜାଣିବ, ତୁମ ମନୁଷ୍ୟ ଜାତସାଇ ମଧ୍ୟରେ ଯେ ଯେତେ ବେଙ୍ଗ ଚପିପାରେ, ସେ ସେ ତେତେ ବାହାଦୂର । ସେହି ମାନ୍ୟ, ସେହି ଗଣ୍ୟ, 'ସ ତ ଦର୍ଶନୀୟଃ' ଏ କଥା କ ଜାଣନ୍ତି ନାହିଁ ?

ସୁଖ ପାଖଗଣ୍ଡା ଧଳା ବଗ, ସୁଖ ପାଖ ଗୋଟି କାଣ୍ଡିଆବଗ ଖଚ ଲୋକ ମୂଲିଆଙ୍କ ପରି ସକାଳୁ ସନ୍ଧ୍ୟାବେଳ ଯାଏଁ କାଦୁଅ ଚକଟୁଛନ୍ତି । ଗାଧିରେ ମାଛ ଥିବାର ଏହା ଚୂଡ଼ାନ୍ତ ପ୍ରମାଣ । ଯୋଡ଼ାଏ ପାଣିକାଉ କେଉଁ ଦେଶରୁ ଉଡ଼ିଆସି ଗାଧି ମଧ୍ୟରେ ଦୁଇ ସୁଖ ବୁଡ଼ ମାରି ପେଟ ପୂରାଇ ଫର୍ କରି ଉଡ଼ିଗଲେ । ଗୋଟାଏ ପାଣିକାଉ ମେମ୍‌ସାହେବଙ୍କ ଗାଉନ୍ ପରି କୂଳରେ ବସି ଡେଣା ଶୁଖାଉଅଛି । ହେ ହିନ୍ଦୁଧର୍ମ ବଗମାନେ ! ଇଂରେଜ ପାଣିକାଉଙ୍କୁ ଦେଖ । କେଉଁ ଦେଶରୁ ଖାଲି ପକେଟରେ ଉଡ଼ିଆସି ଟେଙ୍ଗ ବେଙ୍ଗ ଗଡ଼ଣାରେ ପେଟ ପୂରାଇ ଚାଲିଗଲେ । ଗାଧିକୂଳର ବରଗଛରେ ତୁମ୍ଭମାନଙ୍କର ବସା, ଦନଯାକ ପାଣି ଚକଟି ଚକଟି ଦଣ୍ଡେଇପିଲା କେରାଣ୍ଡିପିଲାରୁ ଅଧିକ କିଛୁ ପାଉନାହଁ । ଜୀବନସଂଗ୍ରାମ କାଳ ଉପସ୍ଥିତ, ଏଣିକ ଆହୁରି ପଲ ପଲ ପାଣିକାଉ ଆସି ଟେଙ୍ଗ ବେଙ୍ଗ ସବୁ ବାହି ନେଇଯିବେ । ତୁମ୍ଭେମାନେ ବିଦେଶକୁ ଯାଇ ସମୁଦ୍ର ପହଁରି ନ ଶିଖିଲେ ଆଉ ରକ୍ଷା ନାହିଁ ।

ଚଲ ଖୁବ୍ ସିଆଣା, ଭାରି ହୁସିଆର, ଗୁରୁଗୋସାଇଁଙ୍କ ପରି ଡାଳରେ ଚୁନ ହୋଇ ବସିଅଛି । ଥରେ ପାଣିକି ଝାମ୍ପି ପଡ଼ି ଯାହା ଉଠାଇନେଏ, ସେଥିରେ ତାହାର ଦନକ କଟିଯାଏ । ଗୋସାଇଁମାନେ ବରଷଯାକ ପିଣ୍ଡାରୁ ଓହ୍ଲା'ନ୍ତି ନାହିଁ, ବରଷକୁ ଥରେ ଶିଷ୍ୟ ଦୁଆରକୁ ଝାମ୍ପ ମାରନ୍ତି ।

ବଗଚରାଠାରୁ (୭) ଚାଲିଶ ପଚାଶ ହାତ ଦୂର ପାଣିଯାଏ ବଉଳମାଳା ଦଳ ସିଙ୍ଗଡ଼ାପୂର୍ଣ୍ଣ । ସେହି ଦଳ ମଧ୍ୟରେ ହିନ୍ଦୁଘର ଭୂଆସୁଣୀଙ୍କ ପରି କଇଁଗୁଡ଼ିକ ରାତିରେ ତୁନ ତୁନ ଫୁଟନ୍ତି, ଦନବେଳେ ଉାଙ୍କି ଉୁଙ୍କି ରହନ୍ତି । ସେଥିମଧ୍ୟରେ ପାଣିଶିମୂଳି ଫୁଲଗୁଡ଼ିକ ଅଭିଆଡ଼ୀ ଝିଅଙ୍କ ପରି ଲାଜ ନାହିଁ, ସରମ ନାହିଁ, ଦନ ରାତି ପବନରେ ଫକ୍ ଫକ୍ ଡେଉଁଛନ୍ତି । ପାଣି ଭିତରକୁ ରଡାକରି । ଏମାନେ ଶିକ୍ଷିତା ଖ୍ରୀଷ୍ଟାନ୍ ଲେଡ଼ି । କଇଁଦଳରୁ ବାହାରିଗଲେଣି ପଦ୍ମଦଳରେ ମିଶି ପାରନାହାନ୍ତି । ଗାଧି ମଝିରେ ଦଳ ନାହିଁ । ରାତିରେ ବୁଢ଼ୀମଙ୍ଗଳା ଠାକୁରାଣୀ ବୁଲନ୍ତି । ସେଥି ସକାଶେ ଦଳ ହୋଇପାରେ ନାହିଁ—ଭାରତ-କବିଙ୍କର ସର୍ବସ୍ୱଧନ ଲକ୍ଷ୍ମୀଙ୍କର ନିବାସ, ସରସ୍ୱତୀଙ୍କର ଆସନ, ବ୍ରହ୍ମାଙ୍କର ଜନ୍ମସ୍ଥାନ ପଦ୍ମବନରେ ପୂର୍ଣ୍ଣ । ଫୁଲଗୁଡ଼ିକରେ ଠାକୁରାଣୀଙ୍କର ଷୋଳପଣି ଅଧିକାର । ଜଣେ ଲୋକ ଥରେ ଗୋଟାଏ ଫୁଲ ଆଣିବାକୁ ପହଁରି ଯାଇଥିଲା । ଠାକୁରାଣୀ ତାହା ଗୋଡ଼ରେ ଶିକୁଳି

Source: Author, Digitized by PPRACHIN, SOA

ଲଗାଇ ପାଣି ଭିତରକୁ ଭିଡ଼ିନେଲେ । ସେହିଦିନଠାରୁ ଆଉ କେହି ଫୁଲକୁ ଅନାଏ ନାହିଁ ।

ଅସୁରଦିଢ଼ିରେ ଘୁରନ୍ତା ଭୂତ, ଧରିବାକୁ ଗଲେ ଉଡନ୍ତା । ଦକ୍ଷିଣ ଭୂତଟାକୁ କେହି ଯାନ୍ତି ନାହିଁ । ଗ୍ରାମରେ କେହି ମରିଗଲେ ସେହି ଭୂତରେ ଦଶା'ହନିସ୍ଥା ହୁଏ । ଏହି ଭୂତଟା ବଡ଼ ଭୟଙ୍କର ସ୍ଥାନ, ରାତି ତ ରାତି, ଦିନଦେଲେ ମଧ୍ୟ ସେଠାକୁ କେହି ଯିବାର ଦେଖାନାହିଁ । ଏହି ଭୂତ ଉପରକୁ ଖସ୍ତ ବଡ଼ ଗୋଟିଏ ଅଶ୍ୱତ୍ଥ ଗଛ ଅଛି । ସେଥିରେ ସର୍ବଦା ଯୋଡ଼ିଏ ବ୍ରହ୍ମଦୈତ୍ୟ ଥିବାର ସମସ୍ତଙ୍କୁ ଜଣା । ଅଧରାତିରେ ଦୈତ୍ୟମାନେ ଗଛ ଅଗରେ ବସି ଦାଢି ମଝିକୁ ଗୋଡ଼ ଲମ୍ବାଇ ଦେଇଥିବାର ଅନେକ ଲୋକ ଦେଖିଛନ୍ତି । କିଏ କିଏ ଦେଖିଛନ୍ତି ନାମ ଜଣାନାହିଁ; କିନ୍ତୁ ଦେଖିବାର ସତ । ଆହୁରି ମଧ୍ୟ ଏହି ଆଞ୍ଚଳରେ ଅନେକ ପିତାଶୁଣୀ (୮) ଡାକୁଣୀ (୯) ସବୁଦିନେ ଘର କରି ରହି ଅନ୍ଧାର ରାତିରେ ଅଲୁଅ ଜାଳି ମାଛ ଧରୁଥିବାର, ବିଶେଷରେ ବର୍ଷାର ଅନ୍ଧାର ରାତିରେ ପଲପଲ ହୋଇ ବୁଲୁଥିବାର ପ୍ରତ୍ୟକ୍ଷ ପ୍ରମାଣ ଯଥେଷ୍ଟ ଅଛି ।

ପୂର୍ବ ତରଫରେ ଧୋବାଭୂତ । ଦୁଇଜଣ ଧୋବା ଇଶ୍ ଇଶ୍, ରାମ ରାମ କହି ପଥର ଉପରେ ଲୁଗା ବାଡ଼ଉଛନ୍ତି । 'ଗାଁ ପରିଗୁଣ ଧୋବାଭୂତରୁ ଜଣା' । ଅଖାପାଲ ପରି ମୋଟା ମୋଟା ଶଗଡ଼େ ମଇଳା ଲୁଗା ଗଦାହୋଇଛି । ଲୁଗା ସିଝାଇବା, ଶୁଖାଇବା କାମରେ ଚାରି ଜଣ ଧୋବଣୀ ଲାଗିଛନ୍ତି । ଉତ୍ତର-ପଶ୍ଚିମ କୋଣରେ ତନ୍ତ୍ରୀଭୂତ । ଗାଁ ମଝାଲ (୧୦) ରେ ଥିବାରୁ ସେଠାରେ ସକାଳେ ମାଇକିନିଆମାନଙ୍କର ହାଟ ବସେ । ହାଟ ନାମ ଶୁଣି ଆପଣ ମନେକରିବେ ନାହିଁ ଯେ ଏଠାରେ ମାଇକିନିଆ କିଣାବିକା ହୁଅନ୍ତି । ପାଟି ଆଉ ଜନତା ସଙ୍ଗରେ ସମାନ ଥିବାରୁ ହାଟ କହିଲୁଁ । ରାନ୍ଧୁଣୀ-ରାଧୁଆବେଳେ ଖୁବ୍ ଭିଡ଼ ହୁଏ । ଗ୍ରାମରେ ଡେଲି ନିଉଜ୍ ଖବରକାଗଜ ଛପା ହେଉଥିଲେ, ସମ୍ପାଦକଙ୍କ ସମ୍ବାଦ ସଂଗ୍ରହ ନିମନ୍ତେ ଅଧିକ ପରିଶ୍ରମ କରିବାକୁ ହୁଅନ୍ତା ନାହିଁ, ଖଣ୍ଡେ ପେନ୍‌ସିଲ କାଗଜ ନେଇ ଏହିଠାରେ ବସିଲେ ସମସ୍ତ ସଂଗ୍ରହ କରିପାରନ୍ତେ । ଗଲା ରାତିରେ କାହା ଘରେ କଣ ରନ୍ଧା ହୋଇଥିଲା, ଆଜି ରାନ୍ଧଣାର କି ବ୍ୟବସ୍ଥା, କିଏ କେତେବେଳେ ଶୋଇଲା, କାହାକୁ କେତେ ମଶା କାମୁଡ଼ିଲା, କାହା ଘରେ ଲୁଣ ନ ଥିଲା, କିଏ ତେଲ ଟିକିଏ କାଲି ଆଣିଛି । ରାମ-ମା ଘର ନୂଆବୋହୂଟା ବଡ଼ କଳିହୁଡ଼ା । କାଲି ଆସିଲା, ଆଜି ଶାଶୁକୁ ଜବାବ ଦେଲାଣି । କମଳି କେବେ ଶାଶୁଘରକୁ ଯିବ । ସରସ୍ୱତୀ ଝିଅଟି ବଡ଼ ଭଲ, ରାନ୍ଧେ ଯେପରି ଲାଜସରମ ସେହିପରି ।

ପଦ୍ମ ପାଣିରେ ବସି ଦାନ୍ତ ଘଷୁ ଘଷୁ ଗୋଟିଏ କ୍ଷୁଦ୍ର ବକ୍ତୃତା ଆରମ୍ଭ କରିଅଛି । ସାରମର୍ମ—ତା ପରି ରାନ୍ଧୁଣୀ ଗ୍ରାମରେ ନାହାନ୍ତି, ଇତ୍ୟାଦି ଇତ୍ୟାଦି

Source: Author, Digitized by PPRACHIN, SOA

ଦରକାରୀ ବେଦରକାରୀ କଥାମାନ ଅବିଶ୍ରାନ୍ତ ଚାଲୁଅଛି । କେତେଜଣ ସୁନ୍ଦରୀ ମୁଖର ସୌନ୍ଦର୍ଯ୍ୟ ଆହୁରି ବଢ଼ାଇବା ନିମନ୍ତେ ପଣନ୍ତକାନିରେ ମୁହଁ ରଗଡ଼ୁଛନ୍ତି । ଲକ୍ଷ୍ମୀ ରଗଡ଼ି ରଗଡ଼ି ବର୍ଣ୍ଣିର (୧୧) ଉପର ନାକ ଦୁଇପୁଡ଼ା ରଙ୍ଗା କରିପକାଇଲାଣି । ବିମଳୀ ପାଣି ପାଖରେ ବସି ଆପଣା ହାତର ବାଇଶିପଲିଆ ପିତ୍ତଳ ବାହୁବଳା (୧୨) ଅଧବୋଟିଏ ବାଲି ପକାଇ ସବଳେ ମର୍ଦ୍ଦନ (୧୩) କରୁ କରୁ କୌଣସି ଅଜ୍ଞାତନାମା (୧୪) ଲୋକ ଉଦ୍ଦେଶ୍ୟରେ ଅଭିଧାନବହିର୍ଭୂତ ଶବ୍ଦମାନ ପ୍ରୟୋଗପୂର୍ବକ ଏକ ଦୀର୍ଘ ବକ୍ତୃତା ଆରମ୍ଭ କରିଅଛି । ଗଲା ରାତିରେ ତାହାର କଖାରୁଗଛ କାହାର ଗୋରୁ ଖାଇଯାଇଥିବା ବକ୍ତୃତାର ବିଷୟ ଅଟେ । ବିମଳୀ କ୍ରମଶଃ ଗୋ-ସ୍ୱାମୀର ଊର୍ଦ୍ଧ୍ୱତନ (୧୫) ଚଉଦପୁରୁଷ ପ୍ରତି କୁତ୍ସିତ-ପଦାର୍ଥବିଶେଷରେ ଖାଦ୍ୟର ବ୍ୟବସ୍ଥା କରି ଗୋରୁର ଅତ୍ୟାସକ୍ତତା, ଆପଣା ବାଡ଼ିର ଉର୍ବରତ୍ୱ ଏବଂ କୁଷ୍ମାଣ୍ଡ (୧୬) ବୃକ୍ଷର ତେଜସ୍ୱିତା ଓ ଭବିଷ୍ୟତ୍ ଫଳବତ୍ତା (୧୭) ଏବଂ ଯେତେଶୀଘ୍ର ଗୋ-ସ୍ୱାମୀ ଉପରେ ଘୋର ବିପଦ ପଡ଼ିଲେ ଗୋରୁଟିକୁ ସେ ବ୍ରାହ୍ମଣକୁ ଦାନସ୍ୱରୂପ ଦିଆଯିବ, ସେ ସମ୍ବନ୍ଧରେ ବିବିଧ ପ୍ରମାଣମାନ ପ୍ରୟୋଗ କରୁଅଛି । ଆମ୍ଭେମାନେ ଘାଟରୁ ଆହୁରି ମଧ୍ୟ ଅନେକ ସମ୍ବାଦ ସଂଗ୍ରହ କରିଥାନ୍ତୁ; ମାତ୍ର ହଠାତ୍ ମାରକଣ୍ଡିଆ ମା' ଆଉ ଯଶୋଦା ମଧ୍ୟରେ ଭୟଙ୍କର କଳି ଉପସ୍ଥିତ ହେବାରୁ ସମସ୍ତ କଥା ବନ୍ଦ ହୋଇଗଲା ।

ଯଶୋଦା ପାଣି ମଧ୍ୟରେ ପେଟ ବୁଡ଼ାଇ ଦାନ୍ତ ଘଷୁଥିଲା । ପାଞ୍ଚ-ବରଷିଆ ପିଲା ମାରକଣ୍ଡିଆ କୂଦକାଚ ପାଣି ଗୋଳିଆ କଲା ଏବଂ ଉପରେ ପାଣିଛିଟା ପକାଇବାରୁ ଯଶୋଦା ପାଣିରୁ ଉଠିପଡ଼ି ଚିତ୍କାର କରି କୁତ୍ସିତ ଭାଷାରେ ପିଲାଟାକୁ ଗାଳି ଦେବାକୁ ଲାଗିଲା ଏବଂ ତାହାର ପରମାୟୁର ଅଳ୍ପତା କାମନା କରିବାରୁ ମାରକଣ୍ଡିଆ-ମା ଧାଇଁଆସି ସମାନ ସ୍ୱରରେ ଉପଯୁକ୍ତ ଉତ୍ତର ଦେବାକୁ ଲାଗିଲା । ଅବଶେଷରେ ମାରକଣ୍ଡିଆ-ମା' ପରାସ୍ତ ହୋଇ ପିଲାକୁ ଚାପୁଡ଼ାଏ ମାରି, ପାଣି-କଳସୀ କାଖରେ ଧରି ବରବର ହୋଇ ମାରକଣ୍ଡିଆର ହସ୍ତଧାରଣପୂର୍ବକ ଗୃହାଭିମୁଖେ (୧୮) ଗମନ, ଭେଁ ଭେଁ କରି ଦାନ୍ତ ନିସିଡ଼ି ମାରକଣ୍ଡିଆର କ୍ରନ୍ଦନ, ଇତି ଯୁଦ୍ଧକାଣ୍ଡ ।

ବଜ୍ର ପଡ଼ିଥାଏ; କିନ୍ତୁ ଘଡ଼ଘଡ଼ି ଶବ୍ଦଟା ଆକାଶରେ ଡେର୍ ବେଳ ଯାଏ ରହେ । କଳି ଭାଙ୍ଗିଲାଣି, କିନ୍ତୁ ସମାଲୋଚନା ଅନେକ ବେଳଯାଏ ଚାଲିଲା । ଦରବୁଢ଼ୀ ଓ ବୁଢ଼ୀ ମାଇକିନିଅମାନେ ଦୁଇ ଦଳ ହୋଇ କେହି ମାରକଣ୍ଡିଆର, କେହି ଯଶୋଦାର ପକ୍ଷ ସମର୍ଥନ କରିବାକୁ ଲାଗିଲେ । ଆମ୍ଭେମାନେ କିନ୍ତୁ ସମ୍ପୂର୍ଣ୍ଣରୂପେ ଯଶୋଦାର ପକ୍ଷପାତୀ । ବିଶେଷ ବିବେଚନା ଏବଂ ସୂକ୍ଷ୍ମବିଚାର ଦ୍ୱାରା ବୁଝିଅଛୁଁ, ଉପସ୍ଥିତ ଉତ୍ପାତର ମୂଳ କାରଣ ମାରକଣ୍ଡିଆ । ସେ ସଂପୂର୍ଣ୍ଣରୂପେ

Source: Author, Digitized by PPRACHIN, SOA

ଦୋଷୀ; ତାହାର ଅପରାଧ ଅମାର୍ଜନୀୟ (୯) ତାହାକୁ ଆହୁରି ଗାଳିଦିଅ, ମାର କି ଯାହା କର, ଆମ୍ଭେମାନେ ସେଥିସକାଶେ ଜବାବଦେହି କରିବାକୁ ପ୍ରସ୍ତୁତ ଅଛୁଁ । ଦେଖନ୍ତୁ, ଜଳ ଲୋକମାନଙ୍କର ଜୀବନ, ପୁଣି ତନ୍ତୀଗୁଠ ଜଳ ସମସ୍ତେ ପିଅନ୍ତି । ସେ ଜଳକୁ ଘୋଳିଆ କରିବା କି ସାମାନ୍ୟ ଅପରାଧ ? ଦେଖ ତ ପଣେ କି ଛକୋଡ଼ି ମାଇକିନିଆ ଗାଧୋଇବାକୁ ଆସିଲେ । ତାସ୍ତ ସମସ୍ତେ ପେଟ ବୁଡ଼ାଇ ପାଣିରେ ବସି ଦାନ୍ତ ଘଷିଲେ । ନବଫେନ (୧୦) ଖଣ୍ଡବନ୍ତୁ ଶୁକ୍ଳବର୍ଣ୍ଣ ଛେପ ଖଙ୍କାର ସେମାନଙ୍କ ମୁଖରୁ ବାହାରି ଚାରିଆଡ଼େ ଭାସୁଅଛି । ଉପରନ୍ତୁ ଲୋହିତ ପାଟଳାଭ (୧୧) ଜିଭଚଞ୍ଛା ମଳି ମଧ୍ୟ ମେଞ୍ଚା ମେଞ୍ଚା ଭାସୁଅଛି । ସେଥି ସହିତ ଆଉ କଣ ଭାସୁଛି କି ନାହିଁ ବୋଲିଯାଇ ନ ପାରେ, କାରଣ ସମସ୍ତ ସ୍ତ୍ରୀଲୋକ ପଡ଼ିଆରୁ ଆସି ଜଳଶୌଚ କରିଅଛନ୍ତି । ଆଉ ଲୋକ କଥା ଛାଡ଼, ନିଜେ ଯଶୋଦା ସେହିପରି କରୁଥିବାର ତାକୁ ପଚାରିଲେ ସେ ଅସ୍ୱୀକାର କରିବ ନାହିଁ । ଏହା ତ ସନାତନ ପ୍ରଚଳିତ ପ୍ରଥା, ଅପଦ୍ଧରର କଥା ଯେ ଲୁଚାଇବୁ ? ଜଣେ ମସ୍କରା (୧୨) ଲୋକ କହୁଥିଲା, ମାଇକିନିଆମାନେ ପୋଖରୀରୁ ମାଠିଆରେ ଯେତେ ଜଳ ନିଅନ୍ତି, ତାହାର ପା ଭାଗ ଜଳ ଛାଡ଼ି ଯାଆନ୍ତି । ଏ କଥା ଠିକ୍ ସତ୍ୟ ହେଲେ ମଧ୍ୟ ଆମ୍ଭ-ମାନଙ୍କ ଚକ୍ଷୁର ଅଗୋଚର । କେତେ ଜଣ ଶୋଇବା ହେଁସ କାଚି ନେଇଗଲେ । ସାନ ସାନ ପିଲାଙ୍କ ଶେଯ କନ୍ଥା, ଆହୁରି ନାନାପ୍ରକାର କନାକତରା କାଚ ହେବାର ଦେଖାଗଲା । ସେ ଯାହାହେଉ, ସ୍ତ୍ରୀଲୋକମାନେ ଘାଟରେ ଏତେ କାର୍ଯ୍ୟ କଲେ ହେଁ ମାରକଣ୍ଡିଆ ପରି ନାଚକୁଦ କେହି କିଛି କାର୍ଯ୍ୟ କରିନାହିଁ । ନାଚକୁଦ ନ କଲେ କି ପାଣି ଘୋଳିଆ ହୁଏ ? ଏଥି ସକାଶେ ଆମ୍ଭେମାନେ ବୋଲୁଅଛୁଁ, ମାରକଣ୍ଡିଆର ଅପରାଧ ନିତାନ୍ତ ଉତ୍କଟ (୧୩) ଅଟେ ।

ତନ୍ତୀଗୁଠକୁ ଚାଳିଶ କଦମ ଛାଡ଼ି ସାଆନ୍ତଗୁଠ । ସକାଳଓଳି ଏ ଗୁଠକୁ କେହି ସ୍ତ୍ରୀଲୋକ ଯାଆନ୍ତି ନାହିଁ, ସଂପୂର୍ଣ୍ଣରୂପେ ପୁରୁଷମାନଙ୍କର ଦଖଲ । ବୈଶାଖ-ମାସିଆ ଦିନ, ବେଳ ଛ ଘଡ଼ି ନୋହୁଣୁ ଆକାଶରୁ ନିଆଁ ଛୁଟି ତାତି ପବନଟା ଦେହରେ ଝାଁ ଝାଁ ବାଜୁଅଛି । ବୃକ୍ଷ ତଳରୁ ଧୂଳି ଉଡ଼ି ମାଟିରେ ନିଆଁ ଲାଗି ଧୂଆଁ ଉଠିଲା ପରି ଜଣାଯାଉଛି । ଘାଟରେ ଲୋକ ପୂରିଗଲେଣି । ଅନ୍ଧାରପକ୍ଷ ପିଛିଲା ଜହ୍ନରାତି ଦିନ ପହରବେଳେ ଚଷାମାନେ ହଳ ଯୋଚିଦେଇଥିଲେ, ସମସ୍ତଙ୍କର ହଳ ଫିଟିଲାଣି । କେହି ଘରକାନ୍ଥରେ ଲଙ୍ଗଳ ଆଉଜାଇ ଦେଇ ତେଲ ଟିକିଏ ମୁଣ୍ଡରେ ପାଞ୍ଚଙ୍ଗୁଳିଆ କରି ଦେହରେ ବୋଳିହୋଇ ଆସିଅଛି; କାହା କାନ୍ଧରେ ଅର୍ଦ୍ଧଅଙ୍ଗୁଳ ମୋଟା ତୋଳଣିପକା ଗାମୁଛା, କେହି ନିର୍ଗାମୁଛା, କେତେଜଣ ବାହାରେ ବାହାରେ ବିଲରୁ ଆସି ଘାଟରେ ବଳଦ କାନ୍ଧରୁ ଯୁଆଳି ବାହାର କରି ରଖି ପାଣିରେ ପଶିଗଲେ ।

Source: Author, Digitized by PPRACHIN, SOA

କେତେ ହଳ ବଳଦ ପେଟେ ପେଟେ ପାଣି ପିଇ କୂଳରେ ଚରୁଛନ୍ତି । କେତେ ଜଣ ଶୁଖିଲା ଦାନ୍ତକାଠି ଚୋବାଇ ଚୋବାଇ ଆସି ପାଣିରେ ପଶି ଜିଭ ଛେଲି କୂଳକୁ ଦାନ୍ତକାଠି ଫୋପାଡ଼ିଦେଲେ । ତୁଠ ଦୁଇ ପାଖରେ ଅଧଶଗଡ଼େ ଶୁଖିଲା ଦାନ୍ତକାଠି ଜମା ହୋଇଅଛି । ପୁରୁଷ ଲୋକମାନେ ଯେ ତୁନି ତୁନି ଗାଧୁଆନ୍ତି ତାହା ନୁହେଁ, ମାଇକିନିଆମାନଙ୍କ ପରି ଢେର୍ କଥା କହନ୍ତି; ମାତ୍ର ସେହି ଏକରକମ କଥା, ସେହି ପୁରୁଣା କଥା; ସେଗୁଡ଼ାକ ଲେଖିଲେ କଣ ହେବ ? କଆ ଗସ୍ତରରେ କେତେ ପାଣି (୧୪) ବୃଷାସରିଲାଣି; ବରଚକ ଆଜି ଦୋହଡ଼ା (୧୫) ସରିଲା; ଗମା ବଡ଼ ଗସ୍ତରରେ ଅକ୍ଷିମୁଠି (୧୬) ପକାଇଲା; ଖ୍ରୀମା ବଳଦ ଚଞ୍ଚଳିଆ, ସାଆନ୍ତଘର ଧଳା ବଳଦ ଯୋଡ଼ାକ ବଳଦ ନୁହନ୍ତି ତ, ଯୋଡ଼ାଏ ହାତୀପିଲା; ମୁଁ କସରା ବଳଦଟା କିଣି ମୁଠାଏ ଟଙ୍କା ପାଣିରେ ପକାଇ ଦେଇଛି; ସାଆନ୍ତଘର କରଜ ଅମାର ଏହି ମାସରେ ଫିଟିବ; ଏହି ମାସ ପନ୍ଦର ଦିନରେ ଶ୍ରବଣା ପଶିବ, ନାହାକ କହୁଛି ଲଗାଣ (୧୭) ହବ । ଏସବୁ କଥା ସମସ୍ତଙ୍କୁ ଜଣା, ଅଧିକ କଣ ଲେଖିବୁ ?

ପରିଚ୍ଛେଦ-୧୩

ହିତୋପଦେଶ

ପ୍ରଥମା—ଆଉ ତ ଫସ୍‌ଫୁସ୍ ?
ଦ୍ୱିତୀୟା—ଉଠିବ ପରା ବାସ ।
ପ୍ରଥମା—ହେଉ କି ବାସ ?
ଦ୍ୱିତୀୟା—ସର୍ବନାଶ ।

ଏ କଅଣରେ ବାପା ! ତନ୍ତୀତୁଠରେ କଅଣ ତ । ସଞ୍ଜୁଣୀ ଗାଧୁଆବେଳ ଗଡ଼ିଗଲାଣି, ତନ୍ତୀତୁଠରେ ଦୁଇଟି ଦରବୁଢ଼ୀ ଦଶ ଦଶ ହାତ ଗୁଡ଼ି ବସି ଦାନ୍ତ ଘଷୁ ଘଷୁ ଏ କଥାଗୁଡ଼ାକ କହି ପରସ୍ପର ମୁହଁକୁ ଚାହିଁ-ଚାହିଁ ହେଲେ, ମୁରୁକି ମୁରୁକି ହସି ପୁଣି ତରତର ପରି ତୁନିହେଲେ ।

ତୁମ୍ଭେ ପାଟିକରି କଥା କହ, ସେଥିରେ କେହି ମନ ଦେବେ ନାହିଁ; ନିହାତି ପାଖଲୋକ ମଧ୍ୟ ନ ଶୁଣିଲାପରି ରହିବେ । କିନ୍ତୁ ଦୁଇଜଣ ଫସ୍‌ଫୁସ୍ ହେଉଛନ୍ତି,

Source: Author, Digitized by PPRACHIN, SOA

ଲୋକଙ୍କ ମନ ଦେଖ ସେଇଠାରେ, କଥାଟା ଶୁଣିବାପାଇଁ ସମସ୍ତଙ୍କ ମନ ଗୁଡ଼େଇ-ଫୁଡ଼େଇ ହେଉଥାଏ । ବାସ୍ତବିକ ସାନ ମଞ୍ଜି ଭିତରେ ବଡ଼ ଗଛ ଲୁଚିରହିଲା ପରି ଗୁଜ କଥା ମଧ୍ୟରେ କେବେ କେବେ ଖୁବ କାରଖାନା ଥାଏ । ଗୁଠରେ ତ ଆଉ କେହି ନାହିଁ, ଦଚବୁଢ଼ୀ ଦୁଇଟି କ ସକାଶେ ଗୁଜ-ଗୁଜ ଇସାରାରେ (୧) ଏପରି କଥା କହିଲେ, ପୁଣି ଡରଯାଇ ଗୁଜହେଲେ ?

ତନ୍ତୀଗୁଠର ପାଣି-ଗଡ଼ନ୍ତ ଡାହାଣହାତ ଅଧାଅଧି ବାଟକୁ କୋଡ଼ଏହାତ ଅନ୍ଦାଜ ଗୁଡ଼ ଜାଉଁଲ ବର-ଅଶ୍ୱତ୍ଥ ଗଛ ଲଗାଲଗି ହୋଇ ରହିଛି । ଗଛଦୁଇଟି ଅଧ:ଭଲଆ ଥାକୁଲଥୁକୁଲ, ପୁଣି ସେଥିରେ କଅଁଳପତ୍ର ଲାଉହୋଇଅଛି । ଘାଟପାଖ ବାଟ ପାଖରେ ବର-ଅଶ୍ୱତ୍ଥ ବାହା କରାଇଦେଲେ କନ୍ୟାଦାନର ଫଳ ମିଳେ । ହିନ୍ଦୁମାନଙ୍କର ଏହି ସଂସ୍କାରର ଚିହ୍ନ ଅନେକ ସ୍ଥାନରେ ଦେଖାଯାଏ । ମାଇକିନିଆ ଦୁଇଟି କଥା କହୁ କହୁ ସେହି ଗଛମୂଳକୁ ଦୁଇ ଚାରିଥର ଅନାଇଥିଲେ । ଏବେ କଥା କାହିଁ ଯାଏ ? ଚୋର ତ ଅନ୍ଧାର ଗାତରେ ଖୁବ୍ ହୁସିଆରରେ ଚୋରି କରେ; ଜେଲଖାନାକୁ ଏତେ କଏଦୀ କାହୁଁ ଆସିଲେ ? ବୁଦ୍ଧିମାନ ହୁସିଆର ଗୋଇନ୍ଦା ଆଖିରେ ଧୂଳି ପକାଇବା ସହଜ କଥା ନୁହେଁ । ଅବଶ୍ୟ ଗଛମୂଳର ପଦାର୍ଥବିଶେଷ ସହିତ ଏମାନଙ୍କ କଥାର ଘନିଷ୍ଠ ସମ୍ବନ୍ଧ ଅଛି । ଠିକ୍ ! ଆମ୍ଭମାନଙ୍କ ଅନୁମାନ ସମ୍ପୂର୍ଣ୍ଣ ଠିକ୍ । ଖିଅମୁଣ୍ଡଟି ହାତରେ ପଡ଼ିଲେ ବୁଦ୍ଧିମାନ ତନ୍ତୀ ଯେମନ୍ତ ବେଢ଼ାଏ ସୂତା ସଳଖେ ସଳଖେ ଟାଣିଆଣେ, ଅମ୍ଭମାନଙ୍କ ସେହିପରି ବୁଦ୍ଧିମାନ ଜାଣିବ । ଟିକିଏ ସବୁର (୨) ଦେଇ ସବୁ କଥା ଅମ୍ଭମାନଙ୍କଠାରୁ ଶୁଣିଯାଅ ।

ଯାଉଁଳଗଛ ଉହାଡ଼ରେ ଦୁଇଟି ସ୍ତ୍ରୀ ବସି କଣ କୁହାକୁହି ହେଉଛନ୍ତି । ମଲା ଯା ! ଏମାନଙ୍କୁ ଯେ ଆମ୍ଭେମାନେ ଭଲକରି ଚିହ୍ନୁ । ଅସମୟରେ ଅସ୍ଥାନରେ ଏମାନେ ବସି କଣ କହୁଛନ୍ତି ? ମିଳନଟା ମଧ୍ୟ ଖୁବ ଚମତ୍କାର ରକମର । ଗୋଟିଏ ଧୂର୍ତ୍ତା (୩) ନଷ୍ଟପ୍ରକୃତି ଶୃଗାଳୀ, ଆଉ ଗୋଟିଏ ଠିକ୍ ବିପଦ୍‌ଗ୍ରସ୍ତ—ନିତାନ୍ତ ନିରୀହ ମେଣ୍ଢୀ । ଦୁହିଁଙ୍କ ମଧ୍ୟରୁ ଜଣେ ନାକବସଣି ଟେକି ସାପୁଣୀ ଫଣା ଟେକି ସାବଧାନତା ସହିତ ଅନାଇଲାପରି ଚାରିଆଡ଼କୁ ଅନାଇ ଅନର୍ଗଳ ବକ୍ତୃତା ଉଜାଡ଼ି ପକାଉଅଛି । ଦ୍ୱିତୀୟାର ପାଖରେ ପାଣିମାଠିଆଟି ଥୁଆ, ଡାହାଣ ହାତରେ ଡାଳୁକାଠି ଖଣ୍ଡିଏ ମୁଠା, କପାଳଯାଏଁ ଓଢ଼ଣାଟଣା । ଗୋଟାଏ ଉତ୍କଟ ଶବ୍ଦ ଶୁଣିଲେ ମେଣ୍ଢୀ ଯେପରି ସେହି ଦିଗକୁ ଚାହିଁକା ହୋଇ ଶୁଣିରହିଥାଏ, ସେହିପରି ସେହି ସ୍ତ୍ରୀଟି 'ସ୍ଥିର ମନ, ଧୀର ବୁଦ୍ଧି, ପଞ୍ଚଭୂତ ଅସ୍ମା ଦୋରସ୍ତ, ନିର୍ମଳ ହୃଦ-କମଳ'ରେ ଶୁକଦେବଙ୍କ ମୁଖରୁ ପଞ୍ଚଶିତ ପୁରାଣ ଶୁଣିଲା ପରି ବାକ୍ୟାବଳୀ ଶ୍ରବଣ କରୁଅଛି । ମାତ୍ର ସେଗୁଡ଼ିକ ତାହା ମସ୍ତକଭଣ୍ଡାରରେ ସଞ୍ଚିତ ହେଉଅଛି କି ଆଉ

Source: Author, Digitized by PPRACHIN, SOA

ଜାନବାରେଁ ସଲଖେ ସଳଖେ ବାହ୍ୱାଳଯାଉଅଛୁ, ତାହାର ସ୍ଥିରତା ବୋଲିବାକୁ ଆମ୍ଭେମାନେ ନିତାନ୍ତ ଅକ୍ଷମ ।

ଆପଣ ଅବଶ୍ୟ ସେମାନଙ୍କ କଥା ଶୁଣିବାକୁ ଇଚ୍ଛା କରିବେ, ସନ୍ଦେହ ନାସ୍ତି । ଜଣେ ମରୁଆଳି କହିଥିଲି—

"ସଂସାର ବିଷବୃକ୍ଷସ୍ୟ ମଦ୍ୟମାଂସାମୃତ ଫଳଂ ।"

ଅର୍ଥାତ୍ ସଂସାରରୂପ ବିଷବୃକ୍ଷରେ ମଦ୍ୟ, ମାଂସ ଏହି ଦୁଇଟି ଅମୃତ ଫଳ ଫଳିଅଛି । ଏ କଥା ଶୁଣି ବୃଦ୍ଧ ମନୁ ବୋଇଲେ—

"ନ ମାଂସଭକ୍ଷଣେ ଦୋଷ ନ ମଦ୍ୟେ···
ପ୍ରବୃତ୍ତିରେଷା ଭୂତାନାଂ···"

ଅର୍ଥାତ୍ ଭୂତମାନେ ବା ଭୂତପଣ ଲୋକମାନେ ଏପରି କଥା କହନ୍ତି । ଠିକ୍ କଥା—'ବୃଦ୍ଧସ୍ୟ ବଚନଂ ଗ୍ରାହ୍ୟଂ' ମାତ୍ର ସଂସାରରୂପ ବିଷବୃକ୍ଷରେ ଯେ ଦୁଇଗୋଟି ଅମୃତ ଫଳ ଫଳିଅଛି, ଏ କଥା ଠିକ୍ ସତ୍ୟ । ତାହାଲେ କଏ ? କେବଳ ଆମ୍ଭମାନଙ୍କୁ ସେ ଫଳ ଦୁଇଟି ଜଣା 'ପରୋପକାରଂ ସ୍ୱର୍ଗାୟ' । ପରର ଉପକାର କରିବା ହେଉଛି ଆମ୍ଭମାନଙ୍କର ବ୍ରତ । ଆପଣମାନଙ୍କର ଉପକାର ସାଧନ ନିମନ୍ତେ ସେହି ଫଳ ଦୁଇଟିର ନାମ ପ୍ରକାଶ କରୁଅଛୁ । ଗୋଟିଏ ଫଳର ନାମ ଗୁହ୍ୟକଥା ଶୁଣିବାକୁ ଇଚ୍ଛା, ଆଉ ଗୋଟିକର ନାମ ପରନିନ୍ଦା । ତୁମ୍ଭେ କାହାରି ଘରର ଗୁପ୍ତ ଛିଦ୍ରକଥା (୪) କହ କି କାହାର ନିନ୍ଦା କରି କହ ଦେଖିବ ଲୋକମାନେ ଖୁବ୍ ଆନନ୍ଦରେ ମନଦେଇ ଶୁଣିବେ । ବୁଝିବା ହେଲେଟି କି ? ଫଳର ମାହାତ୍ମ୍ୟ ନ ଥିଲେ କି ତାହାର ଏଡ଼େ ଆନନ୍ଦ ହୁଅନ୍ତା ?

ଆମ୍ଭେମାନେ କଣ ଲେଖିବାକୁ ଯାଇ କଣ ଲେଖିପକାଉଛୁ । ଯେତେ ବେଗରେ ଆହୁରି ଭିଡ଼, ପାଣିସୁଅଟା ନାଆକୁ ଲକ୍ଷ୍ୟ ସ୍ଥାନରୁ ଦୂରକୁ ଟାଣିନିଏ; ମାତ୍ର ଟାଣୁଆ ନାଉରି ମଙ୍ଗ ଛାଡ଼େ ନାହିଁ । ଆମ୍ଭମାନଙ୍କ କଲମ ଏଣେତେଣେ ଯାଉଅଛି ସତ୍ୟ; ମାତ୍ର ମୂଳକଥାଟା ହଲଚଲ ହୋଇପାରିବ ନାହିଁ, କଥାଟା ଦାଣ୍ଡେ ଦାଣ୍ଡେ ବୁଲୁଥିବ ।

ସେ କଥା ଯାଉ, ଆପଣଙ୍କୁ ଆଉ ସନ୍ଦେହରେ ପକାଇ ରଖିବା ଉଚିତ ନୁହେଁ । ଏ ଦୁଇଟି ସ୍ତ୍ରୀଲୋକ କଏ, କି କି କଥା କହୁଅଛନ୍ତି, ସବୁ ଖୋଲସା (୫) କରି କହିଦେବା ଉଚିତ । କୌଣସି କୌଣସି ଲୋକ ଗୋଟିଏ କଥା କହିବା ଆଗରୁ ଅନେକ ମୁଖବନ୍ଧ, ଅନେକ ବକ୍ତୃତା କରି ବସନ୍ତି । ମାତ୍ର ଆମ୍ଭମାନଙ୍କର ସ୍ୱଭାବ ଏହାର ସଂପୂର୍ଣ୍ଣ ବିପରୀତ । ବୋଲିବାର ପରିଷ୍କାର କରି ଝଟପଟ କହିପକାଉ । ଆଉ ଅନେକ ଲୋକ ଭୟରେ ଅନେକ କଥା ଲୁଚାନ୍ତି କମ୍ପା କହୁ କହୁ କଣ କହି-

Source: Author, Digitized by PPRACHIN, SOA

ପଳାନ୍ତି । ଏହି ଦେଖନ୍ତୁ ନା, ପରବୃତ୍ତୀ ମାଇକିନିଆ ଦୁଇଟି ଇସାବରେ କହୁ କହୁ ଲୁକ ହୋଇଗଲେ । ମାତ୍ର ଚନ୍ଦ୍ରାଣୀ ମାଇକିନିଆମାନଙ୍କଠାରୁ ଆମ୍ଭମାନଙ୍କର ସାହସ ଖୁବ୍ ବେଶି; ଯାର ପର ସବୁକଥା କହିଯିବୁ । ଆଉ ଗୋଟିଏ କଥା କିଏ ଜାଣନ୍ତି ? ଆମ୍ଭଭଳିଆ ଲୋକ ତଳାପାଳ୍ପଲେ ମଧ୍ୟ କେହି ଶୁଣିବାକୁ ନାହିଁ; କିନ୍ତୁ କେହି ପ୍ରଧାନ ଲୋକ ଆଁ କରଦେଲେ ଦେଖିବେ ଦୁଇଶହ ଲୋକ ତାଙ୍କ ପାଟିକି ଅନାଇ ରହିବେ । ବଳାତର ଲୋକେ ପ୍ରଧାନ ପ୍ରଧାନ ଲୋକଙ୍କ କଥା ଶୁଣିବାପାଇଁ ଅଣ୍ଟାରେ ପଇସା ଖୋସି ବସିଛନ୍ତି । ଗଛମୂଳିଆ ସ୍ତ୍ରୀଲୋକ ଦୁଇଟି ଗ୍ରାମରେ ସୁବିଖ୍ୟାତ । ଆପଣ ମଧ୍ୟ ସେମାନଙ୍କୁ ଭଲକରି ଚହ୍ନନ୍ତି । ମନୁଷ୍ୟମାନେ ରୂପରେ ନୁହେଁ; ଗୁଣରେ ସିନା ଚହ୍ନାଯାନ୍ତି । ଭଲ ହେଉ ବା ମନ୍ଦ ହେଉ ସାଧାରଣର କଣ୍ଠରୁ (୭) ଯାହାର ଗୁଣ ବେଶି, ସେ ତେତେ ବିଖ୍ୟାତ । ଗୋବିନ୍ଦପୁର ଗ୍ରାମରେ ଓଣା ଅଧିକ କାହାଣେ ମାଇକିନିଆ ଅଛନ୍ତି, ସେମାନଙ୍କ ମଧ୍ୟରେ ଏ ଦୁଇଟି ବଡ଼ । ଗୋଟିଏ ଚତୁରତା ଓ ଧୂର୍ତ୍ତତାରେ, ଆଉ ଗୋଟିଏ ସରଳତା ଓ ନିର୍ବୋଧତାରେ । ଦୁଇଟି ବିଖ୍ୟାତ ସ୍ତ୍ରୀଲୋକ, ପୁଣି ଗୁପ୍ତକଥା, ଆପଣ କି ନ ଶୁଣି ରହିବେ ? ସେଥିସକାଶେ ଲେଖିବାକୁ ବସିଅଛୁ ।

ଆମ୍ଭେମାନେ ବହୁତ ପରିଶ୍ରମ ବହୁ ଯତ୍ନ କରି ସେମାନଙ୍କ କଥା ସଂଗ୍ରହ କରିଅଛୁଁ । ଗୋଟିଏ ସ୍ତ୍ରୀ ଖୁବ ଏକ ଲମ୍ବା ବକ୍ତୃତା କରିଥିଲା । ଆପଣ କେତେ-ଗୁଡ଼ାଏ କଥା ଶୁଣିବାକୁ ଅସୁଖ ପାଇବେ, ଲମ୍ବା କଥା ଲେଖିବାରେ ଆମ୍ଭେମାନେ ମଧ୍ୟ ଅନଭ୍ୟସ୍ତ (୭) । ତାହାର ସାରମର୍ମ ଲେଖୁଅଛୁଁ ।

"ଦେଖ, ସାରିଆ—ବୁଢ଼ୀମଙ୍ଗଳା ସବୁର ମୂଳ, ତାଙ୍କ ଆଜ୍ଞାରେ ପୃଥିବୀ ଚଳୁଚି, ସଂସାର ଆତଯାତ ହେଉଚି, ତାଙ୍କ ଅଜ୍ଞା କି ଅନାସ୍ଥା (୮) ହେବ ? କେତେ ବାରବରତ କରି ଦେବୀଙ୍କ ଅଜ୍ଞା ପାଇଚି; ତୁମର ଖୁବ୍ ଭାଗ୍ୟ । ଏଡ଼େ ଭାଗ୍ୟ କାହିଁ ଦେଖିବାର ନାହିଁ ପରା । ଏକା ସାଆନ୍ତଙ୍କ ଘର ଉପରେ ଦୟା ଥିଲା; ଏବେ ତମ ଉପରେ ହେଲା । ତମେ ମଙ୍ଗଳାଙ୍କ ମନ୍ଦିରଟା ବନାଇ ଦିଅ ତ, ଦେଖିବ ତମ ଘର ଲକ୍ଷ୍ମୀଭଣ୍ଡାର ହୋଇଯିବ । ଘଣ ଘଣ, କାହାଣ କାହାଣ ଟଙ୍କା କାହୁଁ ଆସି ଘରେ ପଶିବ; ଧାଡ଼ ଧାଡ଼ ଧାନମରେଇ ବସିଯିବ । ଭଗବାନ କି ଆଉ ତନ୍ତ ବୁଣିବ ? ତମ ପଛରେ ଦଶଜଣ ପୋଇଲି ଗୋଡ଼ାଇବେ । ତମେ ମଙ୍ଗଳାଙ୍କ ଆଜ୍ଞା ମାନ; ଯେପରି ହେଉ ମନ୍ଦିରଟା ବନାଇଦିଅ । ଟଙ୍କା ସକାଶେ ଭାବନା କଣ ଅଛି ? ମଙ୍ଗଳାଙ୍କ ନାଁ ଶୁଣିଲେ ଟଙ୍କା କିଏ ନ ଦେବ ? ଆଉ କୁଆଡ଼େ କିଁଆ ଖୋଜିବ ? ମଙ୍ଗରାଜଙ୍କ କାନରେ ପଡ଼ିଲେ ରାତିଅଧରେ ଟଙ୍କା ଗଣିଦେବେ, ସେ କଥାରେ ମୁଁ ଲଗା ହେଲି, ମୁଁ ଟଙ୍କା ଆଣିଦେବି, ତୁମକୁ କିଛି କରିବାକୁ ହେବ ନାହିଁ । ବେଶି ଟଙ୍କା ଲୋଡ଼ା ନାହିଁ, ଦେଢ଼ଶ ଟଙ୍କା ହେଲେ ଖୁବ୍ ଗୋଟାଏ ବଡ଼ ମନ୍ଦିର

Source: Author, Digitized by PPRACHIN, SOA

ହୋଇଯିବ । କେନ୍ଦ୍ରାପଡ଼ାରେ ଯେ ବଳଦେବଙ୍କ ମନ୍ଦିର ଅଛୁ, ଠିକ୍ ତେଣିକି ଉଆ, ତେଣିକି ଚଉଡ଼ା ହେବ । ତମ ଛ'ମାଣ ଆଠଗୁଣ୍ଠ ଜମି କଣ୍ଟା ଲେଖିଦେବ (୯), ମୁଁ ଟଙ୍କା ଆଣିଦେବ । ତୁମ ଜମି ତ କେହି ଯେନିଯିବ ନାହିଁ, ଯେଉଁଠା ଜମି ସେହିଠାରେ ରହିବ, କେବଳ ଗୁଜା (୧୦)ରେ ଲେଖାଯିବ । ମନ୍ଦିର ବନା ସରିଲେ ତ ତମେ କେତେ ଲୋକଙ୍କୁ ଟଙ୍କା ଦବ । ମା ମଙ୍ଗଳା କଛୁ ସଙ୍କଳ୍ପ ଦେଇଥିବେ; ନଶ୍ଚେ ଦେଇଥିବେ । ସେ ପ୍ରଥମେ ସଙ୍କଳ୍ପପର ଗୋଟିଏ ସୁନା ଟଙ୍କା ଦଥନ୍ତି, ସେ କ ରୁପା ଟଙ୍କା ଦେବେ ?"

ବକ୍ତାଳାଗଣୀର କଥା ଯେ ସାରଥି ହୃଦୟଙ୍ଗମ କରିପାରିଲ, ଏହା ଆମ୍ଭେମାନେ ବଶ୍ୱାସ କରିପାରୁନାହୁଁ । ସେ ବଲବଲ କର ଗୁହିଁ ରହିଥାଏ । ପଣ ପଣ ଟଙ୍କା, ଦେଢ଼ଶହ ଟଙ୍କା । ଦେଢ଼ଶ ଟଙ୍କାର ଅର୍ଥ ବୁଝିବା ତାହା ପକ୍ଷରେ କ ସହଜ କଥା ? ଟଙ୍କାକର ପଇସା ଗଣିବାକୁ ହେଲେ ସାରଥି ଗାଁକୁ ବାହାରେ ନାହିଁ, ଭଗିଆ ଆଉ ସେ ଦୁଇ ଜଣ କବାଟ କଲଦେଇ ଦୁଇ ଦନ ଘଣ୍ଟା ମଧ୍ୟରେ ଗଣିକର ଠିକ୍ କରନ୍ତି । ଯେଉଁ ଦନ ପାଞ୍ଚସୁକା କ ଅଠରଅଣାର ଲୁଗା ବକି ହୁଏ, ସେଦନ ତାହା ଭାଇ ଲୋକନାଥିଆ ପାଖରୁ ଗଣାଇ ଆଣେ । ଆଉ ତାହା ଘରେ ପାଞ୍ଚ ଛ ଜଣ ପୋଇନ୍ଦି ପଶିବେ ଏହା ବପଦ କ ସମ୍ପଦ ! ମହା ମୁସ୍କିଲ ! ଭଗିଆ ପାଖରେ ନାହିଁ, କରେ କ'ଣ ? ପଳାଇ ପାରିଲେ ରକ୍ଷା । ସାରଥି ଗୋଟାଏ ଦୀର୍ଘନଶ୍ୱାସ ପକାଇ ଥରେ ପାଣିମାଠିଆକୁ ଅନାଇ—"ଚମ୍ପା ସାଆନ୍ତାଣୀ"—ଏତକ କହି ତୁନିହେଲ, ଆଉ କଛୁ କହିପାରିଲ ନାହିଁ । ମାଙ୍କ ଧୂର୍ତ୍ତା ଚତୁର ଚମ୍ପାର କଛୁ ବୁଝିବାକୁ ବାକ ରହିଲା ନାହିଁ । ତାର ମନ୍ତ୍ର ଯେ କଛୁ କାଟ କଲ ନାହିଁ ତାହା ସେ ବେଶ ବୁଝିନେଲା । ପୁଣି ଶିକାର ହାତରୁ ପଳାଇବା ସକାଶେ ଛଟପଟ ହେଲଣି । ତେର୍ ଦନ ଖୋଜ ଖୋଜ ବଗୁଲ୍ଲ ଇଲଶି ଧରିଅଛୁ, ତାହା ଦାଢ଼ରୁ କ ସହଜେ ପଳାଇବ ? ମନ୍ତ୍ର ବଦଳାଇବା ଦରକାର ।

ଚମ୍ପା—"ଦେଖ, ସାରଥି, ଟଙ୍କାରେ କ'ଣ ଅଛୁ, ସୁନାରେ କ'ଣ ଅଛୁ ? ଟଙ୍କା-ସୁନାରେ କେହି ସ୍ୱର୍ଗକୁ ଯାଏ ନାହିଁ । ମୂଳକଥା ପିଲାଝିଲା । ଯେଉଁ ଘରେ ପିଲା ନାହିଁ, ସେ ଘର ତ ଦନ ଦପହରେ ଅନ୍ଧାର । ବାଞ୍ଝ (୧୧) ବରଡ଼ୀ (୧୨) ହେବା ଊଣା ପାପ ? ସାଆନ୍ତଙ୍କ ଘରେ ବେଳ ପୁରାଣ ହୁଏ, ମୁଁ ଶୁଣେ । ସେଦନ ଗୋସାଇଁ ପୋଥିରେ ଗାଇଲେ—

"ଯାହାର ପିଲାଝିଲା ନାହିଁ,
ସକାଳୁ ତା ମୁହଁ ଚୁହିଁବ ନାହିଁ ।

Source: Author, Digitized by PPRACHIN, SOA

ତନପୁଅଥିବା ସୁଲକ୍ଷଣୀ
ବାଞ୍ଝ ବରଡ଼ୀ ଗାଁ ନଉଛୁଣୀ ।
ଯାହାର ଘରେ ପୁଅଝିଅ ନ ଥାଏ,
ସେ ମାଇକନିଆ ବଡ଼ ଦୁଃଖ ପାଏ ।”

ଭାଗବତ ପାଠ କ’ଣ ମିଛ ? ମାହାଲିଆକୁ ସମସ୍ତେ ଗାଳିକୁ ମୁଣ୍ଡିଆ ମାରୁଛନ୍ତି ? ଆଉ ତମେ ଦେଖିବଟି, ବଡ଼ସକାଳୁ ତମ ଦୁଆରବାଟେ କେହି ଲୋକ ଚାଲନ୍ତି ନାହିଁ । କିଆଁ ଚାଲନ୍ତି ନାହିଁ ? ତମ ମୁହଁ ଦେଖିବେ ନାହିଁ, ବୋଲି । ତମେ ଶୁଣିଥିବ, ଆମ ସାଆନ୍ତାଣୀ ପ୍ରଥମେ ବାଞ୍ଝ ଥିଲେ । ଦିନ ଘଡ଼ିଏଯାଏ ଆମ୍ଭେମାନେ ତାଙ୍କ ମୁହଁ ଚାହୁଁ ନ ଥିଲୁ ପରା ! ସାଆନ୍ତାଣୀ କାନ୍ଦି କାନ୍ଦି ମଙ୍ଗଳାଙ୍କୁ ପୂଜା ଦେଲେ । ଦେବୀଙ୍କର ତମ ଉପରେ ଯେପରି ଦୟା ହେଲା, ସେହିପରି ତାଙ୍କୁ ଦୟା ହେଲା । ଏବେ ଦେଖ, ନାତି-ନାତୁଣୀ ଦେଖିବାକୁ ବସିଲେଣି ।”

ସାରିଆ ଚାହିଁ ସ୍ୱପ୍ନ ଦେଖୁଅଛି । କଥା ସବୁ ଶୁଣି ତା କାନ ଝାଁ-ଝାଁ ଡାକିଲାଣି । ପଳାଇବାକୁ ଇଚ୍ଛା, ବାଟ ନାହିଁ । ଚରଣ୍ଡ଼ ମୂଷା ବେକ ମାଡ଼ି ବସିଅଛି । ଦୁଇ ଆଖିରେ ପାଣି ଟଳଟଳ କରୁଅଛି । କଥା କହିବାକୁ ଇଚ୍ଛା, ପାଟି ଫିଟୁ-ନାହିଁ । ବହୁତ କଷ୍ଟରେ ପାଟି ଫିଟିଲା ।

ସାରିଆ—“ମୁଁ କ’ଣ କରିବ ? ଲୋକେ କହୁଛନ୍ତି, ସାଆନ୍ତେ ଜମି କଣ୍ଟା ନେଇଗଲେ ଫେରାଇ ଦିଅନ୍ତି ନାହିଁ ।”

ଚମ୍ପା—“ରାମ ! ରାମ ! ରାମ ! ଏ କି କଥା କହିଲ ? ମଙ୍ଗଳବାମକୁ ଟଙ୍କା ଦେବେ, ତମ ଜମି ନେବେ ? ସେ ଗାଁ ଲୋକଙ୍କ କଥା ଶୁଣୁଛ କିଆଁ ? ଏ ଗୋବିନ୍ଦପୁର ଗାଁଟା ପୃଥୀର ନଉଛୁଣୀ । ଏ ଗାଁ ମାଇକନିଆଏ ଦିନ ଦିପହରେ ବୁଡ଼ାଇ ମାରିବେ ପରା ! ତମ ସୁଖ ଦେଖି ସେମାନେ ହାଉଁପାଉଁ ହେଉଛନ୍ତି । ଏ ଗାଁରେ ଶାଗଖିଆକୁ ପେଜଖିଆ ଦେଖିପାରେ ନାହିଁ । ତମେ କାହାର ପାଖରେ କିଛି କହିବ ନାହିଁ । ଆହୁରି ଦେଖ, ଠାକୁରାଣୀଙ୍କ ଆଜ୍ଞା ନ ମାନିଲେ ଆଖି ଫୁଟିଯାଏ, କାନକୁ ଶୁଭେ ନାହିଁ, ଲୋକେ ମରିଯାନ୍ତି । ଗୋପୀନାଥପୁରର ତିନିଜଣ ମାଇକନିଆ ଠାକୁରାଣୀଙ୍କ କଥା ନ ମାନିବାରୁ ଏକାବେଳକେ ରାଣ୍ଡି ହୋଇଗଲେ, ଏ କଥା ଶୁଣିନାହିଁ ?”

ସାରିଆ ନିଶ୍ୱଳ କାଠପିତୁଳାଟି ପରି ବସି ସବୁ କଥା ଶୁଣୁଥିଲା । ଶେଷ କଥାଟା ଶୁଣି ଆଉ ସମ୍ଭାଳି ପାରିଲା ନାହିଁ, କାନ୍ଦିପକାଇଲା । କହିଁକହିଁ ହୋଇ କହିଲା, “ମୁଁ ଜ’ଣ କରିବ ? ଚମ୍ପା ସାଆନ୍ତାଣୀ, ମୁଁ କ’ଣ କରିବ ?”

Source: Author, Digitized by PPRACHIN, SOA

ଚତୁର ଚମ୍ପା ଏତେବେଳେ ସାଉଆର ମନକଥା ବେଶ୍ ବୁଝିନେଲା । ମନ୍ତ୍ର କାଟ କରିଥିବାର ଜାଣି ମନ ମଧ୍ୟରେ ଖୁବ୍ ଖୁସିଟାଏ ହୋଇ କହିଲା, "ଦେଖ ସାଉଆ, ତମର କିଛି ଡର ନାହିଁ । ତମକୁ କିଛି କରିବାକୁ ହବ ନାହିଁ, ମୁଁ ସବୁ କରିଦେବି ।"

ସାଉଆ—"ନାହିଁ ନାହିଁ, ମୋର କିଛି ଲୋଡ଼ା ନାହିଁ, ସେ ଭଲ ଆଛନ୍ତି ।"

ଚମ୍ପା—"କିଛି ଡର ନାହିଁ, ଭଗବାନ ଗୋଡ଼ରେ କଣ୍ଟା ବାଜିବ ନାହିଁ ।" ଚମ୍ପା ଦଧିବାମନ ଧଣ୍ଡା (୧୩) ଓ ମୂର୍ତ୍ତିଏ ରସକୋଷ ମହାରଦ ସାଉଆ ହାତରେ ଦେଇ କହିଲା, "ଦେଖ ସାଉଆ ! ଏହି ଧଣ୍ଡା, ଏହି ମହାରଦ ସାକ୍ଷୀ ରହିଲେ, ମୁଁ ତୁମର ସବୁ ଭଲ କରିଦେବି, ତମର ଧନ ପୁଅ ହେବ, ଆଉ ଭଗବାନର କୋଟିଏ ଆୟୁଷ ହେବ, କିଛି ଚିନ୍ତା ନାହିଁ ।"

ସାଉଆ—"ମୁଁ କଣ କରିବି ? ଚମ୍ପା ସାଆନ୍ତାଣି, ମୁଁ କଣ କରିବି ।"

ଚମ୍ପା—"ତୁମକୁ କିଛି କରିବାକୁ ହେବ ନାହିଁ । ଆଜି ସନ୍ଧ୍ୟାବେଳେ ଭଗବାନ ଓ ତମେ ଦୁଇଜଣ ଏଠିକି ଆସିବ; ଯାହା କରିବାକୁ ହେବ ମୁଁ କରିଦେବି । ଆଉ ମଙ୍ଗଳାବରତ ଧରିଲେ ଯେତେବେଳେ ଯାଏ ମଙ୍ଗଳାଙ୍କ କାମ ନ ହୋଇଛି, ଦୁଇଜଣ ସିନାନ (୧୪) କରି ଉପାସ ରହିଥିବ, ଖାଲି ଅଳପ ଅଳପ ଚୂଡ଼ା ଖାଇବ । ତମେମାନେ ବରତ କଥା ଜାଣନାହିଁ; ସେଥିପାଇଁ ସବୁ କହୁଚି ।"

ତାହାବାଦ୍ ସାଉଆ ଧୀରେ ଧୀରେ ଗାଧି ମଧ୍ୟକୁ ଗାଧୋଇବାକୁ ଗଲା । ଚମ୍ପା କେତେବେଳଯାଏ ଗଛ ମୂଳରେ ଠିଆ ହୋଇ ସୁରଆଡ଼କୁ ଅନାଇଁ ସନ୍ତୁଷ୍ଟ ଚିତ୍ତରେ ସାଆନ୍ତଙ୍କ ଉଆସ ଆଡ଼କୁ ଚାଲିଗଲା ।

ଆମ୍ଭେମାନେ ଗୁପ୍ତଭାବରେ ଅନୁସନ୍ଧାନ କରି ସମ୍ବାଦ ପାଇଅଛୁ, ସେଦିନ ଅଧରାତିଯାଏ ସାଉଆ ଉଆସ ମଧ୍ୟରେ ଥିଲା, ଭଗବାନ କଚେରିରେ ଥିଲା । ତହିଁ ଆରଦିନ ଠାରୁ ସୁରଦିନ ଯାଏ ଭଗବାନକୁ ଗାଁ ମଧ୍ୟରେ କେହି ଦେଖି ନାହିଁ । ତାହାକୁ କଟକ ବାଟରେ ଲୋକେ ଦେଖିବାର କେହି କେହି କହନ୍ତି ।

Source: Author, Digitized by PPRACHIN, SOA

ପରିଚ୍ଛେଦ-୧୪

ମନ୍ତ୍ରଣା

ହୁକେ—ହୁକେ—ହୋ; ହୁକେ—ହୁକେ—ହୋ, —ହୁକେ—ହୋ—ବିଲୁଆ ଡାକିଲେ ଠିକ୍ ଅଧରାତି । ମଫସଲ ଗାଁରେ ଘଣ୍ଟ-ଘଣ୍ଟା ନାହିଁ, ବିଲୁଆ ଡାକ ଶୁଣି ରାତି ଠିକ୍ କରନ୍ତି । ଏହି ପ୍ରାଣୀଗୁଡ଼ିକ ଗ୍ରାମର ଖାସ୍ ଉପକାରୀ । କ୍ଷୁଦ୍ର ଗ୍ରାମରେ ମିଉନିସିପାଲିଟି କମିଶନର ନାହାନ୍ତି । ଗ୍ରାମରୁ ମଲା କୁକୁରଟି, ମଲା ମୂଷାଟି, ମଲା ବିରାଡ଼ିଟି, ଆଉ ଆଉ ମଇଲା ଦ୍ରବ୍ୟ ଉଠାଇବା କାର୍ଯ୍ୟ ଏମାନଙ୍କ ଜିମା । ଅଧରାତି, ଗୋବିନ୍ଦପୁର ଗ୍ରାମ ନିସ୍ତବ୍ଧ, ଚେଁ-ଭେଁ ଶବ୍ଦଟି ନାହିଁ । ତେଲି-ସାହିରେ ଗୋଟିଏ ଶେଯଝିଲା କୁଆଁ—କୁଇଁଆ—କୁଆଁ କରି କାନ୍ଦୁଥିଲା । ତାହାର ମା' ନିଦ ଅଳସରେ ପିଲାକୁ ଥାପୁଡ଼ା ଥାପୁଡ଼ି କରି ଖାସ୍ ଖାସ୍ ମୂଲ୍ୟବାନ ଏବଂ ଦୁଷ୍ପ୍ରାପ୍ୟ (୧) ଜିନିଷମାନ ଯାଚି ଏବଂ ହେଉର, ଚୌକିଆ, ବାଘ ପ୍ରଭୃତି ଭୟଙ୍କର ପ୍ରାଣୀମାନେ ଆସୁଥିବାର ଭୟ ଦେଖାଇ ଏବଂ ପିଲାଟି ଯେ ଖୁବ୍ ଭଲ, ସେ କାନ୍ଦିବ ନାହିଁ, ଚୁପ ହୋଇ ଶୋଇପଡ଼ିବ ଇତ୍ୟାଦି ପ୍ରଶଂସାବାଦ କରି ଶୁଆଇ ପକାଇଲାଣି ।

ମଙ୍ଗରାଜଙ୍କ କଚେରି ଅଗଣାରେ ଆମ୍ଭମାନଙ୍କ ଗୋବରା ଜେନା ଆଉ ସଅରୁଣିଆ ମୌଜାର ଚୌକିଆ ଦାସ ଜେନା, ଦୁଇଜଣ ଚଡାଏ (୨) ଲେଖାଁଏ ଲମ୍ବ ବାଉଁଶ ବାଡ଼ି ଦୁଇଖଣ୍ଡ ଝିଏଁ ଝିଏଁ (୩) ଲମ୍ବ ଦୁଇଟା ନିଆଁ ବରିଆ (୪) ପାଖରେ ପକାଇ ନିଶ୍ଚିନ୍ତ ଭାବରେ ଶୋଇଛନ୍ତି । ବାହାରର ଲୋକେ ମନରେ କରିବେ, ମଙ୍ଗରାଜଙ୍କ କଚେରିରେ ଦୁଇଟା ଘୁଷୁରି ଚରୁଛନ୍ତି ଅବା । ଆମ୍ଭେମାନେ ସର୍ବଦା ସବୁ ବିଷୟରେ ସାବଧାନ ଥାଉଁ, ସବୁ ବିଷୟ ଅନୁସନ୍ଧାନ କରି ବୁଝୁଁ । ତଥାପି ପ୍ରଥମେ ଆମ୍ଭମାନଙ୍କର ମଧ୍ୟ ଭ୍ରମ ହୋଇଥିଲା । ମାତ୍ର ଭଲ କରି କାନଡେରି ଶୁଣିବାରୁ ଶୁଣାଗଲା, ଚୌକିଦାର ଦୁଇଜଣଙ୍କ ନାକର ଘୁଙ୍ଗୁଡ଼ି ଡାକ ଭ୍ରମପ୍ରମାଦର କାରଣ ଅଟେ । କଚେରି ବାହାର ପିଣ୍ଡାରେ ତିନିଜଣ ପ୍ରଜା ପଛାପଟ ପଛାପଟ ଗୁପୂଡ଼ା ବାଡ଼େଇ ହୋଇ ଢୁଳୁଥାନ୍ତି । କ୍ଷୁଧା, ଚିନ୍ତା, ମଶା ଏମାନଙ୍କ ସହିତ ନିଦ୍ରାର ସଅରୁଣୀ ସମ୍ବନ୍ଧ ଥିଲା ପରି ଜଣାଯାଏ । ପ୍ରଜା ତିନିଜଣ କରଜା ଧାନ ସକାଶେ ଅଟକ ଅଛନ୍ତି । ଦିନଯାକ ଦକ୍ଷିଣ ହସ୍ତର କାର୍ଯ୍ୟ ସଙ୍ଗେ ସମ୍ପର୍କ ନାହିଁ, ତାହା ଉପରେ ମଶା, ଏ ଉଗ୍ରରେ ଚିନ୍ତା—ଆଉ ନିଦ କଥା କିଆଁ ପଡ଼ୁର ?

କଚେରିପ୍ରସ୍ତ ଟପି ଭିତରକୁ ଯିବାର ପ୍ରଥମ ପ୍ରସ୍ତରେ ମଙ୍ଗରାଜଙ୍କ ପହଡ଼ (୫) ଘର । ପ୍ରୟୋଜନବେଳେ ଲୋକେ ତାହାକୁ ଗଦାଘର ବୋଲି ମଧ୍ୟ କହନ୍ତି । ଉଆସର ସବୁ ଘରଠାରୁ ଏ ଘରଟି ଶ୍ରେଷ୍ଠ ହେବାର ଉଚିତ, ମଧ୍ୟ ସେ ବିଷୟରେ

Source: Author, Digitized by PPRACHIN, SOA

ଯୁଟି ହୋଇନାହିଁ । ଘରଟି ଆଠ, ପାଞ୍ଚଖଣିଆ, ପୂର୍ବ ଦୁଆରୀ, ସମ୍ମୁଖରେ ଚଉଡ଼ା ପିଣ୍ଡା । ଦୁଆରେ ପଣସ କାଠର ଯୋଡ଼ିଲ କବାଟ ଲାଗିଅଛି । କବାଟରେ ଚାରିକୋଣିଆ ଛକ ପଡ଼ି ବନ୍ଧା, ଛକରେ ଛଅବାଳ ଲୁହା ମେଖ (୬) ବାଡ଼ିଆ । ବାହାରକୁ କଡ଼ା ଆଉ ଶିକୁଳି ଦୁଇ ଲାଗିଅଛି । ଦୁଇଟା ବଡ଼ ବଡ଼ ନଳୀ (୭) କୋଳପ ପଡ଼େ । ଘର ପଶ୍ଚିମପଟ କାନ୍ଥର ପେଟେ ଉଞ୍ଚରେ ଦେଢ଼ ଚାରିଖଣ୍ଡେ ଓସାର ଗୋଟାଏ ଗଜଲଗା ଝରକା ଲାଗିଅଛି । ମାର୍ଗଶିର ମାସ ଗୁରୁବାରକୁ ଘର ଲିପା ପୋଛା ହେଲେ କଦାଚିତ୍ ସେ ଝରକା ଫିଟେ । ଘର ଚାରିକୋଣ ଘିଟିଘିଟିଆ ଅନ୍ଧାର, ଗ୍ରୀଷ୍ମ ଅନ୍ତ ପକ୍ଷରେ ଦିନବେଳେ ଆଲୁଅ ଲୋଡ଼ା । ଘର କୋଣମାନଙ୍କରେ ଅସରପା ବୋଲେ ମୁହିଁ, ମୂଷା ବୋଲେ ମୁହିଁ । ବର୍ଣ୍ଣସାଦୃଶ୍ୟ ହେତୁରୁ ହେଉ ବା ନାମ-ସାମଞ୍ଜସ୍ୟ ହେତୁରୁ ହେଉ, ଚମ୍ପା କହେ ଅସରପା ଲକ୍ଷ୍ମୀ; ଘରେ ଅସରପା ଥିଲେ ଅସର୍ପି (୮) ଆସେ; ସୁତରାଂ ଅସରପା ବଂଶ କାହାରି ବିନା ବାଧା ବଳାତ୍କାରରେ ପୁତ୍ର-ପୌତ୍ରାଦିକ୍ରମେ ଘରକୋଣମାନ ଅଧିକାର କରି ରହିଅଛନ୍ତି ।

ଘର ଉତ୍ତରପଟ କାନ୍ଥକୁ ଲଗାଇ ଗୋଟାଏ ଲମ୍ବା ବାଉଁଶ ଘୁଡ଼ୁଞ୍ଜି (୯) ଉପରେ ତିନିଟା ବଡ଼ ବଡ଼ ପୁଟୁଣା ବେତ ଆଡ଼ଖୁର (୧୦) ଥୁଆ । ଘୁଡ଼ୁଞ୍ଜି ତଳେ ତକ୍ତପୋଷ, ତଳେ ଘର କୋଣରେ ଗୁଡ଼ ମାଠିଆ, ଆମ୍ବୁଲ ହାଣ୍ଡି, କରଞ୍ଜ ତେଲ ଡବା ପୁଞ୍ଜା ତିନି କି ଚାରି । ଆଉ ମୌଜାମାନଙ୍କରେ ଥିବା ତୋଟାରୁ କରଞ୍ଜ ସବୁ ବାଡ଼ିଆ ହୋଇ ଆସେ । ତେଲି ବେଠିରେ ପେଡ଼ିଦିଏ; ସେହି ତେଲ ସବୁ ଚମ୍ପା ଘରେ ସାଇତା ଥାଏ । ବରଷକ ତେଲ କିଣାରୁ ଖଲାସ—ବରଞ୍ଚ ବଳିପଡ଼େ । ଦକ୍ଷିଣପଟ କାନ୍ଥ ପାଖକୁ ଦୁଇଟା ବଡ଼ ବଡ଼ ଆମ୍ବ କାଠର ସିନ୍ଦୁକ; ଆଉ ତାକୁ ଲଗାଇ ଗୋଟାଏ ଶାଳକାଠର ସିନ୍ଦୁକ । ଏଟା ଲକ୍ଷ୍ମୀ-ସିନ୍ଦୁକ; ପ୍ରତିଦିନ ଚମ୍ପା ସଞ୍ଜ ଦିଏ, ଗୁରୁବାରକୁ ଗୁରୁବାର ସିନ୍ଦୂର ଚନ୍ଦନ ଦେଇ ପୂଜା ହୁଏ, ଅରୁଆ ଚାଉଳ ଗୁଡ଼ ଭୋଗ ଲାଗେ । ଉପରେ (୧୧) ତିନିଚାରିଟା ଶିକାରେ ଘିଅ ମାଠିଆ ଝୁଲୁଅଛି । ଗୋଠରୁ କାଟ ଘିଅ (୧୨) ଆସି ସେଥିରେ ଜମା ହୁଏ । ଶିକା ଆଉ ଉପରମାନଙ୍କରେ କଳା କଳା ଝାଲକ-ଥୁପନା (୧୩) ପରି ବୁଢ଼ୀଆଣୀ ବସା ମେଞ୍ଚା ମେଞ୍ଚା ହୋଇ ଝୁଲୁଅଛି । ପଶ୍ଚିମପଟ କାନ୍ଥ ପାଖକୁ ଉତ୍ତର-ଦକ୍ଷିଣ ହୋଇ ମଙ୍ଗରାଜଙ୍କ ବଡ଼ ତକ୍ତପୋଷ । ଦକ୍ଷିଣ ଦିଗ ମୁଣ୍ଡ ପାଖକୁ ଲଗା ଗୋଟାଏ ବଡ଼ ମଣ୍ଡି, ହେଁସ ଉପରେ ମୋଟା ଦରିଆ (୧୪) ଲୁଗାର ଦୋହର (୧୫) ବିଛଣା । ଚାଦରକୁ ଦେଖିଲେ ହଠାତ୍ ବୁଟାଦାର ଛିଟ ଲୁଗା ବୋଲି ଭ୍ରମ ଜନ୍ମିପାରେ । ମାତ୍ର ଆମ୍ଭେମାନେ ଭଲକରି ଦେଖିଅଛୁଁ, ରକ୍ତ-କୃଷ୍ଣାଭ (୧୬) ଚିହ୍ନଗୁଡ଼ିକ ମୃତ ଓଡ଼ଶର ଶରୀର ନିଃସୃତ ଶୁଷ୍କ ଶୋଣିତ ବିନ୍ଦୁ ଅଟେ ।

Source: Author, Digitized by PPRACHIN, SOA

ଆଜି ଏହି ଅଧରାତି ସମୟରେ ସେହି ତକ୍ତପୋଷ ଉପରେ ଗୋଟିଏ ପୁରୁଷ ଏବଂ ତଳେ ଗୋଟିଏ ସ୍ତ୍ରୀ ବସି ଖୁସି କଥାବାର୍ତ୍ତାରେ ଲାଗିଯାଇଛନ୍ତି । ପାଠକମାନଙ୍କୁ ଚିହ୍ନାଇ ଦେବାକୁ ହେବ ନାହିଁ । ଏହି ସ୍ତ୍ରୀ-ପୁରୁଷ ଦୁଇଜଣ ଆମ୍ଭମାନଙ୍କର ଚମ୍ପା ଆଉ ଖୋଦ ରାମଚନ୍ଦ୍ର ମଙ୍ଗରାଜ । ଚମ୍ପା ତକ୍ତପୋଷ ଉପରେ ଦୁଇ ହାତ ପକାଇ ଭିଡ଼ି ବସିଅଛି, ମଙ୍ଗରାଜେ ତାହା ଆଡ଼କୁ ଈଷତ୍ ଝୁଙ୍କି ପଡ଼ିଅଛନ୍ତି । ତକ୍ତପୋଷ-ଠାରୁ ତିନ ହାତ ଦୂରରେ ପିତଳର ଗୋଟି ଦୀପରୁଖା ଥୁଆ । ତାହା ଉପରେ ମାଟି ବଇଠାଟିଏ (୧୭) ମିଞ୍ଜି ମିଞ୍ଜି ହୋଇ ଜଳୁଅଛି । ଦୀପରୁଖାଟି ସର୍ବାଙ୍ଗ ତେଲକାଣ୍ଡିରେ ଲିପ୍ତ । ରୁଖାତଳ-ଥାଳିଆରେ ବଳିତା ଗୁଲମିଶା (୧୮) ନାଳିଆ ତେଲ ପଳେ ହେବ ଜମା ଅଛି ।

ଚମ୍ପା ଆଉ ମଙ୍ଗରାଜେ ଅନେକ ରାତି ପର୍ଯ୍ୟନ୍ତ କି କଥାବାର୍ତ୍ତା କି ମନ୍ତ୍ରଣା କଲେ, ସବୁ କଥାଗୁଡ଼ିକ ଶୁଣିବାକୁ ଆପଣ ସୁଖ ପାଇବେ ନାହିଁ । ଆମ୍ଭମାନଙ୍କର ମଧ୍ୟ ଅଧିକ ଲେଖିବା ଅଭ୍ୟାସର ବିରୁଦ୍ଧ; ଅଥଚ ଏହି କଥାଗୁଡ଼ିକ ସତ୍ୟ ଘଟଣା ବୋଲି, ଗାଲ୍ପଗଳ୍ପ ବୋଲି, ଉପନ୍ୟାସ ବୋଲି, ରୂପନ୍ୟାସ ବୋଲି, ଏଥିର ପ୍ରଧାନ ନାୟକ-ନାୟିକାମାନଙ୍କର କଥା ଛାଡ଼ିଲେ କର୍ମ ଅଚଳ । ସୁତରାଂ ଦୁଇ-ଆଡ଼କୁ ଚାହିଁ ପାଠଲଗାଇବା ସକାଶେ 'ଘଡ଼ିରୁ ତେଲ ନ ସରୁ, ଦୁଅମୁଣ୍ଡ ଲୁଖୁରୁ ନ ରହୁ' ଭଳିଆ କରିଦେବାକୁ ହେଲା ।

ଚମ୍ପା କହିଲା, "ବାପର ଠିକ୍ ନାହିଁ, ମା'ର ଠିକ୍ ନାହିଁ, ଦଗାବାଜି (୧୯) କରି ପଠାଣ ଟୋକାଠାରୁ ଜମିଦାରି ଆଣି ଗାଁରେ ବୋଲୁଛି କି ନା ଜମିଦାର । ହେଲୁ ହେଲୁ ଜମିଦାର, ତୋ ଘରକୁ । ଗୋରୁ ଛାଡ଼ିଦେଇ ଫନ୍ଦା (୨୦) ଉଜାଡ଼ (୨୧), ଫେର୍ କି ନା—କହିଲେ ଗାଳି ? ପଳାଇଯାଇ ମାଇକିନିଆ ଭିତରେ ଲୁଚିଲା । ପଡ଼ିଥାଆନ୍ତା ତା ହାତରେ ! ସାଆନ୍ତେ, ଜଣେ ନୁହେଁ, ଦୁଇଜଣ ନୁହେଁ, ଗାଁଲୋକଗୁଡ଼ାକ ଜମା ହୋଇଥାଆନ୍ତି । ଦୋକାନ ପିଣ୍ଡାରେ ବସି ପାଟିକରି ଗାଳିଦେଉଥାଏ । ମୁଁ ପାନ କିଣିବି କି'ଣ, ଦୋକାନ ଦୁଆର ପାଖରୁ ପଳାଇ ଆସିଲି । ଅଳପାଇସିଆ (୨୨) ଖଣ୍ଡିଆ ନଇଶୁଆ (୨୩) ! ସାଆନ୍ତେ, ମୁଁ କି ଛାଡ଼ିବା ଲୋକ ? ଆଉ କେହି ହୋଇଥିଲେ ତା ନାକ କାମୁଡ଼ି ପକାଇଥାଆନ୍ତି ପରା ? ମାଇ ମଣିପଟା ଅସୁର ପରି ଦେଖିଆ । ତା ବାଉଁଶ ଠେଙ୍ଗା ଦେଖି ମୋ ପିଳେହି ପାଣି ହୋଇଗଲା । ତୁମ୍ଭେ ଏହାର ବାଟ କର, ନୋହିଲେ ମୁଣ୍ଡ ଫଟେଇ ଦେବି, ବିଷ ଖାଇ ମରିବି, ପାଣିରେ ବୁଡ଼ି ମରିବି ।" ଚମ୍ପା ଏହା କହି ଧକେଇ ଧକେଇ କାନ୍ଦିବାକୁ ଲାଗିଲା ।

ମଙ୍ଗରାଜେ—ଚୁପ ହ ଚମ୍ପା, ଚୁପ ହ । ସେହି ଠେଙ୍ଗାକୁ ତ ମୋର ଡର । ଗୁରଟାକୁ ଗୁରଟା ଅସୁର ପରି କିହାଡ଼ି ମୂର୍ଖ । କଥାପଦକେ ଠେଙ୍ଗା କାଢ଼ି

Source: Author, Digitized by PPRACHIN, SOA

ବସିବେ । ଆଉ ସେ କଥା ତ କେତେଥର କହିଦେଇ ସାରନ୍ତିଣି । ଆମର ଗୋଟିଏ ବଳେଇପିଲ ସେ ଗାଁକୁ ଗଲେ ପଛକୁ ଗୋଡ଼ିଥିବେ । ଗୋବର ଏତେ ଚଲାକ, ଏଡ଼େ ଦୁସିଆର, ତା ହାତରେ ତ କିଛି ହେଲା ନାହିଁ । ସେ କ'ଣ କରିବ—ଉନଗାର ଲୋକ ଜଗିଥାଲା ।

ଚମ୍ପା—ନା ନା ସାଆନ୍ତେ, ସେ କଥା ହେବ ନାହିଁ । ତୁମେ ଏଥର ବାଟ କର, ନୋହିଲେ ମୁଁ ତ ଗାଁ ମାଇକିନିଆଙ୍କ ଆଗରେ ମୁହଁ ଦେଖାଇ ପାରିବ ନାହିଁ । ସେମାନେ କି ଏଡ଼େ ପାରୁଆ (୮୪) ହେଲେ, ତୁମକୁ ଜିଣିଲେ ?

ମଙ୍ଗରାଜ—ଦେଖ ଚମ୍ପା ! ଶାସ୍ତ୍ରରେ ଅଛି, ଛଳେ ବଳେ କଉଶଳେ ଶତ୍ରୁକୁ ସାଧିବ ହେଲେ । ମୁଁ ତ ପାଗଲ ନାହିଁ, ତୁ ଏଥର କିଛି ଫିକର କାଢ଼, ତୁ ବତାଇଲେ ସବୁ ହେବ । ଦେଖ, ମୁଁ ତିନି ବରଷକାଳ ଲାଗି ଲାଗି ସେ ତଣ୍ଟିକୁ ପାରି ନଥିଲି; ତୁ ଯେପରି ହାତ ଦେଲୁ କାମ ଫତେ (୮୫) ।

ଚମ୍ପା ବଇଠା ତେଜିଦେଇ ଖୁବ୍ ଗୋଟାଏ ହସିଲା । କହିଲା—"ଦେଖ ସାଆନ୍ତେ, ପ୍ରଥମେ ମନରେ କରିଥିଲି ପାରିବ ନାହିଁ, ବୁଦ୍ଧି ଖରଚ କଲେ କ'ଣ ନ ହୁଏ ? ସେ ଛମାଣ ଆଠଗୁଣ ତଳକୁ କାଲି ହଳ ଯିବ ତ ?"

ମଙ୍ଗରାଜ—ମୁଁ ହଳିଆମାନଙ୍କୁ କହିଦେଇଛି, କାଲି ସକାଳେ ହଳ ନେବେ, କଡ଼ାଣ (୮୬) ଦୋହଡ଼ (୮୭) ସବୁ ସରିବ । ମୁଁ ମଧ୍ୟ ବିଲକୁ ଯିବି ।

ଚମ୍ପା—ସେମାନଙ୍କ ଘର ଭାଙ୍ଗିଦେଇ ଭଲ କଲ । ଘର ଥିଲେ କେତେବେଳେ ଜମି ସକାଶେ ଲଗାନ୍ତେ ।

ମଙ୍ଗରାଜ—ଜମି ଛ ମାସ ମିଆଦରେ କଣ୍ଟା ବନ୍ଧକ ଥିଲା, ମିଆଦ ଗଲାରୁ ଜମି ପାଇଲୁ । ମକଦ୍ଦମା ଖର୍ଚ୍ଚ ସକାଶେ ଘର ନିଲାମ ହେଲା, ମୁଁ କିଣି ନେଇ ଭାଙ୍ଗି ଦେଇଅଛି ।

ଚମ୍ପା—ଜମି ହେଉ, ଘର ହେଉ, ଯାହା ହେଉ, ସେହି ଗାଈଟି ଲାଗି ମୁଁ ଏତେ କଥା କଲି । ଗାଈ ତ ନୁହେଁ, ଗୋଟିଏ ଗୁଣ୍ଠୁଣୀ ହାଣ୍ଡି । ଆଜି କଟେଣ୍ଟ ପିଣ୍ଡାରେ ବାନ୍ଧି ଆସିଅଛି, କାଲିଠାରୁ ଭିଆସ ଭିତରେ ବାନ୍ଧିବ । ସେ ଦୁଇଟା କୁଆଡ଼େ ଗଲେ ?

ମଙ୍ଗରାଜ—କେଉଁ ଦୁଇଟା—ଭଗିଆ, ସାରିଆ ? ବାବନା ଭୂତ ପରି ସ୍ଥା ଓଳି ତା ଓଳିରେ ପଶୁଛନ୍ତି ।

ଚମ୍ପା—ସେଦିନ ସକାଳେ ସାରିଆ ମଙ୍ଗଳା ପାଖରେ କାନ୍ଦି କାନ୍ଦି ମୁଣ୍ଡ କୋଡ଼ୁ ହେଉଥାଏ । ମତେ ଦେଖି ଅଧର କାଢ଼ିଲା, କଣ କହିବ ବୋଲି ମୋ ପାଖକୁ ଆସୁଥିଲା—ମୁଁ ମୁହଁ ବୁଲାଇ ଦେଇ ଚାଲି ଆସିଲି ।

Source: Author, Digitized by PPRACHIN, SOA

ତାହା ବାଦ୍ ଚମ୍ପା ଓ ମଙ୍ଗରାଜଙ୍କ ମଧ୍ୟରେ ଅନେକ ରାତ୍ର ପର୍ଯ୍ୟନ୍ତ କଥାବାର୍ତ୍ତା ହେଲା । ଶେଷରେ ଏମନ୍ତ ସାବଧାନ, ଏମନ୍ତ ଗୁପ୍ତ ଭାବରେ ବସି ମନ୍ତ୍ରଣା କଲେ ଯେ ଆମ୍ଭେମାନେ କୌଣସିକ୍ରମେ ସେଥିର ସନ୍ଧାନ ପାଇ ପାରିଲୁ ନାହିଁ । ପରସ୍ପର ମୁହଁକୁ ଚାହିଁ ବସିଛନ୍ତି । ଦୁହେଁ କଥାରେ ମଗ୍ନ । ଏମନ୍ତ ସମୟରେ ସେହି ଦୁହିଁଙ୍କ ମଧ୍ୟରେ ଗୋଟିଏ ସ୍ତ୍ରୀ ମୂର୍ତ୍ତିର ଛାୟା ପଡ଼ିଲା । ଦୁହେଁ ଚମକି ପଡ଼ିଲେ ପରି ସେହି ମୂର୍ତ୍ତିକୁ ଅନାଇଁ ରହିଲେ । ହଠାତ୍ କଥାବାର୍ତ୍ତା ବନ୍ଦ । ଆଗନ୍ତୁକା ଏଁ କରି ଗୋଟିଏ ଦୀର୍ଘଶ୍ୱାସ ପକାଇଲେ । ମନରେ ଦାରୁଣ କଷ୍ଟ ଜାତହେଲେ ଯେଉଁ ନିଶ୍ୱାସ ପଡ଼େ, ଏହା ସେହିପରି ତତଲା ନିଶ୍ୱାସ । ସମସ୍ତେ ନୀରବ ନିଶ୍ଚଳ, କାଷ୍ଠ-ପ୍ରତିମା ପରି ସ୍ପନ୍ଦହୀନ (୨୮) ଘର ନିସ୍ତବ୍ଧ ।

କିଛିକ୍ଷଣ ଉତ୍ତାରେ ମଙ୍ଗରାଜେ ସେହି ସ୍ତ୍ରୀ ମୂର୍ତ୍ତିଟିକୁ ଅନାଇ ପଚାରିଲେ, "କଣ ?"

ସମସ୍ତେ ନିରୁତ୍ତର ।

ପୁନର୍ବାର ମଙ୍ଗରାଜେ ପଚାରିଲେ—"କଣ ?"

କିଛି ଉତ୍ତର ନାହିଁ, ପୁନର୍ବାର ପୂର୍ବବତ୍ ଦୀର୍ଘନିଶ୍ୱାସ ।

ମଙ୍ଗରାଜେ କିଞ୍ଚିତ୍ ବିରକ୍ତ ହୋଇ ପୂର୍ବଠାରୁ ଉଚ୍ଚ ସ୍ୱରରେ ପଚାରିଲେ, "କଣ ? କିଛି କହୁନାହଁ କିଆଁ ?"

ସାଆନ୍ତାଣୀ (ଆଗନ୍ତୁକା, ମଙ୍ଗରାଜଙ୍କ ଭାର୍ଯ୍ୟା) ଅତି ଧୀରେ ଅତି ନରମ ସ୍ୱରରେ କହିଲେ, "ମୁଁ କହୁଚ ରାତି ହେଲାଣି, ଶୋଇପଡ଼, ଆଉ ସେ କଥାଗୁଡ଼ାକ ଥାଉ (୨୯) ନାହିଁ ।"

ଚମ୍ପା ଅବଜ୍ଞା କରି ଗମ୍ଭୀର ସ୍ୱରରେ କହିଲା, "ହୁଁ" ।

ମଙ୍ଗରାଜେ—ଆଚ୍ଛା ମୁଁ ଯାଉଛି, ତୁମେ ବାହାରକୁ ଯାଅ ।

ଚମ୍ପାର ଅବଜ୍ଞାସୂଚକ 'ହୁଁ' ଶବ୍ଦ ସାଆନ୍ତାଣୀଙ୍କ କଲିଜାରେ ବର୍ଛାପରି ବାଜିଥିଲା । ତାହା ବାଦ୍ 'ଅଚ୍ଛା, ତୁମେ ବାହାରକୁ ଯାଅ' କଥାଟା ତାଙ୍କୁରେ ସହସ୍ର ବିଛା କାମୁଡ଼ିଲା ପରି ଜଣାଗଲା । ଚମ୍ପା ରହିବ ଭିତରେ, ମୁଁ ଯିବି ବାହାରକୁ ? ଯେଉଁସବୁ ଘଟଣାରେ ପୁରୁଷଙ୍କ କଠିନ ମନ ଭାଙ୍ଗି ପଡ଼େ, କୋମଳ-ମନା ସ୍ତ୍ରୀମାନେ ସହଜରେ ସହିଯାଆନ୍ତି । ସହିଷ୍ଣୁତା ଗୁଣ ସ୍ତ୍ରୀମାନଙ୍କର ପୁରୁଷ-ମାନଙ୍କଠାରୁ ଢେର୍ ବେଶି । ସେମାନେ ଢେର୍ ସହିପାରନ୍ତି; ମାତ୍ର ସ୍ୱାମୀର ଅନାଦର ଏବଂ ଅବିଶ୍ୱାସ ସତ୍ତା ସ୍ତ୍ରୀମାନଙ୍କ ପକ୍ଷରେ ଅସହ୍ୟ । ପୁଣି ସ୍ୱାମୀ ସାକ୍ଷାତରେ ଦାସୀକୃତ ଅବଜ୍ଞା (୩୦) ମରଣାଧିକ କଷ୍ଟକର । ତେବେ ଉପସ୍ଥିତ ଘଟଣା ନୂତନ ନୁହେଁ, ଚିରକାଳ ସହି ସହି ଅଭ୍ୟାସ ପଡ଼ିଯାଇଅଛି । ତଥାପି ସାଆନ୍ତାଣୀଙ୍କ

Source: Author, Digitized by PPRACHIN, SOA

କଣ୍ଠରୋଧ ହୋଇଗଲା, ମୁଣ୍ଡ ବୁଲାଇଲା, ସମସ୍ତ ଅଙ୍ଗ ଅବଶପ୍ରାୟ ହୋଇଗଲା । କୌଣସିରୂପେ ସମ୍ଭାଳିହୋଇ ଧୀରେ ଧୀରେ ଘରୁ ବାହାରିଆସି ପିଣ୍ଡାରେ ବାଡ଼କୁ ଆଉଜି ଲଥ୍‌କରି ବସିଗଲେ । ଆମ୍ଭେମାନେ ସମ୍ବାଦ ପାଇଅଛୁ, ସେହି ଘଡ଼ିଠାରୁ ସାଆନ୍ତାଣୀଙ୍କ ମୁଖରୁ କେହି କିଛି କଥା ଶୁଣିନାହିଁ; ମଧ୍ୟ ସେ ଲୁଚାଇବାକୁ ବିଶେଷ ଚେଷ୍ଟା କରୁଥିଲେ ସୁଦ୍ଧା ସର୍ବଦା ତାହାଙ୍କ ଆଖିରୁ ପାଣି ବହୁଥିବାର ଦେଖା ଯାଇଅଛି ।

ଚମ୍ପା ଧଡ଼୍ କରି କବାଟଟା ଆଉଜାଇଦେଇ ଆପଣା ସ୍ଥାନରେ ବସି କହିଲା, "ମୋତେ କେହି ଗାଳି ଦେଇ ଗୁଣ୍ଡୁଣୀ ମାରୁ ପଛକେ କାଟିବ ନାହିଁ, ମାତ୍ର ତୁମକୁ ପଦେ କେହି କହିଲେ ମୋ ହୃଦ ହାଣି ହୋଇଯାଏ । ସାଆନ୍ତାଣୀଙ୍କ କଥା ଶୁଣିଲ ତ ? ଆଉ କେହିହେଲେ ମୁହଁ ଚାହାଁନ୍ତା ନାହିଁ ପରା ! ସାରିଆ କଥାବେଳେ ତ ସବୁ ବୁଝିନେଇଅଛ । ତୁମକୁ ଫେର୍ କିଏ ବୁଝାଇଦେବ ? ବରଷକ ସାରା ଲାଗିଲା, ମୁଠା ମୁଠା ଟଙ୍କା ଘରୁ ବାହାରିଗଲା, କଟକରେ ମାମଲା ଲାଗିଲା, ବଗିଚାରୁ ଦଶ ଶଗଡ଼ କି କୋଡ଼ିଏ ଶଗଡ଼ ପଥର ମଙ୍ଗଳା ପାଖକୁ ବୋହିଦେଲ । ଶେଷରେ ସାଆନ୍ତାଣୀ କହନ୍ତି କି ନା, ସାରିଆର ଛମାଣ ଆଠଗୁଣ୍ଠ ଜମି ଗୁଣ୍ଡୁଥିବ, କି ନା ତାହା ଘର ଭାଙ୍ଗନାହିଁ ।" ଏହା କହି ଚମ୍ପା ଠୋ ଠୋ କରି ହସିଲା ।

ଘୋର କୈଶ-ଜନ୍ତବ୍ଧତା ଭେଦ କରି ସେହି ପୈଶାଚିକ (୩୧) ବିକଟ (୩୨) ହାସ୍ୟ ସାଆନ୍ତାଣୀଙ୍କ କର୍ଣ୍ଣପଟହ (୩୩) ଭେଦ କରିଥିବ; ମାତ୍ର ତେତେ-ବେଳେ ତାହାଙ୍କର ସେଥିର ଦାରୁଣତ୍ୱ ଅନୁଭବ କରିବାର ଶକ୍ତି ନ ଥିଲା ।

ମଙ୍ଗରାଜ ଚମ୍ପା ମଧ୍ୟରେ ଯେଉଁ କଥା ଚାଲିଲା ଅନ୍ୟକୁ ଅଗୋଚର । କେବଳ ଚମ୍ପା ମୁଖର କଥା ଏତିକି ଶୁଣାଅଛି, "ତୁମେ ମୋତେ ଖଣ୍ଡେ ଡୋଲି (୩୪) ଚାରିଟା ଭାର ସଜାଡ଼ି ଦିଅ, ଦେଖିବ ମୁଁ ଯଦି ନ କରିପାରେ ନାକ କାଟିଦେବ ।"

ପରିଚ୍ଛେଦ-୧୫

ବାଘସିଂହ ବଂଶ

ପ୍ରସିଦ୍ଧ ଆଇନ୍-ଆକବରୀ ଲେଖକ ଆବୁଲଫାଜଲ ବୋଲନ୍ତି ଓଡ଼ିଶାରେ ପ୍ରକୃତ ଭୂମ୍ୟାଧିକାରୀ ଖଣ୍ଡାଏତମାନେ ଥିଲେ । ପ୍ରକୃତରେ ଗଜପତି ଦରବାରରେ ଝଣ୍ଡାମୁଠିଠାରୁ ଲେଖନମୁନ ପର୍ଯ୍ୟନ୍ତ ସମସ୍ତ ରାଜକାର୍ଯ୍ୟ ସେମାନଙ୍କ ହସ୍ତଗତ ଥିଲା ।

Source: Author, Digitized by PPRACHIN, SOA

ବେତନ ସମସ୍ତେ ଗନ୍ତାଘରୁ (୧) ନଗଦ ଟଙ୍କା ପାଉ ନ ଥିଲେ । ଓଡ଼ିଶାର ଅଧିକାଂଶ ଭୂମିଖଣ୍ଡ ଜାଗିର ସ୍ୱରୂପେ ପୁରୁଷାନୁକ୍ରମେ ବାଣ୍ଟି ଖାଉଥିଲେ । ଖଣ୍ଡାଏତମାନଙ୍କ ବାହୁବଳରେ ଓଡ଼ିଶା ବହୁକାଳ ପର୍ଯ୍ୟନ୍ତ ସ୍ୱାଧୀନତା ରକ୍ଷା କରିବାକୁ ସକ୍ଷମ ହୋଇଥିଲା । ପଠାଣମାନେ ଚାରି ଶହ ବର୍ଷରୁ ଅଧିକ କାଳ ବଙ୍ଗଳାଦେଶରୁ ଝୁଙ୍କି ଝୁଙ୍କି (୨) ମଧ୍ୟ ସୁବର୍ଣ୍ଣରେଖା ପାର ହୋଇପାରି ନ ଥିଲେ । ପାଇକମାନେ ସର୍ବଦା ରାଜଦରବାରରେ ଉପସ୍ଥିତ ନ ଥାନ୍ତି । ଦଳପତିମାନେ ଆପଣା ଆପଣା ଅଧୀନସ୍ଥ ପାଇକମାନଙ୍କୁ ନେଇ ଗୋଟିଏ ଗୋଟିଏ ତଳରେ (୩) ବାସ କରୁଥିଲେ । ଦଳପତିମାନଙ୍କ ବୈଠକସ୍ଥାନର ନାମ ଚୌପାଢ଼ୀ । ସେ ସ୍ଥାନରେ ମାଲଖାନା (୪), ଫରଖେଳ (୫), କାଣ୍ଡବନ୍ଧା ଏବଂ ଗୁଳିମାରିବା ଏହି ସବୁପ୍ରକାର ବିଦ୍ୟାର ଆଲୋଚନା ହେଉଥିବା ଯୋଗୁଁ ତାହା ଚୌପାଢ଼ୀ ନାମରେ କଥିତ ହେଉଥିଲା । ରାଜପତିବଂଶର ପତନ ଉତ୍ତାରେ ଟୋଡ଼ରମଲ୍ଲ ବଡ଼ ବଡ଼ ଚୌପାଢ଼ୀକୁ କିଲ୍ଲା ନାମରେ ବନ୍ଦୋବସ୍ତ କରିଅଛନ୍ତି । ଓଡ଼ିଶାର ଅନେକ ସ୍ଥାନରେ ଆଜିପର୍ଯ୍ୟନ୍ତ ନାମମାତ୍ର କ୍ଷୁଦ୍ର କ୍ଷୁଦ୍ର ଚୌପାଢ଼ୀ ବିଦ୍ୟମାନ ଥିବାର ଦେଖାଯାଏ ଏବଂ ପ୍ରାଚୀନ ଦଳପତିମାନଙ୍କର ଅଯୋଗ୍ୟ ବଂଶଧରର ମଧ୍ୟ ଅଭାବ ନାହିଁ ।

ଆମ୍ଭମାନଙ୍କର ବାଘସିଂହ ବଂଶ ପୂର୍ବୋକ୍ତ ଦଳପତିମାନଙ୍କର ଜଣେ ବଂଶଧର ଅଟନ୍ତି । ଏମାନଙ୍କର ସଂଜ୍ଞା ମଲ୍ଲ । ଜ୍ୟେଷ୍ଠପୁତ୍ରର ଉପାଧି ବାଘସିଂହ; ଜ୍ୟେଷ୍ଠପୁତ୍ର ଜାଗିରର ଉତ୍ତରାଧିକାରୀ । ଅନ୍ୟ ପୁତ୍ରମାନେ ଖଣ୍ଡଓଆ ପାଆନ୍ତି । 'ପଦା (୬) ଭୂଇଁରେ ଗଦ ଦାରୁ' (୭) ବାଘସିଂହ ବଂଶ କ୍ଷୁଦ୍ର ଜାଗିରଦାର ଥିଲେ ମଧ୍ୟ ମଫସଲରେ ନାମ-ଡାକ ଥିଲା । ରତନପୁର ମୌଜାରେ ଚୌପାଢ଼ୀ, ସେଠା ଅଷ୍ଟର ଖଣ୍ଡାଏତ ମାହାଲ । ତାକୁ ଛାଡ଼ି ତାଲୁକେ ଫତେପୁର ସରଫଣ୍ଡ ଏବଂ କେତେକ ଖଣ୍ଡ ବାଜେ ରପୋର୍ଟ ଜମିଦାରୀ ଥିଲା । ନଟବର ଘନଶ୍ୟାମ ବାଘସିଂହ ଜମିଦାରୀ ସବୁ ଉଡ଼ାଇଦେଇ ଯାଇଛନ୍ତି । ଲୋକଟା ବଡ଼ ସାହାଖର୍ଚ୍ଚୀ (୮) ଥିଲେ । ଖର୍ଚ୍ଚବେଳେ ଆଗପଛ ବିଚାର ଆଏ ନାହିଁ । ଆଜି ପାଞ୍ଚ ବୋଇଲେ ନାହିଁ, ସାତ ବୋଇଲେ ନାହିଁ, ହାତରେ ପଇସା ଦେ ଖରଚ । ମୁହଁ ହରାଇ କିନପଟାଏ ମାଗିଦେଲେ ନା ପଦ ଶୁଣିବ ନାହିଁ । ଗ୍ରହ, ଭିକାରି ପାଇଁ ହାର ମେଲା । ଗ୍ରହ-ହାଣ୍ଡି ବସାଇ ଟୋକାଇ ନେଇ ତାଙ୍କ ଆଗରେ ଛିଡ଼ାହେବାକୁ ଲୋକମାନଙ୍କର ଭରସା ଖଟୁଥିଲା । ଖାଇବା ଖୁଆଇବାକୁ ଷଣ୍ଢଟାଏ । ଗାଁ ଲୋକେ କହନ୍ତି ବାଘସିଂହ ଆଗରେ ବସି ଯାହାକୁ ଥରେ ସରୁ ଚକୁଳି, ନଡ଼ିଆପୁର ମଣ୍ଡା, ପାଳୁଅ କ୍ଷୀରି ଖୁଆଇଛନ୍ତି, ବଞ୍ଚିଥିବାଯାଏ ତାହା ମନରୁ ଯିବ ନାହିଁ ।

Source: Author, Digitized by PPRACHIN, SOA

ନଟବର ଘନଶ୍ୟାମଙ୍କ ଦେହାନ୍ତରେ ଋଣ ଥିଲା । ତାଙ୍କ ପଛେ ପଛେ ଜମିଦାରୀ ସବୁ ଯାଇଅଛି, ଥିବା ମଧ୍ୟରେ ଖଣ୍ଡାଏଢ ମାହାଲ । ନଟବର ଘନଶ୍ୟାମ ବାଘସିଂହଙ୍କର ଚାରିପୁଅ । ଜ୍ୟେଷ୍ଠ ଭୀମସେନ ବାଘସିଂହ, ଅନ୍ୟ ତିନି ପୁତ୍ର ପ୍ରହ୍ଲାଦ ମଲ୍ଲ କୃତାନ୍ତ ମଲ୍ଲ ଓ ବଳରାମ ମଲ୍ଲ । ପୁଅମାନେ ବାପପର ଉଡ଼ାବାଜ ନୁହନ୍ତି, ଘରଆଡ଼କୁ ନଜର ରଖି ଚାଲନ୍ତି । ପୂର୍ବ ସମ୍ପତ୍ତି ନାହିଁ, ଏକରକମ ଦୁଃଖେ ରାମ, ସୁଖେ ରାମ ଚଳିଯାଏ । ପାଟ ଚଷିଲେ ପାଟକନା, ପୁରୁଣା ଘର ବୋଲି ଲୋକେ ମାନନ୍ତି, ଭୟ-ଭକ୍ତି କରନ୍ତି । ରତନପୁର ମୌଜାରେ ବାଘସିଂହ ଘର ଗୁଡ଼ି ଗଉଡ଼, ଭଣ୍ଡାର, ରାଢ଼ୀ. ଗୁଡ଼ିଆ ପୁଅଭଗ୍ନା ଅଠର ଘର । ଏମାନେ ବାଘସିଂହ ପୂର୍ବବଂଶଦତ୍ତ ଜାଗିର ପୁରୁଷାନୁକ୍ରମେ ଭୋଗ କରି ଆସୁଅଛନ୍ତି । ଦରବାର-ବେଳେ ବାଘସିଂହ ଘରେ ବେଠି କରନ୍ତି । ପୂର୍ବୋକ୍ତ ଘର ମଧ୍ୟ ଏହି ଗ୍ରାମରେ । ଏମାନଙ୍କ ଛଡ଼ା ଡମ ଆଠ ଘର, ପର୍ବପର୍ବାଣିରେ ବାଜା ବଜାଇବା ସକାଶେ ଏମାନଙ୍କର ଜାଗିର ଅଛି । ବାଘସିଂହ ଘରେ ପହରାଦେବା ଏମାନଙ୍କର ଆଉ ଗୋଟିଏ କାର୍ଯ୍ୟ ।

ଆଜକୁ ତିନିବର୍ଷ ହେଲା ନାନା କାରଣରୁ ମଙ୍ଗରାଜଙ୍କ ସହିତ ବାଘସିଂହ ବଂଶର ଘୋର କଳି ଲାଗିଅଛି । ମଙ୍ଗରାଜେ ଖୁବ୍ ବୁଦ୍ଧିମାନ, ମାଲିମାମଲାରେ ଖୁବ୍ କାଣ୍ଡାବାଜ (୯), କିନ୍ତୁ ଠେଙ୍ଗା ନାମ ଶୁଣିଲେ ଘରୁ ବାହାରନ୍ତି ନାହିଁ । ଏଣେ ବାଘସିଂହ ବଂଶ ବୋଲନ୍ତି, 'ଠେଙ୍ଗା ସର୍ବାର୍ଥସାଧିକା ।'' ବିଶେଷରେ ଡମମାନଙ୍କ ଭୟରେ ମଙ୍ଗରାଜଙ୍କ ଲୋକେ ରତନପୁର ପାଖ ପଶିପାରନ୍ତି ନାହିଁ । କିନ୍ତୁ ଡମ-ମାନେ ବାଡ଼ି ମଧ୍ୟରେ ଚୋରା ମାଲ ପୋତି ରଖିଥିବା ଅପରାଧରେ ଜେଲ ଯାଇ-ଅଛନ୍ତି । ଲୋକେ ବୋଲନ୍ତି, ଡମମାନେ କୌଣସି ପୁରୁଷରେ ଚୋରବିଦ୍ୟା ଜାଣନ୍ତି ନାହିଁ, ମଙ୍ଗରାଜଙ୍କର ଏଥିରେ ଦୁଇ ଅଳୀ ଟଙ୍କା ଖରଚ । ମଙ୍ଗରାଜଙ୍କର ଉଦୁଆଁ (୧୦) ଗୋରୁ ରତନପୁର ମୌଜାରେ ଫସଲ ଉଜାଡ଼ (୧୧) କରିବାରୁ ସେଦିନ ବଳରାମ ମଲ୍ଲେ ଗୋବିନ୍ଦପୁର ମୌଜା ଦୋକାନପିଣ୍ଡାରେ ବସି ମଙ୍ଗରାଜଙ୍କୁ ଆଚ୍ଛା ଦୁଇପଦ ଶୋଧି ଦେଲେ । ମଙ୍ଗରାଜେ ପାଟି ଫିଟାଇ ପାରିଲେ ନାହିଁ । ଗୋବିନ୍ଦ-ପୁରଠାରୁ ରତନପୁର ଦୁଇକୋଶ ଛଡ଼ା; ମାତ୍ର ଦୁଇ ମୌଜାର ବିଲ ଲଗାଲଗି । ମଙ୍ଗରାଜଙ୍କ ଗୋରୁ ସର୍ବଦା ରତନପୁର ମୌଜା ଉଜାଡ଼ କରୁଥିବା ଶୁଣାଯାଏ ।

Source: Author, Digitized by PPRACHIN, SOA

ପରିଚ୍ଛେଦ-୧୭

ଟାଙ୍ଗୀ ମାଉସୀ

ଆଜି ସ୍ନାନପୂର୍ଣ୍ଣିମା, ଜ୍ୟେଷ୍ଠମାସିଆ ଦିନ, ଖର ଖରା, ମହାପ୍ରଭୁ ଅଣସରକୁ (୧) ଯାଉଛନ୍ତି, ଖରା ଗୁଳୁଗୁଳା । ଆଜକୁ ଅଢ଼େଇ ମାସ ହେଲା ଟୋପାଏ ପାଣି ଦେଖିବାକୁ ନାହିଁ । ପବନ ଗୁମ୍‌ସୁମ୍ (୨) କରି ରହିଅଛି, ଖୁଣ୍ଟା ଗଛଗୁଡ଼ାକ ଜଗନ୍ନାଥ ମହାପ୍ରଭୁଙ୍କ ଆଗରେ ଗରୁଡ଼ଖମ୍ବ ପରି ଛିଡ଼ା ହୋଇଅଛନ୍ତି । ଆଉ ଗଛ ଥାଉ, ଅଶ୍ୱତ୍ଥପତ୍ର ଗୋଟିଏ ମଧ୍ୟ ଖସ୍ କରିବାକୁ ନାହିଁ । ତତ୍ତ ବାଲିଗୁଡ଼ାକରେ ମୁଠାଏ ଧାନ ପକାଇଦେଲେ ଚଡ଼ଚଡ଼ କରି ଖଇ ଫୁଟିଯିବ । ଗାଁଅର ବୁଲାକୁତ୍ତା କାଳୀଉଲଙ୍କା ବୁଢ଼ୀଟା (୩) ପୋଖରୀପଙ୍କରେ ପଡ଼ି ଲଟପଟ ହେଉଅଛି, ଆଉ ଜେଙ୍ଗେ ଜିଭଟା କାଢ଼ିପକାଇ ଧଳାଉଅଛି, ପାଣିକି ଯାଉନାହିଁ । ପାଣିଗୁଡ଼ାକ ତାତି ଯାଇଛି ନା କ'ଣ ? ପଡ଼ିଆରେ ଗୋଟାଏ ମଧ୍ୟ ଗୋରୁ-ବାଛୁରି ନାହାନ୍ତି; ଗଛ ମୂଳରେ ଶୋଇପଡ଼ି ବୈଷ୍ଣବମାନେ ମାଳଟୁଙ୍ଗୁଳି ଧରି ହରିନାମ ଭଜନା ପରି ଆଖିବୁଜି ପାକୁଳି (୪) କରୁଅଛନ୍ତି । ଆକାଶରେ ଗୋଟିଏ କାଉ କୋଇଲି ଉଡ଼ିବାକୁ ନାହିଁ । ପକ୍ଷମଧ୍ୟରେ ଲୁଚି ଆଁ କରି ବସିଛନ୍ତି । ମୁଣ୍ଡଫଟା ଖରା, ଦିନ ତିନିପ୍ରହର ଗଡ଼ି-ଗଲାଣି, ତଥାପି ଆକାଶରୁ ନିଆଁ ଛୁଟୁଛି ।

ହୁଁ ମେଘ ଆଇ ରେ ହୁଂ ହୁଁ,
ଖବରଦାର ରେ ହୁଂ ହୁଁ,
ଜୋର କରରେ ହୁଂ ହୁଁ,
ଡାହାଣେ ଧରରେ ହୁଂ ହୁଁ,
ବାଁକୁ ଗୁଡ଼ରେ ହୁଂ ହୁଁ,
ଖଡ଼ପା ଖଡ଼ପା ଖଡ଼ପା (୫)

ରତନପୁର ମୌଜା ଗୋହିରରେ ଗହଡ଼ ଡାକ ଶୁଭିଲା । ଆଗରେ ଗୋଟାଏ ଡୋଲି, ପଛକୁ ପାଞ୍ଚଟା ଖାର ଗ୍ଭଲିଅଛି । ଡୋଲିଟା ଦକ୍ଷିଆ ଲୁଗାରେ ସମ୍ପୂର୍ଣ୍ଣ ଢଙ୍କା । ଗ୍ରାମରେ ପୁରୁଷ ଲୋକ ପ୍ରାୟ କେହି ନାହାନ୍ତି । ବିଲବାଡ଼ି କାମ ନ ଥିବାରୁ ବାପସିଂହ ଭାଇମାନଙ୍କ ସହିତ କେନ୍ଦ୍ରାପଡ଼ା ବଳଦେବଙ୍କ ସ୍ନାନଯାତ୍ରା ଦେଖିବାକୁ ଯାଇଅଛନ୍ତି । ଗାଁ ଏମୁଣ୍ଡ ସେମୁଣ୍ଡ ଚହଳ ପଡ଼ିଗଲା—ସୁଆରି ଅଇଲା, ସୁଆରି ଅଇଲା । ବୁଢ଼ୀ ଦରବୁଢ଼ୀ ମାଇକିନିଆମାନେ ଧଡ଼୍ କରି କବାଟ ମେଲାଇ-ଦେଇ ଗୋହିରିକୁ ବାହାରିପଡ଼ିଲେ । ବୋହୂଗୁଡ଼ାକ କବାଟ ଦରଆଉଜା କରି ଫାଙ୍କବାଟେ ମୁହଁଗଳାଇ ନାକବସଣି କାଢ଼ିଦେଲେ । ଗାଁ ମାଇକିନିଆଙ୍କ ମଧ୍ୟରେ ଡୋଲିଆରୋହୀ (୬) ସମ୍ବନ୍ଧରେ ନାନା ତର୍କ ଉପସ୍ଥିତ ହେଲା । ପ୍ରଥମେ ଲଙ୍ଗ ବଗୁର

Source: Author, Digitized by PPRACHIN, SOA

ପରେ ବ୍ୟକ୍ତ ବିଜର୍ଣ୍ଣିତ । କେହି କହିଲା ନୂଆବୋହୂ, କେହି କହିଲା ଜମାଦାର, କେହି କହିଲା ସାହାବ । ଜେମା ମା' ଅକାଟ୍ୟ ଯୁକ୍ତି ଦେଖାଇ କହିଲା, "ଆଜି ସ୍ନାନପୂର୍ଣ୍ଣିମା, ଜମାଦାର ସାହାବ ଘରକୁ ପଶିବାଖିର ନେଇଯାଉଛନ୍ତି ।" ଢୋଲ୍ ବାଘସିଂହ ଚଉରା ପାଖରେ ମୁହଁ ବୁଲାଇ ନଥିଲେ ଜେମା ମା' ଅନୁମାନ ସିଦ୍ଧାନ୍ତରେ ପରିଣତ ହେବାର ଖୁବ୍ ସମ୍ଭାବନା ଥିଲା ।

ବେହେରାମାନେ ବାଘସିଂହ ଦୁଆରେ ଢୋଲ୍‌ଟା ଦୁମ୍ କରି ଥୋଇଦେଇ ଗାମୁଛାରେ ମୁହଁ ବିଞ୍ଚିହେଲେ; ଗମ୍ ଗମ୍ ଦେହରୁ ଝାଳ ବହି ଯାଉଛି, ବାଁ ହାତ ଯାପୁଲିରେ ମୁହଁରୁ ପୋଷ ପୋଷ ପୋଛି ପକାଉଛନ୍ତି । ଭିତରକୁ ଖବର ଗଲା ନୂଆବୋହୂ-ମାଉସି ଆସିଅଛନ୍ତି । ଗଲା ମକର ମାସରେ ବାଘସିଂହ ପୁଅ ଚନ୍ଦ୍ରମଣି ଡାଲଯୋଡ଼ା ଫତେସିଂହଙ୍କ ଝିଅକୁ ବିଭା ହୋଇଅଛନ୍ତି । ଏହି ଢୋଲ୍ ଯେ ସକଳେ ସକଳେ ଡାଲଯୋଡ଼ାରୁ ଅଇଲା, ବିନା ବ୍ୟାଖ୍ୟାରେ ବୁଝିବାକୁ ଗାମର ବୁଦ୍ଧିମତୀ ସ୍ତ୍ରୀମାନଙ୍କ ପକ୍ଷରେ ଅଟକ୍ତି ହେଲା ନାହିଁ । ମାଣିକ ଭଣ୍ଡାରୁଣୀ ସାଆନ୍ତାଣୀ-ମାନଙ୍କୁ ଖବର ଦେବା ସକାଶେ ଭିତରକୁ ଧାଇଁଲା ।

ଆପ୍ଣମାନଙ୍କ ମାଣିକର ନାମ ଶୁଣିଥିବେ, ନଚେତ୍ ଶୁଣିବା ଆବଶ୍ୟକ । ଏହାକୁ ଲୁଚ୍ଛା ଭଣ୍ଡାରୁଣୀଟିଏ ବୋଲି ଜାଣିବେ ନାହିଁ । ଏ ବୁଦ୍ଧିରେ ମାମଲତରେ, ଗୁଣରେ ଅନେକ ପୁରୁଷର କାନ କାଟି ଗ୍ରନ୍ଥଦେଇ ପାରେ । ଗ୍ରାମର ସମସ୍ତ ଲୋକ ଏହାକୁ ଡରଆନ୍ତି । ବୁଢ଼ୀ, ଦରବୁଢ଼ୀ ପର୍ଯ୍ୟନ୍ତ ଖର ଖର କଥାରେ ଏହାଠାରୁ ପରାମର୍ଶ ନେଇ କାର୍ଯ୍ୟ କରନ୍ତି । ଗୁଣି ବିଦ୍ୟାରେ ଏହା ଆଗରେ କେହି ଛିଡ଼ାହୋଇ ପାରିବ ନାହିଁ । ଗାଁ'ର କଅଁଳା ପିଲାମାନଙ୍କୁ ଦୃଷ୍ଟି ହେଲେ ଫୁଙ୍କି ଉଡ଼ାଇଦିଏ । ଦାଇ ପଣରେ ଖୁବ୍ ଟାଣ—ବୋହୂ ଝିଅ ଦେହକୁ ଲାଗିଲେ (୭) ଉଠିଆରି (୮) ପର୍ଯ୍ୟନ୍ତ ପୁଆତି (୯) ପାଖଛଡ଼ା ହୁଏ ନାହିଁ । ମୂଳ ମୂଳିକା ମଧ୍ୟ ଢେର୍ ଜାଣେ । ପର ଉପକାର କରିବାକୁ ଯେପରି ହୁମ୍‌ଯୁମ୍ (୧୦); ଉପରେ ପଡ଼ି କଳିଆ କରିବାକୁ ସେହିପରି ମଜ୍‌ବୁତ୍ । କଳିଆରେ ଲାଗିଅଛି ତ ସେଦିନ ଗାଧୁଆ ନ ହେଲା । କାହାର ଦେହ ପା'କୁ ଲାଗିଲେ ତାହାକୁ ଯଉ ତ'ପଉ କରି ନେଇ କହି ଦେଇଅଛି, ନ ଖାଇ ନ ଶୋଇ ରାତିସାରା ବସି ଦେହରେ ହାତ ବୁଲାଉଥିବ । ବାହା-ପୁଆଣିରେ ଡାକ ନ ଡାକ ମାଣିକ ଉପସ୍ଥିତ, କହ ନ କହ ସବୁ କାମ କରି-ପକାଇବ । ମାଣିକ ନଜାଣେ ଏମନ୍ତ କଥା ନାହିଁ । କଟକ କଥା, ସାହେବଘର କଥା, ପୁରୀ ଜଗନ୍ନାଥ ମନ୍ଦିର କଥା ଇତ୍ୟାଦି କଥାମାନ ଗ୍ରାମର ସ୍ତ୍ରୀଲୋକମାନେ ମାଣିକ ମୁହଁରୁ କେବଳ ଶୁଣିବାକୁ ପାଆନ୍ତି । ମାଛ ବିନା ପୋଖରୀ ଥାଇପାରେ, ମାଣ ବନ୍ଧୁକ ଛଡ଼ା ଗାଁ ନାହିଁ । କେହି କେହି କହନ୍ତି, ମାଣିକଟା ଉଦବତବ (୧୧),

Source: Author, Digitized by PPRACHIN, SOA

ମିଛେଇ, ଆଗଡ଼ କହୁ (୧୨), ଏହ୍ବାର ଝାଡ଼ପୁରୁଷରେ କେହୁ ଗାଁ ଡେଇଁନାହାନ୍ତି, କଟକ କଥା, ସାହେବଙ୍କ ଘର କଥା କାହୁଁ ଜାଣିଲ !

ବାଘସିଂହ ଭୁଆସରେ ମାଣିକର ଖାଉ ଖାତର । ସହସ୍ର ଥର କଥିତ ଶଏଥର ଶ୍ରୁତ ରଜା ପୁଅ, ମନ୍ତ୍ରୀ ପୁଅ, ସାଧବ ପୁଅ, କଟୁଆଳ ପୁଅ, ଚାରିଜଣ ମିଳି ବଦେଶ ଯିବା କଥା, କଳେରେଇ ଦେଇ କଥା, କଇଁ ସେପାର ମଙ୍ଗଳା କଥା ଇତ୍ୟାଦ କାହାଣୀମାନ ଶୁଣିବା ସକାଶେ ପ୍ରତଦନ ସନ୍ଧ୍ୟାବେଳେ ସାଆନ୍ତାଣୀ-ମାନଙ୍କର ଡାକରା ଆସେ । ରାମ-ରାବଣ ଯୁଦ୍ଧ କଥା ମାଣିକ ମୁହଁେ ମୁହଁେ କହୁଯାଏ । ଯେ କଥା ପଚ୍ଚର, ସେଥିରେ ଜବାବ କଣ୍ଟସ୍ଥ ପାଇବ । ମାତ୍ର ଗୋଟିଏ କଥା, ସେ ଯାହା କହୁବ, ତୁମେ ସେଥିରେ ହୁଁ ଦେଇଯାଉଥିବ । ଯଦ ବୋଲ— ନୁହେଁ ପର, ଆଉ ଯାଅ କାହିଁ ! ସେକଥା ଯାଉ, "ସ୍ୱନାମା ରମଣୀ ଧନ୍ୟା ।" ମାଣିକକୁ ଗ୍ରାମରେ ସମସ୍ତେ ଭଲ ଜାଣନ୍ତି, ଅସ୍ମମାନଙ୍କର ଚହ୍ନାଇ ଦେବା ଅନାବଶ୍ୟକ ।

ଢୋଲ୍ ମହି ଦାଣ୍ଡରେ ଯାଉଥିବାବେଳେ ମାଣିକ ପଛରେ ଥିବା ଭଣ୍ଡାର ସାଙ୍ଗରେ କଥାବାର୍ତ୍ତା କର ହାଲ୍‌ଚାଲ୍ ବୁଝିଗଲ । ତାହା ବାଦ୍ ବାଘସିଂହଙ୍କ ଦାଣ୍ଡ ଦୁଆରୁ ପାଟି କର ଭୁଆସ ଭିତରକୁ ଧାଇଁଲ । "ବଡ଼ ସାଆନ୍ତାଣୀଏ, ସାନ ସାଆନ୍ତାଣୀଏ, ମହିଆଁ ସାଆନ୍ତାଣୀଏଁ ଧାଇଁ ଆସନ୍ତୁ, କେଉଁଠାରେ ଅଛନ୍ତି ? ତାଲଯୋଡ଼ାରୁ ସମୁଦୁଣୀଙ୍କ ସୁଆର ଆସି ଓଲଏ ହେଲ ଦାଣ୍ଡଦୁଆରେ ବସିଲଣି । ସମୁଦୁଣୀଙ୍କ ଆସିବା କଥା ମୁଁ ଚାରଦନ ହେଲ ଶୁଣିଲଣି, ଆପଣମାନଙ୍କୁ କହୁବାକୁ ଭୁଲିଯାଇଅଛ । ସେ କାଲିଠାରୁ ତାଲଯୋଡ଼ାରୁ ବାହାରଲେଣି । ମୁଁ କହୁଛ, କହୁ, ଏତେ ଡେରି କାହିଁ ହେଲ ? ତାଲଯୋଡ଼ାରୁ ଆସିବା ବାଟ ପାଖରେ ଯେ ବଡ଼ ପୋଖରୀଟାଏ ଅଛ; ସେହୁଠାରେ ଗାଧୁଆ-ପାଧୁଆ କରବାରେ ବଳମ୍ବ ହୋଇଗଲ ।" ବାଘସିଂହଘର ଚାର ଯାଆ ଏକ ଜାଗା ହୋଇ ପରସ୍ପର ମୁହଁ ଚହାଁଚହିଁ ହେଲେ । ସେଥିର ଅର୍ଥ ଅଭ୍ୟାଗତା (୧୩), ଅନାହୂତା (୧୪) ସମୁଦୁଣୀ ସମ୍ବନ୍ଧରେ କର୍ତ୍ତବ୍ୟ ନରୂପଣ । ମାତ୍ର ମାଣିକ ଏକାବେଳେ ମୀମାଂସା କରଦେଲ, "ଶୀଘ୍ର ଯାଇ ସମୁଦୁଣୀଙ୍କୁ ପାଛୋଟି ଆଣନ୍ତୁ ।"

ବାଘସିଂହ ଦାଣ୍ଡ ଦୁଆର କବାଟ ଫାଟରୁ ଫୁଲଗୁଣା ବସଣି ସହତ ଦୁଇ ଝାଡ଼ଗୋଟି ନାସିକା ଦୃଷ୍ଟ ହେଲ । ମାଉସୀ ଢୋଲରୁ ଓହ୍ଲାଇ ପଡ଼ି ଗୁମ୍ ଗୁମ୍ କର ଭିତରକୁ ପଶିଗଲେ । 'ସମୁଦୁଣୀ' କହୁ ପୂର୍ବୋକ୍ତ ନାସିକାଧାରଣୀ-ମାନଙ୍କୁ ପରସ୍ତେ କୁଣ୍ଢାଇ ଗଲେ । ଗୃହାଧିଷ୍ଠାତ୍ରୀ ସାଆନ୍ତାଣୀମାନେ ଆରବରେ ହସି ହସି ସମୁଦୁଣୀ ହାତ ଧର ଭିତରକୁ ଘେନଗଲେ । ସମୁଦୁଣୀଙ୍କର ଅଭ୍ୟର୍ଥନା ବିଷୟରେ ମାଣିକର ଉଦ୍‌ଯୋଗ ଅନୁଷ୍ଠାନ ଦେଖି । ସେ ଆଗେ ଆଗେ ଚଞ୍ଚଳ

Source: Author, Digitized by PPRACHIN, SOA

ଧାଇଁଯାଇ ବାଘସିଂହଙ୍କ ପହୁଡ଼ ଘର (୧୫) ଆଗ ମେଲାରେ ଗୋଟିଏ ସୁନ୍ଦରହାତ ଲମ୍ବା ପୁରୁଣା ଖରଡ଼ (୧୬) ପକାଇଦେଲା । ମାଉସୀ ସେଥିରେ ବସିପଡ଼ି ସୁନ୍ଦର ସମୁଦୁଣୀଙ୍କ ହାତ ଧରି ପାଖରେ ବସାଇଲେ । ପାଞ୍ଚଟା ଭାର ମଝି ଅଗଣାରେ ଥୁଆଗଲା । ଭାରର ଡାଳ (୧୭) ପାଚିଲା ଆମ୍ବ ଏକ ଭାର, ବଡ଼ ବଡ଼ ଯୋଡ଼ାଏ ଖଜା ପଣସ ଏକ ଭାର, ପାଚିଲା କଞ୍ଚା କଦଳୀ ଦୁଇ କାନ୍ଧି, ଦୁଇ ପୁଡ଼ା ସନ୍ଦେଶ ଏକଭାର, ପିଠୋଉ ପାଣିରେ ଧଳା କଦଳୀ ପତ୍ରରେ ମୁହଁ ବନ୍ଧା ବଡ଼ ବଡ଼ ସୁନ୍ଦର ହାଣ୍ଡି ଦୁଇଭାର–ଗଲା ଏ । ଗାଁ ମାଇକିନିଆମାନେ ଦେଖିବାକୁ ଧାଇଁଲେ । ରେବତୀ, ଶୁକୁରୀ, ଶଂଖୀ, ମାଳିଆ, ଜେମା ମା, ଖିମା ମାଉସୀ, ହରୁରୀ ମା, ଷୋଡଶୀ, ମେଙ୍କୀ, କନକ, ନେତ ଜେଜୀ, ସାବୀ, କମଳୀ, ପଦ୍ମଅପା, ଶାମାବୋହୂ, ନଳିତା, ବଷ୍ଟା, ସୁମିତ୍ରା, ଗଉଡ଼ ଘର କନିଆ ବୋହୂ; କେହି ପିଲା କାଖେଇ, କେହି ପିଲା ଧରି ଚଲାଇ, କେହି ଜଣକ ପଛରେ, କେହି ଏକାକିନୀ ଧାଇଁ ଅଛନ୍ତି । ଶୁକ୍ରା ମା ଘର ଲିପୁଥିଲା, ଚୁନ୍ଥପାଣି (୧୮) ହାତ ଧୋଇବାକୁ ବେଳ ନାହିଁ; ସାପ ଫେଣା ପରି ହାତଟି ଟେକିଅଛି ।

ବାଘସିଂହଙ୍କ ଅଗଣା ପୂରିଗଲା । ଦେବୀ ପ୍ରତିମା ଦେଖିଲା ପରି ମାଇକିନିଆମାନେ ଏକ ଧ୍ୟାନରେ ମାଉସୀଙ୍କ ରୂପମାଧୁରୀ ଅନୁଭବ କରୁଅଛନ୍ତି; କିନ୍ତୁ ବନିଆ, ବାଙ୍କିଆ, କାଳିଆ, ବନମାଳିଆ, ଗୋପାଳିଆ, ଗୁମିଆ, ଉମେଣ୍ଟିଆ, କାଶୀ, ଦୈତ୍ୟାରି ପ୍ରଭୃତି ଗ୍ରାମର ଦୁଷ୍ଟ ପିଲାଗୁଡ଼ାକ ମାଉସୀଙ୍କ ସୌନ୍ଦର୍ଯ୍ୟ ଦର୍ଶନ ବିଷୟରେ ମନୋଯୋଗ ନ କରି ବରଗଡ଼ି ଖାଖୁଆ ଖାଲେଇକୁ ଅନାଇଲା ପରି ବାହାରେ ଥୁଆହୋଇଥିବା ପାଚିଲା କଦଳୀ, ପାଚିଲା ଆମ୍ବକୁ ଅନାଇ ରହିଛନ୍ତି । ଏହା ଯେ ଅସଭ୍ୟତା ଏବଂ ନୀତିଶାସ୍ତ୍ରବିରୁଦ୍ଧ କାର୍ଯ୍ୟ ସେଥିରେ ସନ୍ଦେହ ନାହିଁ । ଆଉ ସେମାନଙ୍କର ବୃଦ୍ଧରେଖା ଜମଗଡ଼ରେ ଯେପରି ସଙ୍କୋଚଭାବ ଧାରଣ କରି ଆସୁ-ଥିଲା, ବୁଦ୍ଧିମନ୍ତୀ ମାଣିକ ସେଥିର ପ୍ରଚ୍ଛନ୍ନ ଅସଦାଭିପ୍ରାୟ (୧୯) ହୃଦୟଙ୍ଗମ କରି ଯଥେଷ୍ଟ ତର୍ଜନପୂର୍ବକ ତାହାଣ ହାତ ହଲାଇ ସେମାନଙ୍କୁ ଅପସାରିତ (୨୦) କରିଦେଇ ନ ଥିଲେ ଗୋଟାଏ ଲୁଟତରାଜ ମାମଲା ଉଠିବା ହେବାର (୨୧) ଖୁବ୍ ସମ୍ଭାବନା ଥିଲା ।

ବୋହୂ-ମାଉସୀ ମୁଣ୍ଡରେ ମା ମଙ୍ଗଳା ପରି ମୁଣ୍ଡାଏ ସିନ୍ଦୂର, ଆଖିରେ କଜ୍ଜଳ, ନାକରେ ଗୁଣା, ତା ଉପରେ ନାଟମୟୂର, ବାଁ ପୁଡ଼ାରେ ବସଣି, ଦୁଇ କାନରେ ବଡ଼ ବଡ଼ ଦୁଇଟା କାପ, ବେକରେ ସୁନ୍ଦରପଦ୍ମ, ତା ତଳେ ପାଟସୂତାରେ ଗୁନ୍ଥା ମାଳେ କୁରୁଜାତକ (୨୨), ବାହୁରେ ବନ୍ଦ, ହାତରେ ପଇଞ୍ଚି, ତାହା ଉପରେ କଟା (୨୩), ତାହା ଉପରେ ଚୁଡ଼ି, ହାତ ପାଞ୍ଚଅଙ୍ଗୁଳିରେ ରୁପା ଗ୍ରୁପ

Source: Author, Digitized by PPRACHIN, SOA

ମୁଦ ସାତଗୋଟା; ଗୋଡ଼ରେ ଚବଶପଲ ଓଜନରେ ଦୁଇଟା କଂସାବାଙ୍କ (୨୪), ଗୋଡ଼ ଦଶ ଅଙ୍ଗୁଳିରେ ଝୁଣ୍ଟିଆ, ମୁଣ୍ଡରେ ଦଶ ବାର କେଉ ପାଟଥୋପରେ (୨୫) ବିଶାଳ ଜୁଡ଼ା, ତାହା ଉପରେ ଛଅଟା ବେଙ୍ଗପାଟିଆରେ (୨୬) ଛଅକେଉ ଶିଉଳିଲଗା ଗୋଜକାଠି ଖୋସା । କୃଷ୍ଣକଣ୍ଠିଧଡ଼ି ଷୋଳହାତ ବରମପୁରୀ ପାଟ-ଶାଢ଼ୀ ପିନ୍ଧା, ଗାଲରେ ଗାଲେ ପାନ । ତାଳିଯୋଡ଼ା ଫତେସିଂହ ଘର ବେଶ୍ ଚଳ (୨୭) ପୂର୍ବରୁ କାନରେ ଶୁଣାଥିଲା, ବର୍ତ୍ତମାନ ଆଖିରେ ଅଳଙ୍କାର ବିଭବ ଦେଖି ଗାଁ ମାଇକିନିଆମାନେ ବୁଝିଗଲେ—ହୁଁ, ଘରପଣ ଘରଟାଏ ।

ମାଉସୀ ବସିପଡ଼ି କହିଲେ, "ମୋ ଝିଅଟି କାହିଁ ? ମୋ ଝିଅଟି କାହିଁ ? ମୋ ଝିଅଟିକୁ ଦେଖିବ । ଆହା ! ମା'ଛେଉଣ୍ଡୀଟି ଶୁଖିଯିବଣି ।" ସାନ ଖୁଡ଼ୀଶାଶୁ ନୂଆବୋହୂଟିକୁ ଘେନିଆସିଲେ । ବୋହୂଟି ଦେଢ଼ହାତ ଓଢ଼ଣା ପକାଇ ଅଳ୍ପ ନଇଁ ନଇଁ ଆସି ମାଉସୀ ଗୋଡ଼ତଳେ ଲଠକରି ମୁଣ୍ଡିଆଟିଏ ମାରିଲା । ମାଉସୀ ଝିଅଟିକୁ ଭୁଣ୍ଡାଇପକାଇ ବାହୁନି ବସିଲେ । "ଆରେ ମୋ ଝିଅରେ, ତୋତେ ନ ଦେଖି ଅନ୍ଧ ହୋଇଯାଇଥିଲି । ଆରେ ମୋ ଚନ୍ଦ୍ରଉଦଆରେ, ମୋ ଘର ଅନ୍ଧାର କରି ଆସିଲୁ, ଆରେ ମୋ ଜନା-ମାଣିକରେ ।" ମାଉସୀ ବାହୁନି ବାହୁନି ଅଥୟ ହୋଇଗଲେଣି, ଦୁଇଆଖିରୁ ଝରଝର କରି ପାଣି ବୋହିପଡ଼ୁଛି । ବଡ଼ ସମୁଦୁଣୀ ଭୁଣ୍ଡାଇପକାଇ ଆପଣା ପଣତକାନିରେ ଆଖି ପୋଛିଦେଲେ ଏବଂ ଅନେକ ପ୍ରକାର ବୁଝାଇ ସମଝାଇ ଚୁପ କରାଇଲେ । ମାଉସୀ କହିଲେ, "କ'ଣ କହୁଛ ସମୁଦୁଣୀ, ଝିଅ ଆସିଲା ଦିନୁ ଅନ୍ନଜଳ ପିତା କରିଦେଲିଣି । ଖାଲି ଦାଣ୍ଡକୁ ଚାହିଁ ବସିଥାଏ; ଏଣୁ ଲୋକଟିଏ ଗଲେ ପଚାରେ, ବାଳକଟିଏ ଗଲେ ପଚାରେ ।"

ଝିଅଟି ତ ନୂଆ ପାଟି ଶୁଣି ଏବଂ ବାହୁନା ଦେଖି ତାଟକା (୨୮) ହୋଇଗଲାଣି । ମାଉସୀ ମୁହଁ ଦେଖିବାପାଇଁ ଟିକିଏ ଓଢ଼ଣା ଟେକିଥିଲା । ଚତୁରୀ ମାଉସୀ ଝିଅଟିର ଅଭିପ୍ରାୟ ସହଜରେ ବୁଝିପାରି ଓଢ଼ଣା ଟାଣିଦେଇ କହିଲେ, "ଆରେ ମୋ ଲାଜକୁଳୀବଦନରେ, ଆରେ ମୋ ଲାଜକୁଳୀଲତାରେ, ତୋତେ କିଏ ଲାଜ ଶିଖାଇବରେ । ସମୁଦୁଣୀ କ'ଣ କହିବ, ଏହା ମାଆର ଏହିପରି ଲାଜ ଥିଲା । ବୁଢ଼ୀ ହୋଇଗଲା, ଶାଶୁମାନଙ୍କ ଆଗରେ ଆଖି ଫିଟାଇ ଚାହିଁନାହିଁ, ଓଢ଼ଣା ଟେକିନାହିଁ । ଶାଶୁ ସାଙ୍ଗରେ ଭଟଭଟ ଲଗାଇବ ପଛକେ, ଖୁଡ଼ୀଶାଶୁମାନଙ୍କୁ ଗାଳିଦେବ ପଛକେ, ସେହି ଓଢ଼ଣା ଭିତରୁ । ଧାନ ପେଟରୁ କ'ଣ ବାଲୁଙ୍ଗା ବାହାରିବ ? ତୁଳସୀମଞ୍ଜିରୁ କ'ଣ ବନ୍ଧୁଆତ ହେବ ? ଛଉଳଝିଅ ହୋଇ ଯେବେ ଲାଜ ନ ହେଲା, ଧିକ୍ ତା ଜୀବନ; ଗୁଡ଼ ତା କଥା ।" ଝିଅଟି ତ ମାଉସୀ କଥା ଶୁଣି ଆହୁରି ଡାଙ୍କିଡୁଙ୍କି ହୋଇ ବେଙ୍ଗୁଲିପରି ବସିଲା । ଟାଙ୍ଗୀରେ ତାହାର

Source: Author, Digitized by PPRACHIN, SOA

ଗୋଟିଏ ମାଉସୀଘର ଥିବାର ସେ ଅରେ ଶୁଣିଥିଲା । ସେ ତା ମାଆର ଖୁଡ଼ୁତ ଝିଅ ଭଉଣୀ । ମନରେ ବୁଝିଲା, ଏ ସେହି ମାଉସୀ ।

ତାହା ବାଦ୍ ବୋହୂ-ମାଉସୀ ହସି ହସି ସମୁଦୁଣୀମାନଙ୍କ ସହିତ କଥାବାର୍ତ୍ତା କଲେ । ସମୁଦୁଣୀ ସମୁଦୁଣୀ କଥା, ହସକୌତୁକ କଥା, ଝାପରା ଝାପୁର (୨୯) କଥା ଢେର୍ ହେଲା । ଆପଣଙ୍କର ସେ ସମସ୍ତ କଥା ଶୁଣିବାକୁ ଇଚ୍ଛା ଥାଇପାରେ; ମାତ୍ର ଭଲଲୋକଘର ବୋହୂ-ଭୁଆସୁଣୀ କଥା ପ୍ରକାଶ କରିବାକୁ ଆମ୍ଭେମାନେ ନିତାନ୍ତ ନାରାଜ । ତେବେ ଆପଣ ଯଦି ଶୁଣିବାକୁ ନିତାନ୍ତ ଇଚ୍ଛା କରନ୍ତି, ଆଉ ଯାହା କହିଲେ କୌଣସି ଦୋଷ ନାହିଁ, ତେତିକି କଥା କହିପାରୁ । ବୋହୂ-ମାଉସୀ କହିଲେ—

"ଏ ବରଷ ବଡ଼ ଯୋଗ ପଡ଼ିଛି, ସମସ୍ତେ ବଳଦେବ ଯାତ ଦେଖିବାକୁ ଧାଇଁଛନ୍ତି । ଆମ ଗାଁ ତ ଶୂନଶାନ । ମୁଁ କହିଲି ଆଚ୍ଛା ବେଳ ପଡ଼ିଲା, ଦର୍ଶ ଦେଖା ସମୁଦୁଣୀ ଭେଟ ଏକ ସାଙ୍ଗରେ ହୋଇଯିବ । ଝିଆରିଟି କେମନ୍ତେ ଅଛି ଦେଖିବି । ସମସ୍ତଙ୍କୁ ହେଣ୍ଟରେଇ (୩୦) ହେଣ୍ଟରେଇ ଘରୁ କାଢ଼ିଲି । ଆମର ସେମାନେ, ଆଉ ଭଣେଇ ସାଆନ୍ତ ଗୋଟାଏ ଗୋଟାଏ ଘୋଡ଼ାରେ ଚଢ଼ି ଦାଣ୍ଡେ ଦାଣ୍ଡେ ଆଗରେ ଯାଇ ତୋଟାରେ ବସିଛନ୍ତି । ଭଣ୍ଡାରୀ ଗଉଡ଼ ସମସ୍ତେ ସେମାନଙ୍କ ସାଙ୍ଗରେ । ମୁଁ କହିଲି ଝିଅଟିକୁ ନଦେଖି ଯିବି ନାହିଁ । ଏଣେ ବାହାରି ଆସିଲି । କାଲି ଦର୍ଶନ ସାରି ସମସ୍ତେ ଏହି ବାଟେ ବାହୁଡ଼ିବା । ବାଟରେ ଶୁଣିଲି, ସମୁଧି-ମାନେ ଯାତ ଦେଖି ଯାଇଛନ୍ତି । ଭଲ ହେଲା, ସମସ୍ତେ ସାଙ୍ଗ ହୋଇ ଆସିବା । ଦେଖ ସମୁଦୁଣୀ, ତୁମ୍ଭମାନଙ୍କ ସଙ୍ଗରେ ଦୁଃଖ ସୁଖ କଥା, ହସକୌତୁକ କଥା କିଛି ହୋଇପାରିଲା ନାହିଁ । ଫେରିବାବେଳେ ଏହିଠାରେ ଚାରିଦିନ ରହିଯିବି । ଭଣେଇ ସାଆନ୍ତେ କହୁଥିଲେ କେବଳ ଦିନେ ରହିବେ । ଦେଖିବନି ଭଲା, କପରି ଚାରିଦିନ ନ ରହିବେ; ଅଣ୍ଟାରେ ହାତ ପୁରେଇ ଦେବି ପରା ! ଝିଆରି ମୁଣ୍ଡରେ ହାତ ବୁଲେଇ କହିଲେ, "ମାରେ, ଝିଅରେ, ଆହା ! ପିଲାଲୋକ କେଜାଣି ଚହ୍ଲିପାରିବୁ ନାହିଁ, ଢେର ଦିନ ହେଲା ଦେଖିନାହୁଁ । ମୁଁ ଫେରିଆସେ, ନିରୋଳାରେ ବସି ଢେର୍ କଥା କହିବି ।" କାନରେ ତୁନି ତୁନି କହିଲେ, "ତୋ ଲାଗି ଯାହାକୁ ଢେର୍ ଜିନିଷ ଆଣିବି ।"

ବୋହୂ-ମାଉସୀ ବାହୁଡ଼ିଆଡ଼କୁ ଯିବାକୁ ଇଚ୍ଛା କରି ଠିଆ ହୋଇ କହିଲେ, "ଦେଖ ସମୁଦୁଣୀ, ମୁଁ ପଦାଆଡ଼େ ଗଲେ (୩୧) ସ୍ନାନ କରେ, ଦୁଇଥର ଯିବି ପଛେ ତିନିଥର ସ୍ନାନ । ଘର ପଛକୁ ଗଲେ ଲୋଟାଏ ପାଣି । 'ଆଗ୍ରେ ଲକ୍ଷ୍ମୀ, ବଗ୍ରେ ପଣ୍ଡିତ' (୩୨) ।" ଏହା କହି ଦାଣ୍ଡଦୁଆର ତୋଲି ପାଖକୁ ଗୁମ୍‌ଗୁମ୍ କରି ବାହାରିଗଲେ । ସାଙ୍ଗ ଭଣ୍ଡାରୀ ପୂର୍ବରୁ ଢାଳଟିଏ ଧରି ଛିଡ଼ା ହୋଇଥିଲା ।

Source: Author, Digitized by PPRACHIN, SOA

ବୋହୂ-ମାଉସୀ ପାଣି ପଡ଼ିଯିବା ଭୟରେ ଲୋକଟା ମୁହଁରେ ହାତ ଘୋଡ଼ାଇ ବାଡ଼ ଦୁଆରକୁ ବାହାରିଗଲେ । ବାଘସିଂହ ଘର ପୋଇଲୀ ମୁରୁସିମା ଓଳଚଳ ଦେଖାଇ ଦେଇ ବାଡ଼ଦୁଆରେ ଛଡ଼ାଇଦେଲା । ବୋହୂ-ମାଉସୀ ତାକୁ ଅନାଇ କହିଲେ, “ଦେଖ, ସକାଳୁ ମୋତେ ପୀଡ଼ା ହେଲାଣି କ’ଣ କରିବ, ଘରଅଡ଼େ ଲୋକ, ପୁରୁଷ ହେଉ ସ୍ତ୍ରୀ ହେଉ କେହି ଅନାଇଲେ ମୁଁ ବସିପାରେ ନାହିଁ ।” ମୁରୁସିମା କହିଲା, “ନାହିଁ ନାହିଁ, ଏଠାରେ କେହି ନାହାନ୍ତି, ଆପଣ ଯାଆନ୍ତୁ, ଆପଣ ଯାଆନ୍ତୁ ।” ଏହା କହି ଘର ମଧ୍ୟକୁ ଆସି ବାଡ଼ଦୁଆର ଆଉଜାଇ ଦେଲା ।

ଅନ୍ଧାର ହୋଇ ଆସିଲାଣି । ବୋହୂ-ମାଉସୀ କହିଲେ, “ମୁଁ ଆଉ ରହିପାରିବ ନାହିଁ, ସେମାନେ ବାଟ ଗୁହିଁ ବସିଥିବେ ।” ସମୁଦୁଣୀମାନେ କିଛୁ ଖାଇବାକୁ କହିଲେ । ବୋହୂ-ମାଉସୀ ଜିଭ କାମୁଡ଼ିପକାଇ କହିଲେ, “ରାମ—ରାମ—ରାମ । କ’ଣ କହିଲ ସମୁଦୁଣୀ, କ’ଣ କହିଲ ? ଏ ଘରେ ଝିଅ ଦେଇଛୁ, ପାଣି ଛୁଇଁବ ?” ବିଦାବେଳେ ବୋହୂ-ମାଉସୀ ସମୁଦୁଣୀମାନଙ୍କୁ କୁଣ୍ଢାଇ ପକାଇ କହିଲେ—

“ଦେଉନ୍ତୁ ମେଲାଣି ଯାଉଛୁ ସଙ୍ଗାତ
ମନଟି ରଖିଲ ବାନ୍ଧି,
ଜନମର ପିନା ସରବ ନାହିଁଟି
ସକେଇ ସକେଇ କାନ୍ଦ ।”

ଟୋଲ ଗାଁରୁ ବାହାରି ବଳବାଟ ଅନ୍ଧାରରେ ମିଶିଗଲା । ଏଣେ ସାଆନ୍ତ-ମାନଙ୍କୁ ଦେଖିବା ସକାଶେ ସ୍ୱର ସବୁ ରଖାଇ ଦିଆଗଲା । ବୋହୂ-ମାଉସୀ ବିଦାୟ ହୋଇଗଲା ବାଦ ତାଙ୍କ ରୂପ ଗୁଣ ବିଷୟରେ ଢେର୍ ସମାଲୋଚନା ହେଲା । ସମସ୍ତେ ପ୍ରଶଂସା କଲେ—କେହି ରୂପର, କେହି ଗୁଣର, କେହି ଅଳଙ୍କାରର, କେହି ପାଟଳ କଦଳୀର । ମାତ୍ର ମାଣିକ କହିଲା, “ହେଲା ହଁ; ବଡ଼ଲୋକ ଘର; ରୂପଟା ଏକା ସେ ରୂପ ନୁହେଁ, ଗ୍ଲୁମୁଦାନ୍ତ ଦୁଇଟା ବାହାରା, ଗାଲ ଦୁଇଟା ଉଆଉଫଡ଼ା ପରି ।” ହଗୁରି ମା କହିଲା, “କଥାଟାରେ ଏକା ମିଠା ନାହିଁ, ଠୋସ୍‌ଠୋସ୍ (୬୩) ।” ମୁରୁସିମା କହିଲା, “ଚାଲିଟା ଧସ୍‌ଧସ୍ ।” ଶଙ୍ଖୀ କହିଲା, “ହଁ ହଁ, ହସଟା ଫସ୍‌ଫସ୍ ।” ଶୁକ୍ରୀ କହିଲା, “ଚାହାଣିଟା କସ୍‌ମସ୍ ।” ମୁହୂର୍ତ୍ତକ ମଧ୍ୟରେ ‘ଏକୋହି ଗୁଣରେ ଦୋଷସନ୍ନିପାତ’ ହୋଇଗଲା । ନୂଆ-ବୋହୂକୁ ମାଉସୀ ସମ୍ବନ୍ଧରେ ଅନେକ ପ୍ରଶ୍ନ କରାଗଲା; ମାତ୍ର ସେ ଏତିକ କହିଲା—“ଟାଙ୍ଗୀ-ମାଉସୀ ।”

Source: Author, Digitized by PPRACHIN, SOA

ପରିଚ୍ଛେଦ-୧୭

କାପରି ଘର ପୋଡ଼ିଲା

ଆଜି ଅନନ୍ତପୁର ଗ୍ରାମରେ ହାହାକାର ପଡ଼ିଅଛି । ଗତ ଅର୍ଦ୍ଧରାତ୍ରିରୁ ବାଘସିଂହ ଘରେ ନିଆଁ ଲାଗି ସମସ୍ତ ଘର ଧାନଅମାର ପୋଡ଼ି ଛାରଖାର ହୋଇ-ଗଲାଣି । ନିଆଁ ପାଉଁଶ ବୋଲିହୋଇ କାଳିଆ କାଳିଆ କାନ୍ଥଗୁଡ଼ାକ ଛିଡ଼ା ହୋଇଅଛି । ଏ ପର୍ଯ୍ୟନ୍ତ ନିଆଁ ଲିଭି ନାହିଁ । ଘର ଭିତରେ ଚାଳ ବସିଯାଇ ଧୂ ଧୂ ହୋଇ ଜଳୁଅଛି । ମୂଳ ବାଉଁଶଗୁଡ଼ାକ ଫଟ୍ ଫଟ୍ କରି ଫୁଟୁଅଛି । କେଉଁଠାରେ କାନ୍ଥ ଉପରେ ବାଉଁଶ ଯୋଡ଼ାଏ, କେଉଁଠାରେ ନଡ଼ା ମେଞ୍ଚାଏ ଲାଗି ଜଳୁଅଛି । ମୋଟା ମୋଟା ଖୁମ୍ବଗୁଡ଼ାକ ଅଗ୍ନିସ୍ତମ୍ଭପରି ଦିଶୁଅଛି । କବାଟରେ ନିଆଁ, ଚୌକାଠରେ ନିଆଁ, ଘରଆଡ଼େ ନିଆଁ । ଧାନଘର ଭିତରେ ନିଆଁ ପଶି ଖାଲି ଧୂଆଁ ବାହାରୁଅଛି । ଜ୍ୟୈଷ୍ଠମାସିଆ ଦିନ, ଚାଳବାଡ଼ ଶୁଖି ଝୁଣ୍ଟା ହୋଇ (୧) ରହିଥିଲା । ପାଖ ମାଡ଼ିବାକୁ ସାଧ୍ୟ କାହାର ? ପବନ ଏତିକିବେଳେ କାହିଁ ଥିଲା ! କେବଳ ଅଟୁ ଭିତରକୁ ନିଆଁ ଯାଇପାରିନାହିଁ, କବାଟ ଧରିଲାଣି । ହଳିଆମାନେ ମାଠିଆ ମାଠିଆ ପାଣି ପକାଇ ଆଟୁ କବାଟ ପାଖକୁ ଯିବାକୁ ଚେଷ୍ଟା କରୁଛନ୍ତି ।

ଯାହାକାଳିମାନେ (୨) ବାହୁଡ଼ି ଆଇଲେଣି । ଦିନ ଛ ଘଡ଼ି—ତଳେ ନିଆଁ, ଉପରେ ନିଆଁ । ଘରୁ ବୁଣ୍ଟା କେହିଏ ବାହାରି ନାହିଁ । ଅଧ ରାତିରେ ନିଆଁ ଲାଗିଲା, ମାଇକିନିଆମାନେ ନିଦବାଉଳାରେ ହାଉଳି ଖାଇ (୩) ଦେହ ଲୁଗା ଘେନି ବାହାର ଟୋଟା ମଧ୍ୟରେ ଗଛ ମୂଳରେ ବସିଅଛନ୍ତି । ବଣ ବିରାଡ଼ି ପରି ଘର ନିଆଁକୁ ଅନାଇ ଡକା ପାଡ଼ୁଛନ୍ତି । ହଳିଆମାନେ ଗାଈ ବଳଦ ଫିଟାଇ ଦେଇ ଆଗରୁ ପଳାଇ ଯାଇଥିଲେ । ସେମାନେ ଚେଷ୍ଟା କରିଥିଲେ କେତେକ ଜିନିଷ ବଞ୍ଚାଇ ପାରିଥାନ୍ତେ; ମାତ୍ର ପର ପାଇଁ କେତେଜଣ ନିଆଁରେ ପଶନ୍ତି ? ଦିନ ବୁଡ଼ିଆସିଲାଣି । ବାଘସିଂହ ଘରେ ପିଲାଠାରୁ ବୁଢ଼ାଯାଏ କାହାରି ଦାନ୍ତରେ ଦାନ୍ତ-କାଠି ବାଜି ନାହିଁ । ପିଲାଗୁଡ଼ିକଙ୍କୁ ଆଉ ବୋହୂଗୁଡ଼ାଙ୍କୁ ଝୋଲା ମାରିଗଲାଣି (୪) । ବୁଢ଼ା ପୁରୋହିତ କେନ୍ତୁ ରଥେ ଅନେକ ବୁଝାଇ ସମଝାଇ ସମସ୍ତଙ୍କୁ ଦାନ୍ତ ଘଷାଇଲେ । ଘରୁ ଗୁଡ଼ ଚୁଡ଼ା, କଂସା କଂସା ତୋରାଣି ଆଣି ସମସ୍ତଙ୍କୁ ମୁନ୍ଦାଏ ମୁନ୍ଦାଏ ପିଆଇ ସାଷ୍ଟମ (୫) କରାଇଲେ । ମାଇକିନିଆ ମଧ୍ୟରେ କେହି ଖାଇଲା ବା କେହି ନ ଖାଇଲା । ବାଘସିଂହ ଘରଆଡ଼େ ଚାହିଁ ଠକ ଠକ କରି ଢାଳେ ପାଣି ପିଇ ଦେଇ ପଡ଼ିଗଲେ ।

ଧାନ ଘର ଗୁଣ୍ଡି ଆଉ ଆଉ ଘରେ ନିଆଁ ଲିଭିଲାଣି, କୌଣସି କୌଣସି ଘରୁ ଅଳପ ଅଳପ ଧୂଆଁ ବାହାରୁଅଛି । ରାତି ଅନ୍ଦାଜ ଦୁଇଘଡ଼ି । ଭାଇମାନଙ୍କ

Source: Author, Digitized by PPRACHIN, SOA

ସହିତ ବାଘସିଂହ ଆଉ ଗାଁ ଲୋକ ସମସ୍ତେ ଗୋଟାଏ ଗଛ ମୂଳରେ ବସିଛନ୍ତି । ବାଘସିଂହ ପଚାରିଲେ, "ନିଆଁ କିପରି ଲାଗିଲା ?" ସମସ୍ତଙ୍କର ପ୍ରଶ୍ନ ନିଆଁ କିପରି ଲାଗିଲା; ଉତ୍ତର ଦେଉଛି କିଏ ? କେନ୍ତୁ ରଥେ କହିଲେ, "ନିଆଁ ଲଗାଇବ କିଏ ? ବାଘ ଦୁଆରକୁ କିଏ ଆସିବ ? ହିଙ୍ଗୁଳା ଠାକୁରାଣୀଙ୍କର କର୍ମ ।" ସମସ୍ତେ ତାହାଙ୍କ ମୁହଁକୁ ଚାହିଁ କହିଲେ, "ଠିକ୍, ଏହି କଥା ଠିକ୍ ।" ଗୋବିନ୍ଦ ରଥେ କହିଲେ, "ନାହିଁ ହୋ, ତାହା ନୁହେଁ, ବୁଢ଼ୀ ମଙ୍ଗଳାଙ୍କ କୋପ । ଦେଖୁ ନାହାନ୍ତି, ମଙ୍ଗରାଜେ ବରଷେ ସାରା ପୂଜା ଲଗାଉଛନ୍ତି । ମୁଁ କେତେଥର କହିଲି, ପୂଜା ପଠାଅ, ଶୁଣିଲେ ନାହିଁ, ଏବେ ଦେଖିଲ ତ ? ମୁଁ ନ ବୁଝି ନ ସୁଝି କିଛି କଥା କହେ ନାହିଁ । ଠାକୁରାଣୀ କୃଷ୍ଟ (୬) ନ ହେଲେ ଓଳିପରୁ (୭) ପାଳଦଉଡ଼ି ଗଦାକୁ ନିଆଁ କାହୁଁ ଅଇଲା ?"

ମାଣିକ କହିଲା, "ସେ ସବୁ କଥା ଯାହା ହେଉ, ନୂଆବୋହୂ ପଦଗଣ୍ଟା (୮) ଏକା ବଡ଼ ଖରାପ । ସେ ଏ ଘରେ ପାଦ ଦେବା ଦିନୁ ନାନା ଅମଙ୍ଗଳ ଘୋଡ଼ାଇଛି ।" ଶାମା ମା କହିଲା, "ଏ କଥାଟା ଏକା ସତ, ଠିକ୍ ସତ— ଡରରେ ପିନା କହି ପାରୁ ନ ଥିଲି । ଦେଖିଲ ନା, ଚୈତ ମାସରେ କିଛି କାହିଁ ନାହିଁ, ଗାଈଟାକୁ ସାପ ଦଂଶିଦେଲା । ସାପ କି ଏ ଗାରେ ନ ଥିଲେ ? ଗାଈ କାମୁଡୁଥିଲେ କେଉଁଦିନ ? ମୋହର ତ ବାର ପୁଞ୍ଜା ବୟସ ହେଲା, ବାଘସିଂହ ଘର ଗାଈକୁ ସାପ କାମୁଡ଼ିଛି ଏ କଥା ଶୁଣିନାହିଁ ।" ମକରା ହଳିଆ କହିଲା, "ନୁହେଁ ତ କ'ଣ ? ଦୁଇ ବରଷ ତଳେ ମୋହର ହାତାପର ଦୁଇଟା ବଳଦ ଗୁମ୍‌ଗୁମ୍ କରି ବସିଗଲେ ।" ଅର୍ଜୁନା ହଳିଆ କହିଲା, "ଏହି ଆମ୍ଭ ତୋଟାରେ ଘୋଡ଼ୁ ଚରୁଥିଲେ, ଏ ବରଷ ଗୋଟାଏ ଦେଖିବାକୁ ସପନ ।" ହଳିଆ ହଳିଆଣି ଭଣ୍ଡାରି ଭଣ୍ଡାରୁଣୀ ସମସ୍ତଙ୍କ ଅନୁମାନ, ଯୁକ୍ତି ଏବଂ ପ୍ରମାଣ ପ୍ରୟୋଗ ଦ୍ୱାରା ସ୍ଥିର ହେଲା, ବୋହୂ ପଦଗ୍ରା ଘର ପୋଡ଼ିର କାରଣ ଅଟେ । ଏହି ସିଦ୍ଧାନ୍ତର ପୋଷକତା (୯) ନିମନ୍ତେ ମାଣିକ ପୁନଶ୍ଚ କହିଲା, "ଦେଖୁନାହିଁ, ବୋହୂ ମାଉସୀ ଯେପରି ପାଦ ଦେଇଛି ଦିନଦିନ ଯାଇ ନାହିଁ, ଦିନ ପକ୍ଷ ଯାଇ ନାହିଁ, ଅମଙ୍ଗଳ ସାଙ୍ଗେ ସାଙ୍ଗେ ।"

ବାଘସିଂହ ପଚାରିଲେ, "ବୋହୂ-ମାଉସୀ କିଏ ? ବୋହୂ-ମାଉସୀ କିଏ ?" ଡୋଲି ଚଢ଼ି ବୋହୂ-ମାଉସୀର ଆଗମନ, ଅଶ୍ୱାରୋହଣ ପୂର୍ବକ ଡାଲିଯୋଡ଼ା ଫତେସିଂହଙ୍କର ଦେବଦର୍ଶନକୁ ଯାତ୍ରା ଇତ୍ୟାଦି ଯଥାଦୃଷ୍ଟି, ଯଥାଶ୍ରୁତ ଅଳଙ୍କାରେ (୧୦) ପୂର୍ବକଥିତ (୧୧) ମାଣିକ ବର୍ଣ୍ଣନା କଲା ଏବଂ ସଙ୍ଗେ ସଙ୍ଗେ ମାଉସୀ ଆଣିଥିବା ଘରର ଶଯ୍ୟା ଘରସ୍ଥିତ ପଦାର୍ଥମାନଙ୍କ ବିଷୟ ବର୍ଣ୍ଣନା କରିବାକୁ ବିସ୍ମୃତ ହେଲା ନାହିଁ । ସାବି ମା କେଉଟଣୀ କହିଲା "ସେ ଗୋବିନ୍ଦପୁରକୁ

କେତେଥର ଚଢ଼ା ବକବାକୁ ଯାଇ ଦେଖି ଆସିଛୁ, ବୋଦୁ-ମାଉସୀ ରୂପ ଠିକ୍ ରାମଚନ୍ଦ୍ର ମଙ୍ଗରାଜଙ୍କ ଘରର ଚମ୍ପା ପରି ।" ଶଙ୍କର ହଳିଆ କହିଲା, "ଯେଉଁ ଲୋକଟା ପଣସ ଚୋର ଆଣିଥିଲା ସେଟା ମଙ୍ଗରାଜଙ୍କ ହଳିଆ ।" ବାଘସିଂହ ରାଇ-ମାନେ ମୁହଁ ଚୁହାଁଚୁହିଁ ହୋଇ କହିଲେ, କାହିଁ ଆମ୍ଭେମାନେ ତ ଦାଣ୍ଡେ ଦାଣ୍ଡେ କେନ୍ଦାପଡ଼ାରୁ ଆସୁଅଛୁଁ, ଡୋଲି କମ୍ବା ଘୋଡ଼ା ତ ଦେଖିଲୁ ନାହିଁ ? କେନ୍ଦ୍ରାପଡ଼ା ଦାଣ୍ଡ ଏବଂ ଡାଳିଯୋଡ଼ା ଫତେସିଂହଙ୍କ ଘରଠାକୁ ରାତାରାତି ଲୋକ ଗଲେ । ସେମାନେ ବାହୁଡ଼ି ଆସି ଯେଉଁ ସମ୍ବାଦ ଦେଲେ, ସେଥିରୁ ଜଣାଗଲା, ସର୍ବୈବ ମିଥ୍ୟା, ମାଉସୀର ଅସ୍ତିତ୍ୱ ଅସ୍ୱୀକାର ଏହି ଘଟନା ଯୋଗ ଗ୍ରାମ ମଧ୍ୟରେ ଅନେକ ଦିନ ପର୍ଯ୍ୟନ୍ତ ଆଲୋଚନା ହେଲା । ଆଖପାଖ ଗ୍ରାମରେ ମଧ୍ୟ କଥା ପଡ଼ିଲା । ସମସ୍ତେ ଅନୁମାନ କଲେ ଏହା ମଙ୍ଗଳାର ମାୟା । ଆମ୍ଭେମାନେ କହୁଁ, ପିଶାଚୀର କାର୍ଯ୍ୟ ହୋଇପାରେ । ଡାଳିଯୋଡ଼ା ଫତେସିଂହ ସଙ୍ଗଳା ଆସି ଝିଅକୁ ଘେନିଗଲେ । ଲୋକେ କହନ୍ତି, "ପିଲାଟି ଯେପରି ଅନ୍ନଜଳ ଛାଡ଼ି ବସିଥିଲା, ବାପ ଘେନି ଯାଇ ନ ଥିଲେ ପ୍ରାଣ ପାଇବା କଠିନ ହୋଇଥାନ୍ତା ।"

ପରିଚ୍ଛେଦ-୧୮

ସାଆନ୍ତାଣୀ

"ସର୍ବେ ଚଳିବେ କାଳବଳେ, କଥା ରହିବ ମସ୍ତ ତଳେ ।"

ଶ୍ରାବଣ ମାସ, ରାଧାଷ୍ଟମୀ ଦିନ, ଖୁବ୍ ଭୋର, ଅଳ୍ପ ଅଳ୍ପ ଅନ୍ଧାର ଅଛି, ଲୋକମାନେ ବିଛଣା ଛାଡ଼ି ନାହାଁନ୍ତି । ଅବଶ୍ୟ ଅନେକ ଲୋକଙ୍କ ନିଦ ଭାଙ୍ଗିଲାଣି; ମାତ୍ର ଖୁବ୍ ଦରକାର ନ ଥିଲେ ବର୍ଷା ଆଉ ଶୀତ ଋତୁର ପାହାନ୍ତି ବିଛଣା ଲୋକ-ମାନଙ୍କୁ ଟିକିଏ ଟାଣି ଧରେ । ମଙ୍ଗରାଜ ଘର ପୋଇଲି ମଳୁଆ ଡି ଲଟିଏ ଡେବର ହାତରେ ଧରି ଖାଇବା ହାତରେ କବାଟ ଫିଟାଇ ଘରୁ ବାହାରି ପଡ଼ିଲା । ହଠାତ୍ ତା'ର ଦୃଷ୍ଟି ଚଉରା ଉପରେ ପଡ଼ିଗଲା । ସେ ଅବାକ୍ ହୋଇ ଠିଆ ହୋଇଗଲା । ଧଳାଟାଏ କ'ଣ ? ତୁଳସୀ ଚଉରାଟା ମଙ୍ଗରାଜଙ୍କ ମଝି ଅଗଣା ମଧ୍ୟରେ । ସାଆନ୍ତାଣୀଙ୍କ ନିଜସ୍ୱ ମଧ୍ୟରେ ଚଉରାଟି । ବୃନ୍ଦାବତୀ ପୂଜା ତାହାଙ୍କ ଜୀବନର ବ୍ରତ । ତୋଟା ମଧ୍ୟରୁ ପୁଅଟିଏ (୧) ଆଣି ନିଜେ ରୋଇଛନ୍ତି । ସକାଳୁ ଉଠି ଚଉରା ମୂଳପାଖେ ଖରକିବା (୨), ଗୋବର ପାଣିରେ ଛୁଞ୍ଚ ଦେବା, ଗାଧୋଇଆସି

Source: Author, Digitized by PPRACHIN, SOA

ମୂଳରେ ପାଣି ଦେବା, ଅରୁଆ ଗୁଡ଼ାଳ ପୁଷ୍ପାଏ ଭୋଗ ଦେବା, ସଞ୍ଜ ଦେବା ଏହି ସବୁ କାର୍ଯ୍ୟ କରୁ କରୁ ଦିନ ଅସ୍ତେ ନାହିଁ । ସଞ୍ଜ ଦେଇ ସାର ବେକରେ ପଣତ-କାନି ପକାଇ ପୂର୍ବ ଅଧଘଣ୍ଟାଏ କୁହାର ହୁଅନ୍ତି । ଭୁଲ ଭୁଲ କ'ଣ କହନ୍ତି ବୃନ୍ଦାବତୀଙ୍କୁ ଜଣା ।

ମରୁଆ ଧୀରେ ଧୀରେ ଚଉରା ପାଖକୁ ଯାଇ ଭଲକରି ଅନାଇଲା । ଏଁ—ଏ କ'ଣ ? ସାଆନ୍ତାଣୀଏଁ— ସାଆନ୍ତାଣୀଏଁ— ସାଆନ୍ତାଣୀଏଁ —ଉତ୍ତର ନାହିଁ । ମରୁଆ ଡାଳଟି ତଳେ ଥୋଇ ଦେଇ ଦେହରେ ହାତ ଦେଇ ହଲାଇଲା । ରାତରେ ଅହ୍ୱାଏ ପାଣି ବର୍ଷି ଯାଇଛି । ଲୁଗାପଟା ଓଦା, କାନୁଅ ଲଟପଟ, ଦେହଟା କାଠପରି ହୋଇଯାଇଛି; କୁଆପଥର ପରି ଶୀତଳ । ମରୁଆ ଗୋଟାଏ ଭୟଙ୍କର ରଡ଼ି ଛାଡ଼ି ବାହୁନି ବସିଲା—"ମୋ ସାଆନ୍ତାଣି ଗୋ, ମୋ ସାଆନ୍ତାଣି ! କାହିଁ ଛାଡ଼ିଗଲ, ମୋ ସାଆନ୍ତାଣି ଗୋ ! ପିମ୍ପୁଡ଼ି ପେଟକଥା କଏ ଜାଣିବ; ମୋ ସାଆନ୍ତାଣି ଗୋ ! ମୋତେ ଜର ହେଲେ କଏ ପଥ୍ୟ ରାନ୍ଧି ଖୁଆଇବ; ମୋ ସାଆନ୍ତାଣି ଗୋ !" ମରୁଆ ପାଟି ଶୁଣି ଉଆସର ସମସ୍ତେ ଧାଇଁଆସିଲେ; ଅଗଣା ପୂରିଗଲା । ସମସ୍ତେ ବାହୁନି ବସିଲେ । ବୋହୂମାନଙ୍କ ମୁଣ୍ଡରେ ଲୁଗା ନାହିଁ; କାନ୍ଦି ଲୋଟିଯାଉଛନ୍ତି । ସମସ୍ତଙ୍କ ଠାରୁ ବେଶି ବାହୁନିଲା ଚମ୍ପା । ସେ ବାଡ଼ିଦୁଆର ଠାରୁ ଦାଣ୍ଡ ଦୁଆର ପର୍ଯ୍ୟନ୍ତ ଧାଁ ଦଉଡ଼ କରି ଡାକଛାଡ଼ୁଥାଏ । ସମସ୍ତେ କାନ୍ଦି ବସିଛନ୍ତି, କଏ କାହାକୁ ବୁଝା କରାଉଛି ?

ମୁହୂର୍ତ୍ତି ମଧ୍ୟରେ ଗାଁ ଏମୁଣ୍ଡ ସେମୁଣ୍ଡ ବିଦ୍ୟୁତ୍ ଗତିରେ ଖବର ହୋଇଗଲା । ସ୍ତ୍ରୀଲୋକମାନେ ବାସିପାଇଟି ଛାଡ଼ି, ପୁରୁଷମାନେ ଦୁଃଖଧନ୍ଦା ଛାଡ଼ି ସାଆନ୍ତାଣୀଙ୍କ ଗୁଣ ଗାଇବସିଲେ । ନିତାନ୍ତ ଦୁଃସମ୍ପର୍କୀୟା ସ୍ତ୍ରୀମାନେ ମଧ୍ୟ କାନ୍ଦି ପକାଇଲେ । କେହି କହିଲା—ଆଜି ମହାଷ୍ଟମୀ, ପୁଣ୍ୟଦିନରେ ଗାରୁ ଲକ୍ଷ୍ମୀ ଚାଲିଗଲେ । କେହି କହିଲା—ମଙ୍ଗରାଜଙ୍କ ଘର ବଢ଼ନ୍ତି (୩) ଏତିକି; ଆଜିଠାରୁ ଶିରି ଛାଡ଼ିଲା । ଗାଁ ସ୍ତ୍ରୀମାନଙ୍କ ମଧ୍ୟରେ ସ୍ୱାମୀସେବା କଥା ପଡ଼ିଲେ, ସାଆନ୍ତାଣୀଙ୍କୁ ପଟାନ୍ତର ଦେଉଥିଲେ । ତାହାଙ୍କ ଚରିତ୍ର ଯେମନ୍ତ ନିର୍ମଳ, ଧର୍ମରେ ସେହିପରି ମତି । ସ୍ତ୍ରୀମାନଙ୍କ ସର୍ବସ୍ୱ ଧନ 'ପତିସୋହାଗ' ବିଧାତା ତାହାଙ୍କ କପାଳରୁ ପୋଛି ଦେଇଥିଲା; ମାତ୍ର ସେଥିକି ତାଙ୍କର ଶୋଚନା ନ ଥାଏ । ସେ ମନରେ ଭଲ କରି ବୁଝିଥିଲେ, ପତିସେବା ସ୍ତ୍ରୀମାନଙ୍କର ଧର୍ମ, ପତିସେବାରେ ସ୍ତ୍ରୀମାନଙ୍କ ସୁଖ । କେବଳ ପତିସେବା ନୁହେଁ, ମନୁଷ୍ୟସେବାକୁ ମଧ୍ୟ ସେ ମହାସୁଖକର ଜ୍ଞାନ କରୁଥିଲେ । ମୁଣ୍ଡକୁ ହାତପାଇଲା ଦିନୁ ପୁଅମାନେ ପାଖ ପଶନ୍ତି ନାହିଁ । ବୋହୂ-ମାନେ ଯେ ଅମାନ୍ୟ କରନ୍ତି ତାହା ନୁହେଁ, ମାତ୍ର ପୂର୍ବ ମାନ୍ୟଟା ଥିଲା ନାହିଁ ।

Source: Author, Digitized by PPRACHIN, SOA

ଶାଶୁ ବାଧିକ ପଡ଼ୁଛନ୍ତି ବୋଲି ଯେ ବୋହୂମାନେ ତେଲହାତଟା ଗୋଡ଼ରେ ହାତରେ ବୁଲାଇ ଦେଇଛନ୍ତି, ଏ କଥାଟା କେବେ ଦେଖିବାରେ ଆସିନାହିଁ । ଏଇଟା କିନ୍ତୁ ସାଆନ୍ତାଣୀଙ୍କ ନିଜକୃତ ଦୋଷର ଫଳ । ଘରଣୀପଣିଆ ଜଣାଇବା, ପୁଅ, ବୋହୂ, ଚାକର, ପୋଇଲିମାନଙ୍କୁ ଶାସନରେ ରଖିବାର କ୍ଷମତା ତାଙ୍କର ନ ଥିଲା । ସେ କଥାଟାକୁ ସେ ମଧ୍ୟ ସୁଖ ପାଉ ନ ଥିଲେ । ତାଙ୍କଠାରେ ଧୂଆମୂଳା ଅଧୂଆମୂଳା ସମାନ । ତାଙ୍କୁ ଯେ ମାନିଲା ଭଲ, ଯେ ନ ମାନିଲା ସେ ମଧ୍ୟ ଭଲ । କେହି ଦଶପଦ ଗାଳି ଦେଉ, ତାଡ଼ି ହାଉଡ଼ି ପର ଥାନ୍ତି ।

ଶାଳଗ୍ରାମର ଶୋଇବା ବସିବା ପର ତାଙ୍କ ହସକାନ୍ଦ କେହି ଜାଣିପାରବେ ନାହିଁ । କାହାର ସଙ୍ଗରେ କଳି କମ୍ପା କାହାର ସଙ୍ଗରେ ଭାବ ନାହିଁ । କାହାର ପାଖରେ ବସି ଦୁଃଖସୁଖ ଦୁଇଟା କଥା କହିବାର କେହି ଦେଖିନାହିଁ । କେବଳ ଉଆସ ମଧ୍ୟରେ କାହାର ବେମାର ହେଲେ ଦିନ ନାହିଁ, ରାତି ନାହିଁ, ଜଗି ବସି ସେବା କରନ୍ତି । ବେମାର ସମୟରେ ପୋଇଲି ହେଉ ବା ବୋହୂ ହେଉ, ନାହିଁ କରୁ କରୁ ଗୋଡ଼ରେ ହାତରେ ହାତ ବୁଲାଇଦେବେ । ବାହାରେ ହେଉ, ଘରେ ହେଉ, କେହି ଉପାସ ଥିଲେ ତାହାକୁ ନ ଖୁଆଇ ଜଳ ଛୁଅନ୍ତି ନାହିଁ । ଗାଁର ଦରିଦ୍ର ବୁଢ଼ୀ ବା ଅନାଥା ବିଧବାମାନଙ୍କର ସର୍ବଦା ଖବର ନିଅନ୍ତି । କାହାର ଘରେ ଖାଇବାକୁ ନ ଥିବାର ଶୁଣିଲେ, ସାଆନ୍ତଙ୍କୁ ଲୁଚାଇ, ପୁଅବୋହୂଙ୍କୁ ଲୁଚାଇ ଚାଉଳ ମାଣେ, ବିରିଡାଇ ମୁଠାଏ, ଲୁଣ ବଳକଟେ, ତେଲ ଟିକିଏ, ଲଙ୍କାରୁ ଖଣ୍ଡେ, ଭେଣ୍ଡି ଜହ୍ନି ପୁଞ୍ଜାଏ, ଯାହାର ଯାହା ଦରକାର ପଠାଇଦିଅନ୍ତି । ଗାଁରୁ କାହାର ବୋହୂଝିଅ, ଦେହକୁଲାଗିଲେ ପୋଇଲି ପଠାଇ ତଦାରଖ (୪) କରନ୍ତି । ଦେଉନ୍ତୁ ନ ଦେଉନ୍ତୁ, ଗରିବ ଦୁଃଖୀମାନଙ୍କର ତାଙ୍କଠାରେ ଗୋଟାଏ ବଡ଼ ଆଶା-ଭରସା ଥାଏ । ଅନେକ ପରଜାଏ ଖାତକ, ଅନେକ ଦରିଦ୍ର ପ୍ରଜା ସାଆନ୍ତାଣୀଙ୍କ ଯତ୍ନରେ ମଙ୍ଗରାଜଙ୍କ ହାତରୁ ମୁକ୍ତ ପାଇଥିବାର ଶୁଣାଯାଏ । ମଙ୍ଗରାଜେ କାହାର ଉପରେ ଜୁଲମ (୫) କଲେ ସେ ଯଦି ବୋହୂ ଝିଅ ପଠାଇ ସାଆନ୍ତାଣୀଙ୍କ କାନରେ ଦୁଃଖକଥାଟା ବଜାଇପାରିଲା ତେବେ ତ ବାସ୍ । ସେଥି-ସକାଶେ ମଙ୍ଗରାଜଙ୍କଠାରୁ ଢେର ଗାଳି ଗଞ୍ଜଣା ଶୁଣିବାକୁ ହୁଏ, ଚମ୍ପା ଟାହୁଲି-ମାହୁଲି କେତେ କଥା କହେ; ମାତ୍ର ସାଆନ୍ତାଣୀ ତେତେବେଳେ କାଲୁଣୀ । କାହାର ଉପକାର କରିପାରିଲେ, କୋଟିନିଧି ପାନ୍ତି । ଶିବୁ ପଣ୍ଡିତେ ସାଧୁଭାଷାରେ କହନ୍ତି, 'ସାଆନ୍ତାଣୀ ଦୟା, ସ୍ନେହ, ଭକ୍ତି ପ୍ରଭୃତି ସ୍ୱର୍ଗୀୟ ଗୁଣାବଳୀର ମୂର୍ତ୍ତିମତୀ ଦେବୀ ।'

ସାଆନ୍ତାଣୀଙ୍କର କିନ୍ତୁ ଗୋଟିଏ ବିଚିତ୍ର ସ୍ୱଭାବ ଥିଲା । ସେ'ଟି ଦୋଷ କି ଗୁଣ, ଆମ୍ଭେମାନେ ସ୍ଥିର କରି ପାରୁନାହୁଁ; ଆପଣମାନେ ବୁଝନ୍ତୁ । ପାଞ୍ଚଟା କଥା

Source: Author, Digitized by PPRACHIN, SOA

ଯୋଡ଼ି ରଙ୍ଗଢଙ୍ଗ କରି କହିବାର ଶକ୍ତି ତାଙ୍କର ନ ଥିଲା, ପୁଣି କଥାଗୁଡ଼ିକ ଏତେ ଧୀର ଯେ, ଡାଣ୍ଡଦୁଆର ଲୋକ କେବେହେଁ ତାଙ୍କର ଗୁଣ ଶୁଣିନାହାନ୍ତି। ମାତ୍ର ସାଆନ୍ତେ ଉଆସ ମଧ୍ୟରେ କୌଣସି ପୋଇଲା ବା ଚାକର ଉପରେ ରାଗି ଚଳ-ହେଲେ (୬) ବା ମାରିବାକୁ ବସିଲେ ସାଆନ୍ତାଣୀ କିଛି ନ ବୁଝି ନ ଶୁଝି ମଝିରେ ପଶିଯାନ୍ତି ଏବଂ ବିବିଧ ଯୁକ୍ତି ପ୍ରୟୋଗପୂର୍ବକ ତାହାର ନିର୍ଦୋଷତା ପ୍ରମାଣ କରାଇବାକୁ ବିବିଧ ପ୍ରକାର ଚେଷ୍ଟା କରନ୍ତି। ତେତେବେଳେ ତାଙ୍କର ସତ୍ୟ ମିଥ୍ୟା ଜ୍ଞାନ ଥାଏ ନାହିଁ, ସୁତରାଂ ସାଆନ୍ତଙ୍କ ରାଗଟା ତାଙ୍କରି ମୁଣ୍ଡ ଉପର ଦେଇ ଚାଲିଯାଏ। ପର ପାଇଁ ବିଶେଷରେ ଦୋଷୀକୁ ରକ୍ଷା କରିବା ପାଇଁ ମିଥ୍ୟା କଥା କହିବା ଏବଂ ଅନ୍ୟର ଅପରାଧ ସକାଶେ ଆପେ ଲଜ୍ଜିତ (୭) ହେବା ଅବଶ୍ୟ ବୁଦ୍ଧିମତୀର କାର୍ଯ୍ୟ ନୁହେଁ; ମାତ୍ର ଆଜିଯାଏ ତାଙ୍କର ସ୍ୱଭାବ ବଦଳି ନ ଥିଲା। 'ସ୍ୱଭାବୋ ନୈବ ମୁଚ୍ୟତେ।' ଦୋଷୀ ହେଉ ବା ନିର୍ଦୋଷ ହେଉ, କାହାରି କିଛି ଦୁଃଖ ଦେଖିଲେ ସେ କାନ୍ଦି ପକାଉଥିଲେ।

ଆଉ ଗୋଟିଏ କଥା, ଉଆସ ମଧ୍ୟରେ ଦୁଇଟା ପୋଇଲା ମଧ୍ୟରେ ବା ବୋହୂ ବୋହୂ ମଧ୍ୟରେ କଳି ହେଲେ ସେ ପ୍ରାୟ ଦୁର୍ବଳ ପକ୍ଷ ଧରି ଚାଲିବାର ଦେଖାଯାଏ। ଏଇଟା ଅବଶ୍ୟ ପକ୍ଷପାତିତାର ଚିହ୍ନ। ବୁଝି-ସମଝି ପକ୍ଷ ଧରିବାକୁ ହୁଏ, ତାଙ୍କଠାରେ ଏ ଗୁଣର ନିତାନ୍ତ ଅଭାବ ଥିଲା।

ସାଆନ୍ତାଣୀଙ୍କର ଗୋଟିଏ ମହତ୍ତ୍ୱ ଦୋଷ ଥିଲା—ଅବଶ୍ୟ ମହତ୍ତ୍ୱ ଦୋଷ ବୋଲିବାକୁ ହେବ—ସାଆନ୍ତେ ସେଥିସକାଶେ ଚିରକାଳ ବିରକ୍ତ। ତାଙ୍କର ଘରକରଣା ବୁଦ୍ଧି ଜଡ଼ସୁଦ୍ଧ (୮) ନ ଥିଲା। ଟଙ୍କା ପଇସା ଯେ କି ମହାମୂଲ୍ୟ ପଦାର୍ଥ, ସେ ତାହା ଜାଣୁ ନ ଥିଲେ। ସେ ଖୋଜନ୍ତି ନାହିଁ, ସୁତରାଂ ହାତପେଠ (୯) ହୁଏ ନାହିଁ। ଯଦି ଦୈବାତ୍ ଦୁଇଅଣା ଚାରିଅଣା ପଇସା, ଟଙ୍କାଟିଏ, ସୁକିଟିଏ ହାତରେ ପଡ଼ିଯାଏ, ଧାନଉଷୁଆଁ ହାଣ୍ଡି ତଳେ, ନୋହିଲେ କୁଣ୍ଡାହାଣ୍ଡି ତଳେ ଉଗାଳିପକାନ୍ତି, ନୋହିଲେ ଚାଳବାଡ଼ରେ ଖୋସିଦିଅନ୍ତି। ଗାଁର କାହାରି ଝିଅ ଶାଶୁଘରକୁ ଯିବାବେଳେ ଶାଢ଼ୀ ଖଣ୍ଡେ କିମ୍ବା ଥୋପ (୧୦) ଯୋଡ଼ାଏ କିମ୍ବା ଭୁଜା ଉଖୁଡ଼ା ଦୁଇମାଣ ମୁକୁନ୍ଦା ହାତରେ କଣାଇ ଦିଅନ୍ତି କିମ୍ବା କାହାରି ଘରେ ଖାଇବାକୁ ନ ଥିଲେ ତାହା ଭାଗ୍ୟରେ ପଡ଼େ। ଏପରି ହେବାର ଶୁଣାଯାଏ; କିନ୍ତୁ କେହି କେବେ ଦେଖିନାହିଁ।

ଯାହାହେଉ ସାଆନ୍ତାଣୀଙ୍କର ଦୋଷ ଥାଉ ବା ଗୁଣ ଥାଉ, ଘରଠାରୁ ବାହାର ପର୍ଯ୍ୟନ୍ତ ସମସ୍ତେ ହାୟ ହାୟ କରୁଅଛନ୍ତି। କେବଳ କାନ୍ଦୁ ନାହିଁ ଜଣେ। ମୁକୁନ୍ଦା ହଳଆ ପାକୁଆ ପାଟି ଆଁ କରି ଆଖିବୁଜି ମାଂସଶୂନ୍ୟ ଡେଙ୍ଗା ହାଡ଼ୁଆ

Source: Author, Digitized by PPRACHIN, SOA

ଗୋଡ଼ ଦୁଇଟାକୁ ଲମ୍ବାଇଦେଇ ବାଡ଼କୁ ଆଉଜି ବସିପଡ଼ିଅଛି । ମୁକୁନ୍ଦାର ତିନି-କୁଳରେ କେହି ଥିବାର ଜଣାନାହିଁ । ତାହାର ବୟସ, ଜାତି, କୁଳ, ଗୁଣଗ୍ରାମର କଥା ଶୁଣିବେ ? ହଳିଆ ବାପୁଡ଼ା କଥା କିଏ ପଚାରେ ? ସେ ନିଜେ କହେ, ସାଆନ୍ତାଣୀଙ୍କ ଜନ୍ମ ସମୟରେ ଦାଇକୁ ଡାକିବାକୁ ଯାଇଥିଲା । ତାହା କୋଳରେ ସାଆନ୍ତାଣୀ ଏତେଟିଏ; ବାପଘରୁ ସାଙ୍ଗେ ସାଙ୍ଗେ ଆସିଅଛି । ହାଉଡ଼ା କଥା ହାଉଡ଼ା-ମା' ଜାଣେ । କେବଳ ମୁକୁନ୍ଦା ସାଆନ୍ତାଣୀଙ୍କ ମନକଥା ବୁଝୁଥିଲା । କୌଣସି କଥାରେ ସାଆନ୍ତାଣୀ ମନଦୁଃଖ କଲେ ମୁକୁନ୍ଦା ଆସି ଜଳଜଳ କରି ତାଙ୍କ ମୁହଁକୁ ଚାହିଁରହେ । ସାଆନ୍ତାଣୀ ତା ମୁହଁକୁ ଚାହିଁ ମୁଣ୍ଡ ତଳକୁ ପୋତି-ଦିଅନ୍ତି । ସେହି ଚାହାଣି ଅର୍ଥପୂର୍ଣ୍ଣ ନୀରବ ବକ୍ତୃତାରେ ସବୁ କଥା ଛିଡ଼େ । ସାଆନ୍ତାଣୀ ସାନ୍ତ୍ୱନା ନ ପାଇ ତୁନି ହୁଅନ୍ତି । ସାଆନ୍ତାଣୀ କିଛି ମାତ୍ର ମନଦୁଃଖ କଲେ ଯାହା ଆଖିରୁ ଝରଝର ହୋଇ ପାଣି ବୋହିପଡ଼ୁଥିଲା, ଆଜି ମରି ପଡ଼ିଛନ୍ତି, ସେ କାନ୍ଦୁ-ନାହିଁ । ଯାହାର ଜଗତର ସମସ୍ତ ସୁଖ, ସମସ୍ତ ଶାନ୍ତି, ସମସ୍ତ ଭରସା, ସମସ୍ତ ଆଶା, ସମସ୍ତ ସାନ୍ତ୍ୱନା, ସମସ୍ତ ସ୍ନେହ ଏକସଙ୍ଗରେ ଶେଷ ହୋଇଥାଏ, ସେ କାନ୍ଦେନାହିଁ । କେବଳ ସେ ବେଳେବେଳେ ଫଁ-ଫଁ ନିଶ୍ୱାସ ପକାଉଛି । ବୋଧହୁଏ, ସେଥି ସକାଶେ ତାହାର ଶୁଷ୍କ ହୃଦୟ ଫାଟି ଯାଉ ନାହିଁ ।

ମଙ୍ଗରାଜେ ମୁଣ୍ଡ ପାଖରେ ବସି ଏକଧ୍ୟାନରେ ସାଆନ୍ତାଣୀଙ୍କ ମୁହଁକୁ ଅନାଇଅଛନ୍ତି । ନିଷ୍ପଳ ନିସ୍ତବ୍ଧ ଦୁଇ ଆଖିରୁ ଲୋତକ ବହିଯାଉଅଛି । ମଙ୍ଗରାଜଙ୍କ ଆଖିରେ କେହି କେବେ ଲୋତକ ଦେଖିନାହିଁ, ଆଜି ନୂତନ ଦେଖାଗଲା । ଲୋକେ କହନ୍ତି, ସ୍ନେହ ମାୟା ମମତା ଚକ୍ଷୁଲଜ୍ଜା ଧର୍ମ କର୍ମ ମଙ୍ଗରାଜଙ୍କ ମନକୁ ଛୁଇଁ ନାହିଁ । ସେ ଭଲକରି ବୁଝୁଥିଲେ "ଟଙ୍କା ଏବ ମନୁଷ୍ୟାଣାଂ ଚତୁର୍ବର୍ଗଫଳପ୍ରଦା (୧୧) ।" ଦିବା ରାତ୍ର ତାଙ୍କର ଟଙ୍କା ଥିଲା ଧ୍ୟାନ—ଟଙ୍କା ଥିଲା ଜ୍ଞାନ । ସେ ତୁନି ହୋଇ ବସି ଭାବିବାର ଅନେକ ଥର ଦେଖାଯାଇଅଛି; କିନ୍ତୁ ସେ ସମୟରେ ଏକପ୍ରକାର ଜ୍ୟୋତି ତାଙ୍କ ଆଖିରୁ ବାହାରୁଥାଏ । ସମୁଦ୍ରଗର୍ଭଜାତ ଉଦ୍ଦାମ (୧୨) ତରଙ୍ଗମାଳା ବେଳାଭୂମିରେ ପଡ଼ି ଲୀନ ହୋଇଗଲାପରି ହୃଦୟଜାତ ନାନା ଆଶା, ନାନା ଚିନ୍ତାର ତରଙ୍ଗ ଆସି ଭ୍ରୂଲତାର ଉପରିଭାଗରେ ରେଖାକାର ଧରି ଲୀନ ହେଉଥାଏ । ଆଜି ଭାବନା କିନ୍ତୁ ଅନ୍ୟରୂପ । ନେତ୍ର ଅର୍ଦ୍ଧନିମୀଳିତ (୧୩), ସ୍ପନ୍ଦନଶୂନ୍ୟ, ଅଶ୍ରୁସିକ୍ତ । ମଙ୍ଗରାଜ କି ସାଆନ୍ତାଣୀଙ୍କ ସକାଶେ କାନ୍ଦୁଛନ୍ତି ? ପ୍ରିୟବସ୍ତୁର ବିୟୋଗ ମନୁଷ୍ୟ ପକ୍ଷରେ ଅସହ୍ୟ । ମଙ୍ଗରାଜେ କି ପବିତ୍ର ଦାମ୍ପତ୍ୟ ପ୍ରେମର ସ୍ୱର୍ଗୀୟ ମାଧୁର୍ଯ୍ୟ ଅନୁଭବ କରୁଥିଲେ ? ନାହିଁ ? ସେ ସାଆନ୍ତାଣୀଙ୍କୁ ପ୍ରେମରେ ଦୁଇଟା କଥା କହିବାର ତ କେହି କେବେ ଶୁଣିନାହିଁ ! ତେବେ ଆଜି ଏତେ ବ୍ୟାକୁଳ କିମ୍ପାଇଁ ?

Source: Author, Digitized by PPRACHIN, SOA

ଯାହାହେଉ, ସାଆନ୍ତାଣୀଙ୍କ ବିଚ୍ଛେଦଯନ୍ତ୍ରଣା ଯେ ସେ ଅନୁଭବ କରୁଛନ୍ତି, ସହଜ ବିଶ୍ୱାସରେ ଆମ୍ଭେମାନେ ଏହା ବୋଧ କରୁଅଛୁଁ । ଯାହାକୁ ଆଠକଳସ ମାଡ଼ି (୧୪) ବେଦୀ ଉପରେ ବିବାହ କରି ଅର୍ଦ୍ଧାଙ୍ଗରୂପେ ଗ୍ରହଣ କରିଅଛୁ, ସେ ଭଲ ହେଉ ବା ମନ୍ଦ ହେଉ, ତାହା ପ୍ରତି ଗୋଟିଏ ମାୟା ଥାଏ । ଏହି ନୈସର୍ଗିକ ମାନବଧର୍ମ ଅତିକ୍ରମ କରିବା ସହଜସାଧ୍ୟ ନୁହେଁ । ଯେ ସ୍ତ୍ରୀ ଧର୍ମକାର୍ଯ୍ୟର ସହଧର୍ମିଣୀ—ପ୍ରାଣାଧିକ ସନ୍ତାନସନ୍ତତିଙ୍କ ଜନନୀ; ଯେ ସ୍ତ୍ରୀ ସୁଖଦୁଃଖର ଏକମାତ୍ର ସମ-ଭାଗିନୀ; ଯେ ସ୍ତ୍ରୀ ରୋଗରେ ଶୁଶ୍ରୂଷାକାରିଣୀ, ବିପଦରେ ମନ୍ତ୍ରୀ, ଶରୀରରକ୍ଷାରେ ଧାତ୍ରୀ, ତୁମ୍ଭେ ଯେତେ ନିତାନ୍ତ ପାଷଣ୍ଡ ହୁଅ, ତାହାର ଗୁଣଗରିମା ଅନୁଭବ କରିବାର ଶକ୍ତି ଯେତେ ନିତ୍ୟାନ୍ତ ତୁମ୍ଭର ଧନ ଥାଏ—ଜୀବନକାଳରେ ତାକୁ ପ୍ରେମକର ଅବା ନ କର; କିନ୍ତୁ ତାହାର ବିଚ୍ଛେଦ ଯନ୍ତ୍ରଣା ଅବଶ୍ୟ ଭୋଗ କରିବାକୁ ହେବ । ଆଉ ସାଧ୍ୱୀ, ସଚ୍ଚରିତ୍ରା, ପତିପରାୟଣା, ଧାର୍ମିକା ସ୍ତ୍ରୀର ଗୁଣଗରିମା ଯେଉଁ ଲୋକ ଥରେ ମାତ୍ର ହୃଦୟରେ ଅନୁଭବ କରିଅଛି, ତାହାର ବିଚ୍ଛେଦ ଯନ୍ତ୍ରଣା ଯେ କି ରୂପ ଅସହ୍ୟ, ତାହା ବର୍ଣ୍ଣନା କରିବାକୁ ଭାଷାର ସୃଷ୍ଟି ହୋଇନାହିଁ । ତାହା ସ୍ତ୍ରୀ ବିୟୋଗବିଧୁର ବ୍ୟକ୍ତି କେବଳ ହୃଦୟରେ ଅନୁଭବ କରେ । କାଳସର୍ପ ଯାହାକୁ ଦଂଶନ କରିଅଛି, ସେହି ବ୍ୟକ୍ତି ବିଷର ଯନ୍ତ୍ରଣା ଜାଣେ; କଥାରେ ବୁଝାଇବାର କଥା ନୁହେଁ । ସେହି ବ୍ୟକ୍ତି ଜାଣେ, ଶୋଣିତବାହିନୀ ଶିରା ସମସ୍ତ ଛିନ୍ନଭିନ୍ନ ହୋଇଯାଇ ତାହାର ହୃତ୍ପିଣ୍ଡ ଶୁଷ୍କଭବରେ ପଡ଼ିଅଛି । ସେହି ବ୍ୟକ୍ତି ବୋଧକରେ ଜଗତର ସମସ୍ତ ସୁନ୍ଦର ପଦାର୍ଥର ସୌନ୍ଦର୍ଯ୍ୟ, ସମସ୍ତ ମାଧୁର୍ଯ୍ୟର ମାଧୁରିମା, ସମସ୍ତ ପୁଷ୍ପର ସୁଗନ୍ଧ, ସମସ୍ତ ସଙ୍ଗୀତର ତାନଲହରୀ, ସମସ୍ତ ପବିତ୍ରତା ଚିତାଗ୍ନିରେ (୧୫) ଦଗ୍ଧୀଭୂତ ହୋଇ ଯାଇଅଛି । ସଂକ୍ଷେପରେ କହିବାକୁ ଗଲେ, ସେ ଆପଣାକୁ ମୃତ ଲୋକ ମଧ୍ୟରେ ଜୀବିତ, ଜୀବିତ ମଧ୍ୟରେ ଆପଣାକୁ ମୃତ ବୋଲି ଜ୍ଞାନ କରେ ।

ମଙ୍ଗରାଜଙ୍କ ଜୀବନକ୍ଷେତ୍ରରେ ଦୁଇଗୋଟି ନଦୀ ପ୍ରବାହିତ ହେଉଥିଲା । ଗୋଟିଏ ଉତ୍ତାଳତରଙ୍ଗମୟୀ ସର୍ପକୁମ୍ଭୀରସଙ୍କୁଳା କୂଳପ୍ଲାବିନୀ ଚର୍ମଣ୍ୱତୀ (୧୬), ଆଉ ଗୋଟିଏ ଅନ୍ତଃସ୍ରୋତା (୧୭) ପୂତସଲିଳା (୧୮) କୂଳପାବନୀ (୧୯) ଫଲଗୁ । ହୁଏତ ମଙ୍ଗରାଜେ ବୁଝିଛନ୍ତି, ଫଲ୍‌ଗୁ ଚିରକାଳ ନିମନ୍ତେ ବିଦାୟ ଗ୍ରହଣ କଲା । ମଦ୍ୟପର ସମ୍ମୁଖରେ ଗିନାଏ ଜଳ, ଗିନାଏ ମଦିରା (୨୦) ଥୁଆ ହୋଇଥିଲେ ସେ ସୁରାଗିନାଟିକୁ ଅଧିକ ଆଦର କରେ ଏବଂ ଯତ୍ନରେ ରଖେ; ମାତ୍ର ଜଳଗିନାଟିର ଏକାବେଳକେ ଅଭାବ ହେଲେ ସେ ତେତେବେଳେ ବୁଝି-ପାରେ ସୁରା ଉନ୍ମାଦକାରିଣୀ ସତ୍ୟ, ମାତ୍ର ଜଳ ତାହାର ଜୀବନ ।

Source: Author, Digitized by PPRACHIN, SOA

ମଙ୍ଗରାଜଙ୍କ ଅବସ୍ଥା ଦେଖି ଆମ୍ଭେମାନେ ଅନୁମାନ କରୁଅଛୁ, ତାଙ୍କ ମନରେ ଦୁଃଖ ଓ ଅନୁତାପ ଉଭୟ ଉପସ୍ଥିତ ହୋଇଅଛି । ଦୁଃଖରେ ମନୁଷ୍ୟ କାନ୍ଦେ, ଅନୁତାପରେ କାନ୍ଦେ ନାହିଁ; ଦୁଃଖ ହୃଦୟର ଜ୍ୱଳନ୍ତ ଅଙ୍ଗାର, ଅନୁତାପ ତୁଷାନଳ (୨୧) ନିଜର ଦୁଷ୍କୃତ (୨୨) ନିଜର ଅଯତ୍ନ (୨୩) ସହିତ ସାଆନ୍ତାଣୀଙ୍କ ମୃତ୍ୟୁର ନିକଟ ସମ୍ବନ୍ଧ ଥିବାର ଅନୁମାନ କରି ସେ ଅନୁତାପ କରୁଅଛନ୍ତି କି ? ତାଙ୍କଦ୍ୱାରା ସଂଖ୍ୟାତୀତ ଦୁଷ୍କୃତ ଅନୁଷ୍ଠିତ ହୋଇଅଛି । କାହିଁ, କେବେହେଲେ ସେ ତ ଅନୁତାପ କରୁଥିବାର କେହି ଦେଖି ନାହିଁ ? କିଏ ବୋଲିପାରେ ? କ୍ଷଣ-ପରିବର୍ତ୍ତନଶୀଳ ମନୁଷ୍ୟସ୍ୱଭାବ କିଏ ଜାଣେ ? ବିଶ୍ୱବିଧାତା ସମାନ ଉପାଦାନରେ ଜଗତରେ ସମସ୍ତ ନରନାରୀଙ୍କୁ ସୃଷ୍ଟି କରିଅଛନ୍ତି । ରକ୍ତ, ମାଂସ, ଅସ୍ଥି, ମଳ, ମୂତ୍ରରେ ଯେପରି ଶରୀର ଗଠିତ, ସେହିପରି ଦୟା, ମାୟା, ସ୍ନେହ, ମମତା, ହିଂସା, ଦ୍ୱେଷ, ନିଷ୍ଠୁରତା ପ୍ରଭୃତି ବୃତ୍ତିମାନଙ୍କରେ ମନ ଗଠିତ । ସେହି ସମସ୍ତ ବୃତ୍ତି ଉପଯୁକ୍ତରୂପେ ସମାନଭାବରେ କାର୍ଯ୍ୟକାରୀ ହେଲେ ମନୁଷ୍ୟ ମନୁଷ୍ୟ ହୋଇଥାଏ । ମାତ୍ର ଯେବେ ଗୋଟିଏ ଉପାଦାନ ବଳବତ୍ତର ହୋଇ ସୀମାଲଙ୍ଘନପୂର୍ବକ ଅନ୍ୟ ବୃତ୍ତିମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରେ, ତେବେ ସେ ମନୁଷ୍ୟର ମନୁଷ୍ୟତ୍ୱ ଲୁପ୍ତ ହୋଇଯାଏ; ତେତେବେଳେ ହୁଏତ ସେ ଦେବତା, ନଚେତ୍ ରାକ୍ଷସରୂପେ ପରିଣତ ହୁଏ ।

ଅର୍ଥାତ୍ ମନୁଷ୍ୟର ମନ ସ୍ୱର୍ଗୀୟ ଓ ନାରକୀୟ ଦୁଇପ୍ରକାର ବୃତ୍ତିରେ ଗଠିତ । ସ୍ୱର୍ଗୀୟ ବୃତ୍ତି ମନୁଷ୍ୟକୁ ଦେବରୂପରେ ପରିଣତ କରେ ଓ ନାରକୀୟ ବୃତ୍ତି ରାକ୍ଷସ କରିପକାଏ । ଯଦି ତୁମ୍ଭେ ଶୁଣ, ଗୋଟିଏ ଲୋକ ଦୟାପରବଶ ହୋଇ ଅନ୍ୟର ଜୀବନ ରକ୍ଷା କରିବାକୁ ଯାଇ ଆପଣାର ଜୀବନ ବିସର୍ଜନ କଲା, ସେତେବେଳେ କି ତାହାକୁ ଦେବତା କହିବ ନାହିଁ ? ଯେତେବେଳେ ଶୁଣ, ଜଣେ ଲୋକ କେତେ ଖଣ୍ଡ ସୁନା ଅଳଙ୍କାର ସକାଶେ ଗୋଟିଏ ଶିଶୁ ହତ୍ୟା କଲା—ମିଳାଇ ଦେଖ, ପୁରାଣବର୍ଣ୍ଣିତ ରାକ୍ଷସ ସହିତ ତାହାର ମେଳ ହେଉଛି କି ନା ? ମାତ୍ର ଏପରି ଦୃଷ୍ଟାନ୍ତ ବିରଳ ନ ଥିଲେ ମଧ୍ୟ ସଚରାଚର ଦେଖାଯାଏ ନାହିଁ । ମନୁଷ୍ୟ ଚିରକାଳ ମନୁଷ୍ୟ ଏବଂ ମନୁଷ୍ୟମନର ମୂଳ ଉପାଦାନ ସମାନ ଥିଲେ ମଧ୍ୟ ବାହ୍ୟ ପ୍ରକୃତି ଅସାମଞ୍ଜସ୍ୟମୟ । କୋଟି କୋଟି ମନୁଷ୍ୟ ମଧ୍ୟରେ ଜଣକ ରୂପ ସହିତ ଅନ୍ୟ ଜଣକର ରୂପର ମିଳନ ନାହିଁ । ମାନସ ପ୍ରକୃତି ମଧ୍ୟ ସେହିପରି । କାହାର କାହାର କୌଣସି ଚିତ୍ତବୃତ୍ତି ବଳବତୀ, କାହାର ଦୁର୍ବଳତା, କାହାର କାହାର ଚିରନିଦ୍ରିତା ସମୟ ବିଶେଷରେ ଘଟଣାଚକ୍ର ପରିବର୍ତ୍ତରେ ନିଦ୍ରିତା ବୃତ୍ତି ସମସ୍ତ ଜାଗରିତ (୨୪) ହୋଇ ଉଠିବାର ଦେଖାଯାଏ । ମଦ୍ୟପ ଦୁରାଚାର ଜଗାଇ ମାଧାଇ ପରମବୈଷ୍ଣବ ହେବେ, କିଏ ଜାଣିଥିଲା ? ଆଉ ଖ୍ରୀଷ୍ଟବିଦ୍ୱେଷୀ ଅତ୍ୟାଚାରୀ

Source: Author, Digitized by PPRACHIN, SOA

ପାଇଲ ଆଜି ପୁନଶ୍ଚ, ମହର୍ଷିପଦବାଚ୍ୟ । ଗାଧିନନ୍ଦନ ରାଜର୍ଷି ବିଶ୍ୱାମିତ୍ରଙ୍କର ସହସ୍ର ସହସ୍ର ଯୁଗବ୍ୟାପୀ ତପସ୍ୟା, ତତୋଽଧିକ ଜ୍ୱଳନ୍ତ ବ୍ରହ୍ମନିଷ୍ଠା, ମେନକାର ନିମେଷମାତ୍ର ଅପାଙ୍ଗ (୧୫) ଦୃଷ୍ଟିରେ ଟଳିଗଲା । ବିଶେଷ ଅନୁଧ୍ୟାନ କରି ଦେଖ, ଏପରି ହଠାତ୍ ପରିବର୍ତ୍ତନର ମୂଳ କାରଣ, ଘଟଣା ଏବଂ ସଂସର୍ଗୀ ଭଗବାନ ଶଙ୍କରାଚାର୍ଯ୍ୟଙ୍କର ମହାକାବ୍ୟ, ସମସ୍ତଙ୍କର ସ୍ମରଣ ରଖିବାର ଉଚିତ ।

“କ୍ଷଣମିହ ସଜ୍ଜନସଂଗତିରେକା
ଭବତି ଭବାର୍ଣ୍ଣବତରଣେ ନୌକା ।”

ସନାତନ ବ୍ରହ୍ମଧର୍ମର ଉପଦେଶ—ତୁମ୍ଭେ ପାପକୁ ଘୃଣା କର; ପାପୀକୁ ଘୃଣା କର ନାହିଁ ।

ଯେଉଁ ବୃତ୍ତିର ବଶମ୍ବଦ (୧୬) ହୋଇ ମନୁଷ୍ୟ ଅନୁତାପ କରେ, ମଙ୍ଗରାଜଙ୍କର ସେହି ବୃତ୍ତି ଆଜି ଉତ୍ତେଜିତ ହୋଇ ଉଠି ନାହିଁ, ଏକଥା କିଏ କହିପାରେ ? ଆମ୍ଭେମାନେ ଅନ୍ତର୍ଯ୍ୟାମୀ ନୋହୁଁ, ମଙ୍ଗରାଜଙ୍କ ମନର ଭାବ କିପରି ଜାଣିବୁଁ ? ଜାଣିଲେ ମଧ୍ୟ ଦୁଃଖ ଏବଂ ଅନୁତାପ ଯୁଗପତ୍ (୧୭) କିପରି ତାହାଙ୍କ ମନକୁ ବଶୀଭୂତ କରି କଣ୍ଠରୋଧ ଏବଂ ବାହ୍ୟଜ୍ଞାନଶୂନ୍ୟ କରିପକାଉଛି, ତାହା ବର୍ଣ୍ଣନା କରି ଆପଣଙ୍କୁ ବୁଝାଇ ଦେବାର ଶକ୍ତି ନାହିଁ । ଜଡ଼ା ଯେପରି କଥା କହି ନ ପାରି ହାତଗୋଡ଼ ହଲାଇ ଆପଣା ମନର ଭାବ ପ୍ରକାଶ କରିବାକୁ ଚେଷ୍ଟା କରେ, ଆମ୍ଭେମାନେ ସେହିପରି ଏଣୁତେଣୁ ଗୁଡ଼ାଏ କହିପକାଇଲୁଁ ।

ହେ ପାଠକ ଅବଧାନ, କ୍ଷମା କରନ୍ତୁ, ଏତିକି ହେଉ, ଦେବଦୁନ୍ଦୁଭି ଅହିଅ (୧୮) ନାଗରା ବାଜିଲାଣି । ଶୁଭକଉଡ଼ି ଗୋଟାଇ ନେଇ ମଙ୍ଗଳପେଡ଼ିରେ (୧୯) ରଖିବା ସକାଶେ ଗ୍ରାମର ସୁଲକ୍ଷଣୀ ଅହିଅ ସ୍ତ୍ରୀମାନେ ଦାଣ୍ଡକୁ ଚାହିଁ ବସି- ଛନ୍ତି, ଏତିକି ହେଉ ।

‘ହରି ହରି ବୋଲ ମନ ।’

ପରିଚ୍ଛେଦ-୧୯

ପୁଲିସ ତଦାରଖି

ପ୍ରତିଦିନ ଗୋବିନ୍ଦପୁରରେ ଯେପରି ରାତି ପାହେ, ଆଜି ମଧ୍ୟ ଠିକ୍ ସେହିପରି ପାହିଅଛି; କିନ୍ତୁ ସୂର୍ଯ୍ୟ ସଙ୍ଗେ ଦେଖା ନାହିଁ । ମେଘଟା ଝିପିଝିର

Source: Author, Digitized by PPRACHIN, SOA

ଫରଫର କରୁଥିଲା—"ସକାଳ ମେଘ ମେଘ ନୁହେଁ, ସକାଳ କୁଣିଆ କୁଣିଆ ନୁହେଁ । ଆକାଶଟା ଟିକିଏ ସଫା ହୋଇଗଲାଣି, ବଗୁବଛୁ କାମ ସରିଛି, କେହି ବଳଦବାଛୁରିକୁ ଯିବାକୁ ନାହିଁ । କେହି ପିଣ୍ଡାରେ ବସି ବାଟଣା ବାଟୁଛି, କେହି ଗୁହାଳକଡ଼ାରେ ଲାଗିଛି, କେହି କେହି ଝାମ୍ପିଟାଏ ମୁଣ୍ଡେଇ ହାତରେ ଦଉଡ଼ି ଖଣ୍ଡେ, ଦା'ଟାଏ ଧରି କାହାଳୀଟାଏ (୧) ଓଟାରି ଓଟାରି ବାହୁଙ୍ଗିଟା (୨) କାନ୍ଧରେ ପକାଇ ଘାସ କାଟିବାକୁ ବାହାରିଅଛି, କେହି ପିଢ଼ାରେ ଚଢ଼ି କଖାରୁଡଙ୍କ ସଳଖି ଦେଉଛି । ଘରେ ଲୁଣ ନଥିବା ଶୁଣି ହରି ପୁହାଣ ବିବିଧ ଯୁକ୍ତି ପ୍ରଦର୍ଶନ-ପୂର୍ବକ ଆପଣା ଭାର୍ଯ୍ୟାର ଅପରିମିତ (୩) ବ୍ୟୟଶୀଳତା ସାବ୍ୟସ୍ତ କରୁଅଛି । ମାଇକିନିଆମାନେ ବାସି ପାଇଟି ସାରି ବାଡ଼ି ପୋଖରୀକୁ ବାହାରିଲେଣି । ତନ୍ତୀ-ସାଇଟା ଝିସ୍—ଦୁମ୍, ଝିସ୍—ଦୁମ୍ ଶବ୍ଦରେ ଉଚ୍ଛୁଳି ପଡ଼ୁଅଛି । ତନ୍ତୀଆଣୀମାନେ ପିଣ୍ଡାରେ ବସି ଖଡ଼ର ଖଡ଼ର କରି ନଟେଇ ବୁଲାଇ ପକାଉଅଛନ୍ତି ।

ବେଳ ଅନ୍ଦାଜ ଠିକଘଡ଼ି କି ଦଣ୍ଡେ ଦୁଇଦଣ୍ଡ ବେଶି, ଶାମ ସାହୁ ଘର ହଳିଆ ଗୋପାଳ ସମ୍ବଲ ଝାମ୍ପିଟାଏ ମୁଣ୍ଡରେ ଦେଇ କୋଡ଼ି ଧରି ନଈପଡ଼ି ବିଲରେ ହିଡ଼ ବାନ୍ଧୁଥିଲା । ବାଟପାଖିଆ ବିଲ, ସାଆନ୍ତଘର ହଳିଆ ଘୁଷୁରିଆ ଗୋବରା ଜେନା ଘର ଆଡ଼କୁ ଚଞ୍ଚଳ ଚାଲିଅଛି । ଗୋପାଳିଆ ଉପରେ ନଜର ପଡ଼ିଯିବାରୁ ତାକୁ ହାତ ଠେକି ଇସାରା କରି ପାଖକୁ ଡାକିଲା । ତାକୁ କହିଲା, "ମୁଁ ଗୋଟାଏ ଭାରି କାମରେ ଯାଉଛି, ଭାରି ଗୁପ୍ତକଥା, ତୋତେ ବିଶ୍ୱାସ ପାଏ ବୋଲି କହୁଛି ।" ତାହା କାନରେ ଗୁନ ଗୁନ କରି କ'ଣ କହିଲା, "ବୁଝି ଖବରଦାର୍ ! ଏ କଥା ଯେମନ୍ତ ଆଉ କାହା କାନରେ ନପଡ଼େ, ସାଆନ୍ତଙ୍କର ମନା ଅଛି ।" ଘୁଷୁରିଆ ଯାଉଁ ଯାଉଁ ବାଟରେ ମକର ଜେନା ପାଣକୁ ଭେଟିଲା ତାହା କାନରେ ଗୁନ ଗୁନ କେତେଟା କଥା କହି କଥାଟା ଗୁପ୍ତରେ ରଖିବା ସକାଶେ ଉପଦେଶ ଦେଇ ଚାଲିଗଲା । ତାହା ବାଦ୍ ଉଦେଇ ସାହୁ, ବଦୋଉଆ, ନଟବରିଆ, ଖୁମାମା' ଏମାନଙ୍କ ସଙ୍ଗରେ ସାକ୍ଷାତ୍ ହେଲା । ସେମାନଙ୍କୁ ମଧ୍ୟ ସେହିପରି ଗୁନ ଗୁନ କହି ସେହିପରି ଗୁପ୍ତରେ ରଖିବାକୁ ଉପଦେଶ ଦେଲା ।

ଗୋପାଳିଆ କାମ କରିବ କ'ଣ, ସାଉ ପାଖକୁ ଧାଇଁଲା । ହରି ସାହୁ କହିଲା ଶାମ ସାହୁକୁ, ହଟିଆ କହିଲା ନଟିଆକୁ, ଜେମା-ମା' କହିଲା ଶାମା-ମା'କୁ, ଶ୍ରୀମତୀ କହିଲା କନ୍ୟା ବୋହୂକୁ; ଗ୍ରାମ ଗୋଟାଯାକ ହୁରାହୁରି ହେଲେ । ସମସ୍ତଙ୍କର ଗୁନ ଗୁନ କଥା, ଗୋପନ ରଖିବାକୁ ସମସ୍ତଙ୍କର ଉପଦେଶ । କେହି କହିଲା, ଉଚ୍ଛୁଣି ଜମାଦାର ପହଞ୍ଚିବ । ଆଉ ଜଣେ ପ୍ରତିବାଦ କରି କହିଲା, "ନାହିଁ, ନାହିଁ, ଖୁଣି ମାମଲା, ଦାରୋଗା ନିଜେ ଘୋଡ଼ାରେ ଚଢ଼ି ଆସିବେ ।" ମାତ୍ର ଜାଣିବା ଶୁଣିବା ଲୋକମାନେ କହିଲେ, "ଏ କି ତମ ଆମ ଘର କଥା ? କଟକରୁ

Source: Author, Digitized by PPRACHIN, SOA

ଝଳେ ଭୂମ୍ପୂଞ୍ଜ ପଳାଣେ ଘେନ ଆସିବ; ଗାଁ ଲୋକେ ଯେ ବନ୍ଧାଛନ୍ଦା ହେବେ, ନିଃସନ୍ଦେହ; ସର୍ବବାଦୀସମ୍ମତ ।''

ଦଣ୍ଡକ ମଧ୍ୟରେ ଗାଁ ନିସ୍ତବ୍ଧ ହୋଇଗଲା । ବୋହୂଗୁଡ଼ାକ ପାଣିରେ ବୁଡ଼ି ପଡ଼ି ଘରକୁ ଧାଇଁଛନ୍ତି. ଲୁଗା ଚୁପୁଡ଼ିବାକୁ ବେଳ ନାହିଁ ! ଲୁଗା ଧଡ଼ିର ଧଡ଼ିର ବାଜି ଗୋଡ଼ତଳେ ଝରଝର ହୋଇ ପାଣି ବୋହିପଡ଼ୁଛି । ଚଞ୍ଚଳରେ ମାଠିଆ ପୁରାଇ ପାରିନାହିଁ; ଅଧମାଠିଆଏ ପାଣି, ବେଶି ବେଶିହେଲେ ପିମାନେ ସଙ୍ଗରେ ବଳ୍ପିତା କଳପର ଘଟର ଘଟର କରି ଖାଲି ଗର୍ଜନ କରୁଅଛୁ । ବେଶିହସ୍ତ ଅବଧାନେ ସହସା ଅନ୍ତର୍ଦ୍ଧାନ ହେବାରୁ ଗୁଟେ ଟୋକାଗୁଡ଼ାକ ଗୋହିରୀରେ ଖାଲି ଗୋଳମାଳ କରି ଧାଁ-ଦଉଡ଼ ଲଗାଇଅଛନ୍ତି । ଖୁଣି ଆସାମୀକୁ ପୁଲିସ ବାନ୍ଧି ନେଲାପରି ଗୋଟାଏ ସାନ ପିଲାକୁ ବଡ଼ଗୁଟେ ଧରି ଘେନିଯାଇଥିଲା । ସେହି ପିଲାଟା ସମସ୍ତଙ୍କଠାରୁ ବେଶି ଧାଇଁଛି ।

ଘୁଷୁରିଆ ଫେରିଆସି ସାଆନ୍ତକୁ ଖବର ଦେଲା, ଗୋବରା ଜେନା ଘରେ ନାହିଁ ସେ କାଲି ଗାଈରୁ ଘରକୁ ଯାଇ ନାହିଁ । ସାଆନ୍ତେ ପ୍ରଥମ ହଳିଆ ପଠାଇଲେ, ତାହା ବାଦ୍ ଆପେ ତନ୍ନିସାଇ ଦୁଆର ଦୁଆର ବୁଲିଲେ, ଜଣକର ସୁଦ୍ଧା ଭେଟ ପାଇଲେନାହିଁ । ଆଉ ଯାହା ଦୁଆରକୁ ଯାଆନ୍ତି ତାହାର କବାଟ କଳା, ଘରେ କେହି ନାହିଁ । ମଙ୍ଗରାଜେ ନିତାନ୍ତ ବ୍ୟସ୍ତ 'ହୋଇପଡ଼ି ଘର-ବାହାର ହେଉଛନ୍ତି. ତାହାର ଭେଟ ନ ପାଇ କିଛି ସ୍ଥିର କରିପାରୁ ନାହାନ୍ତି । ଘୁଷୁରିଆ ହଳିଆ ଗୋଟାଏ ଠେଙ୍ଗା ଧରି ବାଡ଼ପଟରେ କୁକୁର ତଡ଼ୁଅଛି, ଯୋଡ଼ାଏ ବଳିଆ କଆଁବଣ ଭିତରେ ପଶି ଜଳଜଳ କରି ଓଳିକୁ ଚାହିଁ ଭୂନି ହୋଇ ପଡ଼ିଛନ୍ତି ।

ବେଳ ଦୁଇପ୍ରହର ଗଡ଼ିଗଲା । ଗୋବିନ୍ଦପୁର ଗ୍ରାମ ପୂର୍ବ ମୁଣ୍ଡରେ ଗୋଟାଏ ଟାଙ୍ଗଣ (୪) ଘୋଡ଼ା ଉପରେ ଏକ ବିଶାଳମୂର୍ତ୍ତି ସୁଆର (୫) ଦେଖାଗଲେ । ସୁଆରଙ୍କ ବିଶାଳ ଦାଢ଼ି ଗୁନ୍ଥି ଯୋଡ଼ାଇ ପକାଇଅଛି, ଦେହରେ ଛ କଳିଆ (୬) ତିନି ହାତ ଚପ୍‌କନ (୭) ମୁଣ୍ଡରେ ଜାମଦାନି (୮) ଲୁଗାର ବାଙ୍କ ଟୋପି, ଗୋଡ଼ରେ ଚିଲା ପାଇଜାମା । ଘୋଡ଼ା ଠୁକ୍ ଠୁକ୍ କରି ମିଠା କଦମ୍ (୯) ବୁଲିଅଛି । ଆଗରେ ପଛରେ ପାଞ୍ଚଜଣ ଠେଙ୍ଗାସ୍କନ୍ଧ (୧୦) ଚୌକିଦାର ନପର-ପସର ହୋଇ ଧାଇଁଛନ୍ତି । ସମସ୍ତଙ୍କ ଆଗରେ ଗୋବରା ଜେନା ଠେଙ୍ଗା କାନ୍ଧେଇ ଧାଇଁଛି । ମଙ୍ଗରାଜଙ୍କ ଦୁଆର ଆଗରେ ଗୋବରା ପଛମୁହିଁ କରି ଛିଡ଼ା ହୋଇଗଲା । ସୁଆର କହିଲେ, "ଏହି ଘର ?" ଗୋବରା ହାତଯୋଡ଼ି କହିଲା, 'ଖୋଦାବନ୍ଦ୍ ।' ସୁଆର ଘୋଡ଼ାରୁ ଓହ୍ଲାଇ ପଡ଼ି 'ବସ୍ ମିଛା' କହି ନିଶ୍ୱାସଟାଏ ପକାଇଲେ ।

Source: Author, Digitized by PPRACHIN, SOA

ଘଣ୍ଟିକ ଉତ୍ତରେ ଗୋହିର ବାଣ୍ଡରେ ଆହୁରି ଏକ ଘୋଡ଼ାସୁଆର ମୂର୍ତ୍ତି ଦେଖାଗଲା । ଘୋଡ଼ାଟି ବଳଖିଆ ଟଟୁ, ବୟସ-ପ୍ରମାଣତାର ସାକ୍ଷ୍ୟ ଦେବା ନିମନ୍ତେ ଦେହର ପଞ୍ଜରାହାଡ଼ଗୁଡ଼ାକ ଉପରକୁ ବାହାରିପଡ଼ିଅଛି । ପଛ ଦୁଇଗୋଡ଼ ଘଷିହୋଇ ଲୋମଶୂନ୍ୟ ଘା'ଯୁକ୍ତ ହୋଇଗଲାଣି । ଖୋଲ (୧୦) ପଶିଯାଇ ବଡ଼ ବଡ଼ ଆଖି ଦୁଇଟା ବାହାରିପଡ଼ିଛି, ପିଠିରେ ଖୁରୁସି (୧୧), ତାହା ଉପରେ ନାଲି ବନାତର ଖୁରଜମା (୧୨) । ସୁଆରଟି କିନ୍ତୁ ବିଶାଳ ଶରୀର, ପୋଷାକ ମଧ୍ୟ ବଡ଼ଲୋକଭଳି—ମାଣିଆବନ୍ଧ ଖୁରଫୁଲିଆ (୧୩) ଧୋତିପିନ୍ଧା, ଦେହରେ ବନ୍ଧଲଗା ଗନ୍ତା (୧୪), ମୁଣ୍ଡରେ ମଝିସିଆ ଛପଫୁଲିଆ ଭହ୍ନମୀ (୧୫) ବନ୍ଧା । ଘୋଡ଼ା ପଛରେ ଜଣେ ଚୌକିଦାର ବାଉଁଶ ଠେଙ୍ଗା କାନ୍ଧରେ ପକାଇ ଡାହାଣ ହାତରେ ଖଣ୍ଡେ ବାସଙ୍ଗଛଡ଼ି ଧରି ବାଡ଼େଉଅଛି ଏବଂ ପାଟିରେ ଟାକରା ଫୁଟାଉଅଛି । ସଇସ ପାଣଟୋକା ଖଣ୍ଡେ ଖୋଟ ଦଉଡ଼ି ବାଗଡ଼ୋର (୧୬) ଲଗାଇ ଆଗରେ ଭିଡ଼ୁଅଛି । ଘୋଡ଼ାଟା ବେକ ଲମ୍ବକରିଦେଇ ବଡ଼ କଷ୍ଟରେ ଧୀରେ ଧୀରେ ଟଳଟଳ ହୋଇ ଚାଲୁଅଛି ।

ଏହି ସୁଆର ମଧ୍ୟ ପୂର୍ବ ସୁଆରଙ୍କ ପରି ମଙ୍ଗରାଜଙ୍କ ଦୁଆର ଆଗରେ ଜଣେ ଲୋକ କାନ୍ଧରେ ଦୁଇହାତ ଭରଦେଇ ଓହ୍ଲାଇ ଓହ୍ଲାଇ ହାମୁଡ଼ିପଡ଼ିଗଲେ । ଉଠିପଡ଼ି ସେହି ଲୋକ ଗାଲରେ ଠୋକରି ଚାପୁଡ଼ାଟାଏ ମାରିଲେ—ଅର୍ଥାତ୍ ଲୋକମାନେ ଜାଣନ୍ତୁ ସେହି ଲୋକର ଅସାବଧାନତା ଏହି ପତନର କାରଣ ଅଟେ, ନୋହିଲେ ଏପରି ପକ୍‌କା ସୁଆର ପଡ଼ିବାର ନୁହେଁ । ସୁଆର ଓହ୍ଲାଇସିବା ମାତ୍ରକେ ସହିସପିଲା ଧରୁଁ ଧରୁଁ ଜଗନ୍ନାଥ ମହାପ୍ରଭୁଙ୍କ ରଥ ଆଗ ଶରଧାବାଲିରେ ଭକ୍ତ ଗଡ଼ିଗଲାପରି ଘୋଡ଼ାଟା ଚନଖୁର ଅର ଗଡ଼ିଯାଇ ଠିଆହେଲା । ଘୋଡ଼ାଟା ଧୂଳିରେ ଗଡ଼ୁଥିବା ସମୟରେ ସୁଆର ମଧ୍ୟ ଦାନ୍ତ ନିସିଡ଼ି ଦେହର ସ୍ଥାନ ଅସ୍ଥାନର ଯାବୁଗୁଡ଼ାକ ଝୁଣ୍ଟେଇ ପକାଇଲେ ।

ସେଖ୍ ଇନାଏତ ହୋସେନ୍ କଟକ ଜିଲ୍ଲାର ଜଣେ ଅଉଲ୍‌ନମ୍ବର ପୁଲିସ ଦାରୋଗା, ପାର୍ଶି ଇଲମ୍‌ରେ (୧୭) ଖୁବ ମଜବୁତ୍ । ଓଡ଼ିଆ ନାଲାଏକ୍ (୧୮) ଇଲମ୍, ସେଥିସକାଶେ ସେ ଲେଖନ୍ତି ନାହିଁ, ସରକାରୀ କାଗଜରେ ପାର୍ଶି ଦସ୍ତଖତ କରନ୍ତି । ଲାଏକତି (୧୯) ହେଉରୁ ବାର ବରଷ ହେଲା ଏକ କଲମରେ କେନ୍ଦ୍ରାପଡ଼ା ଥାନାରେ ଅଛନ୍ତି । ଗଲା ବରଷ କେବଳ ସଦରକଚେରି ସେରସ୍ତାଦାର ଆଉ ପେସ୍କାରଙ୍କ ପାର୍ବଣ ଫରମାସ (୨୦) ପହଞ୍ଚିବାରେ ବିଳମ୍ବ ହେବାରୁ ଥରେ ବଦଳିର ଗୋଳମାଳ ଶୁଣାଯାଇଥିଲା । ମୁନ୍‌ସି ଚକ୍ରଧର ଦାସ ମଧ୍ୟ ଜଣେ ଓଆକ୍‌ଫକାର (୨୧) ପୁଲିସ ଅମଲା । ଏହାଙ୍କ ରିପୋର୍ଟ ପଢ଼ି ମଜେଷ୍ଟରସାହେବ ଖୁବ ଖୁସି ଥିବାର ଚୌକିଦାରମାନଙ୍କଠାରୁ ସର୍ବଦା ଶୁଣାଯାଏ ।

Source: Author, Digitized by PPRACHIN, SOA

ମଙ୍ଗରାଜଙ୍କ କଚେରି ମେଲାରେ ପୋଲିସ୍ କଚେରି ବସିଅଛି । ଖୋଦ ଡାରୋଗା ସେଖ୍ ଇନାଏତ୍ ହୋସେନ ଖଣ୍ଡେ ସତରଞ୍ଜିରେ ଡାଢ଼ି ମେଲାଇଦେଇ ବସିଛନ୍ତି । ଆଉ ତାହାଣପାଖରେ ମୁନ୍‌ସି ଚନ୍ଦ୍ରଧର ଦାସ ହେଁସ ଉପରେ ବସ୍ତା ଘୋଡ଼ା-ଗୁରଜାମାରେ ବସିଛନ୍ତି । ଆଗରେ ହୋଡ଼ିଏହାତ ଦୂରରେ ବରକନ୍ଦାଜ (୧୧) ଗୋଲାମ୍ କାଦର ଏବଂ ହରି ସିଂହ ଏବଂ ପାଞ୍ଚଜଣ ଚୌକିଦାର ଛିଡ଼ା ହୋଇଅଛନ୍ତି । ରାମଚନ୍ଦ୍ର ମଙ୍ଗରାଜ ଗ୍ରେପ୍ତାର ହୋଇ ସେମାନଙ୍କ ନଜରବନ୍ଦରେ ମୁଣ୍ଡିକୁ ତଳେ ପୋତି ଦେଇ ବସିଛନ୍ତି । ମଙ୍ଗରାଜଙ୍କ ଘର ଚାରିପିଠି ମହାସଖ ବସିଗଲାଣି । ବାହାର ମନୁଷ୍ୟ ଭିତରକୁ ଯିବାକୁ, ଭିତର ମନୁଷ୍ୟ ବାହାରକୁ ଆସିବାକୁ ହୁକୁମ ନାହିଁ । ପ୍ରଥମେ ସ୍ତ୍ରୀଲୋକମାନଙ୍କୁ ଏକତରଫ କରି ଦିଆଯାଇ ଘର ଖାନତଲାସ ଆରମ୍ଭ ହେଲା । ଘରର ପ୍ରତ୍ୟେକ ସିନ୍ଦୁକ ପେଟରା ଆଡ଼ଖୁରି ତଲସ ହେଲା, ଧାନ ଅମାରରେ ଲୁହାଗଜ ମାରି ତଦାରଖ ହେଲା, ଘଡ଼ହାଣ୍ଡି ଖୋଜାଗଲା, ଦୁଇଚାରି ଜାଗା ଖୋଳାଗଲା, ଦୁଇଚାରି ଜାଗା ଚାଳ ଓଲଟା ଗଲା; କୌଣସି ସନ୍ଦେହୀ ମାଲ ଠିକଣା ହେଲା ନାହିଁ । କେବଳ ମଙ୍ଗରାଜଙ୍କ ପହୁଡ଼ଘରୁ ତିନି ଚାରି ହାତ ଲମ୍ବ ରେକେ (୧୨) ମୋଟ ଗୋଟାଏ ବାଉଁଶ ଠେଙ୍ଗା ବରାମଦ (୧୩) ହେଲା । ବାଡ଼ିପଛ ଓଳାତଳେ ଗୋଟାଏ ସ୍ତ୍ରୀଲୋକର ଲୁଗ୍ ଖଣ୍ଡେ ପୁରୁଣା ହେଁସରେ ଘୋଡ଼ାହୋଇଥିବାର ବରାମଦ ହୋଇ ଦାଣ୍ଡଦୁଆରକୁ ଅଣାଗଲା । ସେହି ଲୁଗ୍ ତନ୍ତୁଆଣୀ ସାରିଆର ଥିବାର ଗୋବରା ଜେନା ସନାକ୍ତ (୧୪) କଲା । ଦାରୋଗା ଦାଢ଼ିରେ ହାତ ବୁଲାଇ କହିଲେ, "କେଉଁ ରାମଚନ୍ଦ୍ର ମଙ୍ଗରାଜ! ଅବ୍ କ୍ୟା ମତଲବ୍ (୧୫) ହୈ—ରତନପୁର ଡୋମ୍ ଲୋକୋଁକା ମାମଲା ଇସ୍‌ବାତ (୧୬) ହୋ କି ନେହିଁ ।" ମୁନ୍‌ସି କହିଲେ, "ଏହା ମାଘରେ ଶୀତ ଗଲା ବୋଲି ମଙ୍ଗରାଜେ ମନେକରିଥିଲେ ପରା ?" ଆମ୍ଭେମାନେ ଗୋପନରେ ସନ୍ଧାନ କରି ବୁଝିଲୁ, ରତନପୁର ଡୋମମାନଙ୍କୁ ଜେଲ କରାଇଦେବା ସକାଶେ ମଙ୍ଗରାଜେ ଦାରୋଗାଙ୍କୁ ହଜାରେ ଟଙ୍କା ଲାଞ୍ଚ ଯାଚିଥିଲେ; ମାତ୍ର ଫାଙ୍କି ଦେଇଥିବାରୁ ଦାରୋଗା ସେହି କଥାଟା ମନେ କରାଇଦେଲେ ।

ମାମଲା ତଦାରଖ (୧୭) ଆରମ୍ଭ ହେଲା । ମୁନ୍‌ସି ଚନ୍ଦ୍ରଧର ଦାସ ବିଶାଳ ବସ୍ତାନ ଫିଟାଇ ସେରସ୍ତା ମେଲିଦେଲେ । ବେକରେ ଦଉଡ଼ିବନ୍ଧା, ମୁହଁରେ ସୋଲବିଣ୍ଡା ଦିଆ ଚେନ୍ଦବାସନର ଦୁଆତ ଆଗରେ ଥୁଆଗଲା । ପାହାଡ଼ ଖୋଟାଏ ପରକଲମ ଶିଣ୍ଢୁକାଠବେଣ୍ଟିଆ ଛୁରିରେ କାଟି ଖଣ୍ଡେ ସାନ କାଗଜରେ ପରୀକ୍ଷା କଲେ, "ଶ୍ରୀଗୁରୁଦେବ ଉଦ୍ଧାର କରିବେ", "ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଚରଣେ ଶରଣ", "ଶ୍ରୀ ବଳଦେବଜୀଉଙ୍କ ଚରଣେ ଶରଣ", "ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ

Source: Author, Digitized by PPRACHIN, SOA

ଚରଣେ ଶରଣ”, “ଶ୍ରୀ ଗ୍ରାମଦେବତାଙ୍କ ଚରଣେ ଶରଣ” ଇତ୍ୟାଦି ଦେବଦେବୀଙ୍କ ନାମ ଲେଖି କଚେରି କାମରେ ହାତଦେଲେ ।

ସରକାର ବ୍ରୁମ୍ଫୁନ୍ ବାହାଦୁର, ମୁଦେଇ (୨୮) ।

ରାମଚନ୍ଦ୍ର ମଙ୍ଗରାଜ, ସା-ଗୋବନ୍ଦପୁର, ଜି-କଟକ, ମୁଦାଲି ।

ସାରିଆ ନାମକ ଚନ୍ଦ୍ରଆଣୀକୁ ବଧ କରି ତାହା ଘରୁ ନେତ ନାମକ ଗାଈ ଏକଗୋଟି (୨୯) ଏବଂ ଅନ୍ୟାନ୍ୟ ମାଲ ଲୁଟତରାଜ କରି ଆଣିଥିବାର ମୋକଦ୍ଦମା ।

ଗୁପ୍ତ ତଲାସ ହେଲା—ବରକନ୍ଦାଜ ଚୌକିଦାରମାନେ ଗ୍ରାମଯାକ ବୁଲିଆସି ଖବର ଦେଲେ, ଗ୍ରାମରେ ପୁରୁଷଲୋକ ଜଣେ ନାହିଁ । କବାଟ ଫାଙ୍କରୁ ସ୍ତ୍ରୀ-ଲୋକମାନେ ଯେ ଜବାବ ଦେଲେ ସେଥିରୁ ଜଣାଗଲା, ଆଠପଣ ଲୋକ ଯାଇଛନ୍ତି କୁଣିଆ ଘରକୁ, ଚାରିପଣ ଗୋରୁ ଖୋଜି, ଦୁଇପଣ ଜଗନ୍ନାଥ-ଦର୍ଶନକୁ, ଦୁଇପଣ ପଡ଼ିଛନ୍ତି ବାଧିକ । କେବଳ ଦୁଇପଣ ଭଲ ଲୋକ, ଭିନ୍ନ ଗ୍ରାମବାସୀ ଗୁହା (୩୦) ଆପଣାର କର୍ତ୍ତବ୍ୟ ବୁଝି ଆପେ ହାଜର ହୋଇଗଲେ । ଗ୍ରାମର ଲୋକ ହାଜର ନ ହେବାରୁ ଦାରୋଗା ଖପା ହୋଇ ବରକନ୍ଦାଜମାନଙ୍କୁ ଉଲ୍ଲୁ, ଗଧା, ବେକୁଫ୍, ନାଲାଏକ ଇତ୍ୟାଦି ଇତ୍ୟାଦି ସମ୍ବୋଧନ କରିବାରୁ ଗ୍ରାମଯାକ ହୁରି ହାଲର ପଡ଼ିଗଲା । ଗୁମାଗୁମ ମାଡ଼ ଆଉ କବାଟ ଭଙ୍ଗା । ସନ୍ନିପାତ ରୋଗୀ ଭିତରୀ ଘୋଡ଼ହୋଇ ପଡ଼ି ଯମକୁ ଫାଙ୍କିଦେଇ ଦୁଇଦିନ ରହିଯାଇପାରେ; ମାତ୍ର ପୁଲିସକୁ ଫାଙ୍କିଦେବ କିଏ ? ପୁରୁଷ ଲୋକଗୁଡ଼ିକ ସଳଖ ସଳଖ ଘରୁ ବାହାରିଆସିଲେ । ଦୁଇ ଦିନ ପର୍ଯ୍ୟନ୍ତ ବତିଶ ଜଣ ଗୁହାଙ୍କ ଜବାନବନ୍ଦି (୩୧) ଗ୍ରହଣ କରାଗଲା । ପ୍ରଥମ ଦିନରେ ଦୁଇଜଣ ଚୌକିଦାର ହମରାଏ (୩୨) ଲାସ ମାଇନା ସକାଶେ କଟକ ଚାଲାଣ ହଆଗଲା । ମୁନ୍‌ସି ସାହେବ ଜେଲଖାନା କଏଦୀଙ୍କ ତସ୍ୱୀର ଅଙ୍କେଇଦେଲା ହରିତାଳ (୩୩) କାଗଜରେ ଜବାନବନ୍ଦି କଲମ ବନ୍ଦ କରି-ପକାଇଲେ । ଆପଣଙ୍କ ଜାଣିବା ନିମନ୍ତେ ସେଥିରୁ କେତେକ ଜଣ ସାକ୍ଷୀଙ୍କ ଜବାନବନ୍ଦି ଏଠାରେ ପ୍ରକାଶ କରୁଅଛୁଁ—

୧ ନମ୍ବର ଗୁହା—ତରଫ ସରକାର ବ୍ରୁମ୍ଫୁନ୍ ବାହାଦୁର । “ମୋ ନାମ—ଗୋବରା ଜେନା, ବାପର ନାମ ଗୁଡ଼ଆ ଜେନା, ମୁଚୋଫା” (୩୪) ଜାତିରେ ପାଣ, ବୟସ ୪୫ ବର୍ଷ, ପେଷା—ଗ୍ରାମର ଚୌକିଦାରୀ । ସା-ଗୋବନ୍ଦ-ପୁର । ପ୍ର—ବାଲୁବିଶି । ଜିଲେ—କଟକ ।

“ମୁଁ ମୌଜା ମଜକୁର (୩୫) ଚୌକିଆ । ସାରାରାତି ଗ୍ରାମରେ ଠିଆପହରା ଦିଏଁ । ଗଲା ରାତିରେ ପହରା ଦେବା ସମୟରେ ଅଧରାତି ଅନ୍ଦାଜ ସାରିଆ

Source: Author, Digitized by PPRACHIN, SOA

ତନ୍ତ୍ରୀଆଣୀ 'ମାର ପକାଇଲା; ମାର ପକାଇଲା' ବୋଲି ମଙ୍ଗରାଜଙ୍କ ବାଡ଼ି ପଛଆଡ଼େ ହୁରିପକାଉଥାଏ ମୁଁ ଶୁଣିଅଛୁ । ତାକୁ କେହି ବାଉଁଶ ବାଡ଼ରେ ମାଇଲା-ପରି ଜଣାଯାଉଥାଏ ।"

ଯୁଆଳରେ ଜବାବ ଦେଲା "ନା, ମୁଁ ସେ ସମୟରେ ମଙ୍ଗରାଜଙ୍କୁ ଦେଖି ନାହିଁ ।" ପୁନର୍ବାର କହିଲା, "ହଁ ହଁ, ତାଙ୍କ ପାଟି ଶୁଣିଅଛୁ । ଏହି ଗାଈ ସାରିଆର, ଏହାର ନାମ ନେତ । ଆଜକୁ ମାସେ ହେଲା ମଙ୍ଗରାଜଙ୍କ ଅଗଣାରେ ବନ୍ଧା ହେବାର ଦେଖୁଅଛୁ । କିପରି ଏଠାକୁ ଆସିଲା ଜାଣେନାହିଁ ।" ପୁନର୍ବାର କହିଲା, "ମଙ୍ଗରାଜେ ବାନ୍ଧି ଆଣିଛନ୍ତି ।"

। ଏ ବାବତ ସବୁତ ଗୋବରା ଜେନାର ସାକ୍ଷୀ ।

୧ ନମ୍ବର ଗୁହା—ସନା ରଣା । ପ୍ରଥମେ ହାଜର ହୋଇ କୌଣସି କଥା ଜାଣି ନଥିବାର ପ୍ରକାଶ କଲା । ଦାରୋଗା ସାହେବ ଭାରି ଖପ୍‌ପା ହୋଇ ତାହାକୁ ଗୃହଶାଳୀ ବୁଲାଇ ଆଣିବା ସକାଶେ ହୁକୁମ ଦେବାରେ ସେ ଦୁଇଜଣ ବରକନ୍ଦାଜ ହେପାଜତରେ ଅଧଘଣ୍ଟା ବାଦ୍ ମୁକୁଳା ବାଳ, ଧୂଳିଆ ଦେହ, ପିଠି ହାତ ଗାଲରେ ମାଡ଼ର ଦାଗ ସହିତ ହାଜର ହୋଇ କହିଲା, "ହଜୁର, ମୁଁ ସବୁ ସତ କହିବ । ମୋ ନାମ ସନା ରଣା, ବାପର ନାମ ବନା ରଣା, ଜାତି ମାଳୀ, ବୟସ ତିରିଶ, ପେଶା—ଗ୍ରାମଦେବତୀଙ୍କ ପୂଜା ଆଉ ଚାଷ । ସାଃ ଗୋବିନ୍ଦପୁର । ପ୍ରଃ ବାଲୁବିଶି । ଜିଃ କଟକ ।

"ମୁଁ ସାରିଆକୁ ଚହ୍ନେ, କିପରି ମଲା ଜାଣେନାହିଁ । ଆଜକୁ ଅନ୍ଦାଜ ବରଷେ କି ଦେଢ଼ବରଷ ହେବ ସକାଳଓଳି ମଙ୍ଗରାଜେ ମୋତେ ଜଣେ ହଳିଆ ହାତରେ ଡକାଇ ତୋଟା ମଧ୍ୟରେ ମୋତେ ନିରୋଳାରେ କହିଲେ, 'ଦେଖ୍ ସନା, ତୋତେ ମୁଁ କହୁଛି, ତୁ ଗୋଟାଏ କାର୍ଯ୍ୟ କରିବୁ । ମୁଁ ଯାହା କହୁଛି, ସେ କାମଟା କରିଦେଲେ ତୋତେ ଭଲ ରସାର ଜମି ଦୁଇମାଣ ଚଷିବାକୁ ଦେବି; ଆଉ ଦୁଇଟଙ୍କା ଖଜା ଖାଇବାକୁ ଦେବି ।' ମୁଁ ପଚାରିଲି, 'କ'ଣ କରିବି ?' ସେ ଆଜ୍ଞା କହିଲେ, 'ଏହି ଯେ ଭଗିଆ ତନ୍ତି ଅଛି—ତା ମାଇପ ଯେ ସାରିଆ ସେଟା ବାଞ୍ଝ । ପୁଅ ହେବା ପାଇଁ ପ୍ରତିଦିନ ବୁଢ଼ୀମଙ୍ଗଳାଙ୍କ ପାଖରେ ମୁଣ୍ଡିଆ ମାରେ । ତୁ ଯାଇ ତାକୁ କହିବୁ—ଠାକୁରାଣୀ ସ୍ୱପ୍ନରେ କହିଛନ୍ତି, ତୁ ପୂଜା ଦେ, ଠାକୁରାଣୀ ତୋ ସାଙ୍ଗରେ ଆପେ କଥା କହିବେ, ଆଉ ତୋତେ ପୁଅ ଦେବେ ।' ମୁଁ ଯାଇ ଦୁଇ ତିନି ଥର ଭଗିଆକୁ ଆଉ ସାରିଆକୁ ସାଆନ୍ତଙ୍କ କହିବା ମାଫକେ କହିଲି । ସେମାନେ ଭଲକରି ଶୁଣିଲେ; ମାତ୍ର ଜବାବ ଦେଲେ ନାହିଁ ।

Source: Author, Digitized by PPRACHIN, SOA

“ଦିନେ ଉପରଓଳି ଭଗିଆ ମୋତେ ତା ଦୁଆରକୁ ଡାକି ଘେନିଗଲା। କିପରି ପୂଜା ହେବ, କି ଦ୍ରବ୍ୟ ଲୋଡ଼ା, କେତେ ଖରଚ ହେବ, ସବୁକଥା ପଚାରିଲା। ମୁଁ ତାକୁ ସବୁ ବୁଝାଇଦେଲି। ପୂଜାଦ୍ରବ୍ୟ କିଣିବା ସକାଶେ ତା ପାଖରୁ ଦଶଅଣା ଦୁଇପାହୁ ପଇସା ଆଣିଲି। ଦିନେ ଶନିବାର ସଞ୍ଜବାଦ୍ ମୁଁ, ମଙ୍ଗରାଜେ ଆଉ ଜଗା ଭଣ୍ଡାରି, କୋଡ଼ି ଧରି ଜଣେ ହଳିଆ ସ୍ବରଜଣ ମଙ୍ଗଳାଙ୍କ ନିକଟକୁ ଗଲୁଁ। ମଙ୍ଗରାଜ କହିବା ଅନୁସାରେ ଠାକୁରାଣୀଙ୍କ ଆସ୍ଥାନ ତଳୁ ପଛ ଦିଗକୁ ଗୋଟାଏ ବଡ଼ ଗାଡ଼ ଖୋଳାଗଲା। ଗାଡ଼ ମଧ୍ୟରେ ଜଗା ଭଣ୍ଡାରି ଲୁଚିରହିଲା, ଗାଡ଼ ମୁହଁ ଡାଳପତ୍ରରେ ଲୁଚାଇ ଦିଆଗଲା। ମୁଁ ସକାଳୁ ଖବର ଦେଇ ସାରିଆ ଆଉ ଭଗିଆକୁ ଉପାସ ରଖାଇଥିଲି। ଅଧରାତିବେଳେ ଗ୍ରାମ ନିସୋର (୩୫) ହେବାରେ ସେମାନଙ୍କୁ ଡାକିଆଣି ପୂଜା କଲି, ଭୋଗ ଲଗାଇ ଠାକୁରାଣୀଙ୍କୁ ଅନେକ ଜଣାଣ କଲି। ମୋ କହିବା ଅନୁସାରେ ସାରିଆ ଏବଂ ଭଗିଆ ବେକରେ ଲୁଗା ପକାଇ ମୁହଁମାଡ଼ି ଠାକୁରାଣୀ ଆଗରେ ଧାରଣା ପଡ଼ିଥାନ୍ତି (୩୬)। ମୁଁ ଆତୁର ଜଣାଣ କରି କହିଲି, ‘ମା ମଙ୍ଗଳା ! ସାରିଆକୁ ଆପେ ବର ଦିଅ, ସେ ଅନେକ ଦିନ ହେଲା ତୁମର ସେବା କରୁଅଛି। ଅନେକ ଲୋକଙ୍କୁ ବର ଦେଲଣି, ଏମାନଙ୍କୁ ବର ଦିଅ।’ ଜଗା ଗାଡ଼ଭିତରୁ ଜବାବ ଦେଲା, “ଆଲୋ ସାରିଆ, ତୁ ଅନେକ ଦିନ ହେଲା ମୋର ପୂଜା କରୁଛୁ, ପ୍ରତିଦିନ ଗାଧୋଇସାରି ଯିବାବେଳେ ମୋତେ ଜୁହାର ହୋଇ ଯାଉ, ପାଣି ଢାଳାଏ ଦେଉ, ମୁଁ ସେ ପାଣି ପାଏ। ତୋତେ ବର ଦେଉଛି, ତୋର ଛଅଗୋଟି ପୁଅ ହେବ, ଆଉ ତୋହର ଢେର୍ ଟଙ୍କା ସୁନା ହେବ। ତୁ ମୋହର ଦେଉଳ ତୋଳାଇ ଦେ। କାଲି ବଡ଼ିସକାଳେ ଅଧୁଆ ମୁହଁରେ ଦୁଇପ୍ରାଣୀ ତନ୍ତିତୋଠକୁ ଆସିବ। ମୋ ପୂଜା ମନ୍ଦାର ଫୁଲ ଯେଉଁଠାରେ ପଡ଼ିଥିବ, ତା ତଳେ ଖୋଳିବୁ, ଯାହା ପାଇବୁ ଘରେ ନେଇ ରଖିବୁ; ପ୍ରତିଦିନ ପୂଜା କରିବୁ, ତୋତେ ସେହିପରି ଅଳ୍ପ ଅଳ୍ପ ଦେବି। ମୋ ଆଜ୍ଞା ନ ମାନିଲେ ଭଗିଆ ବେକ ମୋଡ଼ିଦେବି।”

“ସାରିଆ ଭଗିଆ ଦୁଇଜଣ ଶୁଣି ଡରରେ ଥରୁଥାନ୍ତି, କିଛି କଥା କହି ପାରିଲେ ନାହିଁ। ମୁଁ ପୂଜା ସାରି ସେମାନଙ୍କୁ କିଛି ଭୋଗ ଦେଇ ଘରେ ଛାଡ଼ି ଆସିଲି, ବାକି ଭୋଗକୁ ବାନ୍ଧିଲି। ମୁଁ ସେମାନଙ୍କୁ ଛାଡ଼ି ଆସିବା ବାଦ୍ ଜଗା ହସି ହସି ଗାଡ଼ରୁ ବାହାରି ଆସିଲା। ଆମେ ଦୁଇଜଣ ଯାଇ ସାଆନ୍ତେ ଦେଇଥିବା ଗୋଟିଏ ମୋହର ତୋଠ ପାଖରେ ପୋତି ତାହା ଉପରେ ମନ୍ଦାରଫୁଲ ଥୋଇଦେଇ ଘରକୁ ଗଲୁଁ। ତହିଁ ଆରଦିନ ମୁଁ ଭଗିଆ ଦୁଆରକୁ ଯାଇଥିଲି। ମୋତେ ଦେଖି ସେ ଦୁଇଜଣ କାନ୍ଦୁଣୁମୁନ୍ଦୁଣୁ ହୋଇ କହିଲେ, ‘ଆମେମାନେ ଦେଉଳ କିପରି ତୋଳାଇବୁ ବୁଦ୍ଧି କହିଦିଅ।’ ମୋ କହିବା ଅନୁସାରେ ତାହାର

Source: Author, Digitized by PPRACHIN, SOA

ଜମି ଛମାଣ ଆଠଗୁଣ୍ଠ ମଙ୍ଗରାଜଙ୍କ ପାଖରେ ବନ୍ଧକ ଦେଇ ଟଙ୍କା ନେଲେ । ସରକାରରୁ ଜମାଦାର ଆସି ଭଗିଆ ଘର ଖଙ୍ଗାଳିଲେ । ଜମାଦାର ଚୁଡ଼ା ହୋଇ-ଥାଏ, ତାହାର ସବୁ ଜିନଷ ବୋହି ଘେନଗଲେ । ଘର ଭଙ୍ଗାଗଲା ଦିନଠାରୁ ଭଗିଆ ବାୟା ହୋଇ ଗାଁରେ ବୁଲୁଅଛି, ସାରିଆ ସାତ ଆଠ ଦିନ ହେଲା ମଙ୍ଗରାଜଙ୍କ ବାଡ଼ିଦୁଆରେ ବସି କାନ୍ଦୁଥିବାର ମୁଁ ଶୁଣିଅଛି ।"

ସୁଆଲରେ (୩୮) ଜବାବ ଦେଲା—"ମଙ୍ଗରାଜ ଭଗିଆକୁ କେତେଟଙ୍କା ଦେଲେ ମୁଁ ଜାଣେ ନାହିଁ, କେବଳ ତମସୁକ ରେଜେଷ୍ଟ୍ରି କରିବା ସକାଶେ ଖଣ୍ଡେ ଶାଢ଼ୀ କିଣି ଦେଇଥିଲେ, ମୁଁ ଜାଣେ । ଦେଉଳ ତୋଳିବା ସକାଶେ କଟକକୁ ଘେନଯାଇଥିବା ସମୟରେ ସାରିଆ ସକାଶେ କୋଡ଼ିଏ ଶଗଡ଼ ଅନ୍ଦାଜ ପଥର ମଙ୍ଗରାଜ ମଙ୍ଗଳାଙ୍କ ନିକଟରେ ପକାଇଛନ୍ତି । ମଙ୍ଗରାଜ ସେହିଦିନ ମୋତେ ଚାରିଅଣା ପଇସା ଦେଇଥିଲେ, ଆଉ କିଛି ଦେଇନାହାନ୍ତି । ମୁଁ ଉପରେ ମାଗେ-ନାହିଁ । ଆଉ କିଛି ଜାଣେ ନାହିଁ ।"

(ଦସ୍ତଖତ) ସନା ରଣା ।

୩ ନମ୍ବର ଗୁହା—"ମୋ ନାମ ମଗୁଆ, ବାପର ନାମ ଲକ୍ଷ୍ମଣ ଉହାଡ଼ୀ, ଜାତି ବ୍ରାହ୍ମଣ, ବୟସ ଜଣା ନାହିଁ, ସାः ହାଲ ଗୋବିନ୍ଦପୁର, ଜः କଟକ ।"

ସୁଆଲରେ ଜବାବ ଦେଲା—"ସାରିଆ କି ରୋଗରେ ମଲା ମୋତେ ଜଣାନାହିଁ । ଆଜକୁ ଆଠଦିନ ହେଲା ଅମ ବାଡ଼ିଦୁଆରେ ବସିଥିଲା । ଦିନସାରା ଏକ ଜାଗାରେ ବସିଥାଏ; ଯାହାକୁ ଦେଖେ ଡକାପାଡ଼େ । 'ମୋ ଛମାଣ ଆଠଗୁଣ୍ଠ, ମୋ ନେତ; ମୋ ନେତ'—ଏତିକି କହି ଡକାପାଡ଼ୁଥାଏ । ଠାକୁରାଣୀଙ୍କୁ ଦେଖିଲେ ଗୋଡ଼ତଳେ ପଡ଼ି ଗଡ଼େ, କାନ୍ଦେ; ଠାକୁରାଣୀ ମଧ୍ୟ କାନ୍ଦନ୍ତି । ଚମ୍ପା ତାକୁ ତିନଥର ଗୁଣ୍ଡୁଣି ମାରି ତଡ଼ିଦେଲା । ସେ ଗଲା ନାହିଁ । ସେ ଆଠଦିନ ହେଲା କିଛି ଖାଇ ନାହିଁ । ଠାକୁରାଣୀ ଆପଣା ଖାଇବା ଭାତ ଖଣ୍ଡେ କଦଳୀପତ୍ରରେ ତା ପାଖରେ ଥୋଇଦଅନ୍ତି, ସେ ଖାଏନାହିଁ । ଭାତ କୁକୁର ନୋହିଲେ ଗାଈ ଖାଇଯାଏ । କେବେ କେବେ ଠାକୁରାଣୀ ବସି ବୁହାବୋଲା କଲେ ଦୁଇଗୁଣ୍ଡା ଗୁଣ୍ଡାଏ ଖାଏ । ଠାକୁରାଣୀ ମଧ୍ୟ ସାତଦିନ ହେଲା ଖାଇନାହାନ୍ତି; ଖାଇବାକୁ କହିଲେ ସେ ଅଧିକ କାନ୍ଦନ୍ତି । ସେଥିସକାଶେ ମୁଁ କିଛି କହେ ନାହିଁ । ସପ୍ତମୀ ଦିନ ଏକବାର ସେ ବୁଢ଼ୀମଙ୍ଗଳାଠାକୁ ଯାଉଥିଲେ, ତେତିକିବେଳେ ସାରିଆ ପାଟି କରିବାରୁ ହବିଷ ଭାତ ତା ପାଖରେ ବସାଇଦେଲେ । ତେତିକିବେଳୁ ଠାକୁରାଣୀ ଘରକୁ ଆସି ଯେ ପଡ଼ିଛନ୍ତି, ସେ ପଡ଼ିଛନ୍ତି । ଗଲା ଅଷ୍ଟମୀ ଦିନ ତାଙ୍କର କାଳ ହେଲା ।"

Source: Author, Digitized by PPRACHIN, SOA

ସୁଆଲରେ ଜବାବ ଦେଲା—ସାଆନ୍ତାଣୀଙ୍କର କ ବେମାର ହୋଇଥିଲା ଜାଣେ ନାହିଁ । ସ୍ନାନପୂର୍ଣ୍ଣିମୀ ଆଠ ଦଶ ଦିନ ଆଗରୁ ତାଙ୍କୁ ଅଳ୍ପ ଅଳ୍ପ ବେମାର ଧରିଥିଲା । ସ୍ନାନପୂର୍ଣ୍ଣିମୀ ଦିନ ଚମ୍ପା କୁଆଡ଼େ ସୁଆର ଚଢ଼ିଯାଇଥିଲା; ବୁଲି ବୁଲି ଆସି କ'ଣ କହିଲା । ସେହିଦିନଠୁ ସାଆନ୍ତାଣୀଙ୍କର ବେମାର ବଢ଼ିଅଛି । ଘରରେ କିଛି ଖାଆନ୍ତି ନାହିଁ; ଦିନବେଳେ ଝିଅ ମଧ୍ୟ ସେହିପରି । ସବୁବେଳେ କାନ୍ଦନ୍ତି । ସାରଅ ଜମି ଗୁଡ଼ିଦେବା ସକାଶେ ସାଆନ୍ତଙ୍କ ଗୋଡ଼ତଳେ ପଡ଼ି ଢେର୍ କହିଲେ । ସାଆନ୍ତ ଶୁଣିଲେ ନାହିଁ । ଚମ୍ପା ଖପା ହେବାରୁ ସାଆନ୍ତାଣୀ ଆଉ କିଛି କହିଲେ ନାହିଁ, ଅନ୍ନ ଗୁଡ଼ିଦେଲେ । ମୁକୁନ୍ଦା ବଇଦ ପାଖରୁ ତାଙ୍କ ବେମାର ସକାଶେ ଔଷଧ ଆଣିଦେଇଥିଲା । ସେ ଔଷଧ ଖାଇଲେ ନାହିଁ, ମୁଣ୍ଡରେ ମାର ଥୋଇଦେଲେ ।

ସୁଆଲରେ ଜବାବ ଦେଲା—"ମୁଁ ଆଜକୁ ଦଶବରଷ ହେଲା ଏହି ଘରେ ଅଛି । ମୋ ବାପଘର ପୁରୀ ବ୍ରାହ୍ମଣ ଶାସନରେ ଥିଲା । ମୋ ସ୍ୱାମୀର ନାମ ଜଗନାଥ ପଢ଼ିହାରୀ । ଶୁଣିଛି ବାହାବେଳେ ମୋର ସାତ ବରଷ ବୟସ ହୋଇଥିଲା; ସ୍ୱାମୀର ବୟସ ହୋଇଥିଲା ତିନ କୋଡ଼ି ଚାରି ବରଷ । ମୋ ସ୍ୱାମୀ ତାଙ୍କ ଜମି ବିକି ମୋ ବାପକୁ ଆଠ କୋଡ଼ି ଟଙ୍କା ଦେଇଥିଲେ । ବାହାବେଳେ ମୋ ସ୍ୱାମୀର ଶ୍ୱାସ ବେମାର ଥିଲା । ସେହି ବେମାରରେ ସେ ମଲେ । ମୋ ସ୍ୱାମୀଘରେ ଆଉ କେହି ନ ଥିଲେ । ନନା ଯାଇ ତାଙ୍କ ଜମିବାଡ଼ି ବିକିଦେଇ ମୋତେ ଘରକୁ ଘେନିଆସିଲେ । ନନାଙ୍କ ଘରେ ପାଞ୍ଚ ସାତ ବରଷ ରହିଥିଲି । ଗ୍ରାମରେ ଲଳିତା ଦାସ ବାବାଜି ଥିଲେ । ମୁଁ ତାଙ୍କ ପାଖକୁ ଚୈତନ୍ୟଚରିତାମୃତ ଶୁଣିବାକୁ ଯିବାରୁ ଭାଇମାନେ କଳିଲଗାଇଲେ । ମୁଁ ବୃନ୍ଦାବନ ଯିବା ସକାଶେ ବାବାଜିଙ୍କ ସାଙ୍ଗରେ ଦିନେ ରାତିରେ ପଳାଇଆସି କଟକ ତେଲଙ୍ଗାବଜାରରେ ଥିଲି । ସାଆନ୍ତ ମାମଲା କରିବା ସକାଶେ କଟକ ଯାଇଥିଲେ । ତାଙ୍କ ସାଙ୍ଗରେ ଆସି ଏହି ଘରେ ଅଛି ।"

୦ । ଏ ମୁଦ୍ଦ ସନ୍ଦ (୩୧) ମରୁଆ ସହି ।

୪ ନମ୍ବର ଗୁହା—"ମୋ ନାମ ବାଇଧର ମହାନ୍ତି, ବାପର ନାମ ଡମ୍ବରୁଧର ମହାନ୍ତି; ଜାତି କରଣ, ବୟସ ୫୬ ବରଷ, ସା: କନକପୁର ପ୍ର: ଝଙ୍କଡ଼, ଜି: କଟକ ।

"ଆଜକୁ କୋଡ଼ିଏ ବରଷ ହେଲା ମୁଁ ଏହି ଫତେପୁର ସରଷଣ୍ଡ ତାଲୁକରେ ଗୁମାସ୍ତା ଅଛି । ପ୍ରଥମେ ମେଦନୀପୁରର କେଶମତ ଆଲି ଜମିଦାର ଥିଲେ, ବର୍ତ୍ତମାନ ଜମିଦାର ରାମଚନ୍ଦ୍ର ମଙ୍ଗରାଜ କଟବନ୍ଦକ (୪୦) ସୂତ୍ରେ ଏହି ଜମିଦାରୀ ପାଇଅଛନ୍ତି ।"

Source: Author, Digitized by PPRACHIN, SOA

(ଦାରୋଗା ଗୁହାଙ୍କୁ ଢେର୍ ପୁଆଲ କଲେ; ଗୁହା ମଧ୍ୟ ଢେର୍ ଜବାବ ଦେଲେ । ସେ ସମସ୍ତ ଗ୍ରନ୍ଥଦେହ ଆମ୍ଭେମାନେ ଗୁହା ଜବାବର ସାର ସାର କେତୋଟି କଥା ବାଛି ଲେଖୁଅଛୁ ।)

ଗୁହାର ଜବାବ—"ମଙ୍ଗରାଜେ ଘରୁ କିଛି ଟଙ୍କା ଦେଇ ଜମିଦାରୀ କିଣି ନାହାନ୍ତି, ଜମିଦାରୀ ଅସୁଲୀ ଟଙ୍କାରୁ କିଣିଛନ୍ତି । ମଙ୍ଗରାଜେ ପ୍ରଥମ ବରଷ ଖଜଣା ଟଙ୍କା ଅସୁଲ କରିନେଇ ଜମିଦାର ହଲଦାର ମିଆଁଙ୍କୁ ଦେଲେ । ଦୁସରା କିସ୍ତି ଟଙ୍କା ଅସୁଲ କରିନେଇ ମେଦନୀପୁର ଗଲେ । ମୁଁ ସାଙ୍ଗରେ ଗଲି । ଜମିଦାରଙ୍କୁ କହିଲେ, 'ପୁରୁଣା ଜମିଦାର ବାଘସିଂହ ବଂଶ ମେଲି ଲଗାଇବାରୁ ଖଜଣା ଅସୁଲ ହେଲା ନାହିଁ, କ'ଣ ହେବ, କାଲି ନାଟବନ୍ଦି (୪୧) ।' ମଙ୍ଗରାଜେ ତମସୁକ (୪୨) ଲେଖାଇ ନେଇ ଖଜଣା ଟଙ୍କା କରଜ ଦେଲେ । ଏଣେ ଜମିଦାର କରଜ କରି-ଅଛନ୍ତି ବୋଲି ପ୍ରଜାମାନଙ୍କଠାରୁ କଲନ୍ତର (୪୩) ନିଅନ୍ତି । ପ୍ରତି କିସ୍ତିରେ ଏହିପରି ହୁଏ । ଶେଷଥର ମଙ୍ଗରାଜେ ମୁସାହେବମାନଙ୍କୁ ଅନେକ ଲାଞ୍ଚ ଦେଇ ଅସଲ ସୁଧ ତିରିଶ ହଜାର ଟଙ୍କାରେ ତମସୁକ ଲେଖାଇନେଲେ । ହଲ୍ଦିମିଆଁ ନିଶାରେ ପଡ଼ିଥିବା ସମୟରେ ତମସୁକ ଦସ୍ତଖତ କରିଦେଲେ । ମଙ୍ଗରାଜେ ଆଉ ମେଦନୀପୁର ନ ଯାଇ କଟକରେ ମାମଲା କରି ଜମିଦାରୀ ଦଖଲ କରିଗଲେ ।"

ପୁଆଲରେ ଜବାବ ଦେଲା—"ହଁ, ଭଗିଆ ତନ୍ତୀଠାରୁ ଛମାଣ ଆଠଗୁଣ୍ଠ ଜମି କଟକବଲା (୪୪) କରି ନେଇଥିଲେ । କବଲାରେ ଦେଢ଼ଶ ଟଙ୍କା ଲେଖାଅଛି । ତମସୁକ ଲେଖାଇ ମାମଲା ଖରଚ ଇତ୍ୟାଦି ସେଥିରେ କେତେ ଟଙ୍କା ଖରଚ ପଡ଼ିଅଛି ପାଞ୍ଜି ଦେଖିଲେ କହିବି—(ଗୁହା ପାଞ୍ଜି ଦେଖି କହିଲା) ଗାଏ ଟ ୩୪୫ ୧୭୫ ।"

ଗୁହା କହିଲା—"ହଁ, ସାଆନ୍ତେ ଭଗିଆ ନାମରେ କଟକ ଅଦାଲତରେ ନାଲିସ କରିଥିଲେ । ମକଦ୍ଦମାର ଏତଲାନାମା (୪୫) ଡିଗ୍ରୀଜାରି (୪୬) ପରୁଆନା (୪୭) ନିଲାମି ଇସ୍ତାହାର (୪୮) ସବୁ ମୋ ପାଖରେ ଅଛି । ଭଗିଆକୁ କିଛି ଦିଆ-ଯାଇନାହିଁ । ଅଦାଲତର ପିଆଦା ଆସି ସାଆନ୍ତଙ୍କଠାରୁ ବକ୍‌ସିସ୍ ନେଇ ମୋ ପାଖରୁ ରସିଦ ଲେଖାଇ ନେଇ ଚାଲିଯାଏ । ସାରିଆ କପରି ମଲା ମୁଁ ଜାଣେ-ନାହିଁ । ଏହି ଗାଈଟା ଭଗିଆର ।"

(ସ୍ୱାକ୍ଷର) ବାଇଧର ମହାନ୍ତି

୫ ନମ୍ବର ଗୁହା—"ମୋ ନାମ ଚମ୍ପା, ବାପର ନାମ ଜଣାନାହିଁ, ଜାତି—ଏହି ଘର ମନୁଷ୍ୟ, ସାଃ ଗୋବିନ୍ଦପୁର, ଜିଃ କଟକ ।

Source: Author, Digitized by PPRACHIN, SOA

"ମୁଁ ସାରିଆକୁ ଚିହ୍ନେ ନାହିଁ । ତା ଘର ଏ ଗାଁରେ ନୁହେଁ । ସେ ଆମ ଦୁଆରେ ମରିନାହିଁ, ଆଉ କୁଆଡ଼େ ମରିଯାଇ ଆମ ଦୁଆରେ ପଡ଼ିଥିଲା । ତାକୁ ଜର ହୋଇଥିଲା, ମରିଗଲା । ଆମ ସାଆନ୍ତ ତାକୁ କିଛି କହିନାହାନ୍ତି । ସାଆନ୍ତ ବଡ଼ ଭଲଲୋକ, ହଳିଆ ପାଣିରେ ଗୋଡ଼ ଦିଅନ୍ତି ନାହିଁ । ସାଆନ୍ତାଣୀଙ୍କୁ ଜର ହୋଇଥିଲା, ସେ ମରିଗଲେ । ତାଙ୍କପାଇଁ ମୁଁ ଭାତ ଖାଉନାହିଁ । ଝୋର କାନ୍ଦୁଛି । (ମୁଦ୍ଧା କାନ୍ଦି ବସିଲା, ଦାରୋଗା ଧମକ୍ ଦେବାରୁ ଚୁପ୍ ହେଲା) ଏହି ଗାଈଟା ଆମର ଘର ବାଛୁରି (ପୁନର୍ବାର କହିଲା) ସାରିଆକୁ ଟଙ୍କା ଦେଇ କିଣିଛୁ ।"

ଠ—ଏ ମୁଦ୍ଦସନ୍ତକ ଚମାର ସହି ।

ଅଧିକ ରାତି ହେବାରୁ କଚେରି ବନ୍ଦ ହେଲା । ଦାରୋଗା, ମୁନ୍‌ସି, ଚୌକିଦାର ଗୋବରା ଜେନା ଅନେକ ରାତି ପର୍ଯ୍ୟନ୍ତ ବସି ପରାମର୍ଶ କଲେ । ଉପଯୁକ୍ତ ମୁଦ୍ଧା ଠିକଣା କରାଯାଇ ତହିଁ ପରଦିନ ପୁନର୍ବାର ସାକ୍ଷୀ ଜବାନବନ୍ଦି ଆରମ୍ଭ ହେଲା ।

୭ ନମ୍ବର ସାକ୍ଷୀ—"ମୋ ନାମ ବନା ଜେନା, ବାପର ନାମ ଦନା ଜେନା, ଜାତି ପା'ଣ, ବୟସ ୧୮, ପେଷା ହଳିଆଗିରି । ସା: ମନ୍ଦାମପୁର । ପ୍ର: ବାଲୁବିଶି । ଜି: କଟକ ।

"ମୁଁ ସାରିଆକୁ ଚିହ୍ନେ, ତା ଦୁଆରକୁ ଢେର ଥର ଯାଇଛି । ତା ଘର ସଉରୁଣିଆ । ମୌଜା ବ୍ରାହ୍ମଣ ସାହିରେ, ନା ନା ପାଣସାଇରେ । (ପୁନର୍ବାର କହିଲା) ନା, ନା ଏହି ଗ୍ରାମରେ । ରାମଚନ୍ଦ୍ର ମଙ୍ଗରାଜ ଆଜକୁ ଆଠଦିନ ହେଲା ତାହାକୁ ଧରିଆଣି ବାଡ଼େଇଥିଲେ । ଏହି ବାଉଁଶ ବାଡ଼ିରେ ବାଡ଼ଉଥିଲେ । (ସାକ୍ଷୀ ବାଡ଼ି ଦେଖେଇଦେଲା) ଗଲା ଦ୍ୱାଦଶୀ ଦିନ ଅଧରାତି ବେଳେ ରାମଚନ୍ଦ୍ର ମଙ୍ଗରାଜ ବାଡ଼ଉଥିଲେ, ଦେଖିଅଛି । ସାରିଆ ପିଠିରେ କୋଡ଼ିଏ ପାହାର ବାଡ଼େଇଲେ । ମୁଁ ସାଉଘର ଗୋରୁ ଖୋଜି ଆସିଥିଲି । ମୋ ଘର ଏଠାକୁ ଦୁଇକୋଶ ବାଟ । ସାଆନ୍ତଙ୍କ ସଙ୍ଗରେ ମୋହର ଓକରାର (୪୧) ନାହିଁ । ଗୋବରା ଜେନା ଚୌକିଆ ମୋ ଭଣୋଇ ନୁହେଁ ।"

— ଏ ବାଡ଼ିସନ୍ତକ ବନା ଜେନାର ସହି ।

୭ ନମ୍ବର ମୁଦ୍ଧା—"ମୋ ନାମ ଧକେଇ ଜେନା, ବାପର ନାମ ନାଙ୍ଗୁଡ଼ି ଜେନା, ଜାତି ପାଣ, ବୟସ ଜଣାନାହିଁ, ପେଷା ହଳିଆଗିରି । ସା: ରାଇପୁର । ପ୍ର: ବାଲୁବିଶି । ଜି: କଟକ ।

ଗଲା ନବମୀ ଦିନ ଅଧରାତିବେଳେ ମୁଦାଲା ରାମଚନ୍ଦ୍ର ମଙ୍ଗରାଜ ଏହି ବାଉଁଶ ବାଡ଼ିରେ ସାରିଆକୁ ବାଡ଼ଉଥିଲେ, ମୁଁ ଦେଖିଅଛି । ମୁଁ ଲୁଣ କିଣିବାକୁ

Source: Author, Digitized by PPRACHIN, SOA

ଦୋକାନକୁ ଆସିଥିଲି । ରାତି ହୋଇଯିବାରୁ ଦୋକାନପିଣ୍ଡାରେ ଶୋଇଥିଲି । ଗୁମ୍ ଗୁମ୍ ଶବ୍ଦ ଶୁଣିବାରୁ ମୁଁ ଦୋକାନ ଗୁଳ ଉପରେ ଚଢ଼ି ଅନାଇଲି । (ପୁନର୍ବାର କହିଲା) ନାହିଁ, ନାହିଁ, ମୁଁ ମଙ୍ଗରାଜଙ୍କ ପିଣ୍ଡାରେ ଚଢ଼ି ଅନାଇଲି, ଦିଶୁଥିଲା । ମୁଁ ଏହି ଗାଈକୁ ଚହ୍ନେ; ନଜେ ଡେର୍‌ଥର ଦୁହିଁଛି । ଗାଈର ନାମ ବଉଳା । ଏ ଗାଈ ଭଗିଆ ଚନ୍ଦ୍ରୀର । ରାମଚନ୍ଦ୍ର ମଙ୍ଗରାଜ ତା ଘରୁ ଚୋରି କରି ଆଣିଅଛୁ, ସିନ୍ଧ କରି ଚୋରିକରି ଆଣିଛନ୍ତି ।"

ମୁଦାଲିର ସୁଆଲରେ ଜବାବ ଦେଲା—"ଗୋବରା ଜେନା ମୋ ମାଉସୀ ପୁଅ ଭାଇ ନୁହେଁ । ସେ ମୋତେ ଡାକିଆଣିନାହିଁ । ମୁଁ ଗୁହାଇ ଦେବା ସକାଶେ ଆପଣା ଇଚ୍ଛାରେ ଆସିଅଛୁ । ସେ ମୋତେ ଖାଇବାକୁ ଦିଏ ନାହିଁ । ମୁଁ ଘରୁ ଚୂଡ଼ା ଗୁଡ଼ଳ ବାନ୍ଧି ଆଣିଅଛୁ । ନବମୀ ଆଜକୁ କୋଡ଼ିଏ କି ବାଇଶି ଦିନ ହେଲା ଗଲାଣି । ଆଜ ତିଥି କଣ ମୋତେ ଜଣାନାହିଁ ।"

।—ଏହି ବାଡ଼ିସନ୍ଧକ ଧଳେଇ ଜେନାର ସହି ।

୮ ନମ୍ବର ଗୁହ୍ରା—"ମୋ ନାମ ଖରୁ ଚନ୍ଦ, ବାପର ନାମ ହଟା ଚନ୍ଦ । ଜାତି ଚନ୍ଦ୍ରୀ, ବୟସ ୨୮, ପେଷା ଲୁଗାବୁଣା । ସା: ଗୋବିନ୍ଦପୁର । ଜିଲେ: କଟକ ।

"ଏ ଗାଈ ଭଗିଆର, ଜାଣେ । ଭଗିଆ ମୋ ପଡ଼ଶା । ଯେଉଁ ଦିନ ସରକାରି ଜମାଦାର ଆସି ଭଗିଆ ଘର ଭଙ୍ଗାଇଦେଲେ, ସେହି ଦିନ ମଙ୍ଗରାଜେ ଗାଈ ବାନ୍ଧିଆଣି ଉଆସରେ ରଖିଅଛନ୍ତି । କି ସକାଶେ ଗାଈ ବାନ୍ଧିଆଣିଲେ ମୋତେ ଜଣାନାହିଁ । ମଙ୍ଗରାଜଙ୍କ ହଳିଆମାନେ ଯାଇ ଭଗିଆଘର ଭାଙ୍ଗି-ପକାଇଲେ । ଘରର ସବୁ ଜିନଷ ବୋହିଆଣିଲେ । ଭଗିଆ, ସାରିଆ ଦୁଇଜଣ ଡକାପାଡ଼ି ଦାଣ୍ଡରେ ଗଡ଼ୁଥାନ୍ତି । ସରକାରି ଜମାଦାର ଆସିଥିବାରୁ ଆମ୍ଭେମାନେ କବାଟ କିଳିଦେଇ ଘରେ ଲୁଚିଥିଲୁ । ମୁଁ କବାଟ କିଳିଦେଇ ଜଳାରେ ଅନାଇ-ଥାଏ । ଚୌକିଆ ଗୋବରା ଜେନା ମୋତେ ଡାକୁଥାଏ । ମୁଁ ଜବାବ ଦେଲି ନାହିଁ । ମୋ ସ୍ତିରିକା ଜବାବ ଦେଲା, ମୁଁ ଘରେ ନ ଥିବାର କହିଲା ।"

( )—ଏ ଡିଙ୍ଗି ସନ୍ତକ ଖରୁ ଚନ୍ଦର ସହି ।

ଜବାବ ଆସାମୀ ରାମଚନ୍ଦ୍ର ମଙ୍ଗରାଜ—ପିତାର ନାମ ଧର୍ମ ନାୟକ, ଜାତି ଖଣ୍ଡାଏତ, ବୟସ ୫୨, ପେଷା ଜମିଦାରି । ସା: ଗୋବିନ୍ଦପୁର, ଜି: କଟକ ।

Source: Author, Digitized by PPRACHIN, SOA

ଜବାବ ଦେଲା—"ମୁଁ ସାରିଆକୁ ମାରିନାହିଁ । ଭଗିଆ ମୋ ପାଖରୁ ଟଙ୍କା କରଜ ନେଇଥିଲା, ନାଲିସ କରି ତାହାର ଛମାଣ ଆଠଗୁଣ୍ଠ ଜମି ଡ଼ିଗ୍ରୀ କରି ନେଇଅଛି, ମୋକଦ୍ଦମା ଖର୍ଚ୍ଚାକୁ ତାହାର ଗାଈ ନେଇଅଛି ।''

(ସ୍ୱାକ୍ଷର) ରାମଚନ୍ଦ୍ର ମଙ୍ଗରାଜ ।

ଠିକ୍ ଏହି ସମୟରେ ଗୋଟାଏ ବାଘୁଆ ସେଠାରେ ପହଞ୍ଚିଲା । ଅଣ୍ଟାରେ ଖଣ୍ଡେ ଛିଣ୍ଡାକନା ଗୁଡ଼ାଇଅଛି, ମୁଣ୍ଡବାଳ ମୁକୁଳା, ଦେହଯାକ ଧୂଳି କାଦୁଅ ହାତରେ ଗୋଟିଏ ବାଇଗ ହାଣ୍ଡି ଧରିଅଛି । ଖୁବ୍ ନାଚିଲା, ସାରିଆ ସାରିଆ ବୋଲି ଗୀତ ଗାଇଲା । ତାକୁ ଦେଖି ଗାଁଲୋକମାନେ ହାହାକାର କରି କହିଲେ, "ଆରେ ଭଗିଆ, ତୋ କପାଳରେ ଏହା ଥିଲା ।'' ମଙ୍ଗରାଜ ଉପରେ ନଜର ପଡ଼ିଯିବାରୁ ବାଘୁଆ ତାଙ୍କୁ କାମୁଡ଼ିବାକୁ ଧାଇଁଲା । ଚଉକିଆମାନେ ତାକୁ ଧରି ପକାଇଲେ, ସମ୍ଭାଳି ନ ପାରି ଡାରୋଗାଙ୍କ ହୁକୁମ ଅନୁସାରେ ବାନ୍ଧିପକାଇଲେ ।

ଦାରୋଗା ମାମଲା ତଦାରଖି ଖତମ (୫୦) କଲେ । ବତିଶ ଜଣ ଗୁହାରି ଜମାନବନ୍ଦି ହୋଇଥିଲା । ସେଥିମଧ୍ୟରୁ ଚାରିଜଣ ଗୁହାରିଙ୍କୁ ବାହାଲି ରଖି ଆଉ ଆଉ ଲୋକମାନଙ୍କୁ ରୋକ୍‌ସୋତ (୫୧) ଦେଲେ ।

ଆସାମୀ ଚଲାଣି । ବେଳ ପ୍ରହରକ ସମୟରେ ମଙ୍ଗରାଜ ଚଲାଣ ହେଲେ । ହାତରେ ହାତକଡ଼ି; ଚୌକିଆ ବରକନ୍ଦାଜ ଘେରିଛନ୍ତି, ମଧ୍ୟରେ ମଙ୍ଗରାଜେ ମୁଣ୍ଡରେ ଖଣ୍ଡେ ଗାମୁଛା ପକାଇ ମୁଣ୍ଡପୋତି ଚାଲୁଛନ୍ତି । ଗ୍ରାମ-ଲୋକମାନେ ଯାହାକାଳୀ ପରି ଛିଡ଼ାହୋଇ ଚାହିଁଅଛନ୍ତି । ଆଗରେ ଦାରୋଗା ପଛରେ ମୁନ୍‌ସି । ମଙ୍ଗରାଜଙ୍କର ଏହି ଦୁର୍ଦ୍ଦଶା ଦେଖି ଗ୍ରାମର କେହି ବ୍ୟାକୁଳ ହୋଇଥିଲା କି ନାହିଁ, ଆମ୍ଭେମାନେ ଠିକ୍ କହିବାକୁ ଅକ୍ଷମ । କେବଳ ଚମ୍ପା "ମୋ ସାଆନ୍ତ, ମୋ ସାଆନ୍ତ, ମୋ ସାଆନ୍ତକୁ କାହିଁ ନେଇଯାଉଚ, ମୋ ସାଆନ୍ତେ'' ଇତ୍ୟାଦି କରୁଣ ରାଗିଣୀରେ ଡକାପାଡ଼ି ଧାଇଁଥିବାବେଳେ ବାଟ ଉଚ୍ଛୁଳିପଡ଼ୁଥାଏ । ସାଆନ୍ତେ ପଛକୁ ମୁହଁ ବୁଲାଇ ଦୁଇ ତିନ ଥର ଫେରିଯିବାକୁ କହିଲେ । ଦାରୋଗା ମୁନ୍‌ସି ବଦ୍‌ଧାର ହେଲେଣି, ଶୁଣିବାକୁ ନାହିଁ, ମୁଣ୍ଡରେ ଲୁଗା ନାହିଁ, କାନ୍ଧ ଅଥୟ ହୋଇଯାଉଛି । ଏହିପରି ଦୁଇ କୋଶ ଯାଇ ସାଆନ୍ତଙ୍କୁ ଶୁଣାଇ ଶୁଣାଇ କହିଲା, "ଗନ୍ତାଘର ଜିନିଷଗୁଡ଼ାକ ଉଇ ଧରିଯିବେ, ମୂଷା ଖାଇଯିବେ, କ'ଣ ହେବ ?" ମଙ୍ଗରାଜେ ଟିକିଏ ଛିଡ଼ାହୋଇଯାଇ ଲମ୍ବ ଲମ୍ବ ଦୁଇଟା କଳୀକଞ୍ଚି ତା ହାତରେ ଦେଇ କହିଲେ, "ସବୁ ସାବଧାନରେ ରଖିବୁ, କଛି ଚକ୍ତା କରିବୁ ନାହିଁ ।" ଚମ୍ପା କଞ୍ଚି ଦୁଇଟା ଖୁବ୍ ସାବଧାନରେ ଅଣ୍ଟିରେ ଖୋସିଦେଇ କହିଲା, "ଆପଣ ଠା'ରେ ବସୁଥିବେ, ଉପାସ ରହିବେ ନାହିଁ ।'' ଗୋବିନ୍ଦା ଭଣ୍ଡାରି ସାଙ୍ଗେ

Source: Author, Digitized by PPRACHIN, SOA

ସାଙ୍ଗେ ଥିଲ । ଦୁଇଜଣ ସାଙ୍ଗହୋଇ ଘରକୁ ବାହୁଡ଼ିଲେ । ବାହୁଡ଼ିବା ସମୟରେ ଚମ୍ପାର କାନ୍ଦଣା କେହି ଶୁଣିନାହିଁ ।

ଦାରୋଗା ସାହେବ ଥାନାରେ ପହଞ୍ଚି ଗୁହା ଜମାନବନ୍ଦି ସମସ୍ତ ପୁନର୍ବାର ଥରେ ଶୁଣି ମୁନ୍‌ସିଙ୍କ ପରାମର୍ଶ ଅନୁସାରେ କାଟକୁଟ କରି ଗୁହାମାନଙ୍କୁ ସତୁପଦେଶ ଦେଲେ । ତାହା ବାଦ୍ ରିପୋର୍ଟ ସହିତ ଆସାମୀକୁ କଟକ ମେଜେଷ୍ଟର ସାହେବଙ୍କ ହଜୁରକୁ ଚାଲାଣ ଦେଲେ । ଆମ୍ଭେମାନେ ଦାରୋଗାଙ୍କ ରିପୋର୍ଟର ଏକ ପ୍ରସ୍ତ ସଇ (୫୨) ମୋହର ନକଲ ହାସଲ (୫୩) କରିଅଛୁ । ଆପଣଙ୍କର ଇଚ୍ଛା ହେଲେ ଶୁଣନ୍ତୁ—

ଦାରୋଗା ରିପୋର୍ଟର ନକଲ ।

ଧର୍ମାବତାର,

ଚଳିତ ଅକ୍‌ଟୋବର ମାସ ଉନ ତାରିଖ ବେଳର ଆଠବଜେ ଫିଦାଧୀନ ଆପଣା ଏଲକା ମଧ୍ୟରେ ଆପଣା କଚେରି ଜାଗାରେ ବସି ସରକାରୀ କାମ ଅଞ୍ଜାମ (୫୪) କରୁଥିବା ହାଲତ (୫୫) ମୁନ୍‌ସି ଚକଧର ଦାସ ବନ୍ଦା (୫୬) ଡାହାଣ ପାଖରେ ବସି ରୋଜନା (୫୭) ଡାଇରି କଲମବନ୍ଦ କରୁଥିବା ହାଲତ— ବରକନ୍ଦାଜ ଗୋଲାମ ଓ ହରି ସିଂ ଆପଣା ପହରାରେ ମୁତୟନ (୫୮) ଥିବା ହାଲତ—ଅଜ ଥାନା ଏଲାକା ଫତେପୁର ସରପଣ୍ଟ ମୌଜା ଗୋବିନ୍ଦପୁର ଗ୍ରାମଟିଆ ଗୋବରା ଜେନା ହାଜର ଆସି ଜାହେର (୫୯) କଲା କି—ତାଲୁକା ମଜକୁର ମୌଜା ମୁଜକୁର ରହିସ ସାରିଆ ନାମକ ଚମ୍ପାଆଣୀକୁ ଖୁଣ କରିଥିବା । ବନ୍ଦା ଏହି ରିପୋର୍ଟ ପାଇବାମାତ୍ରେ ଲହମାକ (୬୦) ଗୁଦସ୍ତ (୬୧) ନ କରି ହଜୁରକୁ ପ୍ରଥମ ଏତଲାଇ (୬୨) କାଟି—ଆସାମୀ ଜଣେ ଜମିଦାର ଥିବା ଏବଂ ସେ ଜଣେ ମଶୁର (୬୩) ବଦମାଏସ ଏବଂ ଜାଲିମବାଜ (୬୪) ଥିବା ହାଲତ ଏବଂ ମାମଲା ଖାରି ସଙ୍ଗିନ (୬୫) ଥିବା ଲିହାଜ (୬୬) ବନ୍ଦା ତଡ଼େଦମ (୬୭) ଉକ୍ତ ସ୍ଥାନକୁ ରମାନା (୬୮) ହୋଇ ସରଜମିନରେ (୬୯) ପହଞ୍ଚି ଦସ୍ତୁର ମୁତାବକ ଆସାମୀ ଘର ମହାସରା (୭୦) ଖାନତଲାସ ବହୁତ ହୁସିଆରରେ ଆସାମୀକୁ ଗ୍ରେପ୍ତାର କଲା ବାଦ୍—ମହଲୁକଆ (୭୧) ସାରିଆର ଲାସ୍ ଏବଂ ତାହାର ଘରର ମାଲ ଆସବାବ ଏବଂ ମହଲୁକଆର ନେତ ନାମକ ଏକରଙ୍ଗି ସଫେଦ ଗାଈ ଅସାମୀ ଜିମାରୁ ବରାମଦ କରିଅଛୁ । ଆସାମୀ ଯେଉଁ ବାଉଁଶବାଡ଼ରେ ସାରିଆକୁ ଖୁନ୍ କରିଅଛି ସେ ବାଡ଼ ମଧ୍ୟ ବରାମଦ ହେବା ହାଲତ । ଆସାମୀ ରାମଚନ୍ଦ୍ରର ମଙ୍ଗରାଜ ଆପେ ଏକଗୋଟା ବାଉଁଶବାଡ଼ରେ ସାରିଆକୁ ଖୁନ୍ କରିଥିବା ଚାରିଜଣ ଗୁହାଙ୍କ ଜମାନବନ୍ଦିରୁ ସାଫ୍ ସାବିତ (୭୨) । ଏମାନେ ରୁଇତ ଗୁହା (୭୩) ଥିବା ସାଫ୍

Source: Author, Digitized by PPRACHIN, SOA

ସାବ୍ୟସ୍ତ । ଆସାମୀ ଯେ ଜଣେ ଜାଲିମବାଜ୍, ଜଣେ ଇମାନଦାର ମୁସଲମାନର ଜମିଡ଼ାଙ୍ଗା ଜୁଆଚ୍ଚୋରୀ କରି ନେଇଅଛୁ, ତାହା ଘର ନମ୍ବର ଗୁହା ଜମାନବନ୍ଦିରୁ ସାଫ୍ ସାବ୍ୟସ୍ତ । ଏହିସବୁ ହାଲ-ହକିକତରେ ଆସାମୀ ଉପରେ ଖୁଣ୍ ସାବ୍ୟସ୍ତ ହେବାରୁ ହଜୁରକୁ ରୁଜୁଣ ଦେଲି । ହଜୁର ଖୋଦାବନ୍ଦ୍, ମା ବାପ, ଦୁନିଆର ବାଦ୍‌ସା, ରପୋର୍ଟ କସୋର (୭୪) ମାଫ୍ ହେବ, ନୌସନାସ (୭୫) ତଜ୍‌ବଜ୍ (୭୬) ହେବ ।

୧୦ ତାରିଖ ଅକ୍ଟୋବର ସନ ୧୮୩୧
ଦାରୋଗା ଇନାଏତ ହୋସେନ
ଥାନେ କେନ୍ଦ୍ରାପଡ଼ା ।

ପ୍ରକାଶ ଥାଉ କ ଅଲ୍ଲହିଦା (୭୭) ଫର୍ଦମୁତାବକ ଆସାମୀ ଘରୁ ବରାମଦ ହୋଇଥିବା ଗ୍ରେସମାଲ ହରି ସିଂ ବରକନ୍ଦାଜ ହେପାଜତରେ ଭେଜାଗଲା । ଏପରି ଆସାମୀ ସାଉଆକୁ ଖୁନ୍ କରିବାରୁ ତାହାର ମାଲିକ ଭଗିଆ ଚନ୍ଦ ଖୁବ୍ ବାଘ୍ନା ହୋଇ ଲୋକମାନଙ୍କ ଉପରେ ଜୁଲମ କରୁଥିବା, ତାହାର ହେପାଜତ ସକାଶେ କେହି ଏଗାନା (୭୮) ଲୋକ ନ ଥିବା ହାଲତ ହଜୁରକୁ ରୁଜୁଣ ଦେଲି, ହଜୁର ମାଲିକ୍ ।

ତାରିଖ ସନ ପନ୍ଦର ।

ପରିଚ୍ଛେଦ-୨୦

ଓକିଲ ରାମ ରାମ ଲାଲ

କାଠ ରେଲିଂବେଡ଼ା ନାଜରଖାନା ଗାରଦଘରର ଗୋଟାଏ କୋଣରେ ବାଡ଼କୁ ଆଉଜି ଆଖି ବୁଜି ଗୋଟିଏ ଆସାମୀ ବସିଅଛୁ । ଘର ଜଣ ବରକନ୍ଦାଜ ପହରା । ଅହା ! ଲୋକଟାଙ୍କୁ ପଦେ କଥା କହିବାକୁ କେହି ନାହିଁ । ସମସ୍ତେ ସୁଖର ସାଥୀ, ଅର୍ଥର ଦାସ, ବେଳ ପଡ଼ିଲେ କେହି କାହାରି ନୁହେ । ତୁମ୍ଭେ ତ ଦେଖୁଛ, କାହା ଦୁଆରେ ଦୂବ ମରୁନାହିଁ; କାହାର ଦୁଆରେ ମଣିଷ ପେଲାପେଲି । ଅବସ୍ଥା ସବୁ କରାଏ । ଜଣେ ବିଲାତି କବି କହିଛନ୍ତି, 'ସୂର୍ଯ୍ୟଶୂନ୍ୟ ଜଗତ ଆଉ ବନ୍ଧୁଶୂନ୍ୟ ଜୀବନ ସମାନ ।' ଏଣୁ ମନୁଷ୍ୟକୁ ବନ୍ଧୁ ଛାଡ଼ିପାରେ ନାହିଁ ।

Source: Author, Digitized by PPRACHIN, SOA

"ଦଣ୍ଡବତ ମଙ୍ଗରାଜେ ।" ଆସାମୀ ଚମକପଡ଼ି ଅନାଇଲେ । ପୂର୍ବେ ସେ ଢେର୍ ଢେର୍ ଦଣ୍ଡବତ ଶବ୍ଦ ଶୁଣିଥିଲେ, ମାତ୍ର ଆଜ ଦଣ୍ଡବତ ଶବ୍ଦଟା ଶୁଣି ତାଙ୍କ ପିଣ୍ଡରେ କିଛୁ ପ୍ରାଣ ପଶିଲାପରି ଜଣାଗଲା । ବନ୍ଦୀ କିଛୁ କଥା କହି ନ ପାରି ଗୋଡ଼ଠାରୁ ମୁଣ୍ଡଯାଏଁ ସେହି ମୂର୍ତ୍ତିକୁ ଦର୍ଶନ କରୁଛନ୍ତି । ବିଶାଳ ମୂର୍ତ୍ତି, ଆଣ୍ଠୁ ଲମ୍ବିତ ବାହୁ, ଦେହରେ ଡିଲହାତ ଆଜାନୁଲମ୍ବିତ ଛ'କଲିଆ ବନ୍ଧଲଗା, ସ୍ଥାନେ ସ୍ଥାନେ କାଳିଚିହ୍ନିତ ଚପକନ, ମୁଣ୍ଡରେ ହାତେ ଚଉଡ଼ା ଚବିଶ ହାତ ଲମ୍ବ ଜରିମୁହାଁ ଡାଲିଆ (୧) ପାଗ ବନ୍ଧା, ପାଗ୍ଗେଡ଼ି (୨) ଖଣ୍ଡିକ ପଛରୁ ଫେରିଆସି ବାଁକାନ ତାହାଣ କାନରେ ଡାହାଣକାନ ବାଁ କାନର ଗୁଡିରେ ଛକା ପଡ଼ିଛି । ଡିନଫୁଲିଆ ମାଣିଆବନ୍ଧ ଖଦ ପିନ୍ଧା, ଗୋଡ଼ରେ ଫୁଲପକା ମରହଟ୍ଟୀ ଯୋତା, କାନରେ ପାହାଡ଼ୀ ଶରକଲମ, ଯାଉଁଳି ଦଶ, ଏକଗାଲିଆ ଗାଲେ ପାନ । ସେହି ମୂର୍ତ୍ତି ଦେଖି ଆଶା, ଭରସା, ବିସ୍ମୟ, ସନ୍ଦେହ ଆସାମୀ ମନକୁ ମନ୍ଥିପକାଉଅଛି । କିଛୁ କଥା କହିପାରୁନାହିଁ । ଜଣାଲୋକପରି, ସ୍ନେହୀ ଲୋକପରି, ଦଣ୍ଡବତ କଲେ; ଏ କିଏ ?

ଆମ୍ଭେମାନେ ଅନୁମାନ କରୁଁ, ଏ ଜଣେ ବନ୍ଧୁ ହେବେ । ଗୁଣକ୍ୟଶାସ୍ତ୍ରରେ ଆମ୍ଭମାନଙ୍କର ବିଶେଷ ଜ୍ଞାନ ଥିବାରୁ ଏପରି ମୀମାଂସା କରିବାକୁ ସାହସ କରିଅଛୁଁ । ଶାସ୍ତ୍ରରେ ଅଛି, "ରାଜଦ୍ୱାରେ ଶ୍ମଶାନେ ଚ ଯଃ ତିଷ୍ଠତି ସ ବାନ୍ଧବଃ ।" ବୋଇଲେ ରାଜଦ୍ୱାରେ କି କଚେରିରେ, ଶ୍ମଶାନେ କି ମଶାଣିପଦାରେ, ତିଷ୍ଠତି କି ଥାନ୍ତି, ଇତ୍ୟର୍ଥଃ । ସ ବାନ୍ଧବ ଅର୍ଥାତ୍ ଓକିଲମାନେ କଚେରିରେ ଆଉ ବିଲୁଆମାନେ ମଶାଣିରେ ଥାନ୍ତି, ଏମାନେ ବାନ୍ଧବ; କେବଳ ଜୀବିତପକ୍ଷେ ଆଉ ମୃତପକ୍ଷେ ପ୍ରଭେଦ । ଆସାମୀକୁ ବହୁତ ବେଳଯାଏ ଭକଭକ କରି ଚାହିଁରହିବାକୁ ହେଲା ନାହିଁ । ପଇଦା ବରକନ୍ଦାଜ ଗୋପୀ ସିଂ ଚହ୍ଲାଇଦେଇ କହିଲା, "ଦେଖ, ଏହାଙ୍କର ନାମ ରାମ ରାମ ଲାଲ, କଚେରିର ବଡ଼ ଓକିଲ; ଏହାଙ୍କୁ ଅଚ୍ଛା କରି ଧର; ସାହାବ ଏହାଙ୍କ କଥା ଖୁବ୍ ଶୁଣନ୍ତି ।" ଓକିଲବାବୁ ଖୁସି ହୋଇ ଗ୍ରୀବା ଆଉ ଦୁଇ ବାହୁରେ ଦୁଇଥର ଅଖି ବୁଲାଇଲେ, ଦୁଇଥର ଗଳା ଖଙ୍କାରି ପୁରୁଣା ସ୍ନେହୀ ମଣିଷପରି କହିଲେ, "ମଙ୍ଗରାଜେ, ମାମଲାଟା ଏତେ ବଢ଼ିଗଲା, ଆଗରୁ ମୋତେ ଖବର ଦେଲ ନାହିଁ ? ସଂସାରଯାକ ମାମଲା ମୋ ପାଖରେ, ଲୋକମାନେ ଥୁକ (୩) ପକାଇବାକୁ ପୁଳା ବେଳ ଦେଉନାହାନ୍ତି; ତେବେ ମଧ୍ୟ ଆପଣଙ୍କ ନାମ ଯେପରି କାନରେ ପଡ଼ିଲା, ଧାଇଁଛି ।" ମଙ୍ଗରାଜେ ଫଁ କରି ନିଶ୍ୱାସଟାଏ ପକାଇ ହେ କରି କାନ୍ଦିପକାଇଲେ, ହାତ ଯୋଡ଼ି ଭୂଇଁରେ ମୁଣ୍ଡ ଲଗାଇଦେଲେ ।

ଓକିଲ—"ଉଠନ୍ତୁ ଉଠନ୍ତୁ, ଏଣିକି ସବୁ କଥା ମୋତେ ଲାଗିଲା । ଆପଣ ନିଶ୍ଚିନ୍ତରେ ବସନ୍ତୁ, କିଛୁ ପରବାଏ ନାହିଁ । କାଲି ସଞ୍ଜରେ ସାହେବଙ୍କ କୋଠିକି

Source: Author, Digitized by PPRACHIN, SOA

ଯାଇଥିଲି, ଢେର ଢେର୍ ମାମଲା କଥା ପଢ଼ିଲି, ଆପଣଙ୍କ କଥା ମୋତେ ଜଣାଥିଲେ ଆଜ୍ଞ କ'ଣ ବୋଲି କ'ଣ କହିପକାଇଥାନ୍ତି । ଆପଣଙ୍କ ମକଦ୍ଦମା ହାଲ ମୁଁ ସବୁ ବୁଝିଲିଣି । ସବୁ ମିଛ, ସବୁ ମିଛ । ସେହି ଯେ ମୁହଁପୋଡ଼ା ଦାରୋଗା, ତାହାର ଏତେ ଖେଳ । ସେହି ଦାରୋଗା ହାଲ କ'ଣ କରିବ, ଦେଖିବେ । ଅରେ ସାହେବଙ୍କ ସଙ୍ଗରେ କଥା ହେଉ ।"

ମଙ୍ଗରାଜ—(ହାତଯୋଡ଼ି) "ଉକିଲ ସାହେବ, ମୁଁ କ'ଣ କହିବି, ମୋତେ ବଞ୍ଚାନ୍ତୁ, ମୋତେ ପ୍ରାଣ ଦେଉନ୍ତୁ । ଆପଣ ମୋର ଧର୍ମର ବାପା, ମୁଁ ପିଲାଲୋକ, ପିଲା ବୁଦ୍ଧି, ଆପଣଙ୍କୁ ସବୁ ଲାଗିଲା ।"

ଉକିଲ—"ଆପଣଙ୍କୁ କିଛି କହିବାକୁ ହେବ ନାହିଁ, ମୁଁ ତ ସବୁ ଜାଣେ, ସବୁ କରିବି । ତେବେ ଗୋଟାଏ କଥା କ'ଣ ଜାଣନ୍ତି, ମାମଲାଟା କିଛି ଟାଣ, ଘୋର ଟାଣ, ଫାଶୀର ମାମଲା, ବେଳରୁ ନ ଜଗିଲେ ଫାଶୀ ଠିକ୍; ପୁଣି ସେହି ପୋଡ଼ାମୁହାଁ ଦାରୋଗା ପିଛୁ ଧରି ଚାଲିଛି । ଆପଣ ତ ବୁଦ୍ଧିମନ୍ତ ଲୋକ, ଅଧିକ କ'ଣ କହିବି । କଚେରି ମାମଲା କଥା ସବୁ ଆପଣଙ୍କୁ ଜଣା, କିଛି ଖରଚ ଲାଗିବ । ଖରଚକୁ ଡରିଲେ ହେବ ନାହିଁ, ହାତ ଫିଟାଇବାକୁ ହେବ । ଦାରୋଗା କ'ଣ କହିବୁଲୁଛି ଶୁଣିଲେଣି ତ ? ଫାଶୀ ମକଦ୍ଦମା । ପ୍ରାଣ ଥିଲେ ସବୁ । ଟଙ୍କା ଆପଣ ଅର୍ଜିଛନ୍ତି କି ଟଙ୍କା ଆପଣଙ୍କୁ ଅର୍ଜିଛି ? ଆପଣ ସେଥିରେ ଗୋଟାଏ ଠିକ୍ କରିପକାଉନ୍ତୁ ।"

ମଙ୍ଗରାଜ—(କାନ୍ଦି କାନ୍ଦି) "ଆଜ୍ଞା, ଏଥିରେ କେତେ ଟଙ୍କା ଲାଗିବ ? ମୋ ହାତରେ ତ ଗୋଟିଏ ପଇସା ନାହିଁ; ସାଙ୍ଗରେ କେହି ଲୋକ ନାହିଁ । ଯେ ଗୁମାସ୍ତା ଚାକର ଆସିଛନ୍ତି, ଦାରୋଗା ସେମାନଙ୍କୁ ମୋ ସାଙ୍ଗରେ କଥା କହିଦେଉ ନାହିଁ । ମୋତେ ଖଲାସ କରିଦେଉନ୍ତୁ, ଘରକୁ ଗଲେ ହଜାରେ ଟଙ୍କା ଆପଣଙ୍କୁ ଦେବି ।"

ଗୋପୀ ସିଂହ—"ଆହେ ମଙ୍ଗରାଜେ ! ତୁମେ କି ଏହି ବୁଦ୍ଧିରେ ଜମିଦାରୀ କରୁଥିଲ ? ଏଠାରେ କ'ଣ କଣାବଣା କଥା ଯେ ଧାର-ଉଧାର ଚଳିବ ? 'ମକ୍‌କେଲ ବୋଲେ ରଖ ମଉସା, ଉକିଲ ବୋଲେ ଆଣ ପଇସା ।' ଟଙ୍କାଟି ଥୁଅ, କଥାଟି କୁହ । ଟଙ୍କା କାଢ଼, ଟଙ୍କା କାଢ଼, ମାମଲା ଜିଣିବ ତ ଟଙ୍କା କାଢ଼ । ଉକିଲ ସାହେବ, ମୁଁ ଆଉ ଅସାମୀ ସାଙ୍ଗରେ କଥା କହିବାକୁ ଦେବି ନାହିଁ । ନାଜର ଦୁଇପଦ କଥା କହିବାକୁ ହୁକୁମ ଦେଇଥିଲେ । ମୁଁ କିଛି ଏକଲା ନାହିଁ, ଅମ୍ଭେମାନେ ଚାରିଜଣ ।"

ଉକିଲ—"ଶୁଣୁଛ ତ ମଙ୍ଗରାଜେ ! ସହଜ କଥା ନୁହେଁ, ବରକନ୍ଦାଜ-ଠାରୁ ହାକମ ପର୍ଯ୍ୟନ୍ତ ସମସ୍ତଙ୍କୁ ହାତ କରିବାକୁ ହେବ । ମାମଲା ଯେପରି ଟାଣ,

Source: Author, Digitized by PPRACHIN, SOA

ଆଉ କେହି ଓକିଲ ହୋଇଥିଲେ ନଗଦ ଦଶ ହଜାର ଧରି ମଧ୍ୟ ମୁହଁ ଦେଇ-ପାରନ୍ତା ନାହିଁ, ମୁଁ ବୋଲି ଏଥିରେ ପଶୁଛି । ଆପଣ ଯେତେବେଳେ ଧର୍ମବାପ ବନାଇଲେଣି, ଆଉ କ'ଣ ଉପାଇଦେବ ? ଆଚ୍ଛା, ଏହି ମାମଲାରେ ଯେତେ ଟଙ୍କା ଖରଚ ହେବ, ମୁଁ ଖରଚ କରୁଛି; ଏଥିରେ ତ ଦଶହଜାରରୁ ପଇସାଏ ଊଣା ନୁହେଁ । ଆପଣଙ୍କ ଜମିଦାରୀ ମୋତେ ଇଷ୍ଟକବଲା ଲେଖିଦେଉନ୍ତୁ । ସବୁ ଟଙ୍କା ଯେ ଏବେ ଖରଚ ହୋଇଯିବ, ଏପରି ନୁହେଁ । ଆପଣ ଖଲାସ ହେଲେ ମୁଁ କଡ଼ା ଦାମ୍ ହିସାବ ବୁଝାଇଦେବ ।"

ମଙ୍ଗରାଜେ ଗାଲରେ ହାତଦେଇ ଦଣ୍ଡେ ବସି କଣ ଭାବିଲେ । ସାପର ଗୋଡ଼ ସାପକୁ ଦିଶେ । ଇଷ୍ଟକବଲା ଅର୍ଥ ମଙ୍ଗରାଜେ ଭଲ ଜାଣନ୍ତି । ହେଲେ ମନୁଷ୍ୟ ଭାସିଯାଉଥିବା ବେଳେ ବାଘଲଞ୍ଜୁଟା ମଧ୍ୟ ହାତରେ ପଡ଼ିଲେ ଛାଡ଼େ ନାହିଁ ।

ଓକିଲ ରାମ ରାମ ଲମ୍ବ କାର୍ଯ୍ୟବେଳେ ଖୁବ୍ ଚଞ୍ଚଳ । ଦୁଇ ଘଣ୍ଟା ମଧ୍ୟରେ ସିଠାମ (୪) କିଣି କବଲା, ଚଠା (୫), ସାଫି (୬) ଶେଷ କଚେରିରେ କାର୍ଜିଖାନାରେ (୭) କବଲା ରେଜେଷ୍ଟରୀ । ସମାପ୍ତ । ଓକିଲ ସାହେବ ଶେଷରେ କହିଲେ—"ମଙ୍ଗରାଜେ, ଆପଣ ବେପରବାଏ ହାଜତ୍‌ଖାନାରେ ବସିଥାନ୍ତୁ, ମୁଁ ଅଛି, ଚିନ୍ତା ନାହିଁ ।"

ପରିଚ୍ଛେଦ-୨୧

କଟକ ସେସନ୍ ଜଜ୍‌କୋର୍ଟ

ଅଜି ଜଜ୍‌କୋର୍ଟରେ ଭାରି ଭିଡ଼ । କଚେରିଆ, ବଜାରୀ, ହାଟୁଆ ପର୍ଯ୍ୟନ୍ତ ଦେଖିବାକୁ ଧାଇଁଛନ୍ତି । କୌଣସି ସ୍ଥାନରେ ବାଘାପାଲା ହେଲେ ଦେଖଣାହାରୀମାନେ ଯେପରି ଗାଉଣିଆମାନଙ୍କ ବେଶ ବାନ୍ଧିବା ଆଗରୁ ଜମିଯାଆନ୍ତି, ସେହିପରି ଜଣ ଜଣ କରି କଚେରି ପୁରିଗଲେଣି । ଭାରି ଭିଡ଼, ଭାରି ଗୋଳମାଳ । ଦୁଇଜଣ ଚପରାସି 'ଚୁପ୍‌ଏପ୍, ଚୁ-ଓ-ପ୍' କହି ଆହୁରି ଗୋଳମାଳ ବଢ଼ାଉଛନ୍ତି । ମଫସଲର ଜଣେ ମାତବର (୧) ଜମିଦାର ମଣିଷମାରୁ ମାମଲାରେ ଚାଲାଣ ହୋଇ ଆସିଛି । ମେଜେଷ୍ଟର ସାହେବ ଦୋହରା ସପୋର୍ଦ (୨) କରିଥିଲେ । ପାଞ୍ଚଦିନ ହେଲା ମକଦମା ଚାଲିଛି, ଆଜି ଶେଷ ବିଚାର ଦିନ । ମାମଲା ଏପର୍ଯ୍ୟନ୍ତ ପଡ଼ିନାହିଁ । କାଲି ବୁଧବାର; କଲିକତା ମେଲ୍ ଯିବ । ସାହେବ 'ମାଇଁ ଡିଅର ଲେଡ଼ି' ଅମ୍ଭ

Source: Author, Digitized by PPRACHIN, SOA

କରି ଚଞ୍ଚଳ ଚିଠିଖଣ୍ଡ ଲେଖିପକାଉଛନ୍ତି । ଫୌଜଦାରୀ ମାମଲା ପଡ଼ିଲେ ହାକିମ ସାହେବ ବନ୍ଧାଣ ଛାପା କାଗଜ ମେଲାଇ ବସନ୍ତି କିମ୍ବା ଚିଠିଲେଖା ଆରମ୍ଭ କରନ୍ତି, ପେସ୍କାର ଜିମା ସବୁ କାର୍ଯ୍ୟ । ସାହେବ ଜମାନବନ୍ଦି କାଗଜରେ ଗାରେ ଗାରେ ଦସ୍ତଖତ ଟାଣିଦେବା ଆଉ ରାୟ ଶୁଣାଇବାରେ ମାଲିକ । ଆଜି ସାହେବଙ୍କୁ ସବୁ କାର୍ଯ୍ୟ ହାତରେ କରିବାକୁ ହେବ; କାରଣ ଆଜି ସାକ୍ଷୀଜଣକ ଇଂରାଜ, ଇଂରାଜୀରେ ମଧ୍ୟ ରାୟ ଲେଖିବାକୁ ହେବ । ଆଜକାର କାରଖାନା ସବୁ ଇଂରେଜୀ-ମୟ; ମାତ୍ର ଆମ୍ଭେମାନେ ଓଡ଼ିଆ, ପାଠକମାନେ ମଧ୍ୟ ସେହିପରି, ଛାପାଖାନାର ଅକ୍ଷରଗୁଡ଼ିକ ମଧ୍ୟ ଏହି ଦେଶୀ; ସୁତରାଂ ଆମ୍ଭମାନଙ୍କୁ ତରଜମା (୩) କରି ସମସ୍ତ କଥା ଲେଖିବାକୁ ହେଉଛି ।

ସାହେବ ମେଞ୍ଚାଏ ଛେପରେ ଲଫାଫା ବନ୍ଦ କରି ଚପରାସୀ ହାତରେ ଡାକଘରକୁ ପଠାଇ ଦେଇ କହିଲେ, "ଉଏଲ୍ ବାବୁ ! ମକଦ୍ଦମା ପେସ୍ କର ।" ସରକାର ତରଫ ଉକିଲ ଈଶାନଚନ୍ଦ୍ର ସରକାର ଏବଂ ପୋଲିସ ଦାରୋଗା ଇନାଏତ୍ ହୋସେନ୍—ମୁଦାଲା ଓରଫ ଉକିଲ ରାମ ରାମ ଲାଲ ହାଜର ।

ଆସାମୀ ରାମଚନ୍ଦ୍ର ମଙ୍ଗରାଜ—ଆସାମୀ କାଠଗଡ଼ା ଭିତରେ ହାତଯୋଡ଼ି ଠିଆହୋଇଛନ୍ତି । ଜଜ୍‌ସାହେବଙ୍କ ଡାହାଣ ପାଖରେ ଚଉକିରେ ବସି ହୋଲି ବାଇବେଲ ଧରି ଡାକ୍ତର ସାହେବ ଜମାନବନ୍ଦି ଦେଲେ—

"ମୋ ନାମ ଏ. ବି. ସି. ଡି. ଡଗ୍‌ଲାସ୍, ବାପର ନାମ ଇ. ଏଫ୍. ଜି. ଏଇଚ. ଡଗ୍‌ଲାସ୍; ଜାତି ଇଂରେଜ, ବୟସ ୪୦, ହାଲ ସାକିନ କଟକ; ଆମ୍ଭେ କଟକ ଜିଲ୍ଲାର ସିଭିଲ ସର୍ଜନ । ଗତ ୮ ତାରିଖ ଭୋର ସାତଟା ତିରିଶ ମିନିଟ୍ ସମୟରେ ସରକାରୀ ଲାସ୍ ମାଇନା ଘରେ ଆମ୍ଭ ସାକ୍ଷାତରେ ସାରିଆର ଲାସ୍ ପୋଷ୍ଟମର୍ଟମ (୪) ଏକ୍‌ଜାମିନ୍ କରାଯାଇଛି । ଚୌକିଦାର ଗୋବରା ଜେନା ଚିହ୍ନିତ ଦେବା ଅନୁସାରେ ଆମ୍ଭେ କହୁଛୁ, ତାହା ସାରିଆର ଲାସ୍ ଥିଲା । ଆମ୍ଭେ ଯେତେଦୂର ପରୀକ୍ଷା କରିଅଛୁ, ସାହସ କରି କହିପାରୁ, କୌଣସି ପ୍ରାଣନାଶକ ଅସ୍ତ୍ର ବା ଅନ୍ୟ ପଦାର୍ଥ ଏହାର ମୃତ୍ୟୁର କାରଣ ନୁହେଁ । ଦୀର୍ଘକାଳ ଉପବାସ ରହି ବିଶେଷ ମାନସିକ ଯନ୍ତ୍ରଣା ଭୋଗକରି ମରିଯାଇଥିବାର ଆମ୍ଭେ ଯଥେଷ୍ଟ ପ୍ରମାଣ ପାଇଅଛୁ ।"

ଜଜ୍‌ସାହେବଙ୍କ ସୁଆଲରେ ସାକ୍ଷୀ ଜବାବ ଦେଲେ, "ଲାସ୍ ଦେହରେ କୌଣସି ପୀଡ଼ାର ଲକ୍ଷଣ ଥିଲା ନାହିଁ, ଅଥଚ ତାହା ଦେହରେ ରକ୍ତ ଶୁଖିଯାଇଥିଲା, ହୃଦୟରେ ପ୍ରାୟ ରକ୍ତ ଥିଲା ନାହିଁ । ପାକସ୍ଥଳୀ ପ୍ରାୟ ଶୂନ୍ୟ ଥିଲା । ମୂତ୍ରାଧାର, ମଳବାହିନୀ ନାଡ଼ିରେ କିଛି ପଦାର୍ଥ ନ ଥିଲା । ଏହି ସମସ୍ତ ଲକ୍ଷଣଦ୍ୱାରା ଜାଣୁଛୁଁ ଯେ ସେ ଉପବାସରେ ମରିଛି ।"

Source: Author, Digitized by PPRACHIN, SOA

ସରକାରୀ ଓକିଲଙ୍କ ସୁଆଲରେ ଜବାବ—"ହଁ, ଲାସ୍ ପିଠିରେ ଉକ୍ତ ଜାଗାରେ ଚକ୍ତା ଥିବାର ରୋଗୀଙ୍କ ଜେନା ଆମ୍ଭଙ୍କୁ ବିଶେଷରୂପେ ଦେଖାଇଲା। ଆମ୍ଭେ ମଧ୍ୟ ଉତ୍ତମରୂପେ ପରୀକ୍ଷା କରି ଦେଖିଅଛୁଁ, ତାହା ମାଡ଼ର ଦାଗ ନୁହେଁ, ପ୍ରାଣତ୍ୟାଗ ଉତ୍ତାରେ ଗରମ ଲୁହା କିମ୍ବା ଅନ୍ୟ କୌଣସି ଆଗ୍ନେୟ ପଦାର୍ଥରେ ଦାଗ ଦେଲେ ଯେପରି ଚକ୍ତା ହୁଏ, ଏହା ସେହିପରି ଈଷତ୍ ପୋଡ଼ା ଚକ୍ତା।"

ପୁନର୍ବାର ସରକାରୀ ଓକିଲଙ୍କ ସୁଆଲରେ—"ନା, ଆମ୍ଭେ ନିଜେ ଛୁରୀ ଧରି ଶବ କାଟି ନାହୁଁ, ନେଟିଭ ଡାକ୍ତର ଗୌରାଙ୍ଗ କର, ଆଉ କମ୍ପାଉଣ୍ଡର ବାସୁଦେବ ପଟ୍ଟନାୟକ ଦୁଇଜଣ ଅମ୍ଭ ସାକ୍ଷାତରେ ଶବଚ୍ଛେଦ କରିଛନ୍ତି।"

ପୁନର୍ବାର ସୁଆଲରେ ସାକ୍ଷୀ କିଞ୍ଚିତ୍ ଖପା ହୋଇ ଜବାବ୍ ଦେଲେ, "ଆମ୍ଭେ ଆଜକୁ ସାଢ଼େଦଶ ବରଷ ହେଲା ସିଭିଲସର୍ଜନୀ କରି ଆସିଅଛୁଁ। ପ୍ରଥମେ ମିଲିଟେରୀ ଡିପାର୍ଟମେଣ୍ଟରେ ଥିଲୁଁ। ଆମ୍ଭେ ଲଣ୍ଡନ କଲେଜରେ ଡାକ୍ତରୀ ପାସ୍ କରିଛୁଁ।"

ପୁନର୍ବାର ସୁଆଲରେ ଜବାବ ଦେଲେ—ପ୍ରଥମେ ଆମ୍ଭେ ହସ୍‌ପିଟାଲ ଆସିଷ୍ଟାଣ୍ଟ ଥିଲୁ। ବର୍ମାଯୁଦ୍ଧରେ ଆମ୍ଭର ପ୍ରମୋଶନ ହୋଇଛି।"

ଜଜ୍‌ସାହେବ ଆସାମୀ ଓକିଲକୁ ଅନାଇ କହିଲେ—"ତୁମାରା କୁଛ୍ ସବାଲ୍ ହେ।"

ଆସାମୀ ତରଫ ଓକିଲ ରାମରାମ ଲାଲଙ୍କ ସୁଆଲ—ଡାକ୍ତର ସାହେବଙ୍କୁ ଅନାଇ କହିଲେ, "ଆଚ୍ଛା, ମିସଲ ଉପରେ ଆସାମୀ ଯେଉଁ ବାଉଁଶ ଠେଙ୍ଗା ଅଛି, ଏହି ଠେଙ୍ଗାର କିଛି ଦାଗ ଲାସ୍ ପିଠିରେ ଥିଲା କି ?"

ଜଜ୍‌ସାହେବ—"ନନ୍‌ସେନ୍‌ସ ! ଅଉର କ୍ୟା ପୁଛ୍‌ନେକା ହେ ପୁଚ୍ଛୋ।"

ଓକିଲ ସାକ୍ଷୀକୁ ପୁନର୍ବାର ଜେରା କଲେ—"ଅଚ୍ଛା, ଆପଣ କହୁଛନ୍ତି, ସାରିଆ ଉପାସ ରହି ମରିଛି; ସେ ଆପେ ଉପାସ ରହିଥିଲା କି ଆସାମୀ ତାକୁ ଉପାସ ରଖାଇଲା ?"

ଜଜ୍‌ସାହେବ—"କୁଛ୍ ବାତ୍ ନେହିଁ, ଗୋ ଅନ୍—ଚଲେ ଚଲେ।"

ପୁନର୍ବାର ଜେରା—"ଆଚ୍ଛା, ସାରିଆ ଆସାମୀ ଦୁଆରେ ମରିଥିବାର କିଛି ପ୍ରମାଣ ଅଛି ?"

ଜଜ୍‌ସାହେବ ଖପା ହୋଇ କହିଲେ—"ଦେଖୋ, ତୁମ୍ ଏସା ବେହୁଦା (୫) ସବାଲ (୬) କରେଗେ ତୋ ତୁମାରା ଓକାଲତି କେନ୍‌ସଲ୍ କରଦେଗା।"

ଓକିଲ—"ହଜୁର ଖୋଦାବନ୍ଦ୍—ମା ବାପ—ଦୁନିଆ କା ବାଦ୍‌ସା।" *

---

* ଓକିଲ-ପାଠକ ଅବଧାନ—ଆପଣ ଭୁଲିବେ ନାହିଁ, ଏ ମାମଲାଟା ଷାଠିଏ ବର୍ଷ ତଳର।

Source: Author, Digitized by PPRACHIN, SOA

ଆସାମୀର ଜବାବ ନିଆଗଲା ଉତ୍ତାରେ ଦୁଇପକ୍ଷ ଓକିଲଙ୍କ ବକ୍ତୃତା ହେଲା, ଘରେ ଝୁଣ୍ଟାପଡ଼ା ଲାଗିଲା, ଊଣା ନୁହେଁ ଅଢ଼େଇଘଣ୍ଟାକାଳ ବକ୍ତୃତା ! ଏହି ଅବକାଶରେ ସାହେବ ବେଁ (୭) ଲମ୍ବର ଖଣ୍ଡେ ଛାପା କାଗଜ ପଢ଼ିପକାଇ ଟିଫିନ୍ ଖାଇ ଆସିଲେଣି । ହାକମ ବନ୍ଦ କରାଇ ନ ଥିଲେ ବକ୍ତୃତା ବରାବର ଚାଲିଥାନ୍ତା ।

ହାକମଙ୍କ ହୁକୁମ ଅନୁସାରେ ସେରସ୍ତାଦାର ରୋବକାରୀ (୮) ଲେଖି ପ୍ରକାଶ କଲେ । ସେହି ରୋବକାରୀଟା ବାର ଫର୍ଦ୍ଦ କାଗଜରେ ଲେଖାଗଲା । ରୋବକାରୀ ଲେଖାଯାଇ ପ୍ରକାଶ ହେବାକୁ ଘଣ୍ଟାଘଣ୍ଟାଏ ଲାଗିଲା । ଆମ୍ଭେମାନେ ସେହି ରୋବକାରୀର ସହିମୋହର ନକଲ ହାସଲ କରିଛୁଁ, ମାତ୍ର ଆମ୍ଭେମାନେ ସମସ୍ତ କଥା ସଂକ୍ଷେପରେ ବୋଲିଆସୁଥିବାରୁ ସେହି ରୋବକାରୀର ଯେତିକ କଥା ପ୍ରକାଶ କଲେ ପାଠକ ମକଦ୍ଦମାର ସମସ୍ତ ହାଲ ବୁଝିପାରିବେ, ଆମ୍ଭେମାନେ ତେତିକ ସାର ଅଂଶ ମାତ୍ର ପ୍ରକାଶ କରୁଛୁଁ ।

ରୋବକାରୀ କଚେରୀ ଅଦାଲତ ଓ ଫୌଜଦାରୀ ସେସନ୍ ଜଜ୍ କୋର୍ଟ ଇଜଲାସ ଏଇଚ. ଆର୍. ଜେକ୍‌ସନ୍ ସ୍କୋୟାର, ସେସନ୍ ଜଜ୍ ମିଲିକସ୍ଥିତ (୯) ଶ୍ରୀଯୁକ୍ତ ଇଷ୍ଟଇଣ୍ଡିଆ କମ୍ପାନୀ ବାହାଦୁର, ଓଡ଼ିଶା ଖଣ୍ଡ, ଜିଲେ—କଟକ ।

ସରକାର ବାହାଦୁର ମୁଦେଇ ବନାମ ରାମଚନ୍ଦ୍ର ମଙ୍ଗରାଜ ସା. ଗୋବିନ୍ଦ-ପୁର, ପ: ଅସୁରେଶ୍ବର, ଜିଲେ-କଟକ, ମୁଦାଲା । ସାରିଆ ନାମକ ଗୋଟିଏ ତନ୍ତିଆଣୀ ସ୍ତ୍ରୀକୁ ହତ୍ୟା କରିଥିବା ଏବଂ ତାହା ଘରର ଆସବାବ ଲୁଟତରାଜ କରି-ନେଇଥିବାର ମାମଲା ।

ନଥିର ସମସ୍ତ କଥା କାଗଜାତ୍ର ଏବଂ ପକ୍ଷମାନଙ୍କର ସମସ୍ତ କଥା ଓକିଲ-ମାନଙ୍କର ଜବାବ ସୁଆଲ ଦୃଷ୍ଟେ ଏବଂ ଶ୍ରବଣରେ ଆସିଲା ଉତ୍ତାରେ ଜଣାଗଲା କି ଏହି ମକଦ୍ଦମା ପୋଲିସ ଚାଲଣୀ ଅଟେ । ଜିଲାର ମାଜିଷ୍ଟ୍ରେଟ ସାହେବ ଆସାମୀ ଉପରେ ନରହତ୍ୟା ଅଭିଯୋଗ କରି ଏହି ମକଦ୍ଦମା ସେସନ୍ ସମ୍ପ୍ରୋଦ କରିଛନ୍ତି । ଆସାମୀର ଦୋଷ ସାବ୍ୟସ୍ତ କରାଇବା ନିମନ୍ତେ ପୋଲିସ ଆଠଜଣ ସାକ୍ଷୀର ଜବାନବନ୍ଦି କରାଇଛୁ । ଆମ୍ଭେ ସାକ୍ଷୀମାନଙ୍କୁ ଅତି ସତର୍କତା ଏବଂ ମନୋଯୋଗ ସହିତ ପରୀକ୍ଷା କରିଛୁଁ ଏବଂ ଉଭୟ ପକ୍ଷ ଓକିଲମାନଙ୍କ ବକ୍ତୃତା ଶ୍ରବଣ କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛୁଁ କି, ଆସାମୀ ପୋଲିସ କଥିତମତେ ବାଉଁଶ ଠେଙ୍ଗାରେ ପ୍ରହାର କରି ସାରିଆକୁ ବଧ କରିନାହିଁ । ଦୀର୍ଘକାଳ ଉପବାସ ଏବଂ ମନଃକଷ୍ଟ ତାହାର ମୃତ୍ୟୁର କାରଣ ଅଟେ । ଆମ୍ଭର ଏପରି ବିଶ୍ବାସ କରିବାର ହେତୁ ଏହି କି, ପ୍ରଥମ—ନରହତ୍ୟା ମକଦ୍ଦମାର ପ୍ରଧାନ ସାକ୍ଷୀ ସିଭିଲସର୍ଜନ

Source: Author, Digitized by PPRACHIN, SOA

ସୁସ୍ପଷ୍ଟରୂପେ ପ୍ରକାଶ କରିଅଛନ୍ତି କି, ଲାସ୍ ଦେହରେ କୌଣସି ପ୍ରକାର ଆଘାତର ଚିହ୍ନ ନ ଥିଲା ।

ଆମ୍ଭେ ସାକ୍ଷୀମାନଙ୍କଦ୍ୱାରା ଯଥେଷ୍ଟ ପ୍ରମାଣ ପାଇଛୁ ଯେ, ଏହି ମକଦ୍ଦମାଟି ସମ୍ପୂର୍ଣ୍ଣରୂପେ ଗଠିତ ଅଟେ । ଆମ୍ଭର ବିଶ୍ୱାସ, ପ୍ରଥମ ରିପୋର୍ଟଦାତା ଗୋବିନ୍ଦ ଜେନା ଚୌକିଦାର ସୃଷ୍ଟିକର୍ତ୍ତା ଅଟେ । ତାହାର ପ୍ରଥମ ରିପୋର୍ଟ ସହିତ ଶେଷ ଜବାନବନ୍ଦି ମିଳାଇ ଦେଖିଲେ ସ୍ପଷ୍ଟ ଜଣାଯାଏ, ସେ ମିଥ୍ୟାକୁ ସତ୍ୟରୂପେ ପ୍ରତିପନ୍ନ କରାଇବା ନିମନ୍ତେ ଯଥେଷ୍ଟ ଚେଷ୍ଟା କରି ଅଦାଲତର କୂଟ ପ୍ରଶ୍ନରେ ଆତ୍ମରକ୍ଷା କରିବାକୁ ଅସମର୍ଥ ହୋଇଅଛି । ମକଦ୍ଦମାର ଗୁରୁତ୍ତ୍ୱ ସାକ୍ଷୀ ବନା ଜେନା ଏବଂ ଧକେଇ ଜେନା କି ଯେଉଁମାନେ ଆସାମୀ ବାଉଁଶ ବାଡ଼ିରେ ସାରିଆକୁ ମାରିପକାଇଥିବାର ବିଖ୍ୟାନ କରନ୍ତି, ସେମାନେ ଚୌକିଦାରର ଆତ୍ମୀୟ; ସେମାନଙ୍କ ଘର ଆସାମୀ ଘରଠାରୁ ଦୁଇ କୋଶ ଦୂର । ଅର୍ଦ୍ଧରାତ୍ରି ସମୟରେ ଜାଗରିତ ହୋଇ ଅସାମୀର କାର୍ଯ୍ୟମାନ ଦେଖିବା ନିତାନ୍ତ ଅସମ୍ଭବ । ପୋଲିସ୍ ମାମଲା ଉକ୍ତ (୧୦) ସ୍ଥାନର ଯେଉଁ ନକ୍ସା ଦାଖଲ କରିଅଛି, ସେଥିରୁ ସ୍ପଷ୍ଟ ଜଣାଯାଏ, ଆସାମୀ ଯେଉଁ ସ୍ଥାନରେ ଠିଆହୋଇ ସାରିଆକୁ ବଧ କରିବାର କଥିତ ହୁଏ, ଆଉ ସାକ୍ଷୀମାନେ ଯେଉଁ ସ୍ଥାନରେ ଠିଆହୋଇଥିବାର ପ୍ରକାଶ କରନ୍ତି, ତହିଁ ମଧ୍ୟରେ ତିନି ପରସ୍ତ ଘର ବ୍ୟବଧାନ; ସୁତରାଂ ଦୃଷ୍ଟିରେଖା ଭେଦକରି ଗଲିବା ନିତାନ୍ତ ଅସମ୍ଭବ ଏବଂ ଅନ୍ୟାନ୍ୟ ପାର୍ଶ୍ୱ ଘଟଣା ଏବଂ କୂଟ ପ୍ରଶ୍ନରେ ସାକ୍ଷୀମାନଙ୍କର ବିଶୃଙ୍ଖଳ ଜବାବଦ୍ୱାରା ଏମାନଙ୍କୁ ଅବିଶ୍ୱାସ କରିବାର ଯଥେଷ୍ଟ କାରଣ ବିଦ୍ୟମାନ ରହିଅଛି । ଏହି ହତଭାଗ୍ୟମାନେ ସରଳ ଗ୍ରାମ୍ୟଲୋକ ଥିବା ଯୋଗୁଁ ଅନ୍ୟ ଲୋକର କୁମନ୍ତ୍ରଣାରେ ପ୍ରତାରିତ ହୋଇ କପଟ କାର୍ଯ୍ୟ କରିବାକୁ ପ୍ରବୃତ୍ତ ହୋଇ-ଅଛନ୍ତି, ସେଥିର ଗୁରୁତ୍ତ୍ୱ ହୃଦୟଙ୍ଗମ କରିବାକୁ ସେମାନେ ଅକ୍ଷମ ଏବଂ ଗୋବିନ୍ଦ ଜେନା କୂଟ ପରୀକ୍ଷାରେ ବାରମ୍ବାର ମିଥ୍ୟାକଥା କହୁଥିବାର ପ୍ରକାଶ ପାଇଛି । ଅତଏବ ଆମ୍ଭେ ତାହାକୁ ଫୌଜଦାରୀ ସମ୍ଭୋଦ (୧୧) କଲୁଁ ।

ଆସାମୀର ପୂର୍ବ ଦୁଶ୍ଚରିତ୍ରତା ପ୍ରମାଣ କରାଇବା ସକାଶେ ପୋଲିସ୍ କେତେ-ଜଣ ସାକ୍ଷୀର ଜବାନବନ୍ଦି କରାଇଛି । କିନ୍ତୁ ତଦ୍ଦ୍ୱାରା ଆମ୍ଭେ ଏହି ପ୍ରମାଣ ପାଇଅଛୁଁ କି, ଆସାମୀ ଅନ୍ୟ ଲୋକର ସମ୍ପତ୍ତି ହରଣ କରିବା ସକାଶେ କୁଟିଳ ବୁଦ୍ଧି ପ୍ରୟୋଗ କରିବା ବିଷୟରେ ନିପୁଣ ଅଟେ । ମାତ୍ର ତାହାର ପ୍ରତି ଦୋଷଯୁକ୍ତ ବଳ ପ୍ରକାଶ କରିବାର ପ୍ରମାଣ ନାହିଁ । ସୁତରାଂ ଏପରି ଲୋକଦ୍ୱାରା ନରହତ୍ୟା ଘଟଣା ହେବା ଅସମ୍ଭବ ଅଟେ ଏବଂ ହତ୍ୟା କରିବାର କୌଣସି କାରଣ ମଧ୍ୟ ଦେଖୁନାହିଁ ।

ମୃତ ସାରିଆ ବା ଭଗି ଚନ୍ଦର ପାନିଆ (୧୨), ଡଙ୍ଗୀ (୧୩), ନଗଜ (୧୪), ଚରଖି, ଚନ୍ଦ୍ରଭୂଷଣର ସରଞ୍ଜାମ ଏବଂ କଂସା, ତାଳ ପ୍ରଭୃତି ଗୃହର

Source: Author, Digitized by PPRACHIN, SOA

ବ୍ୟବହାର୍ଯ୍ୟ ଦ୍ରବ୍ୟ ପୋଲିସ ଆସାମୀ ଘରୁ ବରାମଦ କରିଛି । ମାତ୍ର ଆସାମୀ ସିଭିଲକୋର୍ଟରେ ଯେଉଁ ତାଲିକା ଦାଖଲ କରେ, ସେଥିରୁ ଜଣାଯାଏ ଯେ, ଭଗିଆ ଚନ୍ଦ ଛମାଣ ଆଠଗୁଣ୍ଠ ଜମି ଆସାମୀଠାରେ କଟ୍‌କବଲା ରଖିଥିଲା । ସେହି ମାମଲାର ଅଦାଲତ ଖର୍ଚ୍ଚା ଆଦାୟ ଜମିଟିକୁ ଆସାମୀ ନିଲାମସୂତ୍ରେ ସେ ସବୁ ଖରିଦ କରି-ନେଇଅଛି । ଅବଶ୍ୟ ସ୍ୱୀକାର କରିବାର ଯଥେଷ୍ଟ କାରଣ ବିଦ୍ୟମାନ ଅଛି ଯେ, ସେହି କଟ୍‌କବାଲା ନାଲିସ୍ ନିଲାମ ସମସ୍ତ ପ୍ରତାରଣାପୂର୍ଣ୍ଣ । ମାତ୍ର ଉପସ୍ଥିତ ମକଦ୍ଦମାରେ ସେ ସମସ୍ତ ବିଷୟ ବିବେଚ୍ୟ ନୁହେ । ଆସାମୀ ଭଗିଆ ଚନ୍ଦର ଛମାଣ ଆଠଗୁଣ୍ଠ ନିଷ୍କର ଭୂମି ଏବଂ ତାହାର ସର୍ବସ୍ୱ ହରଣ କରିବାରୁ ସେହି ଦୁଃଖରେ ଭଗିଆ ଚନ୍ଦ ପାଗଳ ହୋଇଯାଇଥିବା, ସାରିଆ ଅନାହାରରେ ପ୍ରାଣତ୍ୟାଗ କରିଥିବା ଆମ୍ଭେ ବିଶ୍ୱାସ କରୁଁ । ମାତ୍ର ସେଥିପାଇଁ ଆସାମୀକୁ ନରହତ୍ୟା ଅପରାଧରେ ଅପରାଧୀ କରାଯାଇ ନପାରେ ।

ଆସାମୀ ଅଗଣା ମଧ୍ୟରୁ ନେତ ନାମକ ଏକଗୋଟି ଧଳା ରଙ୍ଗର ଗାଈ ପୋଲିସ୍ ବରାମଦ୍ କରିଅଛି । ଗାଈ ଭଗିଆ ଚନ୍ଦର ଥିବା ପକ୍ଷମାନେ ସ୍ୱୀକାର କରୁଅଛନ୍ତି । ଆସାମୀ ପ୍ରକାଶ କରେ, ତାହାର ମକଦ୍ଦମା ଖର୍ଚ୍ଚ ଆଦାୟ ନିମନ୍ତେ ଅଦାଲତର ପିଆଦା ନିଲାମ କରିବାରୁ ପ୍ରକାଶ୍ୟ ନିଲାମରେ ସେ ତାହା ଖରିଦ କରିଅଛି । ମାତ୍ର ଏହା ସମ୍ପୂର୍ଣ୍ଣ ଅସତ୍ୟ ଅଟେ । କାରଣ ସିଭିଲକୋର୍ଟ ଦସ୍ତଖତ ମୋହରଯୁକ୍ତ ଯେଉଁ ନିଲାମୀ ଫର୍ଦ୍ଦ ଅମ୍ଭ ସାକ୍ଷାତରେ ଉପସ୍ଥିତ କରାଯାଇଛି, ସେଥିରେ ନେତ ଗାଈର ଉଲ୍ଲେଖ ନାହିଁ । ଆମ୍ଭେ ଯଥେଷ୍ଟ ପ୍ରମାଣ ପାଇଛୁଁ ଯେ, ଆସାମୀ ଶଠତା ପ୍ରତାରଣାଦ୍ୱାରା ପର-ସମ୍ପତ୍ତି ଆତ୍ମସାତ୍ କରିବା ବିଷୟରେ ଖୁବ୍ ନିପୁଣ ଅଟେ । ସେ ଜଣେ ସାମାନ୍ୟ ଲୋକ ଥିଲା । ଅସତ୍ ଉପାୟ ଅବଲମ୍ବନ-ଦ୍ୱାରା ଅନେକ ଉପାର୍ଜନ କରିଛି ଏବଂ ସେ ଗ୍ରାମର ଜମିଦାର ଏବଂ କ୍ଷମତାଶାଳୀ ଥିବାରୁ ଏବଂ ଭଗିଆ ଚନ୍ଦକୁ ଦୁର୍ବଳ ଏବଂ ପ୍ରତିକାର କରିବାକୁ ଅକ୍ଷମ ଜାଣିକରି ସ୍ୱାଭାବିକ ଲୋଭପରବଶ ହୋଇ ଉଲ୍ଲିଖିତ ଗାଈକୁ ଆତ୍ମସାତ୍ କରିଅଛି । ଏହି ସମସ୍ତ କାରଣ ଦୃଷ୍ଟିରେ ହୁକୁମ ହେଲା କି—

ଆସାମୀ ରାମଚନ୍ଦ୍ର ମଙ୍ଗରାଜକୁ ନରହତ୍ୟା ଅପରାଧରୁ ମୁକ୍ତ ଦିଆଯାଇ ନେତ ନାମକ ଗାଈକୁ ଆତ୍ମସାତ୍ କରିଥିବା ଅପରାଧରେ କଠିନ ପରିଶ୍ରମ ସହିତ ଛ ମାସ କାରାଦଣ୍ଡ ଏବଂ ପାଞ୍ଚଶତ ଟଙ୍କା ଜରିମାନା କରାଯାଉ । ଜରିମାନା ଅସୁଲ ନହେଲେ ଅତିରିକ୍ତ ତିନମାସ କାରାରୁଦ୍ଧ ରଖାଯାଉ । ଇତି ।

ମେ ମାସ ୧୭ ତାରିଖ, ସନ ୧୮ ୭୨ ମସିହା ।

ଏଇଚ୍. ଆର. ଜେକ୍‌ସନ୍
ସେସନ୍ ଜଜ୍ ।

Source: Author, Digitized by PPRACHIN, SOA

କଚେରୀ ଶେଷ ହେଲାଣି । ଜଜ୍‌ସାହେବଙ୍କ ବଗି ଚାଲିଗଲାଣି । ଚାରିଜଣ ବରକନ୍ଦାଜ ଜଣେ ଆସାମୀକୁ ହାତକଡ଼ି ଦେଇ ନାଜରଖାନାରୁ ଜେଲ ଓଆରଣ୍ଟ (୧୫) ଧରି ବାହାରିଲେ । ଓକିଲ ରାମ ରାମ ଲାଲ କଚେରି ଆଗ ବରଗଛ ମୂଳରେ ବସିଥିଲେ । ଆସାମୀ ଉପରେ ତାଙ୍କର ଦୃଷ୍ଟି ପଡ଼ିଯିବାରୁ ସେ ଦୂରରୁ ଡାକଦେଲେ, “ଦେଖନ୍ତୁ ମଙ୍ଗରାଜେ, ଆଜି ଆପଣଙ୍କ ସକାଶେ ସାହେବଙ୍କ ଆଗରେ କିପରି ଲଢ଼ିଲି ଦେଖିଲେ ତ ? ଫାଶୀରୁ ଖଲାସ କରାଇଦେଲି । କିଛି ପରବାଏ କରିବେ ନାହିଁ, ବେଧଡ଼କ (୧୬) ଜେଲଖାନାକୁ ଚାଲିଯାଆନ୍ତୁ । ମାଠିଆଏ ତେଲ ପେଳି-ଥିବେ କି ନାହିଁ ସୁପ୍ରିମକୋର୍ଟରେ ଅପିଲ କରି ଖଲାସ କରାଇଦେବି ।”

ଆମ୍ଭେମାନେ ନିଶ୍ଚିତ ସମ୍ବାଦ ପାଇଅଛୁ, ଅପିଲ ବିଷୟରେ କୌଣସି ଯତ୍ନ କରାଯାଇନାହିଁ ।

ପରିଚ୍ଛେଦ–୨୨

ଗୋପୀ ସାହୁ ଦୋକାନଘରେ

ଷିରୁପା ନଦୀ କୂଳ—ଗୋପାଳପୁର ଘାଟ । ଏହିଟି କଟକ ଯିବାର ଦାଣ୍ଡ । ଲୋକମାନେ ଏହିଠାରେ ପାରିହୁଅନ୍ତି । ଆଗେ ଗୋପାଳପୁର ଗ୍ରାମ ଏହିଠାରେ ଥିଲା, ଗଲା ଅଠଅଙ୍କ ଶ୍ରାବଣ ଅଷ୍ଟମୀ ବଡ଼ ବଢ଼ିରେ ଭାସିଯାଇଅଛି । ଗ୍ରାମ ଗଲାଣି, ନାମ ଯାଇନାହିଁ । ଭିଠା ଉପରେ ଗୋଟିଏ ଭାରି ବଡ଼ ବରଗଛ । ଗଛମୂଳରେ ଗୋପୀ ସାହୁର ଦୋକାନଘର । ଘରଟି ସାତପାଞ୍ଚ (୧) । ସେଥିମଧ୍ୟରୁ ଅଧିକରେ ଗୋଟିଏ କୋଠରି, ଅଧେ ମେଲା । ଆଗରେ ଦୁଇହାତ ଲମ୍ବ ପିଣ୍ଡା । ଦୈବଦୁର୍ବଳେ କେହି ବାଟୋଇ ରହିଗଲେ ମେଲାଘରେ ରୋଷେଇ କରନ୍ତି । ଗୋପୀ ବୁଢ଼ା ହୋଇଗଲାଣି, ବଲବାଣ୍ଡିକି ଆଉ ପାରେ ନାହିଁ । ଗଲା ଅଙ୍କରେ ବୁଢ଼ୀ ଚାଲିଗଲା ଦିନରୁ ତା ଅଣ୍ଟା ବସିଗଲାଣି । ପୁଅମାନେ ମଧ୍ୟ ବୁଢ଼ାକୁ ଧନ୍ଦାରେ (୨) ପକାନ୍ତି ନାହିଁ ।

ଗୋପୀ ଭୁଛା ବସିବା ଲୋକ ନୁହେଁ । ବସିବାଠାରୁ ଘଷିବା ଭଲ—ବରଷେ ହେଲା ଫନ୍ଦାଟାଏ (୩) ଫାନ୍ଦିଛି (୪) । ଦିନ ପହରକବେଳେ ଚାରିଟା ମୁହଁରେ ଦେଇ ଦୋକାନକୁ ଆସେ, ସଞ୍ଜବେଳେ ଦୋକାନଘରେ ଲମ୍ବା ନଳୀ

Source: Author, Digitized by PPRACHIN, SOA

ତାଳପଟ୍ଟାଏ ପକାଇ ଘରକୁ ଚାଲିଯାଏ । ଦୋକାନଠାରୁ ଘର ଅଧକୋଶେ ଛଡ଼ା । ଦୋକାନରେ ଚାଉଳ, ଡାଲି, ଲୁଣ, ଚୂଡ଼ା, ଧୂଆଁପତ୍ର ରଖିଥାଏ । ସଞ୍ଜବେଳେ ଘରକୁ ଯିବାବେଳେ ପସରା ସବୁ ଗୋଟାଏ ଟୋକେଇରେ ଭରତିକରି ଘରକୁ ନେଇଯାଏ । ଗୋପୀ ଗାଁ ଲୋକଙ୍କ ପାଖରେ କହେ, ସେ ଏଣିକି ବଡ଼ ସାହାଖର୍ଚ୍ଚୀ ହୋଇପଡ଼ିଲାଣି । ସଞ୍ଜବେଳେ ସୋଳଖେ ସୋଳଖେ (୫) [illegible] (୬) ନ ଖାଇଲେ ପେଟରେ ଜଠ ହୁଏ ନାହିଁ । ଆଉ ଖାଇସାରି ଚୂଡ଼ାଗୁଣ୍ଡି ଦ'ଟା କମ୍ବା ମୁଢ଼ି ଗୁଣ୍ଡି ଦ'ଟା ପାଟିରେ ନ ପକାଇଲେ ନୁହେଁ । ଧୂଆଁ ଅଭ୍ୟାସ ତ ଅଛି । ହେଲେ ଖର୍ଚ୍ଚ ନିଜ ଅର୍ଜନରୁ ଚଳାଏ । ପୁଅମାନେ ଦୋକାନ କରିବା ସକାଶେ ଯେ ଆଠଣିଟିଏ ଦେଇଥିଲେ, ସେଥିରୁ ଯେ ପଇସାଏ ଅଧଲାଏ ବାହାରେ, ସେଥିରେ ଚଳିଯାଏ, ପାଣ୍ଠିରେ ହାତ ଲଗେ ନାହିଁ ।

ଅଖିଣମାସିଆ ଦିନ, ଦିନଯାକ ମେଘଟା ଘୋଡ଼େଇଛି, ଦୁଇ ଦିନ ଅସରା ପାଣି ମଧ୍ୟ ହୋଇଗଲାଣି । ବର୍ଷା ପଡ଼େ ଟପର ଟପର, ବାଟଟା କାଦୁଅରେ ଚପର ଚପର । ବାଟୋଇ କେହି ନାହାନ୍ତି । ବେଳ ଆହୁରି ଦଣ୍ଡେ ଅଛି, ମାତ୍ର ମେଘ ଘୋଟିଥିବାରୁ ଅନ୍ଧାର ହୋଇ ଆସିଲା ପରି ଜଣାଯାଉଅଛି । ଗୋପୀ ଦୋକାନକୁ ଅନାଇ କହିଲା, "ଆଜି ସକାଳୁ କାହା ମୁହଁ ଚାହିଁଥିଲି । ଅଧଲାଟିକର ଧୂଆଁପତ୍ର ମଧ୍ୟ ସରିଲା ନାହିଁ ।" ଗୋପୀ ଦୋକାନକୁ ଗୋଟାଏ ଟୋକେଇରେ ପୂରାଇ ଗାମୁଛା ମୁଣ୍ଡରେ ବାନ୍ଧି ପିଣ୍ଡାରେ ବସିଲା, ଆକାଶକୁ ଅନାଇ ଆପେ ଆପେ କହିଲା—"ବେଳ ବୁଡ଼ିନାହିଁ ।" ନଦୀଘାଟକୁ ଅନାଇ ଅଛି, କେହି ବାଟୋଇ ପାରି ହୋଇ ଆସିବ ପରା ! ନଦୀ କୂଳକୁ ଏକଧ୍ୟାନରେ ଅନାଇ ଭଜନ ଆରମ୍ଭ କରିଅଛି—

"ଦିନ ଗଲାଟିରେ ସରି,
ବୃଥା କାଳ କାଟିଦେଲି ନ ଭଜି ଶ୍ରୀହରି । ଘୋଷା ।
ବହିଯାଉଅଛି ଆୟୁ ନଦୀସ୍ରୋତ ପରି,
ପଡ଼ିଲେ କାଳସାଗରରେ ନ ଆସିବ ଫେରି ।"
ବିଷୟରେ (୭) ମତ୍ତ (୮) ହୋଇ ଦିବସ ଶର୍ବରୀ (୯)
ଆପଣାର ନିଜ ଧାମ ରହିଛି ପାସୋରି ।
ଧ୍ୟାନଜନେ ଦୟାକର ଦୟାମୟ ହରି,
ଜଗନ୍ନାଥ ଭୃତ୍ୟ ନାମ ଥିବ ହୃଦେ ଧରି ।"

"ଏ ଦୋକାନ—ରହିବାକୁ ଜାଗା ମିଳିବ ?" ଗୋପୀ ଚମକିପଡ଼ି ଅନାଇଲା, ଦୋକାନ ଆଗରେ ଦୁଇଜଣ ବାଟୋଇ । ଯଥାଟି ପିନ୍ଧା, ମୁଣ୍ଡରେ

Source: Author, Digitized by PPRACHIN, SOA

ଗାମୁଛା ଗୁଡ଼ିଆ, ପିଠିରେ ଖାନ ଗୋଟିଏ ବୋକଣ୍ଟ, କାନ୍ଧରେ ତାଳପତ୍ର ଛତାଟିଏ । ଜଣେ ପୁରୁଷ, ତା ପଛଆଡ଼େ ଗୋଟିଏ ସ୍ତ୍ରୀ, ପାଟଶାଢ଼ୀ ଖଣ୍ଡିଏ ପିନ୍ଧା, କୃମ୍ଭକର୍ଣ୍ଣ ଧଡ଼ି ସୂତାଶାଢ଼ୀ ଖଣ୍ଡିଏ ଚଦରା ହୋଇ ଉପରଣ (୧୦) ପଡ଼ିଛି; ସର୍ବାଙ୍ଗ ଢଙ୍କା, କେବଳ ନାକର ଫୁଲଗୁଣା ଆଉ ନାଟମୟୂର (୧୧) ଦିଶୁଛି । ଲୋକେ କହନ୍ତି, "ଭେକ (୧୨) ଥିଲେ ଭିକ ।" ଲୁଗାପଟାରୁ ଗୋପୀ ବୁଝିଗଲା ଆଣ୍ଠୁଆ (୧୩) ମହାଜନ । ଗୋପୀ ଚଞ୍ଚଳ ଦୋକାନ ପିଣ୍ଡାରୁ ଓହ୍ଲାଇପଡ଼ି ଦୁଇଜଣଙ୍କୁ ଦୁଇଟି ଦଣ୍ଡବତ ହୋଇ କହିଲା, "ଅଜ୍ଞା ଆସନ୍ତୁ, ଦୋକାନ ଉପରକୁ ଆସନ୍ତୁ, ରୋଷେଇ କରନ୍ତୁ, ସବୁ ସରଞ୍ଜାମ ଅଛି, ଦେବ ।" ଗୋପୀ ଦୁହିଁଙ୍କ ଗୋଡ଼କୁ ଅନାଇ ଦୁଇଡାଳ ପାଣି ଦେଲା, ଆଉ ମେଲାଘରେ ଛିଣ୍ଡା ପଟିଖଣ୍ଡେ ମେଲାଇ ଦେଲା ।

ସ୍ତ୍ରୀଲୋକଟି ଆଗେ ଗୋଡ଼ ଧୋଇ ଓଦାଲୁଗା ପାଲଟି ପଟିରେ ଯାଇ ଚକା ପାଡ଼ି ବସିଲେ । ଦେହର ଅଳଙ୍କାରମାନ ଦେଖି ଗୋପୀ 'ଆଜ୍ଞା', 'ସାଆନ୍ତ', 'ସାଆନ୍ତାଣୀ' ଇତ୍ୟାଦି ସମ୍ବୋଧନ କଥାମାନ ପ୍ରତିକଥା ଆଗରେ ବୋଲିଯାଉଅଛି । ଏଣେ ସ୍ତ୍ରୀଲୋକଟି ଗୋପୀର ଭକ୍ତି ଦେଖି ଭାରି ଖୁସି ହୋଇଗଲେଣି । ପଣତକାନ୍ଥରୁ ସୁନାଅଣିଟିଏ ଫିଟାଇ ଗୋପୀ ପାଖକୁ ଫୋପାଡ଼ି ଦେଇ କହିଲେ, "ଏ ବୁଢ଼ାପୁଅ, ରୋଷେଇ ସରଞ୍ଜାମ ଦେ ।" ଗୋପୀ ଲଣ୍ଡଭଣ୍ଡ ହୋଇ ସୁନାଟି ଉଠାଇନେଇ ଦୁଇ ହାତରେ ଲେଉଟାଲେଉଟି କରି ଦୁଇ ତିନି ଥର ଦେଖିଲା । ତାହା ବାଦ୍ ଦୁଇଥର ଚୁମା ଖାଇ, ଦୁଇଥର ମୁଣ୍ଡରେ ମାରି, କୁଞ୍ଚିତଳ କାନ୍ଧରେ ବାନ୍ଧି, ନାହି ପାଖରେ ଖୋସିଦେଲା । ଗୋପୀର ମୁଖ ଦେଖି ଜଣାଯାଏ, ସେ ଆଉ ଥରେ ମନ ମଧ୍ୟରେ ବୋଲୁଥିବ, ଆଜ ସକାଳେ କାହା ମୁହଁ ଚାହିଁଥିଲି, ସଉଦା ନ ନେଉଣୁ ସୁନାକଟାଏ ! ଦୋକାନ ଆରମ୍ଭ ଦିନରୁ ଏଟା ନୂଆ କଥା ।

ଗୋପୀ ରୋଷେଇ ସରଞ୍ଜାମ ସମସ୍ତ ଅର୍ଥାତ୍ ଚାଉଳ, ରୋପାଳିଆ ବାଉଁଳାଇ, ଲୁଣ ଆଣି ଥୋଇଦେଇ ଆପେ ନୂଆଁ ବଣହା ଫୁଙ୍କି ଚୂଲି ଲଗାଇଦେଲା । ସ୍ତ୍ରୀଲୋକଟି ଭାତ ରାନ୍ଧିବାକୁ, ପୁରୁଷ ମାଠିଆ କେତବର ହାତରେ ଧରି ପାଣି ଆଣିବାକୁ ବାହାରିଲେ । ସ୍ତ୍ରୀଲୋକଟି କହିଲେ, "ଆରେ ବୁଢ଼ାପୁଅ, ଏଠି ଦୁଧ ଘିଅ ମିଳିବ ? ଦୁଧ ଘିଅ ନ ହେଲେ ମୁଁ ଖାଏ ନାହିଁ ।"

ଗୋପୀ କହିଲା, "ଆଜ୍ଞା ସତକଥା, ସତକଥା, ନ ମିଳିବାକୁ କିମ୍ବା, ଏସବୁ କ'ଣ ଘୁମୁ ଠା' ବସିବା କଥା ? ଜଳଖିଆ ପାଇଁ ଅଚ୍ଛା କାଣ୍ଡିଆ ସରୁଚୁଡ଼ା ହୁଅନ୍ତା, ନରୁତା ଗାଈଦୁଧ ହୁଅନ୍ତା, ନବାତ ନୋହିଲେ ଦକ୍ଷିଣୀ ନୂଆ,ଗୁଡ଼ ହୁଅନ୍ତା, ଆଉ ଖଦା ପାଇଁ ବଡ଼ ଶେଉଳ ନୋହିଲେ କାଲିଅମାଛ, ବନ୍ୟାକଦଳୀ,

Source: Author, Digitized by PPRACHIN, SOA

ମୂଗକାଇ, ଦୁଧଘିଅ ହୁଅନ୍ତା । କ'ଣ କରିବ ଆଜ୍ଞା, ଏଇଟା ତ କାଙ୍ଗାଳ ଦେଶ, ଆପଣଙ୍କ ପଦାରବିନ୍ଦ ରଜ (୧୪) ଉପର ମୋ କପାଳକୁ ପଡ଼ିଗଲା ! ଆଜ୍ଞା, ଗୋଟାକେତେ ପଇସା ଦିଅନ୍ତୁ, ଗାଁ ବୁଲି ଦେଖେ ।"

ସ୍ତ୍ରୀଲୋକଟି ପୁନର୍ବାର ଗୋଟାଏ ମୁକ ଫୋପାଡ଼ିଦେଲେ । ଗୋପୀ ପୁର୍ବପର କାନରେ ବାନ୍ଧି ଗ୍ରାମକୁ ଧାଇଁଲା । ରାତି ଅଧଘଡ଼ି ସମୟରେ ଗୋପୀର ସାନପୁଅ ବୃନ୍ଦାବନ ଖଣ୍ଡେ କଦଳୀପତ୍ର ଠୋଲରେ ଦୁଇ ଟଙ୍କ ତୋଳା ଘିଅ, ଗୋଟାଏ ମାଟି ଠେକରେ ମାଣେ ଅନ୍ଦାଜ ଦୁଧ, ଯୋଡ଼ାଏ ବାଇଗଣ ଦୋକାନ ପିଣ୍ଡାରେ ଥୋଇଦେଇ କହିଲା, "ଆଜ୍ଞା, ବାପା ବଟେଇ (୧୫) ଦେଲା । ସେ ଅନ୍ଧାରକଣା, ଆସିପାରିଲା ନାହିଁ ।"

ଦୋକାନରେ ତୃତୀୟ ଲୋକ ନାହିଁ । ସ୍ତ୍ରୀଲୋକଟି ରାତି ରାନ୍ଧୁଛି, ପୁରୁଷଟି ଯୋଗାଇଦେଉଛି । ଦୁହେଁ କଥାବାର୍ତ୍ତା ଆରମ୍ଭ କଲେ ।

ସ୍ତ୍ରୀ—ଶୁଣିଲୁ ରେ ଗୋବିନ୍ଦା, ଶୁଣିଲୁ ତ, କାନ ଲଗାଇ ଶୁଣିଲୁ ତ, ମତେ ସମସ୍ତେ ସାଆନ୍ତାଣୀ କହୁଥିଲେ, ସେଇଠିକି ଯିବ ସମସ୍ତେ ସାଆନ୍ତାଣୀ କହିବେ । ତତେ ସାଆନ୍ତ କିଏ କହୁଥିଲା ? ଆରେ ଚାଲ କଟକକୁ ଚାଲ, ତତେ କ'ଣ କରିଦେବି ଦେଖିବୁ । ତତେ ଘରଦାନ ହେଲା ବୁଝେଇ ବୁଝେଇ ଥକିଲିଣି ।

ଗୋବିନ୍ଦା—ନା ଚମ୍ପା ସାଆନ୍ତାଣୀ, ଚାଲ ଆମ ଗାଁକୁ ଯିବା, ସେଇଠି ରହିବା । ବିଲବାଡ଼ି କିଣିବା, ଚାଷ କରିବା, ହଳିଆ ରଖିବା ।

ଚମ୍ପା—ଆରେ ସତେ ଲୋକେ ଯାହା କହନ୍ତି—

'ଅତି ନହଉଛଣା ଅନ୍ଧାର ରାତି,
ଅତି ନହଉଛଣା ଭଣ୍ଡାର ଜାତି ।'

ବିଲବାଡ଼ି କ'ଣ ହବରେ ? ଆରେ ଯାହା ପାଙ୍ଗରେ ଆଣିଛୁ, ଶହେ ବରଷ ଦ'ଣ ବରଷ ବସି ଖାଇଲେ ତ ସରିବ ନାହିଁ ।

ଗୋବିନ୍ଦା—ନା, ସେ କଥା ହବ ନାହିଁ । ମୁଁ ଗାଁକୁ ଯିବ, ଘରୁ ତେର ଦିନ ହେଲା ଖବର ପାଇ ନାହିଁ । ମୋ ମନ କମିତି ଗୁଡ଼େଇଭୁଡ଼େଇ ହେଉଛି । ନୋହିଲେ ମୋ ଭାଗ ଦିଅ, ମୁଁ ଯାଏଁ, ତୁମର ଯାହା ମନ କର ।

ଚମ୍ପା—ଭାଗ ? ଭାଗ କଣ ? ଭାଇଭାଗ ? ଆରେ ଯାହା କହନ୍ତି—

'ପଡ଼ୋଶୁଣୀ ପିଠା ଦେଖି ରବାଇଖବାଇ (୧୬)
ଘଷିଫଡ଼ାରେ ଗୁଡ଼ ଲଗାଇଲେ ଭଡ଼ ଭଡ଼ ହେବାଇ ।'

Source: Author, Digitized by PPRACHIN, SOA

ଧନ ସେଠି ଥିଲା ମୋର—ଏଠି ବି ମୋର । ମୁଁ କ'ଣ ଚୋରି କରି ଆଣିଛି ? ସାତଦିନ ହେଲା ବରଷା ନାହିଁ, କାତୁଅ ନାହିଁ, ଏ ଗାଁ ସେ ଗାଁ, ଯା ଓଳି ତା ଓଳି ବୁଲେଇ ବୁଲେଇ ମାରିଲଣି । କହିଲୁ, ସାଆନ୍ତ ପହଡ଼ଘର କଣରେ ଛଅ ଜାଗାରେ ସୁନା ଟଙ୍କା, କଳା ଟଙ୍କା, ସୁନା ଗହଣା ସବୁ ପୋତା ହୋଇଥିଲା, କିଏ ପୋତିଥିଲା ? ଜଣେକ ରାତିରେ ମୁଁ ଗାତ ଖୋଳେ, ସାଆନ୍ତ ମୁଁ ଦୁହେଁ ପୋତୁଁ । ତୁ କ'ଣ ଜାଣିଥିଲୁ ? ଏ ସବୁ ମୋର ନା, ଆଉ କାହାର ?

ଗୋବିନ୍ଦା—ଟଙ୍କା ତ ପୋତିଥିଲୁ, ସବୁ କରିଥିଲ, କଷ୍ଟ ନପାଇଥିଲେ କିଛି ପାଇଆନ୍ତ କି ? କଷ୍ଟ ଆଣିବା ବୁଦ୍ଧି କିଏ କାଢ଼ିଲା ?

ଚମ୍ପା—'ଏହିକି ଏତେ ନା, ମୂଢ଼ ନାହିଁ ଗୋଡ଼ କସୁଡ଼ୁ କେତେ ?' ବଡ଼ ବୁଦ୍ଧିଟାଏ କାଢ଼ିଲରେ ! ମତେ ଆଉ ବୁଦ୍ଧି ଆସନ୍ତା ନାହିଁ । ଦେଖିଛୁ, ସେ ଦିନ ସାଆନ୍ତଙ୍କ ପଛେ ପଛେ ତତଲା ବାଲିରେ ଦୁଇକୋଶ ବାଟ ଧାଇଁ ଗୋଡ଼ରେ ଫୋଟକା ବାହାରିପଡ଼ିଲା; କାନ୍ଦି କାନ୍ଦି ଚୋଟି ବସିଗଲା । କହୁଛୁ କିଣ ନା ବୁଦ୍ଧି କହିଲି ! ବୁଦ୍ଧିରେ ବୁଦ୍ଧି ନା ବଳେଇପଡ଼ି ଯାଇଛି ବୁଢ଼ା !' ଆଚ୍ଛା କହିଲୁ, ମୁଁ ଯେ ସେ ରଣ୍ଡି ବ୍ରାହ୍ମଣୀ ସାଙ୍ଗରେ ସଙ୍ଗାତ ବସି ରାତିଏ ରହି ତା ଘରୁ ଜମିର ସନନ୍ଦ ଆଡ଼ଖୁର ଭିତରୁ ଘେନିଆସିଲି, ସେ ବୁଦ୍ଧି ତୁ କହିଦେଇଥିଲୁ ?'

ଗୋବିନ୍ଦା ଆଉ କିଛି ନ କହି ରୁଷି ଆସି ପିଣ୍ଡାରେ ବସିଲା । ଚମ୍ପା ମଧ୍ୟ ତୁନି । ଏକା ଚାହାଳୀରେ ପାଠ, ଏକ ଅବଧାନର ଛାଟ । ଚତୁର ଚତୁର କଥା, କେହି କାହାକୁ ଊଣା ନୁହେଁ, ସହଜରେ କିଏ ପଛଘୁଞ୍ଚା ଦେବ ? ଦୁଇଜଣଙ୍କୁ ଦୁଇଜଣ ଚହଲନ୍ତି । ଚମ୍ପାର ଭାବନା, ଯଦି ଗୋବିନ୍ଦା ଘରକୁ ଯାଏ, ଟଙ୍କା-ସୁନାଗୁଡ଼ାକ ତା ହାତରୁ ଯାଇ ଭଣ୍ଡାର ଘରେ ପଶେ, ପୁନର୍ବାର ହାତପେଠ ହେବା ସହଜ ନୁହେଁ । ପୁଣି ଗୋବିନ୍ଦାର ମା ଆଉ ଭାର୍ଯ୍ୟା କଥା ମଧ୍ୟ ତା ମନରେ ପଡ଼ିଲା । ଏଣେ ଗୋବିନ୍ଦାର ଭାବନା, ଚମ୍ପା କଟକ ସହରରେ ପଶିଲେ ତାକୁ ଆୟତ୍ତ ରଖିବା ସହଜ ହେବ ନାହିଁ । ଅଇଁଠାଖିଆ କୁକ୍‌କୁର ଆଉ ଖଣ୍ଡିଏ ଅଇଁଠାପତ୍ର ସମ୍ମୁଖରେ ଦେଖିଲେ ପୂର୍ବ ପତ୍ର ଗୋଡ଼ରେ ଦଳିଦେଇଯାଏ । ବିପରୀତ-ମୁଖୀ ଦୁଇ ବଳ ସମାନ ହେଲେ ଦୁହେଁ ସ୍ୱ ସ୍ୱ ସ୍ଥାନରେ ସ୍ଥିର ହୋଇ ରହନ୍ତି ।

ରାତି ଅନ୍ଦାଜ ପାଞ୍ଚ ଘଡ଼ି କି ଛ'ଘଡ଼ି, ଭାତ ଡାଲି ପ୍ରସ୍ତୁତ ହୋଇଗଲାଣି । ଚମ୍ପା ଅଳ୍ପକାଳ ଛୁଡ଼ାହୋଇ କ'ଣ ଭାବିଲା, ପାଖକୁ ଆସି ସାଉଁଲେଇ ସାଉଁଲେଇ କହିଲା, "ଦେଖ୍ ଗୋବିନ୍ଦା ତୁ ତ କହୁଛୁ ନଈ ଆରପାରି ଦୁଇକୋଶ ବାଟରେ ତୋ ଘର । ହେଉ ଚାଲ, କଟକକୁ ଚାଲ, ମୁଁ କିଛି ଟଙ୍କା ଦେବ, ତୁ ଘରେ

Source: Author, Digitized by PPRACHIN, SOA

ଦେଇଯିବୁ । ତୁ ଯଦି ମୋ କଥା ନ ଶୁଣୁ, ଟଙ୍କା ତ ଟଙ୍କା, ସୁନା ତ ସୁନା, ଜାଣି କଉଡ଼ି ଧୋଇ ପାଣି ଟୋପାଏ ? ଆ, ଆ, ବଡ଼ ଭୋକ ଲାଗିଲାଣି, ଖାଇବା ଆ !" ଗୋବନ୍ଦା ମଧ୍ୟ ଭୋକରେ ଜାଉଳି ହେଲା । ବୋଧହୁଏ ସେ ଏଥିରେ ଅଧା ରାଜାହୋଇ ଉଠ ଉଠ ହେଉଥିଲା । ମାତ୍ର ଅନ୍ଧାରରେ ଚମ୍ପାକୁ ତ ଦିଶୁନାହିଁ, କିଛି ଜବାବ ନପାଇ ସେ ଗାର ଖପା ହୋଇ କହିଲା, "ମଲା ଯା, ପୋଇଲାଙ୍କୁ ସାଆନ୍ତ କହିଲେ ମୁଣ୍ଡରେ ଚଢ଼ନ୍ତି । ଯା ମ ଯା—ଖାଇଲୁ ଖାଇଲୁ, ନ ଖାଇଲୁ ନାହିଁ ।"

ଗୋବନ୍ଦା ଉଠିଥିଲା, ପୁନର୍ବାର ବସିପଡ଼ି ଚମ୍ପାକୁ ତରଟିମରାଟି ଚାହିଁଲା । ପାଞ୍ଚିଲା, ହଁ ମୁଁ ପୋଇଲା, ତୁ ସାଆନ୍ତାଣୀ; ମାତ୍ର ପାଟି ଫିଟାଇ କିଛି କହିଲା ନାହିଁ । ଗୋବନ୍ଦା ଆପଣାର କେଡ଼େ ସୌଭାଗ୍ୟ ସ୍ୱପ୍ନ ଦେଖୁଥିଲା, କେତେ ବଲବାଡ଼ି, କେତେ ବଳଦ ହଳଆ, କେତେ ଦୁହିଁ ଲଗାଇ ଘରେ ବନ୍ଧା, କେତେ ଖାତକ ଟଙ୍କା କରଜ ନେବାକୁ ଆସି ଦୁଆରେ ବସିଛନ୍ତି, ସବୁଥିରୁ ଏକାବେଳକେ ନିରାଶ ! ଦିନଯାକ ପାଣି କାଦୁଅରେ ବୁଲି ଥକା, ତା ଉପରେ ଭୋକ । ଗୋବନ୍ଦା ଏତେବେଳଯାଏ ମନ ଦୁଃଖରେ ବସି ଭାବୁଥିଲା । ବର୍ତ୍ତମାନ ଚମ୍ପା 'ପୋଇଲା' କହିବାରୁ ତାକୁରେ ବିଛା କାମୁଡ଼ିଲାପରି ସର୍ବାଙ୍ଗ ଜଳୁଅଛି, କିଛି କହିପାରୁନାହିଁ । ସେ ଜାଣେ, ତା'ପରି ଦୁଇଜଣ ଲୋକ ବଳରେ ଚମ୍ପା ସାଙ୍ଗରେ ପାରିବେ ନାହିଁ । ସେ କେତେଥର ମଙ୍ଗରାଜଘର ଭେଣ୍ଡିଆ ହଳଆମାନଙ୍କୁ ବାଡ଼େଇଥିବାର ନିଜ ଆଖିରେ ଦେଖିଛି । ତୁଷ ମଧ୍ୟରେ ନିଆଁ ଥିଲା ପରି ତା ମନକୁ ଭିତରେ ପୋଡ଼ି ପକାଉଛି ।

ଚମ୍ପା ଦୁଇ ପତ୍ର ଭାତ ବାଢ଼ି, ଭାତ ମଝିରେ ଗାଡ଼ କରିଦେଇ ଡାଲି ବାଢ଼ିଦେଲା । ବୃନ୍ଦାବନ ଯେ ଦୁଧଠେକିଟି ଦେଇଥିଲା, ସେତକ ବାହାରକୁ ଅରେ ଅନାଇଦେଇ ଆପଣା ଭାତରେ ଢାଳିଦେଲା । ଗୋବନ୍ଦା ଅନ୍ଧାରରେ ବସି ଦେଖୁଛି । ଦୁଧ ଢାଳା ଦେଖି ତା ଦେହରେ ନିଆଁ ଢାଳିଦେଲାପରି ଜଣାଗଲା । ମନରେ କଲା, ଦୁଧଟିକକରେ ତ ଏହା—ଟଙ୍କା ସୁନା କଥା ତ ଅଛି !

ଚମ୍ପା ଡାକଦେଲା, "ହେଇ, ତୋ ଭାତ ରହିଲା, ଖା ବା ନ ଖା, ମୁଁ ଏତେ ଗୋଡ଼ ଧରିପାରେ ନାହିଁ ।" ଚମ୍ପା ଓଦା ହାତଟା ମୁହଁରେ ବୁଲାଇଦେଇ ଠୁଙ୍ଗାହୋଇ ଭାତପତ୍ର ପାଖରେ ବସି ବଡ଼ ବଡ଼ ଗୁଣ୍ଡା ସୁଡ଼୍ ସୁଡ଼୍ ଶବ୍ଦରେ ଦଣ୍ଡିକ ମଧ୍ୟରେ ପତ୍ର ଖାଲି କରିଦେଲା । ଚୂଲିମୁହଁ ପାଖରେ ମୁହଁଟା ଧୋଇପକାଇ ପୁନର୍ବାର ଅରେ ବାହାରକୁ ଅନାଇ ଡାକିଲା, "ଆରେ ଆ, ଭାତ ଖାଆ ।" ଉତ୍ତର ନାହିଁ । ଖପା ହୋଇ କହିଲା, "ଆରେ, ସ୍ୱାମୀ କହନ୍ତି ପୁଣ ଭାତ ତୋଟି କୁଣ୍ଡାଇବା ।" କଳନ୍ତା ନିଆଁରେ କୁଟା ପକାଇଲାପରି ଗୋବନ୍ଦାକୁ ଏ କଥା

Source: Author, Digitized by PPRACHIN, SOA

ଜଣାଗଲା । ତାହା ବାଦ୍ ଚମ୍ପା ପଟି ଖଣ୍ଡିକ ଉପରେ ଚଣ୍ଡିଗ୍ଭ ଲୁଗାରୁ ଅଧେ ମେଲାଇଦେଇ ଚଣ୍ଡିଗ୍ଭଟି ସାବଧାନରେ ବେକତଳ ପର୍ଯ୍ୟନ୍ତ ଦେଇ ଚତ୍ତୁହୋଇ ଶୋଇପଡ଼ିଲା ।

ଗୋବନ୍ଦା ସେହିପରି ପିଣ୍ଡାରେ ବସି ଜଗୁଛି । ସେ ବର୍ତ୍ତମାନ ଭଲକରି ବୁଝିଲାଣି, ସାପୁଣୀ ମୁଣ୍ଡରୁ ମଣି ନେବା ସହଜ ନୁହେଁ । ଆମ୍ଭେମାନେ ଗୋବନ୍ଦପୁରର ଲୋକଙ୍କଠାରୁ ଯେପରି ଶୁଣିଛୁଁ, ସେଥିରୁ ଅନୁମାନ କରୁଅଛୁଁ, ଗୋବନ୍ଦାର ଆଉ ଅଧିକ କିଛି ପ୍ରତ୍ୟାଶା (୧୮) ଥିଲା । ସ୍ତ୍ରୀଠାରୁ ମର୍ଯ୍ୟାଦା, ପ୍ରେମ, ଭକ୍ତି, ଆନୁଗତ୍ୟ (୧୯) ପ୍ରତ୍ୟାଶା କରିବା ପୁରୁଷଜାତିର ସ୍ୱଭାବ । ଚମ୍ପାର ଆଚରଣରୁ ଜଣାଯାଏ, ତାହାର ଇଚ୍ଛା ଭଲ ପାଏଁ ତ ଭଲ ପାଏଁ, ହେଲେ ଗୁ ଯେଉଁ ଭଣ୍ଡାର ସେହି ଭଣ୍ଡାର । ଗୋବନ୍ଦା ଏହି ଅବସ୍ଥାରେ କେତେବେଳଯାଏ ବସିଲାଣି ସେ ଜାଣେନାହିଁ ।

ଘୋର ଅନ୍ଧକାର ଗ୍ଭତି, ମଣିଷ ନିଜ ଦେହ ଦେଖିପାରିବ ନାହିଁ । ସାଁ ସାଁ କରି ଦକ୍ଷିଣାପବନ ବାହାରୁଛି, ଗୁହାକୁ ଗୁହା ବରଷା, ବରଗଛଟା ଗୋଟାଏ ଅନ୍ଧକାରଗଦା ପରି ଛିଡ଼ାହୋଇ ଦୋହଲି ଦୋହଲି ଗୋଟାଏ କେମନ୍ତ ଆତଙ୍କ-ଜନକ ଶବ୍ଦ କରୁଅଛି । ଗୁଡ଼ାଏ ବାଦୁଡ଼ି ସାନ ସାନ ଅନ୍ଧକାର ଖଣ୍ଡପରି ଗ୍ଭରିଆଡ଼ୁ ଉଡ଼ି ସେହି ଅନ୍ଧକାରଗଦାରେ ଝୁଲିପଡ଼ୁଛନ୍ତି, ପୁଣି କେତେଖଣ୍ଡ ଅନ୍ଧକାର ପରି ବାହାରି ଆକାଶରେ ଉଡ଼ିଯାଉଛନ୍ତି, କଚ୍ କଚ୍ ଶବ୍ଦ କରି ବରଫଳ ଖାଉଅଛନ୍ତି, ଟପ୍ ଟପ୍ ବରଫଳ ତଳେ ପଡ଼ୁଛି । ଚଉଦିଗରେ ପୈଶାଚିକ ଶବ୍ଦ, ଘର ମଧ୍ୟରେ ଚମ୍ପାର ଅନୁନାସିକା ଶବ୍ଦ ଆହୁରି ଭୟଙ୍କର ଶୁଭୁଅଛି । ସେହି ଅନ୍ଧକାରଗଦା ତଳେ ଦୁଇଟା ପଶୁର ଖେଁ—ଖେଁ କାମୁଡ଼ାକାମୁଡ଼ି ଶବ୍ଦ ଶୁଣି ଗୋବନ୍ଦା ଚମକପଡ଼ି ଅନାଇଲା । ଘର ମଧ୍ୟରେ ଜଳୁଥିବା ଦୀପର ତେଜଟି କ୍ରମଶଃ କ୍ଷୀଣ ହୋଇଆସୁଅଛି । ଶେଷ ସନ୍ଧ୍ୟାରେ ପଶ୍ଚିମ ଆକାଶରେ ଗୋଟିଏ ମାତ୍ର ଲୋହିତ କିରଣରେଖା ଅନନ୍ତ ଆକାଶରେ ପଡ଼ିଲାପରି ଘର ମଧ୍ୟରେ ଜଳୁଥିବା ଦୀପରୁ ଗୋଟିଏ କିରଣରେଖା ନମ୍ରେଜ ଭାବରେ ସେହି ଅନ୍ଧକାର ତଳେ ପଡ଼ିଅଛି ।

ଗୋବନ୍ଦା ଭଲକରି ଅନାଇ ଦେଖିଲା—ଦୁଇଟା ବିଲୁଆ ବରଫଳ ଖାଉ ଖାଉ କଳି ଲଗିଲେ; ଗୋଟାଏ ବିଲୁଆ ଆରଟାକୁ ତଡ଼ଦେଇ ଆପେ ସମସ୍ତ ଫଳ ଅଧିକାର କରିବସିଲା । ଗୋବନ୍ଦା ବିଲୁଆର କାର୍ଯ୍ୟ ଦେଖି କ'ଣ ବୁଝିଲା, କଣ ମନରେ ପାଞ୍ଚିଲା; ଉଠିବସି ଗ୍ଭରିଆଡ଼କୁ ସାବଧାନରେ ଅନାଇଲା । ଧୀରେ ଅତି ଧୀରେ ଉଠିଯାଇ ଚମ୍ପାର ଗୋଡ଼ଠାରୁ ମୁଣ୍ଡଯାଏ ଅନେଇଲା । ଠଣାରେ ମୁଠି ରଖିଦେଇଥିଲା, ଧୀରେ ଧୀରେ ଆଣି ସେଥିରୁ କ'ଣ ଫିଟାଇ ଅଣ୍ଟାରେ ଭଲକରି

Source: Author, Digitized by PPRACHIN, SOA

ଲୁଗା ଭିତରେଦେଇ ସେହି ପଦାର୍ଥଟା ଦୃଢ଼ରୂପେ ଧରିଲା । ଧୀରେ ଧୀରେ ଯାଇ ଚମ୍ପାକୁ ଏକଧ୍ୟାନରେ ଅନାଇଲା । ଭୂମି ଉପରେ ପଡ଼ି ନିଦ୍ରିତା ଶୂକଶିଶୁକୁ (୨୦) ବଣ ମଧ୍ୟରୁ କେନ୍ଦୁଆ ଯେପରି ଅନାଏଁ ସେହିପରି ଏକଧ୍ୟାନରେ ଚାହିଁଅଛି । ତାହାର ଆଖି ଦୁଇଟା ଜଳୁଅଛି । ତାହାର ହାତରେ ଦୃଢ଼କରି କ'ଣ ଧରିଅଛି, ଏତେ ସାବଧାନ, ଏତେ ଧୀର ଯେ ନିଶ୍ୱାସଟା ମଧ୍ୟ ବଳରେ ପକାଉ ନାହିଁ । ତାହାର ଗୋଡ଼ଟିକୁ ଆଗକୁ ପକାଇବାମାତ୍ରେ ଚୋଟାଏ ଜ୍ୟୋତି ଚକ୍‌ଚକ୍ କରି ଚମ୍ପା ଉପରଦେଇ କାନ୍ଥରେ ବୁଲିଗଲା । ଗୋବିନ୍ଦା ଚମକିପଡ଼ି ଏକାବେଳକେ ପିଣ୍ଡା-ତଳକୁ ଓହ୍ଲାଇ ପଡ଼ିଲା । ଚତୁର୍ଦ୍ଦିଗକୁ ସାବଧାନରେ ଅନାଇଲା, କାହିଁ କିଛି ନାହିଁ, କେବଳ ପୂର୍ବପରି ଚତୁର୍ଦ୍ଦିଗରେ ଘୋର ପୈଶାଚିକ ଶବ୍ଦ, ଗଛତଳ ଡାଳର କେତେଖଣ୍ଡ ଅନ୍ଧକାର ଫଡ଼ଫଡ଼ ହୋଇ ଉଡ଼ିପଳାଇଲେ । ବିଲୁଆଟା ଚରୁଥିଲା, ପଳାଇଗଲା । ତାହା ହସ୍ତରେ ଥିବା ପଦାର୍ଥବିଶେଷରେ ଆଲୁଅ ପଡ଼ି ଚକ୍ ଚକ୍ ଦିଶିଲା ।

ଗୋବିନ୍ଦା ସମସ୍ତ ବୁଝିପାରିଲା । ପୂର୍ବଠାରୁ ଅଧିକ ସାହସ ବାନ୍ଧି ଧୀରେ ଧୀରେ ଗୋଡ଼ ପକାଇ ଘର ମଧ୍ୟକୁ ଗଲା । ଶୂକଶିଶୁ ଉପରେ କେନ୍ଦୁଆ ଯେପରି ଝାମ୍ପି ପଡ଼େ, ସେହିପରି ଚମ୍ପା ଉପରକୁ ଝାମ୍ପି ପଡ଼ିଲା । ଠିକ୍ ସେହି ସମୟରେ ସାପଟା ଗର୍ତ୍ତକୁ ପୋଡ଼ିଯାଇ ଦପ୍ କରି ଜଳିଉଠି ନିଭିଯିବାରୁ କିଛି ଦିଶିଲା ନାହିଁ । ଘରମଧ୍ୟରେ ଉତ୍କଟ ଗଁ ଗଁ ଶବ୍ଦ, ଚୋଟ୍ ହାତ ବାଡ଼େଇବା ଶବ୍ଦ ଶୁଭି ନିସ୍ତବ୍ଧ ହୋଇଗଲା । ସେହି ଶବ୍ଦ ଶୁଣି ବିଲୁଆଟା ଧଡ଼ପଡ଼ ହୋଇ ପଳାଇଗଲା । ଗଛଟାରୁ ଅନ୍ଧାରଖଣ୍ଡ ବୁଣିଗଲା ପରି ବାଦୁଡ଼ିଗୁଡ଼ାକ କର୍କଶ ଡେଣା ଶବ୍ଦ କରି ଉଡ଼ିବାକୁ ଲାଗିଲେ । ଏହି ସମୟରେ ଗୋଟାଏ ପ୍ରବଳ ଝଞ୍ଜା ପବନ ଆସି ଗଛର ଡାଳ-ମାନଙ୍କୁ, ଦୋକାନ ଘରକୁ କଡ଼୍‌କରି ଦୋହଲାଇ ଦେଲା । ମୁହୂର୍ତ୍ତିକ ସକାଶେ ସେଠାରେ ଅଦୃଶ୍ୟ ଅନ୍ଧକାର ମଧ୍ୟରେ ପ୍ରଳୟ ଉପସ୍ଥିତ ହେଲାପରି ଜଣାଗଲା ।

ପରିଚ୍ଛେଦ-୨୩

କର୍ମଫଳ

ଗୋପାଳପୁର ପାଖରେ ବରୂପା ନଦୀଟା ଖୁବ ଚୌଡ଼ା, ଅଧକୋଶରୁ ଊଣା ନୁହେଁ । ମାଝ ଧାରଟା ଚୌଡ଼ା ନୁହେଁ, ଗଣ୍ଡିଭଲିଆ ଜାଗା, କମ୍ ଚୌଡ଼ା ହେବ । ନଦୀର ଦକ୍ଷିଣ ତରଫଟାରେ ଧାର, ଗୋପାଳପୁର ଘାଟଠାରେ ବୁଛା

Source: Author, Digitized by PPRACHIN, SOA

ବାଲି । ସେହିପରି ଟାଣୁଆ ବଢ଼ି ହେଲେ ତୋଠଯାଏ ପାଣି ଯାଏ । ଦଶ ବାର ଦିନ ହେଲା ସେହିପରି ବର୍ଷା ନଥିବାରୁ ନଦୀଟା ଶୁଖିପଡ଼ିଥିଲା, ଗଲା ପରଦିନ ଉପରଓଳିଠାରୁ ଅଳ୍ପ ପାଣି ପଡ଼ୁଅଛି, ମେଞ୍ଚା ମେଞ୍ଚା ଫେଣ ଧାଡ଼ି ଧାଡ଼ି ହୋଇ ଭାସିଯାଉଅଛି । କୌଣସି କୌଣସି ସ୍ଥାନରେ ପାଣିକଣାରୁ ପରି ଫେଣଗୁଡ଼ାଏ ଭଉଁରରେ ପଡ଼ି ଘୁରି ଟିକିଟିକି ହୋଇଯାଉଅଛି । କାଠିକୁଟା କେତେ ଭାସି ଯାଉଅଛି, ଠିକଣା ନାହିଁ । ଘଣ୍ଟାକାଗା ଥିବାରୁ ଏଠାରେ ଗୋମୁହାଁ କୁମ୍ଭୀରର ଉପଦ୍ରବ ଘୋର, ଦାଢ଼ିଆଣି (୧), ଘଡ଼ିଆଳ (୨) ତ ପଣ ପଣ । ଏଠାରେ ଭରସି ଆଣ୍ଠୁ ଅଣ୍ଠିରୁ କେହି ବେଶି ପାଣିକି ଯାଇପାରେ ନାହିଁ । ପୁଣି ନୂଆ ପାଣି ପଡ଼ିଲେ କୁମ୍ଭୀରଗୁଡ଼ାକ ଘାର ମାତନ୍ତି । ନୂଆ ବଢ଼ିକି ପରତେ ନାହିଁ (୩) । ଫେଣକୁ କୁମ୍ଭୀର ଝାଏ ।

ତୋଠରେ ଦିନରାତି ଖଣ୍ଡିଏ ଡଙ୍ଗା ବନ୍ଧାଥାଏ; ଗାଉଁଲି ଲୋକ, ହାଟୁଆ ଲୋକେ ପାରିହୁଅନ୍ତି । ସରକାରୀ ଡାକ ପାରି କରିବା ସକାଶେ ନାଉରି ଦିନରାତି ପଲା ମାରି ଜଗିଥାଏ, ସରକାରରୁ ମାସକୁ ଦୁଇଟଙ୍କା ଦରମା ପାଏ । ଗାଉଁଲି ଲୋକେ ନଗଦ କିଛି ଦିଅନ୍ତି ନାହିଁ, ପୁଷ ମାସ ଧାନକଟା ସମୟରେ ନାଉରି ବୁଲି ବୁଲି ପ୍ରତି ଘରକୁ ଗୋଟାଏ ଗୋଟାଏ ବିଡ଼ା ଅସୁଲ କରେ । ହାଟପାଳି ଦିନ ହାଟୁଆମାନେ କେହି ପିଠାଶୁଖୁଆ ପୁଞ୍ଜାଏ, କେହି ବାଇଗଣ ଯୋଡ଼ାଏ, କେହି ଲୁଣ ଚିମୁଟେ, କେହି ତେଲ ଦି'ଟୋପା ଦେଇଯାଏ । କୌଣସି କୌଣସି ଦିନ ବଡ଼ ମହାଜନ, ଅଚିହ୍ନା ବାଟୋଇ ପହଞ୍ଚିଗଲେ ପଇସାଏ ଅଧଲାଏ ଖଜାଣିଆ ଦେଇଯାନ୍ତି । ଦେଶ କାଳ ପାତ୍ର ଭେଦ ଏହି ଲାଭ ଊଣା ଅଧିକ ହୁଏ । ମାତ୍ର ସରକାରୀ ମନୁଷ୍ୟ ଅର୍ଥାତ୍ ଥାନା ଦାରୋଗା, ମୁନ୍‌ସି, କାନଗୋଇ ପାରହେବା ଦିନ କାନମୋଡ଼ାଟା, ଗୁପୁଡ଼ା, ଗାଳିଟା କେବେ ଊଣା ହୁଏ ନାହିଁ । କେଉଟ ବୁଢ଼ିଆ ବେହେରା କହେ, "ଏହି ଘାଟ ବାହି ତା ଦେହକ ପାହିଲାଣି, ତା ପରି ଜଣେ ଅଣ୍ଟୁଆ ନାଉରି ଏ ଖଣ୍ଡମଣ୍ଡଳରେ ଦେଖାନାହିଁ ।"

ରାତି ଶେଷ ହୋଇଆସିଲାଣି । ରାତିରେ ଘୋର ବର୍ଷା, ଘୋର ତୋଫାନ ଥିଲା; ବର୍ତ୍ତମାନ ପାଣି କମ୍ମା, ପବନ ନାହିଁ, ମେଘଟା ସେହିପରି ଘୋଡ଼ାଇଛି, ଅକାରଣ କେଉଁଠି କପରି ଫାଙ୍କରେ ସ୍ଥାନ ସ୍ଥାନ ତରଟିମାନ ଜୁଳୁଜୁଳୁ କରି ଅନାଇ ଲୁଚିଯାଉଛନ୍ତି । ଠିକ୍ ଏହି ସମୟରେ ଜଣେ ବାଟୋଇ ସାନ ଗଣ୍ଠିଲିଟିଏ ପିଠିରେ ବୋଝକରି ତୋଠ ପାଖରେ ନଦୀ କୂଳେ କୂଳେ ବୁଲୁଅଛି, ନଦୀ କୂଳେ କୂଳେ ଘୁରି ପାଞ୍ଚଶ ହାତ ଚାଲିଯାଇ ପୁନର୍ବାର ତୋଠଠାକୁ ଫେରିଆସୁଅଛି । ଜଣାଯାଏ ପହଁରି ନଦୀ ପାରହେବା ଲୋକଟାର ଇଚ୍ଛା, ହେଲେ ବଳ ଖଟୁନାହିଁ । ତୋଠଠାରେ ଠିଆହୋଇ ଡାକିଲା, "ଏ ନାଉରି ଭାଇ, ଏ ନାଉରି ଭାଇ !"

Source: Author, Digitized by PPRACHIN, SOA

ବୃଦ୍ଧିଆ ବେହେରା ବାଲିରେ କାତଟା ପୋଡ଼ ଖଣ୍ଡେ ଲମ୍ବା ବାଉଁଶରେ ଓଙ୍ଗାଟା ଖଟାଇଦେଇ ଗୁଡ଼ ପାଖରେ ଭୂଇଁ ପଲାରେ ଶୋଇଅଛି । ବାଟୋଇ ପୁନର୍ବାର ଥରେ ଅତି ସାବଧାନରେ ଡାକିଲା, "ଏ ନାଉର ଭାଇ, ଏ ନାଉର ଭାଇ !" ବାଟୋଇ ଡାକସାର ଚମକପଡ଼ିଲା ପରି ଥରେ ପଛକୁ ଅନାଇଲା । ନାଉରି କି ଶୋଇଯାଇଛି ? ଏତେ ଡାକର ଜବାବ ନାହିଁ କିଆଁ ? ମାତ୍ର ଆମ୍ଭେମାନେ ନିଶ୍ଚୟ ଜାଣୁ ନାଉର ଗୁଡ଼ ଘଡ଼ିଏ ଥାଉଁ ଉଠିବସିଥାଏ । ଶାସ୍ତ୍ରକାରମାନେ ବୋଲି ଅଛନ୍ତି, ବ୍ରାହ୍ମମୂହୂର୍ତ୍ତିରୁ ଶଯ୍ୟା ତ୍ୟାଗ କରିବ । ଶାସ୍ତ୍ରବିଧି ପାଳିବା ସକାଶେ ସେ ବୃଦ୍ଧିଆ ଉଠିଥାଏ, ଏହା ନୁହେଁ । ଦିନେ ଦିନେ ଗୁଡ଼ ପିଟୁଲା ପଦ୍ମରରେ ଡାକ ଆସି ପଡ଼ୁଥାଏ, ସେଥି ସକାଶେ ସେ ଜାଗ୍ରତ ଥାଏ । ଆଉ ଗୋଟିଏ କଥା, ସନ୍ଧ୍ୟାବେଳୁ ଘାଟ ବନ୍ଦ ହୋଇଯାଏ, ସଅଳେ ସଅଳେ ଗୁରଟା ଖାଇଦେଇ ଶୋଇ-ପଡ଼ୁଥାଏ । ଗୁଡ଼ଟାଯାକ କେତେ ଶୋଇବ ? ବୃଦ୍ଧିଆ ପଲା ମଧ୍ୟରେ ଦୁଇ ଆଣ୍ଠୁ ଉପରେ ମୁଣ୍ଡ ଦେଇ ଠିଙ୍ଗା ହୋଇ ବସିଛି, ଆଗରେ ନିଆଁ ଉହ୍ଲେଇ, ଭୃଷନିଆଁ କୁ ଦୁଇ ହାତ ବଢ଼ାଇ ଦେଇଅଛି । ବୋଧହୁଏ ସେ ମନ ମଧ୍ୟରେ ଭାବୁଛି, ଅବେଳରେ ଏ ବାଟୋଇଟା କିଏ ? ସରକାରୀ ଲୋକ ତ ନିଶ୍ଚୟ ନୁହେଁ । ଏ ଲୋକଟା 'ଭାଇ ଭାଇ' ଡାକୁଛି । ସରକାରୀ ଲୋକ ହୋଇଥିଲେ ତା ଘରଆଡ଼ ଭାବ ଲେଖା-କରି ଡାକନ୍ତା । ଯିଏ ହେଉ ଡାକୁଥାଉ, ଗୁଡ଼ ପାହୁ ଦେଖିବା । ପୁନର୍ବାର ଡାକ, "ଏ ନାଉର ଭାଇ, ଆ ବାହାର ଆ, ଖଜାଖିଆ ଦେବ ।" ବୃଦ୍ଧିଆ ଆଉ ସମ୍ଭାଳି ପାରିଲା ନାହିଁ, ଖଜାଖିଆ ନାଁ ଶୁଣି ଦୁଇ ତିନ ଥର କାଶିଲା । ଖଜାଖିଆ ଶବ୍ଦରେ କପରି ଗୋଟାଏ ମନମୋହନ ଶକ୍ତି ଅଛି; ନାଉରି ତ ନାଉର, ଖଜାଖିଆ ଶବ୍ଦ ଶୁଣିଲେ କେତେ କେତେ ଲୋକମାନେ କାଶିପକାନ୍ତି । ବୃଦ୍ଧିଆ ପଲା ମଧ୍ୟରୁ ଜବାବ ଦେଲା, "କିଏ ପାଟି କରୁଛ ହୋ, ଭୁଷ, ଗୁଡ଼ ପାହୁ, ଲକ୍ଷେ ଟଙ୍କା ଦେଲେ ତ ମୁଁ ବାହାରକୁ ବାହାରିବ ନାହିଁ ।"

ବାଟୋଇ—ଦେଖ, ଭାଇ ନାଉର, ମୋର କଷ୍ଟକରେ ମାମଲା ଅଛି, ଚଞ୍ଚଳ ଯିବ, ନେ ପାଞ୍ଚଟଙ୍କା ନେ ।

ପାଞ୍ଚଟଙ୍କା ! ଏ କ'ଣ ଏ ! ଗୋଟାଏ ପଦ୍ମାରକୁ (୪) ପାଞ୍ଚଟଙ୍କା । ବୃଦ୍ଧିଆ ଜୀବନରେ କେବେ ଏପରି ଘଟଣା ଘଟିନାହିଁ । ଏକାବେଳକେ ପାଞ୍ଚଟଙ୍କା ତା ହାତରେ ପଡ଼ୁଛି କି ନାହିଁ, ସେ ବିଷୟରେ ଆମ୍ଭମାନଙ୍କର ଘୋର ସନ୍ଦେହ ଅଛି । ସେ ପୂର୍ବମୂହୂର୍ତ୍ତରେ ପ୍ରତିଜ୍ଞା କରିଥିଲା ଲକ୍ଷେ ଟଙ୍କା ପାଇଲେ ମଧ୍ୟ ବାହାରନ୍ତା ନାହିଁ, ଲକ୍ଷକରୁ ପଞ୍ଚ ଫେଡ଼ିଦେଲେ ବାକି କେତେ ଊଣା ହେଲା, ଏ କଥା ଆଲୋଚନା କରିବା ବୋଧହୁଏ ଅନାବଶ୍ୟକ ବୋଧକଲା । ଏଣେ ଡର, ବାଟୋଇଟା ଯେବେ ବାହୁଡ଼ିଯାଏ, ଅବା ଗୁଡ଼ ପାହିଲେ ପଇସାଟାଏ ନୋହିଲେ

Source: Author, Digitized by PPRACHIN, SOA

ଘୋଡ଼ାଏ । ବୁଢ଼ଆ ପଲଭିତରୁ ଡାକ ଦେଲା, "ରହ ତେବେ ରହ, ମୁଁ ଯାଏ ।'' ନିଆଁ ଉପରେ ଫୁଙ୍କି ଫୁଙ୍କି କାହ୍ନାଳ ଲଗାଇ ହାତରେ ଆହୁଳାଟାଏ ଧରି ପଲରୁ ବାହାରିପଡ଼ିଲା, ପିନ୍ଧିଲା ଲୁଗାପଟା ଅଣ୍ଟାରେ ଭିଡ଼ିଦେଇ ମୁଣ୍ଡରେ ଗାମୁଛାଟାଏ ଗୁଡ଼ାଇ ଟୋପରଟା ଥୋଇଦେଲା । ବାଟୋଇକୁ କହିଲା, "ଆଣ ଆଣ, କ'ଣ ଦେଉଛ ଦିଅ । ତୁମେ ବୋଲି ମୁଁ ବସାରୁ ବାହାରିଲି, ଆଉ କେହି ହୋଇଥିଲେ ମୁଁ କି ଉଠିଆନ୍ତି ।''

ବାଟୋଇ ପାଞ୍ଚଟି ଟଙ୍କା ବଢ଼ାଇଦେଲା । ନାଉରି ଦୁଇ ହାତରେ ଏକ, ଦୁଇ, ତିନି, ଚାରି ପାଞ୍ଚ, ଏ ହାତ ସେ ହାତ କରି ତିନିଥର ଗଣିଲା । 'ଟଙ୍କା ନେବ ଗଣି, ପାଣି ପିଇବ ଛାଣି ।'' କାହ୍ନାଳଟା କଳରେ ଭିଡ଼ିଦେଇ ଆଲୁଅରେ ଥରେ ଟଙ୍କାଗୁଡ଼ାକ ଦେଖିନେଲା । କୁଞ୍ଚକାନିରେ ବାନ୍ଧି ଅଣ୍ଟାରେ ଭଲକରି ଖୋସିଦେଇ ଆକାଶକୁ ପୁଣି ଚାରିଆଡ଼କୁ ଅନାଇଲା, ଆଉ ଗତି ନାହିଁ । ବାଟୋଇ ନାଆ ଆଗ ମଙ୍ଗରେ ବସିସାରିଲାଣି । ନାଉରି ଡାକ ଦେଲା, "ଭଲକରି ସମ୍ଭାଳି ବସ ।'' ଡଙ୍ଗାରେ ଡାହାଣ ହାତ ତିନିଥର ଲଗାଇ ମୁଣ୍ଡରେ ମାରି ଫିଟାଇ-ଦେଲା । "ଜୟ ଗଙ୍ଗାମାତା'' କହି ନାଆରେ ଉଠି ବସିଲା । ଉପର ପାଣି ତୋଡ଼ (୫) ପଡ଼ୁଛି, ସମ୍ଭାଳି ହେଉ ନାହିଁ, ଆହୁଳା ବାହୁ ବାହୁ ଡଙ୍ଗାଟା ଛେର୍ ଚଳକୁ ଭାସିଗଲା । ସମ୍ଭାଳି ଟେକୁ ଟେକୁ ନଦୀ ଛ'ପଣି ଦଶପଣିଆ ହୋଇଛି, ଗତି ପ୍ରାୟ ପାହିଆସିଲାଣି, ଗୋପାଳପୁର ତୋଠପାଖରୁ ଗୋଟାଏ ଗୀତ ଶୁଭିଲା—

'ଏ—ଏ—ଏ—ରାମ ସେ ଲଇଖଣ ହୋ ଗଲେ ମୃଗ ମାରି
କୁଡ଼ିଆ ଦୁଆରେ ଆସି ଭିକ୍ଷ ବ୍ରହ୍ମଚାରୀ ।
ବୋଇଲେ ସୀତାମା ଗୋ ଭିକ୍ଷା ଦିଅ ଆମ୍ଭଙ୍କୁ,
ନୋହିଲେ ଅଭିଶାପ ଗୋ ଦେବୁ ରାମଲଇକ୍ଷଣଙ୍କୁ ।'

ବାଟୋଇ ଡଙ୍ଗାରେ ବସି ବାରମ୍ବାର ଗୋପାଳପୁର ତୋଠଆଡ଼କୁ ଚାହୁଁଛି । ଗୀତର ଶବ୍ଦ ଅବିରଳ ଅନ୍ଧକାରରାଶି ଭେଦକରି କାନରେ ପଡ଼ିବାରୁ ବାଟୋଇ ଚଙ୍ଗ ଚଙ୍ଗ ହୋଇ ଠିଆହୋଇ ସେହି ଦିଗକୁ ଅନାଇଲା । ନାଉରି କାନକୁ ଶବ୍ଦ ଯାଉନାହିଁ, ଏକମନରେ ଡଙ୍ଗା ବାହୁଥିଲା । ଡଙ୍ଗା ଟଳମଳ ହେବାରୁ ଡାକଦେଲା, "ଆରେ ବସିପଡ଼ ।'' ବାଟୋଇର ଭାବ ଦେଖି ନାଉରି ମଧ୍ୟ ତୋଠ ଆଡ଼କୁ ଚାହିଁ କହିଲା, "ଓହୋ ଟପାଟା ହାବୁଡ଼ିଲା ଯେ ।'' ଏହା କହି ଡଙ୍ଗାମଙ୍ଗ ଫେରାଇଦେଲା । ବାଟୋଇ ବ୍ୟାକୁଳ ହୋଇ କହିଲା, "ଏ ନାଉରି ଭାଇ, ଡଙ୍ଗା ଫେରାନା, ଫେରାନା, ମୋତେ ଆର ପାରି କରି ଦେ ।''

Source: Author, Digitized by PPRACHIN, SOA

ନାଉରି କହିଲା, "ମଲା ଯା, ସରକାରୀ କଥା, ମୁଁ କ'ଣ ଜେଲ ଯିବି ?' ରାତି ଶେଷ, ଅଳ୍ପ ଅଳ୍ପ ଆଲୁଅ ପଡ଼ିଲାଣି । ନାଉରି ଦେଖିଲା ବାଟୋଇର ସର୍ବାଙ୍ଗ ରକ୍ତମୟ, ଲୁଗାରେ ରକ୍ତ, ହାତରେ ରକ୍ତ, ବୋକଚ୍ଛରେ ରକ୍ତ । ଦୋଳାରେ ଫଗୁ ଖେଳିଲାପରି ଲାଲ ଟହଟହ ଦିଶୁଅଛି । ନାଉରି ଚମକିପଡ଼ି କହିଲା, "କ'ଣ ହେ ! ରକ୍ତ କାହୁଁ ଆଇଲା ? ତୁମେ କଣ କାହାକୁ ମାରିଚ ?" ବାଟୋଇ ଚଞ୍ଚଳ ଗଣ୍ଠିରିଟି ଧରି, ନାଉରି ହାଁ ହାଁ କହୁ କହୁ ନଦୀକୁ ଡେଇଁପଡ଼ିଲା । ପନ୍ଦର କୋଡ଼ିଏ ହାତ ପହଁରି ଯାଉଁ ଯାଉଁ କାହୁଁ ଗୋଟିଏ ଗୋମୁହାଁ କୁମ୍ଭୀର ଆସି ଟପ୍ କରି ଧରି ପକାଇଲା, ଗଣ୍ଠିରିଟି ଅଳ୍ପଦୂର ଭାସିଯାଇ ବୁଡ଼ିଗଲା । ବୁଢ଼ୀଆ ରହିଥାଏ । ଏ ଲୋକଟା କିଏ, କେଉଁଠାରୁ ଆଇଲା, କାହିଁ ଯାଉଥିଲା ?

ବୁଝିବାହେଲେ ପାଠକ ଅବଧାନ । ଆମ୍ଭେମାନେ ହେଲୁ ଗ୍ରନ୍ଥକାର, ସୁତରାଂ ସର୍ବଜ୍ଞ । ଏହି ଯେ କୁମ୍ଭୀର ଲୋକଟାକୁ ଘେନିଗଲା, କପାଇଁ ଘେନିଗଲା, କାହିଁ ଘେନିଗଲା, ତାହା ସହିତ ସଦ୍‌ବ୍ୟବହାର କଲା କି ଅସଦ୍‌ବ୍ୟବହାର କଲା, ଏ ସମସ୍ତ ଗୁପ୍ତ ବିଷୟ ଆମ୍ଭମାନଙ୍କୁ ଭଲ ଜଣା । ହେଲେ, ବୁଢ଼ୀଆ ଦେହେରୀ କୌଣସି କାରଣରୁ ଏ କଥା ଅନେକ ଦିନ ପର୍ଯ୍ୟନ୍ତ ଲୁଚ୍ଚଇଥିବାରୁ ଆମ୍ଭେମାନେ ପ୍ରକାଶ କରିବାକୁ ନାରାଜ । ଲୋକଟା ଡଙ୍ଗାରୁ ପାଣିକି ଡେଇଁପଡ଼ିବାବେଳେ ତାହା ଟେଣ୍ଟିରୁ ତେରମ୍ପ (୭) ଲମ୍ବ ବଡ଼ାଏ ତାଳପତ୍ର ଡଙ୍ଗାରେ ପଡ଼ିଯାଇଥିଲା, ସେହି ଚଡ଼ାଟା ବୁଢ଼ୀଆ ପଲମଧ୍ୟରେ ଲୁଚ୍ଚଇ ରଖିଥାଏ । କେତୁଦିନ ଉତ୍ତାରେ ଜଣେ ପଟ୍ଟାରି ଅବଧାନଙ୍କୁ ପଢ଼ାଇବାରେ ସେ ଖଣ୍ଡେ ପତ୍ରରୁ ଏହିପରି ପଢ଼ିଲେ—

ଶ୍ରୀ ଶ୍ରୀ ମୁକୁନ୍ଦ ଦେବଙ୍କ ସାତ ଅଙ୍କ କୁମ୍ଭ ମାସ କୃଷ୍ଣପକ୍ଷ ଦ୍ୱିତୀୟା ଦିନ ବେଳ ଦୁଇ ଘଡ଼ି ସମୟରେ ଗୋବିନ୍ଦପୁର ଜମିଦାର ରାମଚନ୍ଦ୍ର ମଙ୍ଗରାଜ ମହାଜନଙ୍କ ସୁସାକ୍ଷାତକୁ ଏହି ଗ୍ରାମର ରହିବା ଲୋକ ତେଲୀପୁଅ ଶାମ ସାହୁର ଦେଲି ଗୁଜା (୭) । ଏ ନିମନ୍ତେ ଗୁଜା ଲେଖିଦେଲି କି, ମୋ ପୁଅ ଶ୍ରୀମା ବିଭାଘରକୁ ଆପଣଙ୍କଠାରୁ ଦଶଟଙ୍କା କରଜ ନେଲି । ଆସନ୍ତା ଧନୁ ମାସରେ ମୋ ଖଳା ଉପରୁ ଆପଣଙ୍କ ଖମାର ଗଉଣୀରେ ଦ'ଶ୍ରୁ ଭଉ ପ୍ରମାଣେ ଧାନ ମାପିନେଇ ତହିଁ କଳନ୍ତରକୁ ଅଧା କି ମୂଳ ନଦିଉଦିକେ ଆଠ ଭରଣା ପରିମାଣରେ ମାପିନେବେ । ଏ ପ୍ରମାଣ, ଏଥିକୁ ସାକ୍ଷୀ ଚନ୍ଦ୍ର ସୂର୍ଯ୍ୟ ଦଶଦିଗପାଳ ।

ବୁଢ଼ୀଆ ଦେହେରୀ ଡଙ୍ଗା ବାହିନେଲାବେଳେ ତେର୍ ଦିନ ପର୍ଯ୍ୟନ୍ତ ଠିକ୍ ସେହି ସ୍ଥାନରେ ପାଣିକୁ ଅରେ ଅନାଏ ।

Source: Author, Digitized by PPRACHIN, SOA

ପରିଚ୍ଛେଦ-୨୪

ଖୁଣି ତଦାରଖି

ବେଳ ଅନୁମାନରେ ପହରେ କ ଛ'ଘଣ୍ଟା, ଆଜ ବର୍ଷା ନାହିଁ । ଗୋପୀ ସାହୁ ଦୋକାନ୍ନ ଚଗ୍ ଗଣ୍ଠିଲ (୧) କଳା କନାପରି ଗାମୁଛା ଖଣ୍ଡିଏ ମୁଣ୍ଡରେ ପକାଇ ଦୋକାନ ଚୋକେଇ କାନ୍ଧରେ, ହାତରେ କଣ୍ଟା ଧରି ଦୋକାନକୁ ଆସିଲା । ଦୋକାନ ଫିଟାଇ ମେଲାଘରକୁ ଅନାଇଦେଲା । ଯାହା ଦେଖିଲା, ସେଥିରେ ତାକୁ ପ୍ରାୟ ଝାଳ ମାରିଗଲାଣି, କାଠଟି ପରି ଛୁଡ଼ାହୋଇଛି, ପାଟିରେ କଥା ନାହିଁ । କେବେ ଦେଖା ନାହିଁ, କେବେ ଶୁଣା ନାହିଁ, ଗୋଟିଏ ସ୍ତ୍ରୀଲୋକ ଗଳାକୁ ଗୁହିଁ ମରିପଡ଼ିଛି । ଘରସାରା ରକ୍ତମୟ ! ଖଲପଟରେ ରକ୍ତ, ଚୂଲିମୁହଁରେ ରକ୍ତ, ଭାତ ହାଣ୍ଡିରେ ରକ୍ତ, ରକ୍ତ ପିଚକାରି ମାରି କାନ୍ଥ-ବାଡ଼ରେ ଝୋଟି ଦେଲାପରି ହୋଇଯାଇଛି । ଗୋପୀ ଧାଇଁଯାଇଁ ଗାଁରେ କହିଲା । ଗାଁଲୋକ ଦେଖିବାକୁ ଧାଇଁଲେ ।

ଗାଁ ଚୁଟିଆ (୨) ସନ୍ତୁଆ ଜେନା ଫାଣ୍ଡିକୁ ଏତଲା ଦେବାକୁ ଧାଇଁଲା । ମଙ୍ଗରାମପୁରରେ ବାଲିଗଡ଼ି ଫାଣ୍ଡି, ଗୋପାଳପୁରଠାରୁ ଦେଢ଼କୋଶ ଦୂର । ବେଳ ତିନ ପ୍ରହର ସମୟରେ ବାଲିଗଡ଼ି ଜମାଦାର ସେଖ ଡୋଗ୍ରବଲି, ବରକନ୍ଦାଜ ପିରୁ ଖାଁ ଘଟଣା ସ୍ଥାନରେ ଆସି ଉପସ୍ଥିତ ହେଲେ । ସେଖ ଡୋଗ୍ରବଲି ଜଣେ ରବେସ୍ତା (୩) ହାକମ । ଆଖପାଖ ଚାରିକୋଶରେ ତାଙ୍କ ନାମ ଶୁଣିଲେ ଲୋକେ ଥରନ୍ତି, ଗର୍ଭିଣୀ ଗାଈ ବାଟ ଗୁଞ୍ଜୁଡ଼ିଏ । ଜମାଦାର ସାହେବ ସରଜମିନରେ ଉପସ୍ଥିତ ହୋଇ ଦାଢ଼ି ଆଉ ନାକ ଘୋଡ଼ାଇ ଲାସ ମାଇନା କରିବାକୁ ଗଲେ । ଲାସ ଗୋଟିଏ ସ୍ତ୍ରୀଲୋକ, ପାଟଶାଢ଼ୀ ଖଣ୍ଡେ ପିନ୍ଧିଛି, ହାତରେ ଦେହରେ ରୁପା ଓ ସୁନାର କେତେ ଖଣ୍ଡ ଅଳଙ୍କାର । ପଠାଣମାନଙ୍କ କୁକୁଡ଼ା ଜବେ (୪) କଲାପରି ତାହା ବେକ କଟା ପାଖରେ ଖଣ୍ଡେ ରକ୍ତବୋଳା ଛୁରି ପଡ଼ିଅଛି । ଲାସଟା କଚ୍ଛ ପଚଉଠିଲାଣି, ମଛିବସାରେ ମାଛି ବସିଲା ପରି କାହାଣ କାହାଣ ମାଛି କଟା ଜାଗାରେ ବସିଅଛନ୍ତି ଏବଂ ଘରସାରା ଭଣଭଣ ହୋଇ ଉଡ଼ୁଛନ୍ତି । ଲାସଟା ଚାରି ଆଙ୍ଗୁଳ ଜିଭ କାଢ଼ି ପକାଇ, କାମୁଡ଼ି, ଦାନ୍ତ ନିସିଡ଼ି ଦେଇଅଛି, ଗଳାକୁ ତଗଟି ଗୁହିଁଅଛି, ବାଳମୁକୁଳା, ରକ୍ତରେ ଲଟପଟ । ଦୁଇ ପାଖରେ ଚାରି ଆଙ୍ଗୁଳ ବହଳରେ ରକ୍ତ ପଚ କାଳିଆ ପଡ଼ିଗଲାଣି; ସେଥିରୁ ଗୋଟାଏ ଓଲଆପରି ଫୁଲିଗଲାଣି । ଦେଖାଗଲା, କୌଣସି ଲୋକ ତାହାର ବାଳ ଗୋଟାଏ ହାତରେ ଧରି, ମୁହଁ ଗୋଟାଏ ଗୋଡ଼ରେ ମାଡ଼ିବସି ଛୁରିରେ ତା ବେକ କାଟିଅଛି । କଟାବେଳେ ସ୍ତ୍ରୀଲୋକଟା ଗୋଡ଼ ବାଡ଼େଇ ହେବାରୁ ଘର ଖୋଳ ହୋଇଯାଇଅଛି ।

Source: Author, Digitized by PPRACHIN, SOA

ଦୁର୍ଗନ୍ଧ ଆଉ ଭୟଙ୍କର ମୂର୍ତ୍ତି ଯୋଗୁଁ ଜମାଦାର ବେଶି ବେଳଯାଏ ରହିପାରିଲେ ନାହିଁ । ବାହାରକୁ ବାହାରିଆସି ଆପଣା ଜ୍ଞାନବଳରେ ଠିକ୍ କଲେ, ଏ ମକଦ୍ଦମା ଖୁନି, ଲେକିନ୍ (୫) ଡକାଇତି ନୁହେଁ । ଆଗେ ତ ଡକାଇତି ହୋଇଥିଲେ ଲାସ ଦେହରେ ଅଳଙ୍କାର ଥାନ୍ତା ନାହିଁ । ଜମାଦାରଙ୍କ ହୁକୁମରେ ଦୁଇଜଣ ହାଡ଼ି ଲାସ ଗୋଡ଼ରେ ଦଉଡ଼ି ଲଗାଇ ଘୋଷାରି ଘୋଷାରି ଆଣି ନଈ ଅଡ଼ାରେ ପକାଇଲେ । ଘୋଷାରି ଆଣିବାବେଳେ ତାହାର ପାଟଶାଢ଼ୀ ଖଣ୍ଡକ ଲଙ୍ଗଳା କରି କାଢ଼ିନେବାରୁ ଲାସଟା ଆହୁରି ଭୟଙ୍କର ଦିଶିଲା । ସରକାରକୁ ଭେଜିବା (୬) ସକାଶେ ଲାସ୍ ଦେହରୁ ଅଳଙ୍କାରସବୁ ବାହାରକରାଇ ଜମାଦାର ଅଲଗରେ ରଖିଲେ । କେବଳ ଗୋଡ଼ର କଂସାପାହୁଡ଼ ନ ବାହାରିବାରୁ ମେହେନ୍ତରମାନେ ଲାସ୍‌ର ଦୁଇଗୋଡ଼ ଗୋଟି କୁରାଢ଼ିରେ ହାଣି ପାହୁଡ଼ ବାହାର କରି ନେଇ ଗଲେ ।

ତହିଁଆରଦିନ ପ୍ରାତଃକାଳରୁ ମକଦ୍ଦମା ତଦାରଖ ଆରମ୍ଭ ହେଲା । ଆଖପାଖ ପାଞ୍ଚଖଣ୍ଡ ଗ୍ରାମରୁ ବରକନ୍ଦାଜ ଏବଂ ଚୌକିଦାରମାନେ ଯାଇ ଆସାମୀ ଗ୍ରେପ୍ତାର କରିଆଣିଲେ । ଜମାଦାର ସାହେବ ବରଗଛମୂଳରେ ବସି ମକଦ୍ଦମା ତଦାରଖ କରୁଅଛନ୍ତି, ତିନ ଚାରିଣ ଆସାମୀ ଧରାହୋଇ ଆସିଲେଣି; ମାତ୍ର ସମସ୍ତେ ଜମା ହୋଇ ନାହାନ୍ତି, ତଦାରଖ ଉପରେ ରେକସୋଜ୍ (୭) ହୋଇ ଯାଉଅଛନ୍ତି । ଆସାମୀ ଧରାହୋଇ ଆସିଲେ ତାହାକୁ ଲାସ୍ ନିକଟରେ ବସାଇ ରଖାଯାଏ । ଲାସ୍‌ଟା ଫୁଲି ଚାରିଗୁଣ ମୋଟା ହୋଇଗଲାଣି, ଜିଭଟା ଗୋଟାଏ ସାନ କଦଳୀଭଣ୍ଡାପରି ଦିଶୁଛି । ଦୁର୍ଗନ୍ଧ କଥା ଛାଡ଼ । ଉଲଙ୍ଗ ସ୍ତ୍ରୀମୂର୍ତ୍ତି ତ ସତ, ଏହାର ଗୋଡ଼ପାପୁଲି ନାହିଁ, ଚାଲୁଥିଲା କିପରି ? ଏଟା କି ରାକ୍ଷସୀ ? ଆସାମୀମାନଙ୍କୁ ବହୁତ ବେଳଯାଏ ଲାସ୍ ନିକଟରେ ବସିବାକୁ ହୁଏ ନାହିଁ, ଦୁର୍ଗନ୍ଧ ଏବଂ ଝାସରେ (୮) ଶୀଘ୍ର ଜମାଦାରଙ୍କ ନିକଟରେ ହାଜର ହୋଇଯିବାକୁ ହେଉଅଛି । ବରଗଛ ମୂଳରେ ଜମାଦାରଙ୍କ କଚେରି । କଡ଼ାବାଲିରେ ଦଶ ପନ୍ଦର ଗଣ୍ଡା ଶାଗୁଣା ଏକ ସ୍ଥାନରେ ଅନାଇ ବସିଅଛନ୍ତି, କେତେଟା ଉଡ଼ିଆସୁଛନ୍ତି, ଦଶ ପନ୍ଦର ଗୋଟା ବିଲୁଆ କୁକୁର ଜମା ହୋଇଗଲେଣି, ଚାରି ଛ'ଟା କୁକୁର ଗୋଟାଏ ଗୋଡ଼ର ପାପୁଲି ସକାଶେ କାମୁଡ଼ାକାମୁଡ଼ି ଲଗାଇ ଅଛନ୍ତି । କିଛି ଦୂରରେ ଆଉ ଗୋଟାଏ ଗୋଡ଼ପାପୁଲିକୁ ସାତଟା ଶାଗୁଣା ଝିଙ୍କାଝିଙ୍କି କରୁଥିଲେ; ଗୋଟାଏ ବିଲୁଆ ଆସି ସେମାନଙ୍କ ନିକଟରୁ ଛଡ଼ାଇ ଘେନିଗଲା । ଶାଗୁଣାଗୁଡ଼ିକ ଅଳ୍ପ ଦୂରଯାଇ ଡେଣା ମେଲାଇ ବସିଅଛନ୍ତି । ଦୁଇଜଣ ହାଡ଼ି ନାକରେ ଲୁଗାବାନ୍ଧି ଠେଙ୍ଗା କାନ୍ଧରେ ପକାଇ କୁକୁର ଶାଗୁଣା ଘଉଡ଼ାଉଅଛନ୍ତି । ଜମାଦାର ଅନେକ ଲୋକଙ୍କ ଇଜାହାର କଲମବନ୍ଦ କରିପକାଇଲେଣି ।

Source: Author, Digitized by PPRACHIN, SOA

ଦୋକାଣୀ ଗୋପୀ ସାହୁ ବୁଢ଼ା ଇଜାହାର (୯) ଦେଲା, "ଆଜ୍ଞା ମୋହର ତିନି କାଳ ଗଲାଣି, କାଳେ ଅଛି, ମୁଁ କି ଏ ବୟସରେ ମିଛ କହିବି ? ଆଜି ଏକାଦଶୀ, ଦାନ୍ତରେ ଉଦକ ଦେଇ ନାହିଁ, ଏହି ବିଷ୍ଣୁବୃକ୍ଷ ମୂଳରେ ସତ୍ୟ କହୁଛି, ମୁଁ ଏ ମାମଲା କଥା କିଛି ଜାଣେ ନାହିଁ । ଛମାସ ହେଲା ଘରେ ବାଧକ ପଡ଼ିଛି, ଦୋକାନକୁ ଆସିନାହିଁ ।"

ନାଉରି ବୁଢ଼ିଆ ବେହେରା ଇଜାହାର ଦେଲା—"ବରଷା ଆଉ ତୋଫାନ ହେବାରୁ କେହି ନଈ ପାରି ହେଉନାହାନ୍ତି, ଗୁରୁବାର ହେଲା ନଈକୂଳକୁ ଆସିନାହିଁ ।" ଏହିପରି ଗ୍ରାମର ଅନେକ ଲୋକଙ୍କଠାରୁ ଇଜାହାର ନିଆଗଲା ।

ବେଳବୁଡ଼ିଆସିଲାଣି, ଗ୍ରାମରେ ଆଉ କେହି ଲୋକ ନାହାନ୍ତି । ସମସ୍ତଙ୍କଠାରୁ ତଦାରଖି ସରିଲାଣି । ମକଦ୍ଦମା କାଲି ପର୍ଯ୍ୟନ୍ତ ରଖାଯିବ କି ଆଜିରେ ଖତମ (୧୦) କରାଯିବ, ଜମାଦାର ବରକନ୍ଦାଜ ଦୁଇ ଜଣ ବସି ବିଚାର କରୁଅଛନ୍ତି । ଏହି ସମୟରେ ଗଛଡ଼ାଳରୁ ଗୋଟାଏ ଶଙ୍ଖଚିଲ ପୋଖରୀପାଣି କରିଦେବାରୁ ଜମାଦାରଙ୍କ ଦାଢ଼ିର ଅଧାଅଧି ଧଳା ହୋଇଗଲା । ତୋବା ତୋବା (୧୧) କହି ଜମାଦାର ଉଠିପଡ଼ିଲେ । ଚିଲମାନଙ୍କୁ ଅନାଇ କମବକ୍ତ (୧୨), ବେଇମାନ୍ ହାରାମଜାଦା ବୋଲି କ୍ରୋଧରେ ଗାଳିଦେବାକୁ ଲାଗିଲେ । ଚୌକିଦାରମାନେ ମଧ୍ୟ ଗାଳି ଦେଇ ଚିଲମାନଙ୍କୁ ଢେଲା ମାରିବାକୁ ଲାଗିଲେ । ଜମାଦାରଙ୍କ ଲମ୍ବା ଦାଢ଼ି ପରିଷ୍କାର କରିବାକୁ ତିନି ବଦନା ପାଣି ଲାଗିଲା ।

ଜମାଦାର ମାମଲା ଖତମ୍ କରିବାକୁ ବସି ଲୋକମାନଙ୍କୁ କହିଲେ, "ଦେଖ, ଏହି ଲୋକ କିଏ ଜଣା ନାହିଁ, ବୋଧହୁଏ ଯାତ୍ରୀ । ଏହାକୁ କେହି ଖୁନ୍ କରି ନାହିଁ; ଏ ସାପକାଟି ।" ଗୋପୀ ସାହୁ ଦୋକାଣୀ ଆଗକୁ ଆସି ସାକ୍ଷ୍ୟ ଦେଲା —"ଧର୍ମାବତାର, ଏଠାରେ ସାପର ଭାରି ଉପଦ୍ରବ, ନଈବଢ଼ରେ କାହୁଁ ଭାସି ଆସି ହଜାର ହଜାର ସାପ ଏଠି ଅଛନ୍ତି । ସାପ ଭୟରେ ଗ୍ରାମ ଛାଡ଼ି ଗଲା । ମୁଁ କାଲି ଦୋକାନକୁ ଆସିଥିଲି, ଗୋଟାଏ ଲମ୍ବ କୋଳଥିଆ ନାଗ ବୁଲୁଥିଲା, ମୁଁ ଭୟରେ ପଳାଇଲି ।"

ଗଉଁଟିଆ ମୁଟୁରୁ ମଲିକ କହିଲା, "ଧର୍ମାବତାର, ଏଠେଇଁ ଅନେକ ସାପ । ମୁଁ ସେଦିନ ହଜୁରଙ୍କୁ ଏହି ବାଟେ ଯାଉଥିଲି । ଏହି ଗଛମୂଳରେ ପନ୍ଦରଟା ନାଗସାପ ଶୋଇଥିଲେ, ମୁଁ ଦେଖି ପଳାଇଗଲି ।"

ଗତ ପରଦିନ ସଞ୍ଜରେ ସ୍ତ୍ରୀଲୋକଟା ଘରମଧ୍ୟରେ ଶୋଇଥିବା ସମୟରେ ଦୁଆରେ ଗୋଟିଏ ଚମ୍ପସାପ ବୁଲୁଥିବା ବିଷୟରେ ମୁରପୁର ମୌଜାର ଗଉଁଟିଆ ବୁଧେଇ ଧପଟ ସିଂ ସାକ୍ଷ୍ୟ ଦେଲା ।

Source: Author, Digitized by PPRACHIN, SOA

ଜମାଦାର ସମସ୍ତଙ୍କର ସାକ୍ଷ୍ୟ କଲମବନ୍ଦ କରି ଗୋଟିଏ ପର୍ଣ୍ଣିମା ଭିକାରୁଣୀ ଯାଚୀ ଗ୍ରାମରେ ଭିକ୍ଷା କରି ଖାଉଥିବା ଓ ତାହାକୁ ଗତ ପରଦିନ ରାତିରେ ଗୋପାଳପୁର ମୌଜାରେ ସାପକାଟି ହୋଇଥିବା ଓ ଲାସ୍ ଦେହରେ ସାପକାମୁଡ଼ା ଚିହ୍ନ ଜାହେର (୧୩) ଥିବା ଏବଂ ଏହାର ମୃତ୍ୟୁ ବିଷୟରେ ଅନ୍ୟ-ପ୍ରକାର ସକ୍ (୧୪) କମ୍ବା ଦାବିଦାବା (୧୫) ନ ଥିବା ଏକ ରପୋର୍ଟ କେନ୍ଦ୍ରାପଡ଼ା ଥାନା ଦାରୋଗା ନିକଟକୁ ପଠାଇ ମାମଲା ଖତମ୍ (୧୬) କଲେ । ଦାରୋଗା ଏବଂ ମୁନ୍‌ସୀଙ୍କ ରେସମ (୧୭) ସହିତ ରେପୋର୍ଟ ପୁଲନ୍ଦା (୧୮) ଥାନାକୁ ପଠା-ଗଲା । ଜମାଦାରଙ୍କ ହୁକୁମ ଅନୁସାରେ ଚାରିଜଣ ହାଡ଼ି ଲାସ୍ ବେକରେ ଦଉଡ଼ି ଲଗାଇ ଭିଡ଼ି ନେଇ ନଦୀରେ ଭସାଇଦେଲେ । ନାଉରି ବୁଢ଼ିଆ ବେହେରା ଦେଖିଲା, ଲାସ୍‌ଟା ନଦୀରେ ଭସି ଯାଉଁ ଯାଉଁ ଯେଉଁଠାରେ ବାଟୋଇଟାକୁ କୁମ୍ଭୀର ଧରିଥିଲା, ଠିକ୍ ସେହି ସ୍ଥାନରେ ତାକୁ ଗୋଟାଏ କୁମ୍ଭୀର ଧରି ନେଇଗଲା ।

ଜମାଦାର ଡଙ୍ଗା ପାରି ହେଉଁ ହେଉଁ ବରକନ୍ଦାଜକୁ କହିଲେ, "ଦେଖ, ଏତେ ମାମଲାଟାରେ ଦୁଇଣ ମଧ୍ୟ ପୁରା ହେଲା ନାହିଁ ।" ବରକନ୍ଦାଜ କହିଲା, "ଖୋଦା ମାଲିକ, ଯୋ ହୁକୁମ ହୁଆ ।"

ଗୋପୀ ସାହୁ ସେହି ଦିନଠାରୁ ଆଉ ଦୋକାନକୁ ଯାଇନାହିଁ । କାର୍ତ୍ତିକ ଦିନଦିନିଆ ଲଗାଣରେ ଘର ପୋଡ଼ିଗଲା; ସେ ବାଟଟା ମଧ୍ୟ ପଡ଼ିଗଲା । ବୁଢ଼ିଆ ବେହେରା ଅଧକୋଶେ ତଳକୁ ହରିପୁର ପାଖରେ ନାଆ ପକାଇଲାଣି । ରାତି ତ ରାତି, ଦିନରେ ମଧ୍ୟ ଭୟରେ ସେଠାକୁ କେହି ଯାନ୍ତି ନାହିଁ । ସେହି ବରଗଛରେ ଗୋଟାଏ ବଡ଼ ପେଡ଼ୁଣୀ ବସି ଡାଳ ଦୋହଲାଏ, ମଧ୍ୟ ସେହି ପେଡ଼ୁଣୀଟା ଖରା-ବେଳେ ନଦୀବାଲି ଉଡ଼ାଇ ଖେଳୁଥିବାର ଅନେକ ଲୋକ ଦେଖିଲେଣି । ଗୋପାଳପୁର ଭିଠର ଆଉ ନାମ ନାହିଁ । ଲୋକେ କହନ୍ତି ପେଡ଼ୁଣୀପଦା ।

ପରିଚ୍ଛେଦ-୨୫

ମଙ୍ଗରାଜ ଘରର ହାଲଚାଲ

ଛମାଣ ଆଠଗୁଣ୍ଠ କ'ଣ ? କଥିତ ଅଛି, ପୃଥିବୀର ବିଖ୍ୟାତ ମଣି କୋହିନୂର ଯାହାଠାରେ ରହେ, ତାହାର ବଂଶ ନାଶ କରିଦିଏ । ଆଲ୍ଲାଉଦ୍ଦିନଠାରୁ ରଣଜିତ୍ ସିଂହ ପର୍ଯ୍ୟନ୍ତ ତାହାର ଜାଜ୍ଜ୍ୱଲ୍ୟମାନ (୧) ପ୍ରମାଣ; ମାତ୍ର ସେହି ମଣି

Source: Author, Digitized by PPRACHIN, SOA

ଆମ୍ଭମାନଙ୍କର ପୂଜନୀୟା, ମହାମାନ୍ୟା ପ୍ରତ୍ୟକ୍ଷ କମଳାସ୍ୱରୂପା ଶ୍ୱେତଦ୍ୱୀପବାସିନୀ (୨) ଭାରତେଶ୍ୱରୀଙ୍କ ଶିରୋଭୂଷଣ ହେବା ଦିନଠାରୁ ଇଂଲଣ୍ଡର ମହିମା ଦିନକୁ ଦିନ ପୃଥିବୀ ବ୍ୟାପୁଅଛି । ଅନ୍ୟର ପ୍ରାଣନାଶକାରୀ ବିଷ ଦେବାଧିଦେବ ଉମାପତିଙ୍କ (୩) କଣ୍ଠସ୍ଥ ହୋଇ ତାଙ୍କର ମହାଦେବତ୍ୱ ପ୍ରକାଶ କରୁଅଛି । ସାର କଥା, ଉପଯୁକ୍ତ ଦ୍ରବ୍ୟ ଉପଯୁକ୍ତ ସ୍ଥାନରେ ନ୍ୟସ୍ତ ହେଲେ ଜଞ୍ଜାଳର କାରଣ ହୁଏ ନାହିଁ । ତେତେବଡ଼ କଥା ଗୁଡ଼ିଦିଅ, ନିହାତି ସାନରୁ ସାନ ଆମ୍ଭମାନଙ୍କ ଛମାଣ ଆଠଗୁଣ୍ଠ କଥା ଦେଖ । ଲୋକମାନେ କହନ୍ତି, ଗୋବିନ୍ଦପୁର ଗାଁ ତଳଚକ ଛମାଣ ଆଠଗୁଣ୍ଠ ଜମି ପରି କଲିନ୍ଦ (୪) ଆଉ ନାହିଁ; ମାତ୍ର ଜମିଟା ଘରବୁଡ଼ା । ବାଘସିଂହ ବଂଶଟା ଲଣ୍ଡଭଣ୍ଡ ହୋଇଗଲା । ସାତଅ ତ ଧନ-ପ୍ରାଣରେ ଗଲା, ମଙ୍ଗରାଜ ବଂଶକଥା ତ ଡାଣ୍ଡରେ ପଡ଼ିଅଛି । ଜମିଟା ନେବାର ଛ ମାସ ଛ ପକ୍ଷ ଯାଇନାହିଁ, ଦଶାଟା ଦେଖ ।

ମଙ୍ଗରାଜ କଟକ ଯିବାର ଚତୁର୍ଥ ଦିନ ସକାଳେ ଦେଖାଗଲା, ଗନ୍ତାଘର ଘରକାଣ ଅଣ୍ଟୁଏ ଖୋଳା । ସେହିଦିନ ସକାଳୁ ଗୋବିନ୍ଦା ଆଉ ଚମ୍ପା ଉଆସ ମଧ୍ୟରେ ଦିଶୁନାହାନ୍ତି । ସେ ଦୁଇଜଣ ଆଗଲ୍ ପିଛଲ୍ ହୋଇ କଟକ ଡାଣ୍ଡ ପଦ୍ମପୁର ଗହ୍ୱାରରେ ଯାଉଥିବାର ଲୋକେ ଦେଖିଆସି ଗ୍ରାମରେ କହିଲେ । ପୁଅମାନେ ବାପଭୟରେ ଶଙ୍କି ରହିଥିଲେ, ଏତେବେଳେ ପୋ-ବାର (୫) ପଡ଼ିଯାଇଛି । ବଡ଼ପୁଅଙ୍କର ଆଗରୁ କିଛି ବାତୁଲ ଛିଟା (୬) ଥିଲା, ବର୍ତ୍ତମାନ ଦିନରାତି ଗଞ୍ଜେଇ ଭିଡ଼ି ଭିଡ଼ି ହାଫ୍ ବାଇଆ ହୋଇଗଲେଣି । ଟହିଁଆଁ ଆଉ ସାନପୁଅଙ୍କର ନାକ ପୋଛିବାକୁ ତର ନାହିଁ । ମକର ସଂକ୍ରାନ୍ତି ମୁଣ୍ଡ ଉପରେ, ଗୋବର ଚଢ଼େଇ ଧରାରେ ଲାଗିଅଛନ୍ତି, ଦିନରାତି ଧାନ ବିକା ଲାଗିଛି ।

ଆଜି ଗାଁରେ ଚହଳ ପଡ଼ିଛି, ମଙ୍ଗରାଜଙ୍କ ଘରଦ୍ୱାର ନିଲାମ ହେବ । ବେଳ ଅନ୍ଦାଜ ଛ ଘଡ଼ି, ପୋଲିସ ଜମାଦାର, ବରକନ୍ଦାଜ, ଚୌକିଆ ଏପରି ଆଠ ଦଶ ଜଣ ମଙ୍ଗରାଜଙ୍କ ଉଆସ ଦୁଆରେ ଉପସ୍ଥିତ ହେଲେ । କହ୍ ସାହେବ ! ମଙ୍ଗରାଜଙ୍କୁ ହଜାରେ ଟଙ୍କା ଜୋରିମାନା କରିଥିଲେ, ଚଳନ୍ତି ସମ୍ପତ୍ତି ନିଲାମ ହୋଇ ଟଙ୍କା ଅସୁଲ ହେବ, ଜମାଦାର ଘରେ ପଶି ମାଲମତାଗୁଡ଼ାକ ବାହାରି ଡାଣ୍ଡରେ ଜମା କରୁଅଛନ୍ତି । ବର୍ଣ୍ଣିବସାରେ ଚେମଣା ପଶିଲାପରି ବୋହୂ ଭୁଆସୁଣୀଗୁଡ଼ାକ ଘରୁ ବାହାରି ଯାଇ ଉଆସ ପଛ ତୋଟାରେ କାଉଳି (୭) ହେଉଛନ୍ତି । ପୁଅ କେହି ଘରେ ନାହାନ୍ତି । ଗ୍ରାମୁକରଣ (୮) କଣ କହିବାକୁ ଯାଉଥିଲା, ଜମାଦାର ଆଖି ଦେଖାଇବାରୁ ଚୁନହୋଇ ଗାଲରେ ହାତ ଦେଇ ପିଣ୍ଡାରେ ବସିପଡ଼ିଅଛି । ମୁକୁନ୍ଦା ସମସ୍ତଙ୍କ କଥାରେ 'ହୋଇ ଆଜ୍ଞା, ହୋଇ ଆଜ୍ଞା' କହି ଲଣ୍ଡଭଣ୍ଡ ହେଉଛି ।

Source: Author, Digitized by PPRACHIN, SOA

ବାଣ୍ଡରେ ମାଲମତାଗୁଡ଼ାକ ନିଲାମ ହେଲା । ନିଲାମ ତ ନିଲାମ, ହ'ପାଣିଆ (୯) ବଳଦ ହଳକର ଦାମ୍ ସାଢ଼େ ଚାରି କି ପାଞ୍ଚଟଙ୍କା କେବେ କିଏ ଶୁଣିଥିଲା ? ଦୁହାଁଳ ଗାଈଗୁଡ଼ାକ ଟଙ୍କାଏ ଟଙ୍କାଏ, ହ'ବରଷିଆ ଛଡ଼ା ତା ସାଙ୍ଗେ ସାଙ୍ଗେ । ପ୍ରଥମେ ପ୍ରଥମେ ନିଜ ଗାଁ ଲୋକ ନିଲାମ ଡାକୁ ନଥିଲେ, ଦାମ୍ ଦେଖି ପଛକୁ ଗୋଟାକ ଉପରେ ଗୋଟାଏ ପଡ଼ିଲେ । ଜମାଦାର ତ ନିଲାମ କରି ଟଙ୍କା ଘେନି-ଗଲା; ବାକି ଯେ ଗାଈ ବଳଦଗୁଡ଼ାକ ଥିଲେ, ଏ ବିଲ ସେ ବିଲ, ଏ ବାଣ୍ଡ ସେ ବାଣ୍ଡ ଲଣ୍ଡଭଣ୍ଡ ହେଉଛନ୍ତି, ଆସୁଠିବାକୁ କେହି ନାହିଁ । ବଙ୍ଗଳା ଗୋଆଳ ଗୋଠରେ କେତେ ଗଲେଣି, କେତେ ବଣା ହୋଇ ଆଉ ଆଉ ଗ୍ରାମରେ ଉଠି-ଅଛନ୍ତି । ହଳିଆମାନେ ଦୁଇ ଦୁଇ ବରଷର ବରତନ (୧୦) ପାଇ ନ ଥିଲେ । ଶୁଣାଯାଏ ତୋଟା, ନଡ଼ିଆ ବଗିଚା, ଗୋରୁଗାଈରୁ ସେମାନେ ଅସୁଲ କରି ନେଉଛନ୍ତି ।

ଚୁଲି ଅଧାଅଧି ହେଲାଣି, ଆଣୁଧାନ (୧୧) ଶୁଝିବାର ହୋଇନାହିଁ (୧୨) । ପାଣ ହଳିଆଗୁଡ଼ାକ ପଳାଇଗଲେଣି, ଖାଲି ପଳେଇବାକୁ ନୁହେ, ଗୋରୁ ଲାଙ୍ଗୁଡ଼ ଧରି ପାରି ।

ଗାଁ'ର ତିଳପରି କଥାଟା ହାଟରେ ତାଳପରି ଫୁଲିଯାଏ, ସେ କଥାଟା ଏକା ସତ । ଚାରିଆଡ଼େ କଥା ବାଜିଛି, ଜଜ୍‌ସାହେବ ମଙ୍ଗରାଜଙ୍କ ହାତରୁ ତାଲୁକ ଛଡ଼ାଇନେଇ ଜଣେ ଓକିଲଙ୍କୁ ଦେଲେ । ସେ ଓକିଲ ଆସନ୍ତା ମକର ସଂକ୍ରାନ୍ତି ଦିନ ଦୁଇଶ' ପାଇକ ଘେନି ପାଞ୍ଚଟା ଘୋଡ଼ା, ଦୁଇଟା ହାତୀରେ ଚଢ଼ି ଗାଁ ଦଖଲ କରିବାକୁ ଆସିବ । ପ୍ରଜାମାନେ ଶୁଣି କହିଲେ, "ଘୋଡ଼ାରେ ତୋତେ ଚଢ଼ାଇ ନେବ, ନା, ସେଠି ଦାନାପାଣି ଏଠି ଦାନାପାଣି । ଯେ ରଜା ହେବ, ତାର ପ୍ରଜା ହେବୁ, ଆପଣା ଗଣ୍ଡାକ କିଏ ଛୁଇଁବ ।" ମାତ୍ର ଦୁଷ୍ଟମନପକ୍ଷିଆ ଲୋକମାନେ ଖିରି ଖୁସି । ଆପଣା ଅସୁଲ ତ ଥାଉ, ଡରରେ ନିଜରେ ମଙ୍ଗରାଜଙ୍କ ପାଇକ ଗାଁରେ ଛିଡ଼ା ହୋଇପାରୁ ନାହାନ୍ତି । ବେଗଡ଼ା (୧୩) ଲୋକେ ପାଇକମାନଙ୍କୁ ଦେଖିଲେ ଗଛପଛକୁ ଲତାଇ ଦୁଇପଦ କଥା ଶୁଣାଇଦିଅନ୍ତି ।

Source: Author, Digitized by PPRACHIN, SOA

ପରିଚ୍ଛେଦ-୨୬

ବାବାଜି ଲଳିତା ଦାସ

ଗଲା କାଲିଠାରୁ ଗାଁରେ ଖବର ଗୋଟିଏ ଚହଳ ପଡ଼ିଛି । ହାଟବାଟ, ଗାଧୁଆତୁଠ, ହାଣ୍ଡିଶାଳ, ଢେଙ୍କିଶାଳ, ଯେଉଁଠାକୁ ଯାଅ ଶୁଣ ସେହି କଥା । କେଉଁଠାରେ ତୁନି ତୁନି କଥା ଚାଲିଛି, କେହି ପାଟିକରି କହୁଛି । କେହି ଜଣେ ବୁଢ଼ାଲୁଆ (୧) ହାତ ହଲାଇ, ମୁଣ୍ଡ ହଲାଇ କଥା ମେଲୁଛି; ପାଞ୍ଚଜଣ ବସି ସ୍ଥିର ମନରେ ଶୁଣୁଛନ୍ତି । କଥାଟା ତ ନାନା ରୂପ ଧାରଣ କରି ଚାଲିଛି । ଆମ୍ଭେମାନେ ତାହାର ସାରାଂଶ ଆପଣଙ୍କୁ ଶୁଣାଇବୁ ।

ମଙ୍ଗରାଜେ କଟକ ଯିବା ସାତଦିନଠାରୁ ପୁରୁଷୋତ୍ତମରୁ ଗୋଟିଏ ବାବାଜି ଆସି ଗୋବିନ୍ଦପୁରର ଭାଗବତଘରେ ମଠ କରିଛନ୍ତି । ବାବାଜିଙ୍କ ନାମ ଲଳିତା ଦାସ, ବୟସ ଅଧୋଡ଼ା (୨), ବର୍ଣ୍ଣ ଶ୍ୟାମଳ, ଦେହଟା ଥାବୁଲଥୁବୁଲ୍, ମୁଣ୍ଡଟି ଲଣ୍ଡା ମଝିରେ ତରଭୁଜ ଡେମ୍ଫପରି ଚୁରୁକି (୩), ବେକରେ ମୋଟା ମୋଟା ତୁଳସୀ କଣ୍ଠି ପାଞ୍ଚଫେର (୪) ବସିଛି । ବାବାଜି ମୁହୁଁଅନ୍ଧାରରୁ ଉଠି ପ୍ରାତଃସ୍ନାନ ସାରି ନାସାଗ୍ରରୁ କେଶ ପର୍ଯ୍ୟନ୍ତ ଚିତା ଆଉ ଡେଡ୍ ଲେଟର ଅଫିସରୁ ବେରିଂ ଚିଠି ବାହୁଡ଼ିଲା ପରି ସର୍ବାଙ୍ଗରେ ଛାପା ଲଗାଇ ହରିନାମ ଶୁଣାଇବା ସକାଶେ ଗ୍ରାମକୁ ବାହାରନ୍ତି । ପରିଧାନ (୫) କୌପୀନ, ତାହା ଉପରେ ବହିର୍ବାସ (୬), ପିଠିରେ ନାମାବଳୀ, ହାତରେ ଝୁଲି । ବାବାଜି ଗ୍ରାମରେ ବୁଲି ଲୋକମାନଙ୍କୁ ହରିନାମ ଶୁଣାନ୍ତି, ସନ୍ଧ୍ୟା ସମୟରେ ଖଞ୍ଜଣି ବଜାଇ କୀର୍ତ୍ତନ ଗାନ୍ତି, ତହିଁ ଉତ୍ତାରେ ଚୈତନ୍ୟ ଭାଗବତପାଠ । ସନ୍ଧ୍ୟା ସମୟରେ ଭାଗବତଘରେ ଭାରି ବୈଠକ ହୁଏ, ଗ୍ରାମର ବୁଢ଼ାବାଲୁଆ ଦଶ ବାର ଜଣ ତନ୍ତ୍ରୀ ଭେକ ନେବାର କଥା ହେଲାଣି । ବାବାଜିଟି ଭାରି ନିର୍ଲୋଭ, କେହି କିଛି ଦେଲେ, "ହରେ କୃଷ୍ଣ, ହରେ କୃଷ୍ଣ" କହନ୍ତି । ଏପରି ସାଧୁ କେବେ କାହିଁ ଦେଖା ନାହିଁ । ଆଜକୁ ଦୁଇ ଦିନ ହେଲା ବାବାଜି କାହିଁ ଅନ୍ତର୍ଦ୍ଧାନ ହୋଇଗଲେଣି; ସାଙ୍ଗେ ସାଙ୍ଗେ ମଙ୍ଗରାଜଙ୍କ ଉଆସର ମରୁଆକୁ ଖୋଜାପଡ଼ୁଛି । କେହି କେହି କହନ୍ତି, ସେ ବାବାଜି ସାଙ୍ଗରେ ବୃନ୍ଦାବନ-ଧାମକୁ ଚାଲିଗଲା । ବାସ୍ତବରେ ସେ ଯଦି ସାଧୁ ସହବାସରେ ତୀର୍ଥଯାତ୍ରା ଉଦ୍ଦେଶ୍ୟରେ ବାହାରିଯାଇଥାଏ ତେବେ ଆମ୍ଭେମାନେ ତାହାର ଚରିତ୍ର ବିପକ୍ଷରେ କୌଣସି ମନ୍ତବ୍ୟ ପ୍ରକାଶ କରିବାଦ୍ୱାରା ସାଧୁ ଏବଂ ସାଧ୍ୱୀଙ୍କର (୭) ନିନ୍ଦାଜନିତ ମହାପାତକ ଅର୍ଜନ କରିବାକୁ ଅନିଚ୍ଛୁକ । କେବଳ ଗୋଟାଏ କଥା ଶୁଣିବାବେଳୁ ମନଟା କିପରି ଗୁଡ଼େଇପୁଡ଼େଇ ହେଉଛି । ମରୁଆ ସାନବୋହୂଙ୍କର ଭାରି ବିଶ୍ୱାସୀ ଥିଲା, ସବୁବେଳେ ତାଙ୍କର ପାଖରେ ଥାଏ । ମରୁଆ ସହିତ ସାନବୋହୂଙ୍କ

Source: Author, Digitized by PPRACHIN, SOA

ବାକ୍ସରେ ଥିବା ଅଳଙ୍କାରଗୁଡ଼ିକ ମଧ୍ୟ ମିଳୁନାହିଁ । ବାପଘରୁ ଏବଂ ଶାଶୁଘରୁ ବିଭା ସମୟରେ ମୁହଁଗୁହାଣି ଯାହା ନଗଦ ଟଙ୍କା ପାଇଥିଲେ, ତାହା ମଧ୍ୟ ବାକ୍ସରେ ଥିଲା । ବାକ୍ସ ମେଲା ହୋଇ ପଡ଼ିଛି, ପଦାର୍ଥ କିଛି ନାହିଁ । ସମସ୍ତେ ମାଲ ସହିତ ମରୁଆର ସମ୍ପର୍କ ରଖି କଥା କହୁଛନ୍ତି । ସାନବୋହୂ ତ ସାଙ୍ଗ୍ ଡକାପାଡ଼ୁଛନ୍ତି । ସମସ୍ତେ ଡକାପାଡ଼ି ରୁଦ୍ଧ ହେଲେ, ମରୁଆକୁ ଖୋଜିବାକୁ କିଏ ଯାଉଛି ?

ଯେଉଁ ଦୁଆରେ ତନ ନାହିଁ, ଘଡ଼ ନାହିଁ, ଲୋକ ଯିବା ଆସିବା ଗହଳ ଲାଗିଥିଲା, ସେ ଦୂବ ମାଡ଼ିଗଲାଣି ।

ସାର କଥା, କେତେଟା ମାସ ମଧ୍ୟରେ ସମ୍ପତ୍ତି, ଗୌରବ, ଆଧିପତ୍ୟ ସବୁ ଛାରଖାର ହୋଇଗଲାଣି ।

"ନିର୍ଜଗାମ ଯଦା ଲକ୍ଷ୍ମୀଃ
ଗଜଭୁକ୍ତକପିତ୍ଥବତ୍ ।" (୧)

ପରିଚ୍ଛେଦ-୨୭

ଅପୂର୍ବ ମିଳନ

ମନୁଷ୍ୟ ଆପଣା କର୍ମଫଳ ଭୋଗକରେ । ତୁମ୍ଭେ ଭଲ ଅବା ମନ୍ଦ ଯେପରି କର୍ମ କରିବ, ତହିଁର ପ୍ରତିଫଳ ଅବଶ୍ୟ ତୁମ୍ଭଙ୍କୁ ଭୋଗ କରିବାକୁ ହେବ । ହେ ବୁଦ୍ଧିମାନ୍ ! ତୁମ୍ଭେ ଅତି ନିର୍ଜନରେ, ଅତି ସାବଧାନରେ କିଛି କର୍ମ କରି ମନେ-କରୁଛ, ମନୁଷ୍ୟର ଦୃଷ୍ଟିରେଖାର ଅନ୍ତରାଳରେ ରହିଛ । ଭୂମିରେ ଗୋଟିଏ କ୍ଷୁଦ୍ର ବୀଜ ପୋତିବାବେଳେ କେହି ଦେଖିନାହିଁ ସତ୍ୟ; ମାତ୍ର ସେଥିରୁ ଜାତ ବୃକ୍ଷର ମନୁଷ୍ୟନେତ୍ର ଅତିକ୍ରମ କରିବାର ଉପାୟ ନାହିଁ । ପୁଣି ତୁମ୍ଭେ ଯେଉଁ ବୃକ୍ଷ ରୋପଣ କଲ, ତାହାର ଫଳ ତୁମ୍ଭଙ୍କୁ—କଦାଚିତ୍ ବଂଶପରମ୍ପରାକୁ ଭୋଗ କରିବାକୁ ହେବ । ହେ ବଳବାନ୍ ଧନବାନ୍ ଗର୍ବିତ ! ତୁମ୍ଭେ ଯାହାକୁ ଅତି ସାମାନ୍ୟ ଲୋକ ବୋଲି ତୁଚ୍ଛଜ୍ଞାନ କରୁଛ, ଦିନେ ତାହାଦ୍ୱାରା କି କାର୍ଯ୍ୟ ସାଧିତ ହୋଇପାରେ, ତୁମ୍ଭେ ତାହା ଜାଣ ନାହିଁ । ବଙ୍ଗ, ବିହାର, ଓଡ଼ିଶାର ସୁବାଦାର ଗୋଟିଏ ସାମାନ୍ୟ ଫକିର ପ୍ରତି ଅତ୍ୟାଚାର କରି ରକ୍ଷା ପାଇପାରି ନାହାନ୍ତି । ଶିକ୍ଷାଗୁରୁ ଗୋବିନ୍ଦ

Source: Author, Digitized by PPRACHIN, SOA

ଜଣେ ସାମାନ୍ୟ ମୁସଲମାନର ଉପକାର କରି ପ୍ରାଣସଙ୍କଟ ଘୋର ବିପଦରୁ ରକ୍ଷା ପାଇଥିଲେ । ସେ ଐତିହାସିକ ବଡ଼ ବଡ଼ କଥା ଗୁଡ଼ିଏ ଥାଉ । ବାଘସିଂହ ଘରେ ଚୌକିଆ ଥିବା ହେତୁରୁ ରତନପୁରର ଯେଉଁ ଡମମାନଙ୍କୁ ଆମ୍ଭମାନଙ୍କ ମଙ୍ଗରାଜେ ଚଲାଣ୍ କରି ଜେଲ୍ ଦିଆଇଥିଲେ, ଘଟଣାସୂତ୍ରରେ ଆଜି ସେହିମାନଙ୍କ ହାତରେ ଲାଞ୍ଛନା ଭୋଗ କରିବାକୁ ହେଲା ।

ରତନପୁର ମୌଜାର ଡମମାନେ ପ୍ରଥମ ଦିନ ମଙ୍ଗରାଜଙ୍କୁ ଜେଲଖାନାରେ ଦେଖି—ସଙ୍ଗାତ ତ ଥଇଲେ—ଶ୍ୱଶୁର ଥଇଲେ—ସାଆନ୍ତେ ଥଇଲେ—କହି ହସି ହସି ଠାପରା କରି ତାଙ୍କୁ ଦଣ୍ଡବତ କରିଥିଲେ । କେହି ଜଣେ ଧନବନ୍ତ ବଡ଼ଲୋକ ଜେଲ୍ ଗଲେ, ପୁରୁଣା ସରଦାର କଏଦୀମାନେ କିଛି ପାଇବା ଆଶାରେ ତାହାପ୍ରତି ଅତ୍ୟାଚାର କରିଥାନ୍ତି । ମଙ୍ଗରାଜେ ରତନପୁରିଆଙ୍କ ସାଙ୍ଗରେ ଘଣା ପେଲିବା ସମୟରେ ତାଙ୍କ ଉପରେ ଗୋଇଠାଟାଏ, ଖୁନ୍ଦାଟାଏ ବାଜିଯାଉଥାଏ ।

ଆମ୍ଭେମାନେ ଗୋଟିଏ କଥା କହିବାକୁ ଭୁଲିଯାଇଛୁ । ମିଥ୍ୟା ସାକ୍ଷ୍ୟ ଦେବା ଅପରାଧରେ ଗୋବରା ଜେନାର କଠିନ ପରିଶ୍ରମ ସହିତ ଏକ ବର୍ଷ ମିଆଦ ହୋଇଯାଇଛି ।

ଦିନ କାହାରିକୁ ଅନାଇ ବସି ରହେନାହିଁ । ଚିରକାଳ ସମାନଭାବରେ ଦିନ ରାତି ବହିଯାଇଛି । ମଙ୍ଗରାଜେ ଘଣା ପେଲୁଛନ୍ତି ବୋଲି ଯେ ଦିନ ଅଟକି ରହିବ, ଏମନ୍ତ କିଛି ନୁହେଁ । ଲୋକେ କହନ୍ତି, 'ସୁଖର ଦିନ ଘୋଡ଼ାରେ ଧାଏଁ; ଦୁଃଖର ଦିନ ହାତୀରେ ଚଢ଼ି ଯାଏ ।' ତୁମେ ଯାହା କହ, ଦିନ ତାହାର ନିଜର କାର୍ଯ୍ୟ ଭଲ ବୁଝେ । ତାହାର ଆଠ ପହରରୁ ନିମିଷେ ଆଡ଼ବାଙ୍କ (୧) ହେବାର ନାହିଁ । ଏକ—ଦୁଇ—ତିନି—ଚାରି ଦିନ କରି ମଙ୍ଗରାଜଙ୍କ ଜେଲ୍ ମିଆଦ ଦୁଇ ମାସ କଟିଗଲାଣି ।

ସେ ଯେଉଁ ବଖରାରେ ଶୋଉଥିଲେ, ସେ ବଖରାଟା ମରାମତି କରାଯିବାର ପ୍ରୟୋଜନ ହେବାରୁ ତାଙ୍କୁ ଅନ୍ୟ ଗୋଟିଏ ବଖରାକୁ ନିଆଗଲା । ଜେଲଖାନାରେ ଗୋଟିଏ ଗୋଟିଏ ବଖରାରେ ଆଠଟି ଲେଖାଏଁ ମାଟିରେ ପିଣ୍ଡି ବନ୍ଧାଥାଏ । ରାତିରେ କମ୍ବଳ ପାରି ସେଥିରେ ଆଠଜଣ କଏଦୀ ଶୁଅନ୍ତି । ଦୈବାତ୍ ରତନପୁର ମୌଜାର ଛ ଜଣ ଡମ, ଗୋବରା ଜେନା ଏବଂ ମଙ୍ଗରାଜେ ଏହି ଆଠଜଣ ଗୋଟିଏ ବଖରାରେ ରହିଲେ ।

ଚାରିଦିନ ତଳେ ମଙ୍ଗରାଜଙ୍କ ଉପରେ ଆଉ ଗୋଟାଏ ବିପଦ ଘଟିଯାଇଛି । ଆଜିକାଲି କଟକ ଦରଘାବଜାରରେ ଯେ ଗୋଟିଏ ପାଗଳଖାନା ଅଛି, ଏପରି ପୂର୍ବେ ନ ଥିଲା । ବାୟାମାନଙ୍କୁ ଜେଲଖାନାରେ ବନ୍ଦୀ କରି ରଖାଯାଉଥିଲା ।

Source: Author, Digitized by PPRACHIN, SOA

ମଙ୍ଗରାଜଙ୍କ ରହିବା କୋଠରିର କିଛି ଦୂରରେ ପାଗଳାଗାରଦ । ସେଠାରେ ଗୋଟିଏ ଭୟଙ୍କର ବାଯ୍ୟା ଥିଲା । ସେ ରାତିସାରା ଶୁଏ ନାହିଁ, ମୋ ସାରିଆ, ମୋ ଛମାଣ ଆଠଗୁଣ୍ଠ କହି ନାଚେ, ଚଳମାରେ, ଡକାପାଡ଼େ, ହସେ । ସେ ମଙ୍ଗରାଜଙ୍କୁ ଦେଖିଲେ ସର୍ବଦା କାମୁଡ଼ିବାକୁ ଧାଏଁ । ବରକନ୍ଦାଜମାନେ ଧରାଧରି କରି ରଖନ୍ତି । ସେଦିନ ହଠାତ୍ ଧାଇଁଆସି ମଙ୍ଗରାଜଙ୍କ ନାକ କାମୁଡ଼ିପକାଇ ଛିଣ୍ଡାଇ ଦେଇଅଛି ।

ଆଜି ଜେଲଖାନା ଦୁଆରେ ଭାରି ଗୋଳମାଳ, ଦୁଇଗୋଟା ରୋଗୀ ପଡ଼ିଛନ୍ତି । ଗୋଟିଏ ଶୁଖୁ ଶୁଖୁ ହେଉଥିଲା, ମରିଗଲା । ଆଉ ଗୋଟାକୁ ଧୂଆଧୋଇ କରି ନେଟିଭ ଡାକ୍ତର ଓ କମ୍ପାଉଣ୍ଡର ପଟି ବାନ୍ଧିଦେଉଛନ୍ତି ।

ବେଳ ୯ ଘଣ୍ଟା ସମୟରେ ଡାକ୍ତର ସାହେବ ଆସି ଲାସ୍ ମାଇନା କଲେ; ରୋଗୀର ସର୍ବାଙ୍ଗ ପରୀକ୍ଷା କଲେ । ଜେଲ୍ ଦାରୋଗା ରେଜିଷ୍ଟ୍ରାରି ବହି ଦେଖି କହିଲେ—

ଲାସ—୧୭୭ ନମ୍ବର, କଏଦୀ ଗୋବରା ଜେନା ।

ରୋଗୀ—ନ ୧୫୭, କଏଦୀ ରାମଚନ୍ଦ୍ର ମଙ୍ଗରାଜ । ରୋଗୀର ସର୍ବାଙ୍ଗ ସ୍ଥାନେ ସ୍ଥାନେ ଫୁଲିଛି, ନାକଦଣ୍ଡା ଫାଟିଯାଇ ରକ୍ତ ବହୁଛି, ସମୟ ସମୟରେ ରକ୍ତବାନ୍ତି ହେଉଛି । ଡାକ୍ତର ସାହେବ ରୋଗର କାରଣ ମାଡ଼ ବୋଲି ସ୍ଥିର କଲେ ।

ଖୁବ୍ ତଦାରଖ ହେଲା; ଧୁମଧାମ୍ ହେଲା, କିଏ ମାଡ଼ ମାରିଲା ସ୍ଥିର ହେଲା ନାହିଁ । ରୋଗୀର କଥା କହିବାର ଶକ୍ତି ନାହିଁ । କେବଳ ଗତ ରାତିରେ ପହରା ବରକନ୍ଦାଜ ଅର୍ଦ୍ଧରାତ୍ର ସମୟରେ ଦୁମ୍‌ଦାମ୍-ଗୁମ୍‌ଗାମ୍ ଶବ୍ଦ ଶୁଣିଥିବାର ସାକ୍ଷ୍ୟ ଦେଲା । ଓମ ଛ'ଜଣ ସାକ୍ଷ୍ୟ ଦେଲେ, କଏଦୀ ଦୁଇଜଣ ପରସ୍ପର ବାଡ଼ଆ-ବାଡ଼େଇ ହୋଇଅଛନ୍ତି ।

ମକଦ୍ଦମା ତଦାରଖି ଖତମ୍ ହେଲା । ଡାକ୍ତର ସାହେବ ହୁକୁମ ଦେଲେ ରୋଗୀର ବଞ୍ଚିବାର ସମ୍ଭାବନା ବିରଳ, ତାହାର ଜ୍ଞାତିବନ୍ଧୁ ଇଚ୍ଛା କଲେ ଚିକିତ୍ସା ସକାଶେ ଘରକୁ ନେଇଯାଇପାରନ୍ତି । ପୋଲିସ ଥାନାଦ୍ୱାରା ଗୋବିନ୍ଦପୁରରେ ସାହେବଙ୍କ ହୁକୁମ ପହଞ୍ଚିଲା ।

ପୁଅମାନେ ଧାନଅମାର ଉଳପୋଛ ପ୍ରାପ୍ତ କରିଦେଲେଣି (୨) । ସେମାନେ ବାପକୁ ଚିହ୍ନନ୍ତି । ଫେରିଅଇଲେ କି ରକ୍ଷା ? କେଉଁ ବୁଦ୍ଧିମାନ୍ ଲୋକ ଜାଣି ଜାଣି ଆପଣା ବିପଦକୁ ଡାକିଆଣେ ? "ଆତ୍ମା ନଂ ସତତଂ ରକ୍ଷେତ୍" (୩)—ଏ ନୀତିବାକ୍ୟଟା ସମସ୍ତଙ୍କୁ ଜଣା ।

Source: Author, Digitized by PPRACHIN, SOA

ବୁଢ଼ା ହଳିଆ ମୁକୁନ୍ଦା ଲଣ୍ଡଭଣ୍ଡ ହୋଇ ଦୁଇଟା ଅଣ୍ଡିସ୍ (୪) ଘୃଷ ଛଟା ପହୁଣ ସଜ (୫) ବାକିଦେଇ ଖଣ୍ଡେ ଡୋଲି ଧରି ତରବର ହୋଇ କଟକ ଧାଇଁଲା ।

ପରିଚ୍ଛେଦ-୨୮

ଉପସଂହାର

ଛଅମାସ ତଳେ ତୁଳସୀଚଉରା ପାଖରେ ସାଆନ୍ତାଣୀ ଯେପରି ପଡ଼ିଥିବାର ଦେଖାଯାଇଥିଲା, ଠିକ୍ ସେହି ସ୍ଥାନରେ ଠିକ୍ ସେହିପରି ଉପରକୁ ମୁହଁକରି ପୁରୁଣା କତରା ଖଣ୍ଡିକରେ ମଙ୍ଗରାଜେ ପଡ଼ିଛନ୍ତି । ହାତଗୋଡ଼ ନଡ଼ ନଡ଼ ହେବାକୁ ନାହିଁ, ଆଖି ପଲକ ପଡ଼ୁନାହିଁ, ଏକଧ୍ୟାନରେ ଉପରକୁ ଚାହିଁରହିଛନ୍ତି । ଶିବା ଚମାର, କାର୍ତ୍ତିକ ନାୟକ ଦୁଇଜଣ ବୈଦ୍ୟ ଲାଗିଥିଲେ, କାଲି ସଞ୍ଜରୁ ଜବାବ ଦେଇ ଅଲଗା ହୋଇଗଲେଣି । ଗୋପିଆ ତନ୍ତୀ ଓରଫ୍ ଗୋପୀ କବିରାଜେ ଜଣେ ଡାକଫୁକାର (୧) ଟାଣୁଆ ବୈଦ୍ୟ । ଚାରିଖଣ୍ଡ ଗ୍ରାମର ଲୋକେ ତାହାଙ୍କୁ ଜାଣନ୍ତି, ଯମରାଜ ତାହାର ନାକ ପୋଛିବାର ଡର ଥାଏ ନାହିଁ । ସକାଳୁ ଉଠି ପାଛୁଡ଼ାଟା ଅଣ୍ଟାରେ ଭିଡ଼ିଦେଇ, କାନ୍ଧରେ ନାଲିଆ ଗାମୁଛା ପକାଇ, କାଖତଳେ ଔଷଧ ବଟୁଆ ଝୁଲାଇଦେଇ, ବାଙ୍କମୁଣ୍ଡି ମୂଲିଆ ବାଉଁଶବାଡ଼ି ହାତରେ ଧରି ରୋଗୀ ଖୋଜିବାକୁ ବାହାରେ । ବଟୁଆ ମଧ୍ୟରେ ବାତ୍ରିଶ ନିଦାନ (୨) ରୋଗର ଔଷଧ ବଟିକା ଅଲଗା ତସର ଲୁଗାରେ ସାଇତା ଅଛି । ଗୋପୀର ବଡେଇ (୩) ଜଣେ ନାମଜାଦା ବୈଦ୍ୟ ଥିଲେ, ତାଙ୍କ ଔଷଧ ରୋଗୀ ଦେହରେ ଚକମକି ପଥରପରି ଲାଗିଯାଏ । ତାଙ୍କ ହାତତିଆରି ବଟିକା ଗୋପୀ ଆଜଯାଏ ସାଇତି ରଖିଛି ।

ଗୋପୀ ମଲ୍ଲୁ ବରଛଣା ଡାହାଣ ପାଖରେ ବସି ଢେର୍ ବେଳଯାଏ ନାଡ଼ି ଚିପିଲେ, ଉପରକୁ ଅନାଇ, ଆଖିବୁଜି, ବାତ୍ରନପିତ୍ତ ରୋଗ ଅନୁମାନ କଲେ । ମୁକୁନ୍ଦା ଭକଭକ କରି କବିରାଜଙ୍କ ମୁହଁକୁ ଚାହିଁଥାଏ । ପଚାରିଲା, "କବିରାଜେ, କଣ ଦେଖିଲ ?" କବିରାଜେ ଗମ୍ଭୀରଭାବରେ ସ୍ଥିରହୋଇ ବସି କହିଲେ, "ଏଁ, ବୋଇଲା, 'କଣ୍ଠାଶ୍ଳେଷପ୍ରଣୟିନ ଜନେ କିଂ ପୁନର୍ଦୂରସଂସ୍ଥେ" (୪)—ବୋଇଲା, କଣ୍ଠରେ ତ ଶ୍ଳେଷ୍ମା ଲାଗିଲେ ପ୍ରାଣ ଯାଏ, ସେ ପୁଣି ଦୂରକୁ ଚାଲିଗଲେ କଣ

Source: Author, Digitized by PPRACHIN, SOA

ହେବଟି ? ହେଲେ ମୁଁ ଏମାନଙ୍କ ପରି ଅପାଠୁଆ କବିରାଜ ହୋଇଛୁ ? ଦେଖ, ମୁଁ ରୋଗକୁ କାନରେ ବାନ୍ଧିନେବି । କବିରାଜେ ଏହା କହି କାନରେ ଗଣ୍ଠି ପକାଇଲେ ।

ମୁକୁନ୍ଦା ପଚାରିଲା, "ମଜ୍ଜୁର ଗୋଟାଏ ଗୋଟାଏ ଜାଗା ଫୁଲିଛି କିଁଆ ?"

କବିରାଜେ—"ଏଁ, ବୋଇଲା, 'ସ୍ତଣ୍ଠାଦଷ୍ଟଗୁଣଂ ଶୋଥଂ' (୫) । ବୋଇଲେ ଶ୍ଲେଷ୍ମାଦୋଷ ଗୁଣରୁ ଶୋଥ ହୁଏ । ହେଉ, ଭାବନା ନାହିଁ, କସ୍ତୁରୀ ପେଟରେ ପଡ଼ିଲେ ସବୁ ଶୁଖିଯିବ । 'କସ୍ତୁରୀ ତିଳକଂ' ପେଟକୁ ଦିଆଯିବ, ଆଉ ତିଳକ କରି ଦେବାକୁ ହେବ ।" କବିରାଜେ ମୁକୁନ୍ଦା ପାଖରୁ ନଗଦ ଚାରିଅଣା ପଇସା ନେଇ ଦେଢ଼ମାତ୍ର (୬) କସ୍ତୁରୀ ବଟୁଆରୁ କାଢ଼ିଲେ । ଏହାକୁ ଅନୁପାନ ଦରକାର । କବିରାଜେ ବୋଇଲେ, 'ପାଠ କହୁଛି, ମୁସ୍ତକଂ (୭) କଟୁକୀ (୮) ରାଜୀ (୯) ଶୁଣ୍ଠି (୧୦) ପିପ୍‌ଲୀ ଏବ ଚ (୧୧) । ଏଁ, ବୋଇଲା, ରାଜୀରେ ଶୁଣ୍ଠି ପିପ୍‌ଲୀ ବଚ (୧୨) ମୁଥାମାରି କୁଟିବ ।" ମୁକୁନ୍ଦା ପଚାରିଲା, "କେତେ ଲେଖାଏଁ ଏ ସମସ୍ତ ପଦାର୍ଥ ଆସିବ ?'

କବିରାଜେ—"ଏଁ—ବୋଇଲା, 'ଅନୁପାନ (୧୩) ବିଶେଷଣ କରୋତି ବିବଧାନ ଗୁଣାନ୍ ।' ବୋଇଲା, ଅନୁମାନ ବିଶେଷକରି କି ଅଧିକ କରିଦେଲେ ବିଧା ମାରିଲାପରି ଗୁଣ ହେବ ।"

କବିରାଜେ ରୋଗର ବ୍ୟାଖ୍ୟା ଏବଂ ଔଷଧର ବ୍ୟବସ୍ଥା କରୁ କରୁ ରୋଗୀ ଅଥୟ ହୋଇପଡ଼ିଲାଣି, କ୍ରମଶଃ ନିଶ୍ୱାସ ବନ୍ଦପଡ଼ୁଛି, ଦୁଇ ଆଖି କୋଣରୁ ଦୁଇ ଟୋପା ଜଳ ଗଡ଼ିପଡ଼ିଲାଣି । ମଙ୍ଗରାଜେ ଚିରଦିନ ହେଲା ପଡ଼ିଛନ୍ତି, ଏକଧ୍ୟାନରେ ଆକାଶକୁ ଚାହିଁ ପଡ଼ିଛନ୍ତି । କେତେବେଳେ ଟିକିଏ ଆଖି ଲାଗିଗଲେ ହାଉଳି ଖାଇଲାପରି ଚମକିପଡ଼ି କହନ୍ତି, "ଅ—ମା—ଆ ଗୁଁ ।" ସ୍ୱର କ୍ଷୀଣ, କ୍ରମଶଃ କ୍ଷୀଣତର, କିଛି ବୁଝାଯାଉ ନାହିଁ । ତାଙ୍କୁ ଟିକିଏ ଢୁଳାଇନିଦ ଲାଗିଲେ ଦେଖନ୍ତି ଆକାଶରେ ଏକ ଭୟଙ୍କରୀ ମୂର୍ତ୍ତି, ବିଶାଳ ମୁଣ୍ଡର ବାଳ ମୁକୁଳା; ମୁହାପରି ବଡ଼ ବଡ଼ ଧଳା ଧଳା ଦାନ୍ତ, ଦୁଇ ଚିହ୍ନ ହାତ ଲମ୍ବ ଜିଭ ଲହଲହ କରି ତାଙ୍କୁ ଖାଇବାକୁ ଧାଇଁଛି । ମଙ୍ଗରାଜଙ୍କ ମନରେ ହୁଏ, ଉନ୍ନୀସାହିରେ ଭଗିଆ ତନ୍ତୀ ପିଣ୍ଡାରେ ଗୋଟିଏ ସ୍ତ୍ରୀ ଜଣି (୧୪) ବୁଲୁଥିବାର ଦେଖିଥିଲେ । ସେହି ସ୍ତ୍ରୀମୂର୍ତ୍ତି ଭୟଙ୍କର ବିକଟାଳ ରୂପ ଧାରଣ କରି ଏହିପରି ବିକୃତ ଅବସ୍ଥାକୁ ପ୍ରାପ୍ତ ହୋଇ-ଅଛି । ଏ ସେହି ମୂର୍ତ୍ତି ଯେମନ୍ତ ବଜ୍ରସ୍ୱରରେ, କହୁଛି, "ମୋ ଛମାଣ ଆଠଗୁଣ୍ଠ ଜମି ଦେ ।" ମଙ୍ଗରାଜେ ହାଉଳିଖାଇ କହନ୍ତି, "ଅ—ମା—ଆ—ଗୁଁ ।"

Source: Author, Digitized by PPRACHIN, SOA

ମଙ୍ଗରାଜଙ୍କର ଆଉ ଥରେ ଆଖି ଲାଗିଲା । ଦେଖିଲେ ଗୋଟାଏ ଭୟଙ୍କର ନରକଙ୍କାଳ ବିକଟାସ୍ୟରେ ଦେହ ଲମ୍ବାଇ ମୁଖ ବ୍ୟାଦାନ (୧୪) ପୂର୍ବକ ତାଙ୍କୁ ଗ୍ରାସ କରିବା ନିମନ୍ତେ ଯେମନ୍ତ ଏକଧ୍ୟାନରେ ଶାରଦରେ ସ୍ଥିରହୋଇଅଛି । ତାଙ୍କୁ ଭଲଭାବରେ ଜଣାଗଲା, ଯାହାର ଜମି ଛଡ଼ାଇନେବାରୁ ଅନାହାରରେ ଶୁଖି ଶୁଖି ପ୍ରାଣତ୍ୟାଗ କରିଥିଲା, ଏଇଟି ସେହି ମୂର୍ତ୍ତି । ଆଉ ଦେଖିଲେ, ଭଗିଆପରି ସହସ୍ର ସହସ୍ର ବାସ୍ୱା ଆକାଶମାର୍ଗସ୍ଥ ଘୋର କଳା ମେଘ ମଧ୍ୟରୁ ବାହାରୁଅଛନ୍ତି, ସମସ୍ତଙ୍କ ହସ୍ତରେ ଖଡ଼୍‌ଗ ଏବଂ ଲୁହାର ମୁଦ୍‌ଗର । ଏକାବେଳକେ ସମସ୍ତ ମୁଦ୍‌ଗର ତାଙ୍କ ମୁଣ୍ଡରେ ପଡ଼ିଲାପରି ଜଣାଗଲା । ମଙ୍ଗରାଜେ ରଡ଼ି ଗୁଡ଼ି ପକେଇବାକୁ ବାହାରିଛନ୍ତି, ଦେହରେ ଶକ୍ତି ନାହିଁ, ପାଟି ଫିଟୁ ନାହିଁ । ମଙ୍ଗରାଜେ ଅନାୟତ୍ତ ହୋଇ ସେହି ଅନାଥଶରଣ ପତିତପାବନ ଭଗବାନଙ୍କ ପବିତ୍ର ନାମ ହୃଦୟ ମଧ୍ୟରେ ଚିନ୍ତା କରିବାକୁ ଲାଗିଲେ ।

ସେ ଦେଖିଲେ—ଅନନ୍ତ ଆକାଶରେ ସୂର୍ଯ୍ୟମଣ୍ଡଳର ଅତି ଊର୍ଦ୍ଧ୍ୱରେ ରତ୍ନସିଂହାସନରେ ଗୋଟିଏ ଜ୍ୟୋତିର୍ମୟୀ, ଶାନ୍ତିମୟୀ, ଆଶାପ୍ରଦାୟିନୀ ସ୍ତ୍ରୀମୂର୍ତ୍ତି ବିରାଜିତା । ପୂର୍ବ ପୂର୍ବ ପୀଡ଼ା ସମୟରେ ସେ ମୂର୍ତ୍ତି ଶଯ୍ୟାପାଖରେ ବସି ମଙ୍ଗରାଜଙ୍କ ଦେହରେ କୋମଳ ହସ୍ତ ବୁଲାଉଥିଲେ । ବିମାନବାସିନୀ ଲାବଣ୍ୟମୟୀ ମୂର୍ତ୍ତି ସେ ମୂର୍ତ୍ତିର ପ୍ରତିଚ୍ଛାୟା ଅଟେ । ସେହି ମୂର୍ତ୍ତି ଅଙ୍ଗୁଳି ସଙ୍କେତ କରି ମଙ୍ଗରାଜଙ୍କୁ ପାଖକୁ ଡାକୁଛନ୍ତି । ମଙ୍ଗରାଜଙ୍କ ଆତ୍ମା ସେହି ମୂର୍ତ୍ତିକୁ ଲକ୍ଷ୍ୟ କରି ଧାବିତ ହେଲା । ମଙ୍ଗରାଜଙ୍କ ଉଆସରେ ଚହଳ ପଡ଼ିଗଲା । ହରି ବୋଲ, ହରି ବୋଲ, ହରି ହରି ବୋଲ ।

Source: Author, Digitized by PPRACHIN, SOA

ପରିଚ୍ଛେଦ-୧

୧ । ଆଡ଼େ—ପ୍ରସ୍ଥରେ, ୨ । ପାରଣା—ଉପବାସ ପରେ ପ୍ରଥମ ଭୋଜନ, ୩ । ଚିଗୁ—ଅଳ୍ପ ପରିମାଣରେ, ୪ । ଭୁଚ୍ଛା—ଶୂନ୍ୟ, ଖାଲି, ୫ । ନଉଡ଼ି—ଗଉଣି, ୬ । ପଳ—ଚାରିତୋଳା ପରିମାଣ, ୭ । ସେବା କରନ୍ତୁ—ଭୋଜନ କରନ୍ତୁ ୮ । ଛପା—ଲୁଚି ରହିବା, ୯ । ନିଖରାଜ—ନିଷ୍କର ଭୂମି, ୧୦ । ମୂଳିକା—ମୁଖଲଜ୍ଜା, ୧୧ । ଗୁହା—ସାକ୍ଷୀ, ୧୨ । ହରିବାସର—ଏକାଦଶୀ, ୧୩ । ନାଚାର ହାଲତ—ନିରୁପାୟ ଅବସ୍ଥା, ୧୪ । ଓର—ସୁବିଧା, ୧୫ । ପଳାଣ୍ଡୁ—ପିଆଜ, ୧୬ । ଗୁଞ୍ଜନ—ଗାଜର ।

ପରିଚ୍ଛେଦ-୨

୧ । ଛେଉଣ୍ଡ—ପିତୃମାତୃହୀନ ସନ୍ତାନ, ୨ । ପରିମିତବ୍ୟୟିତା—ସଂଯତଭାବେ ଖର୍ଚ୍ଚ କରିବା, ୩ । ସଦରଜମା—ସରକାରଙ୍କୁ ଦେୟ ରାଜସ୍ୱ, ୪ । ବାହେଲ—ନିଷ୍କର ଜମି, ୫ । ବାଜ୍ୟାପ୍ତି—ଯେଉଁ ଜମି ପୂର୍ବେ ନିଷ୍କର ଥିଲା; ମାତ୍ର ପରେ ଯହିଁରେ ରାଜସ୍ୱ ଧାର୍ଯ୍ୟ ହୋଇଅଛି, ୬ । ସରିକଦାର—ଅଂଶୀଦାର, ୭ । ଇଲାକା—ବିଭାଗ, ୮ । ରଫା—ନିଷ୍ପତ୍ତି, ମୀମାଂସା, ୯ । ମଥୋଟ—ବିଭିନ୍ନ ବ୍ୟକ୍ତିଙ୍କଠାରୁ ଆଦାୟ ହୋଇଥିବା ପରିମାଣର ସର୍ବମୋଟ, ୧୦ । ବିଶ୍ୱା—ଏକ ଗୌଣିର ଷୋଳଭାଗରୁ ଏକଭାଗ, ୧୧ । କାଣି—ଏକ ବିଶ୍ୱାର ଚତୁର୍ଥାଂଶ, ୧୨ । ପରସ୍ତ—ଖଞ୍ଜା, ୧୩ । ପାଞ୍ଚଶେଣିଆ—ଯେଉଁ ଘର ଚାଳରେ ପାଞ୍ଚଟି ଶେଣି ଥାଏ, ୧୪ । କହ୍ଲାର—କଇଁଫୁଲ, ୧୫ । ଭିତ୍ତି—କାନ୍ଥ, ୧୬ । ପଘାର—ହିଡ଼ ଉପରେ ଦିଆଯାଇଥିବା ବାଡ଼, ୧୭ । ସୁନାର ଖାଇ (ଘାଇ)—ହଳଦିଆ ରଙ୍ଗର ଏକ-ପ୍ରକାର ବାଉଁଶ, ୧୮ । ଜାରି—ଖ୍ୟାତ, ୧୯ । ସୁନିଆଁ—ଭାଦ୍ରବ ଶୁକ୍ଳ ଦ୍ୱାଦଶୀ, ଏହି ଦିନ ପୁରୀ ରାଜାଙ୍କର ରାଜତ୍ୱ ଅଙ୍କ (ସାଲ) ପରିବର୍ତ୍ତିତ ହୁଏ ଓ ସୁନାରେ ଅଙ୍କ କଟାଯାଇଥାଏ, ୨୦ । ଡାବ—ଡାଲିକା, ୨୧ । ଅପୁ—ଅଫିମ, ୨୨ । ବେଠି—ବିନା ପାରିଶ୍ରମିକରେ ବାଧ୍ୟତାମୂଳକ କାର୍ଯ୍ୟ, ୨୩ । ଦେଢ଼ି—ଟଙ୍କାରେ ଆଠ ଅଣା ସୁଧ ଅଥବା ଧାନ ପରିମାଣର ଅର୍ଦ୍ଧେକ ସୁଧହାର, ୨୪ । ପାଞ୍ଜିଆ—ହିସାବରକ୍ଷକ, ୨୫ । ସାଲତମାମି—ବର୍ଷକର ଶେଷ ହିସାବ ବା ବିବରଣ, ୨୬ । ବୈଫିୟତ—(ଯାବନିକ ଶବ୍ଦ) ହେତୁ, କାରଣ ପ୍ରଦର୍ଶନ ।

Source: Author, Digitized by PPRACHIN, SOA

ପରିଚ୍ଛେଦ-୩

୧ । ବାଷଠି ଘର ଭଗ୍ନାଂଶ—ବନ୍ଧ ଘର ଭୁଡ଼ାଇ ଯାହା ଡିଆଣ ହୋଇଛି, ୨ । ଲାଖରାଜ—ନିଷ୍କର ଜମି, ୩ । ଋଷ୍ଟବାଜ୍ୟାପ୍ତି—ଯେଉଁ ଲାଖରାଜ ଜମିକୁ ଇଂରେଜ ଗଭର୍ଣ୍ଣମେଣ୍ଟ ବାଜ୍ୟାପ୍ତି କରି ତହିଁ ଉପରେ ଅଧା ଜମା ଧାର୍ଯ୍ୟ କରି-ଅଛନ୍ତି, ୪ । ବ୍ରହ୍ମୋତ୍ତର—ବ୍ରହ୍ମୋତ୍ତର ଜମିକୁ ଦାନଗ୍ରହୀତା ବା ତାଙ୍କର ଉତ୍ତରାଧିକାରୀ ଅନ୍ୟ ବ୍ୟକ୍ତିକୁ ବିକ୍ରୟ କରିଦେଇଥିଲେ ଖରିଦଦାର ସେ ଜମିକୁ ନିଷ୍କରରୂପେ ଭୋଗ କରିବାର ହକ୍‌ଦାର ନ ଥିବାରୁ ତା' ଉପରେ କେଉଁ ସ୍ଥାନରେ ପୁରାଜମା, କେଉଁ ସ୍ଥାନରେ ଅଧା ଜମା ଧାର୍ଯ୍ୟ ହୋଇଅଛି । ଏହି ବୃତ୍ତିକୁ ଖରିଦ ବ୍ରହ୍ମୋତ୍ତର ବୋଲାଯାଏ, ୫ । ବ୍ରାହ୍ମମୁହୂର୍ତ୍ତ—ସୂର୍ଯ୍ୟୋଦୟର ପୂର୍ବଘଣ୍ଟା, ଭୋର, ୬ । ଭୁଆସୁଣୀ—ନବବଧୂ, ୭ । ନିର୍ଘଣ୍ଟ—ଯେଉଁ ବହିରେ ଦ୍ରବ୍ୟମାନଙ୍କର ଗୁଣ ବର୍ଣ୍ଣିତ ହୋଇଥାଏ ।

ପରିଚ୍ଛେଦ-୪

୧ । ଆଚମନାମାନେ ନିଜ ଘର ମଧ୍ୟରେ ଭେଦ ଚିନ୍ତା କରନ୍ତି, ୨ । ଆଜି ଘରାକୁ କଷ୍ଟଜନକ ଦୃଶ୍ୟ ଦେଖିଲିଣି, ପରେ କି ବିପଦ ହେବ କେଜାଣି, ୩ । ଶାଗୁଆ ବର୍ଣ୍ଣ ଧରିଲାଣି ।

ପରିଚ୍ଛେଦ-୫

୧ । ପରିବାସ୍ତ—ପରିବାରର ଜଣେ ବ୍ୟକ୍ତି ରୂପେ ପରିଗଣିତା ଦାସୀ, ୨ । ଏକପ୍ରକାର ପଶାଖେଳ, ୩ । ଆକ୍ଷରିକ ଅର୍ଥ : ଜନ୍ମଠାରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ଶିଶୁକୁ ଲାଳନ ପାଳନ କରିବ । ପନ୍ଦର ବର୍ଷ ବୟସ୍କ ହେବା ପର୍ଯ୍ୟନ୍ତ ତାହାକୁ ଶାସନ କରିବ । ପୁତ୍ର ଷୋହଳବର୍ଷ ପ୍ରାପ୍ତ ହେଲେ ତାହାକୁ ମିତ୍ରବତ୍ ଆଚରଣ କରିବ ।

ପରିଚ୍ଛେଦ-୬

୧ । ହୁରକଳା—ନାନା ଅସ୍ତ୍ର ବିଦ୍ୟାରେ ପାରଦର୍ଶୀ, ୨ । ଖସଲତ—ମନ୍ଦ ଅଭ୍ୟାସ, ୩ । ଗେଲପ୍—ଡେଇଁ ଡେଇଁ ଦୌଡ଼ିବା, ୪ । ମଙ୍ଗଳକୃତ୍ୟ—ବିବାହ, ୫ । ଇସ୍ତକ—କୌଣସି ବିଷୟ (ବା ବ୍ୟକ୍ତି) ଠାରୁ ଆରମ୍ଭ କରି ଲଗାଏତ ୬ । ପୂର୍ବ ପଣ୍ଡିତମାନେ ରଘୁବଂଶର ଯେଉଁ ଇତିହାସ ଲେଖି ଯାଇଛନ୍ତି, ମୁଁ

Source: Author, Digitized by PPRACHIN, SOA

ତାହାର ସାହାଯ୍ୟ ନେଇ ସେହି ବଂଶର ଇତିହାସ ଲେଖିବ । ମଣିରେ କୌଣସି କଠିନ ଧାତୁଦ୍ୱାରା ଛିଦ୍ର ଖୋଦିତ ହେଲେ ସୂତା ସେହି ଛିଦ୍ର ମଧ୍ୟଦେଇ ଯେପରି ସହଜରେ ଚାଲିଯାଏ, ମୋର ଲେଖା ମଧ୍ୟ ସେହିପରି ସହଜସାଧ୍ୟ ହେବ, ୭ । କ୍ଷାମ—ସରୁ, କ୍ଷୀଣ, ୮ । ସ୍ତୋକ—ଅଳ୍ପ, ଈଷତ୍‌, ୯ । କଣ୍ଠେ—କଣ୍ଠମାଳ ପିନ୍ଧିଥିବା, ୧୦ । ଧୋପଭଡ଼ାକୁଡ଼ା—ଯେଉଁ କୁଡ଼ାରେ ଫୁଲହାର ବନ୍ଧା ହୋଇଥାଏ, ୧୧ । ସ୍ୱିଣେ—ଅତି ଶୀଘ୍ର, ୧୨ । ପଜ୍‌ଝଟି—ସଂସ୍କୃତ ଛନ୍ଦବିଶେଷ ।

ପରିଚ୍ଛେଦ ୭

୧ । ଆସ୍ଥାନ—ପ୍ରଥମା ଆଦି ବସିବାର ସ୍ଥାନ, ୨ । ଦେହୁରୀ—ଗ୍ରାମଦେବତାଙ୍କ ପୂଜକ, ୩ । ପାଗା—ପଶୁ ରହିବାର ମେଲା, ଭକ୍ତମାନେ ଗ୍ରାମଦେବୀଙ୍କୁ ଦେଇଥିବା ମାଟିଘୋଡ଼ା ରହିବା ସ୍ଥାନ, ୪ । ନିର୍ମାଲ୍ୟ—ପୁରୀର ଜଗନ୍ନାଥ ବା ଭୁବନେଶ୍ୱରର ଲିଙ୍ଗରାଜ ମହାପ୍ରଭୁଙ୍କ ମହାପ୍ରସାଦ ଅନ୍ନକୁ ଶୁଖାଇ କରି ରଖାଯିବା ପ୍ରସାଦ, ୫ । ପଣ୍ଡା—ଅଣ୍ଡିରୀ ମହିଷି ।

ପରିଚ୍ଛେଦ-୮

୧ । ମେହେରବାନ—ଦୟା, ଅନୁଗ୍ରହ, ୨ । ଓରଫ—ଅନ୍ୟ ନାମ, ୩ । ଗଫଲ୍‌ଯୁଡ—ଅବହେଳା, ୪ । ଆଖୁନ୍‌—ପାରସୀ ଓ ଆରବୀ ଭାଷାର ଶିକ୍ଷକ, ୫ । ତାଗ—ସରୁ ସୂତାଡୋର, ୬ । ତୋବା ତୋବା—ହାୟ, ଛି ଛି ! ମୁସଲମାନମାନେ ଘୃଣା ବା ଅନୁତାପରେ ଏହି ଶବ୍ଦ ଉଚ୍ଚାରଣ କରିଥାନ୍ତି, ୭ । ବିସ୍‌ମିଲ୍ଲା—ଆଲ୍ଲା ବା ଈଶ୍ୱରଙ୍କ ନାମ ସ୍ମରଣ, ୮ । ଇମତାନ୍‌—ପରୀକ୍ଷା, ୯ । ଦରମେ—ମଧ୍ୟରେ, ୧୦ । ଫୌତ—ମୃତ, ୧୧ । କନ୍‌ଖାପ—ଜରି ବା ସୂତା ଦ୍ୱାରା ଖଚିତ ପାଟ ଲୁଗା, ୧୨ । ସାଟିନ୍‌—ରେଶମ ପ୍ରସ୍ତୁତ ମୋଟା ଓ ଚକ୍‌ଚକଣ ଲୁଗା, ୧୩ । ସାରପୋଷ—ଢାଙ୍କୁଣୀ, ୧୪ । ବଦନା—ମୁସଲମାନମାନେ ବ୍ୟବହାର କରିବା ଗଡ଼ୁ ବା ନଳଯୁକ୍ତ ପାନପାତ୍ର, ୧୫ । ବାଇଜହାଣ୍ଡି—(ବାହ୍ୟଶବଦ) ଅଶୌଚ୍ଛଦରେ ଯେଉଁ ପାନପାତ୍ରମାନ ବର୍ଜିତ ହୋଇ ଫୋପାଡ଼ାଯାଏ, ୧୬ । ଖିଜ୍‌ମତ୍‌ଦାର—ଭୃତ୍ୟ, ସେବକ, ୧୭ । ବନ୍ଦେ ନଓ୍ୱାଜ୍‌—ଏ ଦାସର ଶରଣଦାତା ବା ରକ୍ଷକ, ୧୮ । ତମସୁକ—ଖାତକ ମହାଜନକୁ ଲେଖିଦେବା ଋଣଗ୍ରହଣ ପତ୍ର, ୧୯ । କମ୍‌ବକ୍ତ—ହତଭାଗା, ୨୦ । ନାଲାଏକ—ଅଯୋଗ୍ୟ, ୨୧ । ମୋସାହେବ—ଆମୋଦପ୍ରିୟ ସଙ୍ଗୀ ବା ସହଚର; ଉଆଜବ୍‌—ନ୍ୟାୟସଙ୍ଗତ, ଉଚିତ୍‌, ୨୨ । ଆସବାବ—ଚଳନ୍ତି ଜିନିଷପତ୍ର,

Source: Author, Digitized by PPRACHIN, SOA

୨୩ । ରେକଶଢ—ବଦାକ, ୨୪ । ଖେମଟାବାଲୀ—ଖେମଟା ଗାଇବା ଓ ନାଚିବା ନର୍ତ୍ତକୀ, ଖେମଟା ସଙ୍ଗୀତର ତାଳବିଶେଷ, ୨୫ । ଇଲମଦାର୍—ବିଦ୍ୱାନ୍, ପଣ୍ଡିତ, ୨୬ । ଅଉଲ୍ ନମ୍ବର—ପ୍ରଥମ ଶ୍ରେଣୀର, ସର୍ବୋତ୍କୃଷ୍ଟ, ୨୭ । କସରତ୍—କୌଣସି ବିଦ୍ୟାର ପରିଚାଳନା, ୨୮ । ହଦ୍—ଚୂଡ଼ାନ୍ତ, ୨୯ । ମୁସାଫେର—ଭ୍ରମଣ, ୩୦ । ରଦାରଦ—ଅଗ୍ରାହ୍ୟ କରିବା, ୩୧ । କେରାମତ—ଶକ୍ତି, ସାମର୍ଥ୍ୟ, ୩୨ । ନେକନାମି—ସୁନାମ, ୩୩ । ଜାହେର—ପ୍ରକାଶିତ, ୩୪ । ଜିନ୍ଦଗ୍—ଜୀବନକାଳ, ୩୫ । ଇସ୍ୱାଦ—ସ୍ମରଣ, ୩୬ । ମୁଲାକାତ—ଦେଖାସାକ୍ଷାତ୍, ୩୭ । କଦରଦାନ—ଗୁଣଗ୍ରାହୀ, ୩୮ । କାଣ୍ଡିଆ—ପକ୍ଷୀଙ୍କୁ ନଳଦ୍ୱାରା ଧରିବା ପାଇଁ ବ୍ୟବହୃତ ଅଠାଯୁକ୍ତ କାଠି, ୩୯ । ଇନାମ—ପୁରସ୍କାର, ୪୦ । ବିଆଜ—ଋଣ ଟଙ୍କାର ସୁଧ, ୪୧ । ହାରାମ—କୋରାନ-ନିଷିଦ୍ଧ ଖାଦ୍ୟ ବା କର୍ମ ।

ପରିଚ୍ଛେଦ-୯

୧ । ଫାଉ ଫଉରତ—ଉପରିଲାଭ, ୨ । ଦଶମୂଳ—ଜ୍ୱର, କାଶ ଓ ଶ୍ୱାସ ରୋଗରେ ବ୍ୟବହୃତ ଦଶଗୋଟି ଗଛର ମୂଳ, ୩ । ନା-ଉଆରସୀ—ଯେଉଁ ସମ୍ପତ୍ତିର କେହି ଦାବିଦାର ନାହିଁ, ୪ । କଲାନ୍ତର—ସୁଧ, ୫ । ଜେଜେ—ପିତାମହ, ୬ । ଖଟୁଲି—ଶାଳଗ୍ରାମ ଓ ଭାଗବତ ଗ୍ରନ୍ଥ ଆଦି ରଖିବାର କ୍ଷୁଦ୍ର କାଷ୍ଠାସନ, ୭ । ପାଞ୍ଚବର୍ଗ ଅଭିଧାନ—ଅମରକୋଷ ଅଭିଧାନର ପଞ୍ଚବର୍ଗ, ୮ । କ୍ଲୀବଲିଙ୍ଗ—ନପୁଂସକ, ୯ । ନିପାତନସିଦ୍ଧ – ବ୍ୟାକରଣର ସାଧାରଣ ନିୟମଦ୍ୱାରା ଯାହା ନିଷ୍ପନ୍ନ ହୁଏ ନାହିଁ, ୧୦ । ଲୁଣ୍ଡି—ତନ୍ତୀର ମଣ୍ଡିଦିଆ ସୂତା, ୧୧ । ତାଗୀ—ଡୋରି, ସରୁ ସୂତା, ୧୨ । ତାସଣ—ଲୁଗା ବୁଣିବା ପୂର୍ବରୁ ଟାଣି—ସୂତାକୁ ମଣ୍ଡିଦେଇ ମାଜିବା, ୧୩ । ନଳି—ଯେଉଁ କାଠିରେ ତନ୍ତୀମାନେ ସୂତା ଗୁଡ଼ାଇ ରଖନ୍ତି ।

ପରିଚ୍ଛେଦ-୧୦

୧ । ପରମାଣିକ (ପ୍ରାମାଣିକ)—ଗ୍ରାମର ମୁଖ୍ୟ ବ୍ୟକ୍ତି, ୨ । ଫିକର—କୌଶଳ, ୩ । ପ୍ରସାଦାତ୍—ଅନୁଗ୍ରହରୁ, ୪ । ସିଦ୍ଧାନ୍ତ—ନିଷ୍ପତ୍ତି, ୫ । ଉପନୀତ—ପହଞ୍ଚିବା, ୬ । ଖଞ୍ଜା-ଅଖଞ୍ଜା—ସୁବିଧା ଅସୁବିଧା, ୭ । କୃଷ୍ଣ ନକଲେ—କୃଷ୍ଣଙ୍କୁ ସମର୍ପଣ କରି ଭୋଜନ ଆରମ୍ଭ, ୮ । ଇସାରା—ସଙ୍କେତ, ଠାର, ୯ । ଶମ—ଇନ୍ଦ୍ରିୟଦମନ, ଦମ—ଆତ୍ମ-ସଂଯମ, ତପଃ—ଧ୍ୟାନ, ଶୌଚ—ଶୁଚିତା, ନିର୍ମଳତା, ୧୦ । କ୍ଷାନ୍ତି—କ୍ଷମା, ଆର୍ଜବ—ସରଳତା, ୧୧ । ବ୍ରହ୍ମ···ସ୍ୱଭାବଜମ୍ (?)—ବ୍ରାହ୍ମଣୋ-

Source: Author, Digitized by PPRACHIN, SOA

ଚିତ ପ୍ରସ୍ତର, ୧୨ । 'ସି'—'ସିଦ୍ଧିରସ୍ତୁ'ର ଆଦ୍ୟବର୍ଣ୍ଣ । ପୂର୍ବେ ବିଦ୍ୟାଭ୍ୟାସ ପୂର୍ବରୁ ଗୁରୁ ଛାତ୍ରର ହାତ ଧରି ପ୍ରଥମେ 'ସିଦ୍ଧିରସ୍ତୁ' (ସିଦ୍ଧି ଲାଭ ହେଉ) ଏହା ଲେଖାଇ ଦେଉଥିଲେ, ୧୩ । ଶଳାକା—କାଠି, ୧୪ । ଉନ୍ମୀଳିତ—ଖୋଲିବା, ୧୫ । ହାଉଡ଼ା—ବାକ୍‌ଶକ୍ତିହୀନ, ୧୬ । ପର ପ୍ରତ୍ୟାଶୀ—ଅନ୍ୟଠାରୁ ଆଶା କରିବା, ୧୭ । ଫଳଣା—ଅମୁକ, ୧୮ । କତରା—ଛୁଣ୍ଡା ମଶିଣା, ୧୯ । ନକଡ଼ ଛକଡ଼—ଗୋଳମାଳ, ଅଡ଼ୁଆ, ୨୦ । ଗୁଡ଼ବାଡ଼—ବିଚ୍ଛେଦ, ୨୧ । ମସ୍କରା—ପରିହାସକାରୀ, ୨୨ । ନ ମିଥ୍ୟା ପାତକଂ ପରଂ—ମିଛକହିବାଠାରୁ ବଳି ଆଉ ପାପ ନାହିଁ, ୨୩ । ଅପତ୍ୟ—ପୁତ୍ର ବା କନ୍ୟା ସନ୍ତାନ, ୨୪ । ତଷୁ—ଧାନର ଚୋପା, ୨୫ । ଛଡ଼ା—ମାରିବା ଛାଟି, ୨୬ । ହାବୁଡ଼—କବ୍ଜା, ଚୂଳ, ୨୭ । ପଟେ—ଏକ ବସ୍ତା, ୨୮ । ପନାପି—ବନ୍ୟ ଘାସବିଶେଷ, ୨୯ । ବାପୁଡ଼ା—ସାମାନ୍ୟ ବ୍ୟକ୍ତି, ୩୦ । ହେରନ୍ତା—ମୂର୍ଖ, ୩୧ । ପଞ୍ଚୁଆତ—ପଞ୍ଚାୟତ ସଭା, ୩୨ । ପଟାଇ ଦେବା—ବନ୍ଦ କରିଦେବା, ୩୩ । ପଡ଼ିଆସିବା—ଅବନତ, ୩୪ । କଳନ୍ଦ—ଉଦର, ୩୫ । ସିଆଣା—ଚତୁର, ବୁଦ୍ଧିମାନ, ୩୬ । ବଖରା—ଜମି ଖଣ୍ଡ ଦେଇ ଘୁଷ କରାଇବା, ୩୭ । ମୁହଁ ଧୂଆଏ—ଖାଇବାକୁ ଡଏ, ୩୮ । ଦୁଷ୍ମନ୍—ଶତ୍ରୁ, ୩୯ । ତନ୍ତୁବାୟ—ତନ୍ତୀ, ୪୦ । ପ୍ରାୟେଣ···ପ୍ରବୃତ୍ତିଃ—କାହାରିକୁ ସମସ୍ତ ଗୁଣରେ ପରିପୂର୍ଣ୍ଣ କରି ସୃଷ୍ଟି କରିବାକୁ ଈଶ୍ୱର ଇଚ୍ଛା କରନ୍ତିନାହିଁ, ୪୧ । ଖୋଜର ମଡ଼ା—ପାଦର ଚିହ୍ନ, ୪୨ । ଫରମାସ—ବରାଦ ।

ପରିଚ୍ଛେଦ-୧୯

୧ । ସିବାଏ—ବ୍ୟତୀତ, ଛଡ଼ା, ୨ । ମଜବୁର—ସ୍ୱୀକୃତ, ୩ । ବେସମ—ରାଜା ବା ଜମିଦାରଙ୍କୁ ଦିଆଯିବା ମାହାସୁଲ, ୪ । ଖୋରାଅା—ଖୋରାକି, ବେତନ, ୫ । ରସପତ୍—ଉତ୍କୋଚ, ୬ । ସୁବାମତ—ସାଧାରଣ, ୭ । ରାହାଜାନି—ରାସ୍ତାରେ ଡକାୟତି ।

ପରିଚ୍ଛେଦ-୨୦

୧ । ନଳିଦେଲେ—ନଳଦ୍ୱାରା ମାପିଲେ । ପୂର୍ବେ ଜମି ମାପିବାଲାଗି ବିଭିନ୍ନ ଲମ୍ବର ନଳ ବା ପଡ଼କା ବ୍ୟବହୃତ ହେଉଥିଲା, ୨ । ଶାପଦଣ୍ଡି—ପୋଖରୀର ମଧ୍ୟଭାଗରେ ପୋତାହେବା ଖୁଣ୍ଟ ବା ସ୍ତମ୍ଭ, ୩ । ବଳିଆର—ମାହାତ୍ମ୍ୟ, ୪ । ଆଡ଼ି—ପୋଖରୀର ହୁଡ଼ା ବା ବନ୍ଧ, ୫ । ହୁରମତ—ମାନ, ମହତ, ସମ୍ଭ୍ରମ, ୬ । ରୁଜୁ କରିବା—ଉପସ୍ଥାପିତ କରିବା, ୭ । ବରଡର—ପାଣିକୂଳ, ୮ । ପିତାଶୁଣି—ସ୍ତ୍ରୀ-

Source: Author, Digitized by PPRACHIN, SOA

ଭୂତ, ୯ । ଡାକୁଣୀ—ଡାଆଣୀ, ୧୦ । ମଝାଲ—ମଝି, ମଧ୍ୟସ୍ଥଳ, ୧୧ । ବସଣି—ନାସିକାର ଅଳଙ୍କାରବିଶେଷ, ୧୨ । ବାହୁବଳା—ବାହୁରେ ବାନ୍ଧୁଥିବା କଂସା ବା ପିତ୍ତଳର ଚୁଡ଼ି, ୧୩ । ସବଳେ ମର୍ଦ୍ଦନ—ଖୁବ୍ ଜୋରରେ ଘଷିବା, ୧୪ । ଅଜ୍ଞାତନାମା —ନାମ ଜଣାନାହିଁ ଯାହାର, ୧୫ । ଉର୍ଦ୍ଧ୍ୱତନ—ଉପରସ୍ଥ, ୧୬ । କୁଷ୍ମାଣ୍ଡ—ପାଣିକଖାରୁ, ୧୭ । ଫଳବତ୍ତ୍ୱ—ଫଳବାନ ହେବାର ଗୁଣ, ୧୮ । ଗୃହାଭିମୁଖେ—ଗୃହଆଡ଼କୁ, ୧୯ । ଅମାର୍ଜ୍ଜନୀୟ—ଅକ୍ଷମଣୀୟ, ୨୦ । ଫେନ—ଫେଣ, ୨୧ । ପାଟଳାଭ—ଈଷତ୍ ରକ୍ତବର୍ଣ୍ଣ, ୨୨ । ମସୃଣ—ରହସ୍ୟଜାଣ ୨୩ । ଉତ୍କଟ—ଭୀଷଣ, ଭୟଙ୍କର, ୨୪ । ପଣି—ଅଂଶ, ୨୫ । ଦୋହଡ଼ା—ଦ୍ୱିତୀୟଥର ହଳ କରିବା, ୨୬ । ଅଖିମୁଠି—ଅକ୍ଷୟ ତୃତୀୟା ଦିନ ଧାନ ବୁଣିବାର ଅନୁକୂଳ କରି ହାତମୁଠାରେ ଧରିବା ବିହନ, ୨୭ । ଲଗାଣ—ବହୁଦିବସବ୍ୟାପୀ ବର୍ଷା ଓ ଝଡ଼ ।

ପରିଚ୍ଛେଦ-୨୩

୧ । ଇସାରା—ସଙ୍କେତ, ୨ । ସଙ୍କେନ—ସଙ୍କେତ, ୩ । ଧୂର୍ତ୍ତା—ଚତୁରୀ, କୌଶଳକାରିଣୀ, ୪ । ଛନ୍ଦକଥା—ଦୂଷଣୀୟ ବିଷୟ, ୫ । ଖୋଲସା—ସ୍ପଷ୍ଟ, ୬ । କଣ୍ଟ—ପରିମାପ, ୭ । ଅନଭ୍ୟସ୍ତ—ଅଭ୍ୟାସରହିତ, ଯାହାର ଅଭ୍ୟାସ ନାହିଁ । ୮ । ଅନାସ୍ଥା, ଅବିଶ୍ୱାସ, ଉପେକ୍ଷା, ୯ । କଣ୍ଟ ଲେଖିବା—ନିର୍ଦ୍ଦିଷ୍ଟ ସମୟ ପାଇଁ ବନ୍ଧକସ୍ୱରୂପ ରଖିବାକୁ ଚୁକ୍ତି କରିବା, ୧୦ । ଗୁଜା—ଚୁକ୍ତିପତ୍ର, ୧୧ । ବାଞ୍ଝ—ବନ୍ଧ୍ୟା ନାରୀ, ୧୨ । ବରଡ଼ୀ—ଯେଉଁ ସ୍ତ୍ରୀର ସନ୍ତାନ ଜାତ ହୋଇ ନାହିଁ, ୧୩ । ଧଣ୍ଟା—ଦେବତାଙ୍କ ଛଡ଼ାମାଳ, ୧୪ । ସିନାନ—ସ୍ନାନ ।

ପରିଚ୍ଛେଦ-୨୪

୧ । ଦୁଷ୍ପ୍ରାପ୍ୟ—ଯାହା ବହୁ କଷ୍ଟରେ ମିଳେ, ୨ । ଚତାଏ—ଗଣ୍ଠି ପର୍ଯ୍ୟନ୍ତ ଉଚ୍ଚ, ୩ । ବିଏଁ—ଦୁଇ ହାତ ପ୍ରସାରିତ କରି ଏକ ହାତର ଅଗ୍ରଭାଗରୁ ଅନ୍ୟ ହାତର ଅଗ୍ରଭାଗ ପର୍ଯ୍ୟନ୍ତ ଦୈର୍ଘ୍ୟ, ୪ । ବରଆ—ଅଠା, ୫ । ପହଡ଼—ଶୟନ, ୬ । ମେଣ—ଜଣ୍ଟା, ୭ । ନଳୀ—ନଳପରି ସରୁ, ୮ । ଅସର୍ପି—ସୁନା ମୋହର, ୯ । ଘୂଙ୍ଗୁଷ୍ଠି—କାଠ ବା ବାଉଁଶରେ ତିଆରି ଖଡ଼ି, ଅଥବା ବେଞ୍ଚ, ୧୦ । ଆଡ଼ଖୁର—କେତର ପେଡ଼ି, ୧୧ । ଓଗ—ଗ୍ଭଳ ଘରରେ ବ୍ୟବହୃତ କାଠକଡ଼ି, ୧୨ । ଜାଠ—ଲଗୁଆ, ପ୍ରତ୍ୟହ ଦେବ ଲାଗି ଚୁକ୍ତିବଦ୍ଧ, ୧୩ । ଥପନା—ପାଲିଙ୍କି ଭିତରେ ଝୁଲୁଥିବା ସୂତା ବା ରେଶମର ପେଣ୍ଡା, ୧୪ । ଦଣ୍ଡିଆ—

Source: Author, Digitized by PPRACHIN, SOA

ମୋଟା ସୂତାରେ ବୁଣା ହୋଇଥିବା ଗୁଡର, ୧୫ । ଦୋହର—ଦୁଇ ପରସ୍ତ, ୧୬ । ରକ୍ତକୃଷ୍ଣାଭ—ନାଲି ଓ କଳା ବର୍ଣ୍ଣବିଶିଷ୍ଟ, ୧୭ । ବଇଠା—ଖାପ, ୧୮ । ଗୁଲ—ବଳିତା ବା ପିରକା ପୋଡ଼ି ଯାଇଥିବା ଅଂଶ, ୧୯ । ଦଗାବାଜ—ଠକାମି, ପ୍ରତାରଣା, ୨୦ । ଫନ୍ଦା—ଫସଲ, ୨୧ । ଉଜାଡ଼—ନଷ୍ଟ, ୨୨ । ଅଳପାଇସିଆ—ଅଳ୍ପ ଆୟୁଷସମ୍ପନ୍ନ, ୨୩ । ନଇଶୁଆ—ନଈରେ ଯିଏ ଶୋଇବ ଅର୍ଥାତ୍ ମଲାପରେ ଯାହାର ଶବକୁ ନେଇ ନଈରେ ପକାଇ ଦିଆଯିବ, ୨୪ । ପାରୁଆ—ପାରଙ୍ଗମ, ଶକ୍ତିଶାଳୀ, ୨୫ । ଫତେ—ସଫଳ, ଜୟଲାଭ, ୨୬ । କଢ଼ାଣ—ପ୍ରଥମଥର ହଳକରିବା, ୨୭ । ଦୋହଡ଼ା—ଦ୍ୱିତୀୟଥର ଭୂମିକର୍ଷଣ, ୨୮ । ସ୍ଥିରସ୍ଥିର—କମ୍ପନରହିତ, ସ୍ଥିର, ୨୯ । ପାଞ୍ଚ—ବର୍ବର, ୩୦ । ଅବଜ୍ଞା—ଉପେକ୍ଷା, ଅନାଦର, ନମାନିବା, ୩୧ । ପୈଶାଚିକ—ରାକ୍ଷସମାନଙ୍କ ଭଳି, ପିଶାଚ ଭଳି, ୩୨ । ବିକଟ—ଭୟଙ୍କର, ୩୩ । କର୍ଣ୍ଣପଟହ—କାନଭିତରର ଝିଲି (ପଟହ—ନାଗରା), ୩୪ । ଡୋଲି—ଦୁଇ ଜଣ ବାହକଙ୍କଦ୍ୱାରା ବୁହାଯାଉଥିବା ଶିବିକା ।

ପରିଚ୍ଛେଦ-୧୫

୧ । ଗନ୍ତାଘର—ଭଣ୍ଡାରଘର, ୨ । ଡୁଙ୍ଗିବା—ଲୁଚିକରି ରହିବା, ୩ । ଚକ—ଅଞ୍ଚଳ, ଚକଲା ବା କେତେକ ଗ୍ରାମର ସମଷ୍ଟି, ୪ । ମାଲବନ୍ଧାଣ—ମଲ୍ଲଯୁଦ୍ଧ, ୫ । ଫରଖେଳ—ଖଣ୍ଡାଖେଳ, ୬ । ପଦା—ପଡ଼ିଆ, ୭ । ଦାରୁ—ଦ୍ରୁମ, ୮ । ସାହାଖର୍ଚ୍ଚୀ—ଅମିତବ୍ୟୟୀ, ଖର୍ଚ୍ଚ ବିଷୟରେ ବେହିସିଆର, ୯ । ଜାହାଁବାଜ—ଦକ୍ଷ, ପ୍ରବୀଣ, ୧୦ । ଉଦୁଆଁ—ଖୋଲା, ମୁକୁଳା, ବନ୍ଧା ହୋଇ ନଥିବା, ୧୧ । ଫନ୍ଦାଉଜାଡ଼—ଫସଲ ନଷ୍ଟ କରିବା ।

ପରିଚ୍ଛେଦ-୧୬

୧ । ଅଣସର—ଅନବସର । ଦେବ ସ୍ନାନ ପୂର୍ଣ୍ଣିମା ପରେ ଆଷାଢ଼ କୃଷ୍ଣ-ପ୍ରତିପଦଠାରୁ ପନ୍ଦର ଦିନ ପର୍ଯ୍ୟନ୍ତ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ଯାତ୍ରୀମାନେ ଦର୍ଶନ କରିପାରନ୍ତି ନାହିଁ । ଯାତ୍ରୀଙ୍କୁ ଦର୍ଶନ ଦେବାକୁ ଠାକୁରଙ୍କର ଅବସର ନ ଥାଏ ବୋଲି ଏହି ସମୟକୁ ଅଣସର କୁହାଯାଏ, ୨ । ଗୁମ୍‌ସୁମ୍—ଚୁପ୍‌ହେବା, ସ୍ତବ୍ଧ, ୩ । କାଳୀତିଳକିଆ କୁତା—ଯେଉଁ ମାଈ କୁକୁର ଦେହରେ କଳା ଗୁଡ଼ା ଥାଏ, ୪ । ପାକୁଳା—ରୋମନ୍ଥନ, ଖାଇଥିବା ଜିନିଷକୁ ପୁନଶ୍ଚ ଚର୍ବଣ, ୫ । ଖଡ଼ପା—ଏହି ସାଙ୍କେତିକ ଶବ୍ଦର ଅର୍ଥ—ମୋ ଗୋଡ଼ରେ କଣ୍ଟା ପଶିଛି, ଟିକିଏ ରହିଯାଆ'—ପାଲିଙ୍କି ସବାରି ବାହକମାନେ ଏହା ଏହି ଅର୍ଥରେ ବ୍ୟବହାର

Source: Author, Digitized by PPRACHIN, SOA

ଜଣଥାନ୍ତି, ୬ । ତୋଳାଟେଇଁ—ତୋଳିରେ ବସିଥିବା, ୭ । ଦେହକୁ ଲଗିଲେ—ପ୍ରସବ କଷ୍ଟ ଅନୁଭୂତ ହେଲେ, ୮ । ଷଠିଆର—ଶିଶୁ ଜନ୍ମ ହେବା ପରେ ୭ମ, ୮ମ ବା ୯ମ ଦିବସରେ ଅନୁଷ୍ଠିତ ହେବା ବିଧାନ । ଏହି ଦିନ ଏକୁଟିଆ ଷଠିଯାଏ ଓ ପ୍ରସୂତି ସ୍ନାନ କରେ, ୯ । ପୂଆତି—ପ୍ରସୂତି, ୧୦ । ହୁମ୍‌ଧୁମ୍—ଆଗଭର, ୧୧ । ତବତଗ୍ଧା—ଯେ କୌଣସି ବିଷୟ ଗୋପନ ନ ରଖି ଏଣେତେଣେ କହିବୁଲେ, ୧୨ । ଆଗତକହା—ଯିଏ ନ ଘଟିବା ବିଷୟରେ ମିଛ କଥା ଫାନ୍ଦି କରି କହେ, ୧୩ । ଅଭ୍ୟାଗତା—ଅତିଥି, ୧୪ । ଅନାହୂତା—ଅନିମନ୍ତ୍ରିତା, ଡକାହୋଇ ନ ଥିବା, ୧୫ । ପହୁଡ଼ଘର—ଶୋଇବା ଘର, ୧୬ । ଖଟଡ଼—ଗାଲିଗୁ, ୧୭ । ତାବ—ତାଲିକା, ୧୮ । ଛୁଞ୍ଚପାଣି – ଗୋବରପାଣି, ୧୯ । ଅସଦାଭିପ୍ରାୟ—ଖରାପ ଉଦ୍ଦେଶ୍ୟ, ୨୦ । ଅପସାରିତ – ଦୂର, ୨୧ । ଉଭୁ ହେବା—ଘଟିବା, ୨୨ । ଖୁରୁକାତକ—ସୁନା ମୋହର, ୨୩ । କଟା—ଏକ-ପ୍ରକାର ହାତଖଡ଼ୁ, ୨୪ । କଂସାବାଙ୍କ—କଂସାରେ ତିଆରି ଏକପ୍ରକାର ବଙ୍କା ଗୋଡ଼ଖଡ଼ୁ, ୨୫ । ପାଟଥୋପ—ଯେଉଁ ସୂତା ବା ଫିତାର ଦୁଇମୁଣ୍ଡରେ ଦୁଇଗୋଟି ପାଟତିଆରି ଫୁଲ ଲଗିଥାଏ, ୨୬ । ବେଙ୍ଗପାଟିଆ—ବେଙ୍ଗ ପାଟି ଭଳି ଆକାରବିଶିଷ୍ଟ ଘୁଙ୍ଗୁର, ୨୭ । ଚଳ—ଚଞ୍ଚଳ, ୨୮ । ତାଟଙ୍କା—ଅଟ୍ଟହାସ୍ୟ, ୨୯ । ଟାପରାଟାପୁରା—ଅଝଟା ପରିହାସ, ୩୦ । ହେଣ୍ଟରେଇବା—ବାରମ୍ବାର ଅନୁରୋଧ କରି, ବଳେଇ କରି, ୩୧ । ପଦାଆଡ଼େ ଗଲେ—ଝାଡ଼ାଫେରି ଗଲେ, ୩୨ । ଆଗ୍ଧରେ···ପଣ୍ଡିତ—ସଦାଗ୍ଧରସମ୍ପନ୍ନ ହେଲେ ଲକ୍ଷ୍ମୀ ଲାଭ ହୁଏ, ଅର୍ଥାତ୍ ବ୍ୟକ୍ତିର ଧନ, ସୌଭାଗ୍ୟ ଓ ସୌନ୍ଦର୍ଯ୍ୟ ବୃଦ୍ଧି ହୁଏ । ବିଗ୍ଧର-ଆଲୋଚନା କଲେ ତତ୍ତ୍ୱଦର୍ଶୀ ବା ପଣ୍ଡିତ ହୁଏ । (ଆଗ୍ଧର—ଶାସ୍ତ୍ରାନୁମୋଦିତ ଆଚରଣ ଓ କାର୍ଯ୍ୟ; ବିଗ୍ଧର—ଅନୁସନ୍ଧାନପୂର୍ବକ ତତ୍ତ୍ୱଜ୍ଞାନ ଲାଭ ।) ୩୩ । ଠୋସ୍ ଠୋସ୍—କର୍କଶ, ଶ୍ରୁତିକଟୁ, ଉଗ୍ରୋଧ ନ ରଖି କଥା କହିବା ।

ପରିଚ୍ଛେଦ ୧୬

୧ । ଝିଙ୍କୁଣା ହେବା—ଝିଙ୍କୁଣାଭଳି ଦହନଶୀଳ ହେବା, ୨ । ଯାହାତାଳ—ଯାହା ଦେଖିବାକୁ ଆସିଥିବା ଲୋକ, ୩ । ହାଉଳଖାଇବା—ହଠାତ୍ ଆଘାତପ୍ରାପ୍ତ ହୋଇ ଚିତ୍କାର କରିବା, ୪ । ଝୋଲ ମାରିବା—ବେହୋସ ବା ଅଚେତ ହୋଇଯିବା, ୫ । ସାସ୍ତ୍ରମ—ସଚେତ କରାଇବା, ୬ । କୂଟ—ଜଟିଳତା, ମାୟା, ୭ । ଓଳ—ଗ୍ଧଳର ପ୍ରାନ୍ତଭାଗ, ୮ । ପଦ୍ଧରା—ଷଡ଼ଯନ୍ତ୍ର, ୯ । ପୋଷକତା—ସମର୍ଥନ, ଆନୁକୂଲ୍ୟ, ୧୦ । ସାଲଙ୍କାରେ—ଅଳଙ୍କାର ସହିତ ଅର୍ଥାତ୍ ଏଣୁତେଣୁ ନାନା ବିଷୟ ଯୋଗ କରି, ୧୧ । ପୂର୍ବକଥିତ—ପୂର୍ବରୁ କୁହାଯାଇଥିବା ।

Source: Author, Digitized by PPRACHIN, SOA

ପରିଚ୍ଛେଦ ୨୮

୧ । ପୂଆ—ଶ୍ରେଷ୍ଠ ସୁସ୍ଥଗଛ, ୨ । ଖରକବା—ଓଲେଇବା, ୩ । ବଢ଼ନ୍ତି—ବିକାଶ, ୪ । ତନଖି—ଅନୁସନ୍ଧାନ, ତତ୍ତ୍ୱାବଧାନ, ୫ । ଜୁଲମ—ଜବରଦସ୍ତି, ଅତ୍ୟାଚାର, ୬ । ଚଳହେବା—ସଗିବା, ୭ । ଲାଞ୍ଛିତ—ଅପମାନିତ, ୮ । ନଡ଼ସୂତ—ଆଦୌ, ଜମାବୁ, ୯ । ହାତପେଠ—ହସ୍ତଗତ, ୧୦ । ଝୋପ—ରଙ୍ଗ ସୂତାର ଫିତାର ଦୁଇପାଖରେ ଝସରର ରଙ୍ଗିନ ଫୁଲ ଲାଗିଥିବା ପାଟଫୁଲି; ଏହାକୁ ଜୁଡ଼ାରେ ପିନ୍ଧନ୍ତି, ୧୧ । ଚତୁର୍ବର୍ଗ—ଧର୍ମ, ଅର୍ଥ, କାମ, ମୋକ୍ଷ, ୧୨ । ଉଚ୍ଛଳ—ଉଚ୍ଚ ଉଚ୍ଚ ଶବ୍ଦ କରୁଥିବା, ୧୩ । ନିମୀଳିତ—ବନ୍ଦ, ମୁଦି ହୋଇଥିବା, ୧୪ । ଆଠକଳସମାନ୍ତ—ଆଠଗୋଟି ପୂର୍ଣ୍ଣକୁମ୍ଭ ସ୍ଥାପିତ ହୋଇଥିବା ବିବାହ ବେଦୀରେ ବସି, ୧୫ । ଚିତାଗ୍ନି—ଶବଦାହ ଅଗ୍ନି, ୧୬ । ଚର୍ମଣ୍ୱତୀ—ବୁନ୍ଦେଲଖଣ୍ଡ ରାଜ୍ୟରେ ପ୍ରବାହିତ ଚମ୍ବଲ ନଦୀ, ୧୭ । ଅନ୍ତଃସ୍ରୋତା—ଯେଉଁ ଜଳପ୍ରବାହ ଭୂସ୍ତର ମଧ୍ୟଦେଇ ପ୍ରବାହିତ ଓ ଯାହା ବାହାରକୁ ଦେଖାଯାଏ ନାହିଁ । ୧୮ । ପୂତସଲିଳା—ପବିତ୍ର ଜଳସମ୍ପନ୍ନା, ୧୯ । ପାବନୀ—ପବିତ୍ରକାରିଣୀ, ୨୦ । ମଦିରା—ମଦ୍ୟ, ୨୧ । ତୁଷାନଳ—ତଷୁର ନିଆଁ, ଏହା ଭିତରେ ଭିତରେ କୁହୁଳ ଜଳୁଥାଏ, ୨୨ । ଦୁଷ୍କୃତି—କୁକର୍ମ; ୨୩ । ଅଯତ୍ନ—ଯତ୍ନର ଅଭାବ, ଅବହେଳା, ୨୪ । ଜାଗରିତ—ଜାଗ୍ରତ, ଚେଇଁଉଠିବା, ୨୫ । ଅପାଙ୍ଗ—କଟାକ୍ଷ, ବକ୍ରଦୃଷ୍ଟିପାତ, ୨୬ । ବଶମ୍ବଦ—ଅଧୀନ, ଆଜ୍ଞାବହ; ୨୭ । ଯୁଗପତ୍—ଏକ ସମୟରେ; ୨୮ । ଅହ୍ୱଥ—ସଧବା ସ୍ତ୍ରୀ, ୨୯ । ମଙ୍ଗଳପେଡ଼ି—ନାରୀମାନେ ସିନ୍ଦୂର, କଜଳପାତି ଓ ଆରସି ପ୍ରଭୃତି ରଖୁଥିବା ସିନ୍ଦୂରପେଡ଼ି ।

ପରିଚ୍ଛେଦ-୨୯

୧ । ଜାହାଲୀ—ପଥ ଆବରଣଦେଇ ତିଆରି ହୋଇଥିବା ଧୂଆଁପଥ ପିକା, ୨ । ବାହୁଙ୍ଗି—ଭାର ନେବା ଲାଗି ବ୍ୟବହୃତ ବାଡ଼ି, ୩ । ଅପରିମିତ—ଅତ୍ୟଧିକ, ୪ । ଟାଙ୍ଗଣ—ଟାଟୁ ଘୋଡ଼ା, ୫ । ସୁଆର—ସବାର, ଅଶ୍ୱାରୋହୀ, ୬ । ଛ କଲିଆ—ଛଅଗୋଟି କଲି ଥିବା, ୭ । ଚପକନ୍—ଜାନୁ ପର୍ଯ୍ୟନ୍ତ ଲମ୍ବ କୁର୍ତ୍ତା, ୮ । ଜାମଦାନି—ବୁଣା ହେବାବେଳେ ସୂକ୍ଷ୍ମ ରଙ୍ଗ ଓ କାରୁକାର୍ଯ୍ୟସମ୍ପନ୍ନ ସୂତାଲୁଗା, ୯ । କଦମ୍—ଘୋଡ଼ାର ଚାଲି, ୧୦ । ଠେଙ୍ଗାସ୍କନ୍ଧ—କାନ୍ଧରେ ଠେଙ୍ଗା ପକାଇଥିବା, ୧୦ । ଖୋଲ—ଚଷୁ ଚଦ୍ଦର, ୧୧ । ଖଗୁଣ୍ଟ—ଘୋଡ଼ା ପିଠି ଉପରେ ପକାଯିବା ମୋଟା ଲୁଗାର ଆସନ, ୧୨ । ଗୁରଜାମା—ଘୋଡ଼ା ଉପରେ ପକାଇବାପାଇଁ ତୁଳାରେ ପୂର୍ଣ୍ଣ କନାର ଗଦି; ଏହା ଚତୁଷ୍କୋଣାକାର,

Source: Author, Digitized by PPRACHIN, SOA

୧୩ । ଗୁଡ଼ଫୁଲିଆ—ଧଡ଼ିରେ ଗୁଡ଼ଧାଡ଼ି ଫୁଲ ଥିବା ଲୁଗା, ୧୪ । ବନ୍ଧଲଗା ଘନ୍ତା—ବାନ୍ଧିବା ଦଉଡ଼ି ଲଗିଥିବା ଘୁଣ୍ଡି । ଏହାକୁ ପିନ୍ଧିବାର ଏଥିରେ ଲଗିଥିବା ଡୋରକୁ ଦୁଇଆଡ଼ୁ ଆଣି ଗଣ୍ଠି ପକାଯାଏ, ୧୫ । ରହୁମୀ—ରେଶମର ଗୁଦର; ୧୬ । ବାଗଡୋର—ଘୋଡ଼ାର ମୁହଁରେ ବନ୍ଧାହୋଇଥିବା ଦଉଡ଼ି, ୧୭ । ଇଲମ—ବିଦ୍ୟା, ପାଠ, ୧୮ । ନାଲାଏକ—ଅଯୋଗ୍ୟ, ୧୯ । ଲାଏକଷ୍ଟ—ଯୋଗ୍ୟତା, ଦକ୍ଷତା, ୨୦ । ଫରମାସ—ବରାଦ, ୨୧ । ଓଆକଫକାର—ପ୍ରବୀଣ, ଅଭିଜ୍ଞ, ୨୨ । ବରକନ୍ଦାଜ—ସିପାହି, ୨୨ । ରେଖା—ବୁଢ଼ା ଆଙ୍ଗୁଠି ଓ ମଝି ଆଙ୍ଗୁଠିର ପରିଧି-ପରିମାଣବିଶିଷ୍ଟ, ୨୩ । ବଗ୍ରମତ—ଖୋଜ ବାହାର କରିବା, ୨୪ । ସନାକ୍ତ—ଚିହ୍ନୋଟ କରିବା, ୨୫ । ମତଲବ—ଉଦ୍ଦେଶ୍ୟ, ୨୬ । ଇସ୍ଥାଦ—ସ୍ମରଣ, ୨୭ । ତଦାରଖି—ଅନୁସନ୍ଧାନ, ୨୮ । ମୁଦେଇ—ଅଭିଯୋଗକାରୀଙ୍କ ବିଚାର-ପାର୍ଥୀ, ୨୯ । ଏକରାଶ—ଏକଗୋଟା, ୩୦ । ଗୁହା—ସାକ୍ଷୀ, ୩୧ । ଜବାନବନ୍ଦ—ଉକ୍ତ ଲିପିବଦ୍ଧ କରିବା, ୩୨ । ହମରାଏ—ଦାସ୍ତିହରେ; ଜମାଦାରରେ, ୩୩ । ହରତାଳୀ—ହରତାଳର ବର୍ଣ୍ଣପରି ହଳଦିଆ, ୩୪ । ମୁତୋଫା—ମୃତ, ୩୫ । ମଜକୁର—ପୂର୍ବରୁ କୁହାଯାଇଥିବା, ୩୬ । ନସୋର୍—ନଃଶବ୍ଦ, ୩୭ । ଧାରଣା ପଡ଼ିବା—ଅଧିଆ ପଡ଼ିବା, କୌଣସି ବ୍ୟକ୍ତି ଦେବତାଙ୍କ ନିକଟରେ ଏକାଗ୍ରଭାବରେ ଅନୁସରଣ କରି ପଡ଼ିରହିବା, ୩୮ । ସୁଆଲ—ପ୍ରଶ୍ନ, ମୋକଦ୍ଦମାର ଏକ ପକ୍ଷ ଅପର ପକ୍ଷ ସାକ୍ଷୀକୁ ଯେଉଁ କୂଟ ପ୍ରଶ୍ନ ପଚାରେ, ୩୯ । ସନ୍ତକ—ଅଙ୍କିତଚିହ୍ନ, ୪୦ । କଟବନ୍ଧକ ନିର୍ଦ୍ଦିଷ୍ଟ ସମୟ ପାଇଁ ଜମି ବନ୍ଧକ ରଖିବା ଓ ଉକ୍ତ ସମୟ ମଧ୍ୟରେ ଉକ୍ତ ଜମିର ଆୟରୁ ଋଣର ସୁଧ ଓ ଅସଲ କ୍ରମେ କ୍ରମେ ପରିଶୋଧ ହେବା, ୪୧ । ନାଟବନ୍ଦ—ସରକାରଙ୍କ ଦେୟ ରାଜସ୍ୱ ଖଜଣା-ଖାନାରେ ଦାଖଲ କରିବା ଲାଗି ନିର୍ଦ୍ଧାରିତ ଦିବସ, ୪୨ । ତମସୁକ—ଖାତକର ମହାଜନକୁ ଲେଖିଦେବା ଋଣ-ଗ୍ରହଣର ସ୍ୱୀକାରପତ୍ର, ୪୩ । କଲନ୍ତର—ସୁଧ, ୪୪ । କଟକବଲା (କଣ୍ଟକବଲା)—ନିର୍ଦ୍ଧାରିତ ସମୟ ମଧ୍ୟରେ ଋଣ ପରିଶୋଧ ନ କଲେ ବନ୍ଧକଥିବା ଭୂମି ମହାଜନଙ୍କୁ କବଲା କରିଥିବା ବିବେଚିତ ହେବ ଏହି ସର୍ତ୍ତରେ ହୋଇଥିବା ଋଣପତ୍ର, ୪୫ । ଏତଲାନାମା—ଅଦାଲତର ବିଜ୍ଞାପନପତ୍ର, ୪୬ । ଡିଗ୍ରୀଜାରି—ଅଦାଲତର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପଦ୍ଧତି, ୪୭ । ପରୁଆନା—ଆଦେଶପତ୍ର, ୪୮ । ନିଲାମି ଇସ୍ତାହାର—ନିଲାମ ସମ୍ପର୍କରେ ସର୍ବସାଧାରଣଙ୍କୁ ଜଣାଇବା ଲାଗି ବିଜ୍ଞାପନ, ୪୯ । ତକରାର—ବିବାଦ, ୫୦ । ଖତମ—ଶେଷ, ୫୧ । ବେକ୍‌ସୋତ—ବିଦାୟ, ୫୨ । ସଇ—ସ୍ୱାକ୍ଷର ୫୩ । ହାସଲ—ଲାଭ, ପାଇବା, ୫୪ । ଅଞ୍ଜାମ—କାର୍ଯ୍ୟ ସମ୍ପାଦନ, ୫୫ । ହାଲତ—ଅବସ୍ଥାରେ, ୫୬ । ବନ୍ଦା—ସେବକ, ଭୃତ୍ୟ, ୫୭ । ରୋଜନା—ପ୍ରତ୍ୟହ,

Source: Author, Digitized by PPRACHIN, SOA

୫୮ । ମୁତସୁନ—ନିଯୁକ୍ତ, ୫୯ । ଜାହେର—ବ୍ୟକ୍ତ, ପ୍ରକାଶ, ୬୦ । ଲହମାକ—ମୁହୂର୍ତ୍ତମାତ୍ର, ୬୧ । ଗୁଜସ୍ତ—କାଳଯାପନ, ୬୨ । ଏତଲାଇ—ଖବର, ୬୩ । ମଶୁର—ବଦମାସ, ୬୪ । ଜାଲମବାଜ—ଅତ୍ୟାଚାରୀ, ୬୫ । ସଙ୍ଗିନ—ଗୁରୁତର, ୬୬ । ଲିହାଜ—ବିବେଚନା, ୬୭ । ତଉଦମ—ମୁହୂର୍ତ୍ତମାତ୍ର ବିଳମ୍ବ ନ କରି, ୬୮ । ରମାନା—ଯାତ୍ରା, ୬୯ । ସରଜମିନ—ମକଦ୍ଦମା ଘଟିଥିବା ସ୍ଥାନ, ୭୦ । ମହାସର—ଘରର ଯାବତୀୟ ପଦାର୍ଥ ଓ ସ୍ଥାନ, ୭୧ । ମହଲୁକଥା—ସ୍ତ୍ରୀଲୋକ, ୭୨ । ସାବତ—ପ୍ରମାଣିତ, ୭୩ । ରୁଇତ—ପ୍ରତ୍ୟକ୍ଷଦର୍ଶୀ, ୭୪ । କସୋର—ଦୋଷ, ୭୫ । ନୌସନା—ନିରପେକ୍ଷତା, ୭୬ । ତଜ୍‌ବିଜ୍—ବିଚାର, ୭୭ । ଅଲ୍ହିଦା—ଅଲଗା, ୭୮ । ଏଗାନା—ଆତ୍ମୀୟ ।

ପରିଚ୍ଛେଦ-୨୦

୧ । ଢାଲୁଆ—ଢାଲ ସଦୃଶ, ବିସ୍ତୃତ, ୨ । ପାଗ୍ରେଲ୍ଡ—ସୁନ୍ଦର, ହୃଷ୍ଟପୁଷ୍ଟ, ୩ । ଥକ—ଛେପ, ୪ । ଷ୍ଟାମ—ଷ୍ଟାମ୍ପ୍, ଦଲିଲ ପ୍ରସ୍ତୁତ ଲେଖାହେବା ନିମିତ୍ତ ସରକାରୀ ଷ୍ଟାମ୍ପମରା କାଗଜ, ୫ । ଚିଠା—ପ୍ରାରମ୍ଭିକ ଖସଡ଼ା, ୬ । ସାଫି—ପ୍ରାରମ୍ଭିକ ଖସଡ଼ାରୁ ପରିଷ୍କାର ନକଲ, ୭ । କାଜିଖାନା—ରେଜିଷ୍ଟ୍ରେସନ ଅଫିସ ।

ପରିଚ୍ଛେଦ-୨୧

୧ । ମାତବର—ବିଶିଷ୍ଟ, ୨ । ଦୋଡ଼ାସ୍ତ ସପୋର୍ଦ—ଗୁରୁତର ଦୋଷରେ ଅଭିଯୁକ୍ତ ବ୍ୟକ୍ତିଙ୍କୁ ବିଚାର ଲାଗି ମାଜିଷ୍ଟ୍ରେଟଙ୍କ ଦ୍ୱାରା ସେସନ୍ କୋର୍ଟକୁ ପ୍ରେରଣ, ୩ । ତରଜମା—ଅନୁବାଦ, ୪ । ପୋଷ୍ଟମର୍ଟମ—ମୃତ୍ୟୁପରକାଳୀନ ପରୀକ୍ଷା, ୫ । ବେହୁଦା—ଅନୁଚିତ, ଅସଙ୍ଗତ, ୬ । ସବାଲ—ପ୍ରଶ୍ନ, ୭ । ବେଁ—ଦୁଇ ହାତକୁ ପ୍ରସାରିତ କଲେ ଯେତିକି ଲମ୍ବ ହେବ—ପ୍ରାୟ ଚାରି ହାତ, ୮ । ରୋବକାରୀ—ଯହିଁରେ ମକଦ୍ଦମାର ସଂକ୍ଷିପ୍ତ ବିବରଣୀ ଓ ଅଦାଲତ ନିଷ୍ପତ୍ତିର ହେତୁ ପ୍ରଭୃତି ଲିଖିତ ହୋଇ ହାକିମଙ୍କ ଦସ୍ତଖତ ମୋହରଯୁକ୍ତ ହୋଇଥାଏ, ୯ । ମିଲ୍‌କିୟତ—ଜମିଦାରୀ, ଭୂସମ୍ପତ୍ତି, ୧୦ । ଉକୁ—ଘଟଣା ଘଟିବା ସ୍ଥାନ, ୧୧ । ସପୋର୍ଦ—ଅର୍ପଣ, ୧୨ । ପାନିଆ—ଲୁଗାବୁଣା ବେଳେ ସୂତାକୁ ଟାଣିଧରିବା ଲାଗି ବ୍ୟବହୃତ ହେଉଥିବା ପାନିଆ ସଦୃଶ ଯନ୍ତ୍ର, ୧୩ । ତୁଙ୍ଗୀ—କଣ୍ଡା, ସୂତା ଗୁଡ଼ା ହୋଇଥିବା କାଠି, ୧୪ । ନରାଜ—ଯେଉଁ କାଠରେ ଲୁଗାବୁଣା ପାଇଁ ଟାଣି ନେଇ ସୂତା

Source: Author, Digitized by PPRACHIN, SOA

ଗୁଡ଼ିଆ ହୋଇଥାଏ, ୧୫ । ଓ୍ୱାରଣ୍ଟ—ଆଦେଶପତ୍ର (Warrant) ୧୬ । ବେଧଡ଼କ୍କୁ—ନିର୍ଭୟରେ ।

ପରିଚ୍ଛେଦ-୨୨

୧ । ସାତପାଞ୍ଚ—ସାତ ହାତ ଲମ୍ବ ଓ ପାଞ୍ଚ ହାତ ଚଉଡ଼ା, ୨ । ଧନ୍ଦା—ଜଞ୍ଜାଳ, ୩ । ଫନ୍ଦା—ବୁଦ୍ଧି, ୪ । ଫାନ୍ଦୁଛୁ—ବ୍ୟବସ୍ଥା କରୁଛୁ, ସୋରିଷେ—ସୋରିଷ ଆକୃତି ସଦୃଶ, ୬ । ଆପୁ—ଅଫିମ, ୭ । ବିଷୟ—ସଂସାର ସମ୍ପର୍କୀୟ ଆକର୍ଷଣ, ୮ । ମତ୍ତ—ବିଶେଷ ଭାବେ ଅନୁରକ୍ତ, ପାଗଳ, ୯ । ଶଙ୍ଖରୀ—ଗ୍ରନ୍ଥି, ୧୦ । ଉପଗ୍ରଣ—ଉତ୍ପନ୍ନ, ଗ୍ଳଦର, ୧୧ । ଫୁଲଗୁଣା ଓ ନାଟମଧୁର—ନାକର ଅଳଙ୍କାରବିଶେଷ, ୧୨ । ଭେକ—ପୋଷାକ, ୧୩ । ଆଣୁଆ—ନାମଜାଦା, ଟାଣୁଆ, ୧୪ । ଉଜ—ଧୂଳି, ୧୫ । ବଟେଇ—ଯିବାଲାଗି କହିବା, ପଠାଇବା, ୧୬ । ରବାଇଖବାଇ—ଈର୍ଷାଯୋଗୁଁ ଅଶାନ୍ତ, ୧୮ । ପ୍ରତ୍ୟାଶା—ଅଭିଳାଷ, ୧୯ । ଆନୁଗତ୍ୟ—ଅନୁଗତର ଭାବ, ବାଧ୍ୟ, ଅଧୀନତା, ୨୦ । ଶୂକରୀ—ମାଈ ଘୁଷୁରି ।

ପରିଚ୍ଛେଦ-୨୩

୧ । ଦାଢ଼ିଆଣି—ଅଣ୍ଡିଆ କୁମ୍ଭୀର, ୨ । ଘଡ଼ିଆଳ—କୁମ୍ଭୀର, ୩ । ପରତେ ନାହିଁ—ବିଶ୍ୱାସ ନାହିଁ, ୪ । ପଛାରୀ—ଡଙ୍ଗାରେ ପାରହେଉଥିବା ଯାତ୍ରୀ, ୫ । ତୋଡ଼—ସୁଅର ଅଧିକ ବେଗ, ୬ । ଡେମେ—ବିସ୍ତାରିତ କରତଳ, ବୁଢ଼ାଆଙ୍ଗୁଠି ଆଗରୁ ବଶିଆଙ୍ଗୁଠି ପର୍ଯ୍ୟନ୍ତ ଦୀର୍ଘ ପରିସର, ୭ । ଗୁଜା—ତମସୁକ, ଋଣପତ୍ର ।

ପରିଚ୍ଛେଦ-୨୪

୧ । ଗଣ୍ଠିଳ—ବହୁତ ଗଣ୍ଠିଥିବା, ୨ । ଗୁଣ୍ଟିଆ—ଚୌକିଆ ବା ପାଇକ, ୩ । ରବେସ୍ତା—କଡ଼ା, ଜବରଦସ୍ତ, ୪ । ଜଭେ—ହଲାଲ, କୋରାନର ମନ୍ତ୍ର ପାଠ କରି ପଶୁପକ୍ଷୀମାନଙ୍କ କଣ୍ଠଚ୍ଛେଦନ, ୫ । ଲେକିନ୍—କିନ୍ତୁ, ୬ । ଭେଜିବା—ପଠାଇବା, ୭ । ଗ୍ରେକସୋତ୍ର—ବଦାସ୍ତ, ୮ । ଝାସ—ଭସ୍ମ, ୯ । ଇଜାହାର—ଅପରାଧର ଯେଉଁ ବିବରଣୀ ପୁଲିସ ନିକଟରେ ଦିଆଯାଏ, ୧୦ । ଖତମ୍—ଶେଷ, ୧୧ । ତୋବା ତୋବା—ଛି ଛି, ୧୨ । କମ୍‌ବଖତ—ହତଭାଗ୍ୟ; ୧୩ । ଜାହେର—

Source: Author, Digitized by PPRACHIN, SOA

ବିଦ୍ୟମାନ, ୧୪ । ସକ୍—ସନ୍ଦେହ, ୧୫ । ଡାବଡାବା—ଅଭିଯୋଗ, ୧୬ । ଖତମ୍ —ଶେଷ, ୧୭ । ଗ୍ରେସମ—ବକସିସ୍; ପୁରସ୍କାର, ୧୮ । ସୁଲନ୍ଦା—ସୁଢ଼ା, ବଢ଼ା, ବଢ଼ ଲଫାପା ।

ପରିଚ୍ଛେଦ-୨୫

୧ । ଜାଜ୍ଜ୍ୱଲ୍ୟମାନ—ଅତି ଉଜ୍ଜ୍ୱଳ, ଅତି ସ୍ପଷ୍ଟ, ୨ । ଶ୍ୱେତଦ୍ୱୀପ—ଇଂଲଣ୍ଡ, ୩ । ଉମାପତି—ଶିବ, ୪ । ଜଳଦ—ଈଶ୍ୱର, ୫ । ପୋ-ବାର—ପଶାଖେଳରେ ୧୩ ସଂଖ୍ୟକ ଦାନ, ଯାହା ପଡ଼ିଲେ ଅଧିକ ଆନନ୍ଦ ଲାଭ ହୁଏ, ୬ । ଛିଦ୍ରା—ଦୋଷ, ୭ । କାଉଳ—ବ୍ୟାକୁଳ, ୮ । ଗୁମାସ୍ତେ—ଜମିଦାର ବା ରାଜାଙ୍କ ହିସାବରକ୍ଷକ; ପେସ୍କାର, ୯ । ଉପାଣିଆ—ଦୂରବର୍ତ୍ତି ସ୍ଥଳ ବା ଶଗଡ଼ରେ ଲଦିଥିବା, ୧୦ । ବରତନ—ବେତନ, ଦରମା, ୧୧ । ଆଶୁଧାନ—ଶୀଘ୍ର ପାଚିବା ଚାଉଳ ଧାନ, ୧୨ । ଶୁକ୍ରବାର ହୋଇନାହିଁ—ଧାନକଟା ଆରମ୍ଭ ବା ଅନୁକୂଳ ହୋଇନାହିଁ, ୧୩ । ବେଗଡ଼ା—ଦୁଷ୍ଟ ।

ପରିଚ୍ଛେଦ-୨୬

୧ । କୁହାଳିଆ—କଥା କହିବାରେ ପାରଦର୍ଶୀ, ୨ । ଅଧୋଡ଼ା—ଦରବୁଢ଼ା, ୩ । ଚୂରୁକ—ଚୂଟି, ୪ । ଫେଗ୍ର—ସର, ୫ । ପଣଧାନ—ପିନ୍ଧିବା ୬ । ବହିର୍ବାସ—ଦେହ ଉପରେ ପିନ୍ଧିଥିବା ଲୁଗା, ୭ । ସାଧ୍ୱୀ—ପତିବ୍ରତା ୮ । ନର୍ଜଗାମ...କପିତ୍ଥବତ୍—ଲକ୍ଷ୍ମୀ ଗୁଣ୍ଡିଗଲାବେଳେ ଗଜ ନାମକ କୀଟ ଖାଇଥିବା କଇଁଥ ଭଳି ଗୃହସ୍ଥର ଘରକୁ ଶୂନ୍ୟ କରିଦେଇଯାଆନ୍ତି । ଗଜ ଏକ ପ୍ରକାର କୀଟ । ଏହା କଇଁଥରେ ଛିଦ୍ର କରି ଭିତରକୁ ଯାଇ ସବୁ ଶସ ଖାଇ-ଦେଇଥାଏ, ବାହାରକୁ କଇଁଥ କନ୍ଦୁ ଅକ୍ଷୁଣ୍ଣ ଦିଶୁଥାଏ ।

ପରିଚ୍ଛେଦ-୨୭

୧ । ଅଢ଼ବାଙ୍କ— ବ୍ୟତିକ୍ରମ, ୨ । ତଳପୋଛ...ଦେଲେଣି—ଅମାରର ନିମ୍ନାଂଶ ଧାନକୁ ମଧ୍ୟ ନିଃଶେଷ କରିଦେଲେଣି, ୩ । ଆସ୍ମା ନିଂ...ରକ୍ଷେତ୍—ନିଜକୁ ସର୍ବଦା ରକ୍ଷା କରିବ, ୪ । ଅଣ୍ଡିରା—ଅଣ୍ଡିରା ବାଛୁରୀ, ୫ । ପଲୁଣ—ଥୋଉ-ବଳଦ ଉପରେ ପଡ଼ିବା ଅଖାର ଗଦି ।

Source: Author, Digitized by PPRACHIN, SOA

ପରିଚ୍ଛେଦ-୨୮

୧ । ଡାକଫୁକାର—ପ୍ରଖ୍ୟାତ, ୨ । ନିଦାନ—ରୋଗର ହେତୁ ବା କାରଣ, ୩ । ବଡ଼ଦେଇ—ବଡ଼ବାପା, ୪ । କଣ୍ଠାଶ୍ଳେଷ୍ଟ···ଦୂରସଂସ୍ଥେ—ଏହି ଶ୍ଳୋକାଂଶଟି କାଳିଦାସଙ୍କ ମେଘଦୂତ ଖଣ୍ଡକାବ୍ୟରୁ ଗୃହୀତ । ଏହାର ଅର୍ଥ, ମେଘ ଦେଖିଲେ ସ୍ତ୍ରୀକଣ୍ଠାଲିଙ୍ଗନପ୍ରୟାସୀ ପ୍ରବାସରେ ଥିବା ବରସ୍ୱାମାନଙ୍କର ଯେଉଁ ଚଉଚକାର ଜାତ ହୁଏ ତାହା ସହଜରେ ଅନୁମେୟ, ୫ । ଶୋଥଂ—ଦେହଫୁଲା ରୋଗ ସ୍ୱର୍ଣ୍ଣା···ଶୋଥଂ—(ଔଷଧ ପ୍ରସ୍ତୁତ ଲାଗି) ଯେତିକି ସୁନା ତାହାର ଆଠଗୁଣ ପୁରୁଣିଶାଗ ନେବ, ୬ । ମାଡ଼—ଦୁଇତୋଳା, ୭ । ମସ୍ତକଂ—ମୁଥା, ୮ । କଟୁକି—ଏକପ୍ରକାର ଔଷଧଲତାର ମୂଳ, ୯ । ଗ୍ରନ୍ଥୀ—ହଳଦୀ, ୧୦ । ଶୁଣ୍ଠି—ଶୁଖିଲା ଅଦା, ୧୧ । ଏବ ଚ—ଆହୁର ମଧ୍ୟ, ୧୨ । ବଚ—ଏହାର ଶୁଖିଲା ମୂଳ ଔଷଧରେ ବ୍ୟବହୃତ ହୁଏ, ୧୩ । ଅନୁପାନ—ଔଷଧ ସହିତ ବା ପରେ ଯାହା ପାନ କରାଯାଏ, ୧୪ । ନଟି—ନଟେଇ, ଏଥିରେ ସୂତା ଗୁଡ଼ାହୁଏ, ୧୫ । ବ୍ୟାଦାନ—ମେଳା କରିବା ।

Source: Author, Digitized by PPRACHIN, SOA

ISBN 81-86354-38-7

Source: Author, Digitized by PPRACHIN, SOA